# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୩/୨୦୨୪ (୨୦ ପୃଷ୍ଠା) Bhubaneswar, Tuesday, September 3/2024 Page 20 ₹ 7.00

୫୦ଶ ଭାଗ ୨୮୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 280 ମୂଲ୍ୟ ₹୭/-





KAMLA PASAND
Anokha Swad
SILVER COATED ELAICHI
KP GROUP
Quality Since 1965
Anokha Swad
KAMLA PASAND
SILVER COATED ELAICHI
Watch at :
You Tube
THIS CONTAINS SODIUM SACCHARIN (INS 954) or Sucralose (INS 955) and Neotame(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୩/୨୦୨୪ | Bhubaneswar, Tuesday, September 3/2024 | ପୃଷ୍ଠା-୧



## ଶ୍ରାବଣୀଙ୍କୁ ରୌପ୍ୟ ପଦକ

ବେଙ୍ଗାଲୁରୁରେ ଅନୁଷ୍ଠିତ ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୨୦୦ ମିଟରରେ ରୌପ୍ୟ ପଦକ ଜିତିଛନ୍ତି ଓଡ଼ିଶାର ଶ୍ରାବଣୀ ନନ୍ଦା।

୧୮

୧୩

## ଆହତ ଥିବା ସତ୍ତ୍ୱେ 'ସିକନ୍ଦର'ର ଶୁଟିଂ ଜାରି ରଖିଛନ୍ତି ସଲ୍‌ମାନ

ପିଞ୍ଜରା ହାଡ଼ରେ ଆଘାତ ଥିବା ସତ୍ତ୍ୱେ ବଲିଉଡ୍ ଅଭିନେତା ସଲ୍‌ମାନ ଖାନ୍ ନିଜର ଆଗାମୀ ଫିଲ୍ମ 'ସିକନ୍ଦର'ର ଶୁଟିଂ ଜାରି ରଖିଛନ୍ତି।



# ଆର୍.ଜି. କର ହସ୍ପିଟାଲ: ସନ୍ଦୀପ୍ ଘୋଷ ଗିରଫ



କୋଲକାତା,୨।୯(ପି.ଟି.)

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଆର୍ଥିକ ଅନିୟମିତତା ମାମଲାରେ ଏହାର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ୍ ଘୋଷଙ୍କୁ ସିବିଆଇ ସୋମବାର ଗିରଫ କରିଛି। ଉକ୍ତ କଲେଜରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ସିବିଆଇ ୧୫ ଦିନ ହେଲା ସନ୍ଦୀପ୍‌ଙ୍କୁ ସଲ୍ଟ ଲେକ୍ କାର୍ଯ୍ୟାଳୟରେ ଜେରା କରିଆସୁଥିଲା। ତାଙ୍କୁ ସୋମବାର ସିବିଆଇର ନିଜାମ ପ୍ଯାଲେସ୍ ଅଫିସ୍‌କୁ ନିଆଯାଇ ଅନିୟମିତତା ମାମଲାରେ ଜେରା କରାଯିବା ପରେ ଗିରଫ କରାଯାଇଛି। ସନ୍ଦୀପ୍ ପ୍ରିନ୍ସିପାଲ ଥିବାବେଳେ ମେଡିକାଲ କଲେଜରେ ଆର୍ଥିକ ଅନିୟମିତତା ହୋଇଥିବା ପୂର୍ବତନ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଡ. ଅଖତର ଅଲି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ପିଲାଙ୍କ ଭବିଷ୍ୟତ ବିପଦରେ

# ବୁଲ୍‌ଡୋଜର ବନ୍ଦ: ସୁପ୍ରିମକୋର୍ଟ

## ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେଲେ ବି ତାଙ୍କ ଘର ଭାଙ୍ଗିପାରିବେ ନାହିଁ ସରକାର

**କିଛି ବର୍ଷ ହେଲା ଭାଜପା ଶାସିତ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ ଭଳି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଦିଲ୍ଲୀରେ ଅଭିଯୁକ୍ତମାନଙ୍କ ଘରେ ବୁଲ୍‌ଡୋଜର ଲଗାଇ ସେଗୁଡ଼ିକୁ ଭାଙ୍ଗି ଦିଆଯାଉଥିବା ଦେଖିବାକୁ ମିଳୁଛି। ଏଭଳି ପ୍ରତିଶୋଧମୂଳକ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ 'ବୁଲ୍‌ଡୋଜର ନ୍ୟାୟ' କୁହାଯାଉଛି। ମାମଲାର ଶୁଣାଣି ହେବା ପୂର୍ବରୁ ଅଭିଯୁକ୍ତଙ୍କ ବିରୋଧରେ ଏପରି କୁଇକ୍‌ଜଷ୍ଟିସ୍ ବା ଦ୍ରୁତ ନ୍ୟାୟକୁ ସୋମବାର ସୁପ୍ରିମକୋର୍ଟ ନାପସନ୍ଦ କରିଛନ୍ତି। ଜଣେ ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହେଲେ ମଧ୍ୟ ସରକାର ବୁଲ୍‌ଡୋଜର ଲଗାଇ ତାଙ୍କ ଘର ଭାଙ୍ଗି ପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।**



ନୂଆଦିଲ୍ଲୀ,୨।୯

ଆପରାଧିକ ମାମଲାର ଅଭିଯୁକ୍ତମାନଙ୍କ ଘରେ ବୁଲ୍‌ଡୋଜର ଲଗାଇ ଭଙ୍ଗାଯିବା ଘଟଣାଗୁଡ଼ିକୁ ନେଇ ସୋମବାର ସୁପ୍ରିମକୋର୍ଟ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଜଣେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହେବା ପରେ ମଧ୍ୟ ବୁଲ୍‌ଡୋଜର ଲଗାଇ ତାଙ୍କ ଘର ଭଙ୍ଗାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। କେଉଁ ପରିସ୍ଥିତିରେ ବୁଲ୍‌ଡୋଜର ଜରିଆରେ ଜବରଦଖଲ ଉଚ୍ଛେଦ କରାଯିବ, ସେନେଇ ଏକ ଗାଇଡ୍‌ଲାଇନ୍ ଜାରି କରାଯିବ, ଯାହାକି ସାରା ଦେଶରେ କାର୍ଯ୍ୟକାରୀ ହେବ ବୋଲି ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ୨୦୨୨ ଦିଲ୍ଲୀ ଦଙ୍ଗା ପରେ ମୁସଲମାନ ସମ୍ପ୍ରଦାୟର ଅନେକ ଲୋକଙ୍କ ଘରେ ବୁଲ୍‌ଡୋଜର ଲଗାଯାଇଥିଲା। ଏଥିରେ ବାସହରା ହୋଇଥିବା ପରିବାର ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନକୁ ବେଆଇନ ଦର୍ଶାଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମୁସ୍‌ଲିମ ବିଦ୍ୱାନମାନଙ୍କ ସଙ୍ଗଠନ ଜମାତ୍ ଉଲେମା-ଇ-ହିନ୍ଦ୍ ପକ୍ଷରୁ ଦାଖଲ ପିଟିଶନର ଶୁଣାଣି କରି ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ କହିଛନ୍ତି, ଯଦି ଜଣେ ବ୍ୟକ୍ତି କୌଣସି ମାମଲାରେ ଅଭିଯୁକ୍ତ, ତାଙ୍କ ଘର କିପରି ଭଙ୍ଗାଯାଇପାରିବ? ସେ ଦୋଷୀ ସାବ୍ୟସ୍ତ ହେଲେ ମଧ୍ୟ ଘର ଭଙ୍ଗାଯିବ ନାହିଁ। ସୁପ୍ରିମକୋର୍ଟ ବାର୍‌ କୁ ଏନେଇ କହିବା ପରେ ବି ମାନସିକତାରେ କିଛି ପରିବର୍ତ୍ତନ ଦେଖିବାକୁ ମିଳୁନାହିଁ। ☞ପୃଷ୍ଠା-୨

# ସୁଭଦ୍ରା ଯୋଜନା ପୋର୍ଟାଲ ଆରମ୍ଭ

- ମିଳିବ ସମସ୍ତ ତଥ୍ୟ
- ଫର୍ମ ବଣ୍ଟନ ଓ ଦାଖଲ ସମ୍ପୂର୍ଣ୍ଣ ମାଗଣା
- ଜାରି ହେଲା ଟୋଲ ଫ୍ରି ନମ୍ବର ୧୪୬୭୮

ଭୁବନେଶ୍ୱର,୨।୯(ଅନିଲ ଦାସ)

ସୁଭଦ୍ରା ଯୋଜନା ପାଇଁ ରାଜ୍ୟ ସରକାର ୱେବ୍ ପୋର୍ଟାଲ ଆରମ୍ଭ କରିଛନ୍ତି। ସୁଭଦ୍ରା ଯୋଜନାର ସମସ୍ତ ତଥ୍ୟ www. subhadra.odisha.gov.in ୱେବ୍‌ପୋର୍ଟାଲରୁ ଉପଲବ୍ଧ ହୋଇପାରିବ। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ଏହି ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ମନ୍ତ୍ରୀ କହିଛନ୍ତି, ହିତାଧିକାରୀଙ୍କ ଯୋଗ୍ୟତା, ସେମାନଙ୍କ ଅଧିକାର, ଆବେଦନର ପ୍ରକ୍ରିୟା, ବାରମ୍ବାର ପଚରାଯାଉଥିବା ପ୍ରଶ୍ନ ଓ ତା'ର ଉତ୍ତର ଏହି ପୋର୍ଟାଲରେ ଉପଲବ୍ଧ ଅଛି। ଏହି ୱେବ୍‌ସାଇଟ୍‌ରେ ସମସ୍ତ ତଥ୍ୟ ଉଭୟ ଓଡ଼ିଆ ଓ ଇଂଲିଶ ଭାଷାରେ ଦିଆଯାଇଛି। ଏଥିସହ ଯୋଜନା ସମ୍ପର୍କରେ ଅଧିକ ସୂଚନା ପାଇଁ ରାଜ୍ୟ ସରକାର ୧୪୬୭୮ ଟୋଲ ଫ୍ରି ନମ୍ବର ଜାରି କରିଛନ୍ତି। ଏହି ଟୋଲ ଫ୍ରି ନମ୍ବର ସକାଳ ୬ଟାରୁ ରାତି ୧୦ ପର୍ଯ୍ୟନ୍ତ କାମ କରିବ। ନିରୂପଣ କରାଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନ ଓ କାର୍ଯ୍ୟାଳୟରେ ସେପ୍ଟେମ୍ବର ୪ ଅପରାହ୍ନରୁ ଫର୍ମ ଦାଖଲ କରାଯିବ। ☞ପୃଷ୍ଠା-୨

# ପାରାଲିମ୍ପିକ୍ସ: ନିତେଶ, ସୁମିତଙ୍କୁ ସ୍ୱର୍ଣ୍ଣ

ପ୍ୟାରିସ, ୨।୯ (ପି.ଟି.)



ନିତେଶ କୁମାର



ସୁମିତ ଆଣ୍ଟିଲ

ପ୍ୟାରିସ ପାରାଲିମ୍ପିକ୍ସରେ ସୋମବାର କମାଲ ଦେଖାଇଛନ୍ତି ଭାରତୀୟ ଆଥଲେଟ୍। ଏହା ପୂର୍ବରୁ ଅନୁଷ୍ଠିତ ଅଲିମ୍ପିକ୍ସରେ ଭାରତ ମୋଟ ୬ଟି ପଦକ ଜିତିଥିବାବେଳେ ପାରାଲିମ୍ପିକ୍ସର ଗୋଟିଏ ଦିନରେ ଭାରତ ୨ ସ୍ୱର୍ଣ୍ଣ ସହ ୭ ପଦକ ହାସଲ କରିଛି। ବ୍ୟାଡ୍‌ମିଣ୍ଟନ ତାରକା ନିତେଶ କୁମାର ଓ ଜାଭେଲିନ ସୁପରଷ୍ଟାର ସୁମିତ ଆଣ୍ଟିଲ ସ୍ୱର୍ଣ୍ଣ ପଦକ ଜିତି ଦେଶକୁ ଗର୍ବିତ କରିଛନ୍ତି। ନିତେଶଙ୍କ ପାଇଁ ଏହା ପ୍ରଥମ ସ୍ୱର୍ଣ୍ଣ ହୋଇଥିବାବେଳେ ସୁମିତ ଟୋକିଓ ପାରାଲିମ୍ପିକ୍ସରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ପୂର୍ବରୁ ଶୁଟିଂ ଇଭେଣ୍ଟରେ ଅଭନି ଲେଖରା ଏଠାରେ ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗେଶ କାଥୁନିୟା, ତୁଳସୀମତି ମୁରୁଗେସାନ, ସୁହାସ ୟାଥିରାଜ ରୌପ୍ୟ ଏବଂ ମନୀଷା ☞ପୃଷ୍ଠା-୨



**ଆଜିର ମନ୍ତବ୍ୟ**

"କଂଗ୍ରେସ ଓ ସମାଜବାଦୀ ପାର୍ଟି ଜାତି ଆଧାରରେ ସମାଜକୁ ବିଭାଜିତ କରିବାକୁ ଚାହୁଁଛନ୍ତି। ଏଭଳି ବିଭାଜନକାରୀ ତତ୍ତ୍ୱ ପ୍ରତି ଲୋକେ ସତର୍କ ହେବା ଉଚିତ।"

–ଯୋଗୀ ଆଦିତ୍ୟନାଥ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରକ୍ତଦାନ ଶିବିର, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସିଆଇଟିୟୁ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା, ସ୍ଥାନ: ଲୋୟର ପିଏମ୍, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଅଲ୍ ଓଡ଼ିଶା ଯୋଗ ଥେରାପିଷ୍ଟ ଆସୋସିଏଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଲନ ଭାଇ ସେବା ଭବନ, ସମୟ: ଅପରାହ୍ନ ୪ଟା।
- ଆମ ଗାଁ ସାଥୀ(ମେଟ୍)ଙ୍କ ଗଣଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ଅପରାହ୍ନ ୪ଟା ୧୫।
- ୯୧ତମ ପଦ୍ମଶ୍ରୀ ରଜତ କୁମାର କର ଜୟନ୍ତୀ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ନୃତ୍ୟାଞ୍ଜଳିର ୧୯ତମ ବାର୍ଷିକ ନୃତ୍ୟ ମହୋତ୍ସବ 'ଦେବଦାସୀ', ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର, ସ୍ଥାନ: ଏସ୍‌ପିଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ

- ଅମାବାସ୍ୟା ନାରାୟଣଙ୍କ ସାଗରବିଜେ ନୀତି, ସ୍ଥାନ: ସ୍ୱର୍ଗଦ୍ୱାର ନିକଟ ବେଳାଭୂମି, ସମୟ: ପୂର୍ବାହ୍ନ ୧୧ଟା।
- ବଡ଼ଦାଣ୍ଡ ଉଠାଦୋକାନୀ ବ୍ୟବସାୟୀ ସଂଘର ବୈଠକ, ସ୍ଥାନ: ଶ୍ରୀଜଗନ୍ନାଥବଲ୍ଲଭ ମଠ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଷ୍ଟୁଡେଣ୍ଟ୍ସ ଫେଡ଼େରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରତିବାଦ ପ୍ରଦର୍ଶନ, ସ୍ଥାନ ଏସ୍‌ସିଏସ୍ କଲେଜ ସମ୍ମୁଖ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ଫକୀରମୋହନଙ୍କ କଥା ସାହିତ୍ୟରେ ସାମାଜିକତା' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: କେକେଏସ୍ ମହିଳା ମହାବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ଗାଁ କଲ୍ୟାଣ ସମିତି ବୈଠକ, ସ୍ଥାନ: କଳାପାହାଡ଼ ଅଙ୍ଗନୱାଡି କେନ୍ଦ୍ର, ବନ୍ତ, ସମୟ: ମଧ୍ୟାହ୍ନ ୧୨ଟା।
- ଭାଜପା ସଦସ୍ୟତା ଅଭିଯାନ ବୈଠକ, ସ୍ଥାନ: ବିଟିପୁର, ଆଗରପଡ଼ା, ସମୟ: ଅପରାହ୍ନ ୪ଟା।
- ଭାଜପା ସଦସ୍ୟତା ଅଭିଯାନ ବୈଠକ, ସ୍ଥାନ: ବଡ଼ମହିଷଗୋଠ, ବନ୍ତ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଶ୍ରୀ ହନୁମାନଙ୍କ ମନ୍ଦିରରେ ପୂଜାର୍ଚ୍ଚନା, ରାମ ଏବଂ ହନୁମାନଙ୍କ ସ୍ତୁତି ପାଠ, ଭଜନ କୀର୍ତ୍ତନ, ସ୍ଥାନ: ହାବଲେଶ୍ୱର, ହାଟଡ଼ିହୀ, ସମୟ : ସକାଳ ଏବଂ ସନ୍ଧ୍ୟା ୬ ଟା।
- ମା' ମଙ୍ଗଳାଙ୍କ ମନ୍ଦିରରେ ଭକ୍ତଙ୍କ ମାନସିକ ପୂଜା ଏବଂ ହୋମ ଯଜ୍ଞ, ସ୍ଥାନ: ଭୂଇଁପୁର, ହାଟଡ଼ିହୀ, ସମୟ : ସକାଳ : ୭ ଟା।
- ମା' ତାରିଣୀଙ୍କ ମନ୍ଦିରରେ ଭଜନ ସମାରୋହ, ସ୍ଥାନ: ମରୈଗାଁ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଭିନ୍ନକ୍ଷମ ସହାୟକ ଯନ୍ତ୍ର ପ୍ରଦାନ ନିମନ୍ତେ ଚିହ୍ନଟ ଶିବିର, ସ୍ଥାନ:ବିଶୋଇ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ନିୟୁ ରାଜସ୍ଥାନୀ କଟନ ଫାବ୍ ପ୍ରଦର୍ଶନୀ, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ:ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।

## ଜଗତ୍‌ସିଂହପୁର

- ଭାରତୀୟ ଜୀବନ ବୀମା ନିଗମର ପ୍ରତିଷ୍ଠା ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଏଲ୍‌ଆଇସି କାର୍ଯ୍ୟାଳୟ, ମଧୁବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ, ସ୍ଥାନ: ସାନମଙ୍ଗ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ଉପଲକ୍ଷେ ନାମଯଜ୍ଞ, ସ୍ଥାନ: ମାନପୁର, ଆଳି, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଯାଜପୁର ଭାଜପା ପକ୍ଷରୁ ଦଶରଥପୁର ବ୍ଲକ ଅଧୀନ ୫ ଓ ୬ ନମ୍ବର ଜୋନର ସଭ୍ୟ ସଂଗ୍ରହ ଅଭିଯାନ କର୍ମଶାଳା, ସ୍ଥାନ: ଥାଲକୁଡ଼ି ବିଜୁ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ସ୍ୱଚ୍ଛତା ପକ୍ଷ, ସ୍ଥାନ: ନୟାଗଡ଼ ଜିଲାର ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ଜିଲାପାଳଙ୍କ ପ୍ରଧାନମନ୍ତ୍ରୀ ଜନମନ କାର୍ଯ୍ୟକ୍ରମରେ ଯୋଗଦାନ, ସ୍ଥାନ: ଉଡ଼ାପଗର୍ଜାଙ୍ଗ, ଗୁଣପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜନମନ ପରିଯୋଜନା ସଚେତନତା ଅଭିଯାନ, ସ୍ଥାନ: କିଜାମ ଯୋଡି, ବିଷମ କଟକ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନବରଙ୍ଗପୁର

- ଆଇଆର୍‌ସିଏସ୍ ସାଧାରଣ କମିଟି ବୈଠକ, ସ୍ଥାନ: ନବରଙ୍ଗପୁର ମିଶନଶକ୍ତି ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର , ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସର, ସମୟ : ୫ଟା।
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ , ସମୟ : ସକାଳ ୭ଟା।
- ଭାଜପାର ବରିଷ୍ଠ ନେତା ଓ କର୍ମୀଙ୍କ ବୈଠକ, ସ୍ଥାନ : ମହାନଦୀ କ୍ଲବ ପରିସରସ୍ଥ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା ୪୫।

## ବଲାଙ୍ଗୀର

- ଖାଦ୍ୟ ନିଗମ ଅଧ୍ୟକ୍ଷଙ୍କ ବଲାଙ୍ଗୀର ଗସ୍ତ, ସ୍ଥାନ: ବୁଢେଲ ଗ୍ରାମପଞ୍ଚାୟତ, ବୁଢେଲ, ସମୟ: ସକାଳ ୯ଟା।
- ପ୍ରାଦେଶିକ ବିଜ୍ଞାନ ମେଳା ୨୦୨୪ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଖାଦ୍ୟ ନିଗମ ଅଧ୍ୟକ୍ଷଙ୍କ ପୁଇଁତଲା ବ୍ଲକସ୍ତରୀୟ ସମୀକ୍ଷା କାର୍ଯ୍ୟକ୍ରମ, ସ୍ଥାନ: ପୁଇଁତଲା ବ୍ଲକ ଅଫିସ, ପୁଇଁତଲା, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।
- ତରଭା ସାଂସ୍କୃତିକ ଅନୁଷ୍ଠାନ ଶ୍ରୀ କଳା ସଂସଦ ପକ୍ଷରୁ ନୂଆଁଖାଇ ପ୍ରସ୍ତୁତି ବୈଠକ, ସ୍ଥାନ: ତରଭା କ୍ଲବ ଘର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- କର୍କଟ ରୋଗ ନିରାକରଣ ସଚେତନତା ରାଲି, ସ୍ଥାନ: ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୯ଟା ୪୫।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ସହ ମଙ୍ଗଳ ଆଳତି, ସ୍ଥାନ: ସହରସ୍ଥିତ ରେଳଷ୍ଟେଶନ ଛକ, କନକ ଦୁର୍ଗା ମନ୍ଦିର, ସମୟ: ପ୍ରାତଃ ୫ଟା।
- ଭଜନ ସହ ନୃତ୍ୟ ପରିବେଷଣ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ ତେଲିପଡ଼ା, ସମୟ: ଅପରାହ୍ନ ୪ଟା।
- ଗ୍ରାମବାସୀଙ୍କ ବୈଠକ, ସ୍ଥାନ: ସହରସ୍ଥିତ ବୁଢ଼ାପଡା ଗ୍ରାମ ମଣ୍ଡପ, ସମୟ: ଅପରାହ୍ନ ୫ଟା।

## ରାଉରକେଲା

- ଅନ୍ୱେଷାର ମାଗଣା ହାଟ ପ୍ରଦର୍ଶିତ, ସ୍ଥାନ: ଜଲଦା ସି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବେଦବ୍ୟାସ ସଂସ୍କୃତ କଲେଜରେ ଓଡିଆ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ବୈଜ୍ଞାନିକ ପଦ୍ଧତିରେ ମହୁ ମାଛି ଚାଷ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଦ୍ୱିତୀୟ ସୁପରଲିଗ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଭବାନୀପାଟଣା ଲାଲବାହାଦୁର ଶାସ୍ତ୍ରୀ କ୍ଲବ ପରିସର, ସମୟ: ଅପରାହ୍ନ ୪ଟା।
- ଏଆଇଏସ୍‌ଏଫ୍‌ର ଶୋଭାଯାତ୍ରା ଓ ପ୍ରତିବାଦ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ସୁଭଦ୍ରା ଯୋଜନାର ଅଗ୍ରଗତିକୁ ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲାପାଳଙ୍କ କ୍ଷେତ୍ର ପରିଦର୍ଶନ, ସ୍ଥାନ: ସରସରା, ହରଭଙ୍ଗା, ସମୟ: ପୂର୍ବାହ୍ନ ୧୦ଟା।
- ଘଣ୍ଟାପଡ଼ା ମା' ସମଲେଶ୍ୱରୀ ମନ୍ଦିରରେ ମହାଆଳତି, ସ୍ଥାନ: ଘଣ୍ଟାପଡା ମା' ସମଲେଶ୍ୱରୀ ମନ୍ଦିର, କଣ୍ଟାମାଳ, ସମୟ ସନ୍ଧ୍ୟା ୭ଟା।

---

**ପିତଳ ଛକରେ ୪ ଭାଇଙ୍କୁ ହତ୍ୟା ମାମଲା**

# ୫ ଜଣଙ୍କୁ ଆଜୀବନ କାରାଦଣ୍ଡ

**ଆସିକା,୨।୯(ସୁରେନ୍ଦ୍ର ନାଥ ସାହୁ)**

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଅନ୍ତର୍ଗତ ପିତଳ ଛକସ୍ଥିତ ଏକ ଫାଷ୍ଟଫୁଡ ଦୋକାନରେ ୨୦୨୨ ମାର୍ଚ୍ଚ ୨୨ ରାତିରେ ୪ଭାଇଙ୍କୁ ହତ୍ୟା ମାମଲାର ବୃତ୍ତାନ୍ତ ରାୟ ପ୍ରକାଶ ପାଇଛି। ସୋମବାର ଆସିକା ଅତିରିକ୍ତ ଜିଲା ଦୌରାଜଜ୍ ପ୍ରବୀର କୁମାର ଚୌଧୁରୀ ୬ ଅଭିଯୁକ୍ତଙ୍କ ମଧ୍ୟରୁ ୫ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ପିତଳ ନିକଟ ରାମଚନ୍ଦ୍ରପୁର ଗ୍ରାମର ଅମିୟ କୁମାର ସ୍ୱାଇଁ ଓରଫ ସାଧୁ, ଚିତ୍ରସେନ ସେଠୀ, ମିଳନ ସ୍ୱାଇଁ, ସନ୍ତୋଷ କୁମାର ସ୍ୱାଇଁ ଏବଂ ବାହାନପତି ବେହେରା। ଅଦାଲତ ଅମିୟଙ୍କୁ ୨୫ ବର୍ଷ ଏବଂ ଅନ୍ୟ ୪ ଜଣଙ୍କୁ ୨୦ ବର୍ଷ ଲେଖାଏ କାରାଦଣ୍ଡ ପରେ ସେମାନଙ୍କ କଥା ବିଚାରକୁ ନିଆଯାଇପାରେ ବୋଲି ଦର୍ଶାଇଛନ୍ତି। ଅନ୍ୟ ଅଭିଯୁକ୍ତ ନାବାଳକ ଥିବାରୁ ତାଙ୍କର ବିଚାର ବ୍ରହ୍ମପୁରସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ଚାଲିଛି।

ପିତଳ ଛକ ତଥା ୫୯ନଂ. ଜାତୀୟ ରାଜପଥ କଡ଼ରେ ଫାଷ୍ଟଫୁଡ ଦୋକାନ କରିଥିବା ହିଞ୍ଜିଳି ଥାନା ଅନ୍ତର୍ଗତ ନରେନ୍ଦ୍ରପୁରର ମଙ୍ଗୁଲୁ ସ୍ୱାଇଁଙ୍କ ବଡ଼ପୁଅ ରାଜା ସ୍ୱାଇଁଙ୍କ ସହ ମୁଖ୍ୟ ଅଭିଯୁକ୍ତ ସାଧୁଙ୍କର କମେଣ୍ଟମରାକୁ ନେଇ ୨୦୨୨ ମାର୍ଚ୍ଚ ୨୨ରେ ହାତାହାତି ହୋଇଥିଲା। ଏହାର ପ୍ରତିଶୋଧ ନେବାକୁ ଧମକ ଦେଇ ସାଧୁ ଚାଲି ଯାଇଥିଲେ। ରାତି ପ୍ରାୟ ୧୧ଟାରେ ସେ ତାଙ୍କର ଅନ୍ୟ ୪ ସହଯୋଗୀଙ୍କ ସହ କାଠଫାଳିଆ, ଲୁହାଛଡ଼ ଓ ଅନ୍ୟ ମାରଣାସ୍ତ୍ର ଧରି ରାଜାଙ୍କ ଫାଷ୍ଟଫୁଡ୍ ଦୋକାନକୁ ଆସିଥିଲେ। ସେମାନେ ରାଜା ଓ ଦୋକାନ କାମରେ ସହଯୋଗ କରିବାକୁ ଆସିଥିବା ତାଙ୍କର ଅନ୍ୟ ୨ ଭାଇ ଶମ୍ଭୁ ସ୍ୱାଇଁ, ପାଣ୍ଡବ ସ୍ୱାଇଁ ଓ ମାଉସୀ ପୁଅ ଭାଇ ଚନ୍ଦନ ସ୍ୱାଇଁଙ୍କୁ ଅତର୍କିତ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଫାଷ୍ଟଫୁଡ୍ ସେଣ୍ଟର ଓ ଜାତୀୟ ରାଜପଥ ଉପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ୪ ଭାଇ ପଡ଼ିଥିବା ପୋଲିସ ଖବରପାଇ ସେମାନଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନାକୁ ନେଇଥିଲା। ହେଲେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ହିଞ୍ଜିଳି ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାରେ ୨ଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ସମେତ ମୋଟ ୨୬ଜଣ ସେମାନଙ୍କ ସାକ୍ଷ୍ୟ ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ଜିଲା କ୍ୟାଡରର ପିପି ତ୍ରିଲୋଚନ ପରିଡା ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଶରତେନ୍ଦୁ ପଣ୍ଡା ମାମଲା ଲଢୁଥିଲେ।

# ଚିକିଟି ମଦମୃତ୍ୟୁ ସଂଖ୍ୟା ୫ ହେଲା

**ବ୍ରହ୍ମପୁର/ଚିକିଟି,୨।୯ (ସୁବାସ ଚନ୍ଦ୍ର ପାଢ଼ୀ/ପ୍ରକାଶ ଚନ୍ଦ୍ର ସାହୁ)**

ଗଞ୍ଜାମ ଜିଲା ଚିକିଟିରେ ବିଷାକ୍ତ ମଦ ପିଇ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଥିବା ଆଉ ଜଣଙ୍କର ସୋମବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ସେ ହେଲେ ଜେନାପୁର ଗ୍ରାମର ପ୍ରଦୀପ ବେହେରା(୩୦)। ବିଷାକ୍ତ ମଦ ପିଇବା ଘଟଣାରେ ପ୍ରଦୀପଙ୍କୁ ମିଶାଇ ମୃତକଙ୍କ ସଂଖ୍ୟା ୫ରେ ପହଞ୍ଚିଛି। ତେବେ ବିଷାକ୍ତ ମଦ ପିଇଥିବା ଆଉ କୌଣସି ବ୍ୟକ୍ତି ଏମ୍‌କେସିଜିରେ ଚିକିତ୍ସାଧୀନ ନ ଥିବା ମେଡିକାଲ ଅଧୀକ୍ଷକ ପ୍ରଫେସର ସୁଚିତ୍ରା ଦାଶ କହିଛନ୍ତି।

ଚିକିଟି ଏନ୍‌ଏସି ଜେନାପୁର ଓ କରବାଲୁଆ ଗ୍ରାମର କେତେଜଣ ଲୋକ ଗତ ୧୯ ତାରିଖରେ ମାଉନ୍ଦପୁର ଗାଁକୁ ଯାଇ ଦେଶୀମଦ ପିଇଥିଲେ। ସେହି ରାତିରେ ପ୍ରାୟ ୨୩ ଜଣ ଅସୁସ୍ଥ ହୋଇ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ଗୁରୁତର ଅବସ୍ଥାରେ ଥିବା ୧୫ ଜଣଙ୍କୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଗତ ୨୧ତାରିଖ ବିଳମ୍ବିତ ରାତିରେ ଜେନାପୁରର ଜୁର ବେହେରା ଓ ଲୋକନାଥ ବେହେରାଙ୍କ ମୃତ୍ୟୁ ଘଟିଥିଲା। ପରେ ୩୧ ତାରିଖରେ ଲକ୍ଷ୍ମଣ ବେହେରା ଓ ଗତ ରବିବାର କରବାଲୁଆ ଗ୍ରାମର ବାୟା ସେଠୀଙ୍କ ମୃତ୍ୟୁ ଘଟିଥିଲା। ସୋମବାର ପ୍ରଦୀପଙ୍କ ମୃତ୍ୟୁ ଖବରପାଇ ପରିବାରଲୋକେ ଭାଙ୍ଗିପଡ଼ିଛନ୍ତି। ଏମ୍‌କେସିଜିକୁ ଆସିଥିବା ୧୫ ଅସୁସ୍ଥଙ୍କ ମଧ୍ୟରୁ ୧୦ ଜଣ ସୁସ୍ଥ ହୋଇ ଫେରିଥିବା ବେଳେ ୫ ଜଣଙ୍କ ମୃତ୍ୟୁ ହୋଇଥିବା ମେଡିକାଲ ଅଧୀକ୍ଷକ ପ୍ରଫେସର ଦାଶ ସୂଚନା ଦେଇଛନ୍ତି।

# ସମ୍ବଲପୁରରେ ଖୋଲିବ ଏମ୍ସ

- ଡାକ୍ତରଙ୍କ ସୁରକ୍ଷା ଲାଗି ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଟାସ୍କଫୋର୍ସ ଗଠିତ
- ସବୁ ମେଡିକାଲ କଲେଜରେ ରହିବ ପୋଲିସ ଆଉଟ ପୋଷ୍ଟ
- ୨୦୨୫ ସୁଦ୍ଧା ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହେବ ଯକ୍ଷ୍ମା ରୋଗ

**ଭୁବନେଶ୍ୱର, ୨।୯(ସୁନିତ୍ ମିଶ୍ର)**

ବିଧାନସଭାରେ ସୋମବାର ସ୍ୱାସ୍ଥ୍ୟ ବିଭାଗ ଖର୍ଚ୍ଚ ଦାବି ଆଲୋଚନା ପରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ତାଙ୍କ ଉତ୍ତରରେ ରାଜ୍ୟରେ ଚାଲିଥିବା ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ଗୁରୁତ୍ୱପୂର୍ଣ୍ଣ ବିବୃତି ରଖି କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଘଟଣାକୁ ନିନ୍ଦା କରିଛନ୍ତି। ଡାକ୍ତରଙ୍କ ସୁରକ୍ଷା ଲାଗି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ଗଠନ କରିଛନ୍ତି। ଟାସ୍କଫୋର୍ସ କାର୍ଯ୍ୟରତ ଡାକ୍ତରମାନଙ୍କ ସୁରକ୍ଷାକୁ ଦୃଷ୍ଟି ଦେବ। ସମସ୍ତ କାର୍ଯ୍ୟରତ ଡାକ୍ତରଙ୍କ ସୁରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏହାକୁ ଦୃଷ୍ଟିରେ ରଖି ସବୁ ମେଡିକାଲ କଲେଜରେ ଗୋଟେ ଲେଖା ପୋଲିସ ଆଉଟ୍‌ପୋଷ୍ଟ ଖୋଲାଯିବ। ସମ୍ବଲପୁରଠାରେ ଖୁବଶୀଘ୍ର ରାଜ୍ୟର ୨ୟ ଏମ୍ସ ଖୋଲାଯିବ। ଖୁବ୍‌ଶୀଘ୍ର ଏନେଇ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରାଯିବ ବୋଲି ମହାଲିଙ୍ଗ କହିଛନ୍ତି। ସେ ଆହୁରି କହିଛନ୍ତି, ୫୫ଟି ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଗଣା ଡାଏଲିସିସ କାର୍ଯ୍ୟକ୍ରମ କରାଯିବ। ଆମ୍ବୁଲାନ୍ସର ସମୟ ୩୦ ମିନିଟ ବଦଳରେ ୨୦ ମିନିଟ୍ କରାଯିବ। ଲୋକଙ୍କ ପାଖରେ କମ୍ ସମୟରେ ଆମ୍ବୁଲାନ୍ସ ପହଞ୍ଚିବ। ବୀର ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଆମ ସରକାର ଆରମ୍ଭ କରିଛନ୍ତି। ୪୯,୫୨୨ ଜଣ ଆଶା କର୍ମୀଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବା ପାଇଁ ଆମ ସରକାର ଯତ୍ନବାନ। ବାଲେଶ୍ୱର, ମୟୂରଭଞ୍ଜ, କୋରାପୁଟ, ପୁରୀ, ଯାଜପୁର ଭଳି ସ୍ଥାନରେ ନୂଆ ମେଡିକାଲ କଲେଜ ସହିତ ନୂଆ ନର୍ସିଂ କଲେଜକୁ ଯୋଡ଼ାଯିବ। ସମସ୍ତ ଗ୍ରାମପଞ୍ଚାୟତ ହେଡ୍ କ୍ୱାର୍ଟରରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନିର୍ମାଣ କରାଯିବ। ୨ ବର୍ଷ ମଧ୍ୟରେ ଏହି କାର୍ଯ୍ୟକ୍ରମ ଶେଷ ହେବ। ଏହି ସ୍ଥାନରେ ଜଣେ ଯୋଗ ଶିକ୍ଷକ ଏବଂ ମେଡିକାଲ ଷ୍ଟାଫ୍ ରହିବେ। ଓଡ଼ିଶା ହେଲ୍‌ଥ ବିଶ୍ୱବିଦ୍ୟାଳୟକୁ ଆମେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବୁ। ମେଡିକାଲ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମ ଓଡ଼ିଆରେ କରାଯିବ। ୧୫,୭୭୪ ମଞ୍ଜୁରୀ ପ୍ରାପ୍ତ ଡାକ୍ତର ପଦବୀ ରହିଛି, ସେଥିମଧ୍ୟରୁ ୧୦,୦୦୦ ଡାକ୍ତର ବର୍ତ୍ତମାନ ରହିଛନ୍ତି। ୫୬୦୦ ପଦବୀ ଖାଲି ରହିଛି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଖୁବଶୀଘ୍ର ୩୦୦୦ ଡାକ୍ତର ଓ ପାରା ମେଡିକାଲ ଷ୍ଟାଫ ନିଯୁକ୍ତି ଦେବାକୁ ଯାଉଛୁ। କଳାହାଣ୍ଡି, ଦେବଗଡ଼, ଓ ଯାଜପୁରର ହସ୍ପିଟାଲର ଶୁଭାରମ୍ଭ ହେବ। ସେହିପରି ୨୦୨୫ ସୁଦ୍ଧା ଯକ୍ଷ୍ମା ରୋଗକୁ ନିୟନ୍ତ୍ରଣ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ମହାଲିଙ୍ଗ କହିଛନ୍ତି।

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ନେଇ ତତ୍କାଳୀନ ନବୀନ ସରକାରକୁ ଟାର୍ଗେଟ କରି ମହାଲିଙ୍ଗ କହିଛନ୍ତି, ବିଜେଡି ସରକାର ସମୟରେ ଜୁଲାଇ ୨୦୨୩ରେ ୧ ଲକ୍ଷ ୧୬ ହଜାର ୪୮ ଜଣ ଚିକିତ୍ସିତ ହୋଇଥିବାବେଳେ ଆମ ସରକାର ସମୟରେ ୧ ଲକ୍ଷ ୬୫ ହଜାର ୧୧୪ ଜଣ ଚିକିତ୍ସିତ ହୋଇଛନ୍ତି। କେବେ ବି ଭାଜପା ସରକାରଙ୍କ ସମୟରେ ରୋଗୀ ହନ୍ତସନ୍ତ ହୋଇନାହାନ୍ତି। ବରଂ ଲୋକଙ୍କର ବିଶ୍ୱାସ ବଢ଼ିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୯୦୦ ହସ୍ପିଟାଲରେ ଲୋକଙ୍କୁ ଚିକିତ୍ସା ସୁବିଧା ମିଳୁଥିଲା। ହେଲେ ଭାଜପା ସରକାରର ଦୁଇଟି ଯୋଜନା ଦ୍ୱାରା ୨୭,୦୦୦ ହସ୍ପିଟାଲରେ ଲୋକମାନେ ଚିକିତ୍ସା ସୁବିଧା ପାଇପାରିବେ। ଆୟୁଷ୍ମାନ ଯୋଜନା ଓଡ଼ିଶାରେ ଲାଗୁ ହେବା ଦ୍ୱାରା ଓଡ଼ିଶା ୬୦୦ କୋଟିର ଆର୍ଥିକ ଲାଭ ପାଇବ, ଯାହା ପୂର୍ବ ସରକାରର ଟାଳଟୁଳ ନୀତି କାରଣରୁ ଏହି ଟଙ୍କା ପାଇବାରୁ ଓଡ଼ିଶା ବଞ୍ଚିତ ହେଉଥିଲା। ଆମ ସରକାର ସମୟରେ ଯାଜପୁରରେ ମେଡିକାଲ କଲେଜ ଆରମ୍ଭ ହେବାକୁ ଯାଉଛି। ୧୯୬୨ ପରଠୁ ୫୫ ବର୍ଷ ପରେ ୨୦୧୭ରେ ରାଜ୍ୟରେ ନୂଆ ମେଡିକାଲ କଲେଜ ନିର୍ମାଣ ହୋଇଥିଲା। ୨୦୧୭ ପରଠାରୁ ଯେତେ ମେଡିକାଲ କଲେଜ ହୋଇଛି ତାହା କେନ୍ଦ୍ର ସରକାରଙ୍କ ଅବଦାନରୁ ହୋଇଛି। ସେଥିରେ ତତ୍କାଳୀନ ରାଜ୍ୟ ସରକାରଙ୍କର କୌଣସି ବାହାବା ନେବାର ଅଧିକାର ନାହିଁ। ନ୍ୟାଶନାଲ ଡିଜିଟାଲ ହେଲ୍‌ଥ ମିଶନ ଆରମ୍ଭ କରାଯିବ ବୋଲି ମହାଲିଙ୍ଗ କହିଛନ୍ତି।

---

**ପ୍ରଥମ ପୃଷ୍ଠାରୁ...**

## ଆର୍.ଜି. କର...

ଅଭିଯୋଗ ଆଣିଥିଲେ। କୋଲକାତା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଏହାର ତଦନ୍ତ ଦାୟିତ୍ୱ ନେବା ପରେ ସନ୍ଦୀପ୍‌ଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ର, ଦୁର୍ନୀତି, ଠକେଇ ଏବଂ ଅସାଧୁ ଉପାୟ ଅବଲମ୍ବନ ଅଭିଯୋଗରେ ମାମଲା ରୁଜୁ କରିଛି। ଏହା ସଜ୍ଞାନ ଅପରାଧ ହୋଇଥିବାରୁ ଜାମିନବିହୀନ। ସନ୍ଦୀପ୍ ୨୦୨୧ ଫେବୃଆରୀରୁ ୨୦୨୩ ସେପ୍ଟେମ୍ବର ପର୍ଯ୍ୟନ୍ତ ଆର୍.ଜି. ମେଡିକାଲ କଲେଜର ପ୍ରିନ୍ସିପାଲ ଥିଲେ। ତାଙ୍କୁ ସେହିବର୍ଷ ଅକ୍ଟୋବରରେ ବଦଳି କରାଯାଇଥିଲେ ମଧ୍ୟ ମାସକ ମଧ୍ୟରେ ସେ ପୁଣି ଉକ୍ତ କଲେଜକୁ ଫେରିଥିଲେ। ଗତ ଅଗଷ୍ଟ ୯ରେ ମେଡିକାଲ କଲେଜର ସେମିନାର ହଲ୍‌ରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ତାଙ୍କ ଭୂମିକାକୁ ନେଇ ସନ୍ଦେହ ଦେଖାଦେବା ପରେ ତୁରନ୍ତ ଅନ୍ୟ ଏକ ମେଡିକାଲ କଲେଜକୁ ବଦଳି କରାଯାଇଥିଲା। ଏହାକୁ ନେଇ ବିବାଦ ଜୋର୍‌ଦାର ହେବା ପରେ ରାଜ୍ୟ ସରକାର ତାଙ୍କୁ ଛୁଟିରେ ରହିବାକୁ କହିଥିଲେ।

## ବୁଲ୍‌ଡୋଜର ବନ୍ଦ...

ଆବେଦନକାରୀମାନଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଦାଭେ କହିଥିଲେ, ୨୦୨୨ ଦଙ୍ଗା ପରେ ହିଂସା ଉସୁକାଇବା ଅଭିଯୋଗରେ ତାଙ୍କ ମହକିଲମାନଙ୍କ ଘରଗୁଡ଼ିକୁ ତତ୍କାଳ ଭାଙ୍ଗି ଦିଆଯାଇଥିଲା। ବରିଷ୍ଠ ଆଇନଜୀବୀ ଚନ୍ଦ ଉଦୟ ସିଂ ରାଜସ୍ଥାନ ଉଦୟପୁରର ଏକ ଘରଭଙ୍ଗା ଘଟଣାର ଅବତାରଣା କରି କହିଥିଲେ, ଜଣେ ବ୍ୟକ୍ତିଙ୍କ ପୁଅ ଏକ ଅପରାଧରେ ଅଭିଯୁକ୍ତ ହୋଇଥିବା ଦର୍ଶାଇ ତାଙ୍କ ଘର ଭାଙ୍ଗିଦିଆଯାଇଥିଲା। ଜଷ୍ଟିସ୍ ବିଶ୍ୱନାଥନ୍ କହିଥିଲେ, ପୁଅ ଅମାନିଆ ବୋଲି ବାପାଙ୍କ ଘର ଭାଙ୍ଗିବା ବୈଧ ନୁହେଁ। ଏପରି ଚାଲିବ ନାହିଁ। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ବାଢ଼ିଥିଲେ, ଯେଉଁଠି ଆଇନ ଉଲ୍ଲଂଘନ ହେଉଛି, ସେଠି ଘର ଭଙ୍ଗାଯାଉଛି। ମ୍ୟୁନିସିପାଲ ଆଇନର ଉଲ୍ଲଂଘନ କ୍ଷେତ୍ରରେ ହିଁ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହାର ଜବାବରେ ଜଷ୍ଟିସ୍ ଗଭାଇ କହିଥିଲେ, ଆଇନରେ ଜବରଦଖଲ ଉଚ୍ଛେଦର ବ୍ୟବସ୍ଥା ରହିଛି। କିନ୍ତୁ ଅଭିଯୋଗଗୁଡ଼ିକୁ ଦେଖିଲେ ଆଇନର ଉଲ୍ଲଂଘନ ହେଉଥିବା ବିଷୟ ଆମେ ବୁଝିପାରୁଛୁ। ନିର୍ମାଣ ବେଆଇନ ହୋଇଥିଲେ, ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ। ତେବେ କୌଣସି ଅଭିଯୁକ୍ତଙ୍କ ଘର ବୁଲ୍‌ଡୋଜର ଲଗାଇ ଭାଙ୍ଗିଦେବା ଆଇନର ଅଧିକ ଉଲ୍ଲଂଘନ। ଜଷ୍ଟିସ୍ ବିଶ୍ୱନାଥନ୍ କହିଥିଲେ, ବେଆଇନ ବିଲ୍ଡିଂ ଭାଙ୍ଗିବା ପାଇଁ ଏକ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରାଯିବାର ଆବଶ୍ୟକତା ରହିଛି। ଏନେଇ ପ୍ରସ୍ତାବ ଆସିଲେ ଆମେ ସାରା ଦେଶ ପାଇଁ ଏକ ନିର୍ଦ୍ଦେଶାବଳୀ ଜାରି କରିବୁ। ସ୍ଥାବର ସମ୍ପତ୍ତିଗୁଡ଼ିକୁ ପ୍ରକ୍ରିୟାର ଅନୁସରଣ କରି ହିଁ ଭଙ୍ଗାଯାଇପାରିବ। ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ସେପ୍ଟେମ୍ବର ୧୭ରେ ପରବର୍ତ୍ତୀ ଶୁଣାଣି କରିବେ।

## ସୁଭଦ୍ରା ଯୋଜନା ପୋର୍ଟାଲ...

ଫର୍ମ ପୂରଣ କରି ଆଧାର କାର୍ଡ ନକଲ ସହ ଦାଖଲ କରିବେ। ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର କିମ୍ବା ଜିଲାପାଳଙ୍କ ନିର୍ଦ୍ଦେଶାନୁସାରେ ନିରୂପଣ କରାଯାଇଥିବା ସ୍ଥାନ ଓ କାର୍ଯ୍ୟାଳୟରୁ ଫର୍ମ ସଂଗ୍ରହ କରାଯିବ। ସମସ୍ତ ଯୋଗ୍ୟ ମହିଳାଙ୍କୁ ଏହି ଯୋଜନାର ଲାଭ ମିଳିବା ପର୍ଯ୍ୟନ୍ତ ପୋର୍ଟାଲ ଚାଲୁ ରହିବ। ଫର୍ମ ବଣ୍ଟନ ଓ ଦାଖଲ ସମ୍ପୂର୍ଣ୍ଣ ମାଗଣା ହେବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ସେପ୍ଟେମ୍ବର ୧୭ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନରେ ଯୋଗ୍ୟ ହିତାଧିକାରୀଙ୍କୁ ସୁଭଦ୍ରାର ପ୍ରଥମ କିସ୍ତି ମିଳିବ। ପ୍ରଧାନମନ୍ତ୍ରୀ ଏହାର ଶୁଭାରମ୍ଭ କରିବେ।

## ପାରାଲିମ୍ପିକ୍ସ: ନିତେଶ...

ରାମଦାସ ଓ ଆର୍ଚେରୀ ଟିମ୍ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଓଡ଼ିଶାର ପ୍ରମୋଦ ଭଗତଙ୍କ ଅନୁପସ୍ଥିତିରେ ନିତେଶ ପୁରୁଷ ବ୍ୟାଡ୍‌ମିଣ୍ଟନ ଏସଏଲ୍୩ ବର୍ଗରେ ପ୍ରଥମଥର ପାଇଁ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଗତ ଟୋକିଓ ଅଲିମ୍ପିକ୍ସରେ ଏହି ଇଭେଣ୍ଟରେ ପ୍ରମୋଦ ସ୍ୱର୍ଣ୍ଣ ପଦକ ଜିତି ଦେଶ ଓ ରାଜ୍ୟକୁ ଗର୍ବିତ କରିଥିଲେ। ଏଥର ଫାଇନାଲରେ ନିତେଶଙ୍କର ପ୍ରତିଦ୍ୱନ୍ଦ୍ୱୀ ଥିଲେ ଗ୍ରେଟ୍ ବ୍ରିଟେନର ଡାନିଏଲ ବେଥେଲ। ୨୯ ବର୍ଷୀୟ ହରିୟାଣାର ନିତେଶ ଫାଇନାଲରେ ବେଥେଲଙ୍କୁ ୨୧–୧୪, ୧୮–୨୧, ୨୩–୨୧ରେ ପରାସ୍ତ କରିଥିଲେ। ମ୍ୟାଚଟି ୧ ଘଣ୍ଟା ୨୦ ମିନିଟ ଧରି ଚାଲିଥିଲା। ଟୋକିଓ ଅଲିମ୍ପିକ୍ସରେ ବେଥେଲ ଫାଇନାଲରେ ପ୍ରମୋଦଙ୍କଠାରୁ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଏସ୍‌ଏଲ୍୩ ବର୍ଗର ଖେଳାଳିଙ୍କର ଶରୀରର ନିମ୍ନଭାଗ ଗୁରୁତର ପ୍ରଭାବିତ ହୋଇଥିବାରୁ ବ୍ୟାଡ୍‌ମିଣ୍ଟନ କୋର୍ଟର ଅଧାଭାଗ ବ୍ୟବହାର କରିବାକୁ ପଡ଼ିଥାଏ। ପ୍ରକାଶଯୋଗ୍ୟ ଯେ, ବଡ଼ ଟୁର୍ନାମେଣ୍ଟଗୁଡ଼ିକରେ ପ୍ରାୟତଃ ନିତେଶଙ୍କର ପ୍ରତିଦ୍ୱନ୍ଦ୍ୱୀଭାବେ ଉଭା ହୋଇଥାନ୍ତି ପ୍ରମୋଦ। ଅଧିକାଂଶ ଟୁର୍ନାମେଣ୍ଟରେ ସେ ପ୍ରମୋଦଙ୍କଠାରୁ ହାରି ରନରଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। ମାତ୍ର ଏଥର ପ୍ରମୋଦ ଆଣ୍ଟି ଡୋପିଂର ହ୍ୱେୟାର ଏବାଉଟ କ୍ଲଜ ଉଲ୍ଲଂଘନ ଅଭିଯୋଗରେ ବାସନ୍ଦ ହୋଇଥିବାରୁ ପାରାଲିମ୍ପିକ୍ସରେ ଖେଳିବା ସୁଯୋଗ ପାଇନାହାନ୍ତି।

ପୁରୁଷ ଜାଭେଲିନ୍ ଥ୍ରୋ ଏଫ୍୬୪ ବର୍ଗର ଫାଇନାଲରେ ସୁମିତ ଗେମ୍ସ ରେକର୍ଡ ୭୦.୫୯ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୂର୍ବରୁ ଗେମ୍ସ ରେକର୍ଡ ୬୮.୫୫ ସେହି ସୁମିତଙ୍କ ନାମରେ ଥିଲା। ଶ୍ରୀଲଙ୍କାର ଦୁଲାନ କୋଡିଥୁୱାକୁ ୬୭.୦୩ ସେକେଣ୍ଡ ସହ ରୌପ୍ୟ ଓ ଅଷ୍ଟ୍ରେଲିଆର ମାଇକେଲ ବୁରିଆନ ୬୪.୮୯ ମିଟର ସହିତ ବ୍ରୋଞ୍ଜ ପଦକ ପାଇଥିଲେ। ନିଜ ପ୍ରଥମ ଉଦ୍ୟମରେ ୬୯.୧୧ ମିଟର ଥ୍ରୋ କରିଥିବା ସୁମିତ ଦ୍ୱିତୀୟ ଉଦ୍ୟମରେ ହିଁ ୭୦.୫୯ ମିଟର ଫିଙ୍ଗି ଇତିହାସ ରଚିଥିଲେ। ତୃତୀୟ ଉଦ୍ୟମରେ ସେ ୬୬.୬୬, ୪ର୍ଥ ଉଦ୍ୟମ ଫାଉଲ, ୫ମ ଉଦ୍ୟମ ୬୯.୦୪ ଓ ୬ଷ୍ଠ ଉଦ୍ୟମରେ ୬୬.୫୭ ମିଟର ପକାଇ ଅଭିଯାନ ଶେଷ କରିଥିଲେ।

---

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ନିଜ ନିଜ ସ୍ତରରେ ଅର୍ଥ, ସମ୍ମାନ, ସାମାଜିକ ପ୍ରତିଷ୍ଠା ଲାଭକରିବେ। ଦୃଢ଼ ମନୋବଳ ଓ ସୁଚିନ୍ତିତ ବିଚାରଧାରା ହେତୁ କିଛି ଅସୁବିଧା ହେବନାହିଁ। ଆର୍ଥିକ ସଙ୍କଟ ଦୂରହେବା ସହ ନୂତନ ଯୋଜନା ସକାଶେ ମନ ବଳାଇବେ। ବ୍ୟବସାୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା, ଏପରିକି ପାରିବାରିକ ଜୀବନରେ ମଧ୍ୟ ଉନ୍ନତି ପରିଲକ୍ଷିତ ହେବ।

**ବୃଷ**
ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନହୋଇ କାମ କରିବାକୁ ବାଧହେବେ। ସାମାଜିକ ସ୍ତରରେ ସମ୍ମାନ ପାଇବେ, ଯାହାକି ଆପଣଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟକରିବ। କଳା, ସାହିତ୍ୟ, କ୍ରୀଡ଼ା ପ୍ରଭୃତିରେ ଉନ୍ନତି କରିବେ। ଆର୍ଥିକ ସ୍ଥିତି ଭଲ ହେବା କାରଣରୁ ଖୁସି ମିଜାଜରେ କାମ କରିବେ।

**ମିଥୁନ**
ଆପଣଙ୍କ ସଯୌକ୍ତିକ ମନ୍ତବ୍ୟ ବୁଦ୍ଧିଜୀବୀ, କର୍ମକ୍ଷେତ୍ର ଓ ସାମାଜିକ ଜୀବନରେ ପ୍ରଶଂସନୀୟ କରାଇବ। ବିବାଦୀୟ ପରିସ୍ଥିତିରେ ପ୍ରତିଦ୍ୱନ୍ଦ୍ୱୀମାନେ ଜୋକ ମୁହଁରେ ଲୁଣ ଦେଲା ଭଳି ନୀରବ ରହିବେ। ପୁରୁଣା କଥାକୁ ଦୋହରାଇବା ଠିକ୍ ହେବନାହିଁ। ପାଖରେ ନ ଥିବା ଫାଇଲ୍‌ପତ୍ର କିମ୍ବା କୌଣସି ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ।

**କର୍କଟ**
ସଫଳତା ଓ ସମ୍ମାନ ଯୋଗୁ ପ୍ରତ୍ୟେକ ସ୍ଥାନରେ ପ୍ରଶଂସିତ ହେଲେ ମଧ୍ୟ ତାହା ପୂର୍ଣ୍ଣ ସନ୍ତୋଷ ଦେଇ ନ ପାରେ। କର୍ମାରମ୍ଭ ପ୍ରୀତିପଦ ହେବ। ସାମାଜିକ କ୍ଷେତ୍ରରେ ତଥା ବନ୍ଧୁଙ୍କ ମଧ୍ୟରେ ପ୍ରଶଂସିତ ହେବେ। ପରିବାରରେ କୌଣସି ବ୍ୟକ୍ତିର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତହେବା ସମ୍ଭାବନା ରହିଛି।

**ସିଂହ**
ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭ କରିବା ସହ ସାମାଜିକ ପ୍ରତିଷ୍ଠା ଲାଭକରିବେ। ପାରିବାରିକ କ୍ଷେତ୍ର ଭଲ ରହିବ, କିନ୍ତୁ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପାରିବାରିକ ଜୀବନରେ ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିବେ।

**କନ୍ୟା**
ବିଭିନ୍ନ ପ୍ରତିବନ୍ଧକ ଲାଗି ରହିବା କାରଣରୁ ସାମୟିକ ବ୍ୟସ୍ତତା ବୃଦ୍ଧିପାଇବା ସୂଚନା ରହିଛି। ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ପ୍ରିୟ ବନ୍ଧୁଟି ସାହାଯ୍ୟ କରିବା ପ୍ରତିଶ୍ରୁତି ଦେଇ ମଧ୍ୟ ପାଖ ମାଡ଼ିବ ନାହିଁ। ଆଜି ବାଣିଜ୍ୟ, ବ୍ୟବସାୟରେ ଲାଭ ଅପେକ୍ଷା କ୍ଷତି ଅଧିକ ହୋଇପାରେ।

**ତୁଳା**
ପ୍ରତ୍ୟେକ ସ୍ତରରେ ସୁନାମ ଅର୍ଜନ ସହ କାର୍ଯ୍ୟ ହାସଲ ପାଇଁ ଅନୁକୂଳ ପରିବେଶ ସୃଷ୍ଟିହେବ। ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟିକଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମକୁ ବଢ଼ାଇ ନେଇପାରନ୍ତି। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭକରିବେ। ଯାତ୍ରା, ବନ୍ଧୁମିଳନ, ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ପାଇପାରନ୍ତି।

**ବିଛା**
ଯିଏ ଯେତେ ଶତ୍ରୁତା କରୁନା କାହିଁକି ଆପଣଙ୍କ କୌଣସି ଅସୁବିଧା ହେବନାହିଁ। ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜି ଯାଇପାରେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତିରେ ସୁନାମ ଅର୍ଜନ କରିବେ। କାମ ହାସଲ ପାଇଁ କୌଣସି ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ।

**ଧନୁ**
ଆଜି ଦିନଟି ପାରିବାରିକ ଜୀବନ ପାଇଁ ଲାଭଦାୟକ ହେବନାହିଁ। ଚିହ୍ନା ଲୋକ ଈର୍ଷାପରାୟଣବଶତଃ ସମସ୍ୟା ସୃଷ୍ଟି କରିପାରନ୍ତି। ସାମାଜିକ ସ୍ତରରେ କିମ୍ବା ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧହେବେ। ପରିବହନ, ବ୍ୟବସାୟ, ଆଧାତ୍ମିକ କାର୍ଯ୍ୟକ୍ରମ ପ୍ରତି ଆଗ୍ରହୀ ହେବେ।

**ମକର**
କଠିନଶ୍ରମ ଓ ଭ୍ରମଣଜନିତ ଅସୁସ୍ଥତା କାରଣରୁ ମନ ଭଲ ଲାଗିବ ନାହିଁ। କିନ୍ତୁ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ, କଳା ସାହିତ୍ୟରେ, ପରିବାର ଭିତରେ, ପରିବହନରେ, ସମସ୍ୟା ସମାଧାନ ହୋଇଯିବ। ଯେତେ ଭଲକଥା କହିଲେ ମଧ୍ୟ ଭୁଲ୍ ବୁଝାମଣା ଯୋଗୁ ସୁସମ୍ପର୍କରେ ବ୍ୟାଘାତ ଘଟିବ। ବନ୍ଧୁଙ୍କ ସହ ଅପରାହ୍ନେ ଯାତ୍ରାରୁ ଆନନ୍ଦ ପାଇବେ।

**କୁମ୍ଭ**
ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ସମ୍ପର୍କୀୟଙ୍କ ସହାୟତା ନେବାକୁ ପଡ଼ିପାରେ। ଅବଶ୍ୟ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟକଲେ ଉପକୃତ ହେବେ। ସଭାସମିତି କିମ୍ବା ଆଲୋଚନା ପରିସରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସ୍ୱର୍ଣ୍ଣକାତର କଥାରେ ଚିହ୍ନା ପଡ଼ନ୍ତୁ ନାହିଁ।

**ମୀନ**
କେତେକ ଛୋଟବଡ଼ ସମସ୍ୟାକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ଉପଭୋଗ୍ୟ ହେବ। ନୂଆ କାମ ଆରମ୍ଭ କରି ଖୁସି ରହିବେ ଏବଂ ବନ୍ଧୁମାନଙ୍କ ପ୍ରିୟଭାଜନ ମଧ୍ୟ ହେବେ। ପରିସ୍ଥିତିବଶତଃ ଇଚ୍ଛା ନ ଥାଇ ମଧ୍ୟ ହଠାତ୍ ଜରୁରି କାମରେ ବାହାରକୁ ଯିବାକୁ ପଡ଼ିପାରେ। କଳା, ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟରେ ଅଂଶଗ୍ରହଣ କରି ଖୁସି ମନାଇପାରନ୍ତି।

ଆଜି ସେପ୍ଟେମ୍ବର ୩ ତାରିଖ, ସକାଳ ଘ. ୦୭।୨୫ ଗତେ ଭାଦ୍ରବ ଶୁକ୍ଳ ପ୍ରତିପଦା ମଙ୍ଗଳବାର, ଗୋସହସ୍ରୀ ଗଙ୍ଗାସ୍ନାନ ଯୋଗ, ସ୍ୱାମୀ ନିରନଦେବତୀର୍ଥଙ୍କ ନିର୍ବାଣ ଦିବସ। ରାଶିନକ୍ଷତ୍ର– ପୂର୍ବାଫାଲ୍‌ଗୁନୀ/ସିଂହ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୮।୪୦ ଗତେ, ଘ.୧୦।୩୧ ମଧ୍ୟେ, ଘ.୧୨।୫୯ ଗତେ, ଘ.୦୧।୧୮ ମଧ୍ୟେ ଶୁଭ ଶୁଭବେଳା। ଅପରାହ୍ନ ଘ. ୦୨।୫୧ ଗତେ, ଘ.୦୪।୨୩ ମଧ୍ୟେ ରାହୁକାଳ।




# ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବେ ଏସ୍‌ପି, ଜିଲାପାଳ

ଭୁବନେଶ୍ୱର, ୨।୯(ସୁନିତ୍ ମିଶ୍ର)

ବାଂଲାଦେଶରେ ରାଜନୈତିକ ଅସ୍ଥିରତା ପରିପ୍ରେକ୍ଷୀରେ ଭାଜପା ସରକାର ସବୁ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବିଧାନସଭାରେ ସୂଚନା ଦେଇଛନ୍ତି। ଭାଜପା ବିଧାୟକ ଭାସ୍କର ମାଢ଼େଇଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଭିନ୍ନ ସ୍ଥାନରେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ପାଇଁ ତହସିଲ, ବ୍ଲକ ଓ ଥାନା ଅଧିକାରୀଙ୍କୁ ନେଇ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୨୦୨୧ ମସିହା ସୁଦ୍ଧା ରାଜ୍ୟରେ ମୋଟ ୩୭୪୦ ବାଂଲାଦେଶୀ ଅନୁପ୍ରବେଶକାରୀ ବେଆଇନ ଭାବେ ରହୁଥିଲେ। ସେଥିମଧ୍ୟରୁ କେନ୍ଦ୍ରାପଡ଼ାରେ ୧୬୪୯, ଜଗତସିଂହପୁରରେ ୧୧୧୨, ମାଲକାନଗିରିରେ ୬୫୫, ଭଦ୍ରକରେ ୧୯୯, ନବରଙ୍ଗପୁରରେ ୧୦୬, ଖୋର୍ଦ୍ଧା ଜିଲାର ଭୁବନେଶ୍ୱରରେ ୧୭ ଓ ବରଗଡ଼ ଜିଲାରେ ୨ ଜଣ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ନିଜ ଦେଶକୁ ପଠାଇବା ପ୍ରସ୍ତାବ ସରକାରଙ୍କ ବିଚାରାଧୀନ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଜେଡି ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବାଂଲାଦେଶର ସାମ୍ପ୍ରତିକ ରାଜନୈତିକ ଅସ୍ଥିରତା ପରିପ୍ରେକ୍ଷୀରେ ନିୟମିତ ବ୍ୟବଧାନରେ ପାଟ୍ରୋଲିଂ କରି ସାମୁଦ୍ରିକ ସୀମା ଅଞ୍ଚଳ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ସାମୁଦ୍ରିକ ଥାନାର କର୍ମଚାରୀଙ୍କ ସହ ତଟରକ୍ଷୀ ବାହିନୀ ଏବଂ ମତ୍ସ୍ୟ ବିଭାଗର ଅଧିକାରୀମାନେ ସମୁଦ୍ର ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଭାରତୀୟ ଓ ବିଦେଶୀ ନାଗରିକଙ୍କୁ ଚିହ୍ନଟ କରିବା ପାଇଁ ଗୃହ ମନ୍ତ୍ରଣାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ଜାତୀୟ ଜନସଂଖ୍ୟା ରେଜିଷ୍ଟର କାର୍ଡ ରିଡର ମେଶିନ୍ ବ୍ୟବହାର କରାଯାଉଛି।

# ରାଜ୍ୟରେ ଚିଟ୍‌ଫଣ୍ଡ ତଦନ୍ତ ପ୍ରକ୍ରିୟା ଜାରି ରହିଛି

ଭୁବନେଶ୍ୱର, ୨।୯(ସୁନିତ୍ ମିଶ୍ର)

ଚିଟ୍‌ଫଣ୍ଡ କମ୍ପାନୀଗୁଡ଼ିକର ଲୁଟ୍‌ର ଶିକାର ହୋଇଥିବା ଲକ୍ଷାଧିକ ସାଧାରଣ ଲୋକଙ୍କୁ ଏବେ ମଧ୍ୟ ନ୍ୟାୟ ମିଳିନାହିଁ। ଗତ ୧୨ ବର୍ଷରେ କେତେ ସଂଖ୍ୟକ ଚିଟ୍‌ଫଣ୍ଡ କମ୍ପାନୀ କେତେ ଲୋକଙ୍କଠୁ କେତେ ଟଙ୍କା ଲୁଟ୍ କରିଛନ୍ତି ତା'ର ଆକଳନ ମଧ୍ୟ ସରକାର କରିନାହାନ୍ତି। ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ନ୍ୟାୟ ଓ ଦୋଷୀଙ୍କୁ ଦଣ୍ଡ ଦେବା ଲାଗି ୨୦୧୨ ଡିସେମ୍ବରରୁ ରାଜ୍ୟ କ୍ରାଇମବ୍ରାଞ୍ଚ ଓ ୨୦୧୩ ମେ'ରୁ ସିବିଆଇ ତଦନ୍ତ ଜାରି ରଖିଛି। ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ସଂଖ୍ୟା ଓ ଲୁଟ ପରିମାଣ ଜାଣିବା ପାଇଁ ୨୦୧୩ ଜୁଲାଇରୁ ୨୦୨୦ ଅଗଷ୍ଟ ପର୍ଯ୍ୟନ୍ତ ୨ ଜଣ ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ୨ଟି ପର୍ଯ୍ୟାୟରେ ବିଚାର ବିଭାଗୀୟ ତଦନ୍ତ କମିଶନ ଗଠନ ହୋଇଥିଲା। ତଥାପି ଏପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପାଖରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ସଂଖ୍ୟା, ଦୁର୍ନୀତିର ପରିମାଣ ଓ ଚିଟ୍‌ଫଣ୍ଡରେ ଲିପ୍ତ ସଂସ୍ଥାଗୁଡ଼ିକ ସଂଖ୍ୟାର ହିସାବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ପଷ୍ଟ କରିଛନ୍ତି। ବିଧାନସଭାରେ ବିଧାୟକ ପବିତ୍ର ସାଉନ୍ତା, ମାନସ କୁମାର ଦତ୍ତ ଓ ଚକ୍ରମଣି କହଁରଙ୍କ ପ୍ରଶ୍ନର ଲିଖିତ ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଏବେ ଚିଟ୍‌ଫଣ୍ଡ ତଦନ୍ତ ପ୍ରକ୍ରିୟା ଜାରି ରହିଛି। ଏହା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଓଡ଼ିଶାରେ ଚିଟ୍‌ଫଣ୍ଡ ଦୁର୍ନୀତିରେ ଜିଲାୱାରି ପରିମାଣ ଓ ସମୁଦାୟ କେତେ ସଂସ୍ଥା ଏଥିରେ ଲିପ୍ତ ତାହା ଆକଳନ କରାଯାଇନାହିଁ। ଯେହେତୁ ଏବେ ତଦନ୍ତ ପ୍ରକ୍ରିୟା ଚାଲିଛି ସେଥିପାଇଁ ନିର୍ଦ୍ଦିଷ୍ଟ କ୍ଷତିଗ୍ରସ୍ତ ଜମାକାରୀଙ୍କ ସଂଖ୍ୟା ଆକଳନ ହୋଇନାହିଁ। କେବଳ ୩ଟି କମ୍ପାନୀ ରୋଜଭ୍ୟାଲି, ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ ଗ୍ରୁପ୍ ଅଫ୍ କମ୍ପାନୀ ଓ ହାଇଟେକ୍ ଇନ୍ଫ୍ରାଷ୍ଟ୍ରକଚର୍ସ ଗ୍ରୁପ୍ ଅଫ କମ୍ପାନୀର ସମ୍ପତ୍ତି ନିଲାମ ଓ ବ୍ୟାଙ୍କ ଜମା ଜବତ ଅର୍ଥରୁ ପ୍ରକୃତ କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଫେରସ୍ତ ପ୍ରକ୍ରିୟା ଚାଲିଛି। ରୋଜଭ୍ୟାଲିର ୧,୭୯,୬୪୦ଜଣ ଜମାକାରୀଙ୍କୁ ୬୫.୨୬କୋଟି ଟଙ୍କା, ଗୋଲଡେନ୍ ଲ୍ୟାଣ୍ଡର ୧୭୭୬୨ ଜଣ ଜମାକାରୀଙ୍କୁ ୬.୦୪କୋଟି ଟଙ୍କା, ହାଇଟେକ ଇନ୍ଫ୍ରାଷ୍ଟ୍ରକଚରର ୧୦୦୧ଜଣଙ୍କୁ ୮.୩୦ କୋଟି ଟଙ୍କା ଫେରସ୍ତ କରାଯାଇଛି। ୩୫ଟି ବେଆଇନ କମ୍ପାନୀର ମୋଟ ୧୪୭୨.୪୨୮ ଏକର ସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି ହୋଇଛି। ସେଥିରୁ ୫୬.୫୪୯ ଏକର ଜମି ନିଲାମ ହୋଇଛି। ୨୫ଟି କମ୍ପାନୀର ବାଜ୍ୟାପ୍ତ ସ୍ଥାବର ସମ୍ପତ୍ତି ନିଲାମ କରି ୮.୯୩ କୋଟି ଟଙ୍କା ମିଳିଛି। ମୋଟ ୬୭ଟି ଚିଟ୍‌ଫଣ୍ଡ କମ୍ପାନୀର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି ନିମନ୍ତେ ୮୯ଟି ପ୍ରସ୍ତାବକୁ ଅନୁଧ୍ୟାନ କରାଯାଇଛି।

# ଓଡ଼ିଶାରେ ହାଇକୋର୍ଟ ବେଞ୍ଚ୍‌ର ଯଥାର୍ଥତା ନାହିଁ: ମୁଖ୍ୟମନ୍ତ୍ରୀ

## ତେଜିଲା ରାଜନୀତି


ମୋହନ ଚରଣ ମାଝୀ

ଭୁବନେଶ୍ୱର,୨।୯(ଅନିଲ ଦାସ)

ଓଡ଼ିଶାର କୌଣସି ଜାଗାରେ ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠାର ଯଥାର୍ଥତା ନାହିଁ। ବିଜେଡି ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। କଳିକେଶ ପଚାରିଥିଲେ, ବଲାଙ୍ଗୀରରେ ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା କରିବା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି। ଏଦିଗରେ କି ପଦକ୍ଷେପ ନିଆଯାଇଛି। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ସୁପ୍ରିମକୋର୍ଟଙ୍କ ପକ୍ଷରୁ ଏ ସମ୍ପର୍କିତ ଆସିଥିବା ରାୟ ଅନୁସାରେ ଓଡ଼ିଶାର କୌଣସି ସ୍ଥାନରେ ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା ହେବାର ଯଥାର୍ଥତା ନାହିଁ।

ମୁଖ୍ୟମନ୍ତ୍ରୀଙ୍କ ଏଭଳି ଉତ୍ତର ପରେ ରାଜନୀତି ତେଜିଛି। କଳିକେଶ ଭାଜପାକୁ ଆକ୍ଷେପ କରି କହିଛନ୍ତି, ଏହା ପଶ୍ଚିମ ଓଡ଼ିଶାବାସୀଙ୍କ ପ୍ରତି ବିଶ୍ୱାସଘାତକତା। ସରକାର ନିଷ୍ପତ୍ତିର ପୁନର୍ବିଚାର କରନ୍ତୁ। କଂଗ୍ରେସ ମଧ୍ୟ ସମାଲୋଚନା କରିଛି। ଭାଜପା ବିରୋଧୀ ଦଳରେ ଥିବାବେଳେ ଆନ୍ଦୋଳନକୁ ସମର୍ଥନ କରୁଥିଲା। ହେଲେ କ୍ଷମତାକୁ ଆସିବା ପରେ ବଦଳି ଗଲା। ଶାସକ ଦଳର ବିଧାୟକ ଜୟନାରାୟଣ ମିଶ୍ର ମଧ୍ୟ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ୍ ସ୍ଥାପନ ଦାବିରେ ଅଟଳ ରହିଛନ୍ତି। ଅନ୍ୟପକ୍ଷରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଏ ପ୍ରସଙ୍ଗରେ ଅଧିକ ବିଚାରବିମର୍ଶର ଆବଶ୍ୟକତା ରହିଛି। ତା'ପରେ ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ବିଧାନସଭାରେ ଦୁଃଖଦାୟକ। ଏହାଦ୍ୱାରା ଓଡ଼ିଶା ଭାଗ ଭାଗ ହେବାକୁ ଯେଉଁ ଦାବି ହେଉଛି ତାହା ଆହୁରି ତୀବ୍ର ହେବ। କୋଶଳ ରାଜ୍ୟ ପ୍ରତିଷ୍ଠା ହେବ। ମଧ୍ୟପ୍ରଦେଶରେ ହାଇକୋର୍ଟ ସ୍ଥାପନ ପାଇଁ ଦାବି ହୋଇଥିଲା। ନ ହେବାରୁ ଛତିଶଗଡ ରାଜ୍ୟ ହେଲା ଓ ହାଇକୋର୍ଟ ସ୍ଥାପନ ହେଲା। ଯଶୋବନ୍ତ ସିଂ ରିପୋର୍ଟ ଆଧାରରେ ହାଇକୋର୍ଟ ସ୍ଥାପନ ହେବ ବୋଲି କେନ୍ଦ୍ର ସରକାର ଏହାକୁ ଗ୍ରହଣ କରିଥିଲେ। ସେହି ଗାଇଡ୍ ଲାଇନ ଅନୁସାରେ କରିବା କଥା ବୋଲି ମିଶ୍ର କହିଛନ୍ତି।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା ନେଇ ବହୁଦିନରୁ ଦାବି ହୋଇ ଆସୁଛି। ଗତ ବିଜେଡି ସରକାର ଅମଳରେ ଏ ପ୍ରସଙ୍ଗକୁ ନେଇ ଟାଳଟୁଳ ନୀତି ଅବଲମ୍ବନ ହେବାରୁ ପଶ୍ଚିମ ଓଡ଼ିଶାରେ ଆଇନଜୀବୀଙ୍କ ଆନ୍ଦୋଳନ ଉଗ୍ରରୂପ ନେଇଥିଲା। ତେବେ ୨୦୨୨ ଡିସେମ୍ବର ୧୪ରେ ସୁପ୍ରିମକୋର୍ଟ ରାୟରେ କହିଥିଲେ, ଏବେ ଟେକ୍ନୋଲୋଜିର ଯୁଗ। ଅନ୍‌ଲାଇନ ଯୋଗେ କୌଣସି ଏକ ଜିଲା କୋର୍ଟରୁ ହାଇକୋର୍ଟ ପାଇଁ କେସ୍ ଫାଇଲ୍ ହୋଇପାରିବ। ଭର୍ଚୁଆଲରେ ଶୁଣାଣି ହୋଇପାରିବ। କୌଣସି ସ୍ଥିତିରେ ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା ଆବଶ୍ୟକତା ନାହିଁ।


ପ୍ରାଣୀ ଅଦଳବଦଳ ପ୍ରକ୍ରିୟାରେ କୋଲକାତା ଅଲିପୁର ଚିଡ଼ିଆଖାନାରୁ ଅଣାଯାଇଥିବା ୨ ଜିରାଫ ରବିବାର ବିଳମ୍ବିତ ରାତିରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପହଞ୍ଚିଛନ୍ତି। ପୂର୍ବରୁ ଏଠାରେ ଗୋଟିଏ ଜିରାଫ 'ଖୁସି' ରହି ନିଃସଙ୍ଗ ଜୀବନ ବିତାଉଥିଲା।

# ସ୍ୱାସ୍ଥ୍ୟ ବିଭାଗ ଖର୍ଚ୍ଚ ଦାବି ଆଲୋଚନା: କକ୍ଷତ୍ୟାଗ କଲେ ବିରୋଧୀ

ଭୁବନେଶ୍ୱର, ୨।୯(ସୁନିତ୍ ମିଶ୍ର)

ବିଧାନସଭାରେ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ସମୟରେ ବିରୋଧୀ ବିଜେଡି ଏବଂ କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରି ଚାଲିଯାଇଥିବା ବେଳେ ଶାସକ ଦଳର ସଦସ୍ୟମାନେ କେବଳ ଗୃହରେ ରହିଥିଲେ। ଶାସକ ଦଳ ସଦସ୍ୟମାନେ ଆଲୋଚନାରେ ଭାଗ ନେବା ଅବସରରେ ବିରୋଧୀ ସଦସ୍ୟମାନଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ଏହି ଅବସରରେ ଶାସକ ଦଳ ସଦସ୍ୟ ସନାତନ ବିଜୁଳି କହିଛନ୍ତି, ରାଜ୍ୟରେ ୨୦୨୪-୨୫ରେ ୧୦ଟି ସୁପର ସ୍ପେଶାଲିଟି ହସ୍ପିଟାଲ ହେବ। ରାଜ୍ୟରେ ବର୍ତ୍ତମାନ ମହିଳା ଡାକ୍ତରମାନଙ୍କ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ। କୋଲକାତାରେ ଘଟିଥିବା ବଳାତ୍କାର ଘଟଣା ଓଡ଼ିଶାରେ ଯେମିତି ନ ଘଟିବ ସେଥିଲାଗି ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଟାସ୍କଫୋର୍ସ ଗଠନ କରାଯାଇଛି। ସେହିପରି ଗତ ସରକାର ସମୟରେ ବିଭିନ୍ନ ଯୋଜନାରେ ଯେତିକି ବ୍ୟୟବରାଦ କରାଯାଇଥିଲା ଭାଜପା ସରକାର କିନ୍ତୁ ସବୁ ଅନୁଦାନ ବୃଦ୍ଧି କରିଛନ୍ତି। ଗତ ସରକାର ନିରାମୟ ଯୋଜନାରେ ୫୩୨ କୋଟି ଟଙ୍କାର ବ୍ୟୟବରାଦ କରିଥିବା ବେଳେ ଭାଜପା ଶାସିତ ମୋହନ ସରକାର ଏହି ଯୋଜନାରେ ୧୦୩୨ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। ରାଜ୍ୟରେ ଏବେ ସୁଦ୍ଧା ୫୭୬୪ଟି ଡାକ୍ତର ପଦବୀ ଖାଲି ପଡ଼ିଛି। ଖୁବ୍‌ଶୀଘ୍ର ୩୦୦୦ ଡାକ୍ତର ପଦବୀ ପୂରଣ ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ୨୪ ବର୍ଷ ଶାସନ ସମୟରେ ବିଜେଡି ଏସ୍‌ସିବି ମେଡିକାଲ କଲେଜକୁ ବିଶ୍ୱସ୍ତରୀୟ କରିବା କଥା ଜାଣିପାରିଲାନି। ତେବେ ହନୁ ମଲାବେଳେ ସତ କହିବା ଭଳି ବିଜେଡି ନିଜର ମତ ରଖୁଛି।






# ବିଧାନସଭାରେ 'ସୁଭଦ୍ରା' ତାତି

## ବିରୋଧୀଙ୍କ ହଟ୍ଟଗୋଳ, ଗୃହ ମୁଲତବୀ

ଭୁବନେଶ୍ୱର,୨।୯(ଅନିଲ ଦାସ)

ସୁଭଦ୍ରା ଯୋଜନାକୁ ନେଇ ବିଧାନସଭାରେ ଉତ୍ତେଜନା ଦେଖାଦେଇଛି। ଏହି ଯୋଜନାରେ ରାଜ୍ୟର ସମସ୍ତ ମହିଳାଙ୍କୁ ସାମିଲ କରିବା ଦାବିରେ ବିରୋଧୀ ଗୃହରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଗୃହ କାର୍ଯ୍ୟ ଠପ୍ ହୋଇଯାଇଛି। ପ୍ରଶ୍ନକାଳ, ଶୂନ୍ୟକାଳ, ମୁଲତବୀ ସବୁ କିଛି ହୋହଲ୍ଲାରେ ହଜିଯାଇଛି। ବାଚସ୍ପତି ବାଧ ହୋଇ ଗୃହକୁ ବିଭିନ୍ନ ପର୍ଯ୍ୟାୟରେ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଛନ୍ତି।

ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ସଭାକାର୍ଯ୍ୟ ଚଳାଇବାକୁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ପ୍ରବେଶ କରିଥିଲେ। ଶୋକ ପ୍ରସ୍ତାବ ଆଲୋଚନା ପରେ ୧୦ଟା ୩୯ ମିନିଟ୍‌ରେ ବାଚସ୍ପତି ପ୍ରଶ୍ନକାଳ ଆରମ୍ଭ କରିବା ମାତ୍ରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସୁଭଦ୍ରା ଯୋଜନା ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଥିଲେ। ଏହି ଯୋଜନାରେ ରାଜ୍ୟର ସମସ୍ତ ମହିଳାଙ୍କୁ କାହିଁକି ସାମିଲ କରାଯିବ ନାହିଁ ଦାବି କରି ବିଜେଡି ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହୋହଲ୍ଲା କରିଥିଲେ। ରାଜ୍ୟର ସମସ୍ତ ମହିଳାଙ୍କୁ ସାମିଲ କରିବା ଆମର ଦାବି... ଆମର ଦାବି ସ୍ଲୋଗାନ ଦେଇ ବିଧାନସଭାକୁ ବିଜେଡି ସଦସ୍ୟମାନେ କମ୍ପାଇ ଦେଇଥିଲେ। କଂଗ୍ରେସ ସଭ୍ୟମାନେ ମଧ୍ୟ ବିଜେଡି ସହ ତାଳ ମିଳାଇଥିଲେ। କିଛି ସମୟ ପାଇଁ ବିଧାନସଭାରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ଭାଜପା ସଭ୍ୟ ଆଶ୍ରିତ ପଟ୍ଟନାୟକ ପଚାରିଥିବା ୪୮୧ ନମ୍ବର ପ୍ରଶ୍ନର ଉତ୍ତର ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ ହଟ୍ଟଗୋଳ ମଧ୍ୟରେ ଉତ୍ତର ପଢ଼ିବା ଆରମ୍ଭ କରିଥିଲେ। ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ଗୃହକୁ ୧୦ଟା ୩୯ରୁ ୧୧ଟା ୩୭ ଯାଏ ମୁଲତବୀ ଘୋଷଣା କରିଥିଲେ। ଏହା ପରେ ବିଭିନ୍ନ ପର୍ଯ୍ୟାୟରେ ମଧ୍ୟାହ୍ନ ୧ଟା ଯାଏ ଆରମ୍ଭ ହୋଇଥିଲା। ତେବେ ପରିସ୍ଥିତିରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ବିରୋଧୀ ସଭ୍ୟମାନେ ପୁଣି ହଟ୍ଟଗୋଳ କରିଥିଲେ। ବାଚସ୍ପତି ବାଧ ହୋଇ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ବିଜେଡି ଏହି ପ୍ରସଙ୍ଗକୁ ପୁଣି ଦୋହରାଇ ସୁଭଦ୍ରା ଯୋଜନାରେ ସମସ୍ତ ମହିଳାଙ୍କୁ ସାମିଲ କରିବା ଦାବି ରଖିଥିଲା। ବାଚସ୍ପତି ବିରୋଧୀଙ୍କ କଥାକୁ କର୍ଣ୍ଣପାତ ନ କରିବାରୁ ଉଭୟ ବିଜେଡି ଓ କଂଗ୍ରେସ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲି ଯାଇଥିଲେ। ବିରୋଧୀଙ୍କ ଅନୁପସ୍ଥିତିରେ ଗୃହରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଖର୍ଚ୍ଚ ଦାବି ଆଲୋଚନା ହୋଇଥିଲା।

ରାଜ୍ୟ ସରକାର ମହିଳାମାନଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରିବା ପାଇଁ ଏସ୍‌ଓପି ଜାରି କରିଛନ୍ତି। ଏହି ଯୋଜନାରେ ପ୍ରତ୍ୟେକ ଯୋଗ୍ୟ ମହିଳା ହିତାଧିକାରୀଙ୍କୁ ବାର୍ଷିକ ୨ଟି କିସ୍ତିରେ ୧୦ ହଜାର ଟଙ୍କାର ଭାଉଚର ମିଳିବ। ଏ ନେଇ ରାଜ୍ୟ ସରକାର ଗାଇଡ୍‌ଲାଇନ ଜାରି କରିଛନ୍ତି।



କର୍ମମାର୍ଗର ଭଲ ଦିଗଟି ହେଲା– ତା'ଭିତରେ ଭଗବାନଙ୍କ ସହିତ ଶତ୍ରୁତା ବି ଯଦି ହୁଏ– ତେବେ ସେହି ଶତ୍ରୁତା ମଧ୍ୟ ମୁକ୍ତିର ଉପାୟ ହୋଇଉଠେ। କେବେ କେବେ ଭଗବାନ ଆମକୁ ତାଙ୍କ ପାଖକୁ ଟାଣି ନିଅନ୍ତି ଓ ଧରିରଖନ୍ତି – ସବୁଠାରୁ କ୍ଷିପ୍ର ଉପାୟଟି ଦ୍ୱାରା। ତା'ହେଲା – ସେ ଯେତେବେଳେ ଆମର ଦୁର୍ଦ୍ଦମ ଦୁର୍ଦ୍ଧର୍ଷ ଐକାନ୍ତିକ ଶତ୍ରୁ ହୋଇଉଠନ୍ତି। **–ଶ୍ରୀଅରବିନ୍ଦ**



# ପିଲାଙ୍କ ଭବିଷ୍ୟତ ବିପଦରେ

୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ୍‌ର ଏକ ସଙ୍ଗୀତ କାର୍ଯ୍ୟକ୍ରମରେ ପାଲେଷ୍ଟାଇନ ଉଗ୍ରବାଦୀ ସଂଗଠନ ହମାସ୍ ଆକ୍ରମଣ କରିଥିଲା। ଏଥିରେ ୧,୧୩୯ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ପାଖାପାଖି ୨୫୦ ଜଣଙ୍କୁ ସେମାନେ ପଣବନ୍ଦୀ କରି ରଖିବା ପରେ ପାଲେଷ୍ଟାଇନ ଉପରେ ଇସ୍ରାଏଲ୍ ଆକ୍ରମଣ କରିଥିଲା। ଇସ୍ରାଏଲ୍‌ର ପାଲଟା ଆକ୍ରମଣକୁ ୧୦ ମାସ ପୂରିଗଲାଣି ଓ ଏହା ଯୋଗୁ ମଧ୍ୟପ୍ରାଚ୍ୟରେ ଅଶାନ୍ତି ବଢ଼ିଚାଲିଛି। ବର୍ତ୍ତମାନ ପାଲେଷ୍ଟାଇନ ସପକ୍ଷରେ ଇସ୍‌ଲାମୀୟ ଦେଶଗୁଡ଼ିକର ସମର୍ଥନ ବୃଦ୍ଧି ପାଉଥିବା ବେଳେ ଇରାନ ଇସ୍ରାଏଲ୍ ବିପକ୍ଷରେ ସାମ୍ନାକୁ ଆସିଛି। ଇରାନ ସମର୍ଥିତ ଲେବାନନ୍‌ର ହିଜବୋଲା ଉଗ୍ରବାଦୀ ଗୋଷ୍ଠୀ ଇସ୍ରାଏଲ୍ ଉପରେ ଆକ୍ରମଣ ଜାରି ରଖିଛି। ଏହା ସହ ୟେମେନର ହୁଟି ଉଗ୍ରବାଦୀ ଗୋଷ୍ଠୀ ପାଲେଷ୍ଟାଇନ ସମର୍ଥନରେ ରହି ଇସ୍ରାଏଲ୍ ପ୍ରତି ସମସ୍ୟା ସୃଷ୍ଟିକରିବାରେ ଲାଗିଛି। ଏହି ଯୁଦ୍ଧରେ ଏବେ ସୁଦ୍ଧା ଉଭୟ ପକ୍ଷର ୪୨,୦୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିଲାଣି। ଏମାନଙ୍କ ମଧ୍ୟରେ ୪୦ ହଜାରରୁ ଅଧିକ ହେଉଛନ୍ତି ପାଲେଷ୍ଟିନୀୟ। ୟୁନିସେଫ (ୟୁନାଇଟେଡ୍ ନେଶନ୍ସ ଇଣ୍ଟରନ୍ୟାଶନାଲ ଚିଲ୍ଡ୍ରେନ୍ସ ଏମର୍ଜେନ୍ସି ଫଣ୍ଡ) ତଥ୍ୟ ଅନୁଯାୟୀ,ଏହି ଯୁଦ୍ଧରେ ୫ ଏପ୍ରିଲ ୨୦୨୪ ସୁଦ୍ଧା ପାଖାପାଖି ୧୪,୦୦୦ ପାଲେଷ୍ଟିନୀୟ ପିଲାଙ୍କର ମୃତ୍ୟୁ ଘଟିବା ସହ ୧୯,୦୦୦ରୁ ଅଧିକ ଅନାଥ ହୋଇଯାଇଛନ୍ତି। ଉଲ୍ଲେଖନୀୟ ଯେ, ବିଶ୍ୱରେ ପିଲାମାନଙ୍କ ବିକାଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଜାତିସଂଘର ଏକ ସଂସ୍ଥା ଭାବେ ୟୁନିସେଫ୍ ଗାଜାର ଅନାଥ ଶିଶୁଙ୍କ ଉପରେ ଚିନ୍ତା ପ୍ରକଟ କରିଛି। ଯୁଦ୍ଧବେଳେ ମାତାପିତାଙ୍କଠାରୁ ଅଲଗା ହୋଇଯାଉଥିବା ପିଲାଙ୍କୁ ପରିବାର ସହ ମିଶାଇବା ଲାଗି ଉପାୟ ଆପଣାଇ ଗାଜାର ବିଭିନ୍ନ ଅଞ୍ଚଳରେ ପିଲାଙ୍କୁ ୪ ଲକ୍ଷ ୫୦ ହଜାର ବ୍ରେସ୍‌ଲେଟ ବଣ୍ଟନ କରିବାକୁ ଘୋଷଣା କରିଛି। ଏଥିରେ ପିଲାଙ୍କ ନାମ, ଜନ୍ମ ତାରିଖ ଓ ପରିବାରର ଜଣେ ସଦସ୍ୟଙ୍କ ଫୋନ ନମ୍ବର ରହିବ। ସୂଚିତ କରାଯାଇପାରେ ଯେ, ଜାତିସଂଘ ବିଶ୍ୱରେ ଜାରି ରହିଥିବା ଯୁଦ୍ଧ ସ୍ଥିତି କିମ୍ବା ଜାତିଗତ ସଂଘର୍ଷ କ୍ଷେତ୍ରରେ କୌଣସି ପ୍ରଭାବ ପକାଇ ପାରିନାହିଁ। ଏବେ ୟୁନିସେଫ୍‌ର ବ୍ରେସ୍‌ଲେଟ ବିଚାର ହୁଏତ ପିଲାଙ୍କୁ ଚିହ୍ନଟ କରିବାରେ ସକ୍ଷମ ହୋଇପାରେ, କିନ୍ତୁ ମୂଳ ସମସ୍ୟା ଦୂର ହେବା ସମ୍ଭବପର ନୁହେଁ, କାରଣ ବିଶ୍ୱରେ ବିଭିନ୍ନ ଯୁଦ୍ଧ ଓ ଜାତି ବା ବର୍ଣ୍ଣଗତ ସଂଘର୍ଷରୁ ପିଲାଙ୍କ ସମସ୍ୟା ବଢ଼ିବାରେ ଲାଗିଛି । ମନେପକାଇ ଦିଆଯାଇପାରେ ଯେ, ପାଲେଷ୍ଟାଇନ ଉପରେ ଇସ୍ରାଏଲ୍ ଆକ୍ରମଣ କରିବାର ପ୍ରାୟ ଦେଢ଼ବର୍ଷ ପୂର୍ବରୁ ୟୁକ୍ରେନ ଉପରେ ରୁଷିଆ ଆକ୍ରମଣ କରିଥିଲା। ଏହି ଯୁଦ୍ଧରେ ଏବେ ସୁଦ୍ଧା ୟୁକ୍ରେନ୍‌ର ପାଖାପାଖି ୨୦୦୦ ପିଲାଙ୍କର ମୃତ୍ୟୁ ଘଟିଛି। ଏହାସହ ଯୁଦ୍ଧର ପ୍ରାରମ୍ଭିକ ପର୍ଯ୍ୟାୟରେ ଦେଶର ମୋଟ ପିଲାସଂଖ୍ୟାର ପାଖାପାଖି ଅଧା ୪.୩ ମିଲିୟନ ପରିବାର ସହ ଦେଶ ଭିତରେ ବିସ୍ଥାପିତ ହୋଇଥିଲେ ଓ ପୋଲାଣ୍ଡ, ରୋମାନିଆ ମୋଲଡୋଭା, ହଙ୍ଗେରି ଆଦି ଦେଶକୁ ପଳାୟନ କରିଥିଲେ। ସେମାନଙ୍କ ମଧ୍ୟରୁ ଅନେକ ଶିଶୁ ଦେଶକୁ ଫେରିଥିଲେ ମଧ୍ୟ ସେଠାରେ ଅଶାନ୍ତ ସ୍ଥିତି ଯୋଗୁ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଭୀଷଣ ଭାବେ ପ୍ରଭାବିତ ହେବାରେ ଲାଗିଛି। ବର୍ତ୍ତମାନ ପାଲେଷ୍ଟାଇନ ଓ ୟୁକ୍ରେନ୍‌ର ଯୁଦ୍ଧ ପରିବେଶ ଜଟିଳ ଥିବାରୁ ପିଲାମାନଙ୍କ ପ୍ରତି ଅଧିକ ବିପଦର ସମ୍ଭାବନା ଦେଖାଦେଇଛି। ଏହା ବ୍ୟତୀତ ନାଇଜେରିଆ, କଙ୍ଗୋ, ବୁର୍କିନା ଫାସୋ, ରିପବ୍ଲିକ ଅଫ କଙ୍ଗୋ, ହାଇତି ଓ ସୁଦାନର ଜାତିଗତ ହିଂସା ମୁଖ୍ୟତଃ ଶିଶୁମାନଙ୍କୁ ବଞ୍ଚିବା ପାଇଁ ଅସମ୍ଭାଳ ପରିସ୍ଥିତି ସୃଷ୍ଟି କରିଦେଇଛି। ଏପରି କି ନାଇଜେରିଆର ବୁକୋ ହାରାମ ଉଗ୍ରବାଦୀ ସଂଗଠନ ପିଲାମାନଙ୍କୁ ଯୁଦ୍ଧରେ ଯୋଦ୍ଧା ଭାବେ ସାମିଲ କରୁଛି।

ଉଲ୍ଲେଖନୀୟ ଯେ, ଯୁଦ୍ଧ ଓ ଜାତି ବା ବର୍ଣ୍ଣଗତ ସଂଘର୍ଷରୁ ପିଲାଙ୍କ ସମସ୍ୟା ବଢୁଛି। ଅନ୍ତର୍ଜାତୀୟ ସ୍ତରରେ ଅଶାନ୍ତିକୁ ଛାଡ଼ି ନିଜ ଦେଶକୁ ଫେରିଲେ ଅଧିକ ବ୍ୟସ୍ତ ହେଲାଭଳି ପରିସ୍ଥିତି ଦେଖାଯାଉଛି। ଏହା ମଣିପୁର ଜାତିଗତ ସଂଘର୍ଷରେ ଦେଖିବାକୁ ପାଇଛୁ। ଏଥିରେ ବିସ୍ଥାପିତ ହୋଇଥିବା ପ୍ରାୟ ୫୦,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମଧ୍ୟରେ ପାଖାପାଖି ୧୪ ଶିଶୁ ସମ୍ପୃକ୍ତ ଅଛନ୍ତି। ସେମାନେ ଶିକ୍ଷା, ସ୍ୱାସ୍ଥ୍ୟ ସଙ୍କଟର ସମ୍ମୁଖୀନ ହେବା ସହ ଭୟର ବାତାବରଣରେ ରହୁଛନ୍ତି। ବିଶ୍ୱରେ ଯୁଦ୍ଧ ଓ ସଂଘର୍ଷ ସବୁ ବନ୍ଦ ନ ହେଲେ ସେହି ଅଞ୍ଚଳର ଏପରି କି ଆଶ୍ରୟସ୍ଥଳୀରେ ରହୁଥିବା ପିଲାଙ୍କ ସମସ୍ୟା ବଢ଼ି ଚାଲିବ। ଏହା କହିଲା ବେଳକୁ ଆମେ ମଧ୍ୟ ସଚେତନ ଯେ, ଆଧୁନିକ ପୃଥିବୀରେ ଯୁଦ୍ଧ ବନ୍ଦ ହେବା ସମ୍ଭବପର ନୁହେଁ। ବିଶ୍ୱର ବିଭିନ୍ନ ଅଞ୍ଚଳରେ ପ୍ରତ୍ୟେକ ଦିନ ଯୁଦ୍ଧ ହେଉଛି, ଯେଉଁଥିରେ ଶିଶୁ ଓ ମହିଳା ସର୍ବାଧିକ କଷ୍ଟ ସହୁଛନ୍ତି। ମଣିପୁର ଆମ ଦେଶବାସୀଙ୍କୁ ସୂଚାଇଦେବା କଥା ଯେ, ଭାରତରେ ଯେକୌଣସି ଅଞ୍ଚଳରେ ଯେକୌଣସି ସମୟରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ତାହା ହେଲେ କିଏ ଶିକାର ହେବ ତାହା କହିବା କାହାରି ପାଇଁ ସମ୍ଭବପର ନୁହେଁ।

**ବିଶ୍ୱର ବିଭିନ୍ନ ଅଞ୍ଚଳରେ ପ୍ରତ୍ୟେକ ଦିନ ଯୁଦ୍ଧ ହେଉଛି, ଯେଉଁଥିରେ ଶିଶୁ ଓ ମହିଳା ସର୍ବାଧିକ କଷ୍ଟ ସହୁଛନ୍ତି। ମଣିପୁର ଆମ ଦେଶବାସୀଙ୍କୁ ସୂଚାଇଦେବା କଥା ଯେ, ଭାରତରେ ଯେକୌଣସି ଅଞ୍ଚଳରେ ଯେକୌଣସି ସମୟରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ତାହା ହେଲେ କିଏ ଶିକାର ହେବ ତାହା କହିବା କାହାରି ପାଇଁ ସମ୍ଭବପର ନୁହେଁ।**

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| 3 | 9 | | | | | | 5 | |
| | | 4 | | | | 1 | 9 | 7 |
| | | | 3 | | | | | 1 |
| | 1 | | | 2 | 6 | 8 | | |
| 7 | | | | | 8 | 4 | | |
| | | | | 7 | 4 | | | |
| 6 | | | | | | 5 | 1 | |
| 1 | | 3 | | 6 | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 8 | 1 | 3 | 5 | 2 | 9 | 6 |
| 6 | 1 | 3 | 9 | 2 | 8 | 5 | 4 | 7 |
| 5 | 9 | 2 | 6 | 4 | 7 | 3 | 8 | 1 |
| 8 | 5 | 1 | 2 | 9 | 6 | 7 | 3 | 4 |
| 4 | 6 | 7 | 5 | 8 | 3 | 9 | 1 | 2 |
| 3 | 2 | 9 | 4 | 7 | 1 | 8 | 6 | 5 |
| 1 | 8 | 6 | 7 | 5 | 9 | 4 | 2 | 3 |
| 9 | 7 | 4 | 3 | 6 | 2 | 1 | 5 | 8 |
| 2 | 3 | 5 | 8 | 1 | 4 | 6 | 7 | 9 |

ଗତକାଲିର ଉତ୍ତର

# ସୁସହାବସ୍ଥାନର ନିଦର୍ଶନ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ମଣିଷ ଓ ଧର୍ମ ଏକାସଙ୍ଗେ ସୃଷ୍ଟି ହୋଇନାହାନ୍ତି। ପ୍ରଥମେ ସୃଷ୍ଟି ହୋଇଛି ମଣିଷ। ପରେ ମଣିଷ ସୃଷ୍ଟି କରିଛି ଆନୁଷ୍ଠାନିକ ଧର୍ମ। କ୍ରମେ ରୁଚି ଓ ବିଶ୍ୱାସ ଅନୁସାରେ ଧର୍ମ ବହୁଧା ବିଭକ୍ତ ହୋଇଛି ଓ ଧର୍ମକୁ କେନ୍ଦ୍ର କରି ଗୋଷ୍ଠୀ ସୃଷ୍ଟି ହୋଇଛି। ପ୍ରତ୍ୟେକ ଧର୍ମୀୟ ଗୋଷ୍ଠୀ ନିଜକୁ ଶ୍ରେଷ୍ଠ ଓ ଅନ୍ୟକୁ ନିକୃଷ୍ଟ ପ୍ରତିପାଦନ କରିବାକୁ ଚେଷ୍ଟା କରୁଛନ୍ତି। ଫଳରେ ସେମାନଙ୍କ ମଧ୍ୟରେ ସୃଷ୍ଟି ହେଉଛି ଦ୍ୱନ୍ଦ୍ୱ ଓ କଳହ। ପୃଥିବୀରେ ଧର୍ମକୁ ନେଇ ଅନେକ ଯୁଦ୍ଧ ସଂଘଟିତ ହୋଇ ରକ୍ତପାତ ହୋଇଛି। ଆମେ ଜନ୍ମ ନେବାବେଳେ କୌଣସି ଧର୍ମ ବା ସମ୍ପ୍ରଦାୟ ବାଛିବା ପାଇଁ ସୁଯୋଗ ପାଇ ନ ଥାଉ। ଏଣୁ କୌଣସି ଧର୍ମ ବା ସମ୍ପ୍ରଦାୟ ଆମର ଅସ୍ମିତା ବୋଲି ଭାବିବା ଠିକ୍ ନୁହେଁ। ସବୁ ଧର୍ମର ଊର୍ଦ୍ଧ୍ୱରେ ରହିଛି ମାନବ ଧର୍ମ। ପାରସ୍ପରିକ ସ୍ନେହ, ଶ୍ରଦ୍ଧା ଓ ପ୍ରେମ ହେଉଛି ଏହି ମାନବ ଧର୍ମର ଭିତ୍ତି। ମଣିଷର ବିଶ୍ୱାସ ଓ ରୁଚି ଭିନ୍ନ ହୋଇପାରେ ଓ ସେହି ଅନୁସାରେ ସେ ଯେକୌଣସି ଧର୍ମ ଗ୍ରହଣ କରିପାରେ। ମାତ୍ର ମଣିଷ ଭାବରେ ସେ ପୃଥିବୀର ଯେ କୌଣସି ମଣିଷଠାରୁ ଅଭିନ୍ନ। ଏଣୁ ଗୋଟିଏ ଛାତ ତଳେ ପରିବାରର ବିଭିନ୍ନ ସଦସ୍ୟ ବିଭିନ୍ନ ଧର୍ମରେ ଆସ୍ଥା ସ୍ଥାପନ କଲେ ମଧ୍ୟ ସେମାନଙ୍କ ମଧ୍ୟରେ ସୁସହାବସ୍ଥାନ ସମ୍ଭବ ଯଦି ସେମାନେ ମାନବଧର୍ମରେ ବିଶ୍ୱାସୀ। ଏହା ସ୍ୱଚକ୍ଷୁରେ ଦେଖିଥିଲେ ବିଶିଷ୍ଟ ଲେଖିକା ସୁଧା ମୂର୍ତ୍ତି।

ସୁଧା ମୂର୍ତ୍ତିଙ୍କ ଇନ୍‌ଫୋସିସ୍ ଫାଉଣ୍ଡେଶନରେ ଜଣେ ସ୍ୱେଚ୍ଛାସେବୀ ଭାବରେ କାର୍ଯ୍ୟରତ ଥିଲେ ରହମନ। ବାଙ୍ଗାଲୋରରେ ବନରଘଟ୍ଟା ରୋଡ୍‌ରେ ତାଙ୍କ ଘର। ଥରେ ରହମନଙ୍କ ଦ୍ୱାରା ମଧ୍ୟାହ୍ନଭୋଜନ ନିମନ୍ତେ ନିମନ୍ତ୍ରିତ ହୋଇ ସୁଧା ମୂର୍ତ୍ତି ତାଙ୍କ ଘରେ ପହଞ୍ଚିଲେ। ରହମନ ଥିଲେ ଜଣେ ମୁସଲମାନ ଓ ତାଙ୍କ ସ୍ତ୍ରୀ ଥିଲେ କିଣ୍ଡରଗାର୍ଟେନର୍ ଶିକ୍ଷୟିତ୍ରୀ ସଲମା। ସୁଧା ଚକିତ ହୋଇଥିଲେ ତାଙ୍କ ମାଆ ଓ ଭଉଣୀଙ୍କ ପରିଚୟ ଜାଣି। ମାଆ କାଶୀବାଇ ଓ ଭଉଣୀ ଉଷା ଥିଲେ ହିନ୍ଦୁ। କଥା ପ୍ରସଙ୍ଗରେ ରହମନ ସୁଧା ମୂର୍ତ୍ତିଙ୍କୁ ତାଙ୍କ ପରିବାରର ଯେଉଁ କାହାଣୀଟି ଶୁଣାଇଥିଲେ ତାହା ଥିଲା ଧାର୍ମିକ ବିବିଧତା ସତ୍ତ୍ୱେ ଏକ ସାଧୁ ସୁସହାବସ୍ଥାନର ବାର୍ତ୍ତା।

ଜମିଦାର ଶ୍ରୀକାନ୍ତ ଦେଶାଇଙ୍କ ଦଶ ଏକର ଜମି ଚାଷ କରୁଥିଲେ ଦତ୍ତୁରାମ୍। ଜମିଦାରବାବୁ ବର୍ଷକୁ ଥରେ ଆସି ତାଙ୍କଠାରୁ ଚାଷ ଅର୍ଜିତ ଅର୍ଥ ସଂଗ୍ରହ କରୁଥିଲେ। ଦତ୍ତୁରାମ୍‌ଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ତାଙ୍କ ବସାକୁ ଲାଗି ଆଉ ଏକ ବସାରେ ରହିଲେ ହୁସେନ୍ ବାବୁ। ଦତ୍ତୁରାମ୍‌ଙ୍କ ସ୍ତ୍ରୀ କାଶୀବାଇ ଓ ହୁସେନ୍‌ଙ୍କ ସ୍ତ୍ରୀ ଫତିମାଙ୍କ ସ୍ୱଭାବ ଭିନ୍ନ ଥିବାରୁ ସେମାନଙ୍କ ମନ ମିଶିଲା ନାହିଁ। ଅଧିକାଂଶ ସମୟରେ ଉଭୟେ କଳହରେ ମଗ୍ନ ରହିଲେ। କାଶୀବାଇଙ୍କ କୁକୁଡ଼ା ଫତିମାଙ୍କ ଘରେ ଅଣ୍ଡା ଦେଲେ ଫତିମା ଦାବି କରୁଥିଲେ ତାଙ୍କ କୁକୁଡ଼ା ଅଣ୍ଡା ଦେଇଛି ଓ ତାକୁ ସେ ଫେରାଉ ନ ଥିଲେ। ଗୋଟିଏ କୂଅ ଉଭୟ ବ୍ୟବହାର କରୁଥିବାରୁ ଏକ ସମୟରେ ଲୁଗା ସଫା କରିବା ଓ ବାସନ ମାଜିବା ସମୟରେ ଛୋଟ ଛୋଟ କଥାକୁ ନେଇ ସେମାନେ କଳହ କରୁଥିଲେ। ଜଣକର ଛେଳି ଆଉ ଜଣକ ଗଛର ପତ୍ର କାହିଁକି ଖାଇଲା–ତାକୁ ନେଇ ମଧ୍ୟ କଳହ ହେଉଥିଲା। ମାତ୍ର ଅପରପକ୍ଷରେ ଦତ୍ତୁରାମ୍ ଓ ହୁସେନ୍ ଏହି କଳହ ଦ୍ୱାରା ପ୍ରଭାବିତ ନ ହୋଇ ସେମାନଙ୍କ ସୁସମ୍ପର୍କ ଜାରି ରଖିଥିଲେ।




କାଶୀବାଇଙ୍କ ଝିଅ ଉଷାଙ୍କୁ ଯେତେବେଳେ ଦୁଇବର୍ଷ ହେଲା ଓ ସେ ଅଗଣାରେ ଖେଳିବା ଆରମ୍ଭ କଲା, ଫତିମା ତା' ପ୍ରତି ଆକର୍ଷିତ ହେଲେ। ତା' ସଙ୍ଗେ ଖେଳିଲେ ଓ ଆନନ୍ଦ ପାଇଲେ। ସମୟକ୍ରମେ ଫତିମା ଗର୍ଭବତୀ ହେଲେ। ଠିକ୍ ସମୟରେ ତାଙ୍କର ଏକ ପୁତ୍ରସନ୍ତାନ ଜନ୍ମ ହେଲା। ମାତ୍ର ଫତିମା ତାକୁ ଜନ୍ମ ଦେଇ ପ୍ରାଣତ୍ୟାଗ କଲେ। ସେହି ଘଟଣା କାଶୀବାଇଙ୍କ ହୃଦୟକୁ ବିଗଳିତ କଲା। ସେହି ପିଲାଟିର ନାମ ଥିଲା ରହମନ୍। ହୁସେନ୍ ବାବୁଙ୍କ କେହି ନିକଟ ସମ୍ପର୍କୀୟ ନ ଥିବାରୁ ନିଜେ ହିଁ ପୁଅକୁ ଲାଳନପାଳନ କଲେ। ଦିନେ ରାତିରେ ମାତୃହରା ରହମନ୍ ଏତେ ଜୋର୍‌ରେ କାନ୍ଦିଲା ଯେ ହୁସେନ୍ ତାକୁ ତୁନି କରିପାରିଲେ ନାହିଁ। କାଶୀବାଇଙ୍କ ମାତୃହୃଦୟ ବିଗଳିତ ହେଲା। ସେହି ରାତିରେ ସେ ହୁସେନ୍‌ଙ୍କ ଘରକୁ ଯାଇ କହିଲେ, ''ଶିଶୁଟିକୁ ମୋତେ ଦିଅ। ମୁଁ ଜଣେ ମାଆ। ତାକୁ କେମିତି ତୁନି କରିହେବ ତାହା ମୋତେ ଜଣା।'' କାଶୀବାଇ ଶିଶୁକୁ ଆଣିଲେ ଓ ତାକୁ ତୁନି କଲେ। ତା' ପରଠାରୁ ସେ ଶିଶୁ ରହମନ୍‌କୁ ମାତୃସ୍ନେହ ଦେଇ ଲାଳନପାଳନ କଲେ। ରହମନ୍ ଓ ଉଷା ଭାଇ ଭଉଣୀ ଭଳି ମାଆ କାଶୀବାଇଙ୍କ ଦ୍ୱାରା ପାଳିତ ହେଲେ। ସମୟକ୍ରମେ ହୁସେନ୍ ବାବୁଙ୍କ ମୃତ୍ୟୁ ହେଲା। କାଶୀବାଇ ଥିଲେ ଜଣେ ଧର୍ମ ସଚେତନ ମହିଳା। ରହମନ୍ ମୁସଲମାନ ସନ୍ତାନ ହୋଇଥିବାରୁ ତାକୁ ନମାଜ ପଢ଼ିବା ପାଇଁ ଓ କୋରାନ୍ ପାଠ କରିବା ପାଇଁ ମସ୍‌ଜିଦ ପଠାଉଥିଲେ। ତତ୍‌ସଙ୍ଗେ ସଙ୍ଗେ ହିନ୍ଦୁ ପର୍ବପର୍ବାଣିରେ ମଧ୍ୟ ତାକୁ ସାମିଲ କରୁଥିଲେ। ସ୍ନାତକ ଶିକ୍ଷା ସମାପ୍ତ ହେଲା ପରେ ଦିନେ କାଶୀବାଇ ରହମନ୍‌କୁ କହିଲେ, ''ତୋ ମା' ବାପାଙ୍କ ଫଟୋ ନାହିଁ। ଏଣୁ ତୁ ମକ୍କା ଆଡ଼େ ମୁହଁ କରି ଆଲ୍ଲାଙ୍କୁ ପ୍ରାର୍ଥନା କଲା ପରେ ତୋ ମା' ବାପାଙ୍କୁ ପ୍ରାର୍ଥନା କରି ସେମାନଙ୍କ ଆଶୀର୍ବାଦ ଭିକ୍ଷା କର।'' ରହମନ୍ କାଶୀବାଇଙ୍କ ପାଦସ୍ପର୍ଶ କରି କହିଲା, ''ଏହି ଜୀବନରେ ତୁମେ ମୋ ମକ୍କା ଓ ତୁମେ ମୋ ମାଆ।'' ଏହା ଶୁଣି ଭାବବିହ୍ୱଳ ହୋଇଥିଲେ କାଶୀବାଇ। ପରବର୍ତ୍ତୀ ସମୟରେ ରହମନ୍ ଚାକିରି କଲା, ବିବାହ କଲା ଓ ସଂସାର କଲା। ତା'ର ଘର କାନ୍ଥରେ ଶୋଭାପାଇଲା ଲଗାଲଗି ଦୁଇଟି ଫଟୋ– ଗୋଟିଏ ମକ୍କାର ଓ ଅନ୍ୟଟି ଭଗବାନ୍ ଶ୍ରୀକୃଷ୍ଣଙ୍କର। ହିନ୍ଦୁ–ମୁସଲମାନ ମୂଲ୍ୟବୋଧର ସାଧୁ ସୁସହାବସ୍ଥାନର ବାର୍ତ୍ତା ଦେଲା ରହମନ୍‌ର ପରିବାର। ସାରା ଦୁନିଆକୁ ସୂଚାଇ ଦେଲା କୌଣସି ଆନୁଷ୍ଠାନିକ ଧର୍ମ ଆମର ଅସ୍ମିତା ନୁହେଁ, ମାନବିକତା ହେଉଛି ଆମର ଅସ୍ମିତା।

କେବଳ ପାରିବାରିକ ନୁହେଁ, ସାମାଜିକ ଜୀବନରେ ମଧ୍ୟ ଧାର୍ମିକ ବିବିଧତା ସତ୍ତ୍ୱେ ସୁସହାବସ୍ଥାନ ସମ୍ଭବ। ଭାରତର ପ୍ରାକ୍ତନ ରାଷ୍ଟ୍ରପତି ଅବଦୁଲ କଲାମଙ୍କ ବାପା ଥିଲେ ଜଣେ ନିଷ୍ଠାପର ମୁସଲମାନ। ରାମନାଥସ୍ୱାମୀ ମନ୍ଦିରର ପୂଜକ ପାକ୍ଷୀ ଲକ୍ଷ୍ମଣ ଶାସ୍ତ୍ରୀ ଥିଲେ ତାଙ୍କର ଅନ୍ତରଙ୍ଗ ବନ୍ଧୁ। ସେ ଅଞ୍ଚଳରେ ଥିବା ଚର୍ଚ୍ଚର ଫାଦର ଥିଲେ ବନ୍ଧୁ ବୋଡ଼ାଲ। ପ୍ରତ୍ୟେକ ନିଜ ନିଜର ଧର୍ମୀୟ ପରମ୍ପରା ଅନୁସାରେ ପୋଷାକ ପିନ୍ଧୁଥିଲେ। ତିନିଜଣ ଭିନ୍ନ ଭିନ୍ନ ଧାର୍ମିକ ସମ୍ପ୍ରଦାୟର ହୋଇଥିଲେ ମଧ୍ୟ ସେମାନେ ପରସ୍ପରକୁ ମିତ୍ର ଚକ୍ଷୁରେ ଦେଖୁଥିଲେ। ପ୍ରତ୍ୟେକ ଶୁକ୍ରବାର ସନ୍ଧ୍ୟାରେ ସେମାନେ ଏକତ୍ର ବସି ସହରର ବିଭିନ୍ନ ଘଟଣା ଆଲୋଚନା କରୁଥିଲେ। ତିନି ଧର୍ମର ଲୋକମାନଙ୍କ ମଧ୍ୟରେ କିପରି ଶାନ୍ତିପୂର୍ଣ୍ଣ ବାତାବରଣ ରହିବ ସେ ସମ୍ପର୍କରେ ସେମାନେ ସର୍ବଦା ଚେଷ୍ଟିତ ଥିଲେ। ସବୁ ଧର୍ମାବଲମ୍ବୀମାନଙ୍କ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଥିଲା। ରାମେଶ୍ୱରମ୍‌ର ବୈଶିଷ୍ଟ୍ୟ। ସେଠାରେ ଧାର୍ମିକ ବିବିଧତା ସୁସହାବସ୍ଥାନ ପଥରେ କେବେ ବି ଅନ୍ତରାୟ ସୃଷ୍ଟି କରି ନ ଥିଲା।

ମନେପଡ଼େ ଏକ କ୍ଷୁଦ୍ର କାହାଣୀ। ସ୍କୁଲରେ ନାମ ଲେଖାଇବା ପାଇଁ ବାପା ଅନୱାର୍ ସରିଫ୍ ଓ ମାଆ ଲକ୍ଷ୍ମୀଦେବୀ ପୁଅ ଜୀବନକୁ ନେଇ ସ୍କୁଲ ଆସିଲେ। ପ୍ରଧାନ ଶିକ୍ଷକ ମା' ବାପାଙ୍କୁ ପଚାରିଲେ, 'ଧର୍ମ କ'ଣ ଲେଖିବି?' ସେମାନେ କହିଲେ, 'କୌଣସି ଧର୍ମ ଲେଖନ୍ତୁ ନାହିଁ।' ପ୍ରଧାନ ଶିକ୍ଷକ ଚିନ୍ତିତ ହୋଇପଡ଼ିଲେ ଓ କହିଲେ, ''ପିଲାଟି ଯେତେବେଳେ ବଡ଼ ହୋଇଯିବ, ସେତେବେଳେ ସେ ଧର୍ମର ଆବଶ୍ୟକତା ଅନୁଭବ କରିବ।'' ଅନୱାର୍ ଓ ଲକ୍ଷ୍ମୀଦେବୀ କହିଲେ, ''ସେତେବେଳେ ଜୀବନ ନିଜ ରୁଚି ଓ ଇଚ୍ଛା ଅନୁସାରେ ନିଜ ପାଇଁ ଧର୍ମ ବାଛିବ।'' ଏହି କଥା କହିବାର ତାତ୍ପର୍ଯ୍ୟ ହେଉଛି ନିଜକୁ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ୍ ଭାବରେ ପରିଚୟ ଦେଇ ତାହା ନିଜର ଅସ୍ମିତା ବୋଲି କହିବା ଠିକ୍ ନୁହେଁ। ଆମର ପ୍ରଥମ ଅସ୍ମିତା ହେଉଛି ଆମେ ମଣିଷ ଓ ମାନବିକତା ଆମର ଧର୍ମ। କୌଣସି ଆନୁଷ୍ଠାନିକ ଧର୍ମରେ ବିଶ୍ୱାସ ନ କରି ମଧ୍ୟ ଜଣେ ମଣିଷ ଭାବରେ ଶୃଙ୍ଖଳିତ ଜୀବନଯାପନ କରିବା ସମ୍ଭବ।

**ପ୍ରାକ୍ତନ ଅଧ୍ୟକ୍ଷ, ଡିଏଭି ସ୍ୱୟଂଶାସିତ କଲେଜ, ଟିଟିଲାଗଡ଼**
**ମୋ: ୯୪୩୭୩୨୯୨୬୩**

# ସୁରକ୍ଷା–ନାରୀର ମୌଳିକ ଦାବି



ଡ. ମୌସୁମୀ ପରିଡ଼ା

ଅଗଷ୍ଟରେ ସ୍ୱାଧୀନତା ହାସଲ କରିଥିବାରୁ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏହି ମାସଟି ଅବିସ୍ମରଣୀୟ। ତ୍ରିରଙ୍ଗା ପତାକା ଲହରାଇବାର ଦାୟିତ୍ୱ ଓ ପତାକାର ସମ୍ମାନ ସୁରକ୍ଷା ଅବଶ୍ୟ ଦୁଇଟି ଭିନ୍ନ ପ୍ରସଙ୍ଗ। ଯେଉଁ ଦେଶରେ ମା' ତା'ର ଶିଶୁକନ୍ୟାକୁ ପ୍ରାଥମିକ ସ୍କୁଲ ଓ ମଧ୍ୟବୟସ୍କ ପୁଅଝିଅମାନେ ସେମାନଙ୍କ ସତୁରି ବର୍ଷର ବୃଦ୍ଧା ମାଆକୁ ଘରେ ଏକାକୀ ଛାଡ଼ି ନିଶ୍ଚିନ୍ତରେ ରହିପାରୁନାହାନ୍ତି ସେଠାରେ ନାରୀ ସୁରକ୍ଷା ଏକ ଦିବାସ୍ୱପ୍ନ! ୭୮ତମ ସ୍ୱାଧୀନତା ଦିବସ ପାଳନ କରିସାରିଥିବା ପ୍ରତ୍ୟେକ ଭାରତୀୟ ସାମାଜିକ କର୍ତ୍ତବ୍ୟ ଓ ସଚେତନତା ଦୃଷ୍ଟିରୁ ଯଥେଷ୍ଟ ପରିପକ୍ୱ ତ ମନରେ ସନ୍ଦେହ ଆସୁଛି!

ଅଗଷ୍ଟରେ ଘଟିଯାଇଛି ଅନେକ ଅଘଟଣ। ଅଗଷ୍ଟ ୧୪ତାରିଖରେ ମହାରାଷ୍ଟ୍ର ଠାଣେ ଜିଲା ଅନ୍ତର୍ଗତ ବଦଲାପୁରର ନାମୀଦାମୀ ସ୍କୁଲରେ ଜଣେ ସଫେଇ କର୍ମଚାରୀ ଦ୍ୱାରା ୩, ୪ ବର୍ଷର ଦୁଇଝିଅଙ୍କ ବଳାତ୍କାର, ଚଳିତ ରାଖୀପୂର୍ଣ୍ଣିମା ଦିନ ଛତିଶଗଡର ରାୟଗଡ଼ ଜିଲାରେ ଜଣେ ଆଦିବାସୀ ମହିଳା ସହିତ ହୋଇଥିବା ଗଣବଳାତ୍କାର ମାନବତାକୁ ଦୋହଲାଇଦେଇଛି! ୨୦୧୨ ଡିସେମ୍ବର ୧୬ ତାରିଖର ନିର୍ଭୟା–କାଣ୍ଡର ବୀଭତ୍ସତା ମନରୁ ଲିଭିନାହିଁ । ପଶ୍ଚିମବଙ୍ଗରେ କାର୍ଯ୍ୟରତା ପିଜି ଡାକ୍ତର ଛାତ୍ରୀଙ୍କ ସହିତ ତଦନୁରୂପ ନାରକୀୟ କାଣ୍ଡ ବିଶ୍ୱଦରବାରରେ ଦେଶକୁ ନିନ୍ଦିତ ଓ ମାନବତାକୁ ହତ୍ୟା କଲା ସଦୃଶ। ବିଡମ୍ବନା ଯେ ନିର୍ଭୟାକାଣ୍ଡର ସାତବର୍ଷ ପରେ ଅପରାଧୀମାନଙ୍କୁ ଫାଶୀ ଦଣ୍ଡାଦେଶ ମିଳିଥିଲା! ଏଭଳି ଗୁରୁତର ଅଘଟଣର ତତ୍‌କ୍ଷଣାତ (ଫାଷ୍ଟଟ୍ରାକ୍ କୋର୍ଟ) ଶୁଣାଣି ନ ହୋଇ ବର୍ଷ ବର୍ଷ ଲାଗିଯାଉଥିବାରୁ ଯୌନ ନିର୍ଯାତନା–ବୃଦ୍ଧି ଉଦ୍‌ବେଗର କାରଣ ହୋଇଛି।

ଚଳିତ ମାସ ୨୦ରେ ଉତ୍ତରପ୍ରଦେଶର କୌଶାମ୍ବୀ ଜିଲାରେ ନାବାଳିକାଙ୍କୁ ବଳାତ୍କାର କରିବା ସହିତ କନୌଜଠାରେ ମଧ୍ୟ ଏଭଳି ଘଟଣା ନାରୀ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। କେବଳ ଏତିକିରେ ଆମ ଲୋକଙ୍କ ବର୍ବରତା ସୀମିତ ନୁହେଁ, ଝାଡଖଣ୍ଡର ଦୁମ୍‌କାଠାରେ ବିଦେଶୀ ସ୍ପେନୀୟ ମହିଳା ବ୍ଲଗର୍‌ଙ୍କ ସହ ହୋଇଥିବା ଗଣବଳାତ୍କାର ସାରା ବିଶ୍ୱରେ ଆମକୁ ଲଜ୍ଜିତ କରିସାରିଛି। ଅପରାଧୀଙ୍କ ପାଇଁ କେବଳ ଫାଶୀଦଣ୍ଡ ଯଥେଷ୍ଟ ନୁହେଁ ବୋଲି ଭାବିବାର ସମୟ ଉପନୀତ। କାରଣ ଅସାମାଜିକଙ୍କ ବର୍ବରତା ସୀମା ଲଂଘୁଛି ଆଖିଦୃଶିଆ ଦଣ୍ଡବିଧାନ ନ ଥିବାରୁ। ଏଥିପାଇଁ ଆଇନକାନୁନ ଶକ୍ତ ହେବା ଜରୁରୀ। ତଦନ୍ତକୁ ବିଳମ୍ବିତ ନ କରି ସ୍ୱତନ୍ତ୍ରତା ଦୃଷ୍ଟିରୁ ଶୀଘ୍ର ଶୁଣାଣି କରାଯିବା ଉଚିତ।

ପରିସଂଖ୍ୟାନ ଅନୁସାରେ ଭାରତରେ ପ୍ରତି ୧୫ ମିନିଟ୍‌ରେ ଗୋଟେ ବଳାତ୍କାର ମାମଲା ଦାଏର ହୁଏ। ତଦନୁଯାୟୀ ଦିନକୁ ୮୬ ଓ ବର୍ଷକୁ ଅନ୍ୟୂନ ୩୩ ହଜାର ଯୌନଶୋଷଣର ମାମଲା ଯାହା ନାରୀ ସୁରକ୍ଷା ପାଇଁ ବିରାଟ ପ୍ରଶ୍ନବାଚୀ। ଶିଶୁ ଯୌନଶୋଷଣରେ ଆମ ଦେଶ ସାରା ବିଶ୍ୱର ୧୫ତମ ସ୍ଥାନରେ! ଏହାଠାରୁ ନିନ୍ଦନୀୟ ଓ ଲଜ୍ଜାକର ତଥ୍ୟ କ'ଣ ଥାଇପାରେ।



୨୦୧୮ରେ ଥମ୍ପସନ୍ ରାୟଟର୍ସ ଫାଉଣ୍ଡେଶନ୍ ଦ୍ୱାରା ମହିଳାମାନଙ୍କ ସ୍ଥିତିକୁ ନେଇ କାର୍ଯ୍ୟରତା ୫୫୦ ମହିଳା ବିଶେଷଜ୍ଞଙ୍କ ଦ୍ୱାରା ପ୍ରସ୍ତୁତ ଏକ ଗ୍ଲୋବାଲ୍ ରିପୋର୍ଟ ଅନୁଯାୟୀ, ମହିଳାମାନଙ୍କ ପାଇଁ ଭାରତ ସବୁଠାରୁ ବିପଜ୍ଜନକ ଦେଶ। ନାରୀ ସୁରକ୍ଷା କ୍ଷେତ୍ରରେ ଭାରତ ଆଫଗାନିସ୍ତାନ ଓ ସିରିଆଠାରୁ ମଧ୍ୟ ପଛୁଆ। ଏଭଳି ଅନେକ ଅଘଟଣ ଘଟୁଛି, ଯାହାକୁ ବିଭିନ୍ନ ଦୃଷ୍ଟିରୁ ଚପେଇ ଦିଆଯାଉଛି। ଯାହା ସାମ୍ନାକୁ ଆସୁଛି ସେଥିପାଇଁ ଯଥାଶୀଘ୍ର ଦୃଷ୍ଟାନ୍ତମୂଳକ ଓ ଐତିହାସିକ ପଦକ୍ଷେପ ନିଆଯାଉ ନ ଥିବାରୁ ଏସବୁର ପୁନରାବୃତ୍ତି ହେଉଛି।

ନାରୀକୁ ଉଚ୍ଛୃଙ୍ଖଳ ବୋଲି କହି ଆସୁଥିବା ଜ୍ଞାନୀଗୁଣୀମାନେ ନିର୍ଭୟା ବା ପଶ୍ଚିମବଙ୍ଗର ଡାକ୍ତରୀ ଛାତ୍ରୀଙ୍କ ଘଟଣା ଉପରେ କହିବା ଉଚିତ। ଅବଶ୍ୟ ଏ ଦୁଇଟି କାଣ୍ଡ ଦୁଇଟି ଭିନ୍ନ ଦିଗ। ନୃଶଂସତାର ପ୍ରତିବାଦ ହେବା ଜରୁରୀ। ବିଖ୍ୟାତ ଚିକିତ୍ସକ ଡାକ୍ତର ରାଧାଗୋବିନ୍ଦ କରଙ୍କ ଦ୍ୱାରା ୧୮୮୬ରେ ପ୍ରତିଷ୍ଠିତ ଆର୍.ଜି. କର ମେଡିକାଲ କଲେଜର ଇତିହାସ ଉତ୍ସାହପ୍ରଦ। ଗୋଟେ ଭଡାଘରୁ ଆରମ୍ଭ ହୋଇଥିବା ଏସିଆ ମହାଦେଶର ପ୍ରଥମ ପ୍ରାଇଭେଟ୍ କଲେଜର ନାମ ଥିଲା– କାଲକାଟା ସ୍କୁଲ୍ ଅଫ୍ ମେଡିସିନ। ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୯୧୬ରେ ଡାକ୍ତର ରାଧାଗୋବିନ୍ଦ କରଙ୍କ ନାମାନୁସାରେ ଏହାକୁ ନାମିତ କରାଗଲା। ପ୍ଲେଗ୍, ଝାଡାବାନ୍ତି ପରି ରୋଗ ସଂକ୍ରମଣ ବେଳେ ସେ ଅଯାଚିତ ଭାବେ ସେବା ଯୋଗାଇ ଦେଉଥିଲେ। ବିଭିନ୍ନ ଅନୁସନ୍ଧାନମୂଳକ କାର୍ଯ୍ୟ କରିବାକୁ ଡାକ୍ତରମାନଙ୍କୁ ପ୍ରୋତ୍ସାହିତ କରିବା ସହିତ ସ୍ୱାସ୍ଥ୍ୟସେବା ପାଇଁ ନିଜକୁ ଉତ୍ସର୍ଗ କରିଦେଇଥିଲେ। ଔଷଧ କିଣିବାକୁ ରୋଗୀ ପାଖରେ ଅର୍ଥାଭାବ ଥିଲେ ସେ ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରିବା ସହିତ ବିଭିନ୍ନ ସଂଗଠନକୁ ସାଧ୍ୟମତେ ଆର୍ଥିକ ସାହାଯ୍ୟ କରୁଥିବାର ବିରଳ ଦୃଷ୍ଟାନ୍ତ ରହିଛି।

ସେଭଳି ସ୍ଥାନରେ ଡ୍ରଗ୍ସ କାରବାର, ଯୌନଶୋଷଣ, ଶବ ବିକ୍ରି, ଦଲାଲି, ପରୀକ୍ଷାରେ ଫେଲ୍ କରିବାର ଧମକ ଦେଖେଇ ଛାତ୍ରୀମାନଙ୍କୁ ଯୌନ ନିର୍ଯାତନା ଦେବା ଭଳି ବ୍ୟଭିଚାର କିପରି ଚାଲୁଥିଲା ତାହା ଉଦ୍‌ବେଗଜନକ। ଦୁର୍ଘଟଣା ଘଟିଯିବା ପୂର୍ବରୁ ବ୍ୟବସ୍ଥା ବିରୋଧରେ ମୁହଁ ଖୋଲିଥିଲେ ଝିଅଟି ବଞ୍ଚିଯାଇଥାନ୍ତା। ଅପରାଧ ବଳୟରେ ନୀରବ ରହିବା ପଛରେ କାରଣ ଥାଇପାରେ, କିନ୍ତୁ ଅନ୍ୟାୟକୁ ଆଖିମୁଦି ସହ୍ୟ କରିବାରୁ ହିଁ ଅପରାଧ ବୃଦ୍ଧିପାଏ, ଏହା ମଞ୍ଜ କଥା। ଏସବୁ ତା' ସହ ଘଟୁଛି ମୋ ସହ ନୁହେଁ– ଏଭଳି ମାନସିକତା ପାଇଁ ସମାଜରେ ନାନାପ୍ରକାର ବ୍ୟଭିଚାର ବୃଦ୍ଧି ପାଏ।

ଡାକ୍ତରୀ ପାଠ ଓ କାମ ଯେତିକି କଷ୍ଟସାଧ୍ୟ ସେତିକି ବିପଦପୂର୍ଣ୍ଣ। ଡାକ୍ତରମାନଙ୍କ ଡ୍ୟୁଟି ପାଇଁ କୌଣସି ସମୟ ସୀମା ଧାର୍ଯ୍ୟ କରାଯାଇନାହିଁ। ଅସମୟରେ କର୍ତ୍ତବ୍ୟରତ ଡାକ୍ତରଙ୍କ ପାଇଁ ଆଖିଦୃଶିଆ ନିରାପତ୍ତା ବ୍ୟବସ୍ଥା ନ ଥିବାରୁ ମହିଳା ଡାକ୍ତରମାନେ କିପରି ରୋଗୀ ଚିକିତ୍ସା କରିପାରିବେ? ନା ସ୍ୱତନ୍ତ୍ର ଗୃହ ଅଛି ସେମାନଙ୍କ ବିଶ୍ରାମ (ରାତି ଡ୍ୟୁଟିରେ ଥିବା) ପାଇଁ ନା ଶୌଚାଳୟ। ପ୍ରଥମେ ନିଜକୁ ସୁରକ୍ଷିତ ମଣିଲେ ହିଁ ସୁଚାରୁରୂପେ କର୍ତ୍ତବ୍ୟ ସମ୍ପାଦନ କରିହେବ। ବେଟୀ ପଢାଓ ବେଟୀ ବଚାଓ ସ୍ଲୋଗାନ୍‌ରେ କିଛି ହେବନି। ସେଥିପାଇଁ ଆବଶ୍ୟକ ଆଇନ୍‌କାନୁନ ଓ ବ୍ୟବସ୍ଥାର ପରିବର୍ତ୍ତନ ଦରକାର।

**ମୋ:୯୪୩୭୩୧୭୦୨୬**

## ଏଇ ଭାରତରେ

ତେଲଙ୍ଗାନାର ଡ. ରବୀନ୍ଦ୍ର ଚୌକିଦାର ଶୁଶ୍ରୁତ ଫାଉଣ୍ଡେଶନ ମାଧ୍ୟମରେ ମାଗଣାରେ ଗରିବଙ୍କୁ ଚିକିତ୍ସାସେବା ଯୋଗାଇ ଦେଉଛନ୍ତି। କେବଳ ଏତିକି ନୁହେଁ, ସେ ୪ ମେଧାବୀ ଗରିବ ପିଲାଙ୍କୁ ମେଡିକାଲ ପଢ଼ିବା ଲାଗି ଆର୍ଥିକ ସହାୟତା କରୁଛନ୍ତି। ଏଥିପାଇଁ ରବୀନ୍ଦ୍ର ଓ ତାଙ୍କ ଫାଉଣ୍ଡେଶନର ୬ ଜଣ ଡାକ୍ତର ସେମାନଙ୍କ ମାସିକ ଆୟର ୨୦ ପ୍ରତିଶତ ଦାନ କରୁଛନ୍ତି। ତେଲଙ୍ଗାନାର ଥୁପୁଅଣ୍ଡା ଗାଁରେ ରବୀନ୍ଦ୍ରଙ୍କ ଘର। ଆଦିବାସୀ ଅଧ୍ୟୁଷିତ ଏହି ଗାଁରେ ପିଲାଦିନେ ବହୁ କଷ୍ଟରେ ସେ ପଢ଼ିଥିଲେ। ତାଙ୍କ ପିତା ଦିନ ମଜୁରିଆ ଭାବେ କାମ କରି ରବୀନ୍ଦ୍ର ଓ ଅନ୍ୟ ଭାଇମାନଙ୍କର ପଢ଼ା ଖର୍ଚ୍ଚ ତୁଲାଉଥିଲେ। ରବୀନ୍ଦ୍ର ସ୍କୁଲ ଓ କଲେଜ ଶିକ୍ଷା ପରେ ହାଇଦ୍ରାବାଦର ଓସ୍ମାନିଆ ମେଡିକାଲ କଲେଜରେ ଏମ୍‌ବିବିଏସ୍ ଶେଷକରି ୱାରଙ୍ଗଲସ୍ଥିତ କାକତୀୟ ମେଡିକାଲ କଲେଜରୁ ଏମ୍ଏସ୍ କରିଥିଲେ। ପରେ ୨୦୦୯ରେ ଚାକିରିରେ ଯୋଗଦେବା ବେଳେ ତାଙ୍କ ପିତା ଫୁସ୍‌ଫୁସ୍ କ୍ୟାନ୍‌ସରରେ ପୀଡ଼ିତ ହେବା ପରେ ଚିକିତ୍ସା ଖର୍ଚ୍ଚ ବହନ କରିବା କଷ୍ଟକର ହୋଇଥିଲା। ଚାକିରିର ପ୍ରାରମ୍ଭରେ ସେ ଏହି କଷ୍ଟ ଅନୁଭବ କରିବା ପରେ ଗରିବ ଲୋକଙ୍କୁ ବ୍ୟୟ ବହୁଳ ଚିକିତ୍ସା କ୍ଷେତ୍ରରେ ସହଯୋଗ କରିବାକୁ ସେ ଶୁଶ୍ରୁତ ଫାଉଣ୍ଡେଶନ ଗଠନ କରି ବିନା ମୂଲ୍ୟରେ ରୋଗୀ ସେବା କରିଆସୁଛନ୍ତି। ଏହି କାର୍ଯ୍ୟରେ ବହୁ ବିଶେଷଜ୍ଞ ତାଙ୍କ ସହ ଯୋଡ଼ି ହୋଇଛନ୍ତି। ରବୀନ୍ଦ୍ର ସକାଳ ୯ରୁ ୨ଟା ଯାଏ ମେଡିକାଲରେ କାମ କରିବା ପରେ ୨ଟାରୁ ତାଙ୍କ ହସ୍ପିଟାଲରେ ରାତି ୧୦ଟା ପର୍ଯ୍ୟନ୍ତ ରୋଗୀ ସେବା କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୩ ସେପ୍ଟେମ୍ବର ୧୯୭୫**

- ବାଲିମେଳା ବନ୍ଧ ଯୋଜନାରେ ୧୦ଟି ଇସ୍ପାତ ନିର୍ମିତ କବାଟ ଲଗାଇବା ପାଇଁ ତୁଙ୍ଗଭଦ୍ରା ଷ୍ଟିଲ ପ୍ରଡକ୍ଟସ୍‌କୁ ଦାୟିତ୍ୱ ଦିଆଯାଇଛି।
- ବାଂଲାଦେଶର ରାଷ୍ଟ୍ରପତି ଖଣ୍ଡକର ମୁସ୍ତାକ ଅହମ୍ମଦ ପୂର୍ବତନ ରାଷ୍ଟ୍ରପତି ଶେଖ ମୁଜିବୁର ରହମାନଙ୍କ ଦ୍ୱାରା ଦେଶରେ ପ୍ରଚଳନ କରାଯାଇଥିବା ଏକଦଳୀୟ ରାଜନୀତିକୁ ଉଠାଇ ଦେଇଛନ୍ତି।

## ଚିରନ୍ତନୀ

ସନ୍ଧ୍ୟା ଆସେ
ସବୁଜ ଘାସେ
ପକାଇ ଚାରୁ ଛାୟା
ଆଷାଢ଼ ମେଘ ଆକାଶେ ରଚେ ମାୟା।
–(ସନ୍ଧ୍ୟା ପଥେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଇଞ୍ଜିନିୟରିଂ ସ୍କୁଲରେ ପଦବୀ ପୂରଣ ହେଉ

ମହାଶୟ,
କଟକସ୍ଥିତ ଭୁବନାନନ୍ଦ ସ୍କୁଲ ଅଫ୍ ଇଞ୍ଜିନିୟରଂ ସ୍କୁଲରେ ବିଭିନ୍ନ ଟ୍ରେଡ୍‌ରେ ପଦବୀ ଖାଲିପଡ଼ିଛି। ରାଜ୍ୟ ସରକାର ତୁରନ୍ତ ଛାତ୍ରୀଛାତ୍ରମାନଙ୍କ ଶିକ୍ଷା ପ୍ରତି ଯତ୍ନବାନ୍ ହୁଅନ୍ତୁ। ବିନା ପ୍ରଶିକ୍ଷକଙ୍କ ଦ୍ୱାରା ଶିକ୍ଷା ସମ୍ପୂର୍ଣ୍ଣ ହୋଇପାରିବ ନାହିଁ। ଜଣେ ଦକ୍ଷ ପ୍ରଶିକ୍ଷକ ଥିଓରି ଏବଂ ପ୍ରାକ୍ଟିକାଲରେ ଶିକ୍ଷାଦାନ କରିପାରିବ। କିନ୍ତୁ ସେଭଳି ଯୋଗ୍ୟ ଶିକ୍ଷକ ନ ରହିଲେ ପିଲାମାନେ କୌଶଳଗତ କିମ୍ବା ବ୍ୟବହାରିକ ଜ୍ଞାନ ପାଇବାରୁ ବଞ୍ଚିତ ହେବେ। ସ୍କୁଲର ଉଚ୍ଚ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇ ପଦବୀ ପୂରଣ ପାଇଁ ପଦକ୍ଷେପ ନିଅନ୍ତୁ। ଅବହେଳା ଆଦୌ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳ ନୁହେଁ।

**–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମେଟା ଏଆଇ ବଞ୍ଚାଇଲା ଆତ୍ମହତ୍ୟା କରୁଥିବା ମହିଳାଙ୍କ ଜୀବନ

**ଲକ୍ଷ୍ନୌ, ୨।୯**




ଉତ୍ତରପ୍ରଦେଶ ରାଜଧାନୀ ଲକ୍ଷ୍ନୌରେ ଆତ୍ମହତ୍ୟା କରିବାକୁ ଯାଉଥିବା ଜଣେ ମହିଳା(୨୧)ଙ୍କୁ ଆମେରିକୀୟ ସୋସିଆଲ ମିଡିଆ କମ୍ପାନୀ ମେଟା ଏଆଇ ବଞ୍ଚାଇପାରିଛି। ରବିବାର ଦ୍ୱିପହର ସମୟରେ ସ୍ଥାନୀୟ ନିଗୋହା ଥାନା ସୁଲତାନପୁର ଗ୍ରାମରେ ଉକ୍ତ ମହିଳା ଏକ ଚେୟାର ଉପରେ ଠିଆ ହେବା ସହ ବେକରେ ରଶି ଲଗାଇ ଏକ ଭିଡିଓ ରେକର୍ଡ କରି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଥିଲେ। ଉକ୍ତ ଭିଡିଓରେ ସେ ଆତ୍ମହତ୍ୟା କରିବାକୁ ଯାଉଥିବା କହିବା ସହ ଆତ୍ମହତ୍ୟାର କାରଣ ସମ୍ପର୍କରେ ଜଣାଇଥିଲେ। ପୋଷ୍ଟ ହେବା ମାତ୍ରେ ଉକ୍ତ ଭିଡିଓଟି ସଙ୍ଗେସଙ୍ଗେ ଭାଇରାଲ ହୋଇଥିଲା। ମେଟା ଏଆଇ ଉକ୍ତ ଭିଡିଓକୁ ଡିସ୍‌ଟ୍ରେସ୍ କାଟେଗୋରିରେ ସ୍ଥାନିତ କରି ୟୁପି ପୋଲିସ ମହାନିର୍ଦ୍ଦେଶକ(ଡିଜି)ଙ୍କ କାର୍ଯ୍ୟାଳୟର ସୋସିଆଲ ମିଡିଆ ସେଣ୍ଟରକୁ ଏକ ଆଲର୍ଟ ଜାରି କରିଥିଲା। ଆଲର୍ଟ ସମ୍ପର୍କରେ ସଙ୍ଗେ ସଙ୍ଗେ ୟୁପି ଡିଜି କାର୍ଯ୍ୟାଳୟ ନିଗୋହା ଥାନାକୁ ସୂଚନା ଦେଇଥିଲା। ମେଟାର ସୂଚନା ଆଧାରରେ ପୋଲିସ ମହିଳାଙ୍କ ଲୋକେଶନ ଟ୍ରେସ୍ କରିବାରେ ସଫଳ ହୋଇଥିଲା ଏବଂ ତାଙ୍କୁ ଆତ୍ମହତ୍ୟା କରିବାରୁ ବାରଣ କରିଥିଲା। ସୋମବାର ଘଟଣା ସମ୍ପର୍କରେ ଲକ୍ଷ୍ନୌ ଏସିପି (ମୋହନଲାଲଗଞ୍ଜ) ରଜନୀଶ ବର୍ମା ସୂଚନା ଦେଇ କହିଛନ୍ତି, ମହିଳା ଜଣକ ଆତ୍ମହତ୍ୟା କରିବାକୁ ପ୍ରୟାସ କରୁଥିବା ନେଇ ତାଙ୍କ ପରିବାରର କେହି ଜାଣି ନ ଥିଲେ। ସେ ୪ ମାସ ତଳେ ଜଣେ ଯୁବକଙ୍କୁ ଭଲପାଇ ଆର୍ଯ୍ୟ ସମାଜର ଏକ ମନ୍ଦିରରେ ବିବାହ କରିଥିଲେ। ଦୁହେଁ ସ୍ୱାମୀ ସ୍ତ୍ରୀ ରୂପେ ଏକାଠି ରହୁଥିଲେ। ତେବେ ସେମାନଙ୍କ ବିବାହ ଆଇନତଃ ବୈଧ ନ ଥିଲା। କିଛିଦିନ ତଳେ ମହିଳାଙ୍କ ସ୍ୱାମୀ ଆଉ ଜଣେ ଯୁବତୀଙ୍କ ପ୍ରେମରେ ପଡ଼ିଥିଲେ, ତେଣୁ ସେ ନିଜ ସ୍ତ୍ରୀଙ୍କୁ ଛାଡ଼ି ଚାଲିଯାଇଥିଲେ। ଏହାପରେ ମହିଳା ଜଣକ ମାନସିକ ଭାବେ ଚାପଗ୍ରସ୍ତ ହୋଇ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ବର୍ମା କହିଛନ୍ତି।

ମହିଳାଙ୍କୁ ଉଦ୍ଧାର କରିବା ପରେ ପୋଲିସ ପ୍ରାୟ ଘଣ୍ଟାଏ ଧରି ତାଙ୍କର କାଉନ୍‌ସେଲିଂ କରିଛି। ମହିଳାଙ୍କ ଅଭିଯୋଗ ଆଧାରରେ ୟୁପି ପୋଲିସ ସୋମବାର ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି। ମେଟା ଏଆଇର କ୍ୱିକ୍ ଆଲର୍ଟ ଫିଚର୍ ଯୋଗୁ ଉକ୍ତ ମହିଳାଙ୍କ ଜୀବନ ବଞ୍ଚାଯାଇ ପାରିଥିବା ନେଇ ୟୁପି ଡିଜିଙ୍କ କାର୍ଯ୍ୟାଳୟ ପକ୍ଷରୁ ବିବୃତି ଜାରି ହୋଇଛି। ମେଟା ଏଆଇ ସହଯୋଗରେ ଗତ ଦେଢ଼ବର୍ଷ ମଧ୍ୟରେ ୪୬୦ରୁ ଅଧିକ ଜୀବନ ରକ୍ଷା କରିବାରେ ୟୁପି ପୋଲିସ ସଫଳ ହୋଇଥିବା ଏହି ବିବୃତିରେ କୁହାଯାଇଛି।

# ମିଶନ୍ ସୂର୍ଯ୍ୟାୟଣ ଅଧୀନରେ ସୌରଶକ୍ତୀକରଣ ଯାତ୍ରା ଶୁଭାରମ୍ଭ



ସୌରଶକ୍ତୀକରଣ ଯାତ୍ରାର ଶୁଭାରମ୍ଭ କରାଯାଉଛି।

**ବାଲେଶ୍ୱର, ୨।୯(ବାଞ୍ଛାନିଧି ଦେ)**

ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ମିଶନ୍ ସୂର୍ଯ୍ୟାୟଣ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ସୌରଶକ୍ତି ଜରିଆରେ କର୍ପୋରେଟ୍ କାର୍ଯ୍ୟାଳୟ ଓ ସର୍କଲ୍ କାର୍ଯ୍ୟାଳୟଗୁଡ଼ିକର ଅତିରିକ୍ତ ବିଦ୍ୟୁତ୍ ଆବଶ୍ୟକତା ପୂରଣ କରିବା ଲାଗି ସୌରଶକ୍ତୀକରଣ ଲାଗି ଲକ୍ଷ୍ୟ ରଖାଯାଇଛି। ଏକ କୋଟି ଟଙ୍କାର ପ୍ରକଳ୍ପ ମୂଲ୍ୟ ସହିତ ଏଥିରେ ଟିପିଏନ୍‌ଓଡିଏଲ୍ କର୍ପୋରେଟ୍ କାର୍ଯ୍ୟାଳୟରେ ୬୫ କିଲୋୱାଟ୍ ଓ ବାଲେଶ୍ୱରର ସର୍କଲ୍ କାର୍ଯ୍ୟାଳୟରେ ୩୦ କିଲୋୱାଟ୍ ରୁଫଟପ୍ ସୋଲାର କ୍ଷମତାକୁ ସଫଳତାର ସହ ସ୍ଥାପନ କରାଯାଇଛି।

ଟିପିଏନ୍‌ଓଡିଏଲ୍‌ର ସିଇଓ ଦ୍ୱିଜଦାସ ବସକ ଏହି ସୌରଶକ୍ତି ପ୍ଲାଣ୍ଟ ପୂର୍ଣ୍ଣ କ୍ଷମତାରେ ପରିଚାଳିତ ହେଲେ ବାର୍ଷିକ ୨ଲକ୍ଷ ୭୦ହଜାର କିଲୋୱାଟ ଆୱାର (କେଡବ୍ଲ୍ୟୁଏଚ୍) ବିଦ୍ୟୁତ ଶକ୍ତି ସୃଷ୍ଟି ହେବ। ଅକ୍ଷୟ ଶକ୍ତିକୁ ଗ୍ରହଣ କରିବା ଦ୍ୱାରା କୋଇଲା ଓ ପାରମ୍ପରିକ ଗ୍ୟାସ ଭଳି ପାରମ୍ପରିକ ଶକ୍ତି ଉତ୍ସ ତୁଳନାରେ ବାର୍ଷିକ ସିଓ ୨ ନିର୍ଗମନରେ ଉଲ୍ଲେଖନୀୟ ହ୍ରାସ ହେବ। ପୂର୍ବରୁ ବିଜିଜେୱାଇ ଅଧୀନରେ ମୟୂରଭଞ୍ଜ ଜିଲାର ଶିମିଳିପାଳ ଏବଂ କେନ୍ଦୁଝର ଜିଲାର କୋହ୍ଲରୋଇଡା ଜଙ୍ଗଲରେ ୬, ୦୩୬ ଆଦିବାସୀ ପରିବାରଙ୍କୁ ବିଦ୍ୟୁତ୍ ସଂଯୋଗ ପ୍ରଦାନ କରିବା ପାଇଁ ସୌର ମାଇକ୍ରୋଗ୍ରୀଡ୍ ଏବଂ ଏକକ ସୌର ପ୍ରଣାଳୀ ସ୍ଥାପନ କରାଯାଇଥିଲା। ରାଷ୍ଟ୍ରପତିଙ୍କ ଗ୍ରାମରେ ଗତବର୍ଷ ଏକ ୬ କିଲୋୱାଟ୍ ଆରଟିଏସ୍ ପ୍ଲାଣ୍ଟ କାର୍ଯ୍ୟକ୍ଷମ କରାଯିବା ସହ ବିଦ୍ୟାଳୟକୁ ଉତ୍ସର୍ଗ କରାଯାଇଥିଲା। ମିଶନ ସୂର୍ଯ୍ୟାୟଣ ଅଧୀନରେ ଟିପିଏନଓଡିଏଲ ପରିବେଶ ପରିଚାଳନା, ଶକ୍ତି ଦକ୍ଷତା ଏବଂ ସ୍ଥାୟୀ ବିକାଶ ଦିଗରେ ନିଆଯାଇଥିବା ପ୍ରତ୍ୟେକ ପଦକ୍ଷେପ ଏକ ନୂତନ ମାନଦଣ୍ଡ ସ୍ଥାପନ କରିବ ବୋଲି କହିଥିଲେ। ମୁଖ୍ୟ ପରିଚାଳନା ଅଧିକାରୀ ନିଲେଶ ପୋଟ୍‌ଫୋଡେ, ମୁଖ୍ୟ ପ୍ରକଳ୍ପ ଅଧିକାରୀ ପ୍ରଦୀପ କୁମାର ମହାନ୍ତି, ମୁଖ୍ୟ ଠିକା ଓ ସାମଗ୍ରୀ ପରିଚାଳନା ଓ ଭିଜିଲାନ୍ସ ଅଧିକାରୀ ହରିଶ ଶର୍ମା, ସୋଲାରାଇଜେଶନର ମହାପ୍ରବନ୍ଧକ ରାଜୀବ କୁମାର ନାୟକ ଏବଂ ବାଲେଶ୍ୱର ଅଧୀକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ ଉପସ୍ଥିତ ଥିଲେ।

# ବାର୍ଡ ଫ୍ଲୁ : ଓଡ଼ିଶା ଆସିବେ କେନ୍ଦ୍ରୀୟ ଦଳ

## ସଂକ୍ରମଣ ରୋକିବାକୁ ୫୧ ଆର୍‌ଆର୍‌ଟି ଟିମ୍ ନିୟୋଜିତ

**ଭୁବନେଶ୍ୱର, ୨।୯(ବନ୍ଦନା ସେଠୀ)**



ଭିଡିଓ କନ୍‌ଫରେନ୍ସରେ ହୋଇଥିବା ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ଅନ୍ୟ ଅଧିକାରୀ।

ରାଜ୍ୟର ପୁରୀ ଜିଲାର ପିପିଲି, ସତ୍ୟବାଦୀ, ନିମାପଡା ଓ ଡେଲାଙ୍ଗ ବ୍ଲକର ୪ଟି ଗ୍ରାମରେ ବାର୍ଡ ଫ୍ଲୁ ରୋଗ ଚିହ୍ନଟ କରାଯାଇଛି। ଭାରତ ସରକାରଙ୍କ ନିର୍ଦ୍ଦେଶିତ କାର୍ଯ୍ୟ ଯୋଜନା ଅନୁଯାୟୀ ଏହି ରୋଗର ନିୟନ୍ତ୍ରଣ ଓ ନିରାକରଣ କାର୍ଯ୍ୟକ୍ରମ ଚାଲୁରହିଛି। ପିପିଲି ଓ ସତ୍ୟବାଦୀ ବ୍ଲକରେ ସଂକ୍ରମିତ କୁକୁଡ଼ାଗୁଡିକୁ ମରାଯାଇଥିବାବେଳେ ଡେଲାଙ୍ଗ ଓ ନିମାପଡା ବ୍ଲକରେ ଏହି ପ୍ରକ୍ରିୟା ଜାରି ରହିଛି। କୁକୁଡ଼ା ମାରିବା ଓ ଫାର୍ମ ବିଶୋଧନ କାର୍ଯ୍ୟରେ ୫୧ଟି ରାପିଡ୍ ରେସପନ୍ସ ଟିମ୍ (ଆରଆରଟି) ନିୟୋଜିତ ଅଛନ୍ତି। ସୋମବାର ସୁଦ୍ଧା ୩୫ହଜାର ୩୨୯ଟି କୁକୁଡ଼ା ମରାଯିବା ସହ ଅଣ୍ଡା ଓ କୁକୁଡ଼ା ଦାନା ନଷ୍ଟ କରାଯାଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ବାବଦକୁ ୧୦ଲକ୍ଷ ୯୪ହଜାର ୫୭୨ ଟଙ୍କା ପ୍ରଦାନ କରାଯାଇଛି। ସୋମବାର ରାଜ୍ୟରେ ବାର୍ଡ ଫ୍ଲୁର ସ୍ଥିତି ଓ ପଦକ୍ଷେପ ସଂକ୍ରାନ୍ତରେ ଭିଡ଼ିଓ କନ୍‌ଫରେନ୍ସି ମାଧ୍ୟମରେ ଆୟୋଜିତ ସମୀକ୍ଷା ବୈଠକରେ ଏହି ସୂଚନା ଦିଆଯାଇଛି। ନମୁନା ସଂଗ୍ରହ ତଥା ରୋଗର ଅନୁସନ୍ଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହିତ ଜନସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଜନସାଧାରଣ ଯେପରି ଭୟଭୀତ ନ ହେବେ ସେଥିପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଭୁବନେଶ୍ୱର ମହାନଗର ନିଗମକୁ ସଚେତନ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି। ଅପରପକ୍ଷେ ଭାରତ ସରକାରଙ୍କର ପଶୁପାଳନ ଏବଂ ଦୁଗ୍ଧ ବିଭାଗ ସଚିବ ଅଲକା ଉପାଧ୍ୟାୟ ଏହି ରୋଗର ନିୟନ୍ତ୍ରଣ ତଥା ନିରାକରଣ ଲାଗି ରାଜ୍ୟକୁ ସମସ୍ତ ପ୍ରକାରର ସହାୟତା ପାଇଁ ନିଶ୍ଚିତ କରିଛନ୍ତି। ପରବର୍ତ୍ତୀ ତଦାରଖ ପାଇଁ ଏକ କେନ୍ଦ୍ରୀୟ ଦଳ ସେପ୍ଟେମ୍ବର ୪ ଓ ୫ରେ ରାଜ୍ୟକୁ ପରିଦର୍ଶନରେ ଆସିବେ ବୋଲି ସୂଚନା ଦିଆଯାଇଛି। ସେହିପରି ସମସ୍ତ ବ୍ୟବସାୟଭିତ୍ତିକ କୁକୁଡ଼ା ଫାର୍ମଗୁଡିକର ପଞ୍ଜୀକରଣ ଏବଂ ଅବସ୍ଥିତିର ଠିକ ତଥ୍ୟ ସଂଗ୍ରହ କରାଯିବା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସହ ଉତ୍ତମ ସମନ୍ୱୟ ରକ୍ଷା କରିବା ପାଇଁ ସଚିବ ପରାମର୍ଶ ଦେଇଛନ୍ତି। ଏଥିସହ ଓଡ଼ିଶା ସରକାରଙ୍କ ଦ୍ୱାରା କ୍ଷତିଗ୍ରସ୍ତ କୁକୁଡ଼ା ଚାଷୀମାନଙ୍କୁ ଦିଆଯାଉଥିବା ତତ୍କାଳ କ୍ଷତିପୂରଣ ପ୍ରକ୍ରିୟାକୁ ଭାରତ ସରକାରଙ୍କ ଦ୍ୱାରା ପ୍ରଶଂସା କରାଯାଇଥିଲା। ବୈଠକରେ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସହ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ, ଭୁବନେଶ୍ୱର ମହାନଗର ନିଗମର ଉଚ୍ଚପଦସ୍ଥ ଅଧିକାରୀ ଏବଂ ପୁରୀ, କେନ୍ଦ୍ରାପଡା ଓ ଖୋର୍ଦ୍ଧା ଜିଲାର ଜିଲାପାଳ ଯୋଗଦେଇଥିଲେ।

- **୩୫ହଜାର ୩୨୯ କୁକୁଡ଼ା ମରାଯାଇଛି**
- **ଚାଷୀଙ୍କୁ ୧୦ଲକ୍ଷ ୯୪ହଜାର ୫୭୨ ଟଙ୍କା କ୍ଷତିପୂରଣ ମିଳିଛି**

# ୪ ଯାଏ ଶୁଖିଲା ପାଗ

**ଭୁବନେଶ୍ୱର,୨।୯**
**(ଅନୁରାଧା ମହାରଣା)**

ମନସୁନ୍ ଟ୍ରଫ୍ ଲାଇନ ବଙ୍ଗୋପସାଗରର ଦକ୍ଷିଣ-ପୂର୍ବ ଦିଗରେ ବ୍ୟାପିଛି। ସେହିପରି ଆସନ୍ତା ୫ ତାରିଖ ସୁଦ୍ଧା ପଶ୍ଚିମ-କେନ୍ଦ୍ରୀୟ ଏବଂ ବଙ୍ଗୋପସାଗରର ଉତ୍ତର-ପଶ୍ଚିମ ଦିଗରେ ଆଉଏକ ଲଘୁଚାପ ସୃଷ୍ଟି ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ତେବେ ସେପର୍ଯ୍ୟନ୍ତ ରାଜ୍ୟରେ ପାଗ ପ୍ରାୟ ଶୁଖିଲା ରହିବ। ସୋମବାର କାଁଭାଁ କେତେକ ଅଞ୍ଚଳରେ ବର୍ଷା ହୋଇଥିବାବେଳେ ଦିନବେଳା ଅଧିକାଂଶ ସ୍ଥାନରେ ଗୁଳୁଗୁଳି ଅନୁଭୂତ ହୋଇଥିଲା। ପାରଳାଖେମୁଣ୍ଡିରେ ତାପମାତ୍ରା ସର୍ବାଧିକ ୩୬.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା। ୪ ତାରିଖ ପର୍ଯ୍ୟନ୍ତ ବଡ଼ ବର୍ଷାର ଆଶଙ୍କା ନ ଥିବାବେଳେ ୫ ତାରିଖରେ ଦକ୍ଷିଣ ଓଡ଼ିଶା ସମେତ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହୋଇପାରେ।

# ବିଧାନସଭାରେ ଶୋକ

**ଭୁବନେଶ୍ୱର,୨।୯(ଅନିଲ ଦାସ)**

ସମ୍ବଲପୁରର ପୂର୍ବତନ ସଦସ୍ୟ ସ୍ୱର୍ଗତ ଅଶ୍ୱିନୀ ଗୁରୁଙ୍କ ବିୟୋଗରେ ସୋମବାର ବିଧାନସଭାରେ ଶୋକ ପ୍ରସ୍ତାବ ଗୃହୀତ ହୋଇଛି। ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ସୁରମା ପାଢ଼ୀ ସ୍ୱର୍ଗତ ସଦସ୍ୟଙ୍କ ବିୟୋଗରେ ବିଧାନସଭାରେ ଶୋକ ପ୍ରସ୍ତାବ ଆଗତ କରିବାକୁ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ ଶୋକ ପ୍ରସ୍ତାବ ଆଗତ କରିବା ସହ ପରଲୋକଗତ ସଦସ୍ୟଙ୍କ ରାଜନୈତିକ ଜୀବନୀ ଉପରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ସ୍ୱର୍ଗତ ସଦସ୍ୟଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଥିଲେ। ବାଚସ୍ପତିଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସମର୍ଥନ କରିବା ସହ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ନିଜ ଦଳର ସମବେଦନା ଜଣାଇଥିଲେ। ଶେଷରେ ମୃତ ସଦସ୍ୟଙ୍କ ବିୟୋଗରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ମଠଆଡ଼ିଆରୁ ଦେଶୀୟ ପକ୍ଷୀଙ୍କ ମଳ ସଂଗ୍ରହ

## ଭିତରକନିକାରେ ବାର୍ଡ ଫ୍ଲୁ ଆଶଙ୍କା

**ରାଜନଗର,**
**୨।୯(ଭାସ୍କର ରାଉତରାୟ)**

ଦେଶୀୟ ପକ୍ଷୀଙ୍କ ଆବାସସ୍ଥଳୀ ଭିତରକନିକା ଅଞ୍ଚଳରେ ବାର୍ଡ ଫ୍ଲୁ ହୋଇଛି କି ନା ସେ ନେଇ କୌଣସି ପରୀକ୍ଷା କରାଯାଇନାହିଁ। ରାଜନଗର ପ୍ରାଣୀ ଚିକିତ୍ସା ବିଭାଗର ଡା. ପ୍ରକାଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଭେଟେରିନାରି ସର୍ଜନ ସନ୍ତୋଷ ଜେନା, ଲାଇଭଷ୍ଟକ ଇନ୍ସପେକ୍ଟର ପିନାକ ଚରଣ ରାଉତ ସହ ଟିମ୍ ସୋମବାର ଭିତରକନିକାରେ ପହଞ୍ଚିଥିଲେ। ଭିତରକନିକାର ମଠଆଡ଼ିଆରେ ଦେଶୀୟ ପକ୍ଷୀ ଭିଡ଼ ଜମାଇଥିବାରୁ ସେଠାରୁ ପାଣି, ପତ୍ର, ପର ଓ ମଳ ସାମ୍ପୁଲ ସଂଗ୍ରହ ହୋଇଛି। ଏଥିସହ ଭିତରକନିକା ଜାତୀୟ ଉଦ୍ୟାନ ଚତୁଃପାର୍ଶ୍ୱରେ ଥିବା ବାଙ୍କୁଆଳ, ତ୍ରିଲୋଚନପୁର, ଗୁମୁରା, ଶାରଦାପ୍ରସାଦ, ବନିପାଳ, ଅଜଗରପାଟିଆ ଆଦି ୨୦ଟି ଗାଁରୁ କୁକୁଡ଼ା, ବତକର ମଳ ସାମ୍ପୁଲ ସଂଗ୍ରହ ହୋଇଛି। ଏହାକୁ ପରୀକ୍ଷା ପାଇଁ ଫୁଲନଖରାସ୍ଥିତ ପ୍ରାଣୀ ଗବେଷଣା କେନ୍ଦ୍ରକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ଦେଶୀୟ ପକ୍ଷୀ ଓ କୁକୁଡ଼ା, ବତକଙ୍କୁ ବାର୍ଡ ଫ୍ଲୁ ସଂକ୍ରମଣ କରିଛି କି ନା ଜଣାପଡ଼ିବ ବୋଲି ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଅକ୍ଷୟ କୁମାର ଦଳାଇ ସୂଚନା ଦେଇଛନ୍ତି।

ଜିଲା ବାହାରୁ କୁକୁଡ଼ା ଆସୁଥିବାରୁ ଓ ଭିତରକନିକାରେ ଦେଶୀୟ ପକ୍ଷୀ ଭିଡ଼ ଜମାଇଥିବାରୁ ଯେକୌଣସି ମୁହୂର୍ତ୍ତରେ ରାଜନଗରରେ ବାର୍ଡ ଫ୍ଲୁ ବ୍ୟାପିବାର ଆଶଙ୍କା ରହିଛି।

# ୮ରେ ସିଏମ୍ କିଷାନର ପ୍ରଥମ କିସ୍ତି

## ଆସନ୍ତା ୩୦ ପର୍ଯ୍ୟନ୍ତ ଚାଲିବ ଡିଜିଟାଲ ଫସଲର ସର୍ବେକ୍ଷଣ

**ଭୁବନେଶ୍ୱର, ୨।୯(ସୁନିତ୍ ମିଶ୍ର)**

ଡିଜିଟାଲ ଫସଲ ସର୍ବେକ୍ଷଣର ସମୀକ୍ଷା ବୈଠକ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଛି। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧରୀ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ବୃନ୍ଦ ଯୋଗ ଦେଇଛନ୍ତି। ରାଜ୍ୟର ସମସ୍ତ ଜିଲାରୁ ଜିଲାପାଳମାନେ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଗ ଦେଇଛନ୍ତି। ଇ-ଚାଷ ଆପ୍ ଜରିଆରେ ଡିଜିଟାଲ ଫସଲର ସର୍ବେକ୍ଷଣ କରାଯାଉଛି, ଯେଉଁଥିରେ କୃଷକଙ୍କ ଫସଲ ଓ ଚାଷଜମିର ତଥ୍ୟ ସରକାରଙ୍କ ପାଖରେ ପହଞ୍ଚି ପାରୁଛି। ଏହି ସର୍ବେକ୍ଷଣ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ସର୍ବେକ୍ଷଣ ଆଧାରରେ ଚାଷୀମାନେ ସିଏମ୍ କିଷାନ ତଥା ଅନେକ ଅନ୍ୟ ଯୋଜନା ଅନ୍ତର୍ଗତ ଆର୍ଥିକ ସୁବିଧା ପାଇପାରିବେ। ଏହାର ପ୍ରଥମ କିସ୍ତି ଆସନ୍ତା ସେପ୍ଟେମ୍ବର ୮ ତାରିଖ ନୂଆଁଖାଇ ଦିନ ଡିବିଟି ମାଧ୍ୟମରେ ପ୍ରଦାନ କରାଯିବ। ବାଦ ପଡିଥିବା ସମସ୍ତ ଯୋଗ୍ୟ ଚାଷୀ ଏହାଦ୍ୱାରା ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ସିଂହଦେଓ କହିଛନ୍ତି। କୃଷକଙ୍କ ତଥ୍ୟ ଏକ ରେଜିଷ୍ଟରରେ ଆଇଡି ସହ ରହିବ। ଏଥିପାଇଁ ପ୍ରତି ଜିଲାରେ ନୋଡାଲ ଅଧିକାରୀମାନେ ରହିବେ ଓ ସେମାନେ ପ୍ରତ୍ୟକ୍ଷ ଭାବେ କ୍ଷେତ୍ର ପରିଦର୍ଶନରେ ଯାଇ ସର୍ବେକ୍ଷଣର ଅନୁଧ୍ୟାନ କରିବେ। ବାଦ୍ ପଡିଯାଇଥିବା ଯୋଗ୍ୟ ହିତାଧିକାରୀଙ୍କ ତଥ୍ୟ ସଂଗ୍ରହ କରି ବିଭାଗକୁ ଜଣାଇବେ। ଏନେଇ ଏକ ମାର୍ଗଦର୍ଶିକା ତିଆରି ହେବ ଓ ସିଏମ୍ କିଷାନ ପୋର୍ଟାଲ ବର୍ଷତମାମ ଖୋଲା ରହିବ ବୋଲି ପ୍ରମୁଖ ଶାସନ ସଚିବ ପାଢ଼ୀ କହିଛନ୍ତି। ଚାଷୀମାନେ ନୂଆ ପୋର୍ଟାଲ ଜରିଆରେ ଆବେଦନ କିମ୍ବା ତଥ୍ୟ ଅପଡେଟ କରିବା ପାଇଁ କୌଣସି ପ୍ରକାର ଦେୟ ପ୍ରଦାନ କରିବେ ନାହିଁ। ଏହାର ସମସ୍ତ ଖର୍ଚ୍ଚ ସରକାର ବହନ କରିବେ। ଶେଷରେ ଜିଲାପାଳମାନେ ନିଜ ନିଜର ସମସ୍ୟା ବିଷୟରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

# ଖେଳୁଥିବାବେଳେ ଟଳିପଡ଼ିଲେ ୫ମ ଶ୍ରେଣୀ ଛାତ୍ରୀ

## କାଳହେଲା ଅତ୍ୟଧିକ ମୋବାଇଲ ଦେଖା

**ଡେରାବିଶ,୨।୯**
**(ବେବର୍ତ୍ତା ଅଜୟ ଦାସ)**

ମୋବାଇଲର ଅତ୍ୟଧିକ ବ୍ୟବହାର ଓ ଏଥିରେ ଗେମ୍ ଖେଳିବା ସମସ୍ତଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦ ଥିବା ନେଇ ଡାକ୍ତର ଓ ବୈଜ୍ଞାନିକମାନେ କହୁଛନ୍ତି। ହେଲେ ଏହାକୁ ନମାନି ବହୁ ଛୋଟ ପିଲା ଓ ଯୁବକମାନେ ସେମାନଙ୍କ ଜୀବନକୁ ବିପନ୍ନରେ ପକାଉଥିବା ପରି ଖବର ଏକ ନିତିଦିନିଆ ଘଟଣା ହୋଇଗଲାଣି। ତେବେ ଏପରି ଦୁଃଖଦ ଏକ ଘଟଣା କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅଞ୍ଚଳରେ ଘଟିଛି। ଅତ୍ୟଧିକ ମୋବାଇଲ ଗେମ ଖେଳି ପୂର୍ବରୁ ବେକର ଡାହାଣ ଶିରା ସଂକ୍ରମଣ ଥିବା ଜଣେ ୫ମ ଶ୍ରେଣୀର ଛାତ୍ରୀ ନିଜ ଘର ଆଗରେ ଖେଳୁଥିବାବେଳେ ରବିବାର ଅପରାହ୍ନରେ ହଠାତ୍ ପଡ଼ି ଯାଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ନିଆଯାଇଥିବା ବେଳେ ସୋମବାର ତାଙ୍କର ମୃତ୍ୟୁ ହୋଇଛି। ଛାତ୍ରୀ ଜଣକ ହେଲେ ଥାନା ଅଧୀନ ଏଣ୍ଡର ପଞ୍ଚାୟତ ଡେରାଡିହ ଗ୍ରାମର ସୁଶାନ୍ତ କୁମାର ମଲିକଙ୍କ ଝିଅ ପ୍ରୀୟଦର୍ଶନୀ ପଦ୍ମିନୀ (୧୦)। ମୃତା ପ୍ରିୟଦର୍ଶନୀ ସ୍ଥାନୀୟ କେଉଟକଣ୍ଡିଆ ପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପଢୁ ଥିଲେ।

ସୂଚନା ଅନୁଯାୟୀ, ବେକ ଶିରା ଦରଜର ଶିକାର ଥିବା ପ୍ରିୟଦର୍ଶିନୀ ତାଙ୍କ ଘର ଆଗରେ ଖେଳୁଥିବା ବେଳେ ହଠାତ ତଳେ ପଡ଼ି ଯାଇଥିଲେ। ପରିବାର ଲୋକେ ତୁରନ୍ତ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ମୃତ୍ୟୁ ଘଟିଥିଲା।


## ବାର୍ଡ ଫ୍ଲୁ ସମ୍ବନ୍ଧୀୟ ସତର୍କ ସୂଚନା

DSPL - 95

ବାର୍ଡ ଫ୍ଲୁ ଇନ୍‌ଫ୍ଲୁଏଞ୍ଜା ଟାଇପ୍-ଏ (ପ୍ରକାର : ଏଚ୍-୫ ଏନ୍-୧) ଭୂତାଣୁ ଯୋଗୁ ହୋଇଥାଏ । ଏହି ରୋଗରେ ସାଧାରଣତଃ କୁକୁଡ଼ା ଓ କୁକ୍କୁଟ ଜାତୀୟ ପକ୍ଷୀମାନେ ଆକ୍ରାନ୍ତ ହୋଇଥାନ୍ତି । ବାର୍ଡ ଫ୍ଲୁ କୁକୁଡ଼ା ଠାରୁ ମନୁଷ୍ୟଙ୍କୁ ମଧ ବ୍ୟାପିପାରେ ।

**ଲକ୍ଷଣ:**
- କୁକୁଡ଼ାଙ୍କ ଠାରେ ଏହି ରୋଗ ଦେଖାଦେଲେ ମୁହଁ ଓ ମୁଣ୍ଡ ଫୁଲିଯାଏ ।
- ଆଖିରୁ ପାଣି ଝରେ, ନାକରୁ ପତଳା ସିଙ୍ଘାଣି ବାହାରିବା ସହ ଛିଙ୍କ ହୁଏ ।
- ଚୂଳ ନୀଳ ପଡ଼ିଲା ପରି ଦେଖାଯାଏ । ତରଳ ଝାଡ଼ା ହୋଇଥାଏ ।
- ରୋଗ ଆରମ୍ଭ ହେବାର ୪୮ ଘଣ୍ଟା ମଧ୍ୟରେ ପ୍ରାୟ ୮୦ ରୁ ୯୦ ପ୍ରତିଶତ ପକ୍ଷୀ ମୃତ୍ୟୁବରଣ କରନ୍ତି ।



ବାର୍ଡ ଫ୍ଲୁ ଏବେ ପୁରୀ ଜିଲ୍ଲାର କେତୋଟି ବ୍ଲକ୍‌ରେ ଚିହ୍ନଟ କରାଯାଇଛି ଏବଂ ସରକାରଙ୍କ ତରଫରୁ ନିୟନ୍ତ୍ରଣ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି ।

**ନିରାକରଣ:**
- ଆବଶ୍ୟକ ନଥିଲେ ବାହାରର ଜୀବଜନ୍ତୁ, ଯାନବାହନ ଓ ମଣିଷଙ୍କୁ କୁକୁଡ଼ା ଫାର୍ମ ଭିତରକୁ ପ୍ରବେଶ ଅନୁମତି ଦିଅନ୍ତୁ ନାହିଁ ।
- କୁକୁଡ଼ା ମାଂସ ଓ ଅଣ୍ଡାକୁ ଭଲ ଭାବେ ସିଝାଇ ଖାଆନ୍ତୁ । ୭୦° ସେଲସିୟସ ତାପମାତ୍ରାରେ ୩୦ ମିନିଟ ପର୍ଯ୍ୟନ୍ତ ସିଝାଇଲେ ଏହି ଭୂତାଣୁ ଲୋପପାଇଥାଏ ।
- କୁକୁଡ଼ା ମାଂସ, ଅଣ୍ଡା ଓ ଅନ୍ୟାନ୍ୟ କୁକ୍କୁଟ ଜାତୀୟ ପଦାର୍ଥ ସଂସ୍ପର୍ଶରେ ଆସିଲେ ହାତକୁ ଭଲ ଭାବେ ସାବୁନରେ ଧୁଅନ୍ତୁ ।
- ପ୍ରାଣିରୋଗ ବିଶେଷଜ୍ଞମାନେ କୁକୁଡ଼ାଙ୍କ ରକ୍ତ, ଲାଳ ଓ ମଳ ଆଦି ସଂଗ୍ରହ କରିବା ପାଇଁ ଅନୁରୋଧ କଲେ ସେମାନଙ୍କୁ ସହଯୋଗ କରନ୍ତୁ ।
- ଗୋଟିଏ କୁକୁଡ଼ା ଫାର୍ମରେ ବ୍ୟବହାର ହେଉଥିବା ଦାନା ଓ ଲିଟର ମ୍ୟାଟେରିଆଲ୍‌କୁ ଅନ୍ୟ ଫାର୍ମକୁ ସ୍ଥାନାନ୍ତରଣ କରନ୍ତୁ ନାହିଁ ।
- କୌଣସି ସ୍ଥାନରେ ଅସ୍ୱାଭାବିକ ପକ୍ଷୀମୃତ୍ୟୁ ହେଲେ ତୁରନ୍ତ ନିକଟସ୍ଥ ପ୍ରାଣିଚିକିତ୍ସକ କିମ୍ବା **ବାର୍ଡ ଫ୍ଲୁ କଣ୍ଟ୍ରୋଲ ରୁମ୍ (ଫୋନ୍ ନମ୍ବର : 06752 295123) କୁ ଅବଗତ କରାନ୍ତୁ ।** ଏହି ନମ୍ବରରେ ଫୋନ୍ କରି ବାର୍ଡ ଫ୍ଲୁ ସମ୍ବନ୍ଧୀୟ ଯେ କୌଣସି ପ୍ରଶ୍ନ ଆପଣ ପଚାରିପାରିବେ ।



OIPR-06049/13/0001/2425

ଆପଣମାନେ ଭୟଭୀତ ନହୋଇ ବାର୍ଡ ଫ୍ଲୁ ନିୟନ୍ତ୍ରଣ ପାଇଁ ସହଯୋଗ କରିବାକୁ ନିବେଦନ

ଜିଲ୍ଲା ମୁଖ୍ୟ ପ୍ରାଣିଚିକିତ୍ସା ଅଧିକାରୀ, ପୁରୀ

# ୧୦ ବର୍ଷ ଚାକିରିରେ ଅମାପ ସମ୍ପତ୍ତି

## ଭିଜିଲାନ୍ସ ଜାଲରେ ଖଣି ଉପନିର୍ଦ୍ଦେଶକ

- ତାଳଚେର, କେନ୍ଦୁଝର, ଭୁବନେଶ୍ୱରର ୮ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ
- ୭୫ ଲକ୍ଷ ଲୋନ୍‌କୁ ଦୁଇବର୍ଷରେ ଶୁଝି ଦେଇଥିଲେ
- ଘରୁ ମିଳିଲା ନଗଦ ୯.୮୫ ଲକ୍ଷ ଟଙ୍କା


ଧରଣୀଧର ନାୟକ।



ଭୁବନେଶ୍ୱରସ୍ଥିତ କୋଠା।

ତାଳଚେର (ମନୋଜ ନନ୍ଦ)/ କେନ୍ଦୁଝର (ନରେଶ ପଟ୍ଟନାୟକ)/ ଭୁବନେଶ୍ୱର,୨।୯ (ସତ୍ୟଜିତ୍ ରାଉତ)

ମାତ୍ର ୧୦ବର୍ଷର ଚାକିରି କାଳ ଭିତରେ ଠୁଳ କରିଥିଲେ ବିପୁଳ ସମ୍ପତ୍ତି। ୧୧ ଫ୍ଲାଟ୍, ଦୁଇଟି ସ୍ଥାନରେ ମାର୍କେଟ କମ୍ପ୍ଲେକ୍ସ, ଏକାଧିକ କୋଠା ସହ ଏମିତି କେତେକ'ଣ। ଏପରିକି ଘରେ ଗଦାକରି ରଖିଥିଲେ ବିଡ଼ା ବିଡ଼ା ଟଙ୍କା। ବାବୁ ଜଣକ ହେଲେ ଅନୁଗୋଳ ଜିଲା ତାଳଚେର ମଣ୍ଡଳ ଖଣି ଉପ ନିର୍ଦ୍ଦେଶକ (ଡିଡିଏମ୍) ଧରଣୀଧର ନାୟକ। ଭିଜିଲାନ୍ସ ସ୍କାନରକୁ ଆସିବା ପରେ ଧରଣୀଧରଙ୍କ ଅଚଳାଚଳ ସମ୍ପତ୍ତିର ଗୁମର ପଦାକୁ ଆସିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସୋମବାର ଭିଜିଲାନ୍ସ ଟିମ୍ ଧରଣୀଧରଙ୍କ ଘର ସମେତ ତାଳଚେର, କେନ୍ଦୁଝର, ଭୁବନେଶ୍ୱରର ୮ ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ଯାଞ୍ଚ ଜାରି ରହିଥିବା ସ୍ଥାନ ମଧ୍ୟରେ କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ଛାମୁଣ୍ଡା ଗ୍ରାମସ୍ଥିତ ପୈତୃକ ଘର, ଘଟଗାଁ ପୁରୁମୁଣ୍ଡା ଗ୍ରାମସ୍ଥିତ ସମ୍ପର୍କୀୟଙ୍କ ଘର, ତାଳଚେରସ୍ଥିତ ବାସଭବନ ଏବଂ ତାଳଚେର ମଣ୍ଡଳସ୍ଥିତ ଅଫିସ ଆଦି ରହିଛି। ଯାଞ୍ଚ ବେଳେ ଧରଣୀଧରଙ୍କ ଅମାପ ସମ୍ପତ୍ତି ଠାବ ହୋଇଛି। ସୋମବାର ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଦେଇଥିବା ରିପୋର୍ଟ ଅନୁଯାୟୀ, ଧରଣୀଧରଙ୍କ ଭୁବନେଶ୍ୱର ପଟିଆ ଶିଶୁବିହାରସ୍ଥିତ ସୁରେଖା ଅର୍ଚିଡ୍ ଆପାର୍ଟମେଣ୍ଟର ଦ୍ୱିତୀୟ ମହଲାରେ ପ୍ରାୟ ୧ କୋଟି ୩୦ ଲକ୍ଷ ଟଙ୍କାର ଏକ ୩-ବିଏଚ୍‌କେ ଫ୍ଲାଟ୍ (ନଂ.୨୦୫), ସୁନ୍ଦରପଦାରେ ୧୮୦୦ ବର୍ଗଫୁଟର ଏକ ଡୁପ୍ଲେକ୍ସ ଠାବ ହୋଇଛି। ସେହିପରି କେନ୍ଦୁଝର ଜିଲା ତେଲକୋଇ ଜଗମୋହନପୁର ଅଞ୍ଚଳରେ ୩୮୦୦ ବର୍ଗଫୁଟର ଏକ ଦୁଇ ମହଲା ମାର୍କେଟ କମ୍ପ୍ଲେକ୍ସ ରହିଛି। ଏଥିରେ ୧୫ଟି ଶପ୍ ଥିବା ବେଳେ ଗ୍ରାଉଣ୍ଡ ଫ୍ଲୋରରେ ୯ଟି ଓ ପ୍ରଥମ ମହଲାରେ ୬ଟି ଦୋକାନ ଘର ରହିଛି। ଏଥିସହ ସେଠାରେ ୧୧୦୦ ବର୍ଗଫୁଟରେ ଆଉଏକ ମାର୍କେଟ୍ କମ୍ପ୍ଲେକ୍ସ ସହ ୨ ହଜାର ବର୍ଗଫୁଟର ଗୋଟିଏ ଦୁଇ ମହଲା କୋଠା ଠାବ ହୋଇଛି। ଏହାବ୍ୟତୀତ ଧରଣୀଧରଙ୍କ ମୋଟ ୧୧ଟି ଫ୍ଲାଟ୍ ଠାବ ହୋଇଥିବାବେଳେ ଭୁବନେଶ୍ୱରର ମୁଖ୍ୟ ଅଞ୍ଚଳରେ ୩, କେନ୍ଦୁଝର ଟାଉନ୍‌ରେ ଗୋଟିଏ ଏବଂ ତେଲକୋଇରେ ୭ଟି ଫ୍ଲାଟ୍ ରହିଛି। ଏସବୁ କୋଠା, ମାର୍କେଟ କମ୍ପ୍ଲେକ୍ସ, ଡୁପ୍ଲେକ୍ସ ଓ ଫ୍ଲାଟଗୁଡିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ ୱିଙ୍ଗ୍ ପ୍ରୟାସ କରୁଛି। ତେବେ ଆଉଏକ ବଡ଼କଥା ହେଲା ଧରଣୀଧର ୨୦୨୨ରେ ୭୫ ଲକ୍ଷ ଟଙ୍କା ଲୋନ୍ ଆଣି ମାତ୍ର ୨ବର୍ଷରେ ଶୁଝି ଦେଇଛନ୍ତି। ଦୁର୍ନୀତି ଟଙ୍କାରୁ ଋଣ ଶୁଝିଥିବା ଭିଜିଲାନ୍ସ ସନ୍ଦେହ କରି ଅଧିକ ଯାଞ୍ଚ ଚଳାଇଛି। ଏଥିସହ ଧରଣୀଧରଙ୍କ ଘରୁ ନଗଦ ୯ ଲକ୍ଷ ୮୫ ହଜାର ୧୨୦ ଟଙ୍କା ମିଳିଛି। ପଟିଆସ୍ଥିତ ଫ୍ଲାଟ୍‌ରେ ୫ଲକ୍ଷ ୫୮ ହଜାର ୮୨୦ ଟଙ୍କା ମିଳିଥିବା ବେଳେ ବାକି ଟଙ୍କା ତାଳଚେରସ୍ଥିତ ବାସଭବନରୁ ପାଇଛି ଭିଜିଲାନ୍ସ ଟିମ୍। ସେହିପରି ଧରଣୀଧରଙ୍କ ବ୍ୟାଙ୍କ ଓ ଜୀବନବୀମା ଜମା ୫୩ ଲକ୍ଷ ୫୩ ହଜାର ୧୬୭ ଟଙ୍କା ରହିଥିବାବେଳେ ୫୪.୭୦ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ, ଗୋଟିଏ ଚାରିଚକିଆ ଯାନ (ଟାଟା ପଞ୍ଚ୍) ଓ ୨ଟି ଦୁଇଚକିଆ ଯାନ ଠାବ ହୋଇଛି। ଯାଞ୍ଚ ଜାରିରହିଥିବା ବେଳେ ଭିଜିଲାନ୍ସ ଟିମ୍ ଧରଣୀଧରଙ୍କୁ ତାଙ୍କ ସମ୍ପତ୍ତି ସଂକ୍ରାନ୍ତରେ ଅଧିକ ପଚରାଉଚରା କରୁଛି। ତେବେ ଧରଣୀଧର ଏବେ ମାତ୍ର ୮୦ ହଜାର ଟଙ୍କା ଦରମା ପାଉଥିବା ବେଳେ ଏଭଳି ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବାକୁ ନେଇ ଚର୍ଚ୍ଚା ହେଉଛି। ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଧରଣୀଧର ୨୦୧୪ ଫେବୃଆରୀ ୧୨ରେ ସରକାରୀ ସେବାରେ ଯୋଗଦେଇ କୋରାପୁଟ ମାଇନିଂ ଅଫିସରେ କାମ କରିଥିଲେ। ୭ ବର୍ଷ ପରେ ସେ ତାଳଚେରକୁ ବଦଳି ହୋଇଥିଲେ। ୨୦୨୨ ମାର୍ଚ୍ଚ ୧୮ରେ ସେ ପଦୋନ୍ନତି ପାଇ ଡେପୁଟି ଡାଇରେକ୍ଟର ହୋଇଥିଲେ।

# ଏଡିଜି, ଡିଆଇଜିଙ୍କ ତନାଘନା

## ଝାରପଡ଼ା ଜେଲରେ କଏଦୀଙ୍କୁ ହାଇଦରଙ୍କ ପୁଅଙ୍କ ଆକ୍ରମଣ ଘଟଣା

ଭୁବନେଶ୍ୱର,୨।୯(ସତ୍ୟଜିତ୍ ରାଉତ)




ଝାରପଡ଼ା ଜେଲର ଗୁମର କଥା ସାମ୍ନାକୁ ଆଣିବାରୁ ବିଚାରାଧୀନ କଏଦୀ ସୌମ୍ୟକାନ୍ତ ମହାନ୍ତିଙ୍କୁ ଗ୍ୟାଙ୍ଗଷ୍ଟର ସେକ୍ ହାଇଦରଙ୍କ ପୁଅ ମୁନା ଓ ତାଙ୍କ ସହଯୋଗୀମାନେ ଆକ୍ରମଣ କରି ଲହୁଲୁହାଣ କରିବା ଘଟଣାକୁ ନେଇ ଜେଲ ବିଭାଗ ତତ୍ପର ହୋଇଉଠିଛି। ସୋମବାର ଜେଲ ଏଡିଜି ଅମିତାଭ ଠାକୁର, ଡିଆଇଜି ଅନସୂୟା ଜେନା ଝାରପଡ଼ା ଜେଲରେ ପହଞ୍ଚି ତନାଘନା କରିଛନ୍ତି। ସେମାନେ ୱାର୍ଡରଙ୍କଠୁ ଆରମ୍ଭ କରି ଅଧକ୍ଷଙ୍କଯାଏ ସମସ୍ତଙ୍କୁ ପଚରାଉଚରା କରି ତଦନ୍ତ ଜାରି ରଖିଛନ୍ତି। ଆହତ କଏଦୀ ସୌମ୍ୟକାନ୍ତଙ୍କୁ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିବା ସହ ଘଟଣାଦିନର ତଥ୍ୟ ନେଇଛନ୍ତି। ଏଥିସହ ଜେଲ ଭିତରର ସମସ୍ତ ସିସିଟିଭି ଯାଞ୍ଚ କରିବା ସହ ୨୦ରୁ ଊର୍ଦ୍ଧ୍ୱ କଏଦୀଙ୍କ ବୟାନ ରେକର୍ଡ କରିଛନ୍ତି। ଏ ସଂକ୍ରାନ୍ତରେ ଏଡିଜି ଠାକୁର କହିଛନ୍ତି, ଏହି ଘଟଣାକୁ ନେଇ ତଦନ୍ତ ଜାରି ରହିଛି। ଡିଆଇଜିଙ୍କ ତଦନ୍ତ ରିପୋର୍ଟ ଆସିବା ପରେ ଯାହାର ସମ୍ପୃକ୍ତି ଜଣାପଡ଼ିବ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଆହତ ସୌମ୍ୟକାନ୍ତଙ୍କ ସ୍ତ୍ରୀ ଜେଲ କର୍ତ୍ତୃପକ୍ଷଙ୍କ ଉପରକୁ ଅଙ୍ଗୁଳି ଉଠାଇଛନ୍ତି। ଘଟଣା ଘଟିବାର ୬ ଘଣ୍ଟା ଯାଏ ତାଙ୍କୁ କାହିଁକି ଜଣାଗଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହିତ ଜେଲ ଭିତରେ ସୌମ୍ୟକାନ୍ତଙ୍କୁ ସୁରକ୍ଷା ଯୋଗାଇଦେବାକୁ ସେ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୯ ଡିସେମ୍ବର ୩ରୁ ଝାରପଡ଼ା ଜେଲରେ ରହୁଥିବା ସୌମ୍ୟକାନ୍ତ ଜେଲରେ ଚାଲୁଥିବା ଅନୈତିକ କାର୍ଯ୍ୟ ବିରୋଧରେ ପ୍ରଶ୍ନ ଉଠାଇଥିଲେ। ସେ କିଛିଦିନ ତଳେ ଖୋର୍ଦ୍ଧା ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ)ଙ୍କୁ ଚିଠି ଲେଖି ଅଭିଯୋଗ କରିଥିଲେ। ଡିଏଲ୍‌ଏସ୍‌ଏ ଟିମ୍ ଶନିବାର ଜେଲରେ ଅଚାନକ ଚଢ଼ାଉ କରି ଜଣେ ବଳାତ୍କାର ଅଭିଯୁକ୍ତଙ୍କ ନିକଟରୁ ଏକ ମୋବାଇଲ ଫୋନ ଜବତ କରିଥିଲା। ଜେଲ ଭିତରର ଗୁମର କଥା ସାମ୍ନାକୁ ଆଣିବାରୁ ହାଇଦରଙ୍କ ପୁଅ ମୁନା ଓ ତାଙ୍କ ଗ୍ୟାଙ୍ଗ ରକ୍ତମୁଖା ହୋଇପଡ଼ିଥିଲେ। ସୌମ୍ୟକାନ୍ତଙ୍କୁ ସେମାନେ ରବିବାର ସଙ୍ଘବଦ୍ଧ ନିସ୍ତୁକ ମାଡ଼ ମାରି ତାଙ୍କ ମୁଣ୍ଡ ଫଟାଇ ଦେଇଥିଲେ। ସୌମ୍ୟକାନ୍ତଙ୍କୁ କ୍ୟାପିଟାଲ ହସ୍ପିଟାଲ ଚିକିତ୍ସା ପାଇଁ ନିଆଯାଇଥିବାବେଳେ ସେ ଗଣମାଧ୍ୟମ ନିକଟରେ ହାଇଦରଙ୍କ ପୁଅ ମୁନା ଓ ତାଙ୍କ ଗ୍ୟାଙ୍ଗ ସମ୍ପର୍କରେ ପର୍ଦ୍ଦାଫାଶ କରିଥିଲେ।

# ଯୁବକଙ୍କୁ ହାତୁଡ଼ିରେ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨।୯(ସୂର୍ଯ୍ୟକାନ୍ତ ବେହେରା)

ପୂର୍ବ ରାଗ ରଖି ଜଣେ ଯୁବକଙ୍କୁ ହାତୁଡ଼ିରେ ମରଣାନ୍ତକ ଆକ୍ରମଣ ଘଟଣାରେ ଖାରବେଳ ନଗର ପୋଲିସ ଆକ୍ରମଣକାରୀ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେହେଲେ ଏହି ଥାନା ଦୁର୍ଗାମଣ୍ଡପ ବସ୍ତିରେ ରହୁଥିବା ଗଞ୍ଜାମର କୁନା ପ୍ରଧାନ। ତାଙ୍କଠାରୁ ଆକ୍ରମଣରେ ବ୍ୟବହୃତ ହାତୁଡ଼ି ଜବତ ହୋଇଛି। ଆହତ ଯୁବକ ସେକ୍ ସୈବୁଲ ଇସ୍‌ଲାମଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ସୂଚନାନୁସାରେ ଆହତ ବ୍ୟକ୍ତି ଓ ଅଭିଯୁକ୍ତ କୁନାଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବିବାଦ ଲାଗି ରହିଥିଲା। ଅଗଷ୍ଟ ୩୧ ସନ୍ଧ୍ୟାରେ ଆହତ ସେକ୍ ଏବଂ ତାଙ୍କର କିଛି ବନ୍ଧୁ ମିଶି ସତ୍ୟନଗର ତୋଷାଳୀ ଭବନ ନିକଟରେ ଥିବା ଏକ ଦୋକାନରେ ଚା' ପିଉଥିବାବେଳେ ଅଭିଯୁକ୍ତ ଜଣକ ପୂର୍ବ ରାଗ ରଖି ହଠାତ୍ ତାଙ୍କୁ ଏକ ହାତୁଡ଼ିରେ ମରଣାନ୍ତକ ଆକ୍ରମଣ କରିବାରୁ ସେ ଆହତ ହୋଇଥିଲେ। ସେଠାରେ ଉପସ୍ଥିତ ସାଙ୍ଗମାନେ ସେକ୍‌ଙ୍କୁ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ।

# ୨ ମହିଳାଙ୍କ କଳିରୁ ଜଣେ ମୃତ

ଏରସମା,୨।୯(ଦୀପ୍ତି ଖଣ୍ଡୁଆଳ)

ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅନ୍ତର୍ଗତ ଆମ୍ବିକି ପଞ୍ଚାୟତସ୍ଥିତ ବାଘାଡି ଗ୍ରାମରେ ସୋମବାର ୨ ମହିଳାଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବାଘାଡି ଗ୍ରାମର ଅତୁଲ ପ୍ରାମାଣିକଙ୍କ ସ୍ତ୍ରୀ ସରସ୍ୱତୀ ପ୍ରାମାଣିକ (୫୭)। ତାଙ୍କ ସ୍ୱାମୀଙ୍କ ଅଭିଯୋଗ ଅନୁସାରେ, କୌଣସି ଘଟଣାକୁ ନେଇ ମୃତ ସରସ୍ୱତୀଙ୍କ ସହ ସେହି ଗ୍ରାମର ପାର୍ବତୀ ପ୍ରାମାଣିକ (୫୦)ଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ସୋମବାର ସେମାନଙ୍କ ମଧ୍ୟରେ ବାଘାଡ଼ି ନଈ ନିକଟରେ ଗଣ୍ଡଗୋଳ ହୋଇଥିଲା। ଏହି ସମୟରେ ପାର୍ବତୀ ଉତ୍ତ୍ୟକ୍ତ ହୋଇ ସରସ୍ୱତୀଙ୍କୁ ନଈରେ ଦାବି ଦେଇଥିଲେ। ଫଳରେ ସେ ପାଣିରେ ବୁଡ଼ି ଅଚେତ ହୋଇଯାଇଥିଲେ। ଏହାପରେ ସରସ୍ୱତୀଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ଏରସମା ଓ ପରେ ଜିଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଲାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଛି। ସରସ୍ୱତୀଙ୍କ ସ୍ୱାମୀ ଅତୁଲ ପ୍ରାମାଣିକଙ୍କ ଅଭିଯୋଗ ଅନୁସାରେ ଏରସମା ଥାନାରେ ମାମଲା (ନଂ. ୩୮୭/୨୪) ରୁଜୁ କରାଯାଇଛି। ରିପୋର୍ଟ ଲେଖା ହେଲା ବେଳକୁ କାହାରିକୁ ଗିରଫ କରାଯାଇ ନ ଥିଲା ବୋଲି ଥାନା ଅଧିକାରୀ ନିରଞ୍ଜନ ଦାସ କହିଛନ୍ତି।

# ହତ୍ୟାକାରୀ ସାବତ ବାପାଙ୍କୁ ଆଜୀବନ ଜେଲ

ଭୁବନେଶ୍ୱର,୨।୯(ସୂର୍ଯ୍ୟକାନ୍ତ ବେହେରା)



**ପୁଅ ମୁଣ୍ଡକୁ କାନ୍ଥରେ ପିଟିବା ସହ ପେଟ ଉପରେ ଚଢ଼ି ହତ୍ୟା କରିଥିଲେ**

ପୁଅ ହତ୍ୟାକାରୀ ସାବତ ବାପାଙ୍କୁ ୫ ବର୍ଷ ପରେ ଦଣ୍ଡ ମିଳିଛି। ଭୁବନେଶ୍ୱର ଏଡିଜେ-୨ କୋର୍ଟରେ ବିଚାରପତି ବନ୍ଦନା କର ମାମଲାର ବିଚାର କରି ଅଭିଯୁକ୍ତ ବାପା ଦାଶରଥି ଟୁଡୁଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। ଏହାସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ କ୍ଷେତ୍ରରେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ପ୍ରକାଶ କରିଛନ୍ତି। ୭ଜଣ ସାକ୍ଷୀ ଓ ୧୭ ଦସ୍ତାବିଜକୁ ଆଧାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି।

ସୂଚନାଯୋଗ୍ୟ ୨୦୧୭ରେ ସ୍ୱାମୀଠାରୁ ଅଲଗା ରହୁଥିବା ଲକ୍ଷ୍ମୀ ଟୁଡୁଙ୍କୁ ଅଭିଯୁକ୍ତ ଦାଶରଥି ବିବାହ କରି ମଞ୍ଚେଶ୍ୱର ମୁଣ୍ଡାସାହିରେ ରହୁଥିଲେ। ୨୦୧୯ ମାର୍ଚ୍ଚ ୧୧ ରାତି ୧୧ଟାରେ କୌଣସି କାରଣକୁ ନେଇ ଲକ୍ଷ୍ମୀଙ୍କ ୫ବର୍ଷର ପୁଅ ସନ୍ତୋଷଙ୍କୁ ଦାଶରଥି ମାଡ଼ ମାରିବା ସହ କାନ୍ଥରେ ତାଙ୍କ ମୁଣ୍ଡକୁ ପିଟି ପେଟରେ ଚଢ଼ି ଯାଇଥିଲେ। ପାଖରେ ଥିବା ୭ ମାସର ଗର୍ଭବତୀ ସ୍ତ୍ରୀ ଲକ୍ଷ୍ମୀ ଯେତେ କାକୁତି ମିନତି ହୋଇ ମେଡ଼ିକାଲ ନେବାକୁ କହିଥିଲେ ମଧ୍ୟ ଅଭିଯୁକ୍ତ ଦାଶରଥି ମେଡିକାଲ ନ ନେଇ ଓଲଟା ହତ୍ୟା ଧମକ ଦେଇଥିଲେ। ମାମଲାକୁ ଲୁଚାଇ ଦେବା ପାଇଁ ପରଦିନ ମଧ୍ୟାହ୍ନ ସମୟରେ ସନ୍ତୋଷଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ଦର୍ଶାଇ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ କେନ୍ଦ୍ରକରି ମଞ୍ଚେଶ୍ୱର ଥାନାରେ ପ୍ରଥମେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଓ ପ୍ରାଥମିକ ଅନୁସନ୍ଧାନରୁ ଅତ୍ୟଧିକ ମାଡ଼ ତଥା ଶାରୀରିକ ନିର୍ଯାତନା ଯୋଗୁଁ ମୃତ୍ୟୁ ହୋଇଥିବା ଜଣାପଡ଼ିବା ପରେ ମଞ୍ଚେଶ୍ୱର ଥାନାରେ ରିପୋର୍ଟକୁ ଆଧାର କରି ଏକ ହତ୍ୟା ମାମଲା ରୁଜୁ କରାଯାଇଥିଲା। ଏଥିସହ ଅଭିଯୁକ୍ତ ଦାଶରଥିଙ୍କୁ ପୋଲିସ ଗିରଫ କରିଥିଲା। ଏହି ମାମଲାକୁ ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ସଲିଳ କୁମାର ପ୍ରଧାନ ପରିଚାଳନା କରିଥିଲେ।

# ଲାଞ୍ଚ ନେବାବେଳେ ଧରାପଡ଼ିଲେ ରାଜସ୍ୱ ନିରୀକ୍ଷକ, ଉପନିରୀକ୍ଷକ

ଦିଗପହଣ୍ଡି, ୨।୯(ଅଶେଷ ନାଥ ମିଶ୍ର)

## ବ୍ରହ୍ମପୁରକୁ ଉଭୟଙ୍କୁ ଉଠାଇ ନେଲା ଭିଜିଲାନ୍ସ ଟିମ୍

ଗଞ୍ଜାମ ଜିଲା ସାନଖେମୁଣ୍ଡି ତହସିଲ ଅନ୍ତର୍ଗତ ପୋଡ଼ାମାରି ଗ୍ରାମ ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ ଆଦିତ୍ୟ ସେନାପତି ଏବଂ ଉପନିରୀକ୍ଷକ ଟୁଟୁ ସେଠୀ ପୋଡ଼ାମାରି ଗ୍ରାମର ବାଳକୃଷ୍ଣ ପଣ୍ଡାଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସୋମବାର ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ହାତରେ ଧରା ପଡ଼ିଛନ୍ତି। ବାଳକୃଷ୍ଣ ନିଜ ଘରବାରି ପଟ୍ଟା ପାଇଁ ଦୀର୍ଘଦିନ ହେଲା ପୋଡାମାରି ରାଜସ୍ୱ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ଏହି କାର୍ଯ୍ୟ ନ କରି ରାଜସ୍ୱ ନିରୀକ୍ଷକ ସେନାପତି ଓ ଉପ ନିରୀକ୍ଷକ ସେଠୀ ତାଙ୍କୁ ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ାଉଥିଲେ। ପରେ ଉଭୟେ ବାଳକୃଷ୍ଣଙ୍କୁ ପଟ୍ଟା ପାଇଁ ୫ ହଜାର ଟଙ୍କା ଦାବି କରିଥିଲେ। ଏନେଇ ସେ ବ୍ରହ୍ମପୁର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ଏସ୍‌ପି ତାଙ୍କ ଅଭିଯୋଗ ଶୁଣିବାପରେ ତାଙ୍କୁ ରାସାୟନିକ ଲେପ ଲଗାଯାଇଥିବା ୫ ହଜାର ଟଙ୍କା ପ୍ରଦାନ କରି ତାହା ନିର୍ଦ୍ଧାରିତ ସମୟରେ ରାଜସ୍ୱ ନିରୀକ୍ଷକ ଓ ଉପ ନିରୀକ୍ଷକଙ୍କୁ ଦେବାକୁ କହିଥିଲେ। ଭିଜିଲାନ୍ସ ଅଧିକାରୀଙ୍କ ପରାମର୍ଶ ଅନୁସାରେ ବାଳକୃଷ୍ଣ ସୋମବାର ଟଙ୍କା ଦେଉଥିବା ବେଳେ ପୂର୍ବରୁ ସାଦା ପୋଷାକରେ ଜଗି ରହିଥିବା ଭିଜିଲାନ୍ସ ଟିମ୍ ସେମାନଙ୍କୁ ଧରିଥିଲେ। ସେମାନଙ୍କ ନିକଟରୁ ରାସାୟନିକ ଲେପ ବୋଳା ୫ ହଜାର ଟଙ୍କା ଭିଜିଲାନ୍ସ ଜବତ କରିଛି। ଏଥିସହ ଭିଜିଲାନ୍ସ ଟିମ୍ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଖାନତଲାସ କରି କେତେକ ନଥିପତ୍ର ଜବତ କରିଥିବା ଜଣାପଡିଛି। ରାଜସ୍ୱ ନିରୀକ୍ଷକ ଏବଂ ଉପନିରୀକ୍ଷକଙ୍କ ସହ ପୋଡାମାରି ଗ୍ରାମର ମନୋରଞ୍ଜନ ସାହୁଙ୍କୁ ଅଧିକ ପଚରାଉଚରା ପାଇଁ ବ୍ରହ୍ମପୁର ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଛି। ସୂଚନାଯୋଗ୍ୟ ମନୋରଞ୍ଜନ ଗ୍ରାମରେ ଏକ ମୋବାଇଲ ଦୋକାନ କରିଛନ୍ତି। ତାଙ୍କ ମାଧ୍ୟରେ ରାଜସ୍ୱ ନିରୀକ୍ଷକ ବିଭିନ୍ନ ମାମଲାର ପଟ୍ଟା କରିଦେବାକୁ ଟଙ୍କା ନେଉଥିଲେ।

# ୬ ମାଓବାଦୀ ଗିରଫ

ମାଲକାନଗିରି,୨।୯(ଦୁର୍ଯ୍ୟୋଧନ ପାତ୍ର)- ଛତିଶଗଡ ବିଜାପୁର ଜିଲାର ତିନୋଟି ପୃଥକ୍ ସ୍ଥାନରେ ପୋଲିସ ତଲାସୀ କରୁଥିବା ସମୟରେ ମାସବାଦୀ କମାଣ୍ଡର ସମାରୁ ମାଡବିଙ୍କ ସମେତ ୬ଜଣଙ୍କୁ ସୋମବାର ଗିରଫ କରିଛି। ପୋଲିସ ଦ୍ୱାରା କରାଯାଇଥିବା ପ୍ରଥମ ଅପରେଶନରେ ସମାରୁଙ୍କୁ ଗିରଫ କରାଯାଇଛି। ସମାରୁ ପ୍ରଜାକୋର୍ଟକୁ ଡକାଇ ଗ୍ରାମବାସୀଙ୍କୁ ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି। ଦ୍ୱିତୀୟ ଅପରେଶନରେ ପୋଲିସ ଭେସାଗୁଡା ଜଙ୍ଗଲରୁ ମାଡିୟମ ଆୟୁତୁଙ୍କୁ ଗିରଫ କରିଥିଲା। ତୃତୀୟ ଅପରେଶନରେ ବିଜାପୁର ପୋଲିସ ଓ ଡିଆରଜି ଯବାନମାନେ ବଣ୍ଡାଗୁଡା ଗୋରନା ଅଞ୍ଚଳରେ ଚଢାଉକରି ଅନ୍ୟ ୪ ମାଓବାଦୀଙ୍କୁ ଗିରଫ କରିଥିଲେ।

# କନିଷ୍ଠ ଯନ୍ତ୍ରୀଙ୍କୁ ଗିରଫକଲା ଭିଜିଲାନ୍ସ

**୧୫ଲକ୍ଷ ୫ ହଜାର ଟଙ୍କା ଜବତ**


ଭିଜିଲାନ୍ସ କାର୍ଯ୍ୟାଳୟରେ ଗିରଫ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ।

ରାୟଗଡ଼ା/ଜୟପୁର,୨।୯(ଆଶିଷ ରଞ୍ଜନ ପଣ୍ଡା/ପବନ ପାଣିଗ୍ରାହୀ)

ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ କନିଷ୍ଠ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଚୌଧୁରୀଙ୍କୁ ସୋମବାର ଗିରଫ କରାଯାଇଛି। ସେ ସୁସ୍ଥ ହୋଇ ମେଡିକାଲରୁ ଘରକୁ ଫେରିବା ପରେ ତାଙ୍କୁ ଗିରଫ କରାଯାଇଥିବା ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଅରୁଣ ନାୟକ ସୂଚନା ଦେଇଛନ୍ତି। କନିଷ୍ଠ ଯନ୍ତ୍ରୀ ଚୌଧୁରୀଙ୍କ ରାଣୀଗୁଡ଼ା ଏବଂ ଟିକିରିସ୍ଥିତ ବାସଭବନରେ ରବିବାର ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ରାୟଗଡ଼ା ଓ ଟିକିରିଠାରେ ଗୋଟିଏ ଲେଖାଏଁ ଫ୍ଲାଟ୍ ଠାବ କରିବା ସହ ଟିକିରିଠାରେ ପ୍ରାୟ ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଏକ ଘର ଠାବ କରିଥିଲା ଭିଜିଲାନ୍ସ। ଏହାସହ ରାୟଗଡ଼ାସ୍ଥିତ ବାସଭବନରୁ ୧୫ଲକ୍ଷ ୫ହଜାର ୯୦୦ ଟଙ୍କା ଜବତ କରାଯାଇଛି।

ସୂଚନାଯୋଗ୍ୟ, କନିଷ୍ଠ ଯନ୍ତ୍ରୀ ଚୌଧୁରୀ ୩୧ ତାରିଖ ସନ୍ଧ୍ୟାରେ ଏମ୍‌ଜିଏନ୍‌ଆର୍‌ଇଜିଏ ଅଧୀନରେ ହୋଇଥିବା ରାସ୍ତା କାମର ଶ୍ରମିକଙ୍କ ମଜୁରି ଟଙ୍କା ବିଲ୍ କରାଇଦେବା ପାଇଁ ଜଣେ ମେଟ୍‌ଙ୍କଠାରୁ ୨୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲା। ଭିଜିଲାନ୍ସ ଧରିବା ପରେ ଯନ୍ତ୍ରୀ ଚୌଧୁରୀ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଜିଲାରେ ଏହିଭଳି ବିଭିନ୍ନ ବିଭାଗରେ ନାନା ଦୁର୍ନୀତି ଚାଲିଛି। ତେଣୁ ଭିଜିଲାନ୍ସ ପକ୍ଷରୁ ତଦନ୍ତ କରାଗଲେ ବହୁ ଦୁର୍ନୀତିଗ୍ରସ୍ତଙ୍କ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସାଧାରଣରେ ଦାବି ହୋଇଛି।

# କେନାଲ ବନ୍ଧରୁ ମିଳିଲା ଯୁବକଙ୍କ ମୃତଦେହ

## ହତ୍ୟା ଅଭିଯୋଗ ଆଣିଲା ପରିବାର, ୪ ଅଟକ

ପିପିଲି,୨।୯(ପ୍ରଭାତ କୁମାର ମହାପାତ୍ର/ ଦୁର୍ଗାମାଧବ ମିଶ୍ର)

ପୁରୀ ଜିଲା ପିପିଲି ବ୍ଲକ କଣ୍ଟି ଗ୍ରାମପଞ୍ଚାୟତର ସାନକଣ୍ଟି ଗ୍ରାମର କେନାଲ ବନ୍ଧ ଉପରୁ ରବିବାର ରାତିରେ ଜଣେ ଯୁବକଙ୍କ ମୃତଦେହ ପିପିଲି ପୋଲିସ ଜବତ କରିଛି। ମୃତକ ହେଲେ ସେହି ଗ୍ରାମର ନୀଳକଣ୍ଠ ପାଇକରାୟ(୨୬) ଓରଫ ବବୁଲ। ନୀଳକଣ୍ଠଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ପକ୍ଷରୁ ସୋମବାର ପିପିଲି ଥାନାରେ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ନୀଳକଣ୍ଠଙ୍କ ବାପା ବିବେକାନନ୍ଦ ପାଇକରାୟଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ୩୮୪/୨୪ରେ ଏକ ମାମଲା ରୁଜୁ କରିଛି। ପୋଲିସ ସେହି ଗ୍ରାମର ୪ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି। ପୋଲିସଠାରୁ ମିଳିଥିବା ସୂଚନାନୁସାରେ, ନୀଳକଣ୍ଠଙ୍କ ସହ ସେହି ଗ୍ରାମର ଜଣେ ମହିଳାଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ନୀଳକଣ୍ଠଙ୍କୁ ୨୬ ବର୍ଷ ଏବଂ ଉକ୍ତ ମହିଳାଙ୍କୁ ୪୬ ବର୍ଷ ହୋଇଥିବାବେଳେ ଦୁହିଁଙ୍କ ପ୍ରେମ ସମ୍ପର୍କକୁ ନେଇ ଉଭୟ ପରିବାର ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ୫/୭ ଥର ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା। ପରେ ଭଦ୍ରଲୋକଙ୍କ ହସ୍ତକ୍ଷେପରେ ଘଟଣାର ଆପୋସ ସମାଧାନ ହୋଇଥିଲା। ଏପରିକି ମଝିରେ ନୀଳକଣ୍ଠ ଉକ୍ତ ମହିଳାଙ୍କୁ ନେଇ ୩ ମାସ ଫେରାର ହୋଇଯାଇଥିଲେ। ରବିବାର ରାତି ୧୧ଟାରେ ନୀଳକଣ୍ଠ ସ୍ତ୍ରୀ ଅନସୂୟାଙ୍କୁ ସାଙ୍ଗ ହୋଇ ଖାଇବାକୁ କହିଥିଲେ। ସେହି ସମୟରେ ଉକ୍ତ ମହିଳାଙ୍କ ଫୋନ ଆସିବାରୁ ନୀଳକଣ୍ଠ ଫୋନ ନେଇ ଛାତକୁ ପଳାଇଥିଲେ। ଏହାପରେ ନୀଳକଣ୍ଠ ସାଙ୍ଗେ ସାଙ୍ଗେ ଘରୁ ବାହାରି ଯାଇଥିଲେ। ଅନସୂୟା ତାଙ୍କୁ ଡାକିବାରୁ ଆସିଲେ ଖାଇବି କହି ପଳାଇଥିଲେ। ଏହାପରେ ସେ ସମ୍ପୃକ୍ତ ମହିଳାଙ୍କ ଘରେ ପହଞ୍ଚିବା ପରେ ଲାଇନ କଟିଯାଇଥିଲା। ଏହି ସମୟରେ ନୀଳକଣ୍ଠଙ୍କ ଗୁପ୍ତାଙ୍ଗକୁ ଆକ୍ରମଣ କରି ମାରିଦିଆଯାଇଥିବା ପୋଲିସ ସନ୍ଦେହ କରୁଛି। ସମ୍ପୃକ୍ତା ମହିଳା ଫୋନ କରିଥିବା କଥା ତାଙ୍କ ପରିବାର ଲୋକ ଜାଣିବା ପରେ ନୀଳକଣ୍ଠଙ୍କୁ ମାରି କେନାଲ ବନ୍ଧ ଉପରେ ଶୁଆଇ ଦେଇଥିବା ପୋଲିସ କହିଛି। ବିଳମ୍ବିତ ରାତିରେ ନୀଳକଣ୍ଠଙ୍କ ଜଣେ ସମ୍ପର୍କୀୟ ଦାଦା ତାଙ୍କ ଘରେ ଖବର ଦେବା ପରେ ବିବେକାନନ୍ଦ ଏବଂ ପରିବାର ଲୋକେ ୧୦୮ ଯୋଗେ ତାଙ୍କୁ ପିପିଲି ସରକାରୀ ଡାକ୍ତରଖାନାକୁ ନେଇଥିଲେ। ପରେ ସେଠାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନୀଳକଣ୍ଠଙ୍କ ସହିତ ମହିଳା ଜଣକ କଥା ହେବାର ଜାଣି ତାଙ୍କ ପରିବାର ଲୋକେ ଫୋନ ଭାଙ୍ଗି ଦେଉଥିଲେ। ହେଲେ ନୀଳକଣ୍ଠ ପୁଣି ନୂଆ ମୋବାଇଲ କିଣି ମହିଳାଙ୍କୁ ଦେଇଥାନ୍ତି। ଏହିପରି ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଫୋନ ନୀଳକଣ୍ଠ ଦେଇଛନ୍ତି। ଅନ୍ୟପଟେ ଥାନାରେ ଅଟକ ରହିଥିବା ୪ ଜଣ ସେମାନଙ୍କ ବୟାନ ବଦଳାଉଥିବାରୁ ପୋଲିସର ସନ୍ଦେହ ବୃଦ୍ଧି ପାଇଛି। ଅପରପକ୍ଷରେ ବିବେକାନନ୍ଦ କହିଛନ୍ତି, ସେ ଜମି ବିକ୍ରୟ କରିଥିଲେ। ୧୦ ଲକ୍ଷରୁ ୫ ଲକ୍ଷ ଟଙ୍କା ନୀଳକଣ୍ଠଙ୍କ ଆକାଉଣ୍ଟରେ ରଖିଥିଲେ। ଉକ୍ତ ଟଙ୍କାକୁ ଆକ୍ରମଣକାରୀମାନେ ନେଇଯାଇଛନ୍ତି। ତେଣୁ ପୋଲିସ ଘଟଣାର ଉଚିତ ତଦନ୍ତ କରି ଅଭିଯୁକ୍ତଙ୍କୁ ଦଣ୍ଡଦେବାକୁ ବିବେକାନନ୍ଦ କହିଛନ୍ତି।

# ହାଣ୍ଡିଆ ନ ଦେବାରୁ ମହିଳାଙ୍କୁ ହତ୍ୟା

ଘସିପୁରା,୨।୯(ନିରଞ୍ଜନ ସାହୁ)

କେନ୍ଦୁଝର ଜିଲା ଘସିପୁରା ଥାନା ନିଆଳିଝରଣ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ହାଣ୍ଡିଆ ନ ଦେବାରୁ ଜଣେ ମହିଳାଙ୍କୁ ଦୁର୍ବୃତ୍ତ ଘରୁ ଘୋଷାରି ଆଣି ହତ୍ୟା କରିଛନ୍ତି। ମୃତା ଜଣଙ୍କ ଗ୍ରାମର ମୋହନ ହେମ୍ବ୍ରମ୍‌ଙ୍କ ସ୍ତ୍ରୀ ସାଲକେ ହେମ୍ବ୍ରମ୍। ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ମାତ୍ର ଘଟଣା ସମ୍ପର୍କରେ ପରିବାର ଲୋକେ ଅଭିଯୋଗକରି ନ ଥିବାରୁ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା କରାଯାଇଥିବା ଆଲୋଚନା ହେଉଛି। ପୋଲିସ ସୂଚନା ମୁତାବକ, ରବିବାର ଗାଁରେ ଯାତ୍ରା ପାଇଁ ସାମୂହିକ ଭୋଜି ହେଉଥିଲା। ଭୋଜି ଖାଇବାକୁ ସାଲକେଙ୍କ ସ୍ୱାମୀ ମୋହନଙ୍କ ସମେତ ପରିବାରର ଅନ୍ୟ ସଦସ୍ୟ ଯାଇଥିଲେ। ଘରେ ସାଲକେ ତାଙ୍କ ଶାଶୁ ସୁମିଙ୍କ ସହ ରହିଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ଆସି ସାଲେକଙ୍କୁ ହାଣ୍ଡିଆ କିଣି ଆଣି ଦେବାକୁ କହିଥିଲେ। ସେ ଏଥିରେ ଅରାଜି ହେବାରୁ ତାଙ୍କୁ ଘରୁ ଘୋଷାରି ଆଣି ଘର ଆଗରେ ମାରଣାସ୍ତ୍ରରେ ବେକ ଓ ମୁଣ୍ଡକୁ ହାଣି ହତ୍ୟା କରିଥିବା ଶାଶୁ ସୁମି କହିଛନ୍ତି। ମୋହନ ଘଟଣା ସମ୍ପର୍କରେ ଜାଣିବା ପରେ ବି ପୋଲିସକୁ କୌଣସି ସୂଚନା ଦେଇ ନ ଥିଲେ। ମୃତାଙ୍କ ଭାଇ ଘନଶ୍ୟାମ ଖବର ପାଇ ଖୁଦୁପଦା ଗାଁରୁ ଆସି ସୋମବାର ପୋଲିସକୁ ସୂଚନା ଦେଇଥିଲେ, ଯାହାକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ପୋଲିସ ଟିମ୍, କେନ୍ଦୁଝରରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନମୁନା ସଂଗ୍ରହକରି ତଦନ୍ତ ଆରମ୍ଭ କରିଛି। ଘଟଣାକୁ ନେଇ ଗ୍ରାମରେ କେହି ମୁହଁ ଖୋଲୁ ନ ଥିବାରୁ ଡାହାଣୀ ସନ୍ଦେହରେ ଏହି ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ପୋଲିସ ଏକ ମାମଲା(୩୩୮/୨୪)ରେ ରୁଜୁକରି ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି। ହତ୍ୟାକାଣ୍ଡର ସ୍ପଷ୍ଟ କାରଣ ଏ ଯାଏ ଜଣାପଡ଼ି ନ ଥିବା ଏସ୍‌ଡିପିଓ ପ୍ରକାଶ କରିଛନ୍ତି।

# ନିର୍ଗୁଣ୍ଡି-ବାରଙ୍ଗ ମଧ୍ୟରେ ୪ ନଦୀ ଉପରେ ହେବ ରେଳ ବ୍ରିଜ୍

## ଭଦ୍ରକ-ବିଜୟନଗରମ୍ ସେକ୍ସନ ତୃତୀୟ ଲାଇନ ରେଳ ପ୍ରକଳ୍ପ



ଭୁବନେଶ୍ୱର,୨।୯ (ଅନୁରାଧା ମହାରଣା)

୩୮୫ କିମି ବିଶିଷ୍ଟ ଭଦ୍ରକ-ବିଜୟନଗରମ୍ ରେଳ ସେକ୍ସନର ତୃତୀୟ ଲାଇନ୍ ରେଳ ପ୍ରକଳ୍ପ ଅଧୀନରେ ନିର୍ଗୁଣ୍ଡି ଏବଂ ବାରଙ୍ଗ ରେଳ ସେକ୍ସନ ମଧ୍ୟରେ ମହାନଦୀ, ବିରୂପା, କାଠଯୋଡ଼ି ଏବଂ କୁଆଖାଇ ନଦୀ ଉପରେ ୪ ରେଳ ବ୍ରିଜ ନିର୍ମାଣ ହେବ। ଏଥିପାଇଁ ଟେଣ୍ଡର ଆମନ୍ତ୍ରଣ କରାଯାଇଛି। ଏହି ନଦୀ ସେତୁଗୁଡ଼ିକ ମଧ୍ୟରେ ବିରୂପା ନଦୀ ଉପରେ ବ୍ରିଜ ନଂ.୫୩୯, ମହାନଦୀ ଉପରେ ବ୍ରିଜ ନଂ. ୫୪୪, କାଠଯୋଡ଼ି ନଦୀ ଉପରେ ବ୍ରିଜ ନଂ. ୫୫୩ ଓ କୁଆଖାଇ ନଦୀ ଉପରେ ବ୍ରିଜ ନମ୍ବର ୫୫୭ ନିର୍ମାଣ କରାଯିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଏସବୁ ରେଳ ନଦୀ ବ୍ରିଜ ନିର୍ମାଣ ପାଇଁ ଇପିସି (ଇଞ୍ଜିନିୟରିଂ, ପ୍ରୋକ୍ୟୁରମେଣ୍ଟ ଏବଂ କନଷ୍ଟ୍ରକ୍ସନ) ଟେଣ୍ଡରର ଆନୁମାନିକ ମୂଲ୍ୟ ୯୧୬.୬୦ କୋଟି ରହିଥିବାବେଳେ ଏହା ରାଜ୍ୟର ପରିବହନ ଭିତ୍ତିଭୂମିରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ ବୋଲି ଆଶା କରାଯାଉଛି। ଏହି ପ୍ରକଳ୍ପ ଓଡ଼ିଶାର ଅର୍ଥନୀତିକୁ ବୃଦ୍ଧି କରିବା ସହିତ ଟ୍ରେନ ଟ୍ରାଫିକ କ୍ଷମତା ବୃଦ୍ଧି ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଅତିରିକ୍ତ ଲାଇନ ବର୍ତ୍ତମାନର ରେଳ ମାର୍ଗଗୁଡ଼ିକରେ ଯାତାୟାତକୁ ହ୍ରାସ କରିବା ସହ ପଣ୍ୟ ଏବଂ ଯାତ୍ରୀ ପରିବହନର ସାମଗ୍ରିକ ଦକ୍ଷତା ବୃଦ୍ଧି କରିବ।

### ଐତିହାସିକ ମହତ୍ତ୍ୱ ବହନ କରୁଛି ମହାନଦୀ ରେଳ ବ୍ରିଜ

ମହାନଦୀ ରେଳ ବ୍ରିଜ ଐତିହାସିକ ମହତ୍ତ୍ୱ ରଖୁଥିବା ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। ୧୮୯୯ରେ ଶେଷ ହୋଇଥିବା ପ୍ରଥମ ମହାନାଦୀ ରେଳ ବ୍ରିଜ୍ ସେହି ସମୟର ଏକ ଇଞ୍ଜିନିୟରିଂ ଚମତ୍କାରିତା ଥିଲା। ଏଥିରେ ପ୍ରତି ୩୦ ମିଟରରେ ୬୪ ସ୍ପାନ ରହିଥିଲା। ୧୯୦୧ରେ ଇନ୍ଷ୍ଟିଚ୍ୟୁଶନ ଅଫ୍ ସିଭିଲ ଇଞ୍ଜିନିୟରିଂରୁ ସ୍ୱର୍ଣ୍ଣପଦକ ପାଇଥିବା ଜଣେ ଇଞ୍ଜିନିୟର ୱିଲିୟମ ବେକେଟଙ୍କ ତତ୍ତ୍ୱାବଧାନରେ ଡିଜାଇନ ହୋଇଥିବା ଏହି ବ୍ରିଜ୍ ଭାରତର ରେଳ ଇତିହାସରେ ଏକ ବଡ଼ ମାଇଲଖୁଣ୍ଟ। ସେହିପରି ୨୦୦୮ରେ କାର୍ଯ୍ୟକ୍ଷମ ହୋଇଥିବା ଦ୍ୱିତୀୟ ମହାନାଦୀ ରେଳ ବ୍ରିଜ ୧୨୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା। ୨.୧ କି.ମି. (୧.୩ ମାଇଲ) ଦୀର୍ଘ ଏହି ବ୍ରିଜ ଘଣ୍ଟା ପ୍ରତି ୧୬୦ କିଲୋମିଟର ବେଗରେ ଯାତ୍ରା କରୁଥିବା ଟ୍ରେନ୍‌ଗୁଡ଼ିକର ଚଳାଚଳ ପାଇଁ ଡିଜାଇନ କରାଯାଇଥିଲା। ଏଥିସହ ଏହା ମଧ୍ୟ ଭୂକମ୍ପ କାର୍ଯ୍ୟକଳାପକୁ ପ୍ରତିହତ କରିପାରିବ ବୋଲି ସୋମବାର ପୂର୍ବତଟ ରେଳପଥ ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

# ରାଜ୍ୟରେ ଛାତ୍ରୀଛାତ୍ର ଆତ୍ମହତ୍ୟା ୫୮ % ବଢ଼ିଛି

ଭୁବନେଶ୍ୱର,୨।୯ (ସୁନୀତ ମିଶ୍ର)

ଓଡ଼ିଶାରେ ଛାତ୍ରୀଛାତ୍ର ଆତ୍ମହତ୍ୟା ହାର ଗତ ୩ ବର୍ଷ ମଧ୍ୟରେ ୫୮ ପ୍ରତିଶତ ବୃଦ୍ଧି ପାଇଛି। ରାଜ୍ୟ ସରକାର ଏନେଇ ସୋମବାର ବିଧାନସଭାରେ ସୂଚନା ଦେଇଛନ୍ତି। ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଥିଲେ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆତ୍ମହତ୍ୟା ବଢ଼ିଚାଲିଛି। ୨୦୨୧ରେ ଏହି ସଂଖ୍ୟା ୧୧୯ ଥିବାବେଳେ ୨୦୨୨ରେ ୧୭୩ ଏବଂ ୨୦୨୩ରେ ୧୮୯କୁ ବଢ଼ିଛି। ଏହି ୩ ବର୍ଷରେ ଛାତ୍ରମାନଙ୍କ ଅପେକ୍ଷା ଅଧିକ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ୩ ବର୍ଷରେ ମୋଟ ୨୧୮ ଛାତ୍ର ସେମାନଙ୍କ ଜୀବନ ନେଇଥିବାବେଳେ ୨୬୩ ଛାତ୍ରୀ ଏଭଳି ଚରମ ପଦକ୍ଷେପ ନେଇଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ ୨୦୨୧ରୁ ୩ ବର୍ଷ ମଧ୍ୟରେ ରାଜ୍ୟରେ ମୋଟ ୧୭,୭୭୮ ଜଣ ଆତ୍ମହତ୍ୟା କରିଛନ୍ତି। ୨୦୨୧ରେ ୫,୬୪୯ ଆତ୍ମହତ୍ୟା ମାମଲା ରୁଜୁ ହୋଇଥିବାବେଳେ ୨୦୨୨ରେ ୬,୧୪୦ ଏବଂ ୨୦୨୩ରେ ୫,୯୮୯ ଆତ୍ମହତ୍ୟା ମାମଲା ରୁଜୁ ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି।

# ପାଣିରେ ବୁଡ଼ି ପୂଜକଙ୍କ ମୃତ୍ୟୁ

ବୈଶିଙ୍ଗା,୨।୯ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ମାଣତ୍ରିସ୍ଥିତ ବାବା କଖାରୁଆ ବୈଦ୍ୟନାଥ ଶିବ ମନ୍ଦିରର ପୂଜକ ଈଶ୍ୱର ଚନ୍ଦ୍ର ପତି ଜଳାଶୟରେ ବୁଡ଼ି ପ୍ରାଣ ହରାଇଛନ୍ତି। ରବିବାର ରାତିରେ ସେ ମୁହଁ ହାତ ଧୋଇବା ପାଇଁ ଘର ପାଖ ଜଳାଶୟକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ଖବର ଦେବାରୁ ଅଗ୍ନିଶମ ବାହିନୀର କର୍ମଚାରୀମାନେ ପହଞ୍ଚି ଉଦ୍ଧାର କରିଥିଲେ ହେଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବୈଶିଙ୍ଗା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ୪ରେ ମା' ହିଙ୍ଗୁଳାଙ୍କ ନୂଆଖାଇ ପର୍ବ

ତାଳଚେର,୨।୯ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ନୂଆଖାଇ ପର୍ବ ତଥା ନବାନ୍ନ ପ୍ରସାଦ ଲାଗି ଆସନ୍ତା ୪ ତାରିଖରେ ଅନୁଷ୍ଠିତ ହେବ। ଏହି ଅବସରରେ ତାଳଚେର ରାଜାଙ୍କ ପ୍ରତିନିଧି ରାଜେନ୍ଦ୍ର କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳାଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ସେବାୟତ ଯୋଗ ଦେଇଥିଲେ। ମା' ହିଙ୍ଗୁଳାଙ୍କ ମୁଖ୍ୟ ପୂଜକ କିଶୋର ଚନ୍ଦ୍ର ଦେହୁରୀ ପାଞ୍ଜି ଦେଖି ତିଥି ସ୍ଥିର କରିଥିଲେ। ୪ ତାରିଖ ପୂର୍ବାହ୍ନ ୧୧ଟାରେ ମା'ଙ୍କ ଚଳନ୍ତି ପ୍ରତିମା ଆଲମ ଦିଅଁଘରରୁ ପୂଜାମଣ୍ଡପକୁ ଯାତ୍ରା କରାଯିବ। ଏହାପରେ ପାରମ୍ପରିକ ଓ ବୈଦିକ ରୀତିନୀତି ଅନୁଯାୟୀ ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରାଯିବା ସହ ଅପରାହ୍ନ ୧ଟାରେ ନବାନ୍ନ ପ୍ରସାଦ ଲାଗି କରାଯିବ ବୋଲି ସ୍ଥିର କରାଯାଇଥିଲା। ଏହି ବୈଠକରେ ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ସଦସ୍ୟ ମୁରଲୀଧର ସାହୁ, ଗଗନ ବିହାରୀ ସାହୁଙ୍କ ସମେତ ସମସ୍ତ ପୂଜକ, ସେବାୟତ ଉପସ୍ଥିତ ଥିଲେ।

# ପୁଅ ଟଙ୍କା ମାଗିବାରୁ ମା'ଙ୍କ ଆତ୍ମହତ୍ୟା

ଭଞ୍ଜନଗର,୨।୯ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ବିଲିପଡା ଗ୍ରାମର ଝୁନୁ ପ୍ରଧାନ (୬୦) ସୋମବାର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପାରିବାରିକ ଅଶାନ୍ତିରୁ ସେ ଆତ୍ମହତ୍ୟା କରିଥିବା ଜଣାପଡିଛି। ଭଞ୍ଜନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ହସ୍ପିଟାଲକୁ ପଠାଇଛି। ଖବରରୁ ଜଣାପଡିଛି, ସକାଳେ ଝୁନୁଙ୍କ ବଡପୁଅ ତାଙ୍କୁ କିଛି ଟଙ୍କା ମାଗିଥିଲେ। ଝୁନୁ ପୁଅକୁ ଟଙ୍କା ଦେଇ ନ ଥିଲେ। ପୁଅ ଅସନ୍ତୋଷ ପ୍ରକାଶ କରି ବଜାରକୁ ଭେଣ୍ଡି ବିକ୍ରି କରିବାକୁ ଚାଲିଯାଇଥିଲେ। ପରେ ଝୁନୁ ମାନସିକ ଭାରସାମ୍ୟ ହରାଇ ଘର କୁଅରେ ବେକରେ ରଶି ଲଗାଇ ଝୁଲି ପଡ଼ିଥିଲେ ବୋଲି ତାଙ୍କ ସାନପୁଅ କହିଛନ୍ତି। ବଡପୁଅ ବଜାରରୁ ଫେରି ମା' ଆତ୍ମହତ୍ୟା କରିଥିବା ଜାଣିବାକୁ ପାଇଥିଲେ।

# ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳସୁଆ କପାଳକୁ ଗଙ୍ଗା ବିଜେ କରିବା।**

ଗଙ୍ଗା ମଙ୍ଗଳର ଚିହ୍ନ। ଏହା ପବିତ୍ର ତଥା ଉପକାରୀ। ଘରେ ବସି ବସି କିଛି ଚେଷ୍ଟା ନ କରି ଯଦି କିଛି ଭଲ ଜିନିଷ ମିଳିଯାଏ ବା ଘଟିଯାଏ ତେବେ ଭଲକଥା। ଅକର୍ମାର ଭାଗ୍ୟ ଉଦୟ ହେବା ବା କର୍ମ ଖୋଲିଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଲେଇଚ ମତେ ଦେଖିକରି ପଳେଇଚ।**

ଜଣେ ଅନ୍ୟ ଜଣକୁ ଦେଖି ସହି ନ ପାରିବା। ଜଣଙ୍କର ଛାଇ ପଡ଼ିଲେ ଅନ୍ୟ ଜଣଙ୍କର ନାହିଁ ଡେଇଁଲା ଭଳି ଜଣଙ୍କର ଉପସ୍ଥିତିକୁ ସହଜରେ ଗ୍ରହଣ କରି ନ ପାରି ସେଠାରୁ ପଳେଇଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ

# ଜଣାପଡୁନି କାରଣ, ମାଡ଼ି ଚାଲିଛି ରୋଗ

ଉଦଳା,୨।୯ (ସନ୍ତୋଷ କୁମାର ବାଡ଼ିନୀ)

ଜଣା ପଡୁନାହିଁ କାରଣ, ହେଲେ କାୟା ବିସ୍ତାର କରିଚାଲିଛି କିଡ୍‌ନୀଜନିତ ରୋଗ। ଏହି ରୋଗର ଭୟାବହତା ଭିତରେ ପୂରା ଗ୍ରାମ ଶଙ୍କାଗ୍ରସ୍ତ। କିଏ ଖଟିଆ ଉପରେ ଶୋଇ ରହିଛି ତ ଆଉ କିଏ ହାତରେ ଆଶାବାଡ଼ି ଧରି ଚାଲୁଛି। କାହାର ଶରୀର କ୍ଷୀଣ ଅବସ୍ଥାରେ ଅଛି ତ ପୁଣି କିଏ ଯୁବାବସ୍ଥାରେ ବି ଶଯ୍ୟାଶାୟୀ। ଗାଁକୁ ପଶିଲେ ପ୍ରତି ଘରେ ପ୍ରାୟ ଏପରି ଚିତ୍ର ଦେଖିବାକୁ ମିଳିବ। ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ରାଢ଼ୋ ପଞ୍ଚାୟତର ରାମଚନ୍ଦ୍ରପୁର ଗ୍ରାମରେ ଏଭଳି ଘଟଣା ଦେଖିବାକୁ ମିଳିଛି।

ଗାଁରେ ୪୦ରୁ ଅଧିକ ପରିବାର ବସବାସ କରନ୍ତି। ସେଥିମଧ୍ୟରୁ ୯୦ ପ୍ରତିଶତ ପରିବାରର ସଦସ୍ୟମାନେ ଏବେ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ। କିଏ ୪ ମାସ ହେଲା ତ ପୁଣି କିଏ ବର୍ଷେ ହେଲା, ଆଉ କେତେଜଣ ବର୍ଷ ବର୍ଷ ଧରି ଏହି ରୋଗରେ ଆକ୍ରାନ୍ତ ହୋଇ ଏବେ ଶଯ୍ୟାଶାୟୀ ହୋଇଯାଇଛନ୍ତି। ସବୁକିଛି ଠିକ୍‌ଠାକ୍ ଥିବାବେଳେ ହଠାତ୍ ଶରୀର ଅସୁସ୍ଥ ହୋଇପଡୁଛି। ତା' ପରେ ପରୀକ୍ଷା କରିବାରୁ ରୋଗ ସମ୍ପର୍କରେ ଜଣାପଡୁଛି। ଏହି ରୋଗରେ ଆକ୍ରାନ୍ତ ଗ୍ରାମର କେତେଜଣ ଯୁବକଙ୍କ ଅଳ୍ପ ବୟସରେ ମୃତ୍ୟୁ ମଧ୍ୟ ହୋଇଛି। ଆକ୍ରାନ୍ତମାନେ ଡାକ୍ତରଖାନାକୁ ଯାଇ ଔଷଧ ଆଣୁଥିବା ବେଳେ ଅନେକ ଔଷଧ ବାହାରୁ କିଣିବାକୁ ପଡୁଛି। ଅଧିକ ଅର୍ଥ ଦେଇ ଔଷଧ କିଣିବା ସମସ୍ତଙ୍କ ପାଇଁ ସମ୍ଭବପର ହୋଇପାରୁ ନ ଥିବାରୁ ଅନେକେ ଔଷଧ ଖାଇବା ବନ୍ଦ ମଧ୍ୟ କରିଦେଇଛନ୍ତି।

ଏହି ଗ୍ରାମକୁ କୌଣସି ସରକାରୀ ଅଧିକାରୀ କିମ୍ବା ମେଡିକାଲ ଟିମ୍ ଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାଁ ଭାଁ କେତେବେଳେ କେମିତି ଆଶାକର୍ମୀ ଆସି ବୁଲି ଯାଉଥିବା କଥା କହିଛନ୍ତି ଗ୍ରାମବାସୀ। ତେବେ କିଡ୍‌ନୀଜନିତ ରୋଗର କାରଣ ଅଦ୍ୟାବଧି ଜଣାପଡ଼ି ନ ଥିବାବେଳେ ଆଇରନ ଯୁକ୍ତ ପାଣି ଯୋଗୁ ରୋଗ ବ୍ୟାପୁଥିବା ଗ୍ରାମବାସୀ ଅନୁମାନ କରୁଛନ୍ତି। ପରିତାପର ବିଷୟ ଦୀର୍ଘବର୍ଷ ହେବ ଗ୍ରାମବାସୀ କିଡ୍‌ନୀଜନିତ ରୋଗ କବଳରେ କଲବଲ ହେଉଥିଲେ ସୁଦ୍ଧା ଏଥିପ୍ରତି କାହାର ନଜର ନାହିଁ।

କପ୍ତିପଦା ଉପଖଣ୍ଡ ଚିକିତ୍ସା ଅଧିକାରୀ ଲକ୍ଷ୍ମୀକାନ୍ତ ପତିଙ୍କୁ ପଚାରିବାରୁ ସେ ଘଟଣାକୁ ଗୁରୁତର ସହିତ ଗ୍ରହଣ କରିଛନ୍ତି। ଖୁବ୍‌ଶୀଘ୍ର ତଦନ୍ତ ହେବ, ରୋଗର କାରଣ ଖୋଜାଯିବ ଓ ଆକ୍ରାନ୍ତମାନଙ୍କୁ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ତେବେ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସାତଭାୟା କୂଳରେ ଲାଗିଥିବା ୨ କଣ୍ଟେନରରୁ ଲୁଟ୍

## ଲୋକେ ବୋହିନେଲେ ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀ



ରାଜନଗର, ୨।୯ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ସାତଭାୟା ବେଳାଭୂମିରେ ସୋମବାର ସକାଳେ ଗଭୀର ସମୁଦ୍ରରୁ ଭାସି ଆସିଥିବା ୨ଟି କଣ୍ଟେନର ଲାଗିଥିଲା। ଏଥିରେ ପ୍ରସାଧାନ ସାମଗ୍ରୀଠୁ ଆରମ୍ଭ କରି ଘରକରଣା, ରୋଷେଇ ଓ ଖାଦ୍ୟ ସାମଗ୍ରୀ ଥିଲା। ସାତଭାୟାବାସୀ ବିସ୍ଥାପିତ ହେବା ପରେ ରାଜନଗର ବନ ବିଭାଗ ଅଧୀନରେ ରହିଛି ସାତଭାୟା, ଯାହାକି ଏବେ ନିଷିଦ୍ଧାଞ୍ଚଳ। ତେବେ ଯାତାୟାତ ପାଇଁ ବାଉଁଶଗଡ଼ ନଦୀରେ ପକାଯାଇଥିବା ଘାଟ ଡଙ୍ଗାରେ ଏହିସବୁ ସାମଗ୍ରୀ ପାର କରାଯାଇଛି। ସାଧାରଣ ଲୋକେ କିପରି ନିଷିଦ୍ଧାଞ୍ଚଳକୁ ଯାଇ ସାମଗ୍ରୀ ବୋହିନେଲେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସାତଭାୟା ମା'ପଞ୍ଚୁବରାହୀଙ୍କ ପୁରୁଣା ମନ୍ଦିର ନିକଟରୁ ୩ଶହ ମିଟର ଅନ୍ତରରେ ୨ଟି ସାମଗ୍ରୀ ବୋଝେଇ କଣ୍ଟେନର ଲାଗିଥିଲା। ଖବରପାଇ ବଗପାଟିଆ, ଗୁପ୍ତି, ଓକିଲପାଳ, ଦେବେନ୍ଦ୍ରନାରାୟଣପୁର, ସାତଭାୟା ଅଞ୍ଚଳର ଶତାଧିକ ଲୋକେ ବାଇକ୍ ଓ ବସ୍ତା ଧରି ଡଙ୍ଗାରେ ବାଉଁଶଗଡ଼ ନଦୀ ପାର ହୋଇ ୭ କି.ମି. ଦୂର ସାତଭାୟା ସମୁଦ୍ର କୂଳରେ କଣ୍ଟେନର ପାଖରେ ପହଞ୍ଚି ଥିଲେ। କଣ୍ଟେନର ତାଲାକୁ ତାଡ଼ି ସେଥିରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀକୁ ଲୋକେ ବୋହି ନେଇଥିଲେ। ଏହି କଣ୍ଟେନରରେ କପ୍ ପ୍ଲେଟ୍, ମ୍ୟୁଜିକ୍ ବକ୍ସ, ଫ୍ରିଜ, ଗଡ୍‌ରେଜ, ଶାଢ଼ି, ଜୋତା, ଶାର୍ଟପ୍ୟାଣ୍ଟ, ଛତା, କବାଟ ତିଆରି ସାମଗ୍ରୀ, ଗଛକଟା ସାମଗ୍ରୀ, ସୋରିଷ ତେଲଠାରୁ ଆରମ୍ଭ କରି ରୋଷେଇ ସାମଗ୍ରୀ, ଶୁଖିଲା ଖାଦ୍ୟ, ଏୟାର ବ୍ୟାଗକୁ ଲୋକେ ନିଜ ନିଜ ଭିତରେ ବାଣ୍ଟି ନେଇଛନ୍ତି। ମାତ୍ର କେତେ ଘଣ୍ଟା ଭିତରେ ୨ଟି କଣ୍ଟେନରରେ ଥିବା ସାମଗ୍ରୀ ସରି ଯାଇଥିଲା। ଅପରପକ୍ଷରେ ନିଷିଦ୍ଧାଞ୍ଚଳ ମଧ୍ୟକୁ କିଭଳି ଲୋକ ଗଲେ, ଏ ସମ୍ପର୍କରେ ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେହୁରାଙ୍କୁ ପଚାରିବାରୁ କଣ୍ଟେନର ୨ଟି ଖାଲିଥିଲା, ଅଳ୍ପ କିଛି କୁରକୁରି ଓ ଅନ୍ୟ ସାମଗ୍ରୀ ଥିଲା। ଅପରାହ୍ନ ୨ଟାରେ ସାତଭାୟାର କର୍ମଚାରୀମାନେ ଏ ସମ୍ପର୍କରେ ଜଣାଇଥିଲେ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରୁ ବାଉଁଶଗଡ଼ ନଦୀ ଘାଟ ଡଙ୍ଗାରେ ଲୋକେ ପାର ହେବା ଓ ସାମଗ୍ରୀ ଆଣିବା ଘଟଣାର ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଅଗଷ୍ଟ ୨୫ରେ ମୁମ୍ବାଇ ନିର୍ମିତ ଭାରତୀୟ ପଣ୍ୟବାହୀ ଜାହାଜ ଆଇଆଇଟି ପୁମା କୋଲକାତା ବନ୍ଦରରୁ ପୋର୍ଟବ୍ଲେୟାର ଯାଉଥିଲା। ତେବେ ଜାହାଜରେ କଣା ଥିବାରୁ ପାଣି ପଶି ସାଗରଦ୍ୱୀପଠାରୁ ୯୦ ନଟିକାଲ ମାଇଲ ଦୂରରେ ଜାହାଜଟି ବୁଡ଼ିଯାଇଥିଲା। ଜାହାଜର କ୍ୟାପଟେନଙ୍କଠାରୁ ସୂଚନା ପାଇ କୋଷ୍ଟଗାର୍ଡ ପାଟ୍ରୋଲିଂ ଜାହାଜ ସାରଙ୍ଗ ଓ ଅମୋଘ ଘଟଣାସ୍ଥଳକୁ ଯାଇଥିଲା। ସେଠାରେ ପାଣିରେ ପହଁରୁଥିବା ୧୧ ଜଣ ନାବିକଙ୍କୁ ଉଦ୍ଧାର କରିଥିଲା। ଏବେ ବି ୩ ଜଣ ନିଖୋଜ ଅଛନ୍ତି। ତେବେ ଏହି ଦୁଇ କଣ୍ଟେନର ଉକ୍ତ ଜାହାଜର ହୋଇଥିବା ଅନେକ ଅନୁମାନ କରୁଛନ୍ତି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIVSKP 2024036, ତା.27.08.2024ରିଖ

**କାର୍ଯ୍ୟର ନାମ :** ଜଗଦଲପୁର-କୋରାପୁଟ ଦୋହରୀକରଣ ପ୍ରକଳ୍ପ-ପୂର୍ବ ତଟ ରେଳପଥର ୱାଲ୍ଟିୟର ମଣ୍ଡଳର ଜରତି-ମାଲିଗୁଡ଼ା ସେକ୍ସନରେ ଜରତି ଷ୍ଟେସନଠାରୁ ଚେନେଜ୍ 2000m ଏବଂ 2700m ମଧ୍ୟରେ ପ୍ରବେଶ ପଥ ମାଟିକାମ ଏବଂ ରିଟେନିଙ୍ଗ୍ ୱାଲ ସହିତ କଟ୍ ଏବଂ କଭର ଟନେଲ (T1A)ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 4204.41 ଲକ୍ଷ, EMD (ଟଙ୍କାରେ): 22,52,200/-, କାର୍ଯ୍ୟ ଶେଷ ହେବା ଅବଧି : 06 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.09.2024 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭାଗ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-57/CH/24-25

GOVERNMENT OF ODISHA
**OFFICE OF THE SUPERINTENDING ENGINEER, RURAL WORKS DIVISION, PATNAGARH**
E-mail: eerw_ptng@yahoo.in, Phone No - 06658-222121
Office Order No.4692, Date: 02.09.24

1st Corrigendum to this office BID IDENTIFICATION NO. EEPTNG-online-02/2024-25 Invited Vide this office Letter No.4578, Dtd.22.08.2024

No.O-242: In pursuance to this office BID IDENTIFICATION NO. EEPTNG-online-02/2024-25 published vide this office e-procurement notice No.4578, Dtd.22.08.2024, the following changes have been made in NIT.

| Sl.No. | Items | As per Original TCN | As per 1st Corrigendum |
|---|---|---|---|
| 1 | Availability of tender online for bidding | 28.08.2024, 11.00 AM to 10.09.2024 upto 5.00 PM | 05.09.2024 11.00 AM to 17.09.2024 upto 5.00 PM |
| 2 | Last date of seeking clarification | 09.09.2024 upto 5.00 PM | 13.09.2024 upto 5.00 PM |
| 3 | Date and Time of opening of tender in office of the R.W. Division, Patnagarh | 11.09.2024 at 11.00 AM | 18.09.2024 at 11.00 AM |

All other terms and condition remain unaltered.

OIPR-25154/11/0003/2425
Sd./- Executive Engineer, R.W.Division, Patnagarh

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI**
**DISTRICT PROGRAMME MANAGEMENT UNIT (DPMU)**
**NATIONAL HEALTH MISSION (NHM)**

Advt. No.2887/DPMU
**WALK-IN-INTERVIEW FOR DOCTORS**
Date:02.09.2024

No.E-275: Eligible Doctors are invited to walk in interview for the following posts under NHM (UAAM, NCD & SNCU), Puri on contractual basis.

| Sl. No. | Name of the Post | No. of Vacancy | Base Remuneration (In Rs. per Month) | Qualification | Walk-in-interview date & time |
|---|---|---|---|---|---|
| 1 | Doctors (UAAM-03, NCD-01 & SNCU-1) | 05 | Rs.65612/-+PI (Max 25%) | MBBS from an institution recognized by Medical Council of India, Must have valid Registration from the Odisha Council of Medical Registration. Upper age limit-up to 70 years. | 12.09.2024 (10.00 AM) |

Interested candidates for Doctors may attend the walk-in-interview in the office of CDM&PHO, Puri as per the date & time mentioned against the post. The candidates are required to bring the filled in application form as per prescribed format alongwith all their original certificates in support of their educational qualification, age, experience, two Passport size photograph & one set of self attested photocopies of the same. The application form and the selection criteria are available at District website www.puri.odisha.gov.in. The vacancy shown in advt. is provisional & subject to change as per requirement. The panel of above advertised position can be utilized for other positions of the society having same educational qualification, selection criteria and remuneration. The undersigned reserves the right to cancel any or all the application/process without assigning any reason thereof.

OIPR-10021/11/0005/2425
Sd./- CDM&PHO-cum-DMD, Puri

GOVERNMENT OF ODISHA
**OFFICE OF THE SUPERINTENDING ENGINEER, P.H. DIVISION, BHANJANAGAR, AT: CHATRAPUR**
E-mail: eephchpr@gmail.com
NATIONAL COMPETITIVE BIDDING THROUGH e-Procurement
INVITATION FOR BIDS (IFB)
No. C-534

| Sl. No. | Name of Work | Bid Identification No. | Estimated Cost (Rs. in Lakh) | Period of Completion | Availability of Bid Document for Online Bidding From | Availability of Bid Document for Online Bidding To | Name & Address of Office Inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Procurement of 100mm to 300mm dia DI pipes in connection with the work-Improvement of water supply to Digapahandi NAC and Balliguda NAC under AMRUT 2.0 SWAP-III | Identification No. 36/03/ SPH(C)/ 2024-25 Dt.31.08.2024 | 540.73 | 3 (Three) Calendar Months | 11.00 Hrs. of 03.09.2024 | 17.30 Hrs. of 17.09.2024 | Superintending Engineer, P.H. Division, Bhanjanagar at Chatrapur |

The Technical Bid shall be opened on Dt.18.09.2024 at 11.00 A.M. Further details can be seen from the e-procurement portal https://www.tenderorissa.gov.in
OIPR-13013/11/0004/2425
Sd./- Superintending Engineer (PH), P.H. Division, Bhanjanagar at Chatrapur

**OFFICE OF THE DIVISIONAL FOREST OFFICER, BERHAMPUR DIVISION**
At-Courtpeta, Brahmapur-760004
Phone/Fax - 0680-2281354, Mob - +91 7653908594
Email-dfo.berhampur@odisha.gov.in

**CANCELLATION NOTICE**

No.MM-137 : Due to unavoidable circumstances the Short-Tender Call Notice No. 06/2024-25 for Procurement and Installation of Three Phase 62.5 KVA Silent Diesel Generator Set in Berhampur Division Published in Odiya Daily "DHARITRI", "PRATIDIN" on 28.08.2024 and in the website www.odishaforest.in/ganjam.nic.in is hereby cancelled. The next date of Tender Call Notice will be published in due course.

Sd./- Divisional Forest Officer
Brahmapur Division
OIPR-08038/11/0013/2425

**GOVERNMENT OF ODISHA**
**SUPERINTENDING ENGINEER, BOUDH (R&B) DIVISION, BOUDH**
No.B-215
E-mail - eeboudhrb@gmail.com
INVITATIONS FOR BIDS (IFB)
"e" Procurement Notice
Letter No. 3141 Dtd. 31.08.2024
Bid Identification No. SE (R&B)-BDH 02/2024-25

| | | |
|---|---|---|
| 1 | Name of the Work | 01 (One) No. of Civil work (Single cover) |
| 2 | Estimated Cost | 73.60 lakhs |
| 3 | Period of Completion | 06 (Six) Calendar months |
| 4 | Date & Time of availability of Bid documents in the Portal | From 10.09.2024, 10.00 A.M. to 19.09.2024, 5.00 P.M. |
| 5 | Last date/time for seeking of Tender Clarification | 19.09.2024 up to 1.00 P.M. |
| 6 | Last date/time for receipt of bids in the Portal | up to 5.00 P.M. of dated 19.09.2024 |
| 7 | Date & Time of opening of tender / Bid | 20.09.2024 at 11.30 A.M. |
| 8 | Name and Address of the O.I.T. | Superintending Engineer, Boudh (R&B) Division, Boudh |

Further details corrigendum (s) if any issued can be seen from the website http://tendersorissa.gov.in.

Sd./- Additional Chief Engineer,
Boudh (R&B) Division, Boudh
OIPR-34134/11/0002/2425

**OFFICE OF THE ENGINEER-IN-CHIEF, RURAL WATER SUPPLY & SANITATION,**
JAL "O" PARIMAL BHAWAN, UNIT-V, BHUBANESWAR-751001, ODISHA
Tel : 0674-2395734, FAX : 0674-2394946, e-mail : cerwssodisha@gmail.com
No.9419/Date ; 31.08.2024

**REQUEST FOR PROPOSAL (RFP)**
Bid No. EIC/RWSS/03/2024-25

Request for Proposal (RFP) for Setting up of a Technical Support Unit (TSU) for Project Development and Implementation of Sanitation Projects including Solid and Liquid Waste Management projects in Rural Areas in the State of Odisha

No.O-241 : The Engineer-in-Chief, RWSS, Odisha, Bhubaneswar, on behalf of Panchayati Raj & Drinking Water Department, Government of Odisha invites Request for Proposal (RFP) for setting up of a Technical Support Unit (TSU) for Project Development and Implementation of Sanitation Project including Solid and Liquid Waste Management projects in Rural Areas in the State of Odisha.

The Agencies/Firms intending to bid for the engagement of TSU shall fulfill the following eligibility conditions :
(a) The bidder should be a Company/Firm/LLP registered in India with a track record of providing consulting/advisory services for at least 10 years as on September 30, 2024 ;
(b) The bidder should have a Minimum Turnover of INR 100 crore from consulting/advisory business during the last 3 (three) preceding financial years i.e FY 2021-22, FY 2022-23 and FY 2023-24 (Supported by duly audited balance sheet and statutory auditor certificate) ;
(c) The bidder should have experience of at-least one project involving consultancy and advisory in SLWM/Rural Sanitation at ULB or Gram Panchayat level (Documentary evidence in the form of Signed Agreements) ;
(d) The bidder should have provided at least one project involving state-level PMU Support or state-level program advisory related to Solid-Liquid waste management or Sanitation projects. (Documentary evidence in the form of Signed Agreements) ;

Interested Agency/Firms may download the RFP document from Government of Odisha Website i.e. www.tendersodisha.gov.in / https://panchayat.odisha.gov.in from 05.09.2024 to 26.09.2024 up to 5.00 PM
A pre-bid meeting shall be conducted on 11:30 hours dated 12.09.2024 at Office of the Engineer-in-Chief, Rural Water Supply & Sanitation, Jal o Parimal Bhawan, Unit-V, Bhubaneswar-751001, Odisha. Interested bidders may send their queries to cerwssodisha@gmail.com and attend the said pre-bid meeting.
The Authority reserves the right accept or reject any/all RFP without assigning any reason thereof.

Name & address of officer inviting Bid : Engineer-in-Chief, RWSS, Jal "O" Parimal Bhawan, Unit-V, Bhubaneswar, Ph. : 0674-2395734, e-mail : cerwssodisha@gmail.com

Further details can be seen from the e-procurement portal http://tendersodisha.gov.in / https://panchayat.odisha.gov.in

OIPR-25003/11/0004/2425
Sd./- Engineer-in-Chief, RWSS

See Career Appointment on every Wednesday & Saturday

# ଶିଶୁଭବନରେ ଡାକ୍ତରୀ ପରାମର୍ଶ, ଏସ୍‌ସିବିରେ ପରୀକ୍ଷା

କଟକ,୨।୯(ଶିକ୍ଷା ପ୍ରିୟଦର୍ଶିନୀ)

ଶିଶୁ ରୋଗୀଙ୍କୁ ଯନ୍ତ୍ରଣା ଦେଉଛି ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନ (ଶିଶୁଭବନ)। ଅନେକ ସମୟରେ ଅଲଟ୍ରା ସାଉଣ୍ଡ ଯୋଗୁ ଅଧାରେ ଝୁଲିରହୁଛି ଚିକିତ୍ସା। ଏପରିକି ଶିଶୁରୋଗୀ ଓ ତାଙ୍କ ଅଭିଭାବକ ଶିଶୁଭବନ ଧାଇଁ ଧାଇଁ ନିରାଶ ହେବା ପରେ ଶେଷରେ ଏସ୍‌ସିବି ମେଡିକାଲ ଯିବାକୁ ବାଧ୍ୟ ହେଉଛନ୍ତି। ଏଭଳି କିଛି ଦୃଶ୍ୟ ସୋମବାର ଏସ୍‌ସିବି ମେଡିକାଲରେ ନଜରକୁ ଆସିଛି।

ସୂଚନା ଅନୁଯାୟୀ, ବରଗଡ଼ ଜିଲାର ୯ବର୍ଷୀୟ ଆଲୋକ ସାହୁଙ୍କ ମଳଦ୍ୱାରରେ ସମସ୍ୟା ଥିବାରୁ ୪ବର୍ଷ ପୂର୍ବେ ଶିଶୁଭବନରେ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। କିନ୍ତୁ ଏବେ ସେହି ସମସ୍ୟା ପୁଣି ଦେଖାଦେବାରୁ ପେଟରେ ଯନ୍ତ୍ରଣା ହୋଇଥିଲା। ଆଲୋକ ଗତ ଅଗଷ୍ଟ ୨୧ରେ ଶିଶୁଭବନରେ ଡାକ୍ତରଙ୍କୁ ଦେଖାଇଥିଲେ। ଡାକ୍ତର ପେଟ ଅଲଟ୍ରାସାଉଣ୍ଡ କରିବାକୁ କହିଥିଲେ। ସେପ୍ଟେମ୍ବର ୧୨ରେ ଶିଶୁଭବନରେ ତାଙ୍କର ଅଲଟ୍ରାସାଉଣ୍ଡ ହେବ ବୋଲି କୁହାଯାଇଥିଲା। ଏପରିକି ଶିଶୁଭବନରେ ଯଦି ଏହି ଅଲଟ୍ରାସାଉଣ୍ଡ କରା ନ ଯାଏ ତେବେ ଏସ୍‌ସିବି ମେଡିକାଲରେ କରିବାକୁ ଆଲୋକଙ୍କ ବାପା ଜୟରାମ ସାହୁଙ୍କୁ ଶିଶୁଭବନ କର୍ମଚାରୀ କହିଥିଲେ। ତେବେ ଗତ ୩ଦିନ ହେବ ଆଲୋକଙ୍କ ପେଟରେ ଯନ୍ତ୍ରଣା ଅଧିକ ହେବାରୁ ଜୟରାମ ତାଙ୍କୁ ନେଇ ସୋମବାର ଶିଶୁଭବନରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ଏସ୍‌ସିବିରେ ଅଲଟ୍ରାସାଉଣ୍ଡ କରିବା ପାଇଁ କୁହାଯାଇଥିଲା। ଫଳରେ ସେ ଫେରିଆସି ଏସ୍‌ସିବି ମେଡିକାଲରେ ଧାଡ଼ିରେ ଦୀର୍ଘ ସମୟ ଛିଡ଼ା ହେବା ପରେ ଆଲୋକଙ୍କ ପରୀକ୍ଷା କରାଯାଇଛି। ଏନେଇ ଜୟରାମ ଅଭିଯୋଗ କରିଛନ୍ତି, ଶିଶୁରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ଶିଶୁଭବନ ବହୁ ଗୁରୁତ୍ୱ ବହନ କରେ, କିନ୍ତୁ ସେଠାରେ

## ଅଲଟ୍ରାସାଉଣ୍ଡ ପାଇଁ ହଇରାଣ



ଏସ୍‌ସିବି ମେଡିକାଲ ପରିସରରେ ଆଲୋକଙ୍କ ସହ ତାଙ୍କ ବାପା ଅପେକ୍ଷାରେ ବସିଛନ୍ତି।

ଅଲଟ୍ରାସାଉଣ୍ଡ ଠିକ୍ ଭାବେ ହୋଇପାରୁ ନ ଥିବାରୁ ଏସ୍‌ସିବି ମେଡିକାଲକୁ ପଠାଇ ଦିଆଯାଉଛି। ରାଜ୍ୟର ସର୍ବବୃହତ୍ ମେଡିକାଲ ଶିଶୁଭବନରେ ଏଭଳି ଅବ୍ୟବସ୍ଥା ଗ୍ରହଣୀୟ ନୁହେଁ। ମେଡିକାଲ କର୍ତ୍ତୃପକ୍ଷ ଜାଣି ରଖିବା ଉଚିତ ଯେ, ଦୂରଦୂରାନ୍ତରୁ ଶିଶୁରୋଗୀଙ୍କୁ ନେଇ ଅଭିଭାବକମାନେ ଆସିଥାନ୍ତି। ସେମାନଙ୍କୁ ଅନ୍ୟ ମେଡିକାଲକୁ ପଠାଇବା ଦ୍ୱାରା ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏସ୍‌ସିବିରେ ଦୀର୍ଘସମୟ ଅପେକ୍ଷା କରିବା ପରେ ଅଲଟ୍ରାସାଉଣ୍ଡ ହୋଇଥିଲା ଏବଂ ସେଠାରୁ ହଇରାଣ ହୋଇ ପୁଣି ଶିଶୁଭବନ ଆସି ଡାକ୍ତର ଦେଖାଇବାକୁ ପଡ଼ିଥିଲା। ଏହା ଉପରେ ମେଡିକାଲ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇ ପଦକ୍ଷେପ ନେବା ଆବଶ୍ୟକ ବୋଲି ସାହୁ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଶିଶୁଭବନ ସୁପରିଣ୍ଟେଣ୍ଡେଣ୍ଟ ଡା. ପ୍ରଦୀପ କୁମାର ଜେନା କହିଛନ୍ତି, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଶିଶୁଭବନ ଏବଂ ଏସ୍‌ସିବି ମେଡିକାଲ ଅଭିନ୍ନ ତଥା ଏକ। ଶିଶୁଭବନରେ ଅଲଟ୍ରାସାଉଣ୍ଡ ପରୀକ୍ଷା କରାଇବା ପାଇଁ ଦୁଇଟି ଏସ୍‌ଆର ଓ ଦୁଇଟି ଆସିଷ୍ଟାଣ୍ଟ ପ୍ରଫେସର ପଦ ରହିଛି। କିନ୍ତୁ ଏବେ ଜଣେ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ନେଇ ଏହି ପରୀକ୍ଷା କରାଯାଉଛି। ଏଠାରେ ରୋଗୀ ସଂଖ୍ୟା ବଢ଼ିଲେ ରୋଗୀଙ୍କୁ ଏସ୍‌ସିବି ମେଡିକାଲ ପଠାଯାଉଛି।

# ଓଡ଼ିଶା ଫେରିଲେ ବସନ୍ତ, ଏସ୍‌ସିବିରେ ଭର୍ତ୍ତି

କଟକ,୨।୯(ଶିକ୍ଷା ପ୍ରିୟଦର୍ଶିନୀ)

**ରାଜ୍ୟ ସରକାରଙ୍କ ହସ୍ତକ୍ଷେପ**

କେନ୍ଦ୍ରାପଡ଼ା ରାଜନଗର ଅଞ୍ଚଳର ବସନ୍ତ ପରିଡ଼ା ସୋମବାର ରାତିରେ କଟକସ୍ଥିତ ଏସ୍‌ସିବି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ରାଜ୍ୟ ସରକାରଙ୍କ ହସ୍ତକ୍ଷେପ ପରେ ବସନ୍ତଙ୍କୁ ଚିକିତ୍ସା ପାଇଁ କେରଳରୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ବୋଲି ମେଡିକାଲ ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, କେରଳର ଏର୍ନାକୁଲମରେ ବସନ୍ତ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗତ ଅଗଷ୍ଟ ୧୦ରେ ସେ ହଠାତ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ସ୍ଥାନୀୟ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ସମସ୍ତ ପରୀକ୍ଷା କରାଯାଇଥିଲା। ବସନ୍ତ ଉଚ୍ଚରକ୍ତଚାପ ଯୋଗୁ ମସ୍ତିଷ୍କ ଆଘାତରେ ପୀଡ଼ିତ ଥିବା ଓ ତାଙ୍କ ବାମପଟ ପାରାଲାଇଜ ହୋଇଥିବା ଡାକ୍ତର କହିଥିଲେ। ଏ ବିଷୟରେ ବସନ୍ତଙ୍କ ସ୍ତ୍ରୀ ସୁଭଦ୍ରା ପରିଡ଼ା 'ଓଡ଼ିଶା ପରିବାର' ନିର୍ଦ୍ଦେଶକ ଡା. ବିଜୟ କେତନ ଉପାଧ୍ୟାୟଙ୍କୁ ଜଣାଇଥିଲେ। ତୁରନ୍ତ ବସନ୍ତଙ୍କୁ ଓଡ଼ିଶା ଫେରାଇ ଆଣିବା ସହ ରାଜ୍ୟ ସରକାର ତାଙ୍କ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବାକୁ ସୁଭଦ୍ରା ନିବେଦନ କରିଥିଲେ। ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ସଚିବ ଓ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ଏଥିସହ ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, କେନ୍ଦ୍ରାପଡ଼ା ଏମ୍‌ପି ଏବଂ ବିଧାୟକଙ୍କୁ ଚିଠି ଜରିଆରେ ଅବଗତ କରାଯାଇଥିଲା। ପରେ ସେଠାରେ ବସନ୍ତଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ରାଜ୍ୟ ସରକାରଙ୍କ ହସ୍ତକ୍ଷେପରେ ବସନ୍ତଙ୍କୁ କେରଳର ଆପୋଲୋ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇ ସୋମବାର କଟକ ଏସ୍‌ସିବି ମେଡିକାଲକୁ ଅଣାଯାଇଥିଲା।

## ସଂକ୍ଷେପରେ

### ୨ ଯାତ୍ରୀଙ୍କୁ ମୋବାଇଲ ଫେରସ୍ତ କଲା ଆର୍‌ପିଏଫ୍

କଟକ,୨।୯(କାର୍ତ୍ତିକ ସାହୁ) କଟକ ରେଳ ଷ୍ଟେଶନରୁ ମିଳିଥିବା ୨ଟି ମୋବାଇଲକୁ ଆର୍‌ପିଏଫ୍ ଯାତ୍ରୀଙ୍କୁ ଫେରସ୍ତ କରିଛି। ଆର୍‌ପିଏଫ୍ କର୍ମଚାରୀ ରବିବାର ରାତିରେ ପାଟ୍ରୋଲିଂ କରୁଥିଲାବେଳେ ଷ୍ଟେଶନର ୧ନଂ. ପ୍ଲାଟଫର୍ମରୁ ଗୋଟିଏ ଦାମୀ ମୋବାଇଲ ମିଳିଥିଲା। ମୋବାଇଲକୁ ଯାଞ୍ଚ କରିବା ପରେ ତାହା ପଶ୍ଚିମବଙ୍ଗ ମେଦିନାପୁରର ଏସ୍.କେ. ମନୋହରଙ୍କ ବୋଲି ଜଣାପଡ଼ିଥିଲା। ମନୋହର ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ନେଇ ଚିକିତ୍ସା ପାଇଁ କଟକ ଏସ୍‌ସିବି ମେଡିକାଲ ଆସିଥିଲେ। ସେ ଟ୍ରେନ ଯୋଗେ ରବିବାର ସନ୍ଧ୍ୟାରେ ପଶ୍ଚିମବଙ୍ଗ ଫେରିଥିଲେ। ଭୁଲବଶତଃ ଷ୍ଟେଶନରେ ତାଙ୍କ ମୋବାଇଲଟି ଖସି ପଡ଼ିଥିଲା ବୋଲି ମନୋହର ଆର୍‌ପିଏଫ୍‌କୁ ଜଣାଇଥିଲେ। ସୋମବାର ଏସ୍‌ସିବିରେ ଥିବା ତାଙ୍କ ପରିବାରର ଜଣେ ସଦସ୍ୟ ଆର୍‌ପିଏଫ୍ ପୋଷ୍ଟକୁ ଆସିବା ପରେ ତାଙ୍କୁ ମୋବାଇଲ ହସ୍ତାନ୍ତର କରାଯାଇଛି। ସେହିଭଳି ୩ନଂ. ପ୍ଲାଟଫର୍ମରୁ ମିଳିଥିବା ଆଉ ଗୋଟେ ମୋବାଇଲକୁ ସୁବାସ ଚନ୍ଦ୍ର ବାଗ୍‌ଙ୍କୁ ଫେରସ୍ତ କରାଯାଇଛି। ଜଗତ୍‌ସିଂହପୁରର ସୁବାସ ରବିବାର ଟ୍ରେନ୍ ଯୋଗେ ତାମଲୁକଠାରୁ ଘରକୁ ଫେରୁଥିଲେ। ସେ କଟକ ଷ୍ଟେଶନରେ ଓହ୍ଲାଇବା ସମୟରେ ଫୋନ୍‌ଟି ଗଳି ପଡ଼ିଥିଲା। ମୋବାଇଲ ଫେରିପାଇବା ପରେ ୨ ରେଳଯାତ୍ରୀ ଆର୍‌ପିଏଫ୍ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଫଟୋଗ୍ରାଫର ଆସୋସିଏଶନ୍ କର୍ମକର୍ତ୍ତା ଚୟନ

ଚୌଦ୍ୱାର,୨।୯(ଆଶୁତୋଷ ଦାସ) ଚୌଦ୍ୱାର ଫଟୋଗ୍ରାଫର ଆସୋସିଏଶନ୍‌ର ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ସ୍ଥାନୀୟ ହାପି ୱାର୍ଲ୍ଡ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ସତ୍ୟବ୍ରତ ଦାସ, ସମ୍ପାଦକ ଜୀବାନେନ୍ଦୁ ଲେଙ୍କା, ଯୁଗ୍ମ ସମ୍ପାଦକ ପ୍ରଦୀପ ମହାପାତ୍ର, ସାଙ୍ଗଠନିକ ସମ୍ପାଦକ ତ୍ରିନାଥ ମାହୁନ୍ତ, କୋଷାଧ୍ୟକ୍ଷ ଅଜିତ୍ କୁମାର ସ୍ୱାଇଁ, ଉପଦେଷ୍ଟା ରମେଶ ଚନ୍ଦ୍ର ମହାପାତ୍ର, ଗୋକୁଳାନନ୍ଦ ସାହୁ ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ରଞ୍ଜିତ୍ ବେଉରା, ଚିନ୍ମୟ ବେହେରା, ସଞ୍ଜିବ ତିୱାରୀ ଓ ଆଲୋକ ଦାସଙ୍କୁ ମନୋନୀତ କରାଯାଇଥିଲା। ଆସନ୍ତା ୨୫ ତାରିଖରେ ସଂଘର ପଞ୍ଚମ ବାର୍ଷିକ ଉତ୍ସବ ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଚୌଦ୍ୱାର, ଜଗତପୁର, ଟାଙ୍ଗୀ ଆଦି ଅଞ୍ଚଳର ବହୁ ଫଟୋଗ୍ରାଫର ଉପସ୍ଥିତ ଥିଲେ।




କଟକ ଡଗରପଡା ବାସଭବନରେ ବାରିଷ୍ଟର ରଞ୍ଜିତ୍ ମହାନ୍ତିଙ୍କ ୩୫ତମ ଶ୍ରାଦ୍ଧବାର୍ଷିକୀ ସଭାରେ ଆନ୍ଧ୍ରପ୍ରଦେଶର ପ୍ରାକ୍ତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ, ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣସିଂଙ୍କ ସହ ଅନ୍ୟମାନେ। (ଫଟୋ: ରାଜକିଶୋର ମହାନ୍ତି)

# ଆଠଗଡ଼ରୁ ଭୁବନେଶ୍ୱର ମଦ ଚୋରା ଚାଲାଣ

କଟକ,୨।୯(କାର୍ତ୍ତିକ ସାହୁ)

**ସ୍କର୍ପିଓ ସହ ୯ଲକ୍ଷ ୭୫ ହଜାର ଟଙ୍କାର ମଦ ଜବତ**

କଟକ ଅବକାରୀ ବିଭାଗ ଚୋରା ମଦ ଚାଲାଣ କରୁଥିବା ଏକ ସ୍କର୍ପିଓ ଗାଡ଼ିକୁ କୁଆଖାଇ ବ୍ରିଜ ଉପରେ ସୋମବାର ଧରିବାରେ ସକ୍ଷମ ହୋଇଛି। ବିପୁଳ ପରିମାଣର ଚୋରା ମଦ ସହ ଗାଡ଼ିଟିକୁ ଜବତ କରାଯାଇଛି। ଜବତ ଚୋରା ମଦର ଆନୁମାନିକ ମୂଲ୍ୟ ୯ ଲକ୍ଷ ୭୫ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଚୋରା ମଦ ଚାଲାଣର ମୁଖ୍ୟ ତିଗିରିଆ ଥାନା ବିନ୍ଧାଣିମା ଅଞ୍ଚଳର ରାଜା ବେହେରା(୧୯)ଙ୍କୁ ଗିରଫ କରାଯାଇଛି। ତେବେ ଗାଡ଼ି ଡ୍ରାଇଭର୍ ଫେରାର ହୋଇଯାଇଛନ୍ତି।ସୂଚନା ଅନୁସାରେ, ଜିଲା ଅବକାରୀ ମୋବାଇଲ ୟୁନିଟ ପକ୍ଷରୁ ସଦର ଥାନା ଅନ୍ତର୍ଗତ କୁଆଖାଇ ପୋଲ ନିକଟ କାଜିପାଟଣାରେ ସକାଳ ପ୍ରାୟ ୬ଟା ୧୫ରେ ଚଢ଼ାଉ କରାଯାଇଥିଲା। ସ୍କର୍ପିଓ ଗାଡ଼ିଟି ମଦ ବୋଝେଇ କରି ଆଠଗଡ଼ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ମୋଟ ୨୫ଟି ପ୍ଲାଷ୍ଟିକ ଜାର୍ ଭିତରେ ମଦ ଚାଲାଣ ହେଉଥିଲା। ପ୍ରତି ଜାରରେ ୩୫ ଲିଟର ମଦ ରହିଥିଲା। ଗାଡ଼ିର ମଝି ସିଟ ଓ ପଛ ସିଟରେ ଏହି ମଦ ଜାର୍‌ଗୁଡ଼ିକୁ ଲୁଚାଇ ରଖାଯାଇଥିଲା। ଫେରାର ଗାଡ଼ି ଡ୍ରାଇଭରଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଅବକାରୀ ଏସ୍‌ପି କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଜିଲା ମୋବାଇଲ ୟୁନିଟ୍‌ର ଆଇଆଇସି ଅଭିରାମ ସାହୁ, ଏସ୍‌ଆଇ ଅଜିତ କୁମାର ପାତ୍ର, ଏଏସ୍‌ଆଇ ହେମନ୍ତ କୁମାର ମଲ୍ଲିକ, କନଷ୍ଟେବଳ ରଞ୍ଜନ କୁମାର ଭୋଇ, ଗଜାନନ ବେହେରା ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

# ପ୍ରଥମ କରି ଭସାଣିରେ ସାଉଥ୍ ଡ୍ୟାନ୍ସ ଗ୍ରୁପ୍

କଟକ,୨।୯(ଶିକ୍ଷା ପ୍ରିୟଦର୍ଶିନୀ) ତୁଳସୀପୁରଠାରେ ରହିଛି ଶ୍ରୀରାମ କ୍ଲବ। ୧୯୯୮ ମସିହାରୁ ଏହି କ୍ଲବଟି ଯୁବପିଢ଼ିଙ୍କୁ ଏକଜୁଟ କରିବା ଉଦ୍ଦେଶ୍ୟରେ ଗଢି ଉଠିଥିଲା। କ୍ଲବରେ ଚଳିତବର୍ଷ ଗଣେଶ ପୂଜା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କ୍ଲବରେ ୩୦ ଜଣ ସଦସ୍ୟ ରହିଥିବାବେଳେ ସଭାପତି ଭାବେ ସଞ୍ଜୀବ ସାହୁ, ସମ୍ପାଦକ ଭାବେ ଅବିନାଶ ସୁତାର, ଉପସଭାପତି ଭାବେ ଭାଗ୍ୟଧର ସାହୁ, ସାଧାରଣ ସମ୍ପାଦକ ସନ୍ଦୀପ ସାହୁ ଓ କୋଷାଧ୍ୟକ୍ଷ ଭାବେ ମନୋଜ ସାହୁ ଏବଂ କୃଷ୍ଣଚନ୍ଦ୍ର ସାହୁ ରହିଛନ୍ତି। କ୍ଲବର ସାଧାରଣ ସମ୍ପାଦକ ସନ୍ଦୀପ ସୂଚନା ଦେଇଛନ୍ତି, ଗଣେଶ ପୂଜା ବେଶ ଧୁମ୍‌ଧାମର ସହ ପ୍ରତ୍ୟେକ ବର୍ଷ ଆୟୋଜନ କରାଯାଇଥାଏ। ଚଳିତବର୍ଷ ପୂଜା ପାଇଁ ୨.୫ ଲକ୍ଷ ଟଙ୍କାର ବଜେଟ କରାଯାଇଛି। ୬ ଫୁଟ ଉଚ୍ଚତାର ଅଯୋଧ୍ୟାର ଶ୍ରୀରାମଙ୍କ ଆକୃତିର ଗଣେଶ ମୂର୍ତ୍ତି ପୂଜା କରାଯିବ। ଏହାସହ ସମଗ୍ର ଅଞ୍ଚଳ ଆଲୋକମାଳାରେ ସଜା ଯିବ। ଭସାଣିରେ ପ୍ରଥମ କରି କଟକରେ ସାଉଥ୍ ଡ୍ୟାନ୍ସ ଗ୍ରୁପ୍ ନୃତ୍ୟ ପରିବେଷଣ କରିବେ। ଏହାସହ ସମ୍ବଲପୁରର ରାଧାକୃଷ୍ଣ ଘଣ୍ଟବାଦ୍ୟ ଓ ପାରମ୍ପରିକ ବାଦ୍ୟରେ ଭସାଣି ଅନୁଷ୍ଠିତ ହେବ।

# ଭାଜପା ଯୁବମୋର୍ଚ୍ଚାର କ୍ଲଷ୍ଟରସ୍ତରୀୟ କର୍ମଶାଳା




କର୍ମଶାଳାରେ ଭାଜପା ଓଡ଼ିଶା ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ଉଦ୍‌ବୋଧନ ଦେଉଛନ୍ତି।

କଟକ,୨।୯(ଶିକ୍ଷା ପ୍ରିୟଦର୍ଶିନୀ)

ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସୋମବାର ସଦସ୍ୟତା ଅଭିଯାନର କ୍ଲଷ୍ଟରସ୍ତରୀୟ କର୍ମଶାଳା ବିଡାନାସୀସ୍ଥିତ ମା' ରୋଷେଇ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା ନେତୃତ୍ୱ ନେଇଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର, ସମ୍ମାନିତ ଅତିଥି ଭାବେ ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ସଦସ୍ୟତା ଅଭିଯାନର ଓଡ଼ିଶା ପ୍ରଭାରୀ କପିଲ୍ ପାର୍ମର, ରାଜ୍ୟ ସମ୍ପାଦକ ତଥା ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ଯୁବମୋର୍ଚ୍ଚା ସମ୍ପାଦକ ଗଗନ ଓଝା, ରାଜ୍ୟ ଯୁବମୋର୍ଚ୍ଚାର ୨ ସାଧାରଣ ସମ୍ପାଦକ ସୁଜିତ୍ ସିଂ ଓ ଦିପକ ଗୋଚ୍ଛାୟତ, ପ୍ରଶାନ୍ତ ପାଇକରାୟ, ମାନସ ସାହୁ, ସୁବ୍ରତ ବିଶ୍ୱାଳ, କଟକ ଜିଲାର ଯୁବମୋର୍ଚ୍ଚା ସଭାପତି ନଳିନୀ ରାୟ, କଟକ ନଗର ଯୁବମୋର୍ଚ୍ଚା ସଭାପତି ହରିଚନ୍ଦନ ନାୟକ ପ୍ରମୁଖ ଯୋଗଦେଇ ଦଳକୁ ସୁଦୃଢ଼ କରାଇବା ନେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶିବ ନାରାୟଣ ନାୟକ, ରାଜ୍ୟ ଯୁବମୋର୍ଚ୍ଚାର ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ମିମାଂସା ମିଶ୍ର, ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ କ୍ଷିତୀଶ ବେହେରା, ଅଙ୍କିତା ଗଙ୍ଗଦେବ, ସନ୍ତୋଷ କର, ଭୁବନେଶ୍ୱର ଯୁବମୋର୍ଚ୍ଚା ସଭାପତି ସ୍ୱୟଂ ସେବକ ରାୟ, ଖୋର୍ଦ୍ଧା ଜିଲା ଯୁବମୋର୍ଚ୍ଚା ସଭାପତି ପ୍ରଦୀପ ବଡ଼ଜେନାଙ୍କ ସମେତ କଟକ କ୍ଲଷ୍ଟର ଅଧୀନ ୧୦ ସାଙ୍ଗଠନିକ ଜିଲାର ୬୦୦ରୁ ଊର୍ଦ୍ଧ୍ୱ ପ୍ରମୁଖ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।




କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ମନ୍ତବ୍ୟକୁ ବିରୋଧ କରି ପୂର୍ବତନ ଛାତ୍ର ସଙ୍ଗଠନ ପକ୍ଷରୁ ସୋମବାର କଲେଜ ପରିସରରେ ପ୍ରତିବାଦ କରାଯାଉଛି।

# ଚିତ୍ରକଳା ମାଧ୍ୟମରେ ସଚେତନତା ବାର୍ତ୍ତା ଦେଲା ଡାକ୍ତରୀ ସଂଘ




କଟକ,୨।୯(ଶିକ୍ଷା ପ୍ରିୟଦର୍ଶିନୀ) ଏସ୍‌ସିବି ମେଡିକାଲ ନ୍ୟୁ ଅଡିଟୋରିୟମଠାରେ ଜୁନିୟର ଡାକ୍ତର ସଂଘ ଏସ୍‌ସିବି ଶାଖା ପକ୍ଷରୁ କାନ୍‌ଭାସ୍ ଚିତ୍ରକଳା ସଚେତନା ପ୍ରଦର୍ଶନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଚିତ୍ରକଳା ପ୍ରଦର୍ଶନୀକୁ ମେଡିକାଲ କଲେଜର ଅଧ୍ୟକ୍ଷ ପ୍ରଫେସର ଡା. ଲୁସି ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜୁନିୟର ଡାକ୍ତର ସଂଘର ସମସ୍ତ ସଦସ୍ୟ ପଶ୍ଚିମବଙ୍ଗରେ ଯେଉଁଭଳି ଭାବେ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଛି, ତାହାକୁ ବିରୋଧ କରିବା ସହ ଲୋକଙ୍କୁ ସଚେତନ କରାଇବା ନେଇ ବିଭିନ୍ନ ଚିତ୍ର ଅଙ୍କାଯାଇଥିବା ନେଇ ସଂଘର ଡା. ସୁବ୍ରତ କୁମାର ସାହୁ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମେଡିକାଲର ସମସ୍ତ ଡାକ୍ତର ଓ ଡାକ୍ତରୀ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଭାଜପା କେବଳ ଶସ୍ତା ରାଜନୀତି କରୁଛି: ମାନସ

କଟକ,୨।୯(କାର୍ତ୍ତିକ ସାହୁ)

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ମନ୍ତବ୍ୟକୁ ବିରୋଧ କରି କଂଗ୍ରେସର ବିକ୍ଷୋଭ**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନକୁ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଇଥିବା ମନ୍ତବ୍ୟକୁ ବିରୋଧ କରି କଟକ ଜିଲା ଛାତ୍ର କଂଗ୍ରେସ ଓ ନଗର ଯୁବ କଂଗ୍ରେସ ପକ୍ଷରୁ ସୋମବାର ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛାତ୍ର କଂଗ୍ରେସର ପୂର୍ବତନ ଜାତୀୟ ସମ୍ପାଦକ ଡ. ବିପ୍ଳବ ଶିଳାଦିତ୍ୟଙ୍କ ନେତୃତ୍ୱରେ ଧର୍ମେନ୍ଦ୍ରଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଭାଜପା କେବଳ ନାମ ପରିବର୍ତ୍ତନ ଭଳି ଶସ୍ତା ରାଜନୀତି କରୁଛି ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ବରିଷ୍ଠ କଂଗ୍ରେସ ନେତା ମାନସ ଚୌଧୁରୀ କହିଲେ, ରେଭେନ୍‌ଶାର ନାମ ପରିବର୍ତ୍ତନ ଏକ କୁତ୍ସିତ ମାନସିକତା। ଓଡ଼ିଆ ଭାଷାର ସୁରକ୍ଷା ତଥା ରେଭେନ୍‌ଶା କଲେଜ ପ୍ରତିଷ୍ଠା ଦିଗରେ ଟି. ଇ. ରେଭେନ୍‌ଶାଙ୍କ ଅବଦାନ ଅତୁଳନୀୟ। ଏହାର ନାମ ପରିବର୍ତ୍ତନର ଅର୍ଥ ଶିକ୍ଷାନୁଷ୍ଠାନର ଅସ୍ମିତା ଉପରେ କୁଠାରାଘାତ କରିବା ତଥା ତା'ର ଦେଢ଼ଶହ ବର୍ଷର ଇତିହାସକୁ ଛଡ଼ାଇ ନେବା ସହ ସମାନ। ଏହାର ନାମ ପରିବର୍ତ୍ତନ କରିବା ବଦଳରେ ଏହାର ଗୌରବ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଉଦ୍ୟମ କରନ୍ତୁ ବୋଲି ଚୌଧୁରୀ କହିଛନ୍ତି। ପୂର୍ବତନ ଛାତ୍ରନେତା ତଥା ଆଇନଜୀବୀ ବିପ୍ଳବ ଶିଳାଦିତ୍ୟ ରେଭେନ୍‌ଶାକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବାପାଇଁ ଦାବି କରିଥିଲେ। ରେଭେନ୍‌ଶା ଛାତ୍ରନେତା ଆଶୁତୋଷ ରାଉତ, ଶିବ ଅଗ୍ରୱାଲ, ଦୀପକ ମହାନ୍ତି, ସଂଜିତ ସାହୁ, ସତ୍ୟଜିତ ସେଠୀ, ଲଳିତ ସ୍ୱାଇଁ, ଶ୍ୟାମସୁନ୍ଦର ଶର୍ମା, ଓମ୍ ପ୍ରକାଶ, ପିନାକ ପ୍ରିୟଦର୍ଶନଙ୍କ ସମେତ ବହୁ ପୂର୍ବତନ ତଥା ବର୍ତ୍ତମାନର ଛାତ୍ରୀଛାତ୍ର ଯୋଗଦେଇଥିଲେ।




ନିର୍ଗୁଣ୍ଡି ରେଳବାଇ ବସ୍ତି ବାସିନ୍ଦାଙ୍କ ଥଇଥାନ ଦାବିରେ ବସ୍ତିବାସିନ୍ଦା ମହାସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି। (ଫଟୋ: ରାଜକିଶୋର ମହାନ୍ତି)



ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ସୋମବାର କଟକସ୍ଥିତ ଅବକାରୀ କାର୍ଯ୍ୟାଳୟ ପରିଦର୍ଶନ ଅବସରରେ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।




ଇଂ ପବିତ୍ର ସାମଲ ହତ୍ୟାକାଣ୍ଡରେ ଧର୍ମଶାଳା ପୋଲିସ ପ୍ରଶାସନ ସନ୍ଦିଗ୍ଧ ଅପରାଧୀଙ୍କୁ ଘଣ୍ଟଘୋଡାଇବା ପ୍ରତିବାଦରେ ଜାତୀୟ ମାନବାଧିକାର ସୁରକ୍ଷା, ଦୁର୍ନୀତି ଓ ଅପରାଧ ବିରୋଧୀ ଶାଖା ପକ୍ଷରୁ ଡିଜିପି ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ।

## ସଂକ୍ଷେପରେ

### କୋଠଘର ପକ୍ଷରୁ ବୃକ୍ଷରୋପଣ, କବିତା ଆସର

ଭୁବନେଶ୍ୱର, ୨।୯ (ବନ୍ଦନା ସେଠୀ)

କୋଠଘର ଆମ ସାହିତ୍ୟ ପରିବାର ପକ୍ଷରୁ ସୋମବାର ଖଣ୍ଡଗିରିସ୍ଥିତ ବୀଣାପାଣି ଶିଶୁ ବିଦ୍ୟା ମନ୍ଦିର ଆଲୋଂଶା କ୍ଲାସେ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଠଘର ପ୍ରତିଷ୍ଠାତା, ସମ୍ପାଦିକା ଅମ୍ବିକା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବିତା ପାଠୋତ୍ସବ ଏବଂ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ପିଲାଙ୍କୁ ଶିଶୁ କବିତା ପୁସ୍ତକ ବଣ୍ଟନ ସହିତ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସାହିତ୍ୟିକା ଡ. ସୁଷମା ମିଶ୍ର, ସମ୍ମାନିତ ଅତିଥି ଭାବେ ପରିବେଶବିତ ଭରତ ଚନ୍ଦ୍ର ଜେନା, ଅନୁଷ୍ଠାନ ସଭାପତି ପ୍ରଦୀପ୍ତ କୁମାର ସାହୁ ଯୋଗଦେଇ ବୃକ୍ଷର ସୁରକ୍ଷା ଏବଂ ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ କବି ଡ. ପ୍ରତାପ ରଞ୍ଜନ ମହାନ୍ତି, ଅରୁଣ କୁମାର ମହାନ୍ତି, ପ୍ରହରାଜ ଜୟ ନାରାୟଣ ନନ୍ଦ, ସାତୀ ମହାପାତ୍ର, କମଳ କୁମାରୀ ଦାଶ, ରାଜଲକ୍ଷ୍ମୀ ତ୍ରିପାଠୀ, ସୁଜାତା ସାହୁ, ଭାରତୀ ପରିଡ଼ା ପ୍ରମୁଖ କବିତା ପାଠ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସୁମନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ଆଧାର କାର୍ଡ ମାଗିବାରୁ ଆକ୍ରମଣ ଘଟଣା, ୨ କବାଡିଆ ଗିରଫ

ଭୁବନେଶ୍ୱର, ୨।୯ (ସୂର୍ଯ୍ୟକାନ୍ତ ବେହେରା)

ବାଂଲାଦେଶୀ ସନ୍ଦେହରେ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନବିହାର ଛକ ନିକଟରେ କେତେଜଣ ଅଣଓଡିଆ ଯୁବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ମାମଲାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଆଧାରକାର୍ଡ ମାଗିବାରୁ ସ୍ଥାନୀୟ ଅଞ୍ଚଳର ଶିବଶଙ୍କର ନାମକ ବ୍ୟକ୍ତିଙ୍କୁ ଆକ୍ରମଣ କରିଥିବା କବାଡ଼ିଆଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ଶିଖରଚଣ୍ଡୀ ମୁସଲିମ ସାହିର ସେକ୍ ଇସ୍ରାଫିଲ ଓ ସେକ ହସନୁର୍। ପୋଲିସ ସେମାନଙ୍କୁ କୋର୍ଟ ଚାଲାଣ କରିବା ପରେ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ରବିବାର ସକାଳେ ଶିବଶଙ୍କର ନାଗେଶର ରେସିଡେନ୍ସି ଅଭିମୁଖେ ଚାଲିଚାଲି ଯାଉଥିବାବେଳେ ଓମ୍ ପ୍ଲାଜା ନିକଟରେ ଜଣେ କବାଡିଆବାଲାଙ୍କୁ ଭେଟିଥିଲେ। ସେ ବଙ୍ଗଳା ଭାଷା କହୁଥିବାରୁ ଶିବଶଙ୍କର ତାଙ୍କୁ ବାଂଲାଦେଶୀ ବୋଲି ସନ୍ଦେହ କରି ଆଧାର କାର୍ଡ ଦେଖାଇବାକୁ କହିଥିଲେ। ହେଲେ କବାଡିଆ ଜଣକ ଆଧାର କାର୍ଡ ଦେଖାଇବା ପରିବର୍ତ୍ତେ ତୁରନ୍ତ ନିଜ ସହଯୋଗୀଙ୍କୁ ଫୋନ୍‌କରି ଘଟଣାସ୍ଥଳକୁ ଡାକିଥିଲେ। କିଛି ସମୟ ପରେ ଦୁଇ ଅଭିଯୁକ୍ତ ଇସ୍ରାଫିଲ, ହସନୁର୍‌ଙ୍କ ସହ ୨୦/୩୦ଜଣ ଓଡ଼ିଆ ଲୋକ ସେଠାରେ ପହଞ୍ଚି ଶିବ ଶଙ୍କରଙ୍କୁ ଆକ୍ରମଣ କରିଥିଲେ। ନିସ୍ଥୁକ ମାଡ଼ ମାରିବା ସହ ନାନାପ୍ରକାର ଧମକ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଶିବଶଙ୍କରଙ୍କ ସପକ୍ଷରେ ବାହାରି କବାଡ଼ିଆଙ୍କୁ ବିରୋଧ କରିଥିଲେ। ଖବର ପାଇ ପିସିଆର ପୋଲିସ ପହଞ୍ଚି ଶିବଶଙ୍କରଙ୍କୁ ଆକ୍ରମଣକାରୀଙ୍କ କବଳରୁ ଉଦ୍ଧାର କରିଥିଲା।



ଜୟଦେବ ବିହାର ଓଭରବ୍ରିଜ ତଳେ।

# ବିଗିଡ଼ିଗଲାଣି ରାଜଧାନୀ ରାସ୍ତା

ଭୁବନେଶ୍ୱର, ୨।୯ (ବନ୍ଦନା ସେଠୀ)

ସହରୀ ଜୀବନକୁ କଲବଲ କରୁଛି ରାଜଧାନୀ ରାସ୍ତା। ଘରୁ ବାହାରିଲେ ଚିନ୍ତା ବଢୁଛି। ଗାଡିରେ ଗଲେ ଦୁର୍ଘଟଣା, ଚାଲି ଚାଲି ଗଲେ ଝୁଣ୍ଟି ପଡି ଜୀବନ ଯିବାର ଆଶଙ୍କା। ଏପରିସ୍ଥିତିରେ ବିଗିଡି ଯାଇଥିବା ସହର ରାସ୍ତାକୁ ନେଇ ଚିନ୍ତା ବଢୁଛି। ଭୁବନେଶ୍ୱରର ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି ଗଳିକନ୍ଦି ପର୍ଯ୍ୟନ୍ତ ଯେଉଁଠି ଦେଖିବ ଖାଲଖମାରେ ଭର୍ତ୍ତି। ସବୁଆଡେ ରାସ୍ତା ଖୋଳି ତାଡ଼ି ହୋଇ ପଡିଛି। ପ୍ରତିଦିନ ହଜାର ହଜାର ଗାଡ଼ି ମୋଟର ଯିବାଆସିବା କରୁଥିବାବେଳେ ଯାତ୍ରୀ ବା ଚାଳକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଗତବର୍ଷ ସେପ୍ଟେମ୍ବରରେ ବମିଖାଲ ଓଭରବ୍ରିଜ୍ ପାର୍ଶ୍ୱ ରାସ୍ତାରେ ଥିବା ଖାଲଖମା ଜଣେ ଯୁବ ଡାକ୍ତରଙ୍କ ଜୀବନ ନେଇଥିଲା। ତାଙ୍କ କାର୍‌ଟି ଖାଲରେ ପଡିଯିବା ସହ ବ୍ରିଜ୍ ବାଡ଼ରେ ମାଡ଼ ହୋଇ ଚୂର୍‌ମାର୍ ହୋଇଯାଇଥିଲା। ଗାଡି ଭିତରେ ହିଁ ଡାକ୍ତରଙ୍କର ଜୀବନ ଚାଲିଯାଇଥିଲା। ଏହାପରେ ପ୍ରଶାସନ ଉକ୍ତ ସ୍ଥାନ ସହ ସହର ରାସ୍ତାରେ ଥିବା ଖାଲଖମାକୁ ମରାମତି କରିଥିଲା। ଏବର୍ଷ ସମାନ ସ୍ଥିତି ଉପୁଜିଛି। ମାତ୍ର ବିଏମ୍‌ସି କର୍ତ୍ତୃପକ୍ଷ, ଆର୍‌ଆଣ୍ଡବି କିମ୍ବା ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ କେହି ଚେତୁ ନାହାନ୍ତି। ଫଳରେ ସହରବାସୀ ଦୁର୍ଦ୍ଦଶା ଭୋଗି ଚାଲିଛନ୍ତି। ଏବେ ବର୍ଷାଦିନ ଚାଲିଥିବାରୁ ଖାଲଖମାରେ ବର୍ଷାପାଣି ଜମି ରହୁଛି। ଫଳରେ କେଉଁଠି ସମତଳ କେଉଁଠି ଖାଲ କିଛି ଜଣାପଡୁନାହିଁ। ବର୍ଷାର ବାହାନା ଦେଖାଇ ରାସ୍ତା ମରାମତି କରାଯାଉନାହିଁ। ଫଳରେ ସେପ୍ଟେମ୍ବରରୁ ନଭେମ୍ବର ପର୍ଯ୍ୟନ୍ତ ଖାଲଖମାରେ ରାଜଧାନୀବାସୀ ହନ୍ତସନ୍ତ ହେଉଛନ୍ତି। ସେହିପରି ଗତବର୍ଷ ଅଗଷ୍ଟରେ ତତ୍କାଳୀନ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ସମସ୍ତ ବିଭାଗ ସହ ସମନ୍ୱୟ ବୈଠକ ଡାକି କେଉଁ ୱାର୍ଡର କେଉଁ କେଉଁ ସ୍ଥାନରେ କେତେ ଖାଲଖମା ରହିଛି ତାହାର ତାଲିକା ପ୍ରସ୍ତୁତ କରି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସେପ୍ଟେମ୍ବରରେ କାମ ଆରମ୍ଭ କରାଯିବା ସହ ପାର୍ବଣ ପୂର୍ବରୁ ସବୁ କାମ ସାରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଇତି ମଧ୍ୟରେ ବିଏମ୍‌ସି କମିଶନର ବଦଳିବା ସହ ବର୍ଷେ ବିତି ସାରିଲାଣି, କିନ୍ତୁ ସହରର ରାସ୍ତାଘାଟର ସ୍ଥିତିରେ କୌଣସି ଉନ୍ନତି ଦେଖିବାକୁ ମିଳୁନାହିଁ।



ଲକ୍ଷ୍ମୀସାଗର



ସତ୍ୟନଗର

## କ'ଣ କୁହନ୍ତି ଏମାନେ...

### ଟିକିଏ ଅସାବଧାନତା ମରଣ ମୁହଁକୁ ଠେଲି ଦେଉଛି



ଭୁବନେଶ୍ୱର କେବଳ ନାମକୁ ସ୍ମାର୍ଟସିଟି ବାସ୍ତବରେ ସ୍ମାର୍ଟ ଭଳି ଏଠାରେ କିଛି ନାହିଁ। ଡ୍ରେନ ସମସ୍ୟାଠାରୁ ଆରମ୍ଭ କରି ରାସ୍ତାଘାଟ ପର୍ଯ୍ୟନ୍ତ ସବୁକିଛି ବିପର୍ଯ୍ୟସ୍ତ ଅବସ୍ଥାରେ ପଡି ରହିଛି। କେଉଁଠି ରାସ୍ତାରୁ ପିଚୁ ଉଠି ଯାଇଛି ତ ଆଉ କେଉଁଠି ଚାଖଣ୍ଡେ ଗଭୀରର ଖାଲ ହୋଇଛି। ଗାଡ଼ି ଚଲେଇବାବେଳେ ଟିକିଏ ଅସାବଧାନତା ଆମକୁ ମରଣ ମୁହଁକୁ ଠେଲି ଦେଉଛି। ବିଶେଷକରି ବର୍ଷାଦିନରେ ସହରବାସୀ କଲବଲ ହେଉଛନ୍ତି।

-ସୁବ୍ରତ ନାୟକ, କର୍ମଜୀବୀ

### ଗାଁ ଗହଳିରେ ରହିବା ଭଳି ଲାଗୁଛି



ବିଏମ୍‌ସି, ପୂର୍ତ୍ତ, ଏନ୍‌ଏଚ୍‌ଆଇ କିମ୍ବା ଇଡ୍‌କୋ - କେହି ବି ଲୋକଙ୍କ ସମସ୍ୟା ନେଇ ଦୃଷ୍ଟି ଦେଉନାହାନ୍ତି। ରାଜଧାନୀରେ ଥିଲେ ମଧ ଗାଁ ଗହଳିରେ ରହୁଥିବା ଭଳି ଅନୁଭବ ହେଉଛି। ଟିକିଏ ବର୍ଷା ହେଲେ କାଦୁଅ ପଚ୍‌ପଚ୍ ରାସ୍ତା ସାଙ୍ଗକୁ ଖାଲଖମା ଭର୍ତ୍ତି ରାସ୍ତା ଦୁର୍ଦ୍ଦଶା ବଢାଇ ଦେଉଛି। ଭୁବନେଶ୍ୱରରେ ଥିବା ପ୍ରାୟ ସବୁ ପିଚୁ ରାସ୍ତାର ଅବସ୍ଥା ଏମିତି ଥିବାବେଳେ ସୋସିଆଲ ମିଡିଆରେ ଫେକ୍ ଫଟୋ ଛାଡି ପ୍ରଶାସନ ସହରର ବିକାଶ ଚିତ୍ର ବଖାଣୁଛି।

-ଅଭିଜିତ୍ ପଟ୍ଟନାୟକ, ବ୍ୟବସାୟୀ

### ଅଣ୍ଟା ଜଖମ୍ ହୋଇଯାଉଛି



ବଡ଼ଗଡ଼ ଛକ ହେଉ ଅବା ରସୁଲଗଡ଼, ମଞ୍ଚେଶ୍ୱର, ଜୟଦେବ ବିହାର ଭଳି ସହରର ପ୍ରମୁଖ ରାସ୍ତାରେ ଗାଡ଼ି ଚଲାଇ ଯିବାବେଳେ ଭୟ ଲାଗୁଛି। ପୁରୁଣା ଭୁବନେଶ୍ୱର ଅଞ୍ଚଳର କଥା ତ ନ କହିବା ଭଲ। ୧୦୦ ମିଟର ରାସ୍ତା ପାରି ହେବାକୁ ୧୦ମିନିଟ୍ ଲାଗୁଛି। ପୁଣି ଅବସ୍ଥା ଏପରି ଯେ ବାଟ ସରିଲା ବେଳକୁ ଅଣ୍ଟାରେ ଜଖମ ହୋଇଯାଉଛି। ମାତ୍ର ଏସବୁ ପ୍ରତି ନା ସ୍ଥାନୀୟ କର୍ପୋରେଟର ଦୃଷ୍ଟି ଦେଉଛନ୍ତି ଅବା ବିଏମ୍‌ସି। କେବଳ ନାମକୁ ମାତ୍ର ସ୍ମାର୍ଟସିଟି କହି ଲୋକଙ୍କୁ ଭୁଆଁ ବୁଲାଯାଉଛି।

-ଅଙ୍କିତା ବେହେରା, ଗୃହିଣୀ

### ବର୍ଷା ଆସିଲେ କାମ କରିବାକୁ ମନେ ପଡୁଛି



ସହରର ରାସ୍ତା ଅବସ୍ଥା ଏପରି ହୋଇଛି ଯେ ଟିକେ ଅସାବଧାନତା ହେଲେ ଦୁର୍ଘଟଣା ଘଟିବା ସୁନିଶ୍ଚିତ। ଏହା କେବଳ ଏବେକାର ସମସ୍ୟା ନୁହେଁ, ପ୍ରତିବର୍ଷ ବର୍ଷାଦିନ ଆସିଲେ ଏଭଳି ଦୃଶ୍ୟ ଦେଖିବାକୁ ମିଳେ। ବିଏମ୍‌ସି, ପୂର୍ତ୍ତ ଆଦି ବିଭାଗ ବର୍ଷସାରା ଶୋଇଥା'ନ୍ତି ଏବଂ ବର୍ଷାଦିନ ଆସିଲେ ରାସ୍ତା କାମ କରିବାକୁ ମନେପକାନ୍ତି। ଅଧା ଖୋଳାଖୋଳି କରିଦେବା ପରେ ବର୍ଷା ବାହାନା କରି ପୁଣି କାମ ବନ୍ଦ କରି ଦିଅନ୍ତି। ଆଗକୁ ପାର୍ବଣ ଋତୁ ପାଖେଇ ଆସୁଥିବାବେଳେ ବିପର୍ଯ୍ୟସ୍ତ ରାସ୍ତାଘାଟ ସହରୀ ଜୀବନକୁ ଆହୁରି ଖରାପ କରିଦେବ।

-ପୁଷ୍ପକାନ୍ତ ମଲ୍ଲିକ, କର୍ମଜୀବୀ

## ଶ୍ରୀଲିଙ୍ଗରାଜଙ୍କୁ ଲାଗି ହେଲା ସାତପୁରୀ



ପୁରୁଣା ଭୁବନେଶ୍ୱର, ୨।୯ (ସୁବାସ ଚନ୍ଦ୍ର ପ୍ରଧାନ)

ସାତପୁରୀ ଅମାବାସ୍ୟା ଅବସରରେ ସୋମବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ସାତପୁରୀ ଭୋଗ ଲାଗି କରାଯାଇଛି। ପ୍ରାତଃରୁ ମଙ୍ଗଳଆଳତି ସରିବା ପରେ କୋଠ ରୋଷରେ ହୋମ କରାଯାଇଥିଲା। ଏହି ଅବସରରେ ଧଳାଛତା ଅଣାଯିବା ପରେ ଘଣ୍ଟ ବାଜିଥିଲା। ମହାସୁଆର ସେବାୟତ ନଡ଼ିଆ ବାଡ଼େଇ ସାତପୁରୀ ପିଠା ଛାଣିଥିଲେ। ସକାଳ ଧୂପଠାରୁ ସନ୍ଧ୍ୟାଧୂପ ଯାଏ ସାତପୁରୀ ପିଠା ଶ୍ରୀଜିଉଙ୍କୁ ଭୋଗ କରାଯାଇଥିଲା। ଟେରା ଫିଟା ସରିବା ପରେ ମହାସୁଆର ସେବାୟତ ରୁପା ଥାଳିରେ ୨୭ଟି ସାତପୁରୀ ରୋଷରୁ ଆଣିବା ପରେ ପୂଜାପଣ୍ଡା ସେବାୟତ ପ୍ରଥମେ ରାଜରାଜେଶ୍ୱରୀଙ୍କ ଠାରୁ ପୂଜା ଆରମ୍ଭ କରି ଲକ୍ଷ୍ମୀ ନୃସିଂହଙ୍କ ଠାରେ ଶେଷ ହୋଇଥିଲା। ଉକ୍ତ ସାତପୁରୀ ଭୋଗକୁ ମନ୍ଦିର କାର୍ଯ୍ୟାଳୟ ସହାୟତାରେ ସେବକମାନଙ୍କୁ ପାଉଣା ପ୍ରାପ୍ୟ ବଣ୍ଟାଯାଇଥିଲା।

## ୟୁଟିଆ ପାଳିବ ଗୁରୁଦିବସ

ଭୁବନେଶ୍ୱର, ୨।୯ (ଅନୁରାଧା ମହାରଣା)

ଆସନ୍ତା ୫ ତାରିଖରେ ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ (ୟୁଟିଆ) ପକ୍ଷରୁ ଗୀତଗୋବିନ୍ଦ ସଦନରେ ଗୁରୁଦିବସ ପାଳନ କରାଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏମ୍‌ପି ଅପରାଜିତା ଷଡଙ୍ଗୀ, ବିଧାୟକ ବାବୁସିଂ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଶିକ୍ଷକ ନିଯୁକ୍ତି, ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକର ସରକାରୀକରଣ, ଅନୁଦାନପ୍ରାପ୍ତ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କୁ ସମାନ ପେନ୍‌ସନ ବ୍ୟବସ୍ଥା, ଅନୁଦାନପ୍ରାପ୍ତ ଶିକ୍ଷକଙ୍କ ୭ମ ବେତନ ଅନୁସାରେ ବକେୟା ୨୧ ମାସର ଦରମା ପ୍ରଦାନ ଆଦି ଦିଗରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଶିକ୍ଷା କ୍ଷେତ୍ରରେ ବିଶେଷ ଅବଦାନ ରଖିଥିବା ୪୦ ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ୟୁଟିଆର ସଭାପତି ଡ. ଉପେନ୍ଦ୍ର ସାହୁ, କାର୍ଯ୍ୟକାରୀ ସଭାପତି ଡ. ଅର୍ଜୁନ ବିଶ୍ୱାଳ, ଉପସଭାପତି କୈଳାସ ଚନ୍ଦ୍ର ମିଶ୍ର, ସଂଗଠନ ସମ୍ପାଦକ ସୁରେନ୍ଦ୍ର ପଣ୍ଡା, ଦେବେନ୍ଦ୍ର ମହାନ୍ତି, ମୁଖ୍ୟ ସଂଯୋଜକ ଶରତ ପାଇକରାୟ, କୋଷାଧ୍ୟକ୍ଷ ଗଙ୍ଗାଧର ସେନାପତି ସୂଚନା ଦେଇଛନ୍ତି।

## ଶୁଣିଲାନି ପ୍ରଶାସନ, ରାସ୍ତା ମରାମତି କଲେ ଯୁବକ

ବାରଙ୍ଗ, ୨।୯ (ଲିଙ୍ଗରାଜ ରାଉତ)

ପ୍ରଶାସନ ନ ଶୁଣିବାରୁ ବାଧ ହୋଇ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗୋଡ଼ି, ବାଲି ପକାଇ ଯୁବକମାନେ ରାସ୍ତା ମରାମତି କରିଛନ୍ତି। ଏଭଳି ଦୃଶ୍ୟ ବାରଙ୍ଗ-କଟକ ମୁଖ୍ୟରାସ୍ତାର ତ୍ରିଶୂଳିଆ ବଜାର ଟ୍ରାଫିକ ପୋଷ୍ଟ ପାଖରେ ଦେଖିବାକୁ ମିଳିଛି।

ରାଜ୍ୟରେ ଚାଲିଥିବା ଲଘୁଚାପଜନିତ ବର୍ଷା ଯୋଗୁ ରାସ୍ତାରେ ପାଣି ଜମି ରହିବାରୁ ରାସ୍ତାଗୁଡ଼ିକ ଖାଲଖମାରେ ପରିଣତ ହେଉଛି। ଫଳରେ ସାଧାରଣ ଲୋକେ ଯାତାୟାତ ସମୟରେ ଛୋଟବଡ଼ ଦୁର୍ଘଟଣାର ଶିକାର ହେଉଛନ୍ତି। ତ୍ରିଶୂଳିଆ ବଜାରରେ ଥିବା ଟ୍ରାଫିକ ପୋଷ୍ଟ ପାଖର ମୁଖ୍ୟରାସ୍ତା ଖାଲଖମାରେ ପରିଣତ ହୋଇଥିବାରୁ ଗାଡ଼ି ଚାଳକଙ୍କ ପାଇଁ ଅସୁବିଧାର କାରଣ ପାଲଟିଥିଲା। ଏହାର ମରାମତି ନିତାନ୍ତ ଆବଶ୍ୟକତା ଥିବା ଦୃଷ୍ଟିରୁ ସ୍ଥାନୀୟ ଲୋକେ ପର୍ଯ୍ୟାୟକ୍ରମେ ରାସ୍ତା ଓ କୋଠାବାଡ଼ି ବିଭାଗର ଅଧିକାରୀଙ୍କ ଦୃଷ୍ଟିକୁ ଆଣିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବାଧ ହୋଇ ସ୍ଥାନୀୟ ଯୁବକମାନେ ନିଜେ ସୋମବାର ଖାଲଖମା ରାସ୍ତାରେ ଇଟା, ବାଲି, ମାଟି ପକାଇ ସମତୁଲ କରିଥିବା ଦେଖିବାକୁ ମିଳିଛି। ଯୁବକଙ୍କ ଏହି କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଛନ୍ତି।



ତ୍ରିଶୂଳିଆ ବଜାର ଟ୍ରାଫିକ ପୋଷ୍ଟ ନିକଟ ରାସ୍ତାକୁ ଯୁବକମାନେ ମରାମତି କରୁଛନ୍ତି।

## ଏଲ୍‌ଆଇସିର ୬୮ତମ ବୀମା ସପ୍ତାହ ଆରମ୍ଭ

ଭୁବନେଶ୍ୱର, ୨।୯ (ଅନୁରାଧା ମହାରଣା)

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପରିସରେ ୬୮ତମ ବୀମା ସପ୍ତାହ ପାଳନର ଶୁଭାରମ୍ଭ ହୋଇଛି। ଏହି ଅବସରରେ ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ମନୋରଞ୍ଜନ ଦାସ କର୍ପୋରେଟ ଫ୍ଲାଗ୍ ଉତ୍ତୋଳନ କରିଥିଲେ। ମଣ୍ଡଳର ବିପଣନ ପ୍ରବନ୍ଧକ ଅଶୋକ କୁମାର ଭୂୟାଁ ଅଧିକାରୀ ଓ କର୍ମଚାରୀମାନଙ୍କୁ ଏଲ୍‌ଆଇସି ଓ ନିଗମ ପତାକା ପ୍ରତି ଅଙ୍ଗୀକାରବଦ୍ଧତା ନିମନ୍ତେ ଶପଥପାଠ କରାଇଥିଲେ। ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଦାସ ସଭାପତିତ୍ୱ କରି ୬୮ତମ ବୀମା ସପ୍ତାହ ପାଳନ ଅବସରରେ ବିଗତ ବର୍ଷଗୁଡିକରେ ଏଲ୍‌ଆଇସିର ସଫଳତା ସମ୍ବନ୍ଧରେ ଆଲୋଚନା କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ଫାଉଣ୍ଡେଶନ ମାଧ୍ୟମରେ ଏଲ୍‌ଆଇସି ୨୦୦୦ ମସିହାରୁ ନିଜର ସାମାଜିକ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଉଥିବା ଅବଗତ କରିଥିଲେ। ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରଫେସର କୁମରବର ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବୀମା କ୍ଷେତ୍ରରେ ଏଲ୍‌ଆଇସିର ଅବଦାନକୁ ପ୍ରଶଂସା କରିଥିଲେ। ମୁଖ୍ୟ ଯନ୍ତ୍ରୀ ପି. କେ. ଡୁଙ୍ଗଡୁଙ୍ଗ ଓ ଅଡିଟ ସଚିବ ପ୍ରଶାନ୍ତ କୁମାର ମିଶ୍ର ଏଲଆଇସିର ବିଭିନ୍ନ ସଫଳତା ସମ୍ବନ୍ଧରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରବନ୍ଧକ ପ୍ରମୋଦ କୁମାର ପ୍ରଧାନ ପରିଚାଳନା କରିଥିବାବେଳେ ଭୁବନେଶ୍ୱର ମଣ୍ଡଳର ବିପଣନ ପ୍ରବନ୍ଧକ ଅଶୋକ କୁମାର ଭୂୟାଁ ଧନ୍ୟବାଦ ଦେଇଥିଲେ।



ବୀମା ସପ୍ତାହକୁ ଏଲ୍‌ଆଇସି ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ମନୋରଞ୍ଜନ ଦାସ ଉଦ୍‌ଘାଟନ କରୁଛନ୍ତି।

## ପଦ୍ମଶ୍ରୀ ରଜତ କର ଓଡ଼ିଆ ଅସ୍ମିତାର ଅନନ୍ୟ ବାର୍ତ୍ତାବହ ଥିଲେ

ଭୁବନେଶ୍ୱର, ୨।୯ (ବନ୍ଦନା ସେଠୀ)

ପଦ୍ମଶ୍ରୀ ରଜତ କୁମାର କର ଏକାଧାରରେ ଜଣେ ପ୍ରବୀଣ ବକ୍ତା, ସାହିତ୍ୟିକ, ଲେଖକ, ଇତିହାସ ଗବେଷକ, ନାଟ୍ୟକାର, କବି ଓ ଅଭିନେତା ଥିଲେ। ଏଥିସହ ସେ ଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ୧୯୫୯ ରୁ ୬୨ବର୍ଷ ଧରି ଧାରାବିବରଣୀ ଦେଇ ନିଜକୁ ମହାପ୍ରଭୁଙ୍କ ଏକ ଅନନ୍ୟ ସେବକ ଭାବେ ସ୍ଥାପିତ କରି ପାରିଥିଲେ।

ଗଣମାଧ୍ୟମ ଜରିଆରେ ସମାଜରେ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଚେତନା ଜାଗରଣରେ ତାଙ୍କର ଅବଦାନ କାଳଜୟୀ। ବେତାର ଯୁଗରୁ ଆରମ୍ଭ କରି ସାମାଜିକ ଗଣମାଧ୍ୟମ ଯୁଗ ପର୍ଯ୍ୟନ୍ତ ସେ ଓଡ଼ିଆ ଅସ୍ମିତାର ଅନନ୍ୟ ବାର୍ତ୍ତାବହ ଥିଲେ ବୋଲି ପୂର୍ବତନ ସଂସ୍କୃତି ସଚିବ ମନୋରଞ୍ଜନ ପାଣିଗ୍ରାହୀ କହିଛନ୍ତି। ସୋମବାର ୟୁନିଟ-୩ ସ୍ଥିତ ବୁଦ୍ଧ ମନ୍ଦିର ସଭାକକ୍ଷରେ ପଦ୍ମଶ୍ରୀ ରଜତ କୁମାର କର ସ୍ମୃତି ସଂସଦ ଦ୍ୱାରା ରଜତଙ୍କ ୯୧ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ଭାରତୀ ସଭାପତି ଡା. ଶୈଳେଶ୍ୱର ନନ୍ଦ ଏଥିରେ ପୌରୋହିତ୍ୟ କରି ରଜତଙ୍କ ସହ ତାଙ୍କର ୭୦ବର୍ଷର ସାହିତ୍ୟ ଯାତ୍ରା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଯୋଗଦେଇ ସ୍ୱର୍ଗତ କରଙ୍କୁ ଯୋଗଜନ୍ମା ବୋଲି କହିଥିଲେ। ପାଲା ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ସହ ପାଲା କଳାକାରଙ୍କ ସଂରକ୍ଷଣ କରିବାରେ ତାଙ୍କର ଭୂମିକା ସର୍ବଦା ଅବିସ୍ମରଣୀୟ ହୋଇ ରହିବ ବୋଲି ମତ ଦେଇଥିଲେ। ଆକାଶବାଣୀ କଟକର ପୂର୍ବତନ ସହନିର୍ଦ୍ଦେଶକ ସୁଜିତ କୁମାର ଦାସ, ସ୍ୱର୍ଗତ କରଙ୍କ ବେତାରରେ ପ୍ରସାରିତ ନାଟକ, ଅନୁଚିନ୍ତା, ବୈଦେହୀଶ ବିଳାସ ଧାରାବାହିକ, ରଥ ସମୟର ଆଲୋଚନା ଆଦିକୁ ସ୍ମରଣ କରି ତାଙ୍କ ଅନୁପସ୍ଥିତିରେ ଜାତି ଜଣେ ଚିନ୍ତାନାୟକଙ୍କୁ ହରେଇଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଓଟିଭିର ରଞ୍ଜନ କୁମାର ଶତପଥୀ ନ୍ୟୁଜ ୭ର ସାମ୍ପ୍ରତିକ କାର୍ଯ୍ୟ ମୁଖ୍ୟ ବିଜୟ କୁମାର ମହାନ୍ତି, ସ୍ମୃତି ସଂସଦର ଡା. ଅଂଶୁମାନ କର ପ୍ରମୁଖ ଯୋଗଦେଇ ସ୍ୱର୍ଗତ କରଙ୍କୁ ସ୍ମରଣ କରିଥିଲେ। ଅଧ୍ୟାପକ ଡ. ରାଜୀବ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।




ପଦ୍ମଶ୍ରୀ ରଜତ କୁମାର କରଙ୍କ ଜୟନ୍ତୀ ସମାରୋହରେ ଯୋଗଦେଇଥିବା ଅତିଥି।

## ସଂକ୍ଷେପରେ

### ଅଟୋ ଧକ୍କାରେ ସ୍ୱାମୀ, ସ୍ତ୍ରୀ ଆହତ

ବେଗୁନିଆ,୨।୯(ସନ୍ଧ୍ୟାରାଣୀ ମିଶ୍ର)

ସିକୋ ଫାଣ୍ଡି ଅନ୍ତର୍ଗତ ନାରଗୋଦା ଜଙ୍ଗଲ ନିକଟ ସାଇ ମନ୍ଦିର ସମ୍ମୁଖରେ ଏକ ଅଟୋ ଧକ୍କାରେ ସ୍ୱାମୀ ଓ ସ୍ତ୍ରୀ ଆହତ ହୋଇଛନ୍ତି। ସେମାନେ ହେଲେ ଅଚ୍ୟୁତପୁର ଗ୍ରାମର ଲକ୍ଷ୍ମୀଧର ସେନାପତି ଏବଂ ତାଙ୍କ ସ୍ତ୍ରୀ ସବିତା ସେନାପତି। ଚିକିତ୍ସା ପାଇଁ ଉଭୟଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସୋମବାର ସିକୋରୁ ଲକ୍ଷ୍ମୀଧର ଓ ତାଙ୍କ ସ୍ତ୍ରୀ ସ୍କୁଟିରେ ଗ୍ରାମକୁ ଫେରୁଥିଲେ। ନାରଗୋଦା ଜଙ୍ଗଲ ନିକଟ ସାଇ ମନ୍ଦିର ସମ୍ମୁଖରେ ଏକ ଅଟୋ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ସ୍ୱାମୀ, ସ୍ତ୍ରୀ ଆହତ ହୋଇଥିଲେ। ଖବରପାଇ ସିକୋ ଫାଣ୍ଡି କର୍ମଚାରୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ପଠାଇଥିଲେ। ଦୁର୍ଘଟଣା ଘଟାଇଥିବା ଅଟୋକୁ ପୋଲିସ ଜବତ କରିଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଛି।

### ପୋଚ ନଷ୍ଟ, ମଦ ଜବତ

ବେଗୁନିଆ,୨।୯(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ଅନ୍ତର୍ଗତ ସାମନ୍ତରାପୁର-ଦଦରାକାନ୍ଥ ଗ୍ରାମ ନିକଟରେ ଥିବା କାଜୁ ଜଙ୍ଗଲରେ ଦେଶୀ ମଦ ପ୍ରସ୍ତୁତ ହେଉଥିବା ଖବରପାଇ ବେଗୁନିଆ ପୋଲିସ ଚଢ଼ାଉ କରିଥିଲା। ୨୦ଲିଟର ଦେଶୀ ମଦ ସହ ଗୋଟିଏ ସ୍କୁଟି ଜବତ ହୋଇଛି। ୫ଶହ ଲିଟର ପୋଚ ନଷ୍ଟ କରାଯାଇଛି। ପୂର୍ବରୁ ଖବରପାଇ ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସହକାରୀ ଉପନିରୀକ୍ଷକ ଭୁବନ ବେହେରା, ଧଳାପଥର ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ମଲ୍ଲିକ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

### ପୂଜା ପରିଡ଼ା ପାଇବେ ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା ବୃତ୍ତି ପୁରସ୍କାର

ବୋଲଗଡ଼,୨।୯(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଟାଙ୍ଗୀସାହିସ୍ଥିତ ରଘୁନାଥ ମଧୁସୂଦନ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପୂଜା ପରିଡ଼ା ପାଇବେ ମୁଖ୍ୟମନ୍ତ୍ରୀ ଓଡ଼ିଆ ଭାଷା ବୃତ୍ତି ପୁରସ୍କାର।



ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପତ୍ର ଅନୁଯାୟୀ ଆସନ୍ତା ୫ତାରିଖ ତଥା ଗୁରୁଦିବସ ଅବସରରେ ଭୁବନେଶ୍ୱରରେ ଆୟୋଜିତ ଏକ ସମାରୋହରେ ମୁଖ୍ୟମନ୍ତ୍ରୀ ଅନ୍ୟମାନଙ୍କ ସହ ପୂଜାଙ୍କୁ ମଧ ସମ୍ବର୍ଦ୍ଧିତ କରିବେ। ପୂଜା ୨୦୨୪ ମାଟ୍ରିକ ପରୀକ୍ଷାରେ ପ୍ରଥମ ଭାଷା ଓଡ଼ିଆରେ ୧୦୦ରୁ ୯୭ମାର୍କ ରଖି ଏହି ରାଜ୍ୟସ୍ତରୀୟ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ଫାସୀଓଦା ପଞ୍ଚାୟତ ଟାଙ୍ଗୀସାହି ଗ୍ରାମ ମନି ପରିଡ଼ା ଓ ରସାନ୍ତ ପରିଡ଼ାଙ୍କ ଝିଅ ପୂଜା। ଗତ ମାଟ୍ରିକ ପରୀକ୍ଷାରେ ୫୪୦ମାର୍କ ରଖି ଏ-୧ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ଏହି ବିଦ୍ୟାଳୟର ଅନ୍ୟ ୪ଜଣ ଛାତ୍ରୀଛାତ୍ର ମଧ ଗୁରୁଦିବସ ଅବସରରେ ଖୋର୍ଦ୍ଧାଠାରେ ଜିଲାସ୍ତରୀୟ ଭାଷାବୃତ୍ତି ପାଇବା ପାଇଁ ମନୋନୀତ ହୋଇଥିବା ନେଇ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ ସୂଚନା ଦେଇଛନ୍ତି।

### ଗୋ ସେବକ ସଞ୍ଜୟଙ୍କ ପରଲୋକ

ନିରାକାରପୁର,୨।୯
(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତ ନନପଡା ଗ୍ରାମର ସାମାଜିକ କର୍ମୀ ତଥା ଗୋ ସେବକ ସଞ୍ଜୟ କୁମାର ରାଉତରାୟ ଓରଫ ଡୁଗୁଲାଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୪୨ବର୍ଷ ବୟସ ହୋଇଥିଲା। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ମେଳାପି ଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପୂର୍ବତନ ସରପଞ୍ଚ ହୃଷୀକେଶ ରାଉତରାୟ, ପୂର୍ବତନ ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ରାଉତରାୟ, ବଣିକ ସଂଘ ସଭାପତି ଆର୍ତ୍ତତ୍ରାଣ ରାଉତରାୟ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

# ଏକାଦଶୀରେ ଠାକୁରଙ୍କ ପଇତା, ଲଡୁ ବଦଳାଯାଏ

**ମେଡିକାଲ ଛକ ବ୍ୟବସାୟୀ ସଂଘ ପୂଜା କମିଟି**

- ପୂଜାପାଇବେ ୧୦ଫୁଟ୍ ଉଚ୍ଚର ଗଜାନନ
- କେଦାରନାଥ ମନ୍ଦିର ଆକୃତି ଲାଇଟ୍ ଗେଟ୍ ଶୋଭାପାଇବ



ଜଟଣୀ,୨।୯(ରବୀନ୍ଦ୍ରନାଥ ମହାକୁଡ଼)

ଆଉ ଦିନ କେଇଟା ପରେ ଗଣେଶପୂଜା। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ଜଟଣୀ ସହର। କାରିଗର, ଆୟୋଜକ ଏବଂ ଭକ୍ତଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି। ବିଭିନ୍ନ ବ୍ୟବସାୟୀ ସଂଘ, ସାହିବସ୍ତି ଓ କ୍ଲବ ପକ୍ଷରୁ ଧୁମ୍‌ଧାମ୍‌ରେ ଗଣେଶ ପୂଜା ପାଳନ ପାଇଁ ପ୍ରସ୍ତୁତି ଜୋରଦାର ଚଳାଇଛନ୍ତି। ସମସ୍ତେ ନିଜ ନିଜ ତୋରଣକୁ ଅନ୍ୟଠୁ ଭିନ୍ନ ଓ ଆକର୍ଷଣୀୟ ଢଙ୍ଗରେ ପ୍ରସ୍ତୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଜଟଣୀର ମେଡିକାଲ ଛକ ବ୍ୟବସାୟୀ ସଂଘ ପୂଜା କମିଟି ମଧ ଜୋର୍‌ଦାର ପ୍ରସ୍ତୁତି ଚଳାଇଛି।

ଚଳିତବର୍ଷ ମଣ୍ଡପକୁ ଆକର୍ଷଣୀୟ କରିବା ପାଇଁ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବା ନେଇ ମେଡିକାଲ ଛକ ବ୍ୟବସାୟୀ ସଂଘ ପୂଜା କମିଟି ପକ୍ଷରୁ ଆକଳନ କରାଯାଇଛି। ଲୋକଙ୍କୁ ମଣ୍ଡପ ପ୍ରତି ଆକୃଷ୍ଟ କରିବା ପାଇଁ ୫୬ଫୁଟ ଉଚ୍ଚର କେଦାରନାଥ ମନ୍ଦିର ଆକୃତିର ଡିଜିଟାଲ ଏଲ୍‌ଇଡି ଗେଟ୍ ସହିତ କାଗଜ ଏବଂ ବାଉଁଶ ପାଟିଆରେ ନିର୍ମିତ ଶୁଭ୍ର ରଙ୍ଗର ମେଢ଼ ସ୍ଥାନ ପାଇବ। ୧୦ଫୁଟ ଉଚ୍ଚର ଗଜାନନଙ୍କ ସହିତ ମା'ଲକ୍ଷ୍ମୀ ଏବଂ ସରସ୍ୱତୀ ପୂଜା ପାଇବେ। ପ୍ରତିଦିନ ଠାକୁରଙ୍କ ନିକଟରେ ବିଭିନ୍ନ ଫଳ, ପିଠା, ମିଠା ଭୋଗ ଲାଗି ହେଉଥିବା ବେଳେ ଏକାଦଶୀ ଦିନ ଖିରି ଭୋଗ ଲାଗି ହୁଏ। ପୂଜା ସମୟରେ ଗୋଟିଏ ଦିନ ଠାକୁରଙ୍କ ନିକଟରେ ମଣ୍ଡା ପିଠା ଲାଗିହେବ। ଏକାଦଶୀ ତିଥିରେ ସମସ୍ତ ନୀତିକାନ୍ତି ହେବା ସହିତ ଠାକୁରଙ୍କ ପଇତା ଏବଂ ଲଡୁ ବଦଳାଯାଇଥାଏ। ଓଡ଼ିଶାର ପ୍ରତିଷ୍ଠିତ କଳାକାରଙ୍କୁ ନେଇ ୩ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ପୂଜା ସମୟରେ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ୍ ପରିଚାଳନା ପାଇଁ କମିଶନରେଟ ପୋଲିସ ସହିତ କମିଟର ସଦସ୍ୟମାନେ ନିୟୋଜିତ ହେବେ। ସୂଚନାଥାଉ କି, ୧୯ବର୍ଷ ପୂର୍ବେ ଶ୍ୟାମପ୍ରସାଦ ରଥ, ପଞ୍ଚୁ ପ୍ରଧାନ, ସ୍ୱର୍ଗତ ଜୟକୃଷ୍ଣ ବେହେରା, ଶରତ ସାମନ୍ତରାୟ, ବିପିନ ସ୍ୱାଇଁଙ୍କ ସମେତ କେତେଜଣ କଳା ଓ ସଂସ୍କୃତି ଅନୁରାଗୀ ବ୍ୟକ୍ତି ଏଠାରେ ଗଣେଶପୂଜା ଆରମ୍ଭ କରିଥିଲେ। ଏବେ ଗୋବିନ୍ଦ ପାହାଡ଼ସିଂ, ବିରଞ୍ଚି ନାରାୟଣ ସାହୁ, ଅଶୋକ ମିଶ୍ର, ବାବୁଲି ଗୁପ୍ତା, ରମେଶ ଚନ୍ଦ୍ର ସାହୁଙ୍କ ସମେତ ବ୍ୟବସାୟୀ ଭାଇଙ୍କ ସହାୟତା ଏବଂ ସ୍ଥାନୀୟ ଭକ୍ତଙ୍କ ସହଯୋଗରେ ପୂଜା ହେଉଛି।

**ଏମାନେ ଯାହା କୁହନ୍ତି...**



"ଏକାଦଶୀ ତିଥିରେ ଠାକୁରଙ୍କ ପଇତା ଓ ଲଡୁ ବଦଳାଯିବା ସହିତ ଖିରି ଭୋଗ ଲାଗି ପ୍ରଥା ରହିଛି। ଏହି ଅନୁଷ୍ଠାନ ଜଟଣୀ ଗଣେଶ ପୂଜାରେ ୧୯ବର୍ଷ ଧରି ସାମିଲ ହୋଇଛି। ପ୍ରତି ବର୍ଷ କିଛି ନୂଆ କରିବା ପାଇଁ ଚେଷ୍ଟା କରିଥାଉ। ଏଥର ଓଡ଼ିଶାର ଖ୍ୟାତନାମା ଲାଇଟ କାରିଗରଙ୍କ ଦ୍ୱାରା ସୁଉଚ୍ଚ ଦୁଇଟି ଡିଜିଟାଲ ଗେଟ୍ ଏବଂ ସୁନେଲି ମେଢ଼ ଦର୍ଶକଙ୍କୁ ଆକୃଷ୍ଟ କରିବ।

**- ଶରତ ସାମନ୍ତରାୟ, ସଭାପତି, ମେଡିକାଲ ଛକ ବ୍ୟବସାୟୀ ସଂଘ ପୂଜା କମିଟି**



"ଚଳିତ ବର୍ଷ ପୂଜାକୁ ଆକର୍ଷଣୀୟ କରିବା ପାଇଁ ଚେଷ୍ଟା କରାଯାଇଛି। ପୂଜା ସମୟରେ ଭଜନ କୀର୍ତ୍ତନ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଏକାଦଶୀ ତିଥିରେ ୨ହଜାର ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବିତରଣ ବ୍ୟବସ୍ଥା ରହିଛି। ପୂଜା ଶାନ୍ତିଶୃଙ୍ଖଳାରେ ପାଳନ ପାଇଁ ସମସ୍ତଙ୍କର ସହଯୋଗ ଆବଶ୍ୟକ।

**- ଚିତ୍ତରଞ୍ଜନ ପାତ୍ର, ସମ୍ପାଦକ, ମେଡିକାଲ ଛକ ବ୍ୟବସାୟୀ ସଂଘ ପୂଜା କମିଟି**

# ମୁକୁନ୍ଦପ୍ରସାଦରେ ହିଂସା ଘଟଣା, ଗିରଫ ସଂଖ୍ୟା ୧୪କୁ ବୃଦ୍ଧି

ଖୋର୍ଦ୍ଧା,୨।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଧୀନ ମୁକୁନ୍ଦପ୍ରସାଦ ଅଞ୍ଚଳରେ ଗତ ୨୫ତାରିଖରେ ହୋଇଥିବା ହିଂସା ଘଟଣାରେ ସୋମବାର ପୋଲିସ ୩ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ମୁକୁନ୍ଦପ୍ରସାଦର ମହମ୍ମଦ ଆୟଜ ୟୁସୁଫ ଓରଫ ଖୁସି(୨୩), ମହମ୍ମଦ ସୋହେବ(୨୨) ଏବଂ କଟକ ଦରଘାବଜାର ଥାନା ଦରଘାବଜାରର ସୟଦ ଅବଦୁଲ ଇମ୍ମାନ(୨୪) ହୋଇଥିବା ବେଳେ ସେ ମୁକୁନ୍ଦପ୍ରସାଦ ଅଞ୍ଚଳରେ ରହୁଥିଲେ। ତେବେ ଏହି ହିଂସା ଘଟଣାରେ ପୂର୍ବରୁ ୧୧ଜଣ ଗିରଫ ହୋଇଥିବା ବେଳେ ଏବେ ଗିରଫ ସଂଖ୍ୟା ୧୪ରେ ପହଞ୍ଚିଛି। ପ୍ରକାଶ ଯେ, ଏହି ଥାନା ଅଧୀନ ମୁକୁନ୍ଦପ୍ରସାଦ ମାଳିସାହିର ମହମ୍ମଦ ସାଜିଦଙ୍କୁ ଗତ ୨୫ତାରିଖରେ ଖଣ୍ଡାରେ ହାଣି ହତ୍ୟା କରାଯାଇଥିଲା। ପରେ ଏହି ଘଟଣାକୁ ନେଇ ହିଂସା ଘଟିଥିଲା। ଉତ୍ତ୍ୟକ୍ତ ଲୋକେ ମୁକୁନ୍ଦପ୍ରସାଦର ପୋଡ଼ାସାହି, ଦଧିବାମନସାହି, ବଉଳସାହି ଓ ମାଳିସାହିରେ ବାଇକ୍ ଭଙ୍ଗାରୁଜା, ପୋଡ଼ାଜଳା କରିବା ସହ ଲୋକଙ୍କୁ ଆକ୍ରମଣ କରିଥିଲେ। ଏନେଇ ମୁକୁନ୍ଦପ୍ରସାଦ ଗ୍ରାମ୍ୟ କମିଟିର ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇ ଗତ ୨୯ତାରିଖରେ ୬ଜଣଙ୍କୁ ଗିରଫ କରିଥିବା ବେଳେ ୩୧ ତାରିଖରେ ୫ଜଣଙ୍କୁ ଗିରଫ କରିଥିଲା। ଅନ୍ୟପଟେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ପ୍ରଶାସନ ପକ୍ଷରୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୧୬୩ ଧାରା ବଳବତ୍ତର ରହିଥିବା ବେଳେ ୧୫ ପ୍ଲାଟୁନ ଫୋର୍ସ ମୁତୟନ ରହିଛନ୍ତି।

# ସଡ଼କ ସୁରକ୍ଷା ଜୀବନ ରକ୍ଷା ସଚେତନତା କାର୍ଯ୍ୟକ୍ରମ




ନିରାକାରପୁର,୨।୯
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସୋମବାର ସଚେତନତା କାର୍ଯ୍ୟକ୍ରମ ସଡ଼କ ସୁରକ୍ଷା ଜୀବନ ରକ୍ଷା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସିପ୍ରା ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଟାଙ୍ଗୀ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁ ଯୋଗଦେଇ ନିୟମ ମାନି ଗାଡି ଚଳାଇବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଖୋର୍ଦ୍ଧା ପରିବହନ ବିଭାଗ ଏଆରଟିଓ ତୃପ୍ତିରେଖା ଜେନା ଯୋଗଦେଇ ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଅମିୟ ବାଳା ପରିଡା, ରମାକାନ୍ତ ମହାପାତ୍ର, ଅମିତା ମିଶ୍ର, ଏବିଓ ସୁଧାଂଶୁ ମଞ୍ଜରୀ ଜେନା, ସିଆରସିସି ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ନିଶା ନ ଖାଇ ଗାଡ଼ି ଚଳାଇବା ସହିତ ନିୟମ ମାନି ଚଳାଇବାକୁ କହିଥିଲେ। ସୁବର୍ଣ୍ଣ ଜୟନ୍ତୀ ତଥା ଆଲୁମ୍‌ନି କମିଟି ଆବାହକ ଆଲୋକ କୁମାର ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସଡ଼କ ସୁରକ୍ଷା ଉପରେ ଏକ ସଚେତନତା ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ସାମିଲ ହୋଇଥିଲେ। କଳାକାରମାନଙ୍କ ଦ୍ୱାରା ସଡ଼କ ସୁରକ୍ଷା ଉପରେ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା।

# ୧୩୩ ଅଭିଯୋଗ ଶୁଣିଲେ ଜିଲାପାଳ



ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ଚଞ୍ଚଳ ରାଣା, ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୨।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୧୩୩ଟି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିରୁ ୧୨୧ଟି ବ୍ୟକ୍ତିଗତ ଏବଂ ୬ଟି ବିଭିନ୍ନ ଗ୍ରାମର ସାମୂହିକ ସମସ୍ୟା ଥିଲା। ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ୨ଜଣ ହିତାକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ସହାୟତା ପାଣ୍ଠିରୁ ୭ହଜାର ଏବଂ ୬ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ସେହିପରି ୨ଜଣଙ୍କୁ ୧୦ହଜାର ଓ ୪ହଜାର ଟଙ୍କା ରେଡକ୍ରସ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ଏହି ଜନଶୁଣାଣି ଶିବିରରେ ଜିଲାପାଳ ଚଞ୍ଚଳ ରାଣା ଅଧକ୍ଷତା କରିଥିଲେ। ଡିଆଇଜି ତଥା ଆରକ୍ଷୀ ଅଧୀକ୍ଷକ ଅବିନାଶ କୁମାର, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲାପାଳ(ପ୍ରଶାସନ)ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ କସ୍ତୁରୀ ବାଳା ଜେନା, ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀ, ସିଡିଏମ୍‌ଓ ଡା.ରାଜଶ୍ରୀ ପଟ୍ଟନାୟକଙ୍କ ସମେତ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ନବକ୍ରିଷ୍ଣ ମିଶ୍ରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଖୋର୍ଦ୍ଧା,୨।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବିଜେବି ହାଇସ୍କୁଲର ବରିଷ୍ଠ ବିଜ୍ଞାନ ଶିକ୍ଷକ ନବକ୍ରିଷ୍ଣ ମିଶ୍ରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ ସଭାପତିତ୍ୱ କରିଥିଲେ। ଶିକ୍ଷକ ବିଭୁ ପ୍ରସାଦ ସେନାପତିଙ୍କ ସଂଯୋଜନାରେ ଐତିହାସିକ ସତ୍ୟବାଦୀ ବଳିୟାରସିଂହ ମୁଖ୍ୟ ଅତିଥି, ବିଦ୍ୟାଳୟ ଆଲୁମ୍‌ନି ସଦସ୍ୟ ଡ.ରାଜକିଶୋର ପରମଗୁରୁ, ସମ୍ମାନିତ ଅତିଥିଭାବେ ମାର୍ଗଦର୍ଶୀର ସମ୍ପାଦକ ଉମାଶଙ୍କର ପ୍ରସାଦ, ପୂର୍ବତନ ଏସ୍‌ପି ଦେବ ପ୍ରସାଦ ମଜୁମଦାର, ଶିକ୍ଷକ ନେତା ସର୍ବଶ୍ରୀ ସୁଧାକର ମହାପାତ୍ର, ରମାକାନ୍ତ ମହାପାତ୍ର ଓ କିଶୋର ଚନ୍ଦ୍ର ପରମଗୁରୁ, ଗୟା ପ୍ରସାଦ ମିଶ୍ର, ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷକ ରାଜକିଶୋର ପରିଡ଼ା ପ୍ରମୁଖ ଯୋଗଦେଇ ନବକ୍ରିଷ୍ଣ କୋଲକାତାରେ ଅନୁଷ୍ଠିତ ପୂର୍ବ ଭାରତ ବିଜ୍ଞାନ ମେଳାରେ ଖୋର୍ଦ୍ଧା ତଥା ଓଡ଼ିଶାର କିଭଳି ସୁନାମ ଆଣିଥିଲେ ତାହା ପ୍ରକାଶ କରିଥିଲେ। ରାଜକିଶୋର ବ୍ରହ୍ମା, ବୈକୁଣ୍ଠ ନାଥ ରାଜଗୁରୁ, ଉମାକଲ୍ୟାଣୀ ପ୍ରଧାନ, ଡ.ସବିତା ଦାଶ, ଶ୍ରୀରାମ ଭୂୟାଁ, ବିନାୟକ ପାଇକରାୟ, ଲକ୍ଷ୍ମୀ ନାରାୟଣ ଭଞ୍ଜ, ବିମଳ ଷଡ଼ଙ୍ଗୀ, ଶେକ୍ ଗୋହର ଅଲ୍ଲୀ, ବେଲେଶ୍ୱର ଯୁଝାରସିଂହ, ବିରଞ୍ଚି ସାହୁ, ସନ୍ତୋଷ ଦାସ, ସ୍ନିଗ୍ଧା ଦାସ, ଦାମୋଦର ସାହୁ, ଆଶିଷ ରାୟ, ବିଜୟ ସାହୁ, ଦେବସ୍ମିତା ବେହେରା, ସ୍ନିଗ୍ଧା ସ୍ୱରୂପା ମିଶ୍ର, ଚନ୍ଦ୍ରକାନ୍ତ ଦାଶ, ପୁଷ୍ପଲତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ତଥା ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ନବକ୍ରିଷ୍ଣଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ତାଙ୍କ ଉଦ୍ଦେଶ୍ୟରେ ଏକ ସ୍ମରଣିକା ପ୍ରକାଶ ପାଇଥିଲା। ଶିକ୍ଷୟିତ୍ରୀ ନିବେଦିତା ଛୁଆଲସିଂହ ଧନ୍ୟବାଦ ଦେଇଥିଲେ।

# ବେଗୁନିଆ ବ୍ଲକ: ୨୦ ଡେଙ୍ଗୁ ରୋଗୀ ଚିହ୍ନଟ

ବେଗୁନିଆ,୨।୯(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅଳିଆ, ଆବର୍ଜନା ସଫେଇ କରାଯାଉ ନ ଥିବାରୁ ମଶାଙ୍କ ପ୍ରାଦୁର୍ଭାବ ଯୋଗୁ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତ ଅଗଷ୍ଟ ଶେଷ ସୁଦ୍ଧା ଏହି ବ୍ଲକ ଅଞ୍ଚଳରେ ୨୦ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡ଼ିଛି।

ସୂଚନାଥାଉ କି, ବେଗୁନିଆ ସଦର ମହକୁମାସ୍ଥିତ ବ୍ଲକ, ତହସିଲ, ଥାନା କାର୍ଯ୍ୟାଳୟ ଚତୁଃପାର୍ଶ୍ୱରେ ଅନାବନା ଘାସ ଓ ଅଳିଆ ଗଦା ହୋଇ ରହିଛି। ବେଗୁନିଆ, ଡାଳତୋଳା, ବାଘମାରି ବଜାରରେ ଥିବା ଜଳଖିଆ, ଫାଷ୍ଟଫୁଡ, ଉଠାଦୋକାନ କଡରେ ଦୀର୍ଘଦିନ ଧରି ଆବର୍ଜନା ଜମା ହୋଇ ରହିଛି। ସେହିପରି ବ୍ଲକ ଅଞ୍ଚଳରେ ଥିବା ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆବର୍ଜନା ପଡ଼ିରହିଛି। ସେହିପରି ସାପ୍ତାହିକୀ ପରିବା ହାଟ, ସ୍କୁଲ ଓ କଲେଜ ପରିସର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ପରିସରରେ ଅଳିଆ ଆବର୍ଜନା ଜମି ରହିଛି। ଫଳରେ ବର୍ଷା ହେଲେ ଏହା ପଚି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଗ୍ରାମାଞ୍ଚଳରେ ଥିବା କୂପରେ ବ୍ଲିଚିଂ କିମ୍ବା ଆବର୍ଜନା ସ୍ଥାନରେ ଡିଡିଟି ସିଞ୍ଚନ କରାଯାଉ ନାହିଁ। ବ୍ଲକ ପ୍ରଶାସନ ଏବଂ ପଞ୍ଚାୟତ ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା କମିଟି କରାଯାଇ ନ ଥିବା ବେଳେ ଗାଁ କଲ୍ୟାଣ କମିଟି ମଧ୍ୟ ସ୍ଥାଣୁ ପାଲଟିଛି। ସଚେତନତା ଓ ପ୍ରତିକାର ପ୍ରତି ଯଦି ଗୁରୁତ୍ୱ ଦିଆ ନ ଯାଏ ଆଗାମୀ ଦିନରେ ବହୁ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବେ ବୋଲି ପରିବେଶବିତ୍ ରାଜ କିଶୋର ପାଣିଗ୍ରାହୀ, ସାମାଜିକ କର୍ମୀ ଶିବ କୁମାର ମୁନି, ଦୀନବନ୍ଧୁ ବିଶ୍ୱାଳ ପ୍ରମୁଖ କହିଛନ୍ତି। ତେବେ ଏ ସମ୍ପର୍କରେ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଦେବାଶିଷ ଆଚାର୍ଯ୍ୟ କହିଛନ୍ତି, ଡେଙ୍ଗୁ ରୋଗର ଉପଚାର ଉପରେ ଗୁରୁତ୍ୱ ଦିଆଯାଇଛି। ଅଙ୍ଗନୱାଡି ଓ ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀଙ୍କୁ ନିଜ ସେକ୍ଟର ଅଞ୍ଚଳରେ ବିଭିନ୍ନ ରୋଗରୁ ଲୋକେ କିଭଳି ଉପଚାର ପାଇପାରିବେ ଦୃଷ୍ଟି ଦେବାକୁ କୁହାଯାଇଛି।

# ବଣ୍ଟନ ସରିଲାଣି ୨ଲକ୍ଷ 'ସୁଭଦ୍ରା' ଫର୍ମ

ଖୋର୍ଦ୍ଧା,୨।୯(ପ୍ରଭାତ ପାଣିଗ୍ରାହୀ)

ସୁଭଦ୍ରା ଯୋଜନା ପାଇଁ ରବିବାରଠାରୁ ଆରମ୍ଭ ହୋଇଛି ଆବେଦନ। ସୋମବାର ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ସମସ୍ତ ଅଙ୍ଗନୱାଡି କେନ୍ଦ୍ର, ମୋ ସେବା କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ ସମେତ ବିଜ୍ଞାପିତ ଓ ପୌରାଞ୍ଚଳରେ ଆବେଦନ ପତ୍ର ପାଇଁ ଲମ୍ବାଧାଡ଼ି ଦେଖିବାକୁ ମିଳିଛି। ଜିଲାରେ ୫ଲକ୍ଷ ଫର୍ମ ପ୍ରିଣ୍ଟ କରାଯାଇ ବିତରଣ କରାଯାଇଛି। ଜିଲାର ମୋଟ୍ ୨୧୭୬ ଅଙ୍ଗନୱାଡି କେନ୍ଦ୍ର, ୩୭୬ ଜନସେବା କେନ୍ଦ୍ର, ୨୩୮ ମୋ ସେବା କେନ୍ଦ୍ର, ୧୯୦ ପଞ୍ଚାୟତ କାର୍ଯ୍ୟାଳୟ, ୧୦ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ୪ ପୌର ଓ ଏନ୍‌ଏସି, ୧୦ଟି ସିଡିପିଓ କାର୍ଯ୍ୟାଳୟରେ ଏହି ଫର୍ମ ଉପଲବ୍ଧ ହେବ। ଜିଲାରେ ଅଗଷ୍ଟ ୩୦ରୁ ଫର୍ମ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି। ସୋମବାର ସୁଦ୍ଧା ଜିଲାରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଫର୍ମ ବଣ୍ଟନ ସରିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି। ଜିଲାର ଗ୍ରାମାଞ୍ଚଳ ସହ ୪ଟି ସହରାଞ୍ଚଳ ବାଣପୁର, ବାଲୁଗାଁ, ଜଟଣୀ, ଖୋର୍ଦ୍ଧା ଅଞ୍ଚଳ ଅନ୍ତର୍ଗତ ସମସ୍ତ ତଥ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉପଲବ୍ଧ। ଭୁବନେଶ୍ୱର ମହାନଗର ନିଗମ ତଥ୍ୟ ବିଏମସି କମିଶନରଙ୍କ ନିକଟରେ ମିଳିପାରିବ। ଫର୍ମ ଦାଖଲ ବେଳେ ଦରଖାସ୍ତକାରୀ ନିଜେ ଆସି ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ରରେ ଦାଖଲ କରିବେ। ହିତାଧିକାରୀଙ୍କ ଟିପ ଚିହ୍ନ ସହ ଫଟୋ ପରିଚୟପତ୍ର ରଖାଯିବ। ଯଦି କୌଣସି ହିତାଧିକାରୀ ଫର୍ମ ପାଇନାହାନ୍ତି ତେବେ ସେମାନଙ୍କୁ ପରବର୍ତ୍ତୀ ସମୟରେ ମଧ୍ୟ ସୁଯୋଗ ମିଳିବ। ଏହି ଫର୍ମ ପୂରଣ ପାଇଁ ଘୋଷଣାନାମା ଅନୁଯାୟୀ ଟୋଲ ଫ୍ରି ହେଲପ ଲାଇନ ନଂ.୧୪୬୭୮ ରେ ତଥ୍ୟ ପଚାରି ବୁଝିପାରିବେ।

# ତାପଙ୍ଗ ଦଳବେହେରାଙ୍କ ବୀରତ୍ୱ ଗାଥା ଯୁବପିଢ଼ି ଜାଣନ୍ତୁ

ଖୋର୍ଦ୍ଧା,୨।୯(ପ୍ରଭାତ ପାଣିଗ୍ରାହୀ)

ପାଇକ ବୀରମାନେ ଇଂରେଜ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ। ୧୮୧୭ରେ ବକ୍ସିଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ବିଦ୍ରୋହ ଅଗ୍ନିଶିଖା ପାଇକ ବିଦ୍ରୋହ ବ୍ୟାପକ ରୂପ ଧାରଣ କରିଥିଲା। ସବୁଠି ପାଇକ ବୀରମାନେ ରଣହୁଙ୍କାର ଦେଇଥିଲେ। ବକ୍ସିଙ୍କ ବଳିଷ୍ଠ ସହଯୋଗୀ ତାପଙ୍ଗ ଦଳବେହେରା ମାଧବ ଚନ୍ଦ୍ର ରାଉତରାୟ ଇଂରେଜ ବିରୋଧୀ ସାତଦିନ ସଶସ୍ତ୍ର ସଂଗ୍ରାମ କରିଥିଲେ। ତାଙ୍କ ନେତୃତ୍ୱ ଆଗରେ ଇଂରେଜ ସୈନ୍ୟମାନେ ମଥାନତ କରିଥିଲେ। 'ନିଅ ମୋର ମୁଣ୍ଡବଳି' ଆଖ୍ୟାନ ତାପଙ୍ଗ ଦଳବେହେରାଙ୍କ ଅସୀମ ଶୌର୍ଯ୍ୟ, ତ୍ୟାଗ, ବଳିଦାନ ଓ ମହନୀୟତା ଯୁଗ ଯୁଗ ଧରି ତାଙ୍କୁ ଅମର କରି ରଖିବ ବୋଲି ମତପ୍ରକାଶ ପାଇଛି।

ସୋମବାର ତାପଙ୍ଗ ଦଳବେହେରା ସ୍ମୃତି କମିଟି ଓ କଳିଙ୍ଗ ପାଇକ ସଙ୍ଗଠନ ପକ୍ଷରୁ ମିଳିତ ଭାବେ ତାପଙ୍ଗ ଦଳବେହେରାଙ୍କ ସ୍ମୃତି ପୀଠ ତାପଙ୍ଗଠାରେ ୨୫୪ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଦଳବେହେରାଙ୍କ ସ୍ମୃତିପୀଠରେ ପୁଷ୍ପମାଲ୍ୟ ଅର୍ପଣ ପରେ ନିକଟ ରାଜୀବ ଭବନଠାରେ କଳିଙ୍ଗ ପାଇକ ସଙ୍ଗଠନର ସଭାପତି ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସ୍ମୃତି କମିଟିର ସମ୍ପାଦକ ସଂଗ୍ରାମ କେଶରୀ ଜଗଦ୍ଦେବ ଅତିଥି ପରିଚୟ ଓ ସ୍ୱାଗତ ଭାଷଣରେ ତାପଙ୍ଗ ଦଳବେହେରାଙ୍କ ବୀରତ୍ୱର ଗାଥା, ତାପଙ୍ଗଗଡ଼ର ଗୌରବମୟ ଇତିହାସ ସମ୍ପର୍କରେ କହିଥିଲେ। ଅନୁଷ୍ଠାନ ପକ୍ଷରୁ ଦୀର୍ଘ ୩୦ବର୍ଷ ହେବ ଦଳବେହେରାଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସ ପାଳିତ ହେଉଥିବା ବେଳେ ରାଜ୍ୟ ସରକାର ଜିଲା ଓ ରାଜ୍ୟସ୍ତରରେ ଏହି କାର୍ଯ୍ୟକ୍ରମ ପାଳନ କରିବାକୁ ଦାବି କରିଥିଲେ। ଦଳବେହେରା ମାଧବଚନ୍ଦ୍ର ରାଉତରାୟଙ୍କ ବୀରତ୍ୱଗାଥା ଆଜିର ପିଢି ଜାଣିବା ଆବଶ୍ୟକ ବୋଲି ମୁଖ୍ୟ ବକ୍ତା ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ କହିଥିଲେ। ତାପଙ୍ଗ ଖୋର୍ଦ୍ଧା ଯୁଦ୍ଧ ସମ୍ପର୍କରେ ମଧୁସୂଦନ ବିପ୍ରଙ୍କ 'ଫିରିଙ୍ଗି କଳି ଭାରତ' ଏବଂ ପ୍ରଫେସର ଧ୍ରୁବଚରଣ ଜୟସିଂହ ପାଇକରାୟଙ୍କ ପୁସ୍ତକ 'ଭାରତ ମୁକ୍ତି ସଂଗ୍ରାମକୁ ଓଡ଼ିଶାର ଅବଦାନ' ପୁସ୍ତକରେ ତାପଙ୍ଗଗଡ଼ ଯୁଦ୍ଧ ସମ୍ପର୍କିତ ବହୁ ଐତିହାସିକ ତଥ୍ୟ ପ୍ରଦାନ କରିଛନ୍ତି ବୋଲି ସେ କହିଛନ୍ତି। ସ୍ମୃତି କମିଟିର ଉପସଭାପତି ରମଜାନ୍ ଖାଁ, କଳିଙ୍ଗ ପାଇକ ସଙ୍ଗଠନର ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଦଳବେହେରା ମାଧବ ରାଉତରାୟଙ୍କ ଦାୟାଦ ବିଚିତ୍ରାନନ୍ଦ ରାଉତରାୟ, ସମାଜସେବୀ କାଳୁଚରଣ ଖଣ୍ଡାୟତରାୟ, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ହରିଚନ୍ଦନ, ହାରାମଣି ମହିଳା ସଂଘର ସମ୍ପାଦିକା ଝିଲିରାଣୀ ସାମନ୍ତରାୟ, ଗାୟକରତ୍ନ ହାଡ଼ିବନ୍ଧୁ ପଣ୍ଡା, ପାଇକଗୁରୁ କେଦାରନାଥ ଦାସ, ଚିନ୍ମୟ ମହାନ୍ତି, ଶିକ୍ଷାବିତ୍ ବିଭୁଦତ୍ତ ସଂଗ୍ରାମସିଂହ, ରୋଜାଲିନ୍ ରାଉତରାୟ, ବୈଶାଳୀ ଅରିଶଳ, ଗତିକୃଷ୍ଣ ସେଠୀ, ଅଜିତ୍ କୁମାର ରାଉତରାୟ, ପ୍ରଶାନ୍ତ ମହାରଥୀ, ରଶ୍ମିତା ଜେନା, ରବୀନ୍ଦ୍ର ମଙ୍ଗରାଜ, ନିମାଇ ଶ୍ରୀଚନ୍ଦନ, ଶୁଭାଙ୍ଗୀ ପାଲଟାସିଂହ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଭୁଦତ୍ତ ସଂଗ୍ରାମ ସିଂହ ଧନ୍ୟବାଦ ଦେଇଥିଲେ। ସେହିପରି କଳିଙ୍ଗ ପାଇକ ସଙ୍ଗଠନ ଖୋର୍ଦ୍ଧା ପକ୍ଷରୁ ଗଡ଼ଖୋର୍ଦ୍ଧା ନିକଟ ପଞ୍ଚପାଇକଙ୍କ ପୀଠରେ ପୁଷ୍ପମାଲ୍ୟାର୍ପଣ ସହ ଦଳବେହେରାଙ୍କ ସ୍ମୃତିଚାରଣ କରାଯାଇଥିଲା।

**ତାପଙ୍ଗ ଦଳବେହେରାଙ୍କ ୨୫୪ତମ ଜୟନ୍ତୀ**




ତାପଙ୍ଗ ଦଳବେହେରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅତିଥି ଏବଂ ଅନ୍ୟମାନେ।

### ଶ୍ରୀଲିଙ୍ଗରାଜଙ୍କୁ ଲାଗି ହେଲା ସାତପୁରୀ ଭୋଗ

ପୁରୁଣା ଭୁବନେଶ୍ୱର,୨।୯
(ସୁବାସ ଚନ୍ଦ୍ର ପ୍ରଧାନ)

ସାତପୁରୀ ଅମାବାସ୍ୟା ଅବସରରେ ସୋମବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନିକଟରେ ସାତପୁରୀ ଭୋଗ ଲାଗି କରାଯାଇଛି। ପ୍ରାତଃରୁ ମଙ୍ଗଳଆଳତି ସରିବା ପରେ କୋଠ ରୋଷରେ ହୋମ କରାଯାଇଥିଲା। ଏହି ଅବସରରେ ଧଳାଛତା ଅଣାଯିବା ପରେ ଘଣ୍ଟ ବାଜିଥିଲା। ମହାସୁଆର ସେବାୟତ ନଡ଼ିଆ ବାଢ଼େଇ ସାତପୁରୀ ପିଠା ଛାଣିଥିଲେ। ସକାଳ ଧୂପଠାରୁ ସନ୍ଧ୍ୟାଧୂପ ଯାଏ ସାତପୁରୀ ପିଠା ଶ୍ରୀଜିଉଙ୍କୁ ଭୋଗ କରାଯାଇଥିଲା। ଟେରା ଫିଟା ସରିବା ପରେ ମହାସୁଆର ସେବାୟତ ରୁପା ଥାଳିରେ ୨୭ଟି ସାତପୁରୀ ରୋଷରୁ ଆଣିବା ପରେ ପୂଜାପଣ୍ଡା ସେବାୟତ ପ୍ରଥମେ ରାଜରାଜେଶ୍ୱରୀଙ୍କ ଠାରୁ ପୂଜା ଆରମ୍ଭ କରି ଲକ୍ଷ୍ମୀ ନୃସିଂହଙ୍କ ଠାରେ ଶେଷ ହୋଇଥିଲା। ଉକ୍ତ ସାତପୁରୀ ଭୋଗକୁ ମନ୍ଦିର କାର୍ଯ୍ୟାଳୟ ସହାୟତାରେ ସେବକମାନଙ୍କୁ ପାଉଣା ପ୍ରାପ୍ୟ ବଣ୍ଟାଯାଇଥିଲା।

# ବାର୍ଡ ଫ୍ଲୁ: ଧାରଣାରେ ବସିଲେ କ୍ଷତିଗ୍ରସ୍ତ ଚାଷୀ

## କୁକୁଡ଼ା ଚାଷୀଙ୍କ ଲକ୍ଷାଧିକ ଟଙ୍କାର କ୍ଷତି

ପୁରୀ,୨।୯(ଅଜିତ୍ କୁମାର ମହାନ୍ତି)




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଲଟ୍ରି ଫାର୍ମର ଡେଭଲପମେଣ୍ଟ ଫାର୍ମ ପକ୍ଷରୁ ଧାରଣା ଦିଆଯାଇଛି ।

ବାର୍ଡ ଫ୍ଲୁ ଯୋଗୁ ପୁରୀ ଜିଲାର ପଲଟ୍ରି ଫାର୍ମଗୁଡ଼ିକରେ ବ୍ରଏଲର କୁକୁଡ଼ାଗୁଡ଼ିକ ମରିଯାଉଛନ୍ତି। ତେଣୁ କ୍ଷତିଗ୍ରସ୍ତମାନଙ୍କୁ କ୍ଷତିପୂରଣ ପ୍ରଦାନ ଦାବିରେ ପଲଟ୍ରି ଫାର୍ମର ଡେଭଲପମେଣ୍ଟ ଫାର୍ମ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନ ପକ୍ଷରୁ ଦାବିପତ୍ରରେ ଦର୍ଶାଯାଇଛି ଯେ, ପୁରୀ ଜିଲାର ପିପିଲି, ଡେଲାଙ୍ଗ, ସାକ୍ଷୀଗୋପାଳ, କଣାସ, ନିମାପଡ଼ା ଓ ପୁରୀ ସଦର ଅଞ୍ଚଳରେ କୁକୁଡ଼ାଗୁଡ଼ିକ ଭୂତାଣୁ ଜନିତ ରୋଗରେ ମୃତ୍ୟୁବରଣ କରିଛନ୍ତି। ଫଳରେ ଚାଷୀମାନେ ଲକ୍ଷାଧିକ ଟଙ୍କାର କ୍ଷତି ସହିଛନ୍ତି। ଜିଲାର ପ୍ରାୟ ଦେଢ଼ହଜାର କୁକୁଡ଼ା ଚାଷୀ ବ୍ଲାଡ ଫ୍ଲୁ କାରଣରୁ କ୍ଷତିଗସ୍ତ ହୋଇଛନ୍ତି। ଭୂତାଣୁ ଚିହ୍ନଟ ହେବା ପରେ କିଛି ଦିନ ହେବ ପ୍ରଶାସନର ଆର୍‌ଆର୍‌ଟି ଟିମ୍ ଯାଇ କୁକୁଡାମାନଙ୍କୁ ମାରୁଛନ୍ତି। ଅପରପକ୍ଷରେ ଗତ ମେରୁ ଏଭଳି ଭୂତାଣୁ ସଙ୍କଟ ଦୀର୍ଘ ତିନିମାସ ଧରି ଚାଲିଥିବା ବେଳେ କୁକୁଡା ମଡ଼କ ଦେଖାଦେଇଥିଲା। ଏନେଇ ସ୍ଥାନୀୟ ପଶୁପାଳନ ବିଭାଗ ଓ ପ୍ରାଣୀ ଚିକିତ୍ସା ଅଧିକାରୀମାନେ କୁକୁଡ଼ାଚାଷୀମାନଙ୍କ କୁକୁଡ଼ାମଡ଼କ ସମ୍ପର୍କରେ ଆପତ୍ତି ଅଭିଯୋଗକୁ କର୍ଣ୍ଣପାତ କଲେନାହିଁ। ତେଣୁ ଆଜି ରୋଗ ବ୍ୟାପିଲା ଓ ଜିଲାର ପ୍ରାୟ ଦେଢ଼ ହଜାର କୁକୁଡ଼ା ଚାଷୀ ବିପୁଳ ଟଙ୍କାର ଟଙ୍କାର କ୍ଷତିସହୁଛନ୍ତି। ସେହିପରି ଖାଉଟିମାନେ ଚିକେନ୍ ଖାଇବା ନେଇ ଭୟଭୀତ ଅବସ୍ଥାରେ ଅଛନ୍ତି। ସମସ୍ତ ଫାର୍ମ ଯାଞ୍ଚ କରାଯାଇ ବିଶୋଧନ କରାଯାଉ, କ୍ଷତିଗସ୍ତ ଚାଷୀଙ୍କ ତାଲିକା କରାଯାଇ କ୍ଷତିପୂରଣ ଦିଆଯାଉ, ୨୦୧୯ ଫନୀ ମହାବାତ୍ୟା ସମୟରେ ରାଜ୍ୟ ସରକାରଙ୍କ ପ୍ରାଣୀସମ୍ପଦ ବିକାଶ ବିଭାଗ କରିଆରେ ଯେଉଁ ନିୟମ ଆଧାରରେ କ୍ଷତିଗ୍ରସ୍ତ କୁକୁଡ଼ାଚାଷୀଙ୍କୁ ଯେମିତି କ୍ଷତିପୂରଣ ସହାୟତା ପ୍ରଦାନ କରାଯାଇଥିଲା, ସେହି ନିୟମାନୁସାରେ ବାର୍ଡ ଫ୍ଲୁ କ୍ଷତିଗ୍ରସ୍ତ କୁକୁଡ଼ାଚାଷୀଙ୍କୁ କ୍ଷତିପୂରଣ ଦେବାର ବ୍ୟବସ୍ଥା କରାଯାଉ। ଏଥିସହ କୁକୁଡ଼ା ଚାଷ ପରିଚାଳନା ସମ୍ବନ୍ଧୀୟ ସମସ୍ତ ବିଷୟରେ ପଶୁପାଳନ ବିଭାଗକୁ ଅନ୍ତର୍ଭୁକ୍ତ କରାଯାଉ ବୋଲି ଫୋରମ୍ ପକ୍ଷରୁ ଦାବି କରାଯାଇଛି।

# ୨୧ ହଜାର ୫୦୦ କୁକୁଡ଼ା ମରାଗଲା

ନିମାପଡ଼ା/ବଳଙ୍ଗା,୨।୯
(ବିଚିତ୍ରାନନ୍ଦ ସାହୁ/କେଦାରେଶ୍ୱର ନନ୍ଦ)

ନିମାପଡ଼ା ବ୍ଲକରେ ବାର୍ଡ ଫ୍ଲୁ ଓ ସଂକ୍ରମଣ ପରିପ୍ରେକ୍ଷୀରେ କୁକୁଡ଼ାମରା ଅଭିଯାନର ୨ୟ ଦିନ ସୋମବାର ୧୧ ହଜାର କୁକୁଡ଼ା ମରାଯାଇଛି। ପରେ ଗାତ ଖୋଳାଯାଇ ଲୁଣ, ବ୍ଲିଚିଂ ଆଦି ପକାଯାଇ ପୋତାଯାଇଛି। ଉକ୍ତ ଫାର୍ମକୁ ବିଶୋଧନ କରାଯାଇଥିବା ବିଭିଓ ଡା. ସଂଦିପ୍ତା ସେନାପତି କହିଛନ୍ତି। ସ୍ଥାନୀୟ ବ୍ଲକ ଅଧୀନ ନୂଆସନ୍ଥ ପଞ୍ଚାୟତର ଦାସପୁରୁଷୋତ୍ତମ ଗ୍ରାମର ରମେଶ ବାରିକଙ୍କ କୁକୁଡ଼ା ଫାର୍ମରୁ କୁକୁଡ଼ା ମରାଯାଇଛି। ୧୦ ଜଣ ଡାକ୍ତର, ୨୦ ଜଣ ଏଲ୍‌ଆଇ, ୧୦ ଜଣ ଆଟେଣ୍ଡାଣ୍ଟଙ୍କୁ ନେଇ ଗଠିତ ୧୦ଟି ରାପିଡ୍ ରେସପନ୍ସ ଟିମ୍‌ରେ ନିୟୋଜିତ ୪୦ କର୍ମଚାରୀ ଏଥିରେ ସାମିଲ ହୋଇଛନ୍ତି। ଏଥିରେ ଓଡ଼ିଶା ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ପ୍ରଦୀପ ସେଠ, ପୁରୀ ଜିଲା ଅତିରିକ୍ତ ପ୍ରାଣୀ ସମ୍ପଦ ବିଭାଗ ଚିକିତ୍ସାଧିକାରୀ (ଏଡିଭିଓ), ଡା. ରାଜେଶ ପାଣିଗ୍ରାହୀ, ନିମାପଡ଼ା ବିଭିଓ ସେନାପତି, ଡା. ବିଶ୍ୱରଞ୍ଜନ ବେହେରା ପ୍ରମୁଖ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ। ରବିବାର କୋଟକୋସାଙ୍ଗ ଏବଂ ସୋମବାର ନୂଆସନ୍ଥ ପଞ୍ଚାୟତର କୁକୁଡ଼ା ଫାର୍ମ ମାଲିକ ଓ କ୍ଷତିଗ୍ରସ୍ତ କୁକୁଡ଼ା ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଓ ସରକାରୀ ସହାୟତା ଯୋଗାଇ ଦିଆଯିବାକୁ କ୍ଷତିଗ୍ରସ୍ତ ଚାଷୀମାନେ ସରକାର ଓ ପ୍ରାଣୀ ସମ୍ପଦ ବିଭାଗ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

ବଳଙ୍ଗା ଅଞ୍ଚଳରେ ବାର୍ଡ ଫ୍ଲୁ ପଜିଟିଭ ଚିହ୍ନଟ ହେବାରେ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଛି। ଗତ ସପ୍ତାହରେ ୪ ହଜାର କୁକୁଡ଼ା ମରିବା ପରେ ପ୍ରଶାସନ ସତର୍କ ହୋଇ ଉଠିଥିଲା। ସୋମବାର ସକାଳେ ନୂଆସନ୍ଥ ପଞ୍ଚାୟତ ଅଧୀନ ଦାଶପୁରୁଷୋତ୍ତମପୁର ଗ୍ରାମରେ ଫାର୍ମରୁ ୧୦ ହଜାର ୫୦୦ କୁକୁଡ଼ା ମରାଯାଇ ପୋତି ଦିଆଯାଇଛି। ପରେ ଫାର୍ମଗୁଡ଼ିକୁ ବିଶୋଧନ କରାଯାଇଥିଲା। ଆଗକୁ ୧ କି.ମି. ପରିସର ମଧ୍ୟରେ ଥିବା ସମସ୍ତ ଫାର୍ମରୁ କୁକୁଡ଼ା ମରାଯିବ ବୋଲି ସୂଚନା ମିଳିଛି।



ଏକ କୁକୁଡ଼ା ଫାର୍ମକୁ ସାନିଟାଇଜ କରାଯାଉଛି ।

## ସଂକ୍ଷେପରେ

### ଡକାୟତି ଯୋଜନା ପଣ୍ଡ: ୬ ଗିରଫ

ପୁରୀ,୨।୯(ଅଜିତ୍ କୁମାର ମହାନ୍ତି)

ପୁରୀ ସହରରେ ଡକାୟତି ପାଇଁ ଯୋଜନା କରୁଥିବା ଅଭିଯୋଗରେ ଟାଉନ ଥାନା ପୋଲିସ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଟାଉନ ଥାନା ଅନ୍ତର୍ଗତ ହରଚଣ୍ଡୀ ସାହି ଯମୁନି ଖୁଣ୍ଟିଆ ଲେନ୍‌ର ରଞ୍ଜିତ ଭୋଇ(୨୫), ସମୁଦ୍ରକୂଳ ଥାନା ଅନ୍ତର୍ଗତ ସାଲବେଗ ସାହିର ଗୁଡୁ ଜାଲି(୨୩), ପେଣ୍ଠକଟା ଅଞ୍ଚଳର ଉତ୍ତମ ସୁବୁଦ୍ଧି, କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ନରେନ୍ଦ୍ରକୋଣ ହରିଜନ ବସ୍ତିର ବିଜୁ ନାୟକ (୨୦), ବାସେଳିସାହି ଥାନା ଅଧୀନ ମଶାଣିଚଣ୍ଡୀ ଛକ ଅଞ୍ଚଳର ରଞ୍ଜନ ବାରିକ(୧୯) ଏବଂ ତାଳବଣିଆ ଥାନା ଅଞ୍ଚଳର କାଳୁ ପଟ୍ଟନାୟକ (୩୦)। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ କଟୁରି, ଦୁଇଟି ଲୁହାରଡ୍, ଗୋଟିଏ ଚାପଡ, ଲଙ୍କା ଗୁଣ୍ଡ ପ୍ୟାକେଟ୍, ବିୟର ବୋତଲ, ଦଉଡ଼ି, ମହମବତି, ପାଲ ସହ ବିଭିନ୍ନ ସାମଗ୍ରୀ ଜବତ କରିଛି। ଏନେଇ ପୋଲିସ ଏକ କେସ୍ (ନଂ. ୩୩୫/୨୪) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଡକାୟତି କରିବା ନିମନ୍ତେ ଚକ୍ରକୋଟ ଲେନ୍ ନିକଟରେ ଏକାଠି ହୋଇ ଯୋଜନା କରୁଥିବାବେଳେ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଉକ୍ତ ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

### ସାଉଥ୍ ଏସିଆନ୍ କମ୍ବାଟ ରେସ୍‌ଲିଂ ଚାମ୍ପିୟନଶିପ୍
### ସ୍ୱର୍ଣ୍ଣ ଜିତିଲେ ପ୍ରଶାନ୍ତ

ପୁରୀ,୨।୯(ଅଜିତ୍ କୁମାର ମହାନ୍ତି)

ନେପାଳର ରାଜଧାନୀ କାଠମାଣ୍ଡୁଠାରେ ଆୟୋଜିତ ସାଉଥ୍ ଏସିଆନ୍ କମ୍ବାଟ ରେସଲିଂ ଚାମ୍ପିୟନ୍‌ଶିପ୍ ଶେଷ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ଏସିଆ ମହାଦେଶର ବିଭିନ୍ନ ଦେଶ ଅଂଶଗ୍ରହଣ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଭାରତୀୟ ଦଳ ଭାଗ ନେଇଥିବା ବେଳେ ଦଳରେ ଓଡ଼ିଶାର ଅନେକ ଖେଳାଳି ରହିଥିଲେ। ୬ଟି ବର୍ଗରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ସ୍ୱର୍ଣ୍ଣପଦକ ଜିଣି ଓଡ଼ିଶା ଓ ଭାରତ ପାଇଁ ଗର୍ବ ଆଣିଛନ୍ତି ପୁରୀର ପ୍ରଶାନ୍ତ କୁମାର ମଙ୍ଗରାଜ। ପ୍ରଶାନ୍ତ ପୁରୀ ମାର୍କେଟ ଛକ ନିକଟ ପୋଖରିଆ ସାହିର ନିବାସୀ। ପ୍ରଶାନ୍ତ ୮୫ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି ଜିତିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ସଫଳତା ଖବର ପ୍ରକାଶ ପାଇବା ପରେ ପ୍ରଶାନ୍ତ ଓ ତାଙ୍କ ପରିବାରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

### ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ଦୀପଦାନ

ପୁରୀ,୨।୯(ଅଜିତ୍ କୁମାର ମହାନ୍ତି)

ଆନ୍ଧ୍ରପ୍ରଦେଶର ଉପମୁଖ୍ୟମନ୍ତ୍ରୀ ତଥା ଅଭିନେତା ପବନ କଲ୍ୟାଣଙ୍କ ଜନ୍ମଦିନରେ ତାଙ୍କର ଦୀର୍ଘାୟୁ କାମନା କରି ସୋମବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମୂହ ଦୀପଦାନ କରାଯାଇଛି। ପୁରୀ ପେଣ୍ଠକଟା ଅଞ୍ଚଳର ତେଲୁଗୁ ସମ୍ପ୍ରଦାୟର ଲୋକେ ଓ ମତ୍ସ୍ୟଜୀବୀଙ୍କ ପକ୍ଷରୁ ସମୂହ ଦୀପଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜି.ମାନିକ୍ୟମ, ସି.ଏଚ୍. ନାରାୟଣ, ପି.ଗୋବିନ୍ଦୁ, ପି.ରାଜୁ, ବାବୁଜୀ, ନରେଶ, ଯାସୁଭା ପ୍ରମୁଖ ସାମିଲ ଥିଲେ।

# ଆଲାମଚଣ୍ଡୀ ମନ୍ଦିରରୁ ଆସିଲା ସପ୍ତପୁରୀ ତାଡ଼



ଆଲାମଚଣ୍ଡୀ ମନ୍ଦିରରୁ ଶ୍ରୀମନ୍ଦିରକୁ ସପ୍ତପୁରୀ ତାଡ଼ ବିଜେ କରାଯାଉଛି । (ଫଟୋ- ଯଜ୍ଞେଶ୍ୱର)

ପୁରୀ,୨।୯(ଅଜିତ୍ କୁମାର ମହାନ୍ତି)

## ଆଜି ସାତପୁରୀ ଭୋଗ ଲାଗିହେବେ ମହାପ୍ରଭୁ

ଭାଦ୍ରବ ମାସ ଅମାବାସ୍ୟାକୁ ସପ୍ତପୁରୀ ଅମାବାସ୍ୟା ଭାବେ ବିବେଚନା କରାଯାଇଥାଏ। ସପ୍ତପୁରୀ ଅମାବାସ୍ୟାରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ମାଟି ନିର୍ମିତ ତାଡ଼ରେ ସାତପୁର ଦିଆ ପିଠା ଭୋଗ ହୋଇଥାଏ। ତେବେ ଚଳିତବର୍ଷ ଅମାବାସ୍ୟା ତିଥି ଦୁଇଦିନ ପଡୁଥିବାରୁ ଅମାବାସ୍ୟା (ମଳ) ତିଥିରେ ଶ୍ରୀବିଗ୍ରହଙ୍କ ନିକଟରେ ପିଠାଭୋଗ କରାଯିବ। ମଙ୍ଗଳବାର ସପ୍ତପୁରୀ ଅମାବାସ୍ୟା (ମଳ) ପଡୁଛି। ତେଣୁ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ସୋମବାର ଆଲାମଚଣ୍ଡୀ ମନ୍ଦିରରୁ ଶ୍ରୀମନ୍ଦିରକୁ ସପ୍ତପୁରୀ ତାଡ଼ ବିଜେ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱିପ୍ରହର ଧୂପ ସମ୍ପନ୍ନ ହେବା ପରେ ଘଣ୍ଟ ଓଲାର, କାହାଳୀ ଅଠରନଳାସ୍ଥିତ ଆଲାମଚଣ୍ଡୀ ମନ୍ଦିରକୁ ଯାଇଥିଲା। ମା'ଙ୍କ ନିକଟରେ ବିଶେଷ ନୀତି ସମ୍ପନ୍ନ ହେବା ପରେ କୁମ୍ଭାର ବିଶୋଇ ସେବକମାନେ ବାଘମୁହାଁ ବାନ୍ଧି ଆଲାମଚଣ୍ଡୀ ଠାକୁରାଣୀଙ୍କ ପୀଠରୁ ୪ଟି ସାତପୁରୀ ତାଡ଼ ଶ୍ରୀମନ୍ଦିରକୁ ବିଜେ କରିଥିଲେ। କୁମ୍ଭକାର ବିଶୋଇମାନେ ମୁଣ୍ଡରେ ତାଡ଼ଗୁଡ଼ିକୁ ମୁଣ୍ଡାଇ ଚାଲି ଚାଲି ଘଣ୍ଟ, ଓଲାର, କାହାଳୀ ସହ ଶ୍ରୀମନ୍ଦିରକୁ ଆସିଥିଲେ। ପରେ ଶ୍ରୀମନ୍ଦିର ଭିତରବେଢ଼ାରେ ତାଡ଼ଗୁଡ଼ିକୁ ଗୋଟିଏ ଥର ବୁଲାଇ ଏହାକୁ ରୋଷ ବେହରଣଠାରେ ରଖାଯାଇଥିଲା। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟାଧୂପ ବଢ଼ିବା ପରେ ପୂଜାପଣ୍ଡା ସାମନ୍ତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଦକ୍ଷିଣକାଳୀଙ୍କ ପୀଠକୁ ଯାଇ ଠାକୁରାଣୀଙ୍କୁ ଅର୍ପଣ କରିଥିଲେ। ପରେ ଦକ୍ଷିଣକାଳୀଙ୍କ ସେବକମାନେ ଆଜ୍ଞାମାଳ ଆଣି ଶ୍ରୀମନ୍ଦିରକୁ ଆସି ରୋଷଦ୍ୱାର ପାଖରେ ରୋଷ ପାଇକଙ୍କୁ ପ୍ରଦାନ କରିଥିଲେ। ରୋଷ ପାଇକ ଉକ୍ତ ଆଜ୍ଞାମାଳକୁ ନେଇ ରୋଷଘରେ ବିଜେ କରାଇଥିଲେ। ଏହାପରେ ଶ୍ରୀମନ୍ଦିରରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢିଥିଲା। ମଙ୍ଗଳବାର ସାତପୁରୀ ରୋଷରେ ସାତପୁରୀ ପିଠା ପ୍ରସ୍ତୁତ ହେବ। ସକାଳ ଧୂପରେ ମହାପ୍ରଭୁଙ୍କୁ ସାତପୁରୀ ପିଠା ଲାଗି କରାଯିବ।

# ଛାତ୍ରୀଙ୍କୁ ମାଡ଼ମାରି ପ୍ରଧାନଶିକ୍ଷକ ନିଲମ୍ବିତ

ଗୋପ,୨।୯(ଭାରତୀ ଭୂଷଣ ଉପାଧ୍ୟାୟ)

ପାଠପଢ଼ାକୁ ନେଇ ଜଣେ ୪ର୍ଥ ଶ୍ରେଣୀ ଛାତ୍ରୀଙ୍କୁ ମାଡ଼ ମାରିଥିବା ଅଭିଯୋଗରେ ସୋମବାର ଗୋପ ବ୍ଲକ୍ ଅନ୍ତର୍ଗତ ବଉଲାଙ୍ଗ ପଞ୍ଚାୟତ ଅଧୀନ ବରିମୁଣ୍ଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉଲ୍ଲାସ ମଲ୍ଲିକଙ୍କୁ ଗୋପ ବ୍ଲକ ଶିକ୍ଷା ଅଧିକାରୀ ସୁଶୀଳ କୁମାର ବ୍ରହ୍ମା କାର୍ଯ୍ୟାଳୟ ଚିଠି ନମ୍ବର ୧୪୮୩/୨।୯।୨୦୨୪ରେ ନିଲମ୍ବିତ କରିଛନ୍ତି। ପ୍ରକାଶ ଯେ, ଏହି ସ୍କୁଲର ପରିଚାଳନା କମିଟି ସଭାପତି ବିଘ୍ନେଶ୍ୱର ପାତ୍ରଙ୍କ ଝିଅ ୪ର୍ଥ ଶ୍ରେଣୀରେ ପଢୁଛନ୍ତି। ସ୍କୁଲର କେତେକ ଘଟଣାକୁ ନେଇ ପରିଚାଳନା କମିଟି ସଭାପତି ଓ ପ୍ରଧାନଶିକ୍ଷକଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଏହି ବିବାଦକୁ ନେଇ ପ୍ରଧାନଶିକ୍ଷକ ଉଲ୍ଲାସ ମଲ୍ଲିକ କମିଟି ସଭାପତିଙ୍କ ଝିଅଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଗତ ଶୁକ୍ରବାର ଦିନ ଇଂରାଜୀ ପାଠପଢ଼ାକୁ ନେଇ ମାଡ଼ ମାରିବା ଯୋଗୁ ଛାତ୍ରୀଙ୍କ ଶରୀରର କେତେକ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ୪ର୍ଥ ଶ୍ରେଣୀର ଛାତ୍ରୀ ଘରେ କହିବାରୁ ପରିବାର ପକ୍ଷରୁ ବ୍ଲକ୍ ଶିକ୍ଷା ଅଧିକାରୀ ସୁଶୀଳ କୁମାର ବ୍ରହ୍ମାଙ୍କୁ ଅଭିଯୋଗ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ବ୍ରହ୍ମା ଏହି ଅଭିଯୋଗ ଆଧାରରେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ନିଲମ୍ବିତ କରିଥିବା ବେଳେ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଉଲ୍ଲାସ ମଲ୍ଲିକଙ୍କୁ ପଚାରିବାରେ କହିଛନ୍ତି, ମୋ ବିରୋଧରେ ଏକ ଷଡ଼ଯନ୍ତ୍ର, ଜଣେ ଶିକ୍ଷକ ସମସ୍ତ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଗୁଣାତ୍ମକ ଶିକ୍ଷାଦାନ ଦେଇଥାଏ।

# ଆନନ୍ଦବଜାର ପରିଦର୍ଶନ କଲେ ଜିଲାପାଳ

ପୁରୀ,୨।୯(ଅଜିତ କୁମାର ମହାନ୍ତି)

## ନବନିଯୁକ୍ତ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ କାର୍ଯ୍ୟର ସମୀକ୍ଷା

ଶ୍ରୀମନ୍ଦିର ଆନନ୍ଦ ବଜାରରେ ଭକ୍ତଙ୍କୁ ସୁବିଧା ସହ ବିଭିନ୍ନ କ୍ଷେତ୍ରରେ ସଂସ୍କାର ଆଣିବା ନିମନ୍ତେ ଦାବି ହେବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ରବିବାରଠାରୁ ୨୦ଜଣ ସେନା ନିବୃତ୍ତ କର୍ମଚାରୀ ତଥା ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ପ୍ରଶାସନ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ଦୁଇଟି ଶିଫ୍ଟରେ ୨୦ ଜଣ ସେନା ନିବୃତ୍ତ କର୍ମଚାରୀ ନିୟୋଜିତ ହୋଇଛନ୍ତି। ମହାପ୍ରସାଦ କ୍ରୟରେ ସ୍ୱଚ୍ଛତା, ଭକ୍ତଙ୍କୁ ଶୋଷଣରୁ ମୁକ୍ତି, ଅଣସୂପକାରଙ୍କ ପ୍ରାଦୁର୍ଭାବ ଉପରେ ରୋକ୍ ଲଗାଇବାକୁ ଲକ୍ଷ୍ୟ ରଖାଯାଇଛି। ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ, କର୍ମଚାରୀମାନେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୋମବାର ଆନନ୍ଦବଜାର ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ନିଯୁକ୍ତି ପାଇଥିବା ଅବସରପ୍ରାପ୍ତ ସେନା କର୍ମଚାରୀମାନଙ୍କ କାର୍ଯ୍ୟର ସେ ସମୀକ୍ଷା କରିଥିଲେ। ସେହିପରି ଆଗାମୀ ଭବିଷ୍ୟତରେ ଯେପରି ଆନନ୍ଦବଜାରରେ ଆହୁରି ସଂସ୍କାର ଅଣାଯାଇପାରିବ ସେ ନେଇ ସମୀକ୍ଷା କରିଥିଲେ। ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ଯେପରି ସୁବିଧାରେ ଓ ସୂଲଭ ମୂଲ୍ୟରେ ମହାପ୍ରସାଦ ପାଇପାରିବେ ସେଥିଲାଗି ପଦକ୍ଷେପ ନେବାକୁ ସେ ନବନିଯୁକ୍ତ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଆନନ୍ଦବଜାରରେ ଅଣସୂପକାରଙ୍କ ପ୍ରାଦୁର୍ଭାବ କମାଇବା, ବ୍ୟବସ୍ଥିତ ଭାବେ ମହାପ୍ରସାଦ ବିକ୍ରି ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଜିଲାପାଳ ସମୀକ୍ଷା କରିଛନ୍ତି। ଏନେଇ ଜିଲାପାଳ ସ୍ୱାଇଁ କହିଛନ୍ତି, ଆନନ୍ଦବଜାରରେ କାର୍ଯ୍ୟ ତର୍ଜମା କରାଯାଇଛି। ବହୁତ ଶୃଙ୍ଖଳା ରହିଛି। ଏଥିନିମନ୍ତେ ସୁଆର ମହାସୁଆ ନିଯୋଗକୁ ଧନ୍ୟବାଦ ଦେଉଛି। ଆନନ୍ଦ ବଜାର ଶୃଙ୍ଖଳିତ ଭାବେ ପରିଚାଳନା କରୁଛନ୍ତି। ଆନନ୍ଦବଜାର ଶୃଙ୍ଖଳା ନେଇ ଭକ୍ତଙ୍କ ମତାମତ ନିଆଯାଇଥିଲା। ତେବେ ଭକ୍ତମାନେ ଆନନ୍ଦବଜାର ଶୃଙ୍ଖଳାକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି। ଆନନ୍ଦବଜାରରେ ଶୃଙ୍ଖଳାକୁ ଯେପରି ଅଧିକ ତ୍ୱରାନିତ କରାଯାଇପାରିବ ସେ ଦିଗରେ ଧ୍ୟାନ ଦିଆଯିବ। ଭକ୍ତମାନେ ଯେପରି ଠିକ୍ ସମୟରେ ଓ ସୁବିଧାରେ ମହାପ୍ରସାଦ ପାଇପାରିବେ ସେ ଦିଗରେ ପ୍ରୟାସ ରହିଛି ବୋଲି ଜିଲାପାଳ ସ୍ୱାଇଁ କହିଛନ୍ତି।

# ହାନା ଟାଏକୋଣ୍ଡୋ ଏକାଡେମୀକୁ ସଫଳତା

ସାକ୍ଷୀଗୋପାଳ, ୨।୯(ଭରତ ରାଉତ)

## ରାଜ୍ୟସ୍ତରୀୟ ପ୍ରତିଯୋଗିତା

ଓଡ଼ିଶା ଟାଏକୋଣ୍ଡୋ ସଂଘ ଦ୍ୱାରା ପରିଚାଳିତ ରାଜ୍ୟସ୍ତରୀୟ କିରୋଗୀ ଏବଂ ପୁମ୍‌ସେ ଟାଏକୋଣ୍ଡୋ ପ୍ରତିଯୋଗିତା କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ଅଗଷ୍ଟ ୩୦ରୁ ଆରମ୍ଭ ହୋଇଥିବା ବେଳେ ସେପ୍ଟେମ୍ବର ୧୩ ପର୍ଯ୍ୟନ୍ତ ଚାଲିବ। ଏଥିରେ ଭାଗନେବାକୁ ସାକ୍ଷୀଗୋପାଳସ୍ଥିତ ହାନା ଟାଏକୋଣ୍ଡୋ ଏକାଡେମୀ ଶୁକ୍ରବାର ପ୍ରଭୁ ସାକ୍ଷୀଗୋପାଳଙ୍କ ଆଶୀର୍ବାଦ ନେଇ କଟକ ଗସ୍ତ କରିଥିଲା। ପ୍ରତିଯୋଗିତାରେ ହାନା ଟାଏକୋଣ୍ଡୋର ୧୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୬ଜଣ ସ୍ୱର୍ଣ୍ଣ, ୪ଜଣ ରୌପ୍ୟ ଏବଂ ୨ଜଣ କାଂସ୍ୟ ପଦକ ପାଇଛନ୍ତି। ଯେଉଁ କ୍ରୀଡ଼ାବିତ୍‌ମାନେ ସ୍ୱର୍ଣ୍ଣ ପାଇଥିଲେ, ସେମାନେ ଜାତୀୟ ସ୍ତର ପାଇଁ ଟ୍ରାଏଲ ଦେଇଥିଲେ। ୪ ଜଣ କ୍ରୀଡ଼ାବିତ୍ ଜାତୀୟସ୍ତରକୁ ମନୋନୀତ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ୧୮ଟି ଜିଲାର ପ୍ରାୟ ୬୦ଟି ଏକାଡେମୀରୁ ୮୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ଆସାମ, ଝାରଖଣ୍ଡ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଏବଂ ଓଡ଼ିଶାରୁ ମୋଟ ୨୮ ଜଣ ରେଫରି ପ୍ରତିଯୋଗିତା ପରିଚାଳନା କରିଥିଲେ। ମ୍ୟାଚଗୁଡ଼ିକ ସେନ୍ସର ମାଧ୍ୟମରେ ହେଉଥିଲା। ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଅଲିମ୍ପିକ ସଂଘର ସାଧାରଣ ସମ୍ପାଦକ ଅଭିଜିତ ପାଲ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କ ସମେତ କୋଚ୍ ଦୀପକ କୁମାର ପ୍ରଧାନଙ୍କୁ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ଶୁଭେଚ୍ଛା ଜଣାଇଛନ୍ତି।




# 'ଜାତକରେ ପଞ୍ଚମ ଭାବର ବିଚାର ଗୁରୁତ୍ୱପୂର୍ଣ୍ଣ'

ପୁରୀ,୨।୯(ଅଜିତ୍ କୁମାର ମହାନ୍ତି)



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ।

ଧ୍ରୁବଜ୍ୟୋତି ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ସୋମବାର ୟୁଥ୍ ହଷ୍ଟେଲ ପରିସରରେ 'ଜାତକରେ ପଞ୍ଚମ ଭାବର ବିଚାର' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିଷ୍ଠାନର ସଭାନେତ୍ରୀ ପ୍ରତିଭା ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପୁରୀସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ଡ. ବନମାଳୀ ବିଶ୍ୱାଳ ଯୋଗ ଦେଇ କହିଥିଲେ, ଜ୍ୟୋତିଷ ଶାସ୍ତ୍ରର ତିନିଭାଗ ହେଉଛି ସିଦ୍ଧାନ୍ତ, ସଂହିତା ଓ ହୋରା। ହୋରା ଶାସ୍ତ୍ର ଅନୁଯାୟୀ ସନ୍ତାନ ଭୂମିଷ୍ଠ ହେବାର ସମୟକୁ ଲଗ୍ନ କୁହାଯାଏ। ଜାତକର ଏହା ପ୍ରଥମ ଭାଗ, ଯାହା ତନୁ ଅଟେ। ଯଥାକ୍ରମେ ତନୁ, ଧନ, ଭ୍ରାତୃ, ବନ୍ଧୁ, ସୂତ, ରିପୁ, ଜାୟା, ମୃତ୍ୟୁ, ଧର୍ମ, କର୍ମ, ଆୟ, ବ୍ୟୟ ପରି ୧୨ ଭାଗରେ ବିଭକ୍ତ। ଜାତକର ଗ୍ରହ ଭାଗରୁ ପଞ୍ଚମ ଭାଗର ଗ୍ରହ ରବି ନବଗ୍ରହର ଅଧିପତି। ତାହା ବିଭିନ୍ନ ଗ୍ରହ ସ୍ଥିତି ନିର୍ଣ୍ଣୟ କରିଥାଏ ବୋଲି ସେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏକଲବ୍ୟ ପରିସର ଅଗରତାଲାର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଯୋଗଦେଇ କହିଥିଲେ, ବେଦର ଷଡ଼ାଙ୍ଗର ମଧ୍ୟରେ ଜ୍ୟୋତିଷ ହେଉଛି ବେଦ ପୁରୁଷଙ୍କର ଚକ୍ଷୁ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଦ୍ୱାଦଶ ରାଶିଚକ୍ର ମେଷଠାରୁ ମୀନ ରାଶି ପର୍ଯ୍ୟନ୍ତ ୨୭ ତାରାଙ୍କ ମୌଳିକ ସ୍ଥିତି ଅନୁସାରେ ନିରୂପଣ ହୋଇଛି। ଏହି ରାଶିଚକ୍ରକୁ ଭ-ଚକ୍ର କୁହାଯାଏ। ବୃହସ୍ପତି ହେଉଛନ୍ତି ଭ-ଚକ୍ରର ଅଧିପତି। ଜାତକର ପଞ୍ଚମ ଭାବରୁ ସନ୍ତାନର ବିଦ୍ୟା, ଚିନ୍ତନ, କର୍ମ ଓ ଭାଗ୍ୟଫଳ ନିରୂପଣ କରାଯାଏ। ତେଣୁ ଜାତକରେ ପଞ୍ଚମ ଭାବର ବିଚାର ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ପ୍ରାଧାପକ ତଥା ଜ୍ୟୋତିର୍ବିଦ ଚନ୍ଦ୍ରଶେଖର ଦାଶ, ଐତିହାସିକ ମଦନମୋହନ ମହାପାତ୍ର, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଆଲୋଚନାଚକ୍ରର ଦ୍ୱିତୀୟ ଅଧିବେଶନରେ ଜ୍ୟୋତିର୍ବିଦ ମୀନକେତନ ପଟ୍ଟଯୋଶୀ, ଜ୍ୟୋତିର୍ବିଦ ହରିଶଙ୍କର ମିଶ୍ର, ଜ୍ୟୋତିର୍ବିଦ ଡ. ନିତ୍ୟାନନ୍ଦ ଖମାରୀ, ଜ୍ୟୋତିର୍ବିଦ ଅଧାପକ ଜ୍ୟୋତି ପ୍ରକାଶ ଦାଶ, ପଣ୍ଡିତ ଦୟାନିଧି ତ୍ରିପାଠୀ, ପ୍ରତିଷ୍ଠାନର ସମ୍ପାଦିକା ଜ୍ୟୋତିଷାଚାର୍ଯ୍ୟା ଡ. ସସ୍ମିତା ମିଶ୍ର ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜ୍ୟୋତିର୍ବିଦ ଦୟାନିଧି ପଣ୍ଡା, ପଣ୍ଡିତ ସଦାଶିବ ମିଶ୍ର, ଜ୍ୟୋତିର୍ବିଦ ଦୀନବନ୍ଧୁ ତ୍ରିପାଠୀ, ସଂସ୍କୃତି ଦେବାଂଶୀ, ମନୋରଞ୍ଜନ ଦାସ, ତୃପ୍ତି ପଣ୍ଡା, ନବକିଶୋର ମହାପାତ୍ର, ବିଜୟଲକ୍ଷ୍ମୀ ମିଶ୍ର, ସରୋଜ କୁମାର ନାୟକ ଏବଂ ଅନନ୍ତ କୁମାର ନାୟକ ପ୍ରମୁଖ ଆଲୋଚନାଚକ୍ରରେ ମତ ରଖିଥିଲେ। ପ୍ରତିଭା ଦାସ, ମୀନତି ମିଶ୍ର, ଅମୃତା ପ୍ରିୟଦର୍ଶିନୀ ମିଶ୍ର, ଶ୍ୟାମ ପ୍ରକାଶ ସେନାପତି ଏବଂ ଦେବୀଦତ୍ତ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରତିଷ୍ଠାନର ବରିଷ୍ଠ ସଦସ୍ୟ ଶରତ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

## ଅଧାବାଟରୁ ମୋବାଇଲ ହଡ଼ପ, ଅଟୋଚାଳକ ଗିରଫ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା): ମୁଖ୍ୟ ଷ୍ଟୋରରୁ ମୋବାଇଲ ନେଇ ସବ୍-ଷ୍ଟୋରକୁ ସୁରକ୍ଷିତ ଭାବେ ପଠାଇବା ବଦଳରେ ଅଧାବାଟରୁ ହଡ଼ପ କରିବା ଅଭିଯୋଗରେ ମଞ୍ଚେଶ୍ୱର ପୋଲିସ ଅଭିଯୁକ୍ତ ଅଟୋଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଚକେଇସିଆଣିରେ ରହୁଥିବା କେନ୍ଦ୍ରାପଡାର ଶୁଭମ ନାୟକ। ତାଙ୍କଠାରୁ ୫ଟି ମୋବାଇଲ ଫୋନ୍ ଏବଂ ୩୦ ହଜାର ଟଙ୍କା ଜବତ କରାଯାଇଛି। ଷ୍ଟୋରର କର୍ମଚାରୀ ରଞ୍ଜନ କୁମାର ଖୁଣ୍ଟିଆଙ୍କ ଅଭିଯୋଗ ଭିତ୍ତିରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ୧୩ ଦଫା ଦାବିରେ ଆଶାସାଥୀଙ୍କ ଆନ୍ଦୋଳନ

ଭୁବନେଶ୍ୱର,୨।୯ (ଅନୁରାଧା ମହାରଣା)

୧୩ଦଫା ଦାବି ନେଇ ଅଲ୍ ଓଡ଼ିଶା ଆଶାସାଥୀ ଆସୋସିଏଶନ ପକ୍ଷରୁ ସୋମବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏନ୍‌ଏଚ୍‌ଏମ୍‌କୁ ସ୍ଥାୟୀ କରିବା, ଆଶାସାଥୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ, ସର୍ବନିମ୍ନ ମଜୁରି ମାସିକ ୨୪ ହଜାର ଟଙ୍କା ପ୍ରଦାନ, ଆଶାସାଥୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ତାଲିମ କାର୍ଯ୍ୟକ୍ରମର ଆୟୋଜନ, ଖାଲି ପଦବୀରେ ଆଶା ସାଥୀଙ୍କୁ ପୁନଃ ନିଯୁକ୍ତି, ଡ୍ରେସ୍ କୋଡ୍‌ର ରଙ୍ଗ ପରିବର୍ତ୍ତନ, ଆଶାସାଥୀଙ୍କ ପରିବାରକୁ ମୃତ୍ୟୁକାଳୀନ ୧ ଲକ୍ଷ ଟଙ୍କା ବଦଳରେ ୫ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ସହ ଅନ୍ୟାନ୍ୟ ଦାବି ରହିଛି। ସରକାର ଦାବି ଶୁଣୁ ନ ଥିବାରୁ ସଂଘ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହୋଇଛି ବୋଲି ସାଧାରଣ ସମ୍ପାଦକ ବନବାସିନୀ ମହାପାତ୍ର କହିଛନ୍ତି।

# ‘ଏକାମ୍ର ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ଶେଷ କର’

### ଶ୍ରୀଲିଙ୍ଗରାଜ ମନ୍ଦିର ପରିଦର୍ଶନ କଲେ ମନ୍ତ୍ରୀ

ପୁରୁଣା ଭୁବନେଶ୍ୱର,୨।୯(ସୁବାସ ଚନ୍ଦ୍ର ପ୍ରଧାନ)



ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଏକାମ୍ର ବିଧାୟକ ବାବୁ ସିଂ ସୋମବାର ଏକାମ୍ର ପ୍ରକଳ୍ପ ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟର ତଦାରଖ କରିଛନ୍ତି। ପ୍ରଥମେ ସାନିଟୋରିୟମ ଛକ ନିକଟରେ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଏକାମ୍ର କ୍ଷେତ୍ରର ବିକାଶ ନିମନ୍ତେ ଏକାମ୍ର କ୍ଷେତ୍ର ପ୍ରକଳ୍ପ ଓ ଶ୍ରୀଲିଙ୍ଗରାଜ ମନ୍ଦିର ଉନ୍ନୟନ ନିମିତ୍ତ ପ୍ରକଳ୍ପକୁ ପରିଦର୍ଶନ କରିବା ସହ ଓଡ଼ିଶା ସେତୁ ଓ ନିର୍ମାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଓ ବିଭାଗୀୟ ଅଧିକାରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରି କାର୍ଯ୍ୟର ସମୀକ୍ଷା କରିଥିଲେ। ଏକାମ୍ର କ୍ଷେତ୍ର ଯୋଜନାରେ ପବିତ୍ର ବିନ୍ଦୁ ସାଗରଠାରୁ ଆରମ୍ଭ କରି ଲିଙ୍ଗରାଜ ମନ୍ଦିର ଆଖପାଖ ଅଞ୍ଚଳର ବିଭିନ୍ନ ବିକାଶମୂଳକ କାର୍ଯ୍ୟଧାରା ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଦିଗରେ ଏହି ପ୍ରକଳ୍ପ ସଫଳ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି। ଏହା ପରେ ଏକାମ୍ର ଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟର ତଦାରଖ କରିବା ସହ ଯଥାଶୀଘ୍ର ଏହାକୁ ସାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ମନ୍ଦିରର ବିଭିନ୍ନ ସ୍ଥାନ ବୁଲି ଲୋକଙ୍କ ସହ କଥା ହୋଇ ସ୍ଥାନୀୟ ସମସ୍ୟା ସମ୍ପର୍କରେ ସ୍ଥିତି ଅନୁଧ୍ୟାନ କରିଥିଲେ। ମନ୍ଦିର ବ୍ୟତୀତ ଏହାର ଆଖପାଖ ଡ୍ରେନ ସମସ୍ୟାର ତଦାରଖ କରି ତୁରନ୍ତ କାର୍ଯ୍ୟ ଶେଷ କରିବା ପାଇଁ ପ୍ରୟାସ ଆରମ୍ଭ କରିଲୁ ବୋଲି ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି।

## ଏନ୍‌ଆଇଇଟିର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ଭୁବନେଶ୍ୱର,୨।୯ (ଅଭୟ ଦାଶ)

ନିସ୍ ଗ୍ରୁପର ବୈଷୟିକ ପ୍ରତିଷ୍ଠାନ ନିସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ଏନ୍‌ଆଇଇଟି)ର ନବାଗତ ଛାତ୍ରୀଛାତ୍ରମାନଙ୍କୁ ଏନ୍‌ଆଇଇଟି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ଛତାବରସ୍ଥିତ ଏନଆଇଇଟିର ଚଳିତ ଶିକ୍ଷାବର୍ଷ (୨୦୨୪-୨୫ ବର୍ଷ) ପାଇଁ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ ଅନୁଷ୍ଠାନ କ୍ୟାମ୍ପସ ପରିସରରେ କରାଯାଇଥିଲା। ଏହି ଉତ୍ସବରେ ଏନ୍‌ଆଇଇଟିର ପ୍ରଥମ ବର୍ଷ ଡିପ୍ଲୋମା, ବି. ଟେକ୍ ଓ ଏମ୍‌ସିଏ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲାବେଳେ ଅନୁଷ୍ଠାନ ପକ୍ଷରୁ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଉକ୍ତ ଉତ୍ସବରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡ. ସୁଭାଷ ଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉତ୍ସବର ଉଦ୍‌ଘାଟନ ସହ ଉନ୍ନତମାନର ଶିକ୍ଷାଦାନ ସହିତ ଛାତ୍ରୀଛାତ୍ରମାନେ କିପରି ଇଞ୍ଜିନିୟରିଂ ଓ ଆଇଟି ଶିକ୍ଷା ଗ୍ରହଣ କରି ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ସହିତ କ୍ୟାମ୍ପସ୍ ଚୟନରେ ବିଭିନ୍ନ ରାଷ୍ଟ୍ରୀୟ ଓ ବହୁ ରାଷ୍ଟ୍ରୀୟ କମ୍ପାନୀଗୁଡ଼ିକରେ ନିଯୁକ୍ତି ପାଇପାରିବେ ସେ ବିଷୟରେ ନାୟକ ବିସ୍ତୃତ ଭାବେ ଆଲୋକପାତ କରି ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ସହ-ପ୍ରତିଷ୍ଠାତା ପ୍ରଫେସର୍ ସ୍ମୃତିସୁଧା ନାୟକ, ଅଧ୍ୟକ୍ଷ ଡ. ଦେବବ୍ରତ ରଥ, ଡେପୁଟି ଡାଇରେକ୍ଟର ଡ. ଦୁଷ୍ମନ୍ତ କୁମାର ପଟ୍ଟନାୟକ,ଉପାଧ୍ୟକ୍ଷ ପ୍ରଫେସର୍ ମୃତ୍ୟୁଞ୍ଜୟ ସେନାପତିଙ୍କ ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗ ଦେଇ ସେମାନଙ୍କର ସାରଗର୍ଭକ ମତବ୍ୟକ୍ତ କରିବା ସହ ନବାଗତ ଛାତ୍ରୀଛାତ୍ରମାନଙ୍କୁ ଅନୁଷ୍ଠାନର ନୀତି, ନିୟମ ଓ ଆଦର୍ଶରେ ଅନୁପ୍ରାଣିତ କରିବା ପାଇଁ ବଳିଷ୍ଠ ମନ୍ତବ୍ୟ ପ୍ରଦାନ କରିଥିଲେ। ଅପରପକ୍ଷରେ ଗ୍ରୁପର ପ୍ରଶାସନିକ ଅଧିକାରୀ ପୀତାମ୍ବର ଚୟନୀ କହିଥିଲେ, ନିସ୍ ଶିକ୍ଷାନୁଷ୍ଠାନର ଦୁଇ ଗୋଟି କ୍ୟାମ୍ପସ୍ ରହିଥିଲାବେଳେ ପ୍ରଥମଟି ମଦନପୁରଠାରେ ଆଇଟି ଓ ମ୍ୟାନେଜ୍‌ମେଣ୍ଟର ଶିକ୍ଷା ପ୍ରଦାନ କରାଯାଉଛି। ସେହିଭଳି ଦ୍ୱିତୀୟ ଅନୁଷ୍ଠାନଟି ଛତାବରଠାରେ ଡିପ୍ଲୋମା ଓ ଡିଗ୍ରୀ ଇଞ୍ଜିନିୟରିଂର ଶିକ୍ଷାଦାନ କରୁଛି ବୋଲି ଚୟନୀ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ନବାଗତ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଶପଥ ଗ୍ରହଣ ଉତ୍ସବର ଆୟୋଜନ କରାଯାଇଥିଲା।

## ସୂଚନା ଭବନ ନୂତନ ଉପନିର୍ଦ୍ଦେଶକଙ୍କ ଦାୟିତ୍ୱ ଗ୍ରହଣ



ଭୁବନେଶ୍ୱର,୨।୯ (ଅନୁରାଧା ମହାରଣା)

ବରିଷ୍ଠ ଓଡ଼ିଶା ସୂଚନା ସେବା ଅଧିକାରୀ ଦୀପ୍ତିମୟୀ ମହାପାତ୍ର ସୂଚନା ଭବନର ନୂତନ ଉପନିର୍ଦ୍ଦେଶକ ଭାବେ ଯୋଗଦେଇଛନ୍ତି। ସୂଚନା ଭବନ ପରିଚାଳକ ସରୋଜ କୁମାର ଶତପଥୀ, କନିଷ୍ଠ ସହାୟକ ଦୀପ୍ତି ରଞ୍ଜନ ପରିଡ଼ା, ଗ୍ରନ୍ଥାଗାରିକ ସଚ୍ଚିଦାନନ୍ଦ ରାଉତ, ସରସ୍ୱତୀ ଦେବୀ, ବରିଷ୍ଠ ସହାୟକ ରବି ପଟ୍ଟନାୟକ, ପ୍ରୋଜେକ୍ସନିଷ୍ଟ ଗିରୀଶ ପୂଜାପଣ୍ଡାଙ୍କ ସମେତ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଉପନିର୍ଦ୍ଦେଶକ ମହାପାତ୍ର ସମସ୍ତ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ରାଜ୍ୟ ସୂଚନା କେନ୍ଦ୍ରକୁ ଅଧିକ ଶୃଙ୍ଖଳିତ କରିବା ନିମନ୍ତେ ନିଷ୍ଠାର ସହ କାର୍ଯ୍ୟ କରିବା ପାଇଁ ସମସ୍ତ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟ ରଞ୍ଜନ ମହାନ୍ତିଙ୍କ ଅବସର ଗ୍ରହଣ ପରେ ଉପନିର୍ଦ୍ଦେଶକ ମହାପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି।

# ୩ ବର୍ଗରେ ୧୫ ଜଣ ସମ୍ବର୍ଦ୍ଧିତ

### ପାରା ଉଡ଼ାଣ ପ୍ରତିଯୋଗିତା ପୁରସ୍କାର ବିତରଣ ଉତ୍ସବ

ପୁରୁଣାଭୁବନେଶ୍ୱର,୨।୯(ସୁବାସ ଚନ୍ଦ୍ର ପ୍ରଧାନ)



ଓଡ଼ିଶା ପିଜନ ଆସୋସିଏଶନ ପକ୍ଷରୁ ପାରା ଉଡ଼ାଣ ପ୍ରତିଯୋଗିତା-୨୦୨୪ର ପୁରସ୍କାର ବିତରଣ ଉତ୍ସବ ସୋମବାର ଗଙ୍ଗୋତ୍ରୀ ନଗରସ୍ଥିତ କଲ୍ୟାଣମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୩ ବର୍ଗରେ ୧୫ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦେଶୀ ହାଇ-ଫ୍ଲାୟାର ଗ୍ରୁପ୍‌ରେ କଟକ, କାକଟପୁର, କେନ୍ଦ୍ରାପଡ଼ା ଜିଲାରୁ ଟପ୍ ୫ ଜଣ, ଲୋ-ଫ୍ଲାୟାର୍ ଗ୍ରୁପରେ ଗଞ୍ଜାମ, ପୁରୀ, ଭୁବନେଶରରୁ ୫ ଜଣ ଏବଂ ମିକ୍ସ-ଫ୍ଲାୟାର୍ ଗ୍ରୁପରେ ଭୁବନେଶ୍ୱର, ଯାଜପୁର, କଟକ ଓ କେନ୍ଦ୍ରାପଡ଼ା ଜିଲାରୁ ୫ ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବରିଷ୍ଠ କ୍ଷେତ୍ରବାସୀ ସେବାୟତ ତଥା ପକ୍ଷୀ ସେବାରେ ବ୍ରତୀ ଅଶୋକ ଶତପଥୀ ଏବଂ ସମ୍ମାନିତ ଅତିଥି ଭାବେ ପ୍ରଦୀପ ଦଳାଇ, ଶରତ ଚନ୍ଦ୍ର ମହାସୁଆର, ସାହେବ ପ୍ରତିହାରୀ, ରାକେଶ ପାଣ୍ଡେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆସୋସିଏଶନ ସଭାପତି ବିଦ୍ୟାଧର ସାହୁ ସଭାପତିତ୍ୱ କରିଥିଲେ। ଉପସଭାପତି ଦିବ୍ୟଜ୍ୟୋତି ସାହୁ, ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ, ଅଭିଜିତ ମହାପାତ୍ର, ପ୍ରୟାଗ ନାୟକ, ପ୍ରଦ୍ୟୁମ୍ନ ପ୍ରସାଦ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ‘ଓଡ଼ିଶା ଇତିହାସ ଓ ସଂସ୍କୃତିର ପୁନଃସମୀକ୍ଷା’ ସମ୍ମାନ




ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଆୟୋଜିତ ସମ୍ମାନରେ ଉପସ୍ଥିତ ଅତିଥି।

ଭୁବନେଶ୍ୱର,୨।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ଦ୍ୱାରା ଏକ ଜାତୀୟସ୍ତରୀୟ ସମ୍ମାନ ‘ଓଡ଼ିଶା ଇତିହାସ ଓ ସଂସ୍କୃତିର ପୁନଃସମୀକ୍ଷା’ ଅନୁଷ୍ଠିତ ହୋଇଯାଇଛି। ସମ୍ମାନରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ସମ୍ମାନକୁ ଉଦ୍‌ଘାଟନ କରିଥିଲେ। ସଭାରେ ଇତିହାସ ବିଭାଗର ମୁଖ୍ୟ ପ୍ରଫେସର ଜୟନ୍ତୀ ଦୋରା ସମ୍ମାନର ନିର୍ଦ୍ଦେଶକ ହିସାବରେ ସମ୍ମାନର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ବିଷୟବସ୍ତୁ ଉପରେ ଆଲୋକପାତ କରିବା ସହ ଅତିଥିଙ୍କର ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ମଣିପୁର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ପ୍ରଫେସର ଏଚ. ସୁଧୀର କୁମାର ସିଂହ, ସମ୍ମାନିତ ଅତିଥିଙ୍କ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପ୍ରାକ୍ତନ ପ୍ରଫେସର ଅମଳ କୁମାର ମିଶ୍ର, ପ୍ରଫେସର ସୁବ୍ରତ କୁମାର ଆଚାର୍ଯ୍ୟ, ଡ. କରାବି ମିତ୍ର, ପ୍ରଫେସର ନିଗମାନନ୍ଦ ଦାସ ଯୋଗ ଦେଇଥିଲେ। ଡ. ପାରେଶ୍ୱର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

ଏହି ସମ୍ମାନରେ ମୋଟ ୩୨ଟି ଗବେଷଣାତ୍ମକପତ୍ର ଚାରିଗୋଟି ଅଧିବେଶନରେ ଉପସ୍ଥାପନା ହୋଇଥିଲା। ଯେଉଁଥିରେ ଅଧ୍ୟକ୍ଷ ଭାବରେ ଡ. ସୁବାସ ଚନ୍ଦ୍ର ବାରିକ, ଡ. ବିନୋଦିନୀ ଦାସ, ପ୍ରଫେସର ଜୟନ୍ତୀ ଦୋରା ଏବଂ ଡ. ଦିବିସଦ ବ୍ରଜସୁନ୍ଦର ଗଡ଼ନାୟକ ଥିଲେ। ସହ ଅଧ୍ୟକ୍ଷ ଭାବରେ ଡ. ପାରେଶ୍ୱର ସାହୁ, ରମେଶ ଚନ୍ଦ୍ର ମହନ୍ତ, ଡ. ସୁଜାତା ବେହେରା, ଡ. ଅଜିତ୍ କୁମାର ସାହୁ, ଅଳକାନନ୍ଦା ଗହୀର, ପ୍ରଭାକର ସେଠୀ, ରିତୁ ଶର୍ମା ଏବଂ ମହିତୋଷ ଗୋପାଲ ସଞ୍ଚାଳନ କରିଥିଲେ। ଉଦ୍‌ଯାପନୀ ସଭାରେ ଉତ୍କଳ ବିଶ୍ୱବିଦ୍ୟାଳୟର ପିଜି କାଉନ୍‌ସିଲର ଅଧ୍ୟକ୍ଷା ପ୍ରଫେସର୍ ନବନିତା ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ ସଭାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପ୍ରାକ୍ତନ ପ୍ରଫେସର ବସନ୍ତ କୁମାର ମଲ୍ଲିକ, ପ୍ରାକ୍ତନ ପ୍ରଫେସର ଅଶୋକ କୁମାର ପଟ୍ଟନାୟକ, ପ୍ରାକ୍ତନ ପ୍ରଫେସର ସଞ୍ଜୟ କୁମାର ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରମାଣ ପତ୍ର ମଧ୍ୟ ବଣ୍ଟନ କରିଥିଲେ। ରମେଶ ଚନ୍ଦ୍ର ମହନ୍ତ ଧନ୍ୟବାଦ ଦେଇଥିଲେ। ଡବ୍ଲୁବି-ଓଏଚଇପିଇ ପକ୍ଷରୁ ସମ୍ମାନ ଆୟୋଜିତ ହୋଇଥିଲା।

# ଅସ୍ୱାସ୍ଥ୍ୟକର ଜୀବନଶୈଳୀ ୯୦% ରୋଗର କାରଣ

### ହେଲ୍‌ଥଭିଲେ ଓ ୱେଲୋପାଥି ପକ୍ଷରୁ ସେମିନାର

ଭୁବନେଶ୍ୱର,୨।୯ (ଅନୁରାଧା ମହାରଣା)

ଭୁବନେଶ୍ୱର ଉପକଣ୍ଠ ବାରଙ୍ଗର ଭାଲୁଙ୍କାସ୍ଥିତ ନେଚରୋପାଥି ସ୍ୱାସ୍ଥ୍ୟ କେନ୍ଦ୍ର ହେଲ୍‌ଥଭିଲେ ତଥା ୟୁଏସଏର ବିଶିଷ୍ଟ ନେଚୋରପାଥି ସଂସ୍ଥା ୱେଲୋପାଥି ପକ୍ଷରୁ ପ୍ରାକୃତିକ ଚିକିତ୍ସା ପ୍ରଣାଳୀ ଓ ତା’ର ଉପାଦେୟତା ସମ୍ପର୍କିତ ଏକ ସେମିନାର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୧୦୦ ଜଣ ନେଚୁରୋପାଥିକ ଉତ୍ସାହୀ, ଲାଭାର୍ଥୀ ଏବଂ ପ୍ରୋତ୍ସାହକ ଅଂଶଗ୍ରହଣ କରିଥିଲେ। ହେଲଥିଭିଲେର ଚେୟାରମ୍ୟାନ ଡ. ସତ୍ୟବ୍ରତ ମୀନକେତନ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଶ୍ୱରେ ପ୍ରାକୃତିକ ଚିକିତ୍ସାର ଆବଶ୍ୟକ ଓ ବହୁମୁଖୀ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ଅସ୍ୱାସ୍ଥ୍ୟକର ଜୀବନଶୈଳୀ, କୁଅଭ୍ୟାସ ଏବଂ ନକାରାତ୍ମକ ଚିନ୍ତା ପ୍ରାୟ ୯୦ ପ୍ରତିଶତ ରୋଗ ଏବଂ ଯନ୍ତ୍ରଣାମୂଳକ ସମସ୍ୟାର କାରଣ ବୋଲି ସେ କହିଥିଲେ। ପ୍ରାକୃତିକ ପ୍ରଣାଳୀ ଏହାର ଚିକିତ୍ସା ସମ୍ଭବ। କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ଶାଖାର ଉପସଭାପତି ଗୋଲକ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ୱେଲୋପାଥିର ଆନ୍ତର୍ଜାତିକ ମୁଖ୍ୟ କାର୍ଯ୍ୟକାରିଣୀ ଅଧିକାରୀ ସଞ୍ଜୟ ବର୍ମା, ହାର୍ଭାର୍ଡ ମେଡିକାଲ୍ ସ୍କୁଲର ଇଣ୍ଟରନାଲ ମେଡିସିନ ବିଭାଗର ଡ. ଅଭିଷେକ ସାହି, ମୁଖ୍ୟ ଟେକ୍‌ନିକାଲ ଅଧିକାରୀ ମୁକୁନ୍ଦ ପାର୍ଥସାରଥୀ, ବ୍ରିଗେଡିୟର୍ ନରେନ୍ଦ୍ର ସିଂହ, ଦୀପକ ଗୁପ୍ତା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେଞ୍ଚୁରିୟନ୍ ୟୁନିଭରସିଟି କମ୍ୟୁନିଟି ମେଡିସିନ୍ ସେଣ୍ଟରର ସୁନିଲ କୁମାର ଝା, ଏଆଇଆଇଏଚ୍ ବିଶ୍ୱବିଦ୍ୟାଳୟର ଯୋଗ ଓ ପ୍ରାକୃତିକ ଚିକିତ୍ସା ବିଭାଗର ମୁଖ୍ୟ ଡ. ଦିନେଶ ସ୍ୱାଇଁ ଓ ପୂର୍ବତନ ଆଇପିଏସ୍ ସନ୍ତୋଷ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ। ହେଲ୍‌ଥଭିଲେର ଡାଇରେକ୍ଟର୍ ଡ. ମିଳିନ୍ଦ ପରାସର ମଧ୍ୟ ବକ୍ତବ୍ୟରେ ପ୍ରାକୃତିକ ଚିକିତ୍ସାର ଆବଶ୍ୟକତା ଓ ଅତି ପ୍ରଭାବୀ ଗୁଣବତ୍ତା ସମ୍ବନ୍ଧରେ ବିଶେଷ ଆଲୋକପାତ କରିଥିଲେ। ୱେଲୋପାଥିର ବୈଷୟିକ ନିର୍ଦ୍ଦେଶକ ତୁଷାରକାନ୍ତ ବିଶ୍ୱାଳ ୱେଲୋପାଥି ସହିତ ହେଲ୍‌ଥଭିଲେର ମିଳିତ ଆଭିମୁଖ୍ୟ ଓଡ଼ିଶା ତଥା ଭାରତବର୍ଷରେ ପ୍ରାକୃତିକ ଚିକିତ୍ସା ପଦ୍ଧତି ଆହୁରି ମଜଭୁତ୍ ହେବ ବୋଲି କହିଥିଲେ। ଓଡିଏମ୍ ଶିକ୍ଷା ସମୂହର ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର ମଞ୍ଚ ସଞ୍ଚାଳନ କରିଥିଲେ।


**OFFICE OF THE PANCHAYAT SAMITI, KAPTIPADA, MAYURBHANJ**

(At/P.O. - Kaptipada, Dist. - Mayurbhanj, Odisha,
E-Mail : ori-kaptipada@nic.in)

**TCN No. 03/2024-25**

No.i-107

Advt. No. : 3519 Date : 29.08.2024

| | | | |
|---|---|---|---|
| 1 | The Block Development Officer, Kaptipada invites Sealed tender in offline/online mode on percentage rate basis for Construction of Additional Class Room at Kaptipada UGME school for the year 2022-23 as mentioned in the DTCN from eligible Civil Contractors of the State PWD (R&B)/Water Resource/Rural Works/M.I./C.P.W.D. | | |
| 2 | No. of work | : | 01 No. |
| 3 | Cost of Work | : | Rs.9,93,490/- |
| 4 | Cost of Tender Paper | : | Rs.6,000/- per unit |
| 5 | Class of Contractors | : | “D” Contractors |
| 6 | Date & Time of available the Tender document (DTCN & BOQ) | : | In district NIC Website (www.mayurbhanj.odisha.gov.in) from Dt. 04.09.2024 to Dt. 18.09.2024 till 05.00 P.M. |
| 7 | Last date of Receipt of Bids | : | Dt. 18.09.2024 up to 05.00 P.M. |
| 8 | Mode of receipt | : | Through Speed post/Regd. Post only and Tender Box |
| 9 | Date of Tender Opening | : | Dt. 19.09.2024 at 11.00 A.M. |

# For more details, visit our District Administration website (www.mayurbhanj.odisha.gov.in).
# All amendments, time extension, clarification etc. will be uploaded in the website only.
Bidders should regularly visit the above website to keep themselves updated.

OIPR-19370/11/0003/2425 Sd./- Block Development Officer, Kaptipada



**PUBLIC NOTICE**

**No. 4045/Date : 02.08.2024**

No.XXXIV-01 : Announcement of Award for acquisition of land for construction of National Highway for Land owners/persons interested therein and payment of Compensation Amount.

Attention of all land owners/interested persons is invited to the Notification dated 23.08.2022 issued under Section 3 A of the NH Act. 1956 for acquisition of land for the building/construction of a National Highway and the Notification dated 17.05.2023 issued under Section 3 D of the NH Act. 1956 and published in the following Newspapers :

| Sl. No. | Notification | Names of Newspapers in which published | Date of Newspaper |
|---|---|---|---|
| 1 | Section 3A | “Dharitri” & “Odia Bhaskar” | 29.09.2022 |
| 2 | Section 3D | “Pragatibadi” & “Nitidina” | 13.08.2023 |

It is informed that the undersigned had announced the Award in respect of the said land of Mouza-Dunguripali under Section 3 G of the NH Act. 1956 vide order dated 04.01.2024 & 26.07.2024 in pursuant to letter No. 1743 dated 28.11.2023 of the MoRTH, Govt. of India, Bhubaneswar.

The land acquiring agency (MoRTH/NHAI/NHIDCL) has placed the requisite amount of compensation of Mouza-Dunguripali at the disposal of the undersigned. Notices have also been issued to the concerned land owners/interested persons as required under Section 3 E of the NH Act. 1956.

Accordingly, all the concerned land owners/interested persons of Dunguripali mouza are hereby informed/notified through this additional Public Notice that the Compensation amount is hereby offered to all the land owners. Further, it may be noted that :

- The compensation amount in respect of all such landowners of Mouza - Dunguripali, who have already submitted their Bank Account details is being credited to their respective Bank Accounts through RTGS.
- The landowners of the said mouza, who have not submitted their Bank Accounts details may do so immediately in the office of the undersigned and the amount shall be credited to their accounts within a fortnight of the receipt of such Bank Accounts details ;
- All other claimants entitled to receive the compensation amount may contact the undersigned for any difficulty on any working day between 11 AM to 5.00 PM within a period of 60 days with effect from the date of issue of this Notification.

It may further be noted that since the amount of Compensation has been determined and tendered to the concerned village landowners/persons interested therein through this additional public notice, any failure to collect the compensation amount would be to their account and the amount shall be deened to have paid on expiry of this period of sixty days from the date of publication of notice.

The concerned village landowners/persons interested therein are further called upon to surrender or deliver the possession of the subject land to the undersigned, failing which the possession of subject land will be taken with police assistance on expiry of the period of 60 days.

Sd./-
Competent Authority for Land Acquisition
- cum -
Additional Tahasildar, Rampur
Tahasil Office, Rampur, Dist-Subarnapur

OIPR-24323/14/0002/2425 Date : 02.08.2024



**कार्यपालक अभियंता का कार्यालय ग्रामीण कार्य विभाग, कार्य प्रमण्डल, गोड्डा**

अति अल्पकालीन ई–पुनर्निविदा आमंत्रण सूचना

अति अल्पकालीन ई0–निविदा संख्याः– 14/2024-25/R3/RWD/EE/GODDA दिनांकः 02-09-2024

कार्य का विवरणः मुख्यमंत्री ग्राम सड़क योजना अन्तर्गत

कार्यपालक अभियंता, ग्रामीण कार्य विभाग, कार्य प्रमंडल, गोड्डा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्रम सं0 | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की तिथि/ अवधि | टेन्डर कॉल |
|---|---|---|---|---|---|---|
| 1 | RWD/EE/GODDA/ 58/2023-24 | पंचायत पिपरा ग्राम मुख्य सड़क से जमुआ होते हुए हटियाटाँड़ तक पथ का निर्माण कार्य (लं0–2.705 कि0मी0), प्रखंड–पथरगामा | 2,57,98,900.00 | दो करोड़ सनतावन लाख अनठानबे हजार नौ सौ रू0 मात्र | 12(बारह) माह | तृतीय |

1. वेबसाईट में निविदा प्रकाशन की तिथिः– 05.09.2024
2. ई–निविदा प्राप्ति की अंतिम तिथि एवं समयः– 18.09.2024 अपराह्न 5.00 बजे तक।
3. निविदा खोलने की तिथि एवं समयः–19.09.2024 अपराह्न 05.00 बजे।
4. निविदा आमंत्रित करने वाले पदाधिकारी का नाम एवं पताः– कार्यपालक अभियंता, ग्रामीण कार्य विभाग, कार्य प्रमंडल, गोड्डा।
5. ई–निविदा प्रकोष्ठ का मोबाईल नं0– 9973573276
6. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
7. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
8. निविदा शुल्क एवं अग्रधन की राशि का ई–शुल्क भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जबावदेही आपकी होगी।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, गोड्डा

PR 334474 (Rural Work Department)24-25*D



**झारखण्ड सरकार**
**कार्यपालक अभियंता का कार्यालय,ग्रामीण विकास विशेष प्रमण्डल, रामगढ़**

ई०–अति अल्पकालीन निविदा आमंत्रण सूचना

ई–निविदा सं० :–*RE-01/RDSD/RAMGARH/01/2024-25*

1.कार्य की विस्तृत विवरणी :– MMGSY मद अन्तर्गत।

| क्र | आईडेन्टीफिकेषन संख्या/पैकेज संख्या | प्रखण्ड | ग्राम/ पंचायत | योजना का नाम | प्राक्कलित राषि | अग्रधन की राशि (रू०) | परिमाण विपत्र का मूल्य (रू०) | कार्य पूर्ण करने की अवधि |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | RDSD/RAMGARH/MMGSY /01/2024-25 | रामगढ़ | हेसला | रामगढ़ जिलान्तर्गत रामगढ़ प्रखण्ड के कैरा बिहार से हेसला पथ में दामोदर नदी पर उच्च स्तरीय पुल निर्माण। | 87206300 | 1745000 | 10000 | 24 माह |

2. वेबसाईट में निविदा प्रकाशन की तिथि :– दिनांक 05.09.2024
3. ई–निविदा प्राप्ति की तिथि एवं समय – दिनांक 05.09.2024 से 11.09..2024 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता, ग्रामीण विकास विशेष प्रमण्डल, रामगढ़।
5. ई–निविदा खोलने की तिथि एवं समय– 12.09.2024 अपराह्न 02:00 बजे।
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, रामगढ़।
7. ई निविदा प्रकोष्ठ का दूरभाष सं०– 9939700965
8. परिमाण विपत्र की राशि घट–बढ़ सकती है। तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बन्द कर दिया जाता है तो उसकी सारी जवाबदेही संबंधित संवेदक की होगी।

विस्तृत जानकारी के लिए वेबसाईट *Jharkhandtenders.gov.in* एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता,
ग्रामीण विकास विशेष प्रमण्डल,
रामगढ़

PR 334372 (District)24-25*D



**झारखण्ड सरकार**
**ग्रामीण कार्य विभाग, कार्यपालक अभियंता का कार्यालय,**
**तृतीय तल्ला, नया समाहरणालय भवन, पपरवाटांड़, गिरिडीह, झारखण्ड– 815301**

ई–अतिअल्पकालीन निविदा आमंत्रण सूचना

ई–निविदा सं0 :–21/R1/2024-25/RWD/EE/GIRIDIH दिनांक :–31.08.2024

ग्रामीण कार्य विभाग, कार्य प्रमण्डल, गिरिडीह द्वारा निम्नविवरण के अनुसार e-procurment पद्धति से निविदा आमंत्रित की जाती है।

1. कार्य का नाम :–

| क्र0 सं0 | आईडेन्टीफिकेशन संख्या/पैकेज संख्या | कार्य का नाम | प्राक्कलित राशि (रुपया में) अंक में | प्राक्कलित राशि (रुपया में) अक्षर में | कार्य समाप्ति की अवधि | टेंडर कॉल संख्या |
|---|---|---|---|---|---|---|
| 1 | RWD/GIRIDIH/63 /2024-25 | चिरकी पंचायत खेलवाडीह से चलकरी चुड़का मांझी घर तक पथ निर्माण कार्य। (लं0–2.900 कि0मी0) | 3,69,67,200.00 | तीन करोड़ उनहत्तर लाख सरसठ हजार दो सौ रू0 मात्र | 18 माह | द्वितीय |
| 2 | RWD/GIRIDIH/64 /2024-25 | भारती चलकरी कौन्झिया विद्यालय से नावासार होते हुए नया पुल तक पथ निर्माण कार्य। (लं0–2.500 कि0मी0) | 3,32,06,300.00 | तीन करोड़ बत्तीस लाख छः हजार तीन सौ रू0 मात्र | 15 माह | द्वितीय |

2. वेबसाईट में निविदा प्रकाशन की तिथि :–04.09.2024
3. ई–निविदा प्राप्ति की अंतिम तिथि एवं समय :–11.09.2024 अपराह्न 5.00 बजे तक।
4. निविदा खोलने की तिथि एवं समय :–13.09.2024 अपराह्न 3.30 बजे।
5. निविदा आमंत्रित करने वाले पदाधिकारी का पदनाम एवं पता :– कार्यपालक अभियंता, ग्रामीण कार्य विभाग, कार्य प्रमण्डल, गिरिडीह, तृतीय तल्ला, नया समाहरणालय भवन, पपरवाटांड़, गिरिडीह, झारखण्ड– 815301
6. ई–निविदा प्रकोशठ का दूरभाश सं0–06532–225381

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

ह0/–
कार्यपालक अभियंता,
ग्रामीण कार्य विभाग, कार्य प्रमण्डल, गिरिडीह।

PR.NO.334418 REO(24-25):D

## ସଂକ୍ଷେପରେ

### ୪୨ ମୌଜାରେ ଭାଜପାର ନୂତନ ସଭ୍ୟ ସଂଗ୍ରହ କର୍ମଶାଳା

କଟକ ସଦର,୨।୯(ସୁଶାନ୍ତ କୁମାର ଜେନା)

୪୨ ମୌଜା ମଣ୍ଡଳ ଅଧୀନ ବେଣ୍ଟକାର ପଞ୍ଚାୟତ ଭାଜପା ପକ୍ଷରୁ ରବିବାର ସଭ୍ୟାସଭ୍ୟଙ୍କୁ ନେଇ ସ୍ଥାନୀୟ ବନ୍ତେଶ୍ୱର ମହାଦେବ ପୀଠରେ ନୂତନ ସଭ୍ୟ ସଂଗ୍ରହ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ସଭ୍ୟାସଭ୍ୟଙ୍କୁ ନୂତନ ସଭ୍ୟ ସଂଗ୍ରହ ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରାଯାଇଥିଲା। ସମସ୍ତ ସଭ୍ୟାସଭ୍ୟ ଦଳୀୟ ଶୃଙ୍ଖଳାକୁ ମାନି କାର୍ଯ୍ୟ କରିବାକୁ ଅଙ୍ଗୀକାର ବଦ୍ଧ ହୋଇଥିଲେ। କୋର କମିଟି ସଭାପତି ଇଂ. ଅଶୋକ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଶୁଭନ୍ୟାସ ମହାନ୍ତି, ପୁଷ୍ପାଞ୍ଜଳି ବିଶ୍ୱାଳ, ସୁପ୍ରଭା ବିଶ୍ୱାଳ, ବିନୟ ପତି, ଅମିତାଭ ବିଶାଳ, ଚିନ୍ମୟ ମହାପାତ୍ର, ଗାନ୍ଧୀ ଗୁରୁ ଦାସ, ଜୟଶ୍ରୀ ଭୋଇ, ନିରଞ୍ଜନ ସେନାପତି, ଶୁଭଶ୍ରୀ ସାସେନିଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସେପ୍ଟେମ୍ବର ୧ରୁ ୨୫ ତାରିଖ ଓ ଅକ୍ଟୋବର ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ସଭ୍ୟ ସଂଗ୍ରହ ଅଭିଯାନକୁ ସଫଳ ପୂର୍ବକ ରାଜ୍ୟରେ ୧ କୋଟିରୁ ଊର୍ଦ୍ଧ୍ୱ ସଭ୍ୟ ସଂଗ୍ରହ ଅଭିଯାନକୁ ସଫଳ କରିବାକୁ ସଭାପତି ଆହ୍ୱାନ ଦେଇଥିଲେ।

# ଉଜୁଡ଼ିଗଲାଣି ବ୍ରାହ୍ମଣବସ୍ତ ସଂରକ୍ଷିତ ଜଙ୍ଗଲ

- ୧୬ ବର୍ଷ ହେଲା ଜଙ୍ଗଲ କମିଟି ଗଠନ ହୋଇନାହିଁ
- ବନାଞ୍ଚଳ ଅଧିକାରୀଙ୍କ ନିକଟରେ ଅଭିଯୋଗ

ଖୁଣ୍ଟୁଣୀ,୨।୯(ସଚ୍ଚିଦାନନ୍ଦ ପଣ୍ଡା)



ବନାଞ୍ଚଳ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିବା ବ୍ରାହ୍ମଣବସ୍ତ ଗ୍ରାମର ଲୋକେ।

ଆଠଗଡ଼ ବନଖଣ୍ଡର ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ବ୍ରାହ୍ମଣବସ୍ତ ସଂରକ୍ଷିତ ଜଙ୍ଗଲକୁ ରକ୍ଷଣାବେକ୍ଷଣ ପାଇଁ ୨୦୦୫ରେ ସରକାରଙ୍କ ଦ୍ୱାରା ଏକ ଜଙ୍ଗଲ ସୁରକ୍ଷା କମିଟି ଗଠନ କରାଯାଇଥିଲା। ଏଥିରେ ବ୍ରାହ୍ମଣବସ୍ତ ଗ୍ରାମର ଶତାଧିକ ଲୋକ ସାମିଲ ହୋଇଥିଲେ। ଏହା ପରେ ସରକାରଙ୍କ ନିୟମ ମୁତାବକ ପ୍ରତି ୩ ବର୍ଷରେ ଥରେ କମିଟି ଭଙ୍ଗାଯାଇ ନୂତନ କମିଟି ଗଠନ କରାଯିବା କଥା। ହେଲେ ଏଠାରେ ତା'ର ବ୍ୟତିକ୍ରମ ଘଟି ଆଜକୁ ୧୬ ବର୍ଷ ହେଲା ନୂତନ କମିଟି ଗଠନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ବ୍ରାହ୍ମଣବସ୍ତ ଜଙ୍ଗଲ ଧ୍ୱଂସ ହେବାକୁ ବସିଲାଣି। ଗ୍ରାମବାସୀ ଏନେଇ ମଞ୍ଜେଶ୍ୱର ପଞ୍ଚାୟତ ସମିତି ସଭ୍ୟ ରୀନା ସାହୁଙ୍କ ସହ ବୈଠକରେ ଏକତ୍ରିତ ହୋଇ ଏକ ଦସ୍ତଖତ ସମ୍ବଳିତ ଦାବିପତ୍ର ଗତ ଜୁଲାଇ ୩୧ରେ ଆଠଗଡ଼ ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତିଙ୍କୁ ଦେଇଥିଲେ। ତାଙ୍କ ଗ୍ରାମ୍ୟ ଜଙ୍ଗଲର ସୁରକ୍ଷା ପାଇଁ ୧୬ ବର୍ଷ ହେବ ଯେହେତୁ ସୁରକ୍ଷା କମିଟି ଗଠନ ହୋଇନାହିଁ, ତେଣୁ ତୁରନ୍ତ ଏକ ନୂତନ ଜଙ୍ଗଲ କମିଟି ଗଠନ କରାଯାଉ। ଦାବିପତ୍ରର ଏକ ନକଲ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁଙ୍କୁ ମଧ୍ୟ ଦେଇଥିଲେ। ହେଲେ ଇତିମଧ୍ୟରେ ମାସାଧିକ କାଳ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନୂଆ କମିଟି ଗଠିତ ହୋଇ ନ ପାରିବାରୁ ବ୍ରାହ୍ମଣବସ୍ତ ଗ୍ରାମବାସୀ ସୋମବାର ଭାଜପା ନେତା ତଥା ଆଠଗଡ଼ ବିଧାନସଭା ପ୍ରାର୍ଥୀ ଅଭୟ ବାରିକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବାରିକ ସୋମବାର ସନ୍ଧ୍ୟାରେ ଶତାଧିକ ଗ୍ରାମବାସୀଙ୍କ ସହିତ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ସାହୁଙ୍କ ନିକଟରେ ପହଞ୍ଚି କମିଟି ଗଠନ କାହିଁକି ହୋଇନାହିଁ ବୋଲି ପଚାରିବାରେ, ସେମାନଙ୍କ ପତ୍ର ମିଳିଛି ଏବଂ ଏହା ଡିଏଫ୍‌ଓଙ୍କ ବିଚାର ପାଇଁ ଅଛି ବୋଲି ସେ କହିଥିଲେ। ଏଥିରେ ଅଭୟ ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ କମିଟି ଗଠନ କରି ସାଧାରଣ ଜନତାଙ୍କ ଦାବିକୁ ଗ୍ରହଣ କରିବାକୁ ସେ ଦାବି କରିଥିଲେ। ଏଥିପାଇଁ ମଙ୍ଗଳବାର ଅନ୍ୟ ଏକ ଦାବିପତ୍ର ଆଠଗଡ଼ ଡିଏଫ୍‌ଓଙ୍କୁ ପ୍ରଦାନ କରାଯିବ। ଆବଶ୍ୟକ ପଡ଼ିଲେ ଡିଏଫ୍‌ଓଙ୍କ ଅଫିସ ଆଗରେ ଗ୍ରାମବାସୀ ବିକ୍ଷୋଭ କରିବେ ବୋଲି ଅଭୟ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟାରେ କହିଥିଲେ।

# ଏଲ୍ଆଇସିର ୬୮ତମ ବୀମା ସପ୍ତାହ ଆରମ୍ଭ

ଭୁବନେଶ୍ୱର,୨।୯
(ଅନୁରାଧା ମହାରଣା)

ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପରିସରେ ୬୮ତମ ବୀମା ସପ୍ତାହ ପାଳନର ଶୁଭାରମ୍ଭ ହୋଇଛି। ଏହି ଅବସରରେ ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ମନୋରଞ୍ଜନ ଦାସ କର୍ପୋରେଟ ଫ୍ଲାଗ୍ ଉତ୍ତୋଳନ କରିଥିଲେ। ମଣ୍ଡଳର ବିପଣନ ପ୍ରବନ୍ଧକ ଅଶୋକ କୁମାର ଭୂୟାଁ ଅଧିକାରୀ ଓ କର୍ମଚାରୀମାନଙ୍କୁ ଏଲ୍ଆଇସି ଓ ନିଗମ ପତାକା ପ୍ରତି ଅଙ୍ଗୀକାରବଦ୍ଧତା ନିମନ୍ତେ ଶପଥପାଠ କରାଇଥିଲେ। ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଦାସ ସଭାପତିତ୍ୱ କରି ୬୮ତମ ବୀମା ସପ୍ତାହ ପାଳନ ଅବସରରେ ବିଗତ ବର୍ଷଗୁଡିକରେ ଏଲ୍ଆଇସିର ସଫଳତା ସମ୍ବନ୍ଧରେ ଆଲୋଚନା କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ଫାଉଣ୍ଡେଶନ ମାଧ୍ୟମରେ ଏଲ୍ଆଇସି ୨୦୦୦ ମସିହାରୁ ନିଜର ସାମାଜିକ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଉଥିବା ଅବଗତ କରିଥିଲେ। ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରଫେସର କୁମରବର ଦାସ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବୀମା କ୍ଷେତ୍ରରେ ଏଲ୍ଆଇସିର ଅବଦାନକୁ ପ୍ରଶଂସା କରିଥିଲେ। ମୁଖ୍ୟ ଯନ୍ତ୍ରୀ ପି. କେ. ଡୁଙ୍ଗଡୁଙ୍ଗ ଓ ଅଡିଟ ସଚିବ ପ୍ରଶାନ୍ତ କୁମାର ମିଶ୍ର ଏଲଆଇସିର ବିଭିନ୍ନ ସଫଳତା ସମ୍ବନ୍ଧରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରବନ୍ଧକ ପ୍ରମୋଦ କୁମାର ପ୍ରଧାନ ପରିଚାଳନା କରିଥିବାବେଳେ ଭୁବନେଶ୍ୱର ମଣ୍ଡଳର ବିପଣନ ପ୍ରବନ୍ଧକ ଅଶୋକ କୁମାର ଭୂୟାଁ ଧନ୍ୟବାଦ ଦେଇଥିଲେ।




# ବିଡିଓଙ୍କୁ ୭ଦଫା ଦାବିପତ୍ର

ସାଲେପୁର,୨।୯(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ୍ ଗାଁ ସାଥୀ (ମେଟ୍) ସଂଘ ପକ୍ଷରୁ ସଭାପତି ଅଶୋକ କୁମାର ଜେନାଙ୍କ ନେତୃତ୍ୱରେ ସୋମବାର ସାଲେପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଖଗେଶ୍ୱର ପାତ୍ରଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଏମ୍‌ଜିଏନ୍‌ଆର୍‌ଜିଏସ୍ ଅନ୍ତର୍ଗତ ସମସ୍ତ କାର୍ଯ୍ୟାଦେଶ ଗାଁ ସାଥୀଙ୍କ ନାମରେ କରିବା, ପଞ୍ଚାୟତିରାଜ ବିଭାଗର ନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ଗାଁ ସାଥୀଙ୍କୁ ପର୍ଯ୍ୟାପ୍ତ ପରିମାଣରେ କାର୍ଯ୍ୟ ଯୋଗାଇଦେବା, ଗାଁ ସାଥୀମାନଙ୍କୁ ନେଇ ସାପ୍ତାହିକ କିମ୍ବା ମାସିକ ସମୀକ୍ଷା ବୈଠକ କରିବା ପାଇଁ ନିର୍ଦ୍ଦେଶ ଥିଲେ ମଧ୍ୟ ବ୍ଲକ୍‌ସ୍ତରରେ ତାହା କାର୍ଯ୍ୟକାରୀ କରାଯାଉ ନ ଥିବା ଭଳି ୭ଦଫା ଦାବିପତ୍ର ପ୍ରଦାନ କରିଛନ୍ତି।

କାର୍ଯ୍ୟକ୍ରମରେ ଗାଁ ସାଥୀ ସଂଘର ଉପସଭାପତି ଅଶୋକ ଦାସ, ସଂଯୁକ୍ତା ସେଠୀ, ସମ୍ପାଦକ ପ୍ରଶାନ୍ତ ସେଠୀ, ସହସମ୍ପାଦକ ପତିତପାବନ ବାରିକ, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ଉପକୋଷାଧ୍ୟକ୍ଷ ଚିତ୍ରସେନ ପରିଡ଼ା, ସାଂଗଠନିକ ସମ୍ପାଦକ ନନ୍ଦକିଶୋର ବେହେରା ଓ ସଂଘର କୋର୍ କମିଟି ସଦସ୍ୟ ସୁବାସ ମଲ୍ଲ, ସଂଗୀତା ଦାସ, ନାରାୟଣ ସାହୁ, ସୁନୀଲ ସାହୁ, ଦିବ୍ୟରଞ୍ଜନ ବେହେରା, ସୁଶାନ୍ତ ପ୍ରଧାନ, ମୁସଲିମ ସାହା, ପ୍ରଶାନ୍ତ ମଲ୍ଲିକ, ରଶ୍ମିରଞ୍ଜନ ଆଚାର୍ଯ୍ୟ, ଗୌତମ ପୃଷ୍ଟି, ହରେକୃଷ୍ଣ ସ୍ୱାଇଁ, ସସ୍ମିତା ସାମଲଙ୍କ ସମେତ ସାଲେପୁର ବ୍ଲକ୍‌ର ପ୍ରତ୍ୟେକ ପଞ୍ଚାୟତର ଗାଁ ସାଥୀମାନେ ଉପସ୍ଥିତ ଥିଲେ।

# ଅଧ୍ୟାପିକା, ଅଧ୍ୟାପକ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶକ ହୁଅନ୍ତୁ

ଫୁଲନଖରା,୨।୯(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅଧୀନ ନୂଆ କାଚରାମାଳସ୍ଥିତ ଲକ୍ଷେଶ୍ୱର ମହିଳା ମହାବିଦ୍ୟାଳୟର ୩୨ତମ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଯଶୋଧାରା ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ପିଲାମାନେ ଶିକ୍ଷା ଗ୍ରହଣ ସହିତ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେଲେ ଶିକ୍ଷିତ ହେବାର ଯଥାର୍ଥତା ଆସିଥାଏ। ଏଥିପାଇଁ ଅଧ୍ୟାପିକାମାନେ ପିଲାଙ୍କ ପ୍ରକୃତ ମାର୍ଗଦର୍ଶକ ହେବା ଆବଶ୍ୟକ। ଅଧ୍ୟାପିକା ଅନସୂୟା ଆଚାର୍ଯ୍ୟ ମହାବିଦ୍ୟାଳୟ ୧୯୯୩ ମସିହାରେ ସ୍ଥାପନ ସମୟରୁ ଏ ପର୍ଯ୍ୟନ୍ତ ବହୁ ଘାତପ୍ରତିଘାତ ଦେଇ ଆସିଥିବା ବିବରଣୀ ସମସ୍ତଙ୍କୁ ସମ୍ୟକ ସୂଚନା ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୫୧ ନଂ. ୱାର୍ଡ କର୍ପୋରେଟର ରାକେଶ ସ୍ୱାଇଁ, ୫୯ ନଂ. ୱାର୍ଡ କର୍ପୋରେଟର ମମତା ମହାନ୍ତି, ପ୍ରତିଷ୍ଠାତା ସାମାଜିକ କର୍ମୀ ସ୍ୱାଧୀନ ଚେତା ମହାନ୍ତି, ପୂର୍ବତନ ପରିଚାଳନା କମିଟି ସଦସ୍ୟ ବିପ୍ରଚରଣ ଭୋଳ, ଫୋକସ ପ୍ଲସ ଟିଭି ମୁଖ୍ୟ ସୁଧାଂଶୁ ଶେଖର ରାଉତ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପିକା ଇତିଶ୍ରୀ ମହାନ୍ତି, ରେଣୁପ୍ରିୟା ପଣ୍ଡା, ପ୍ରତିଭା ପଟ୍ଟନାୟକ, ଆଶାଲତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦେବସ୍ମିତା ମହାପାତ୍ର, ନିରୁପମା ନାୟକ, ହେମନ୍ତ ଦାସ, ଗୌତମଚନ୍ଦ୍ର ଦାସ, ହେମନ୍ତ ଦଳାଇ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ଓ ଅନ୍ୟମାନେ।

## କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

ସାଲେପୁର,୨।୯(ଅରବିନ୍ଦ ଭୂୟାଁ):

ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତାରେ ସାଲେପୁର କରାଟେ ସ୍କୁଲର ୨ଜଣ ପ୍ରତିଯୋଗୀ ବ୍ରୋଞ୍ଜ ପଦକ ପାଇ କୃତିତ୍ୱ ହାସଲ କରିଥିବାବେଳେ ୨୩ଜଣ ଛାତ୍ରୀଛାତ୍ର ବେଲ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସାଲେପୁର କରାଟେ ସ୍କୁଲ ପକ୍ଷରୁ ଶିକ୍ଷକ ବିଜୟ କୁମାର ବାରିକଙ୍କ ସଭାପତିତ୍ୱରେ ସୋମବାର ଏକ ସମ୍ବର୍ଦ୍ଧନା ଉତ୍ସବ ସାଲେପୁର ପ୍ରାଣୀ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାଲେପୁର ପ୍ରାଣୀ ଚିକିତ୍ସା ଅଧିକାରୀ ଦୀପକ କୁମାର ସେନାପତି ଓ ବିଶିଷ୍ଟ ଅତିଥି ଭାବେ ଖବରଦାତା ହୃଷୀକେଶ ମଲ୍ଲିକ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏଥିରେ ସାଲେପୁର କରାଟେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ। ପୁରୀଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତାରେ ସାଲେପୁର କରାଟେ ସ୍କୁଲର ଜଗଦୀଶ ମହାପାତ୍ର ଓ ଭବାନୀଶଙ୍କର ବାରିକ ୩ଗୋଟି ବ୍ରୋଞ୍ଜ ପଦକ ପାଇ କୃତିତ୍ୱ ଅର୍ଜନ କରିଛନ୍ତି। ଏହି ଅବସରରେ ତାଙ୍କୁ ସାଲେପୁର କରାଟେ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି।

# ସରପଞ୍ଚ, ରାଜସ୍ୱ ନିରୀକ୍ଷକଙ୍କ ମୌଖିକ ନିର୍ଦ୍ଦେଶରେ ଗୋଚର ଜମି ଦଖଲ

କଟକ ସଦର,୨।୯(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତରେ ଛତୁ ଫୁଟିଲା ଭଳି ନିର୍ମାଣ କାର୍ଯ୍ୟ ଗୋଚର ଜମିରେ ଚାଲିଛି। ବିଶେଷ କରି ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ମିଶନ ପକ୍ଷରୁ କେବଳ ଗୋଚର ଜମିକୁ ଟାର୍ଗେଟ କରାଯାଇ ୬୦ଟି ଊର୍ଦ୍ଧ୍ୱ ପାଣି ଟାଙ୍କି ଓ ପମ୍ପ୍ ହାଉସ ନିର୍ମାଣ କରାଯାଇଛି। ପରେ ଏହି ନିର୍ମାଣକୁ ସୁରକ୍ଷିତ ରଖିବାକୁ ପାଚେରି ମଧ୍ୟ କରାଯାଇଛି। ଏହିସବୁ ନିର୍ମାଣ ପାଇଁ ସ୍ଥାନୀୟ ସରପଞ୍ଚ, ରାଜସ୍ୱ ନିରୀକ୍ଷକ ଓ ଗ୍ରାମବାସୀ ଜାଗା ଯୋଗାଇ ଦେଇଥାନ୍ତି ବୋଲି କଟକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ମିଶନର ଅଧୀକ୍ଷଣ ଯନ୍ତ୍ରୀ ଅଭିମନ୍ୟୁ ଦାସ ଜଣାଇଛନ୍ତି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଏହି ନିର୍ମାଣ ମୌଖିକ ନିର୍ଦ୍ଦେଶରେ କରାଯାଇଥାଏ, ତେଣୁ ଏ ସଂକ୍ରାନ୍ତୀୟ କୌଣସି ରେକର୍ଡ ଅଫିସରେ ନାହିଁ ବୋଲି ଅଧୀକ୍ଷଣ ଯନ୍ତ୍ରୀ ଦାସ ପତ୍ର ସଂଖ୍ୟା ୨୪୦୪/୨।୮।୨୦୨୪ରେ ମଧ୍ୟ ସୂଚନା ଦେଇଛନ୍ତି। କିଶନ ନଗର ତହସିଲ ଅଧୀନ ଧରିଣୀ ପଞ୍ଚାୟତ ଅର୍ଚ୍ଛିଲି ଗ୍ରାମରେ ଥିବା ଗୋଚର ଜମିକୁ ନେଇ ବିବାଦ ହେବା ପରେ ଅଧୀକ୍ଷଣ ଯନ୍ତ୍ରୀଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। କଟକ ସଦର ବ୍ଲକ ଅଞ୍ଚଳରେ ଗୋଚର ଜମିରେ ଚାଲିଥିବା ନିର୍ମାଣକୁ ନେଇ ବିଶ୍ୱ ଗୋ ସୁରକ୍ଷା ବାହିନୀ ରାଜ୍ୟ ସଭାପତି ଆଇନଜୀବୀ ସୁରେଶ କୁମାର ପଣ୍ଡାଙ୍କ ପକ୍ଷରୁ ଏକ ଜନସ୍ୱାର୍ଥ ମାମଲା ଓଡ଼ିଶା ହାଇକୋର୍ଟରେ କରାଯାଇଥିଲା। ଏହାର ଶୁଣାଣି ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କ କୋର୍ଟରେ ଜୁନ୍ ୧୮ରେ କରାଯାଇଥିଲା। ଖଣ୍ଡପୀଠ ରାୟ ଦେଇ ପ୍ରଥମେ ଗୋଚର ଜମିକୁ ଦଖଲ କରିବା ସମ୍ପର୍କରେ ଉଚ୍ଚ ରାଜସ୍ୱ ଅଧିକାରୀଙ୍କୁ ଜଣାଇବାକୁ ଆବେଦନକାରୀଙ୍କୁ ସ୍ୱତନ୍ତ୍ରତା ଦେଇଛନ୍ତି। ଏହି ରାୟ ପରିପ୍ରେକ୍ଷୀରେ ଗୋଚର ଜମିରେ ପାଣି ଟାଙ୍କି କାହା ନିର୍ଦ୍ଦେଶରେ କରାଯାଇଛି, ସେ ସମ୍ପର୍କରେ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ବିଶ୍ୱ ଗୋ ସୁରକ୍ଷା ବାହିନୀ ପକ୍ଷରୁ ଜବାବ ମଗାଯାଇଥିଲା।


## OFFICE OF THE PANCHAYAT SAMITI, KAPTIPADA, MAYURBHANJ

(At/P.O. - Kaptipada, Dist. - Mayurbhanj, Odisha,
E-Mail : ori-kaptipada@nic.in)
TCN No. 03/2024-25

No.i-107

Advt. No. : 3519 Date : 29.08.2024

| | | | |
|---|---|---|---|
| 1 | The Block Development Officer, Kaptipada invites Sealed tender in offline/online mode on percentage rate basis for Construction of Additional Class Room at Kaptipada UGME school for the year 2022-23 as mentioned in the DTCN from eligible Civil Contractors of the State PWD (R&B)/Water Resource/Rural Works/M.I./C.P.W.D. | | |
| 2 | No. of work | : | 01 No. |
| 3 | Cost of Work | : | Rs.9,93,490/- |
| 4 | Cost of Tender Paper | : | Rs.6,000/- per unit |
| 5 | Class of Contractors | : | "D" Contractors |
| 6 | Date & Time of available the Tender document (DTCN & BOQ) | : | In district NIC Website (www.mayurbhanj.odisha.gov.in) from Dt. 04.09.2024 to Dt. 18.09.2024 till 05.00 P.M. |
| 7 | Last date of Receipt of Bids | : | Dt. 18.09.2024 up to 05.00 P.M. |
| 8 | Mode of receipt | : | Through Speed post/Regd. Post only and Tender Box |
| 9 | Date of Tender Opening | : | Dt. 19.09.2024 at 11.00 A.M. |

# For more details, visit our District Administration website (www.mayurbhanj.odisha.gov.in).
# All amendments, time extension, clarification etc. will be uploaded in the website only.
Bidders should regularly visit the above website to keep themselves updated.

OIPR-19370/11/0003/2425 Sd./- Block Development Officer, Kaptipada

## PUBLIC NOTICE

No. 4045/Date : 02.08.2024

No.XXXIV-01 : Announcement of Award for acquisition of land for construction of National Highway for Land owners/persons interested therein and payment of Compensation Amount.

Attention of all land owners/interested persons is invited to the Notification dated 23.08.2022 issued under Section 3 A of the NH Act. 1956 for acquisition of land for the building/construction of a National Highway and the Notification dated 17.05.2023 issued under Section 3 D of the NH Act. 1956 and published in the following Newspapers :

| Sl. No. | Notification | Names of Newspapers in which published | Date of Newspaper |
|---|---|---|---|
| 1 | Section 3A | "Dharitri" & "Odia Bhaskar" | 29.09.2022 |
| 2 | Section 3D | "Pragatibadi" & "Nitidina" | 13.08.2023 |

It is informed that the undersigned had announced the Award in respect of the said land of Mouza-Dunguripali under Section 3 G of the NH Act. 1956 vide order dated 04.01.2024 & 26.07.2024 in pursuant to letter No. 1743 dated 28.11.2023 of the MoRTH, Govt. of India, Bhubaneswar.

The land acquiring agency (MoRTH/NHAI/NHIDCL) has placed the requisite amount of compensation of Mouza-Dunguripali at the disposal of the undersigned. Notices have also been issued to the concerned land owners/interested persons as required under Section 3 E of the NH Act. 1956.

Accordingly, all the concerned land owners/interested persons of Dunguripali mouza are hereby informed/notified through this additional Public Notice that the Compensation amount is hereby offered to all the land owners. Further, it may be noted that :

- The compensation amount in respect of all such landowners of Mouza - Dunguripali, who have already submitted their Bank Account details is being credited to their respective Bank Accounts through RTGS.
- The landowners of the said mouza, who have not submitted their Bank Accounts details may do so immediately in the office of the undersigned and the amount shall be credited to their accounts within a fortnight of the receipt of such Bank Accounts details ;
- All other claimants entitled to receive the compensation amount may contact the undersigned for any difficulty on any working day between 11 AM to 5.00 PM within a period of 60 days with effect from the date of issue of this Notification.

It may further be noted that since the amount of Compensation has been determined and tendered to the concerned village landowners/persons interested therein through this additional public notice, any failure to collect the compensation amount would be to their account and the amount shall be deened to have paid on expiry of this period of sixty days from the date of publication of notice.

The concerned village landowners/persons interested therein are further called upon to surrender or deliver the possession of the subject land to the undersigned, failing which the possession of subject land will be taken with police assistance on expiry of the period of 60 days.

Sd./-
Competent Authority for Land Acquisition
- cum -
Additional Tahasildar, Rampur
Tahasil Office, Rampur, Dist-Subarnapur

OIPR-24323/14/0002/2425 Date : 02.08.2024

## कार्यपालक अभियंता का कार्यालय ग्रामीण कार्य विभाग, कार्य प्रमण्डल, गोड्डा

अति अल्पकालीन ई—पुनर्निविदा आमंत्रण सूचना

अति अल्पकालीन ई0—निविदा संख्या:— 14/2024-25/R3/RWD/EE/GODDA दिनांक: 02-09-2024

कार्य का विवरण: मुख्यमंत्री ग्राम सड़क योजना अन्तर्गत

कार्यपालक अभियंता, ग्रामीण कार्य विभाग, कार्य प्रमंडल, गोड्डा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्रम सं0 | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की तिथि/ अवधि | टेन्डर कॉल |
|---|---|---|---|---|---|---|
| | | | अंक में | अक्षर में | | |
| 1 | RWD/EE/GODDA/ 58/2023-24 | पंचायत पिपरा ग्राम मुख्य सड़क से जमुआ होते हुए हटियाटाँड़ तक पथ का निर्माण कार्य (लं0—2.705 कि0मी0), प्रखंड—पथरगामा | 2,57,98,900.00 | दो करोड़ सनतावन लाख अनठानबे हजार नौ सौ रू0 मात्र | 12(बारह) माह | तृतीय |

1. वेबसाईट में निविदा प्रकाशन की तिथि:— 05.09.2024
2. ई—निविदा प्राप्ति की अंतिम तिथि एवं समय:— 18.09.2024 अपराह्न 5.00 बजे तक।
3. निविदा खोलने की तिथि एवं समय:—19.09.2024 अपराह्न 05.00 बजे।
4. निविदा आमंत्रित करने वाले पदाधिकारी का नाम एवं पता:— कार्यपालक अभियंता, ग्रामीण कार्य विभाग, कार्य प्रमंडल, गोड्डा।
5. ई—निविदा प्रकोष्ठ का मोबाईल नं0— 9973573276
6. परिमाण विपत्र की राशि घट—बढ़ सकती है तदनुसार अग्रधन की राशि देय होगी।
7. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
8. निविदा शुल्क एवं अग्रधन की राशि का ई—शुल्क भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जबाबदेही आपकी होगी।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, गोड्डा

PR 334474 (Rural Work Department)24-25*D

## झारखण्ड सरकार
## कार्यपालक अभियंता का कार्यालय,ग्रामीण विकास विशेष प्रमण्डल, रामगढ़

ई०—अति अल्पकालीन निविदा आमंत्रण सूचना

ई—निविदा सं० :—*RE-01/RDSD/RAMGARH/01/2024-25*

1.कार्य की विस्तृत विवरणी :— MMGSY मद अन्तर्गत।

| क्र | आईडेन्टीफिकेषन संख्या/पैकेज संख्या | प्रखण्ड | ग्राम/ पंचायत | योजना का नाम | प्राक्कलित राषि | अग्रधन की राषि (रू०) | परिमाण विपत्र का मूल्य (रू०) | कार्य पूर्ण करने की अवधि |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | RDSD/RAMGARH/MMGSY /01/2024-25 | रामगढ़ | हेसला | रामगढ़ जिलान्तर्गत रामगढ़ प्रखण्ड के कैरा बिहार से हेसला पथ में दामोदर नदी पर उच्च स्तरीय पुल निर्माण। | 87206300 | 1745000 | 10000 | 24 माह |

2. वेबसाईट में निविदा प्रकाशन की तिथि :— दिनांक 05.09.2024
3. ई—निविदा प्राप्ति की तिथि एवं समय — दिनांक 05.09.2024 से 11.09..2024 को अपराह्न 5:00 बजे तक।
4. ई—निविदा खोलने का स्थान — कार्यपालक अभियंता, ग्रामीण विकास विशेष प्रमण्डल, रामगढ़।
5. ई—निविदा खोलने की तिथि एवं समय— 12.09.2024 अपराह्न 02:00 बजे।
6. ई—निविदा आमंत्रित करने वाले पदाधिकारी का नाम एवं पता :— कार्यपालक अभियंता, ग्रामीण विकास विशेष प्रमण्डल, रामगढ़।
7. ई निविदा प्रकोष्ठ का दूरभाष सं०— 9939700965
8. परिमाण विपत्र की राशि घट—बढ़ सकती है। तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई—भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बन्द कर दिया जाता है तो उसकी सारी जवाबदेही संबंधित संवेदक की होगी।

विस्तृत जानकारी के लिए वेबसाईट ***Jharkhandtenders.gov.in*** एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता,
ग्रामीण विकास विशेष प्रमण्डल,
रामगढ़

PR 334372 (District)24-25*D

## झारखण्ड सरकार
## ग्रामीण कार्य विभाग, कार्यपालक अभियंता का कार्यालय,
## तृतीय तल्ला, नया समाहरणालय भवन, पपरवाटांड़, गिरिडीह, झारखण्ड— 815301

ई—अतिअल्पकालीन निविदा आमंत्रण सूचना

ई—निविदा सं0 :—21/R1/2024-25/RWD/EE/GIRIDIH दिनांक :—31.08.2024

ग्रामीण कार्य विभाग, कार्य प्रमण्डल, गिरिडीह द्वारा निम्नविवरण के अनुसार e-procurment पद्धति से निविदा आमंत्रित की जाती है।

1. कार्य का नाम :—

| क्र0 सं0 | आईडेन्टीफिकेशन संख्या/पैकेज संख्या | कार्य का नाम | प्राक्कलित राशि (रुपया में) | | कार्य समाप्ति की अवधि | टेंडर कॉल संख्या |
|---|---|---|---|---|---|---|
| | | | अंक में | अक्षर में | | |
| 1 | RWD/GIRIDIH/63 /2024-25 | चिरकी पंचायत खेलवाडीह से चलकरी चुड़का मांझी घर तक पथ निर्माण कार्य। (लं0—2.900 कि0मी0) | 3,69,67,200.00 | तीन करोड़ उनहत्तर लाख सरसठ हजार दो सौ रू0 मात्र | 18 माह | द्वितीय |
| 2 | RWD/GIRIDIH/64 /2024-25 | भारती चलकरी कौन्झिया विद्यालय से नावासार होते हुए नया पुल तक पथ निर्माण कार्य। (लं0—2.500 कि0मी0) | 3,32,06,300.00 | तीन करोड़ बत्तीस लाख छः हजार तीन सौ रू0 मात्र | 15 माह | द्वितीय |

2. वेबसाईट में निविदा प्रकाशन की तिथि :—04.09.2024
3. ई—निविदा प्राप्ति की अंतिम तिथि एवं समय :—11.09.2024 अपराह्न 5.00 बजे तक।
4. निविदा खोलने की तिथि एवं समय :—13.09.2024 अपराह्न 3.30 बजे।
5. निविदा आमंत्रित करने वाले पदाधिकारी का पदनाम एवं पता :— कार्यपालक अभियंता, ग्रामीण कार्य विभाग, कार्य प्रमण्डल, गिरिडीह, तृतीय तल्ला, नया समाहरणालय भवन, पपरवाटांड़, गिरिडीह, झारखण्ड— 815301
6. ई—निविदा प्रकोश्ठ का दूरभाश सं0—06532—225381

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

ह0/—
कार्यपालक अभियंता,
ग्रामीण कार्य विभाग, कार्य प्रमण्डल, गिरिडीह।

PR.NO.334418 REO(24-25):D

## ସଂକ୍ଷେପରେ

### ୫ରୁ ଜାତୀୟ ଜୁନିୟର ଟେନିସ ବଲ କ୍ରିକେଟ ଚାମ୍ପିୟନଶିପ ପାଇଁ ଖେଳାଳି ଚୟନ

ଖୋର୍ଦ୍ଧା,୨।୯(ପ୍ରଭାତ ପାଣିଗ୍ରାହୀ): ହରିୟାଣାର ସୋନିପତ୍‌ଠାରେ ହେବାକୁ ଥିବା ୩୨ତମ ଜାତୀୟ ଜୁନିୟର ଟେନିସ ବଲ କ୍ରିକେଟ ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ଜାତୀୟ ଜୁନିଅର ଖେଳାଳି ଚୟନ ପ୍ରକ୍ରିୟା ଆସନ୍ତା ୫ତାରିଖରେ ଓଡ଼ିଶା ଟେନିସ ବଲ କ୍ରିକେଟ ଆସୋସିଏଶନ ଏବଂ ଆସୋସିଏଶନ ଅଫ ଟେନିସ ବଲ କ୍ରିକେଟ ଭୁବନେଶ୍ୱରସ୍ଥିତ ଏଲଏଲସିସି ପଡିଆରେ ସକାଳ ୭ଟାରୁ ଚୟନ ପ୍ରକ୍ରିୟା ଆରମ୍ଭ ହେବ। ତେଣୁ ୨୦୦୫ ଅକ୍ଟୋବର ୧୫ ପରେ ଜନ୍ମ ହୋଇଥିବା ଇଚ୍ଛୁକ ଖେଳାଳିମାନେ ଆଧାରକାର୍ଡ ଏବଂ ପାସପୋର୍ଟ ଫଟୋ ଦୁଇଟି ଆଣି ଆଇଆରସି ଭିଲେଜର ଏଲଏଲସିସି ପଡ଼ିଆରେ ହେବାକୁ ଥିବା ଚୟନ ପ୍ରକ୍ରିୟାରେ ଯୋଗଦେବେ।

### କୋଠଘର ପକ୍ଷରୁ ଚାରାରୋପଣ, କବିତା ଆସର

ଭୁବନେଶ୍ୱର, ୨।୯ (ବନ୍ଦନା ସେଠୀ): କୋଠଘର ଆମ ସାହିତ୍ୟ ପରିବାର ପକ୍ଷରୁ ଖଣ୍ଡଗିରିସ୍ଥିତ ବୀଣାପାଣି ଶିଶୁ ବିଦ୍ୟା ମନ୍ଦିର ଆଲୋଂଶା କ୍ଲସସେ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅମ୍ବିକା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବିତା ପାଠୋତ୍ସବ ଏବଂ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାହିତିକା ଡ. ସୁଷମା ମିଶ୍ର, ସମ୍ମାନିତ ଅତିଥି ଭାବେ ଭରତ ଚନ୍ଦ୍ର ଜେନା, ଅନୁଷ୍ଠାନ ସଭାପତି ପ୍ରଦୀପ୍ତ ସାହୁ ଯୋଗଦେଇ ବୃକ୍ଷର ସୁରକ୍ଷା ଏବଂ ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ।

# 'ଜାତକରେ ପଞ୍ଚମ ଭାବର ବିଚାର ଗୁରୁତ୍ୱପୂର୍ଣ୍ଣ'

ପୁରୀ,୨।୯(ଅଜିତ୍ କୁମାର ମହାନ୍ତି)

ଧ୍ରୁବଜ୍ୟୋତି ଗବେଷଣା ପ୍ରତିଷ୍ଠାନ ଆନୁକୂଲ୍ୟରେ ସୋମବାର ୟୁଥ୍ ହଷ୍ଟେଲ ପରିସରରେ 'ଜାତକରେ ପଞ୍ଚମ ଭାବର ବିଚାର' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରତିଷ୍ଠାନର ସଭାନେତ୍ରୀ ପ୍ରତିଭା ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ଡ. ବନମାଳୀ ବିଶ୍ୱାଳ ଯୋଗ ଦେଇ କହିଥିଲେ, ଜ୍ୟୋତିଷ ଶାସ୍ତ୍ରର ତିନିଭାଗ ହେଉଛି ସିଦ୍ଧାନ୍ତ, ସଂହିତା ଓ ହୋରା। ହୋରା ଶାସ୍ତ୍ର ଅନୁଯାୟୀ ସନ୍ତାନ ଭୂମିଷ୍ଠ ହେବାର ସମୟକୁ ଲଗ୍ନ କୁହାଯାଏ। ଜାତକର ଏହା ପ୍ରଥମ ଭାଗ, ଯାହା ତନୁ ଅଟେ। ଯଥାକ୍ରମେ ତନୁ, ଧନ, ଭ୍ରାତୃ, ବନ୍ଧୁ, ସୂତ, ରିପୁ, ଜାୟା, ମୃତ୍ୟୁ, ଧର୍ମ, କର୍ମ, ଆୟ, ବ୍ୟୟ ପରି ୧୨ ଭାଗରେ ବିଭକ୍ତ। ଜାତକର ଗ୍ରହ ଭାଗରୁ ପଞ୍ଚମ ଭାଗର ଗ୍ରହ ରବି ନବଗ୍ରହର ଅଧିପତି। ତାହା ବିଭିନ୍ନ ଗ୍ରହ ସ୍ଥିତି ନିର୍ଣ୍ଣୟ କରିଥାଏ ବୋଲି ସେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏକଲବ୍ୟ ପରିସର ଅଗରତାଲାର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଯୋଗଦେଇ କହିଥିଲେ, ବେଦର ଷଡ଼ାଙ୍ଗଙ୍କ ମଧ୍ୟରେ ଜ୍ୟୋତିଷ ହେଉଛି ବେଦ ପୁରୁଷଙ୍କର ଚକ୍ଷୁ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଦ୍ୱାଦଶ ରାଶିଚକ୍ର ମେଷଠାରୁ ମୀନ ରାଶି ପର୍ଯ୍ୟନ୍ତ ୨୭ ତାରାଙ୍କ ମୌଳିକ ସ୍ଥିତି ଅନୁସାରେ ନିରୂପଣ ହୋଇଛି। ଏହି ରାଶିଚକ୍ରକୁ ଭ-ଚକ୍ର କୁହାଯାଏ। ବୃହସ୍ପତି ହେଉଛନ୍ତି ଭ-ଚକ୍ରର ଅଧିପତି। ଜାତକର ପଞ୍ଚମ ଭାବରୁ ସନ୍ତାନର ବିଦ୍ୟା, ଚିନ୍ତନ, କର୍ମ ଓ ଭାଗ୍ୟଫଳ ନିରୂପଣ କରାଯାଏ। ତେଣୁ ଜାତକରେ ପଞ୍ଚମ ଭାବର ବିଚାର ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ପ୍ରାଧ୍ୟାପକ ତଥା ଜ୍ୟୋତିର୍ବିଦ ଚନ୍ଦ୍ରଶେଖର ଦାଶ, ଐତିହାସିକ ମଦନମୋହନ ମହାପାତ୍ର, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ସାମ୍ବାଦିକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଆଲୋଚନାଚକ୍ରର ଦ୍ୱିତୀୟ ଅଧିବେଶନରେ ଜ୍ୟୋତିର୍ବିଦ ମୀନକେତନ ପଟ୍ଟଯୋଶୀ, ଜ୍ୟୋତିର୍ବିଦ ହରିଶଙ୍କର ମିଶ୍ର, ଜ୍ୟୋତିର୍ବିଦ ଡ. ନିତ୍ୟାନନ୍ଦ ଖମାରୀ, ଜ୍ୟୋତିର୍ବିଦ ଅଧ୍ୟାପକ ଜ୍ୟୋତି ପ୍ରକାଶ ଦାଶ, ପଣ୍ଡିତ ଦୟାନିଧି ତ୍ରିପାଠୀ, ପ୍ରତିଷ୍ଠାନର ସମ୍ପାଦିକା ଜ୍ୟୋତିଷାଚାର୍ଯ୍ୟା ଡ. ସସ୍ମିତା ମିଶ୍ର ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜ୍ୟୋତିର୍ବିଦ ଦୟାନିଧି ପଣ୍ଡା, ପଣ୍ଡିତ ସଦାଶିବ ମିଶ୍ର, ଜ୍ୟୋତିର୍ବିଦ ଦୀନବନ୍ଧୁ ତ୍ରିପାଠୀ, ସଂସ୍କୃତି ଦେବାଂଶୀ, ମନୋରଞ୍ଜନ ଦାସ, ତୃପ୍ତି ପଣ୍ଡା, ନବକିଶୋର ମହାପାତ୍ର, ବିଜୟଲକ୍ଷ୍ମୀ ମିଶ୍ର, ସରୋଜ ନାୟକ ଏବଂ ଅନନ୍ତ ନାୟକ ପ୍ରମୁଖ ଆଲୋଚନାଚକ୍ରରେ ମତ ରଖିଥିଲେ। ପ୍ରତିଭା ଦାସ, ମିନତୀ ମିଶ୍ର, ଅମୃତା ପ୍ରିୟଦର୍ଶିନୀ ମିଶ୍ର, ଶ୍ୟାମ ପ୍ରକାଶ ସେନାପତି ଏବଂ ଦେବୀଦତ୍ତ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ।

# ଆନନ୍ଦବଜାର ପରିଦର୍ଶନ କଲେ ଜିଲାପାଳ

ପୁରୀ,୨।୯(ଅଜିତ କୁମାର ମହାନ୍ତି)

### ନବନିଯୁକ୍ତ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ କାର୍ଯ୍ୟର ସମୀକ୍ଷା

ଶ୍ରୀମନ୍ଦିର ଆନନ୍ଦ ବଜାରରେ ଭକ୍ତଙ୍କୁ ସୁବିଧା ସହ ବିଭିନ୍ନ କ୍ଷେତ୍ରରେ ସଂସ୍କାର ଆଣିବା ନିମନ୍ତେ ଦାବି ହେବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ରବିବାରଠାରୁ ୨୦ଜଣ ସେନା ନିବୃତ୍ତ କର୍ମଚାରୀ ତଥା ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ପ୍ରଶାସନ ପକ୍ଷରୁ ନିଯୁକ୍ତି ଦିଆଯାଇଛି। ଦୁଇଟି ଶିଫ୍ଟରେ ୨୦ ଜଣ ସେନା ନିବୃତ୍ତ କର୍ମଚାରୀ ନିୟୋଜିତ ହୋଇଛନ୍ତି। ମହାପ୍ରସାଦ କ୍ରୟରେ ସ୍ୱଚ୍ଛତା, ଭକ୍ତଙ୍କୁ ଶୋଷଣରୁ ମୁକ୍ତି, ଅଣସୂପକାରଙ୍କ ପ୍ରାଦୁର୍ଭାବ ଉପରେ ରୋକ୍ ଲଗାଇବାକୁ ଲକ୍ଷ୍ୟ ରଖାଯାଇଛି। ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ, କର୍ମଚାରୀମାନେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୋମବାର ଆନନ୍ଦବଜାର ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ନିଯୁକ୍ତି ପାଇଥିବା ଅବସରପ୍ରାପ୍ତ ସେନା କର୍ମଚାରୀମାନଙ୍କ କାର୍ଯ୍ୟର ସେ ସମୀକ୍ଷା କରିଥିଲେ। ସେହିପରି ଆଗାମୀ ଭବିଷ୍ୟତରେ ଯେପରି ଆନନ୍ଦବଜାରରେ ଆହୁରି ସଂସ୍କାର ଅଣାଯାଇପାରିବ ସେ ନେଇ ସମୀକ୍ଷା କରିଥିଲେ। ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ଯେପରି ସୁବିଧାରେ ଓ ସୁଲଭ ମୂଲ୍ୟରେ ମହାପ୍ରସାଦ ପାଇପାରିବେ ସେଥିଲାଗି ପଦକ୍ଷେପ ନେବାକୁ ସେ ନବନିଯୁକ୍ତ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଆନନ୍ଦବଜାରରେ ଅଣସୂପକାରଙ୍କ ପ୍ରାଦୁର୍ଭାବ କମାଇବା, ବ୍ୟବସ୍ଥିତ ଭାବେ ମହାପ୍ରସାଦ ବିକ୍ରି ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଜିଲାପାଳ ସମୀକ୍ଷା କରିଛନ୍ତି। ଏନେଇ ଜିଲାପାଳ ସ୍ୱାଇଁ କହିଛନ୍ତି, ଆନନ୍ଦବଜାରରେ କାର୍ଯ୍ୟ ତର୍ଜମା କରାଯାଇଛି। ବହୁତ ଶୃଙ୍ଖଳା ରହିଛି। ଏଥିନିମନ୍ତେ ସୁଆର ମହାସୁଆ ନିଯୋଗକୁ ଧନ୍ୟବାଦ ଦେଉଛି। ଆନନ୍ଦ ବଜାର ଶୃଙ୍ଖଳିତ ଭାବେ ପରିଚାଳନା କରୁଛନ୍ତି। ଆନନ୍ଦବଜାର ଶୃଙ୍ଖଳା ନେଇ ଭକ୍ତଙ୍କ ମତାମତ ନିଆଯାଇଥିଲା। ତେବେ ଭକ୍ତମାନେ ଆନନ୍ଦବଜାର ଶୃଙ୍ଖଳାକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି। ଆନନ୍ଦବଜାରରେ ଶୃଙ୍ଖଳାକୁ ଯେପରି ଅଧିକ ତ୍ୱରାନ୍ୱିତ କରାଯାଇପାରିବ ସେ ଦିଗରେ ଧ୍ୟାନ ଦିଆଯିବ। ଭକ୍ତମାନେ ଯେପରି ଠିକ୍ ସମୟରେ ଓ ସୁବିଧାରେ ମହାପ୍ରସାଦ ପାଇପାରିବେ ସେ ଦିଗରେ ପ୍ରୟାସ ରହିଛି ବୋଲି ଜିଲାପାଳ ସ୍ୱାଇଁ କହିଛନ୍ତି।



ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ବେଗୁନିଆ ବ୍ଲକ ପୋଡ଼ାଡିହ ଗ୍ରାମସ୍ଥିତ ଭାରତୀୟ ବିଦ୍ୟା ନିକେତନ ଛାତ୍ରୀଛାତ୍ର ଶପଥ ନେଉଛନ୍ତି।

## ସ୍ୱଚ୍ଛତା ପକ୍ଷ ପାଳିତ

ବେଗୁନିଆ,୨।୯(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ ପୋଡ଼ାଡିହ ଗ୍ରାମସ୍ଥିତ ଭାରତୀୟ ବିଦ୍ୟା ନିକେତନ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ବିଦ୍ୟା ନିକେତନର ପ୍ରତିଷ୍ଠାତା ସମ୍ପାଦକ ଶୁଭକାନ୍ତ ମହାପାତ୍ର, କୋଷାଧ୍ୟକ୍ଷ ସୁରେନ୍ଦ୍ର ନାଥ ମହାନ୍ତିଙ୍କ ସମେତ ଗୁରୁମା ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ବିଦ୍ୟାଳୟ ପରିସର ସମେତ ଗ୍ରାମର ବିଭିନ୍ନ ସ୍ଥାନରେ ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ଓ ସରସ ସୁନ୍ଦର କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ତତ୍‌ସହିତ ପରିବେଶ ସ୍ୱଚ୍ଛ ଏବଂ ନିର୍ମଳ ରହିଲେ ନୀରୋଗ ଜୀବନଯାପନ କରିବାର ବାର୍ତ୍ତା ନେଇ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ।

## ଅସହ୍ୟ ଯନ୍ତ୍ରଣାରୁ ମୁକ୍ତି ପାଇଲେ ସାରଥ

ବେଗୁନିଆ/ବୋଲଗଡ଼,୨।୯(ସନ୍ଧ୍ୟାରାଣୀ ମିଶ୍ର/ଦେବବ୍ରତ ହୋତା)

ବେଗୁନିଆସ୍ଥିତ ଶ୍ରୀକେୟାର ହସ୍ପିଟାଲରେ ବିରଳ ପାରାଆମ୍ବିକାଲ ହାରନିଆ ବିଜୁ ସ୍ୱାସ୍ଥ୍ୟ କାର୍ଡରେ ସମ୍ପୂର୍ଣ୍ଣ ମାଗଣାରେ ଅପରେଶନ ହୋଇ ଅସହ୍ୟ ଯନ୍ତ୍ରଣାରୁ ମୁକ୍ତି ପାଇଛନ୍ତି ସାରଥ ବେହେରା (୪୯) । ସୂଚନା ଅନୁଯାୟୀ ବୋଲଗଡ଼ ବ୍ଲକ ମର୍ଦାବାଡ଼ି ଗ୍ରାମର ସାରଥ ଦୀର୍ଘ ୫ ବର୍ଷ ଧରି ପାରାଆମ୍ବିକାଲ ହାରନିଆ ରୋଗରେ ଆକ୍ରାନ୍ତ ହୋଇ କଷ୍ଟ ପାଉଥିଲେ। ସାରଥ ଅପରେଶନ ହୋଇ ଏବେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ବିଜୁ ସ୍ୱାସ୍ଥ୍ୟ କାର୍ଡ ଗରିବମାନଙ୍କ ପାଇଁ ବରଦାନ ଭଳି କାର୍ଯ୍ୟ କରିଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବର୍ତ୍ତମାନର ରାଜ୍ୟ ସରକାରଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଆଲାମଚଣ୍ଡୀ ମନ୍ଦିରରୁ ଆସିଲା ସପ୍ତପୁରୀ ତାଡ଼



ପୁରୀ,୨।୯(ଅଜିତ୍ କୁମାର ମହାନ୍ତି)

ଭାଦ୍ରବ ମାସ ଅମାବାସ୍ୟାକୁ ସପ୍ତପୁରୀ ଅମାବାସ୍ୟା ଭାବେ ବିବେଚନା କରାଯାଇଥାଏ। ସପ୍ତପୁରୀ ଅମାବାସ୍ୟାରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ମାଟି ନିର୍ମିତ ତାଡ଼ରେ ସାତପୁର ଦିଆ ପିଠା ଭୋଗ ହୋଇଥାଏ। ତେବେ ଚଳିତବର୍ଷ ଅମାବାସ୍ୟା ତିଥି ଦୁଇଦିନ ପଡୁଥିବାରୁ ଅମାବାସ୍ୟା (ମଳ) ତିଥିରେ ଶ୍ରୀବିଗ୍ରହଙ୍କ ନିକଟରେ ପିଠାଭୋଗ କରାଯିବ। ମଙ୍ଗଳବାର ସପ୍ତପୁରୀ ଅମାବାସ୍ୟା (ମଳ) ପଡୁଛି। ତେଣୁ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ସୋମବାର ଆଲାମଚଣ୍ଡୀ ମନ୍ଦିରରୁ ଶ୍ରୀମନ୍ଦିରକୁ ସପ୍ତପୁରୀ ତାଡ଼ ବିଜେ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦ୍ୱିପହର ଧୂପ ସମ୍ପନ୍ନ ହେବା ପରେ ଘଣ୍ଟ ଓଲାର, କାହାଳୀ ଅଠରନଳାସ୍ଥିତ ଆଲାମଚଣ୍ଡୀ ମନ୍ଦିରକୁ ଯାଇଥିଲା। ମା'ଙ୍କ ନିକଟରେ ବିଶେଷ ନୀତି ସମ୍ପନ୍ନ ହେବା ପରେ କୁମ୍ଭାର ବିଶୋଇ ସେବକମାନେ ବାଘମୁହାଁ ବାନ୍ଧି ଆଲାମଚଣ୍ଡୀ ଠାକୁରାଣୀଙ୍କ ପୀଠରୁ ୪ଟି ସାତପୁରୀ ତାଡ଼ ଶ୍ରୀମନ୍ଦିରକୁ ବିଜେ କରିଥିଲେ। କୁମ୍ଭକାର ବିଶୋଇମାନେ ମୁଣ୍ଡରେ ତାଡ଼ଗୁଡ଼ିକୁ ମୁଣ୍ଡାଇ ଚାଲି ଚାଲି ଘଣ୍ଟ, ଓଲାର, କାହାଳୀ ସହ ଶ୍ରୀମନ୍ଦିରକୁ ଆସିଥିଲେ। ପରେ ଶ୍ରୀମନ୍ଦିର ଭିତରବେଢ଼ାରେ ତାଡ଼ଗୁଡ଼ିକୁ ଗୋଟିଏ ଥର ବୁଲାଇ ଏହାକୁ ରୋଷ ବେହରଣଠାରେ ରଖାଯାଇଥିଲା। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟାଧୂପ ବଢ଼ିବା ପରେ ପୂଜାପଣ୍ଡା ସାମନ୍ତ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଦକ୍ଷିଣକାଳୀଙ୍କ ପୀଠକୁ ଯାଇ ଠାକୁରାଣୀଙ୍କୁ ଅର୍ପଣ କରିଥିଲେ। ପରେ ଦକ୍ଷିଣକାଳୀଙ୍କ ସେବକମାନେ ଆଜ୍ଞାମାଳ ଆଣି ଶ୍ରୀମନ୍ଦିରକୁ ଆସି ରୋଷଦ୍ୱାର ପାଖରେ ରୋଷ ପାଇକଙ୍କୁ ପ୍ରଦାନ କରିଥିଲେ। ରୋଷ ପାଇକ ଉକ୍ତ ଆଜ୍ଞାମାଳକୁ ନେଇ ରୋଷଘରେ ବିଜେ କରାଇଥିଲେ। ଏହାପରେ ଶ୍ରୀମନ୍ଦିରରେ ଠାକୁରଙ୍କ ଅନ୍ୟାନ୍ୟ ନୀତି ବଢ଼ିଥିଲା। ମଙ୍ଗଳବାର ସାତପୁରୀ ରୋଷରେ ସାତପୁରୀ ପିଠା ପ୍ରସ୍ତୁତ ହେବ। ସକାଳ ଧୂପରେ ମହାପ୍ରଭୁଙ୍କୁ ସାତପୁରୀ ପିଠା ଲାଗି କରାଯିବ।

# ପଦ୍ମଶ୍ରୀ ରଜତ କର ଥିଲେ ଓଡ଼ିଆ ଅସ୍ମିତାର ଅନନ୍ୟ ବାର୍ତ୍ତାବହ




ଭୁବନେଶ୍ୱର, ୨।୯ (ବନ୍ଦନା ସେଠୀ)

ପଦ୍ମଶ୍ରୀ ରଜତ କୁମାର କର ଏକାଧାରରେ ଜଣେ ପ୍ରବୀଣ ବକ୍ତା, ସାହିତ୍ୟିକ, ଲେଖକ, ଇତିହାସ ଗବେଷକ, ନାଟ୍ୟକାର, କବି ଓ ଅଭିନେତା ଥିଲେ। ଏଥିସହ ସେ ଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ୧୯୫୯ ରୁ ୬୨ବର୍ଷ ଧରି ଧାରାବିବରଣୀ ଦେଇ ନିଜକୁ ମହାପ୍ରଭୁଙ୍କ ଏକ ଅନନ୍ୟ ସେବକ ଭାବେ ସ୍ଥାପିତ କରି ପାରିଥିଲେ। ଗଣମାଧ୍ୟମ ଜରିଆରେ ସମାଜରେ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଚେତନା ଜାଗରଣରେ ତାଙ୍କର ଅବଦାନ କାଳଜୟୀ। ବେତାର ଯୁଗରୁ ଆରମ୍ଭ କରି ସାମାଜିକ ଗଣମାଧ୍ୟମ ଯୁଗ ପର୍ଯ୍ୟନ୍ତ ସେ ଓଡ଼ିଆ ଅସ୍ମିତାର ଅନନ୍ୟ ବାର୍ତ୍ତାବହ ଥିଲେ ବୋଲି ପୂର୍ବତନ ସଂସ୍କୃତି ସଚିବ ମନୋରଞ୍ଜନ ପାଣିଗ୍ରାହୀ କହିଛନ୍ତି। ସୋମବାର ୟୁନିଟ-୩ ସ୍ଥିତ ବୁଦ୍ଧ ମନ୍ଦିର ସଭାକକ୍ଷରେ ପଦ୍ମଶ୍ରୀ ରଜତ କୁମାର କର ସ୍ମୃତି ସଂସଦ ଦ୍ୱାରା ରଜତଙ୍କ ୯୧ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ଭାରତୀ ସଭାପତି ଡା. ଶୈଳେଶ୍ୱର ନନ୍ଦ ଏଥିରେ ପୌରାହିତ୍ୟ କରି ରଜତଙ୍କ ସହ ତାଙ୍କର ୭୦ବର୍ଷର ସାହିତ୍ୟ ଯାତ୍ରା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଯୋଗଦେଇ ସ୍ୱର୍ଗତ କରଙ୍କୁ ଯୋଗଜନ୍ମା ବୋଲି କହିଥିଲେ। ପାଲା ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ସହ ପାଲା କଳାକାରଙ୍କ ସଂରକ୍ଷଣ କରିବାରେ ତାଙ୍କର ଭୂମିକା ସର୍ବଦା ଅବିସ୍ମରଣୀୟ ହୋଇ ରହିବ ବୋଲି ମତ ଦେଇଥିଲେ। ଆକାଶବାଣୀ କଟକର ପୂର୍ବତନ ସହନିର୍ଦ୍ଦେଶକ ସୁଜିତ କୁମାର ଦାସ, ସ୍ୱର୍ଗତ କରଙ୍କ ବେତାରରେ ପ୍ରସାରିତ ନାଟକ, ଅନୁଚିନ୍ତା, ବୈଦେହୀଶ ବିଳାସ ଧାରାବାହିକ, ରଥ ସମୟର ଆଲୋଚନା ଆଦିକୁ ସ୍ମରଣ କରି ତାଙ୍କ ଅନୁପସ୍ଥିତରେ ଜାତି ଜଣେ ଚିନ୍ତାନାୟକଙ୍କୁ ହରେଇଛି ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ଓଟିଭିର ରଞ୍ଜନ କୁମାର ଶତପଥି, ନ୍ୟୁଜ ୭ର ସାମ୍ପ୍ରତିକ କାର୍ଯ୍ୟ ମୁଖ୍ୟ ବିଜୟ କୁମାର ମହାନ୍ତି, ସ୍ମୃତି ସଂସଦର ଡା. ଅଂଶୁମାନ କର ପ୍ରମୁଖ ଯୋଗଦେଇ ସ୍ୱର୍ଗତ କରଙ୍କୁ ସ୍ମରଣ କରିଥିଲେ। ଅଧ୍ୟାପକ ଡ଼.ରାଜୀବ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।


**OFFICE OF THE PANCHAYAT SAMITI, KAPTIPADA, MAYURBHANJ**

(At/P.O. - Kaptipada, Dist. - Mayurbhanj, Odisha, E-Mail : ori-kaptipada@nic.in)

No.i-107

**TCN No. 03/2024-25**

Advt. No. : 3519 Date : 29.08.2024

| | | | |
|---|---|---|---|
| 1 | The Block Development Officer, Kaptipada invites Sealed tender in offline/online mode on percentage rate basis for Construction of Additional Class Room at Kaptipada UGME school for the year 2022-23 as mentioned in the DTCN from eligible Civil Contractors of the State PWD (R&B)/Water Resource/Rural Works/M.I./C.P.W.D. | | |
| 2 | No. of work | : | 01 No. |
| 3 | Cost of Work | : | Rs.9,93,490/- |
| 4 | Cost of Tender Paper | : | Rs.6,000/- per unit |
| 5 | Class of Contractors | : | "D" Contractors |
| 6 | Date & Time of available the Tender document (DTCN & BOQ) | : | In district NIC Website (www.mayurbhanj.odisha.gov.in) from Dt. 04.09.2024 to Dt. 18.09.2024 till 05.00 P.M. |
| 7 | Last date of Receipt of Bids | : | Dt. 18.09.2024 up to 05.00 P.M. |
| 8 | Mode of receipt | : | Through Speed post/Regd. Post only and Tender Box |
| 9 | Date of Tender Opening | : | Dt. 19.09.2024 at 11.00 A.M. |

# For more details, visit our District Administration website (www.mayurbhanj.odisha.gov.in).

# All amendments, time extension, clarification etc. will be uploaded in the website only.

Bidders should regularly visit the above website to keep themselves updated.

OIPR-19370/11/0003/2425 **Sd./- Block Development Officer, Kaptipada**

**PUBLIC NOTICE**

**No. 4045/Date : 02.08.2024**

No.XXXIV-01 : Announcement of Award for acquisition of land for construction of National Highway for Land owners/persons interested therein and payment of Compensation Amount.

Attention of all land owners/interested persons is invited to the Notification dated 23.08.2022 issued under Section 3 A of the NH Act. 1956 for acquisition of land for the building/construction of a National Highway and the Notification dated 17.05.2023 issued under Section 3 D of the NH Act. 1956 and published in the following Newspapers :

| Sl. No. | Notification | Names of Newspapers in which published | Date of Newspaper |
|---|---|---|---|
| 1 | Section 3A | "Dharitri" & "Odia Bhaskar" | 29.09.2022 |
| 2 | Section 3D | "Pragatibadi" & "Nitidina" | 13.08.2023 |

It is informed that the undersigned had announced the Award in respect of the said land of Mouza-Dunguripali under Section 3 G of the NH Act. 1956 vide order dated 04.01.2024 & 26.07.2024 in pursuant to letter No. 1743 dated 28.11.2023 of the MoRTH, Govt. of India, Bhubaneswar.

The land acquiring agency (MoRTH/NHAI/NHIDCL) has placed the requisite amount of compensation of Mouza-Dunguripali at the disposal of the undersigned. Notices have also been issued to the concerned land owners/interested persons as required under Section 3 E of the NH Act. 1956.

Accordingly, all the concerned land owners/interested persons of Dunguripali mouza are hereby informed/notified through this additional Public Notice that the Compensation amount is hereby offered to all the land owners. Further, it may be noted that :

- The compensation amount in respect of all such landowners of Mouza - Dunguripali, who have already submitted their Bank Account details is being credited to their respective Bank Accounts through RTGS.
- The landowners of the said mouza, who have not submitted their Bank Accounts details may do so immediately in the office of the undersigned and the amount shall be credited to their accounts within a fortnight of the receipt of such Bank Accounts details ;
- All other claimants entitled to receive the compensation amount may contact the undersigned for any difficulty on any working day between 11 AM to 5.00 PM within a period of 60 days with effect from the date of issue of this Notification.

It may further be noted that since the amount of Compensation has been determined and tendered to the concerned village landowners/persons interested therein through this additional public notice, any failure to collect the compensation amount would be to their account and the amount shall be deened to have paid on expiry of this period of sixty days from the date of publication of notice.

The concerned village landowners/persons interested therein are further called upon to surrender or deliver the possession of the subject land to the undersigned, failing which the possession of subject land will be taken with police assistance on expiry of the period of 60 days.

**Sd./-**
**Competent Authority for Land Acquisition**
**- cum -**
**Additional Tahasildar, Rampur**
Tahasil Office, Rampur, Dist-Subarnapur

OIPR-24323/14/0002/2425 Date : 02.08.2024

**कार्यपालक अभियंता का कार्यालय ग्रामीण कार्य विभाग, कार्य प्रमण्डल, गोड्डा**

अति अल्पकालीन ई–पुनर्निविदा आमंत्रण सूचना

अति अल्पकालीन ई0–निविदा संख्या:– 14/2024-25/R3/RWD/EE/GODDA दिनांक: 02-09-2024

कार्य का विवरण: मुख्यमंत्री ग्राम सड़क योजना अन्तर्गत

कार्यपालक अभियंता, ग्रामीण कार्य विभाग, कार्य प्रमंडल, गोड्डा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्रम सं0 | आईडेन्टी फिकेशन संख्या/ पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की तिथि/ अवधि | टेन्डर कॉल |
|---|---|---|---|---|---|---|
| | | | अंक में | अक्षर में | | |
| 1 | RWD/EE/GODDA/ 58/2023-24 | पंचायत पिपरा ग्राम मुख्य सड़क से जमुआ होते हुए हटियाटाँड़ तक पथ का निर्माण कार्य (लं0–2.705 कि0मी0), प्रखंड–पथरगामा | 2,57,98,900.00 | दो करोड़ सनतावन लाख अनठानबे हजार नौ सौ रू0 मात्र | 12(बारह) माह | तृतीय |

1. वेबसाईट में निविदा प्रकाशन की तिथि:– 05.09.2024
2. ई–निविदा प्राप्ति की अंतिम तिथि एवं समय:– 18.09.2024 अपराह्न 5.00 बजे तक।
3. निविदा खोलने की तिथि एवं समय:–19.09.2024 अपराह्न 05.00 बजे।
4. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमंडल, गोड्डा।
5. ई–निविदा प्रकोष्ठ का मोबाईल नं0– 9973573276
6. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
7. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
8. निविदा शुल्क एवं अग्रधन की राशि का ई–शुल्क भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जबाबदेही आपकी होगी।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमण्डल, गोड्डा

PR 334474 (Rural Work Department)24-25*D

**झारखण्ड सरकार**
**कार्यपालक अभियंता का कार्यालय,ग्रामीण विकास विशेष प्रमण्डल, रामगढ़**

ई०–अति अल्पकालीन निविदा आमंत्रण सूचना

ई–निविदा सं० :–*RE-01/RDSD/RAMGARH/01/2024-25*

1.कार्य की विस्तृत विवरणी :– MMGSY मद अन्तर्गत।

| क्र | आईडेन्टीफिकेशन संख्या/पैकेज संख्या | प्रखण्ड | ग्राम/ पंचायत | योजना का नाम | प्राक्कलित राषि | अग्रधन की राषि (रू०) | परिमाण विपत्र का मूल्य (रू०) | कार्य पूर्ण करने की अवधि |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | RDSD/RAMGARH/MMGSY /01/2024-25 | रामगढ़ | हेसला | रामगढ़ जिलान्तर्गत रामगढ़ प्रखण्ड के कैरा बिहार से हेसला पथ में दामोदर नदी पर उच्च स्तरीय पुल निर्माण। | 87206300 | 1745000 | 10000 | 24 माह |

2. वेबसाईट में निविदा प्रकाशन की तिथि :– दिनांक 05.09.2024
3. ई–निविदा प्राप्ति की तिथि एवं समय – दिनांक 05.09.2024 से 11.09..2024 को अपराह्न 5:00 बजे तक।
4. ई–निविदा खोलने का स्थान – कार्यपालक अभियंता, ग्रामीण विकास विशेष प्रमण्डल, रामगढ़।
5. ई–निविदा खोलने की तिथि एवं समय– 12.09.2024 अपराह्न 02:00 बजे।
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमण्डल, रामगढ़।
7. ई निविदा प्रकोष्ठ का दूरभाष सं०– 9939700965
8. परिमाण विपत्र की राशि घट–बढ़ सकती है। तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बन्द कर दिया जाता है तो उसकी सारी जवाबदेही संबंधित संवेदक की होगी।

विस्तृत जानकारी के लिए वेबसाईट *Jharkhandtenders.gov.in* एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता,
ग्रामीण विकास विशेष प्रमण्डल,
रामगढ़

PR 334372 (District)24-25*D

**झारखण्ड सरकार**
**ग्रामीण कार्य विभाग, कार्यपालक अभियंता का कार्यालय,**
**तृतीय तल्ला, नया समाहरणालय भवन, पपरवाटांड़, गिरिडीह, झारखण्ड– 815301**

ई–अतिअल्पकालीन निविदा आमंत्रण सूचना

ई–निविदा सं0 :–21/R1/2024-25/RWD/EE/GIRIDIH दिनांक :–31.08.2024

ग्रामीण कार्य विभाग, कार्य प्रमण्डल, गिरिडीह द्वारा निम्नविवरण के अनुसार e-procurment पद्धति से निविदा आमंत्रित की जाती है।

1. कार्य का नाम :–

| क्र0 सं0 | आईडेन्टीफिकेशन संख्या/पैकेज संख्या | कार्य का नाम | प्राक्कलित राशि (रुपया में) | | कार्य समाप्ति की अवधि | टेंडर कॉल संख्या |
|---|---|---|---|---|---|---|
| | | | अंक में | अक्षर में | | |
| 1 | RWD/GIRIDIH/63 /2024-25 | चिरकी पंचायत खेलवाडीह से चलकरी चुड़का मांझी घर तक पथ निर्माण कार्य। (लं0–2.900 कि0मी0) | 3,69,67,200.00 | तीन करोड़ उनहत्तर लाख सरसठ हजार दो सौ रू0 मात्र | 18 माह | द्वितीय |
| 2 | RWD/GIRIDIH/64 /2024-25 | भारती चलकरी कौन्झिया विद्यालय से नावासार होते हुए नया पुल तक पथ निर्माण कार्य। (लं0–2.500 कि0मी0) | 3,32,06,300.00 | तीन करोड़ बत्तीस लाख छः हजार तीन सौ रू0 मात्र | 15 माह | द्वितीय |

2. वेबसाईट में निविदा प्रकाशन की तिथि :–04.09.2024
3. ई–निविदा प्राप्ति की अंतिम तिथि एवं समय :–11.09.2024 अपराह्न 5.00 बजे तक।
4. निविदा खोलने की तिथि एवं समय :–13.09.2024 अपराह्न 3.30 बजे।
5. निविदा आमंत्रित करने वाले पदाधिकारी का पदनाम एवं पता :– कार्यपालक अभियंता, ग्रामीण कार्य विभाग, कार्य प्रमण्डल, गिरिडीह, तृतीय तल्ला, नया समाहरणालय भवन, पपरवाटांड़, गिरिडीह, झारखण्ड– 815301
6. ई–निविदा प्रकोश्ठ का दूरभाश सं0–06532–225381

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

ह0/–
कार्यपालक अभियंता,
ग्रामीण कार्य विभाग, कार्य प्रमण्डल, गिरिडीह।

PR.NO.334418 REO(24-25):D



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୨।୦୯।୨୦୨୪

| | |
|---|---|
| ୯,୬୦,୨୩୬ ଟଙ୍କା | |
| ସୁନା | ୩୫୦ ମିଲିଗ୍ରାମ୍ |
| ରୁପା | ୩୫.୩୦୦ ଗ୍ରାମ୍ |

# ବଲ୍ଲାରପୁର କାଗଜକଳ ଜମି ବିକ୍ରି ମସୁଧା

## ତଥ୍ୟ ପ୍ରଦାନ ପାଇଁ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଚୌଦ୍ୱାର,୨।୯(ଆଶୁତୋଷ ଦାସ)

ଚୌଦ୍ୱାର ଦୌଲତାବାଦଠାରେ ଦୀର୍ଘ ବର୍ଷ ଧରି ବନ୍ଦ ପଡ଼ିଥିବା ବଲ୍ଲାରପୁର କାଗଜ କଳକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ପ୍ରତିଶ୍ରୁତି ଦେଇ କମ୍ପାନୀ କର୍ତ୍ତୃପକ୍ଷ ପୂରଣ କରୁ ନ ଥିବା ଏବଂ ଚଞ୍ଚକତା କରି କାରଖାନାର ୫୮୨ ଏକର ପରିମିତ ଜମିକୁ ବିକ୍ରି କରିବାକୁ ମସୁଧା କରୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ନାଗରିକଙ୍କ ପକ୍ଷରୁ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଛି। ଉକ୍ତ ଜନସ୍ୱାର୍ଥ ମାମଲା ଓ କାଗଜକଳର ସ୍ଥିତି ସମ୍ପର୍କରେ କଟକ ଜିଲାପାଳ ଓଡ଼ିଶା ସରକାରଙ୍କୁ ଦେଇଥିବା ପତ୍ର ଉପରେ ସରକାରୀ କାର୍ଯ୍ୟାନୁଷ୍ଠାନର ସ୍ଥିତିସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗତ ଅଗଷ୍ଟ ୧୨ରେ ଜାରି କରାଯାଇଥିବା ଏହି ନିର୍ଦ୍ଦେଶାବଳୀରେ ସତ୍ୟପାଠ ଦାଖଲ ପାଇଁ ସରକାରଙ୍କୁ ୮ ସପ୍ତାହ ସମୟ ଦିଆଯାଇଛି।

ସୂଚନାଯୋଗ୍ୟ, ୧୯୫୬ ମସିହାରୁ ଟିଟାଗଡ଼ ବର୍ତ୍ତମାନର ଦୌଲତାବାଦଠାରେ ପ୍ରତିଷ୍ଠିତ କାଗଜକଳ ଦୀର୍ଘଦିନ ଚାଲିବା ପରେ ବିଭିନ୍ନ କାରଣରୁ କ୍ଷତିରେ ଚାଲି ଚାଲି ଶେଷରେ ବନ୍ଦ ହୋଇଯାଇଥିଲା। ସ୍ଥାନୀୟ ଅଞ୍ଚଳ ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଜୁବାବୁ ଥାପ୍ପର କମ୍ପାନୀକୁ ଉକ୍ତ କାଗଜକଳର ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏଥିପାଇଁ କମ୍ପାନୀକୁ ୧୦ ବର୍ଷର ସମସ୍ତ ଟିକସ ଛାଡ଼ କରାଯାଇଥିଲା। ଠିକ୍ ୧୦ବର୍ଷ ବିତିବା ପରେ କମ୍ପାନୀ କାରଖାନାକୁ ବନ୍ଦ ଘୋଷଣା କରି କାରଖାନାର ସମସ୍ତ ଯନ୍ତ୍ରପାତି ନେଇ ଯାଇଥିଲା। କାରଖାନାର ଚୌଦ୍ୱାରସ୍ଥିତ ୫୮୨ ଏକର ଜମିକୁ ବିକ୍ରି କରିବାକୁ କର୍ତ୍ତୃପକ୍ଷ ମସୁଧା ଚଳାଇବା ସହିତ କାରଖାନାର ଅନୁଗୋଳସ୍ଥିତ ୭୦ ଏକର ଜମିକୁ ଅନ୍ୟକୁ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ସ୍ଥାନୀୟ ବାସିନ୍ଦା ରମେଶ ଚନ୍ଦ୍ର ନାୟକଙ୍କ ସହିତ ୭ ଜଣ ବ୍ୟକ୍ତି ହାଇକୋର୍ଟରେ ଡବ୍ଲ୍ୟୁପି(ସି) ୧୫୮୮୦ ତା ୨୫। ୪। ୨୦୨୪ରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ୨୦୨୦ ଜୁନ୍ ୬ ତାରିଖରେ କଟକର ତତ୍କାଳୀନ ଜିଲାପାଳ ରାଜ୍ୟ ସରକାରଙ୍କ ପ୍ରମୁଖ ଶିଳ୍ପ ସଚିବଙ୍କୁ କାଗଜ କଳର ଇତିହାସ ଓ ଜମି ସମ୍ପର୍କିତ ସବିଶେଷ ତଥ୍ୟ ଓ ସରକାରୀ ନିୟମାବଳୀ ସମ୍ପର୍କରେ ଚିଠି ନଂ. ୩୭୦୫ ମାଧ୍ୟମରେ ଜଣାଇବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ସହିତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଥିଲେ। ହାଇକୋର୍ଟ ଜିଲାପାଳଙ୍କ ଉକ୍ତ ପତ୍ର ଓ ଜନସ୍ୱାର୍ଥ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ତଥ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

**ଦିଲେଶ୍ୱର ହତ୍ୟା ମାମଲା**

## କୋର୍ଟରେ ହାଜର ହେଲେ ଜୟନାରାୟଣ

ଭୁବନେଶ୍ୱର,୨।୯(ସତ୍ୟଜିତ୍ ରାଉତ)

ବରଗଡ ଜିଲା ସୋହେଲାରେ ଡ୍ରାଇଭର ଦିଲେଶ୍ୱର ସାହୁଙ୍କ ହତ୍ୟା ମାମଲାରେ ଅଭିଯୁକ୍ତ ଥିବା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ସୋମବାର ଭୁବନେଶ୍ୱର ଏଡିଜେ-୩ଙ୍କ କୋର୍ଟରେ ହାଜର ହୋଇଛନ୍ତି। କୋର୍ଟଙ୍କ ପକ୍ଷରୁ ଜାରି ହୋଇଥିବା ଗିରଫ ବିହୀନ ପରୱାନା (ଏନ୍‌ବିଡବ୍ଲ୍ୟୁ) ଆଧାରରେ ଜୟନାରାୟଣ ହାଜର ହୋଇ ନିଜ ପକ୍ଷ ରଖିଛନ୍ତି। କୌଣସି ସରକାରୀ କାମରେ ବ୍ୟସ୍ତତା ଥିବା ଯୋଗୁ ସେ କୋର୍ଟରେ ହାଜର ହୋଇପାରି ନ ଥିଲେ ବୋଲି ପକ୍ଷ ରଖିଥିଲେ। ପରେ ୫୦ ହଜାର ଟଙ୍କା, ଦୁଇଜଣ ଜାମିନଦାର ଏବଂ ଅନ୍ୟାନ୍ୟ ସର୍ତ୍ତ ଆଧାରରେ କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଏହି ମାମଲାରେ ଜୟନାରାୟଣ ମିଶ୍ରଙ୍କ ସମେତ ୧୩ଜଣ ଅଭିଯୁକ୍ତ ରହିଛନ୍ତି। ଶୁଣାଣି ସମୟରେ ଜୟନାରାୟଣ ଏକାଧିକ ଥର କୋର୍ଟରେ ହାଜର ହୋଇ ନ ଥିଲେ। ଗତ ଜୁଲାଇ ୩୦ରେ କୋର୍ଟରେ ହାଜର ପାଇଁ ଜୟନାରାୟଣଙ୍କୁ ନିର୍ଦ୍ଦେଶ ହୋଇଥିଲା। ହେଲେ କୌଣସି କାରଣ ପାଇଁ ସେ ହାଜର ହୋଇ ପାରି ନ ଥିଲେ। ଫଳରେ କୋର୍ଟ ତାଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ ଜାରି କରିଥିଲେ। ୨୦୧୮ ଫେବୃଆରୀ ୨୨ରେ ବିଜେପୁର ଉପନିର୍ବାଚନ ସମୟରେ ବିଜେଡି ନେତା ସୁଶାନ୍ତ ସିଂଙ୍କ ଡ୍ରାଇଭର ଦିଲେଶ୍ୱର ସାହୁଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଏହି ମାମଲାରେ ଜୟନାରାୟଣଙ୍କ ସମେତ ୧୩ ଜଣଙ୍କୁ ଗିରଫ କରାଯାଇଥିଲା। ପ୍ରଥମେ ସୋହେଲା କୋର୍ଟରେ ଏହି ମାମଲାର ଶୁଣାଣି ଚାଲିଥିଲା। ହେଲେ ପରେ ଏମ୍‌ଏଲ୍‌ଏ ଏବଂ ଏମ୍‌ପି ପାଇଁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର କୋର୍ଟକୁ ମାମଲା ସ୍ଥାନାନ୍ତର ହୋଇଥିଲା।



ଭୁବନେଶ୍ୱର ଉତ୍କଳ ରଙ୍ଗମଞ୍ଚରେ ଦେବଦାସୀର ବାର୍ଷିକ ନୃତ୍ୟ ଉତ୍ସବରେ ଅନୁଷ୍ଠାନର ଶିଳ୍ପୀମାନେ ଦୟାନଦୀ ଉପରେ ନୃତ୍ୟନାଟିକା ପରିବେଷଣ କରୁଛନ୍ତି।

## ନୃତ୍ୟନାଟିକାରେ ଦୟାନଦୀର ଗାଥା

ଭୁବନେଶ୍ୱର, ୨।୯ (ବନ୍ଦନା ସେଠୀ)

ଦେବଦାସୀ ଅନୁଷ୍ଠାନର ୧୯ତମ ବାର୍ଷିକ ନୃତ୍ୟ ଉତ୍ସବ ସୋମବାର ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶୀ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁରୁ ଡ. ବିଜୟ କୁମାର ଜେନା 'ଆଜ ମୁଁ ଦେଖିଲି ଘନଶ୍ୟାମଙ୍କୁ ଗୋ' ପରିବେଷଣ କରିଥିଲେ। ଗୁରୁ ଜେନାଙ୍କ ସହ ମର୍ଦ୍ଦଳରେ ଥିଲେ ଗୁରୁ ସଚ୍ଚିଦାନନ୍ଦ ଦାସ, ବଂଶୀରେ ଅଧ୍ୟାପକ ଜବାହାର ମିଶ୍ର, ହାରମୋନିୟମ୍‌ରେ ବାଳକୃଷ୍ଣ ଜେନା ଏବଂ ତାନ୍‌ପୁରାରେ ସୌମ୍ୟକାନ୍ତ ସହଯୋଗ କରିଥିଲେ। ତାଙ୍କପରେ ଦେବଦାସୀ ଅନୁଷ୍ଠାନର ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ନାଟିକା 'ଦୟା' ପରିବେଷଣ କରିଥିଲେ। ଦୟା ନଦୀର ପୌରାଣିକ, ଐତିହାସିକ ଏବଂ ସାମ୍ପ୍ରତିକ ପୃଷ୍ଠଭୂମିକୁ ନେଇ ପରିବେଷିତ ଏହି ନୃତ୍ୟନାଟିକା ଦର୍ଶକଙ୍କ ହୃଦୟକୁ ଛୁଇଁଥିଲା। ଏହାର ସଙ୍ଗୀତ ସଂଯୋଜନା କରିଥିଲେ ସୁକାନ୍ତ କୁଣ୍ଡୁ କରିଥିବାବେଳେ ବାଦ୍ୟ ସଂଯୋଜନା ଗୁରୁ ଧନେଶ୍ୱର ସ୍ୱାଇଁ ଓ ଅଜୟ ଚୌଧୁରୀ, ନୃତ୍ୟ ରଚନା କରିଥିଲେ ରୋଜାଲିନ୍ ମହାପାତ୍ର ଏବଂ ସଂଯୋଜନା କରିଥିଲେ ଶ୍ରୀନିବାସ ଘଟୁଆରୀ। ଅତିଥି ଭାବେ ଗୁରୁ ନିରଞ୍ଜନ ରାଉତ, ଓଡ଼ିଶୀ ଗବେଷଣାକେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଗୁରୁ ସିକତା ଦାସ ଏବଂ ଗୁରୁ ପ୍ରଣତି ମହାନ୍ତି ଯୋଗଦେଇଥିଲେ।

**ହାଇକୋର୍ଟରେ ଏକାମ୍ର ନିର୍ବାଚନୀ ମାମଲା**

## ବଦଳିବ ବିଚାରପତିଙ୍କ ଖଣ୍ଡପୀଠ

### ଶୁଣାଣି ପ୍ରକ୍ରିୟାରୁ ଓହରିଲେ ଜଷ୍ଟିସ୍ ଏସ୍.କେ. ମିଶ୍ର

କଟକ,୨।୯(କାର୍ତ୍ତିକ ସାହୁ)

ଭୁବନେଶ୍ୱର ଏକାମ୍ର ବିଧାନସଭା ନିର୍ବାଚନମଣ୍ଡଳୀରେ ନିର୍ବାଚନୀ ଅନିୟମିତତା ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ପାଇଁ ବିଚାରପତିଙ୍କ ଖଣ୍ଡପୀଠ ପରିବର୍ତ୍ତନ ହେବ। ହାଇକୋର୍ଟର ବିଚାରପତି ଏସ୍. କେ. ମିଶ୍ରଙ୍କ ଇଜିଲାସ ଏହି ମାମଲାର ଶୁଣାଣି ଅନ୍ୟ ଖଣ୍ଡପୀଠରେ ହେବା ଦର୍ଶାଇ ମାମଲାକୁ ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠକୁ ପଠାଇଦେଇଥିବା ଜଣାପଡ଼ିଛି। ଏଥିସହ ବିଚାରପତି ମିଶ୍ର ଏହି ମାମଲାର ଶୁଣାଣି ପ୍ରକ୍ରିୟାରୁ ଓହରି ଯାଇଛନ୍ତି।

ସୂଚନାଯୋଗ୍ୟ, ୨୦୨୪ ସାଧାରଣ ନିର୍ବାଚନରେ ଏକାମ୍ର ନିର୍ବାଚନମଣ୍ଡଳୀର ପରାଜିତ ବିଜୁ ଜନତା ଦଳ ପ୍ରାର୍ଥୀ ଅଶୋକ ପଣ୍ଡା ନିର୍ବାଚନରେ ଅନିୟମିତତା ହୋଇଥିବା ଦର୍ଶାଇ ହାଇକୋର୍ଟରେ ଏକ ନିର୍ବାଚନୀ ମାମଲା ଦାଖଲ କରିଛନ୍ତି। ଏକାମ୍ର ନିର୍ବାଚନ ମଣ୍ଡଳୀରୁ ଜିତିଥିବା ଭାଜପା ବିଧାୟକ ବାବୁ ସିଂ ତାଙ୍କ ନିର୍ବାଚନୀ ସତ୍ୟପାଠରେ ଭୁଲ୍ ତଥ୍ୟ ପ୍ରଦାନ କରିଥିବାରୁ ତାଙ୍କ ନିର୍ବାଚନକୁ ହାଇକୋର୍ଟ ଅସିଦ୍ଧ ଘୋଷଣା କରନ୍ତୁ ବୋଲି ଆବେଦନକାରୀ ପଣ୍ଡା ପ୍ରାର୍ଥନା କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୪ ବିଧାନସଭା ନିର୍ବାଚନରେ ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରୁ ଭାଜପା ପ୍ରାର୍ଥୀ ବାବୁ ସିଂ ୭୪,୮୮୪ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଅଶୋକ ପଣ୍ଡା ୬୯,୮୬୧ ଖଣ୍ଡ ଭୋଟ ପାଇ ହାରିଯାଇଥିଲେ।

## ଏସ୍‌ସିବି ଅଧକ୍ଷ ଦାୟିତ୍ୱ ଗ୍ରହଣ କଲେ ପ୍ରଫେସର ଡା. ଲୁସି ଦାସ



କଟକ,୨।୯(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମ ଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜର ଅଧକ୍ଷ ଭାବେ ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ପ୍ରଫେସର ଡା. ଲୁସି ଦାସ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିସହିତ ପ୍ରଫେସର ଦାସ ଏସ୍‌ସିବି ଅଧୀକ୍ଷକ ଇନ୍‌ଚାର୍ଜ ଭାବେ ଦାୟିତ୍ୱ ତୁଲାଇବେ। ପ୍ରଫେସର ଦାସ ପୂର୍ବରୁ ଅଧୀକ୍ଷକ ଭାବେ ଏଠାରେ କାର୍ଯ୍ୟ କରିଥିଲେ। ସୂଚନାଯୋଗ୍ୟ, ଅଗଷ୍ଟ ୩୧ରେ ଅଧୀକ୍ଷକ ଓ ଜୁଲାଇ ୩୧ରେ ଅଧକ୍ଷ ପଦ ଫାଙ୍କା ହୋଇଥିଲା। ପୂର୍ବତନ ଅଧକ୍ଷ ପ୍ରଫେସର ଡା. ପ୍ରସେନଜିତ ମହାନ୍ତି ଅବସର ଗ୍ରହଣ କରିବା ପରେ ଏକମାସ ପର୍ଯ୍ୟନ୍ତ ଏହି ପଦରେ କାହାକୁ ନିଯୁକ୍ତି ମିଳି ନ ଥିଲା। ତେବେ ଅଧୀକ୍ଷକ ଦାୟିତ୍ୱରେ ଥିବା ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର ଅବସର ଗ୍ରହଣ କରିବା ପରେ ଡା. ଦାସଙ୍କୁ ଅଧକ୍ଷ ନିଯୁକ୍ତ କରାଯିବା ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

## କିମ୍ସରେ ଡେଙ୍ଗୁ ଟିକାର ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷଣ

ଭୁବନେଶ୍ୱର, ୨।୯ (ବନ୍ଦନା ସେଠୀ)

ଭାରତର ପ୍ରଥମ ସ୍ୱଦେଶୀ ଡେଙ୍ଗୁ ଟିକା 'ଡେଙ୍ଗିଆଲ' ପାଇଁ କ୍ଲିନିକାଲ ପରୀକ୍ଷଣର ତୃତୀୟ ପର୍ଯ୍ୟାୟ ସୋମବାର କିମ୍ସରେ ଆରମ୍ଭ ହୋଇଛି। ଭାରତୀୟ ଆୟୁର୍ବିଜ୍ଞାନ ଅନୁସନ୍ଧାନ ପରିଷଦ (ଆଇସିଏମ୍‌ଆର୍) ସହଯୋଗରେ ପାନାସିଆ ବାୟୋଟେକ ଦ୍ୱାରା ବିକଶିତ ସ୍ୱଦେଶୀ ଟେଟ୍ରାଭେଲାଣ୍ଟ ଡେଙ୍ଗୁ ଟିକାର କାର୍ଯ୍ୟକାରିତାକୁ ମୂଲ୍ୟାଙ୍କନ କରିବାକୁ ଏହି ପରୀକ୍ଷଣ ଆରମ୍ଭ କରାଯାଇଛି। ଭାରତର ୧୮ ରାଜ୍ୟର ୧୮ସ୍ଥାନ ଏଥିରେ ଅନ୍ତର୍ଭୁକ୍ତ ହୋଇଥିବାବେଳେ ଓ ଏକମାତ୍ର ହସ୍ପିଟାଲ ଭାବେ କିମ୍ସ ତୃତୀୟ ପର୍ଯ୍ୟାୟ ପରୀକ୍ଷା ପରିଚାଳନା ପାଇଁ ମନୋନୀତ ହୋଇଛି।



ଭାରତରେ ଡେଙ୍ଗୁ ପ୍ରତିରୋଧୀ କୌଣସି ଆଣ୍ଟିଭାଇରାଲ ଚିକିତ୍ସା କିମ୍ବା ଅଧିକୃତ ଟିକା ନାହିଁ। ଡେଙ୍ଗୁ ଜୀବାଣୁଙ୍କ ୪ଟି ସେରୋଟାଇପ ମଧ୍ୟରେ ଭଲ ପ୍ରଭାବର ଆବଶ୍ୟକତା ପାଇଁ ପ୍ରଭାବଶାଳୀ ଟିକା ବିକାଶିତ କରିବା ଜଟିଳ। ଟେଟ୍ରାଭେଲେଣ୍ଟ ଡେଙ୍ଗୁ ଟିକା ଷ୍ଟ୍ରେନ (ଟିଭି୦୦୩/ଟିଭି୦୦୫) ମୂଳତଃ ଆମେରିକାର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ହେଲ୍‌ଥ ଦ୍ୱାରା ବିକାଶିତ ହୋଇଛି। ଷ୍ଟ୍ରେନ୍ ଗ୍ରହଣ କରିବାକୁ ୩ଟି ଭାରତୀୟ କମ୍ପାନୀ ମଧ୍ୟରୁ ପାନାସିଆ ବାୟୋଟେକ ବିକାଶର ଶ୍ରେଷ୍ଠ ପର୍ଯ୍ୟାୟରେ ରହିଛି। ପ୍ରଥମ ପର୍ଯ୍ୟାୟ ଏବଂ ଦ୍ୱିତୀୟ କ୍ଲିନିକାଲ ପରୀକ୍ଷା ୨୦୧୮-୧୯ରେ ଶେଷ ହୋଇ ଆଶାନୁରୂପ ଫଳ ଦେଇଥିଲା। ସୋମବାର କିମ୍ସରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କିମ୍ସର ଅଧକ୍ଷ ଡା. ଏ. ପି. ମହାନ୍ତି, କମ୍ୟୁନିଟି ମେଡିସିନ ବିଭାଗ ମୁଖ୍ୟ ଡା. ସୋନାଲି କର, ମେଡିସିନ୍ ବିଭାଗ ମୁଖ୍ୟ ଡା. ଲଲାଟେନ୍ଦୁ ମହାନ୍ତିଙ୍କ ସମେତ ବହୁ ବିଶେଷଜ୍ଞ ଉପସ୍ଥିତ ଥିଲେ। ଏହି ପରୀକ୍ଷଣ ସଫଳତା ଆଣିବ ବୋଲି କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆଶାବ୍ୟକ୍ତ କରିଛନ୍ତି।

**ସେଲ୍‌ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସ୍ନେହାଂଶୁ



@ ଶୁଭେନ୍ଦୁ



@ ଗଣେଶ



@ ଇତିଶ୍ରୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ଆର୍‌ବିଆଇ ଗଭର୍ନର

**ଦେଶର ଅର୍ଥନୀତି ଉନ୍ନତି ପାଇଁ ପ୍ରାର୍ଥନା କରିଛି: ଶକ୍ତିକାନ୍ତ**

ପୁରୀ,୨।୯(ଅଜିତ କୁମାର ମହାନ୍ତି)



ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ସସ୍ତ୍ରୀକ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ସୋମବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସେ ତାଙ୍କ ସହଧର୍ମିଣୀଙ୍କ ସହ ଆସି ଶ୍ରୀମନ୍ଦିର ନିକଟରେ ପହଞ୍ଚିବା ପରେ ପୁରୀ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଉଭୟଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ପ୍ରଦାନ ସହ ସ୍ୱାଗତ କରାଯାଇ ଶ୍ରୀମନ୍ଦିରକୁ ପାଛୋଟି ନିଆଯାଇଥିଲା। ସିଂହଦ୍ୱାର ଦେଇ ଆର୍‌ବିଆଇ ଗଭର୍ନର ଦାସ ସସ୍ତ୍ରୀକ ଶ୍ରୀମନ୍ଦିରକୁ ଯାଇ ଭିତରକାଠ ନିକଟରେ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ କରିଥିଲେ। ପରେ ଭିତରବେଢ଼ାରେ ଥିବା ମା' ବିମଳା, ମା' ଲକ୍ଷ୍ମୀ, ପ୍ରଭୁ ବଟଗଣେଶଙ୍କ ସମେତ ଅନ୍ୟ ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ଶ୍ରୀମନ୍ଦିର ପରିସରରେ କିଛି ସମୟ ଅତିବାହିତ କରି ବାଇଶିପାହାଚ ଦେଇ ଫେରିଆସିଥିଲେ। ଏହି ଅବସରରେ ଗଣମାଧ୍ୟମକୁ ଦାସ କହିଥିଲେ, ୨୦୨୧ରେ ଶ୍ରୀବିଗ୍ରହଙ୍କ ଦର୍ଶନ କରିବାର ସୌଭାଗ୍ୟ ମିଳିଥିଲା। ସଦାସର୍ବଦା ଚତୁର୍ଦ୍ଧାମୂର୍ତ୍ତି ମୋ' ମନରେ ରହିଥାନ୍ତି। ପ୍ରତ୍ୟହ ସକାଳେ ଓ ସନ୍ଧ୍ୟାରେ ମହାପ୍ରଭୁଙ୍କୁ ସ୍ମରଣ କରିଥାଉ। ତେବେ ତିନିବର୍ଷ ପରେ ଶ୍ରୀମନ୍ଦିର ଆସି ରତ୍ନସିଂହାସନରେ ଶ୍ରୀବିଗ୍ରହଙ୍କ ଦର୍ଶନ କରିବାର ଯେଉଁ ଅନୁଭୂତି ଓ ଶାନ୍ତି ମିଳିଛି, ତାହାକୁ ପ୍ରକାଶ କରିହେବ ନାହିଁ। ଦେଶର ମଙ୍ଗଳ ହେବା ସହ ଅର୍ଥନୀତିକ୍ଷେତ୍ରରେ ଉନ୍ନତି ହେଉ ବୋଲି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛି। ମହାପ୍ରଭୁ ସମସ୍ତଙ୍କୁ ତାଙ୍କ ଆଶୀର୍ବାଦ ପ୍ରଦାନ କରନ୍ତୁ ବୋଲି ଦାସ କହିଛନ୍ତି।

## ମଦ ପାଇଁ ଟଙ୍କା ନ ଦେବାରୁ ମା'ଙ୍କୁ ଆକ୍ରମଣ

ଭୁବନେଶ୍ୱର,୨।୯(ସୂର୍ଯ୍ୟକାନ୍ତ ବେହେରା)

ମଦ ପାଇଁ ଟଙ୍କା ନ ନେବାରୁ ନିଜ ମା'କୁ ଛୁରି ଦେଖାଇ ଡରାଇବା ସହ ମାଡ଼ ମାରିଛନ୍ତି। ଏୟାରପୋର୍ଟ ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କଠାରୁ ମାରଣାସ୍ତ୍ର ଜବତ ହୋଇଛି। ସେହେଲେ ସ୍ଥାନୀୟ ଥାନା ସାଇରାମ ବସ୍ତିରେ ରହୁଥିବା ପୁରୀ ଡେଲାଙ୍ଗ ଅଞ୍ଚଳର ତପନ ନାୟକ। ସୂଚନାନୁସାରେ, ରବିବାର ମଧ୍ୟାହ୍ନରେ ଅଭିଯୁକ୍ତ ଜଣକ ନିଜ ମା'ଙ୍କୁ ମଦ୍ୟପାନ କରିବା ଲାଗି ଟଙ୍କା ମାଗିଥିଲେ। ହେଲେ ଅଭିଯୋଗକାରିଣୀ ଟଙ୍କା ଦେବାକୁ ମନା କରିବାରୁ, ଅଭିଯୁକ୍ତ ଜଣକ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିକରିବା ସହିତ ମାଡ଼ ମାରିଥିଲେ। ଏପରିକି ଜୀବନରୁ ମାରିଦେବା ଲାଗି ଏକ ଛୁରି ଦେଖାଇ ଧମକ ଦେଇଥିଲେ। ନିକଟରେ ଉପସ୍ଥିତ ଥିବା ଝିଅ ମା'ଙ୍କୁ ତପନଙ୍କ ଆକ୍ରମଣରୁ ରକ୍ଷା କରିବା ସମୟରେ ଅଭିଯୁକ୍ତ ଜଣକ ଏକ ଲୁହାଛଡ଼ ସାହାଯ୍ୟରେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ।

## ଅପମିଶ୍ରିତ ସସ୍ ତିଆରି ରୋକିବ ଓଏସ୍‌ଏମ୍‌ଏଫ୍

ଭୁବନେଶ୍ୱର,୨।୯ (ଅନୁରାଧା ମହାରଣା)

ରାଜ୍ୟରେ ନକଲି ଓ ଅପମିଶ୍ରିତ ସସ୍ ତିଆରି କରାଯାଉଛି। ଏହି ବେଆଇନ କାରବାର ପାଇଁ ଲୋକେ ରୋଗରେ ପଡୁଛନ୍ତି। ତେବେ ଏପରି ସସ୍ ତିଆରି କରୁଥିବା ଅସାଧୁ ବ୍ୟବସାୟୀ ତଥା କମ୍ପାନୀଗୁଡ଼ିକ ଉପରେ ଓଡିଶା ସସ୍ ମାନୁଫ୍ୟାକଚରର୍ ଫୋରମ (ଓଏସ୍‌ଏମ୍‌ଏଫ) ନଜର ରଖିବ। ଅପମିଶ୍ରିତ ବା ନକଲି ସସ୍ ତିଆରି ଓ କାରବାର ରୋକିବା ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଫୋରମର ସଭାପତି ରବି ମହାରଣା କହିଛନ୍ତି। ସୋମବାର ଫୋରମ୍ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଲେ, ଏଣିକି ରାଜ୍ୟର ସମସ୍ତ ସସ୍ ଉତ୍ପାଦନ କରୁଥିବା ଅନୁଷ୍ଠାନ ଓଏସ୍‌ଏମ୍‌ଏଫ୍ ସହ ଅନୁବନ୍ଧିତ ହେବା ବାଧ୍ୟତାମୂଳକ ହେବ। ସମ୍ପୃକ୍ତ ସଂସ୍ଥାଗୁଡିକ ସସ୍ ତିଆରି ସମୟରେ ଫୋରମ ପକ୍ଷରୁ ଜାରି କରାଯାଇଥିବା ମାର୍ଗଦର୍ଶିକା (ଏସ୍‌ଓପି)କୁ କଡାକଡି ଭାବେ ପାଳନ କରିବେ। ସ୍ୱଚ୍ଛତା, ଗୁଣବତ୍ତା ଓ ଶୁଦ୍ଧତା ପ୍ରତି ସମ୍ପୂର୍ଣ୍ଣ ଯତ୍ନବାନ ରହିବାକୁ ଫୋରମ୍ ପକ୍ଷରୁ ପରାମର୍ଶ ଦିଆଯାଇଛି। କୌଣସି ସଂସ୍ଥା ଏସ୍‌ଓପି ଉଲ୍ଲଂଘନ କରୁଥିବା କିମ୍ବା ଉତ୍ପାଦିତ ସସ୍ ମଣିଷ ଶରୀର ପ୍ରତି ବିପଦ ସୃଷ୍ଟି କରୁଥିବା ଜଣାପଡିଲେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ସସ ଉତ୍ପାଦନ ଲାଇସେନ୍ସ ରଦ୍ଦ ପାଇଁ ସରକାରଙ୍କ ନିକଟରେ ଫୋରମ ଦାବି କରିବ ବୋଲି ଫୋରମର ସମ୍ପାଦକ ପ୍ରମୋଦ କୁମାର ଦାସ କହିଛନ୍ତି। ଫୋରମ୍ ପକ୍ଷରୁ ଖୁବ୍‌ଶୀଘ୍ର ରାଜ୍ୟ ସରକାରଙ୍କୁ ଓ ଖାଦ୍ୟ ପ୍ରକ୍ରିୟାକରଣ ବିଭାଗର ମୁଖ୍ୟଙ୍କୁ ଭେଟି ସମସ୍ତ ଦସ୍ତାବିଜ ପ୍ରଦାନ କରାଯିବ ବୋଲି ସମ୍ପାଦକ ଦାସ କହିଛନ୍ତି।




ଖବରଦାତା ସମ୍ମିଳନୀରେ ଓଏସ୍‌ଏମ୍‌ଏଫ୍‌ର କର୍ମକର୍ତ୍ତାମାନେ।

# ଆଜିଠୁ ରାଜ୍ୟରେ ଭାଜପାର ସଦସ୍ୟତା ଅଭିଯାନ



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଦଳୀୟ ନେତୃବୃନ୍ଦ।

ଭୁବନେଶ୍ୱର, ୨।୯(ସୁଜିତ୍ ମିଶ୍ର)

■୧୭ରେ ଆସିବେ ପ୍ରଧାନମନ୍ତ୍ରୀ
■ ମୁଖ୍ୟମନ୍ତ୍ରୀଙ୍କ ସମେତ, ମନ୍ତ୍ରିମଣ୍ଡଳ ସଦସ୍ୟ ଗ୍ରହଣ କରିବେ ସଦସ୍ୟତା

ରାଜ୍ୟ ସରକାର ଆରମ୍ଭ କରିଥିବା 'ସୁଭଦ୍ରା' ଯୋଜନାର ପ୍ରଥମ କିସ୍ତି ଟଙ୍କା ଆସନ୍ତା ୧୭ ତାରିଖରେ ହିତାଧିକାରୀଙ୍କ ଆକାଉଣ୍ଟକୁ ଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅର୍ଥ ହିତାଧିକାରୀଙ୍କୁ ପ୍ରଦାନ କରିବେ। ଏନେଇ ଜନତା ମଇଦାନଠାରେ ଏକ କାର୍ଯ୍ୟକ୍ରମର ଆୟୋଜନ ହେବ। ପ୍ରଧାନମନ୍ତ୍ରୀ ଓଡ଼ିଶା ଆସି ଏହି ଅର୍ଥ ପ୍ରଦାନ କରିବେ। ୧୭ ତାରିଖ ସୁଦ୍ଧା ଚୂଡ଼ାନ୍ତ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ସେଦିନ ଅର୍ଥ ପ୍ରଦାନ କରାଯିବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ଦଳର ସଂଗଠନକୁ ସୁଦୃଢ଼ କରିବା ପାଇଁ ପ୍ରତି ୬ ବର୍ଷରେ ଥରେ ପ୍ରାଥମିକ ସଦସ୍ୟତା ଅଭିଯାନ ହୋଇଥାଏ। ସଦସ୍ୟତା ଅଭିଯାନ- ୨୦୨୪ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ସୋମବାର ରାଷ୍ଟ୍ରୀୟ ସ୍ତରରେ ଏହି ଅଭିଯାନର ଶୁଭାରମ୍ଭ ହୋଇଛି ଏବଂ ଦିଲ୍ଲୀ କାର୍ଯ୍ୟାଳୟଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ସଦସ୍ୟତା ଗ୍ରହଣ କରିଛନ୍ତି। ସେହିପରି ମଙ୍ଗଳବାର ରାଜ୍ୟ କାର୍ଯ୍ୟାଳୟଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଭାଜପା ରାଜ୍ୟ ସଭାପତି ଅଭିଯାନର ଶୁଭାରମ୍ଭ କରିବେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ, ଏମ୍ପି, ବିଧାୟକ ଏବଂ ରାଜ୍ୟ ପଦାଧିକାରୀମାନେ ଯୋଗଦେବେ। ଶୁଭାରମ୍ଭ କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ ବର୍ଗର ପ୍ରତିନିଧିଙ୍କୁ ସାମିଲ କରାଯିବ। ଏହାପରେ ଏହି ଅଭିଯାନ ଅଧିକ ବ୍ୟାପକ କରାଯିବ। ଅନ୍‌ଲାଇନ ୮୮୦୦୦୦୨୦୨୪ ନମ୍ବରରେ ମିସ୍‌ଡ କଲ୍, ନମୋ ଆପ୍, କ୍ୟୁଆର୍ କୋଡ୍ ଏବଂ ଅଫ୍‌ଲାଇନ ମାଧ୍ୟମରେ ସଦସ୍ୟତା ଗ୍ରହଣ କରାଯିବ। ଓଡ଼ିଶାରେ ଭାଜପାର ୪୨ ଲକ୍ଷ ସଦସ୍ୟ ଅଛନ୍ତି। ମଙ୍ଗଳବାରଠାରୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ସଦସ୍ୟତା ଗ୍ରହଣ କରାଯିବ। ଏହାପରେ ଅକ୍ଟୋବର ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ସଦସ୍ୟତା ଗ୍ରହଣ କରାଯିବ। ଏହି ଅଭିଯାନରେ ସମାଜର ସବୁବର୍ଗର ଓ ସବୁସ୍ତରର ଲୋକେ ସାମିଲ ହୋଇପାରିବେ। ଏହି ଅଭିଯାନ ପାଇଁ ରାଜ୍ୟଠାରୁ ଆରମ୍ଭ କରି ପ୍ରତ୍ୟେକ ଜିଲା, ମଣ୍ଡଳ ଓ ବୁଥସ୍ତରରେ ଟିମ୍ ଗଠନ କରାଯାଇଛି । ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ଘରକୁ ଘର ଯାଇ ସଦସ୍ୟତା ଅଭିଯାନକୁ ସଫଳ କରିବେ। ସଦସ୍ୟତା ଅଭିଯାନ-୨୦୨୪ ପାଇଁ ରାଜ୍ୟରେ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି । ଗତ ମାସ ୨୦ରେ ରାଜ୍ୟ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହେବା ପରେ ଜିଲା ଓ ମଣ୍ଡଳସ୍ତରରେ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଛି ବୋଲି ସେ କହିଛନ୍ତି।

# 'ସୁଭଦ୍ରା'ରେ ସବୁ ମହିଳାଙ୍କୁ ସାମିଲ ନ କଲେ ଆନ୍ଦୋଳନ: ବିଜେଡି

ଭୁବନେଶ୍ୱର,୨।୯(ଅନିଲ ଦାସ)


ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ନେହାଙ୍ଗିନୀ ଛୁରିଆ ଏବଂ ଅନ୍ୟମାନେ।

ରାଜ୍ୟ ସରକାର ସୁଭଦ୍ରା ଯୋଜନାରେ ରାଜ୍ୟର ସମସ୍ତ ମହିଳାଙ୍କୁ ସାମିଲ ନ କଲେ ବିଜେଡି ଆନ୍ଦୋଳନକୁ ଓହ୍ଲାଇବ। ସୁଭଦ୍ରା ଯୋଜନାର ଏସ୍‌ଓପିକୁ ନେଇ ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଏଭଳି ଚେତାବନୀ ଦେଇଛନ୍ତି। ସୋମବାର ଶଙ୍ଖ ଭବନ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଓଡ଼ିଆ ଅସ୍ମିତାର ସ୍ଲୋଗାନ ଦେଇ ରାଜ୍ୟରେ ସରକାରକୁ ଆସିଥିବା ଭାଜପା ସମ୍ଭବତଃ ଓଡ଼ିଆ ଭାଷା ଠିକ୍ ଭାବରେ ବୁଝିପାରୁ ନାହିଁ। ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ୨ ବର୍ଷରେ ୫୦ ହଜାର ଟଙ୍କାର ଭାଉଚର ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ସୁଭଦ୍ରା ଯୋଜନାର ଏସ୍‌ଓପି ପ୍ରକାଶପାଇବା ପରେ, ରାଜ୍ୟର ପ୍ରତ୍ୟେକ ମହିଳା ନୁହେଁ, ବରଂ କିଛି କିଛି ମହିଳା ଏହି ଯୋଜନାରୁ ଲାଭ ପାଇବେ ବୋଲି ଜଣାପଡ଼ିଛି। ପ୍ରତ୍ୟେକ ମହିଳାର ଅର୍ଥ କ'ଣ କିଛି କିଛି ମହିଳା ବୋଲି ଛୁରିଆ ପ୍ରଶ୍ନ କରିଛନ୍ତି । ଭାଜପା ନେତାମାନେ ଠିକ୍‌ଭାବେ ଓଡ଼ିଆ ଭାଷାକୁ ବୁଝିପାରୁ ନାହାନ୍ତି କିମ୍ବା ନ ବୁଝିପାରିବାର ଅଭିନୟ କରୁଛନ୍ତି। ଏହି ୫୦ ହଜାର ଟଙ୍କା ୨ ବର୍ଷରେ ନୁହେଁ ବରଂ ୫ ବର୍ଷରେ ପ୍ରଦାନ କରାଯିବ ବୋଲି କୁହାଯାଇଛି। ଭାଜପା ପ୍ରତିଶ୍ରୁତିରେ ପ୍ରଭାବିତ ହୋଇ ରାଜ୍ୟର ମହିଳାମାନେ ଅନେକ ଆଶା ବାନ୍ଧିଥିଲେ । କିନ୍ତୁ ଏସ୍‌ଓପି ଆସିବାପରେ ଅଧିକାଂଶ ମହିଳା ଏଥିରୁ ବଞ୍ଚିତ ହେବେ ବୋଲି ଜାଣି ନିରାଶ ହୋଇଛନ୍ତି। ତେଣୁ ସୁଭଦ୍ରା ଯୋଜନା ଏକ ପ୍ରବଞ୍ଚନା ଓ ଜୁମଲାରେ ପରିଣତ ହୋଇଛି ବୋଲି ଛୁରିଆ କହିଛନ୍ତି । ଏସ୍‌ଓପିରେ କୁହାଯାଇଛି, କେବଳ ୨୧ବର୍ଷରୁ ୬୦ ବର୍ଷର ମହିଳା ଏହି ଯୋଜନାରେ ସାମିଲ ହୋଇପାରିବେ। ସ୍ୱାଭାବିକ ଭାବେ ଏଠାରେ ପ୍ରଶ୍ନ ଉଠୁଛି, ୧୮ ବର୍ଷରେ ନାଗରିକର ଅଧିକାର ମିଳୁଥିବା ବେଳେ ୧୮ରୁ ୨୦ବର୍ଷର ମହିଳାମାନଙ୍କୁ କେଉଁ କାରଣରୁ ଏହି ଯୋଜନାରେ ସାମିଲ କରାଯାଇନାହିଁ। ଏହି ବୟସରେ ମହିଳାମାନେ ପ୍ରାୟତଃ କଲେଜରେ ପଢୁଥାନ୍ତି ଓ ସେମାନଙ୍କ ନିଜ ଖର୍ଚ୍ଚ ପାଇଁ ଅର୍ଥ ଆବଶ୍ୟକ ଥାଏ। କଲେଜ ଛାତ୍ରୀଛାତ୍ରଙ୍କ ପାଇଁ ନବୀନ ସରକାରଙ୍କ ଦ୍ୱାରା 'ନୂଆ-ଓ' ଯୋଜନା ମାଧ୍ୟମରେ ପ୍ରଦାନ କରାଯାଉଥିବା ଆର୍ଥିକ ଅନୁଦାନକୁ ଭାଜପା ସରକାର ବନ୍ଦ କରିଦେଇଛନ୍ତି। ଅନ୍ୟପଟରେ, ସୁଭଦ୍ରା ଯୋଜନାରେ ସାମିଲ ନ କରିବା କାରଣରୁ ସେମାନଙ୍କୁ ଉଭୟ ପଟରୁ କ୍ଷତି ସହିବାକୁ ପଡୁଛି। ସେହିପରି, ୬୦ ବର୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସୁଭଦ୍ରା ଯୋଜନାରୁ ବଞ୍ଚିତ କରାଯାଇଛି। ଏହାଦ୍ୱାରା ସେମାନେ ସରକାରଙ୍କ ପ୍ରତାରଣାର ଶିକାର ହୋଇଛନ୍ତି। ଅପରପକ୍ଷରେ ଯେଉଁ ମହିଳାମାନେ ଜାତୀୟ ଖାଦ୍ୟ ସୁରକ୍ଷା କିମ୍ବା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ରହିଛନ୍ତି ଓ ସେମାନଙ୍କ ବାର୍ଷିକ ଆୟ ଅଢ଼େଇ ଲକ୍ଷ ଟଙ୍କାରୁ କମ୍, ସେମାନଙ୍କ ପରିବାରର କେବଳ ଜଣେ ମହିଳା ସୁଭଦ୍ରା ଯୋଜନାରେ ସାମିଲ ହୋଇପାରିବେ ; ଯାହା ପରିବାରର ଅନ୍ୟ ମହିଳାମାନଙ୍କ ପ୍ରତି ପ୍ରତାରଣା ସଦୃଶ। ସେହିପରି ଯେଉଁ ମହିଳାଙ୍କ ବୟସ ୫୭ ରୁ ୫୯ ବର୍ଷ ଭିତରେ ରହିଛି, ସେମାନେ ଏହି ଯୋଜନାରୁ ପୂରାମାତ୍ରାରେ ଲାଭ ପାଇପାରିବେ ନାହିଁ। ସୁଭଦ୍ରା ଯୋଜନା ମାଧ୍ୟମରେ ଗୋଲାପୀ ପ୍ରତିଶ୍ରୁତି ଦେଇ ମହିଳାମାନଙ୍କ ଭୋଟ ହାସଲ କରି ସରକାରକୁ ଆସିବା ପରେ ରାଜ୍ୟର ଅଧିକାଂଶ ମହିଳାଙ୍କୁ ଏଥିରୁ ବଞ୍ଚିତ କରିବାକୁ ଯାଉଥିବା ଏସ୍‌ଓପିରୁ ସ୍ପଷ୍ଟ ହେଉଛି। ମହିଳାମାନେ ହେଲେ, ମା' ଦୁର୍ଗା, ମା' କାଳୀ ଓ ମା' ସରସ୍ୱତୀର ରୂପ। ତେଣୁ ସେମାନେ ଏହାର ଉଚିତ ଜବାବ ଦେବେ। ପ୍ରତିଶ୍ରୁତି ଅନୁଯାୟୀ ରାଜ୍ୟର ପ୍ରତ୍ୟେକ ମହିଳାଙ୍କୁ ଏଥିରେ ସାମିଲ ନ କଲେ ବିଜେଡି ରାସ୍ତାକୁ ଓହ୍ଲାଇବ। ପ୍ରତ୍ୟେକ ଗାଁରୁ ରାଜଧାନୀ ପର୍ଯ୍ୟନ୍ତ ଆନ୍ଦୋଳନ ହେବ ବୋଲି ସ୍ନେହାଙ୍ଗିନୀ କହିଛନ୍ତି । ଏହି ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ନେତ୍ରୀ ଲୋପାମୁଦ୍ରା ବକ୍ସିପାତ୍ର ଓ କସ୍ତୁରୀ ମହାପାତ୍ର ଉପସ୍ଥିତ ଥିଲେ।

# ଭାଜପା ବୈଠକରେ ନିଲମ୍ବିତ ନେତା

■ଅଧାରୁ ଉଠିଗଲେ କର୍ମୀ, ବଢ଼ିଲା ଅସନ୍ତୋଷ
■ପ୍ରଭାରୀ, ଜିଲା ସଭାପତି ଅନୁପସ୍ଥିତ

ଖୋର୍ଦ୍ଧା,୨।୯(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ଭାଜପା ପକ୍ଷରୁ ଅନୁଷ୍ଠିତ ସଦସ୍ୟତା ଅଭିଯାନ ବୈଠକରେ ଏମ୍ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଓ ଦଳୀୟ ନେତାମାନେ।

ଦଳ ବିରୋଧୀ କାର୍ଯ୍ୟ ଏବଂ ଦଳୀୟ ଅନୁଶାସନ ଭଙ୍ଗ କାରଣରୁ ପୂର୍ବତନ ଖୋର୍ଦ୍ଧା ଜିଲା ସଭାପତି ନିକୁଞ୍ଜ ପଟ୍ଟନାୟକ, ଜିଲା ସମ୍ପାଦକ ବିଦ୍ୟୁତ୍ କାଣ୍ଡି, ଖୋର୍ଦ୍ଧା ଜିଲା କୃଷକ ମୋର୍ଚ୍ଚା ସଭାପତି ତାପସ ଜେନା, ଅନୁସୂଚିତ ଜାତି ମୋର୍ଚ୍ଚା ଖୋର୍ଦ୍ଧା ଜିଲା ସଭାପତି ଶିବ ମଲ୍ଲିକ ଏବଂ କାର୍ଯ୍ୟକର୍ତ୍ତା ଧନେଶ୍ୱର ବାରିକଙ୍କୁ ଭାଜପାରୁ ନିଲମ୍ବିତ କରାଯାଇଥିଲା। ତେବେ ଖୋର୍ଦ୍ଧା ଭାଜପା ପକ୍ଷରୁ ଅନୁଷ୍ଠିତ ସଦସ୍ୟତା ଅଭିଯାନ ବୈଠକରେ ଏହି ନିଲମ୍ବିତ ନେତାଙ୍କ ଉପସ୍ଥିତିକୁ ନେଇ ଦଳୀୟ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କାହା ନିର୍ଦ୍ଦେଶରେ ନିଲମ୍ବିତ ନେତାମାନେ ଏଥିରେ ସାମିଲ ହୋଇଥିଲେ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୋମବାର ସ୍ଥାନୀୟ ଟାଉନ ହଲ୍ ପରିସରରେ ଭାଜପା ଖୋର୍ଦ୍ଧା ପକ୍ଷରୁ ସଦସ୍ୟତା ଅଭିଯାନ ବୈଠକ ହୋଇଥିଲା। ଏଥିରେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବିଭିନ୍ନ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ମଞ୍ଚରେ ଏମ୍ପି ଅପରାଜିତା ଷଡ଼ଙ୍ଗୀ ଏବଂ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଉପସ୍ଥିତ ଥିବା ବେଳେ ନିଲମ୍ବିତ ନିକୁଞ୍ଜ ପଟ୍ଟନାୟକ ସଭା ସଂଯୋଜନା କରିଥିଲେ। ସେହିପରି ନିଲମ୍ବିତ ବିଦ୍ୟୁତ୍ କାଣ୍ଡି ମଞ୍ଚରେ ବସିଥିବା ବେଳେ ଅନ୍ୟମାନେ ବୈଠକରେ ଉପସ୍ଥିତ ଥିଲେ। ଏନେଇ ସେଠାରେ ଥିବା ଭାଜପା କର୍ମୀମାନେ ଅସନ୍ତୋଷ ପ୍ରକାଶ କରିବା ସହ କେତେଜଣ କାର୍ଯ୍ୟକ୍ରମ ଅଧାରୁ ଉଠି ପଳାଇ ଯାଇଥିଲେ। ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ରଙ୍କ ସମେତ ଜିଲା ସଦସ୍ୟତା ଅଭିଯାନ ପ୍ରଭାରୀ ଏବଂ ସହ ପ୍ରଭାରୀ ଏହି କାର୍ଯ୍ୟକ୍ରମରେ ଅନୁପସ୍ଥିତିକୁ ନେଇ ଭାଜପାରେ ସାଙ୍ଗଠନିକ କନ୍ଦଳ ରହିଥିବା ଚର୍ଚ୍ଚା ହେଉଛି। ଅନ୍ୟପଟେ ଭାଜପାର ସଦସ୍ୟତା ଅଭିଯାନ ପାଇଁ ଦଳ ପକ୍ଷରୁ ଜିଲାସ୍ତରରେ ଜଣେ ସଦସ୍ୟତା ପ୍ରଭାରୀ ଏବଂ ୩ଜଣ ସହ ପ୍ରଭାରୀ ନିଯୁକ୍ତ କରାଯାଇଛି। ଏଥିରେ ବରିଷ୍ଠ ସଦସ୍ୟ ଲୋତକ ବିନ୍ଦୁ ପଟ୍ଟନାୟକ ଜିଲା ପ୍ରଭାରୀ ରହିଥିବା ବେଳେ ତାଙ୍କୁ ସହଯୋଗ ପାଇଁ ହେମନ୍ତ ବେହେରା, ପ୍ରଶାନ୍ତ ଆଦିତ୍ୟ ଏବଂ ମନୋଜ ନନ୍ଦ ରହିଛନ୍ତି। ତେବେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପ୍ରଭାରୀ ଲୋତକଙ୍କ ସମେତ ହେମନ୍ତ, ପ୍ରଶାନ୍ତ ଅନୁପସ୍ଥିତ ଥିଲେ। ତେବେ ନିଲମ୍ବିତ ସଦସ୍ୟମାନେ ଏମ୍ପିଙ୍କ ନିକଟତର ସହକର୍ମୀ ବୋଲି ଆଲୋଚନା ହେଉଛି। ତେବେ କାହା ନିର୍ଦ୍ଦେଶରେ ନିଲମ୍ବିତ ନେତାମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏନେଇ ଜିଲା ସଦସ୍ୟତା ପ୍ରଭାରୀ ଲୋତକ ବିନ୍ଦୁ ପଟ୍ଟନାୟକ କହିଛନ୍ତି, ଏହି ଅଭିଯାନ ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନାହିଁ। ସଦସ୍ୟତା ଅଭିଯାନ ସମୟରେ ଜିଲା ସଭାପତିଙ୍କୁ ସହଯୋଗ କରିବା ହେଉଛି ତାଙ୍କ ଦାୟିତ୍ୱ। ଏହି ଅଭିଯାନ କିଏ ଆୟୋଜନ କରିଥିଲେ, କାହା ନିର୍ଦ୍ଦେଶରେ ଆୟୋଜନ କରାଯାଇଥିଲା ପ୍ରଶ୍ନରେ କୌଣସି ଉତ୍ତର ରଖିବାକୁ ମନା କରିଥିଲେ। ତେବେ ଏସବୁ ନେଇ ଏମ୍ପି, ବିଧାୟକ ଏବଂ ଜିଲା ସଭାପତିଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଯାଜପୁର ଏମ୍ପି-ବିଧାୟିକା ମୁହାଁମୁହିଁ

ଯାଜପୁର,୨।୯(ହର୍ଷବର୍ଦ୍ଧନ ବେହେରା)

■କଳା ଚଷମା ପିନ୍ଧିଥିଲେ ବିକାଶ ଦିଶିବ ନାହିଁ: ବିଧାୟିକା
■ବିକାଶଠାରୁ ଦୁର୍ନୀତି ବେଶି ହୋଇଛି: ଏମ୍ପି

ଯାଜପୁର ପୌରପାଳିକା ପକ୍ଷରୁ ଶନିବାର ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଅନୁଷ୍ଠିତ ସ୍ୱାୟତ୍ତ ଶାସନ ଦିବସ ପାଳନ କାର୍ଯ୍ୟକ୍ରମରେ ଏମ୍ପି ରବୀନ୍ଦ୍ର ନାରାୟଣ ବେହେରା ଏବଂ ଯାଜପୁର ବିଧାୟିକା ସୁଜାତା ସାହୁଙ୍କ ମଧ୍ୟରେ କଥା କଟାକଟି ଦେଖିବାକୁ ମିଳିଥିଲା। ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ଯାଜପୁର ବିଧାୟିକା ସାହୁ ପ୍ରଥମେ ଯାଜପୁର ପୌରପାଳିକାର ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଜେଡି ସରକାରଙ୍କ ଗୁଣଗାନ କରି ପୂର୍ବତନ ବିଧାୟକ ପ୍ରଣବପ୍ରକାଶ ଦାସଙ୍କ ବିଭିନ୍ନ କୀର୍ତ୍ତି ବିଷୟରେ ଆଲୋଚନା କରିବା ସହ ସରକାରୀ ଦଳ କଳା ଚଷମା ପିନ୍ଧି ବିକାଶକୁ ଦେଖିପାରୁନି ବୋଲି କହିଥିଲେ। ଏପରି କି ପୂର୍ବତନ ବିଧାୟକଙ୍କ ଅମଳରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇଛି। ଯାଜପୁର ସହର ନୂଆ ରୂପରେ ଉଭା ହୋଇପାରିଛି ବୋଲି ସେ କହିଥିଲେ। ଏହାପରେ ମୁଖ୍ୟ ଅତିଥି ଏମ୍ପି ବେହେରା ଭାଷଣ ଦେଇ ବିଧାୟିକା ସାହୁଙ୍କ କଥାର ଜବାବ ଦେଇଥିଲେ। ରାଜ୍ୟ ସରକାର ସମଗ୍ର ଓଡ଼ିଶାର ବିକାଶ ଚାହୁଁଛନ୍ତି। ଯାଜପୁର ପୌରପାଳିକାରେ ଆଗକୁ ମଧ୍ୟ ଅନେକ ବିକାଶମୂଳକ କାର୍ଯ୍ୟ ହେବ। ହେଲେ ଯାଜପୁରରେ ବିଗତ ସରକାର ସମୟରେ ଯେତିକି ବିକାଶମୂଳକ କାର୍ଯ୍ୟ ହୋଇଛି, ତାହାଠୁ ଅଧିକ ଦୁର୍ନୀତି ହୋଇଛି। ସାରା ଓଡ଼ିଶାରେ ଯାଜପୁର ଦୁର୍ନୀତିରେ ସର୍ବାଗ୍ରେ ରହିବ। ଆଗାମୀ ଦିନରେ କଳା ଚଷମାର ଆବଶ୍ୟକତା ନାହିଁ, ସମସ୍ତେ ଧଳା ଚଷମା ପିନ୍ଧି ସବୁ ଦେଖିପାରିବେ ବୋଲି ଏମ୍ପି ବେହେରା କହିଥିଲେ। ଏମ୍ପି ଓ ବିଧାୟିକାଙ୍କର ଏଭଳି କଥା କଟାକଟିକୁ ନେଇ ଉପସ୍ଥିତ ଜନସାଧାରଣଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏହା ଏବେ ଚର୍ଚ୍ଚାର ବିଷୟ ହୋଇଛି। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଉପଜିଲାପାଳ ଅଂଶୁମାନ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# ମୋ ବିରୋଧରେ ଅଭିଯୋଗ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ: ସସ୍ମିତା

ନିମାପଡ଼ା,୨।୯(ରଞ୍ଜନ ପଟ୍ଟନାୟକ)

ଅନାସ୍ଥା ଭୋଟରେ ପରାଜିତ ହେବା ପରେ ରାଜନୈତିକ ଅଭିସନ୍ଧି ରଖି ଉପନଗରପାଳ ସନ୍ତୋଷ ଦାଶଙ୍କ ସମେତ ୭ ଜଣ କାଉନସିଲର ତାଙ୍କ ବିରୋଧରେ ମିଥ୍ୟା ଅପପ୍ରଚାର କରୁଛନ୍ତି ବୋଲି ନିମାପଡ଼ା ଏନ୍‌ଏସି ଅଧ୍ୟକ୍ଷ ସସ୍ମିତା ସାହୁ କହିଛନ୍ତ । ଗତବର୍ଷ ଏନ୍‌ଏସି ସ୍ୱାୟତ୍ତ ଶାସନ ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମରେ ଖର୍ଚ୍ଚ କରାଯାଇଥିବା ୧୦ ଲକ୍ଷ ଟଙ୍କାରେ ବ୍ୟାପକ ଦୁର୍ନୀତି ହୋଇଛି ବୋଲି ଉପନଗରପାଳ କରିଥିବା ଅଭିଯୋଗର ପ୍ରତିକ୍ରିୟାରେ ସାହୁ ସୋମବାର ଖବରଦାତା ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି। ଅଧ୍ୟକ୍ଷା କହିଛନ୍ତି, ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକଠାରୁ ଆରମ୍ଭ କରି ଉତ୍ସବ ପର୍ଯ୍ୟନ୍ତ ସେ ବ୍ୟକ୍ତିଗତ କାରଣରୁ ଅନୁପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟ ଉପନଗରପାଳଙ୍କ ଅଧ୍ୟକ୍ଷତାରେ କରାଯାଇଛି। ପତ୍ର ସଂଖ୍ୟା ୧୯୬୧/୦୫-୦୮-୨୦୨୩ ଅନୁସାରେ ସେମାନେ ବୈଠକ କରି ରେଜୋଲ୍ୟୁଶନ ପାଶ୍ କରି ଉତ୍ସବରେ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଏବେ ଓଲଟା ତାଙ୍କୁ କ'ଣ ପାଇଁ ହିସାବ ମଗାଯାଉଛି ବୋଲି ସାହୁ ପ୍ରଶ୍ନ କରିଛନ୍ତି। ଏହା ଭିତରେ ୩ ଥର କାଉନସିଲ ବୈଠକ ଅନୁଷ୍ଠିତ ହୋଇଥିଲେ ସୁଦ୍ଧା ଏ ସମ୍ବନ୍ଧରେ କେବେ ବି ଆଲୋଚନା ହୋଇନାହିଁ। ଏବେ ଅନାସ୍ଥାରେ ହାରିଯିବା ପରେ ସେମାନେ ତାଙ୍କ ବିରୋଧରେ ମିଥ୍ୟା ଅପପ୍ରଚାର କରି ବଦନାମ କରିବାକୁ ଚକ୍ରାନ୍ତ ଚଳାଇଛନ୍ତି ବୋଲି ସେ କହିଛନ୍ତି। ନିମାପଡ଼ାର ବିକାଶ କରିବା ତଥା ପୌରବାସୀଙ୍କ ସମସ୍ୟା ଦୂର କରିବା ନିମନ୍ତେ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସସ୍ମିତା ଅନୁରୋଧ କରିଛନ୍ତି।

ଅନ୍ୟପକ୍ଷରେ ଉପନଗରପାଳ ସନ୍ତୋଷ ଦାଶ କହିଛନ୍ତି, ସେମାନେ ନଗରପାଳଙ୍କୁ ନୁହେଁ, ନିର୍ବାହୀ ଅଧିକାରୀଙ୍କୁ ହିସାବ ମାଗିଛନ୍ତି। ନିର୍ବାହୀ ଅଧିକାରୀଙ୍କୁ ବାରମ୍ବାର କହିବା ସତ୍ତ୍ୱେ ସେ ଗତବର୍ଷ ସ୍ୱାୟତ୍ତ ଶାସନ ଦିବସରେ ଖର୍ଚ୍ଚ ହୋଇଥିବା ୧୦ ଲକ୍ଷ ଟଙ୍କାର ହିସାବ ଦେଉନାହାନ୍ତି ବୋଲି ସେ କହିଛନ୍ତି। ନିର୍ବାହୀ ଅଧିକାରୀ ଛୁଟିରେ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ପୁରୁଷୋତ୍ତମପୁର ଏନ୍‌ଏସି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଛତ୍ରପୁର/ପୁରୁଷୋତ୍ତମପୁର,୨।୯ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ/ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍‌ଏସି ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ଼ଙ୍କ ବିରୋଧରେ ୯ ଜଣ କାଉନ୍‌ସିଲର ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ସୋମବାର ସେମାନେ ଏନ୍‌ଏସି ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଭେଟି ଅନାସ୍ଥା ପ୍ରସ୍ତାବ ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ସ୍ୱାଧୀନ ପ୍ରାର୍ଥୀ ହୋଇ ଅଧ୍ୟକ୍ଷା ନିର୍ବାଚିତ ହୋଇଥିବା ପ୍ରିୟଙ୍କା ପରବର୍ତ୍ତୀ ସମୟରେ ବିଜେଡିରେ ମିଶିଥିଲେ। ବର୍ତ୍ତମାନ ପୁରୁଷୋତ୍ତମପୁର ଏନ୍‌ଏସି ବିଜେଡି ଦଖଲରେ ରହିଛି। ଅଧ୍ୟକ୍ଷା ଏବଂ ତାଙ୍କ ସ୍ୱାମୀ ମନମୁଖି କାର୍ଯ୍ୟ କରୁଥିବା ଜିଲାପାଳଙ୍କୁ ପ୍ରଦତ୍ତ ଅନାସ୍ଥା ଅଭିଯୋଗପତ୍ରରେ ଦର୍ଶାଯାଇଛି। ୧୪ ୱାର୍ଡ ବିଶିଷ୍ଟ ପୁରୁଷୋତ୍ତମପୁର ଏନ୍‌ଏସିର ୮ ନଂ. ୱାର୍ଡ ଜନଜାତି ବର୍ଗଙ୍କ ଲାଗି ସଂରକ୍ଷିତ ରହିଛି। ଜନଜାତି ବର୍ଗର କେହି ନ ଥିବାରୁ ଉକ୍ତ ୱାର୍ଡରେ ନିର୍ବାଚନ ହୋଇ ନ ପାରି କାଉନ୍‌ସିଲର ପଦବୀ ଖାଲିପଡ଼ିଛି। ତେବେ ୧୩ଟି ୱାର୍ଡରୁ ଉପାଧ୍ୟକ୍ଷଙ୍କ ସମେତ କାଉନସିଲରମାନେ ଅଧ୍ୟକ୍ଷାଙ୍କ ବିରୋଧରେ ଅନସ୍ଥା ଅଭିଯୋଗ ଆଣିଛନ୍ତି।

# ହିଞ୍ଜିଳିରେ ୨୪ ବର୍ଷରେ ୧୦୦ ଜଣଙ୍କୁ ହତ୍ୟା କରାଯାଇଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨।୯(ସୁଜିତ୍ ମିଶ୍ର)

ଗତ ୨୪ ବର୍ଷର ଶାସନ ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ବାଚନମଣ୍ଡଳୀରେ ଅରାଜକତା ଓ ଗୁଣ୍ଡାରାଜ ରାଜ୍ୟରେ ସବୁଠୁ ବେଶି ଥିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ନବୀନ ଯେବେଠାରୁ ହିଞ୍ଜିଳିରୁ ବିଧାୟକ ହେଲେଣି ସେବେଠୁ ୧୦୦ ଜଣଙ୍କୁ ହତ୍ୟା କରାଯାଇଛି। ଏହି ଅବଧି ମଧ୍ୟରେ ମାତ୍ର ୯ଟି ହତ୍ୟା ମାମଲାରେ ଦୋଷୀଙ୍କୁ ଦଣ୍ଡିତ କରାଯାଇଛି। ପ୍ରମାଣ ଅଭାବ ଯୋଗୁ ୨୨ ଜଣଙ୍କ ହତ୍ୟାକାରୀଙ୍କୁ ଦଣ୍ଡିତ କରାଯାଇ ପାରିନାହିଁ। ଗତ ୨୪ ବର୍ଷ ଶାସନ କାଳରେ ଗଞ୍ଜାମ ସର୍ବାଧିକ ଅଶାନ୍ତ ଓ ଆପରାଧିକ ସ୍ଥାନ ଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ବିଧାନସଭାରେ ପଚରାଯାଇଥିବା ଦୁଇଟି ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ୨୪ ବର୍ଷରେ ହିଞ୍ଜିଳି ନିର୍ବାଚନମଣ୍ଡଳୀରେ ୧୦୦ଟି ହତ୍ୟା ଘଟଣା ହୋଇଛି। ଏହି ଘଟଣାରେ ମୋଟ ୩୨୮ଜଣ ହତ୍ୟାକାରୀଙ୍କୁ ଧରି କୋର୍ଟ ହାଜତକୁ ପଠାଯାଇଛି। ତେବେ ଏହି ୧୦୦ଟି ମାମଲା ମଧ୍ୟରୁ ୯ଟି ମାମଲାରେ ଦୋଷୀଙ୍କୁ ଦଣ୍ଡିତ କରାଯାଇଛି। ୨୨ଟି ମାମଲାରେ ହତ୍ୟାକାରୀ ଦୋଷମୁକ୍ତ ହୋଇଛନ୍ତି। ୬୯ଟି ମାମଲା ଏବେ ବିଚାରାଧୀନ ରହିଛି। ଗଞ୍ଜାମ ଜିଲାରେ ଅପରାଧୀଙ୍କୁ ଧରିବା ପାଇଁ ୨୦୧୬ରୁ ଏପର୍ଯ୍ୟନ୍ତ ମୋଟ ୩୭ଟି ମାମଲାରେ ଅପରାଧୀମାନେ ପୋଲିସ ଉପରକୁ ଗୁଳି ଚଳାଇଛନ୍ତି। ଉଭୟ ପୋଲିସ-ଅପରାଧୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏହି ଗୁଳିଚାଳନାରେ ୬୩ ଜଣ ପୋଲିସ ଅଧିକାରୀ ଓ ୪୧ ଜଣ ଅପରାଧୀ ଆଘାତପ୍ରାପ୍ତ ହୋଇଛନ୍ତି। ସେମାନେ କୌଣସି ରାଜନୈତିକ ଦଳରେ ସଂଶ୍ଳିଷ୍ଟ ନ ଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ୧୭ କାଉନସିଲରଙ୍କୁ ହାଇଦ୍ରାବାଦ ବୁଲାଉଛନ୍ତି ପୌରାଧ୍ୟକ୍ଷ

■ଅନାସ୍ଥା ଭୟ ଘାରିଥିବା ରାଜନୈତିକ ମହଲରେ ଚର୍ଚ୍ଚା
■ବିଜେଡିର ୪, ଭାଜପାର ୨ଜଣ ଗଲେ ନାହିଁ

ଅନୁଗୋଳ,୨।୯ (ଜ୍ୟୋତିରଞ୍ଜନ ସାହୁ)


ହାଇଦ୍ରାବାଦ ଗସ୍ତରେ ଥିବା ପୌରାଧ୍ୟକ୍ଷଙ୍କ ସହ କେତେଜଣ କାଉନସିଲର ଓ ଅନ୍ୟମାନେ।

ରାଜ୍ୟରେ ସରକାର ପରିବର୍ତ୍ତନ ପରେ ବିଭିନ୍ନ ବ୍ଲକ ଓ ପୌରପାଳିକା ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ଆସିବା ପ୍ରକ୍ରିୟା ଜାରି ରହିଛି। କେତେକ ସ୍ଥାନରେ ଏହି ପରିବର୍ତ୍ତନ ଉଦ୍ୟମ ସଫଳ ହୋଇଥିବା ବେଳେ ଆଉ କେଉଁଠାରେ ବିଫଳ ହେଉଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଅନେକ ପୌର ଓ ବ୍ଲକ ଅଧ୍ୟକ୍ଷଙ୍କ ମନରେ ଛନକା ପଶିଯାଇଛି। ଏପରି ସ୍ଥିତିରେ ଅନୁଗୋଳ ପୌର ଅଧ୍ୟକ୍ଷ ତଥା ବିଜେଡି ନେତା ଅକ୍ଷୟ କୁମାର ସାମନ୍ତ ବିଜେଡି ଓ ଭାଜପାର ୧୭ କାଉନସିଲରଙ୍କୁ ରବିବାରଠାରୁ ହାଇଦ୍ରାବାଦ ବୁଲାଇନେବା ଘଟଣା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ୨୩ ୱାର୍ଡ ବିଶିଷ୍ଟ ଅନୁଗୋଳ ପୌରସଂସ୍ଥାର ଅଧ୍ୟକ୍ଷ ପଦ ବିଜେଡି କବ୍‌ଜାରେ ଥିଲେ ମଧ୍ୟ ଭାଜପାର ସର୍ବାଧିକ ୧୩ କାଉନସିଲର ରହିଛନ୍ତି। ତେଣୁ ଆଗାମୀ ଦିନରେ କାଳେ ଅନାସ୍ଥା ପ୍ରସ୍ତାବ ଆସିପାରେ ସେହି ଭୟ ଘାରିଥିବାରୁ ବିରୋଧୀ କାଉନସିଲରଙ୍କ ମନ ଜିଣିବା ପାଇଁ ପୌରାଧ୍ୟକ୍ଷ ସାମନ୍ତ ଏପରି ଉଦ୍ୟମ କରିଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି।

ସୂଚନା ଅନୁଯାୟୀ, ଅନୁଗୋଳ ପୌରସଂସ୍ଥାର ସମସ୍ତ କାଉନସିଲରଙ୍କୁ ହାଇଦ୍ରାବାଦ ବୁଲାଇନେବାକୁ ପୌରାଧ୍ୟକ୍ଷ ଟ୍ରେନ୍ ଟିକେଟ୍ କରିଥିଲେ। ହେଲେ ଉକ୍ତ ଗସ୍ତରୁ ୩, ୪, ୫, ୧୦, ୧୭ ଓ ୧୯ ନଂ. ୱାର୍ଡ କାଉନସିଲର କୌଣସି କାରଣରୁ ନିଜକୁ ଦୂରେଇ ରଖିଥିବା ବେଳେ ବାକି ୧୭ କାଉନସିଲର ଗସ୍ତରେ ସାମିଲ ହୋଇଛନ୍ତି। ପୂର୍ବରୁ କୌଣସି ଯୋଜନା ନ ଥାଇ ବା କାହାକୁ ସୂଚନା ନ ଦେଇ ପୌରାଧ୍ୟକ୍ଷ ହଠାତ୍ କେଉଁ କାରଣରୁ କାଉନସିଲରମାନଙ୍କୁ ଏପରି ବୁଲାଇବାକୁ ନେଲେ ସେ ନେଇ ତାଙ୍କ ସମର୍ଥକମାନେ ମୁହଁ ଖୋଲିବାକୁ ପ୍ରସ୍ତୁତ ନୁହନ୍ତି। ଏପରି କି ନିଜ ଦଳର କେତେଜଣ କାଉନସିଲର ଯାଇ ନ ଥିବାବେଳେ ବିରୋଧୀ ଭାଜପା କାଉନସିଲରଙ୍କ ମଧ୍ୟରୁ ଅଧିକାଂଶଙ୍କୁ ପୌରାଧ୍ୟକ୍ଷ ଏହି ଗସ୍ତରେ ସାମିଲ କରିଥିବାରୁ ଏ ନେଇ ନାନା କଥା ଶୁଣାଯାଉଛି। ଏ ସମ୍ପର୍କରେ ପୌରାଧ୍ୟକ୍ଷ ସାମନ୍ତଙ୍କୁ ତାଙ୍କ ମୋବାଇଲ ନମ୍ବରରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ୍ ରିସିଭ୍ କରି ନ ଥିବାରୁ ମତାମତ ମିଳିପାରି ନାହିଁ। ଗସ୍ତରେ ସାମିଲ ହୋଇ ନ ଥିବା ଜଣେ ବିଜେଡି କାଉନସିଲର କହିଛନ୍ତି, ରାଜନୈତିକ ମହଲରେ ହେଉଥିବା ଚର୍ଚ୍ଚାରୁ ଏପରି କିଛି ଗନ୍ଧ ବାରିଛି। ଭାଜପା କାଉନସିଲରମାନେ ଯାଉଥିବାରୁ ସେଥିପାଇଁ ହାଇଦ୍ରାବାଦ ଗସ୍ତରୁ ଦୂରେଇ ରହିଛି। ହାଇଦ୍ରାବାଦ ଯାଇଥିବା ଜଣେ ଭାଜପା କାଉନସିଲର କହିଛନ୍ତି, ପୌରାଧ୍ୟକ୍ଷ ବୁଲିଯିବାକୁ ପ୍ରସ୍ତାବ ଦେଇଥିବାରୁ ଏଥିରେ ସାମିଲ ହୋଇଛି। ଆଗାମୀ ଦିନରେ ଯଦି ଅନାସ୍ଥା ଆସେ, ସେ ସମ୍ପର୍କରେ ଦଳ ଯାହା ନିଷ୍ପତ୍ତି ନେବ ତାହାକୁ ପାଳନ କରିବି। ଭାଜପା ଜିଲା ସଭାପତି ଦିଲେଶ୍ୱର ପ୍ରଧାନ କହିଛନ୍ତି, ଅନୁଗୋଳରେ ବର୍ତ୍ତମାନ ଅନାସ୍ଥା ସ୍ଥିତି ସୃଷ୍ଟି ହୋଇନାହିଁ। କାଉନସିଲରମାନେ ମଧ୍ୟ ଅସନ୍ତୁଷ୍ଟ ଥିବା ଭଳି ଜଣାପଡୁନାହିଁ। ସେମାନେ ଅଧ୍ୟକ୍ଷଙ୍କ ସହ ବୁଲିବାକୁ ଯାଇଥିବା ଶୁଣିବାକୁ ପାଇଛି।

**ସଂକ୍ଷେପରେ**

## ନିର୍ବାଚନ ପୂର୍ବରୁ ଟ୍ରମ୍ପଙ୍କ ଉପରେ ବାୟୋପିକ୍ ଆଣିବ ହଲିଉଡ୍

ୱାଶିଂଟନ, ୨।୯

ନଭେମ୍ବର ୫ରେ ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ହଲିଉଡ୍‌ର ବ୍ରିଆର୍‌କ୍ଲିଫ୍ ଏଣ୍ଟରଟେନ୍‌ମେଣ୍ଟ ପୂର୍ବତନ ରାଷ୍ଟ୍ରପତି ତଥା ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ଏକ ବିବାଦୀୟ ବାୟୋପିକ୍ ଆଣିବାକୁ ଯାଉଛି। ଅକ୍ଟୋବର ୧୧ରେ ରିଲିଜ୍ ହେବାକୁ ଥିବା ଏହି ବାୟୋପିକ୍‌ରେ ଟ୍ରମ୍ପଙ୍କୁ ଜଣେ ବଳାତ୍କାରୀ ଭାବେ ଚିତ୍ରଣ କରାଯାଇଥିବାରୁ ଏହା ଉପରେ ଜୋରଦାର ଚର୍ଚ୍ଚା ହୋଇଛି। ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଟ୍ରମ୍ପଙ୍କ ଟିମ୍ ଧମକ ଦେଇଛି। ଅଲି ଆବ୍ବାସୀଙ୍କ ନିର୍ଦ୍ଦେଶିତ ଉକ୍ତ ଜୀବନୀ ଚଳଚ୍ଚିତ୍ରରେ ଟ୍ରମ୍ପଙ୍କ ପୂର୍ବ ବ୍ୟବସାୟ କ୍ୟାରିୟର, ଆଇନଜୀବୀ ରୟ କୋହନ୍‌ଙ୍କ ସହ ତାଙ୍କର ସମ୍ପର୍କ ଆଦି ରହିଛି। ରାଷ୍ଟ୍ରପତି ନିର୍ବାଚନକୁ ନେଇ ଟ୍ରମ୍ପ ଏବଂ ବର୍ତ୍ତମାନର ଉପରାଷ୍ଟ୍ରପତି ତଥା ଡେମୋକ୍ରାଟିକ୍ ପ୍ରାର୍ଥୀ କମଳା ହାରିସ୍‌ଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହୋଇଥିବା ବେଳେ ହଲିଉଡ୍‌ର ଏହି ବାୟୋପିକ୍ ଆମେରିକୀୟ ଭୋଟରଙ୍କୁ ପ୍ରଭାବିତ କରିବ ବୋଲି କୁହାଯାଉଛି।

## ଆପ୍‌ର ପୂର୍ବତନ କମ୍ୟୁନିକେଶନ୍ ହେଡ୍‌ଙ୍କୁ ଜାମିନ

ନୂଆଦିଲ୍ଲୀ, ୨।୯ (ପି.ଟି.)

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ବ୍ୟବସାୟୀ ତଥା ଆମ୍ ଆଦମୀ ପାର୍ଟି(ଆପ୍)ର ପୂର୍ବତନ କମ୍ୟୁନିକେଶନ୍ ହେଡ୍ ବିଜୟ ନାୟରଙ୍କୁ ସୋମବାର ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଦୀର୍ଘ ସମୟ ଧରି ଜେଲରେ ରହିବା ଏବଂ ଟ୍ରାଏଲରେ ବିଳମ୍ବ ଘଟିବା ଯୋଗୁ ତାଙ୍କୁ ଜଷ୍ଟିସ୍ ହୃଷିକେଶ ରଏ ଏବଂ ଜଷ୍ଟିସ୍ ଏସ୍.ଭି.ଏନ୍. ଭଟ୍ଟିଙ୍କୁ ନେଇ ଗଠିତ ଖଣ୍ଡପୀଠ ଜାମିନ ପ୍ରଦାନ କରିଛନ୍ତି। ସେ ଗତ ପ୍ରାୟ ୨୩ ମାସ ଧରି ଜେଲ୍‌ରେ ଥିଲେ। ବିଜୟ ବରିଷ୍ଠ ଆପ୍ ନେତା ମନୀଷ ସିସୋଡିଆଙ୍କ ଅତି ଘନିଷ୍ଠ ହୋଇଥିବା ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ସର୍ବୋଚ୍ଚ ଅଦାଲତଙ୍କ ସମ୍ମୁଖରେ ବୟାନ ଦେଇଥିଲା।

# ବିବାଦରେ 'କାନ୍ଦାହାର ହାଇଜାକ୍' ସିରିଜ୍



୧୯୯୯ ଡିସେମ୍ବର ୨୫ରେ ଇଣ୍ଡିଆନ୍ ଏୟାରଲାଇନ୍ସର ଏକ ବିମାନକୁ ଆଫଗାନିସ୍ତାନର କାନ୍ଦାହାରରେ ହାଇଜାକ୍ କରାଯାଇଥିଲା। ଏହି ବହୁଚର୍ଚ୍ଚିତ ଘଟଣା ଉପରେ ନିର୍ଦ୍ଦେଶକ ଅନୁଭବ ସିହ୍ନା ଏକ ୱେବ୍‌ସିରିଜ୍ ନିର୍ମାଣ କରିଛନ୍ତି। ଓଟିଟି ପ୍ଲାଟ୍‌ଫର୍ମ ନେଟ୍‌ଫ୍ଲିକ୍ସରେ ପ୍ରସାରିତ 'ଆଇସି ୮୧୪: ଦି କାନ୍ଦାହାର ହାଇଜାକ୍'ରେ ଅପହରଣକାରୀମାନଙ୍କ ନାମ ଚିଫ୍, ଡକ୍ଟର, ବର୍ଗର, ଭୋଲା ଓ ଶଙ୍କର ରଖାଯାଇଛି। ତେବେ ହିନ୍ଦୁ ଦେବତାଙ୍କ ନାମାନୁସାରେ ମୁସଲିମ୍ ଆତଙ୍କବାଦୀଙ୍କ ନାମକରଣକୁ ନେଇ ଭାରତରେ ବିବାଦ ସୃଷ୍ଟି ହୋଇଛି। କେନ୍ଦ୍ର ସରକାର ସୋମବାର ନେଟ୍‌ଫ୍ଲିକ୍ସର ଇଣ୍ଡିଆ ହେଡ୍ ମୋନିକା ଶେର୍ଗିଲଙ୍କୁ ଏନେଇ ସମନ କରିଛନ୍ତି।


ମୋନିକା ଶେର୍ଗିଲ

ମୁମ୍ବାଇ/ନୂଆଦିଲ୍ଲୀ, ୨।୯

୨୦୦୮ରେ 'ଏ ୱେଡ୍‌ନସଡେ' ଦର୍ଶକ ମହଲରେ ବିଶେଷ ଆଦୃତି ଲାଭ କରିଥିଲା। ଅନୁପମ ଖେର୍ ଏଥିରେ ଜଣେ ଅବସରପ୍ରାପ୍ତ ପୋଲିସ କମିଶନର ଭୂମିକାରେ ଅଭିନୟ କରିଥିଲେ। ଆତଙ୍କବାଦୀଙ୍କୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ ସେ ଜଣେ ଷ୍ଟୁପିଡ୍ କମନ୍ ମ୍ୟାନ୍ ବା ଅଜ୍ଞାତ ବ୍ୟକ୍ତି (ନାସିରୁଦ୍ଦିନ୍ ଶାହା)ଙ୍କ ସହ ମୁହାଁମୁହିଁ ହୋଇଥିଲେ। ଶେଷ ଦୃଶ୍ୟରେ ଅନୁପମ ନାସିରୁଦ୍ଦିନ୍‌ଙ୍କୁ ତାଙ୍କ ନାମ ପଚାରିଥିଲେ। ମୁଖ୍ୟ ଭୂମିକାରେ ଥିବା ନାସିରୁଦ୍ଦିନ୍ କହିଥିଲେ, ଇନ୍‌ସାନ୍ ନାମ୍ ମେ ମଜହବ ଢୁଣ୍ଡ୍ ଲେତା ହୈ (ଲୋକେ ଧର୍ମରେ ନାମ ଦେଖନ୍ତି)। 'ଏ ୱେଡ୍‌ନସଡେ' ମୁକ୍ତିଲାଭ କରିବାର ୧୫ ବର୍ଷ ପରେ ଧର୍ମ ଓ ନାମ ଉପରେ ବିବାଦ ସୃଷ୍ଟି ହୋଇଛି ନେଟ୍‌ଫ୍ଲିକ୍ସ ଲିମିଟେଡ୍-ସିରିଜ୍ 'ଆଇସି ୮୧୪: ଦି କାନ୍ଦାହାର ହାଇଜାକ୍'କୁ ନେଇ। ସଂଯୋଗବଶତଃ କାନ୍ଦାହାର ହାଇଜାକ୍‌ରେ ମଧ୍ୟ ନାସିରୁଦ୍ଦିନ୍ ଅଭିନୟ କରିଛନ୍ତି।

୧୯୯୯ରେ ହାଇଜାକ୍ ହୋଇଥିବା ଇଣ୍ଡିଆନ୍ ଏୟାରଲାଇନ୍ସ ଫ୍ଲାଇଟ୍‌ର କ୍ୟାପ୍‌ଟେନ୍ ଦେବୀ ଶରଣ ଏବଂ ଜର୍ନାଲିଷ୍ଟ ଶ୍ରୀଞ୍ଜୋୟ ଚୌଧୁରୀଙ୍କ ପୁସ୍ତକ ଉପରେ ଆଇସି-୮୧୪ ନେଟ୍‌ଫ୍ଲିକ୍ସର ୬ ଏପିସୋଡ୍ ବିଶିଷ୍ଟ ସିରିଜ୍ ଆଧାରିତ। ଏହି ସିରିଜ୍‌ରେ ଡାଇରେକ୍ଟର ଅନୁଭବ ସିହ୍ନା ବିମାନ ଅପରହରଣର ବାସ୍ତବ ଚିତ୍ର ଦେଖାଇବାକୁ ପ୍ରୟାସ କରିଛନ୍ତି। କାଠମାଣ୍ଡୁ-ଦିଲ୍ଲୀ ବିମାନକୁ ତାଲିବାନ୍ ନିୟନ୍ତ୍ରିତ କାନ୍ଦାହାରରେ ଅପହରଣ କରିନେଇଥିବା ୫ ଆତଙ୍କବାଦୀ ଏଥିରେ ପରସ୍ପରକୁ ଚିଫ୍, ଡକ୍ଟର, ବର୍ଗର, ଭୋଲା ଓ ଶଙ୍କର ନାମରେ ସମ୍ବୋଧନ କରୁଛନ୍ତି। ତେବେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ହରକତ୍-ଉଲ୍-ମୁଜାହିଦ୍ଦିନ୍‌ର ହାଇଜାକରମାନେ ମୁସଲମାନ ଥିଲେ, ଅନୁଭବ କୋଡ୍‌ନେମ୍ ବ୍ୟବହାର କରି ଏକଥାକୁ ଲୁଚାଇବା ପାଇଁ ଉଦ୍ୟମ କରିଥିବା ଅଭିଯୋଗ ଆସିଛି। ପ୍ରଯୋଜକ ଅପହର୍ତ୍ତାମାନଙ୍କ ପ୍ରକୃତ ନାମ କାହିଁକି ପ୍ରଘଟ କଲେନାହିଁ ବୋଲି ଅନେକେ ପ୍ରଶ୍ନ ଉଠାଇଛନ୍ତି। ଆତଙ୍କବାଦୀମାନଙ୍କ ଆପରାଧିକ ଉଦ୍ଦେଶ୍ୟକୁ ଓଟିଟି ସିରିଜ୍‌ରେ ବୈଧ କରିବାକୁ ଉଦ୍ୟମ ହୋଇଥିବା ଭାଜପା ସମାଲୋଚନା କରିଛି। ଭାଜପା ଆଇଟି ସେଲ୍ ମୁଖ୍ୟ ଅମିତ୍ ମାଲବ୍ୟ ଏକ୍ସ'ରେ ଲେଖିଛନ୍ତି, ଆଇସି-୮୧୪ ଅପହରଣକାରୀମାନେ ଦୁର୍ଦ୍ଦାନ୍ତ ଅପରାଧୀ ଥିଲେ। ଏହି ଘଟଣାର ଅନେକ ବର୍ଷ ପରେ ଲୋକେ ମନେକରିବେ ଅପହର୍ତ୍ତାମାନେ ହିନ୍ଦୁ ଥିଲେ। ଅନ୍ୟପକ୍ଷେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନେଟ୍‌ଫ୍ଲିକ୍ସର ଭାରତ ମୁଖ୍ୟ ମୋନିକା ଶେର୍ଗିଲଙ୍କୁ ନୋଟିସ୍ କରାଯାଇଛି। ଏଭଳି ନାମକରଣର ଉଦ୍ଦେଶ୍ୟ ସମ୍ପର୍କରେ ସେପ୍ଟେମ୍ବର ୩ (ମଙ୍ଗଳବାର) ସ୍ପଷ୍ଟୀକରଣ ଦେବାକୁ ମୋନିକାଙ୍କୁ କୁହାଯାଇଛି। ଜମ୍ମୁ-କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା କହିଛନ୍ତି, 'କଶ୍ମୀର ଫାଇଲ୍ସ' ଭଳି ମୁଭି ଦେଖି ଆମୋଦିତ ହେଉଥିବା ଲୋକେ ଆଇସି୮୧୪ରେ ଏମିତି ତରଳିଯାଇଛନ୍ତି। ସେମାନେ ହଠାତ୍ କାହିଁକି ନିର୍ଭୁଲ ତଥ୍ୟ ଚାହୁଁଛନ୍ତି ବୋଲି ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଉପାଧ୍ୟକ୍ଷ ଅବ୍‌ଦୁଲ୍ଲା ପ୍ରଶ୍ନ କରିଛନ୍ତି। ଉକ୍ତ ୱେବ୍ ସିରିଜ୍‌ରେ ନାସିରୁଦ୍ଦିନ୍‌ଙ୍କ ସହ ବିଜୟ ବର୍ମା, ପଙ୍କଜ କପୁର, ମନୋଜ ପହୱା, ଅରବିନ୍ଦ ଗୋସ୍ୱାମୀ, ଅନୁପମ ତ୍ରିପାଠୀ, ଦିଆ ମିର୍ଜା, ପତ୍ରଲେଖା, ଅମ୍ରିତା ପୁରୀ, ଦିବ୍ୟେନ୍ଦୁ ଭଟ୍ଟାଚାର୍ଯ୍ୟ ଓ କୁମୁଦ ମିଶ୍ରାଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିଛି। ପ୍ରକାଶ ଯେ, ବିମାନ ଅପହରଣ ବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ସରକାର ୩ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ମାସୁଦ ଆଜହର, ଅହମ୍ମଦ ଓମାର ସଇଦ ଓ ମୁସ୍ତାକ୍ ଅହମ୍ମଦ ଅଜହରଙ୍କୁ ଭାରତୀୟ ଜେଲରୁ ଛାଡ଼ିବାକୁ ବାଧ ହୋଇଥିଲେ। ସେମାନେ ମୁକୁଳିବା ପରେ ଅପହର୍ତ୍ତାମାନେ ପଣବନ୍ଦୀ କରି ରଖିଥିବା ବିମାନ ସହ ଯାତ୍ରୀମାନଙ୍କୁ ମୁକ୍ତ କରିଥିଲେ। ୨୦୦୦ ଜାନୁଆରୀ ୬ରେ ସ୍ୱରାଷ୍ଟ୍ରମନ୍ତ୍ରଣାଳୟ ଅପହର୍ତ୍ତାମାନଙ୍କ ନାମ ପ୍ରଘଟ କରିଥିଲା। ସେମାନେ ଥିଲେ ଇବ୍ରାହିମ୍ ଅଖ୍‌ତର ସୟିଦ, ସନ୍ନି ଅହମଦ କାଜି, ମିସ୍ତ୍ରୀ ଜହୁର ଇମ୍ରାହିମ୍ ଓ ଶକିର।

### 'ସେନ୍‌ସରଶିପ୍ କେବଳ କ'ଣ ଆମ ପାଇଁ'


'ଏମର୍ଜେନ୍ସି'ରେ କଙ୍ଗନା ରଣାୱତ୍।

କାନ୍ଦାହାର ହାଇଜାକ୍ ଉପରେ ପର୍ଯ୍ୟବସିତ ନେଟ୍‌ଫ୍ଲିକ୍ସ ସିରିଜ୍‌କୁ ନେଇ ବିବାଦ ଦେଖାଦେଇଥିବାବେଳେ ଅଭିନେତ୍ରୀରୁ ନେତ୍ରୀ ସାଜିଥିବା ଭାଜପା ଏମ୍‌ପି କଙ୍ଗନା ରାଣାୱତ୍ ସେନ୍‌ସର ବୋର୍ଡର ଆଭିମୁଖ୍ୟକୁ ଏନେଇ ପ୍ରଶ୍ନ ଉଠାଇଛନ୍ତି। ଏକ୍ସ'ରେ କଙ୍ଗନା କହିଛନ୍ତି, କାନ୍ଦାହାର ହାଇଜେକ୍‌ରେ ସତ୍ୟକୁ ଲୁଚାଯାଇଛି। ଏଭଳି ୱେବ୍‌ସିରିଜ୍‌କୁ ଅନୁମତି ମିଳୁଛି। କିନ୍ତୁ ତାଙ୍କ ଅଭିନୀତ 'ଏମର୍ଜେନ୍ସି'ର ରିଲିଜ୍ ଡେଟ୍‌କୁ ସ୍ଥଗିତ ରଖାଯାଇଛି। ଏହା ପୂର୍ବରୁ ଅଭିନେତ୍ରୀ କହିଥିଲେ, 'ଏମର୍ଜେନ୍ସି' ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ୍ (ସିବିଏଫ୍‌ସି) ପ୍ରମାଣପତ୍ର ପାଇବା ପାଇଁ ସଂଗ୍ରାମ କରୁଛି। ପ୍ରକାଶ ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୯୭୫ରେ ଜାରି କରିଥିବା ୨୧ ମାସିଆ ଜରୁରିକାଳୀନ ପରିସ୍ଥିତି ଉପରେ ଆଧାରିତ 'ଏମର୍ଜେନ୍ସି'ର ମୁକ୍ତିଲାଭକୁ ଏକାଧିକ ଥର ଘୁଞ୍ଚାଇ ଦିଆଯାଇଛି।


ଅପହୃତ ବିମାନ ନିକଟରେ ୫ ଆତଙ୍କବାଦୀ।

## ବିଭବ କୁମାରଙ୍କୁ ଜାମିନ

ନୂଆଦିଲ୍ଲୀ, ୨।୯



ରାଜ୍ୟ ସଭା ସଦସ୍ୟ ସ୍ୱାତି ମାଲିୱାଲଙ୍କୁ ଆକ୍ରମଣ ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସହଯୋଗୀ ବିଭବ କୁମାରଙ୍କୁ ସୋମବାର ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ବିଭବଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଜାମିନରେ ଥିବା ସମୟରେ ବିଭବ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଅଫିସ୍ କିମ୍ବା ତାଙ୍କ ବାସଭବନକୁ ଯାଇପାରିବେ ନାହିଁ। ସେହିପରି ସେ ମାମଲାକୁ ନେଇ କୌଣସି ମନ୍ତବ୍ୟ ଦେବେନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସର୍ତ୍ତ ରଖିଛନ୍ତି। ସେହିପରି ଜାମିନରେ ଥିବା ସମୟରେ ବିଭବଙ୍କୁ କୌଣସି ସରକାରୀ ପଦ ମଧ୍ୟ ଦିଆଯାଇପାରିବ ନାହିଁ। ବିଭବ ପ୍ରାୟ ୧୦୦ ଦିନ ଧରି ଜେଲରେ ଥିଲେ। ତେବେ ମାମଲାର ଶୁଣାଣି ସମୟରେ ଦିଲ୍ଲୀ ପୋଲିସ ବିଭବଙ୍କ ଜାମିନ ଆବେଦନକୁ ବିରୋଧ କରିଥିଲା।

## ୧୪,୦୦୦ କୋଟିରେ ୭ ବୃହତ୍ କୃଷି ପ୍ରକଳ୍ପ

ନୂଆଦିଲ୍ଲୀ, ୨।୯

କୃଷି ସେକ୍ଟରର ଉନ୍ନତି ପାଇଁ କେନ୍ଦ୍ର ସରକାର ସୋମବାର କେତେକ ପଦକ୍ଷେପ ନେଇଛନ୍ତି। କୃଷକମାନଙ୍କ କଲ୍ୟାଣ ପାଇଁ ବିଭିନ୍ନ ଉପକ୍ରମ କାର୍ଯ୍ୟକାରୀ କରିବା ନିମନ୍ତେ କେନ୍ଦ୍ର କ୍ୟାବିନେଟ ୧୪,୦୦୦ କୋଟି ଟଙ୍କାର ୭ ବୃହତ ପ୍ରକଳ୍ପକୁ ଅନୁମୋଦନ କରିଛି। ସେଥିରେ ଡିଜିଟାଲ କୃଷି, ଖାଦ୍ୟ ସୁରକ୍ଷା, ଶିକ୍ଷା ଏବଂ ସ୍ଥାୟୀ କୃଷିକୁ ପ୍ରାଧାନ୍ୟ ଦିଆଯାଇଛି।

କୃଷି କ୍ଷେତ୍ରରେ ଦକ୍ଷତା ଏବଂ ଉତ୍ପାଦନ ବୃଦ୍ଧି ପାଇଁ ପ୍ରଯୁକ୍ତିର ଉପଯୋଗ କ୍ରମେ ଏହାର ଆଧୁନିକୀକରଣ ନିମନ୍ତେ ୨,୮୧୭ କୋଟି ଟଙ୍କାର ଡିଜିଟାଲ ଏଗ୍ରିକଲ୍‌ଚର ମିଶନକୁ ଅନୁମୋଦନ ମିଳିଛି। ସେହିପରି ଖାଦ୍ୟ ଓ ପୌଷ୍ଟିକୀୟ ସୁରକ୍ଷା ପାଇଁ ଫସଲ ବିଜ୍ଞାନ ନିମନ୍ତେ ୩,୯୭୯ କୋଟି ଟଙ୍କାର ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି। ଏହା ଫସଲ ବିଜ୍ଞାନରେ ଗବେଷଣା ଓ ବିକାଶକୁ ବିକଶିତ କରିବ ଏବଂ ସମସ୍ତଙ୍କ ପାଇଁ ଖାଦ୍ୟ ଓ ପୌଷ୍ଟିକ ସୁରକ୍ଷା ସୁନିଶ୍ଚିତ ହୋଇପାରିବ। ସେହିପରି କୃଷି ଶିକ୍ଷା, ପରିଚାଳନା ଓ ସାମାଜିକ ବିଜ୍ଞାନକୁ ସୁଦୃଢ଼ କରିବା ପାଇଁ ୨,୨୯୧ କୋଟିର ଅନ୍ୟ ଏକ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହା ବ୍ୟତୀତ ଗୃହପାଳିତ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଓ ଉତ୍ପାଦିକତାରରେ ସ୍ଥାୟୀ ବିକାଶ ନିମନ୍ତେ ୧,୭୦୨ କୋଟି ଟଙ୍କାର ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ସେହିପରି ଉଦ୍ୟାନ କୃଷିର ସ୍ଥାୟୀ ବିକାଶ ପାଇଁ କ୍ୟାବିନେଟ୍ ୮୬୦ କୋଟି ଟଙ୍କା ଅନୁମୋଦନ କରିଥିବାବେଳେ କୃଷିବିଜ୍ଞାନ କେନ୍ଦ୍ର (କେଭିକେ)ଗୁଡ଼ିକର ସୁଦୃଢ଼ୀକରଣ ପାଇଁ ୧,୨୦୨ କୋଟି ଟଙ୍କା ମଞ୍ଜୁର କରାଯାଇଛି। କୃଷକମାନଙ୍କୁ କୃଷି ପ୍ରଯୁକ୍ତି ପ୍ରଦାନରେ କେଭିକେର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ବ୍ୟତୀତ ପ୍ରାକୃତିକ ସମ୍ବଳ ପରିଚାଳନା, କୃଷି କାର୍ଯ୍ୟ ପାଇଁ ସେଗୁଡ଼ିକର ସ୍ଥାୟୀ ବିନିଯୋଗ ଉପରେ ଗୁରୁତ୍ୱ ଦେବା ନିମନ୍ତେ ୧,୧୧୫ କୋଟି ଟଙ୍କାର ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।

## କୃଷକଙ୍କ ଅଭିଯୋଗର ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କ କମିଟି ଗଠନ

ନୂଆଦିଲ୍ଲୀ, ୨।୯

**ସପ୍ତାହେ ମଧ୍ୟରେ ବୈଠକ ଡାକିବା ପାଇଁ ନିର୍ଦ୍ଦେଶ**

ଶମ୍ଭୁ ସୀମାରେ ଆନ୍ଦୋଳନ କରୁଥିବା କୃଷକଙ୍କ ଅଭିଯୋଗଗୁଡ଼ିକୁ ଭଲଭାବେ ସମାଧାନ କରିବା ପାଇଁ ସୋମବାର ସୁପ୍ରିମକୋର୍ଟ ଏକ କମିଟି ଗଠନ କରିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି କମିଟି ଗଠନ କରିଛନ୍ତି। ପଞ୍ଜାବ ଓ ହରିୟାଣା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ନବାବ ସିଂ ଏହି କମିଟିରେ ଅଧ୍ୟକ୍ଷତା କରିବେ। ସପ୍ତାହେ ମଧ୍ୟରେ ବୈଠକ ଡାକିବା ପାଇଁ ସର୍ବୋଚ୍ଚ ଅଦାଲତ ଉକ୍ତ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କୃଷକଙ୍କ ପ୍ରସଙ୍ଗକୁ ରାଜନୀତୀକରଣ ନ କରାଯାଉ ବୋଲି ସମସ୍ତ ରାଜନୈତିକ ଦଳକୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି। ତେବେ କୃଷକ ନିଜର ଦାବିକୁ ନେଇ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ କରିବା ପାଇଁ ଅନ୍ୟତ୍ର ସ୍ଥାନାନ୍ତରିତ ହେବା ଲାଗି ସ୍ୱତନ୍ତ୍ର ଥିବା ଏହି ଖଣ୍ଡପୀଠ କହିଛନ୍ତି।

## ଆଇସିଆଇସିଆଇ ବ୍ୟାଙ୍କରୁ ବେତନ ଉଠାଉଛନ୍ତି ସେବି ଅଧ୍ୟକ୍ଷା: କଂଗ୍ରେସ

ନୂଆଦିଲ୍ଲୀ, ୨।୯


ମାଧବୀ ପୁରୀ ବୁଚ୍

ଆମେରିକୀୟ ରିସର୍ଚ୍ଚ ସଂସ୍ଥା ହିଣ୍ଡେନ୍‌ବର୍ଗର ରିପୋର୍ଟକୁ ନେଇ ବିବାଦରେ ରହିଥିବା ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍ ଆଇସିଆଇସିଆଇ ବ୍ୟାଙ୍କରୁ ନିୟମିତ ବେତନ ଉଠାଉଥିବା କଂଗ୍ରେସ ସୋମବାର ଅଭିଯୋଗ କରିଛି। ପୁଞ୍ଜିବଜାର ନିୟନ୍ତ୍ରକର ପୂର୍ଣ୍ଣକାଳୀନ ସଦସ୍ୟ ହୋଇଥିବା ସତ୍ତ୍ୱେ ସେ ଘରୋଇ ବ୍ୟାଙ୍କରୁ ନିୟମିତ ଆୟ ଉଠାଉଛନ୍ତି ବୋଲି ବିରୋଧୀ ଦଳ କହିଥିବାବେଳେ ବ୍ୟାଙ୍କ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ଆଇସିଆଇସିଆଇ ବ୍ୟାଙ୍କରୁ ଅବସର ନେବା ପରେ ମାଧବୀ ସେଠାରୁ ବେତନ ଉଠାଇଥିବା ଅଭିଯୋଗ ଠିକ୍ ନୁହେଁ। ଆଇସିଆଇସିଆଇ ବ୍ୟାଙ୍କରେ ତାଙ୍କ ନିଯୁକ୍ତି ସମୟର ପାଉଣାକୁ ପର୍ଯ୍ୟାୟକ୍ରମେ ଦିଆଯାଇଥିବା ଆଇସିଆଇସିଆଇ ଗ୍ରୁପ୍ ସ୍ପଷ୍ଟୀକରଣ ଦେଇଛି। ସେଥିରେ ଇଏସ୍‌ଓପି ଏବଂ ଅବସରକାଳୀନ ଲାଭ ରହିଛି।

ଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ କହିଛି, ବର୍ତ୍ତମାନ ସେବିର ଅଧ୍ୟକ୍ଷ ଥିବା ମାଧବୀ ୨୦୧୭ରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ତେବେ ସେ ସେବିରୁ ଦରମା ଉଠାଇବା ସହ ଆଇସିଆଇସିଆଇ ବ୍ୟାଙ୍କରେ ଅଫିସ୍ ଅଫ୍ ପ୍ରଫିଟ୍ ବଳରେ ସେବେଠାରୁ ଆୟ ଗ୍ରହଣ କରିଆସୁଛନ୍ତି। ଜଣେ ଗୋଟିଏ କମ୍ପାନୀରେ କାମ କଲାବେଳେ କେବଳ ସେହିଠାରୁ ବେତନ ନେଇପାରିବେ। ତେବେ ସେବି ଅଧ୍ୟକ୍ଷା ଏହାର ପୂର୍ଣ୍ଣକାଳୀନ ସଦସ୍ୟ ହୋଇଥିବା ସତ୍ତ୍ୱେ ନିୟମିତ ଭାବେ ଆଇସିଆଇସିଆଇ ବ୍ୟାଙ୍କରୁ ଆୟ ଗ୍ରହଣ କରିଆସୁଥିଲେ। ଏହା ସେବି ଧାରା ୫୪ର ସମ୍ପୂର୍ଣ୍ଣ ଉଲ୍ଲଂଘନ ବୋଲି କଂଗ୍ରେସ ନେତା ପୱନ ଖେରା କହିଛନ୍ତି। ମାଧବୀ ୨୦୧୭ରୁ ଇତିମଧ୍ୟରେ ୧୬.୮ କୋଟି ଟଙ୍କା ଆୟ ସଂଗ୍ରହ କରିଛନ୍ତି, ଯାହା କି ସେବିରୁ ସଂଗ୍ରହ କରିଥିବା ବେତନ ତୁଳନାରେ ୫ ଗୁଣରୁ ଅଧିକ। ସୂଚନାଯୋଗ୍ୟ, ଆଦାନୀ ଗ୍ରୁପ୍ ଷ୍ଟକ୍ ବଜାର ଜାଲିଆତି ପାଇଁ ବ୍ୟବହାର କରୁଥିବା ଦରିଆପାରି କମ୍ପାନୀରେ ମାଧବୀ ଓ ତାଙ୍କ ସ୍ୱାମୀ ପୁଞ୍ଜିନିବେଶ କରିଥିବା ହିଣ୍ଡେନ୍‌ବର୍ଗ ରିପୋର୍ଟରେ ପ୍ରକାଶ ପାଇବା ପରେ ସେ ବିବାଦ ଘେରକୁ ଆସିଥିଲେ।

## ଆପ୍ ବିଧାୟକ ଅମନତୁଲ୍ଲା ଖାନ୍ ଗିରଫ

ନୂଆଦିଲ୍ଲୀ, ୨।୯ (ପି.ଟି.)

ଏକ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ଆପ୍ ବିଧାୟକ ଅମନତୁଲ୍ଲା ଖାନ୍‌ଙ୍କୁ ଗିରଫ କରିଛି। ଇଡି ଅଧିକାରୀମାନେ ସକାଳ ୬ଟାରେ ତାଙ୍କ ଓଖଲା ବାସଭବନରେ ଚଢ଼ାଉବେଳେ ପଚାରିଥିବା କେତେକ ପ୍ରଶ୍ନର ଉତ୍ତରରେ ତାଳମେଳ ନ ରହିବାରୁ ଅମନତୁଲ୍ଲାଙ୍କୁ ଗିରଫ କରାଯାଇ ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ର ବ୍ୟବସ୍ଥା ଅନୁଯାୟୀ ହାଜତକୁ ନିଆଯାଇଛି। ଏହା ଉପରେ ପ୍ରତିକ୍ରିୟା ଦେଇ ଆପ୍ କହିଛି, ଭାଜପା ଆମକୁ ଯେତେ ଅଧିକ ଦମନ କରିବାକୁ ଉଦ୍ୟମ କରିବ, ଆମେ ସେତେ ଅଧିକ ସ୍ୱର ଉଠାଇବୁ। ୱାକ୍‌ଫ ବୋର୍ଡ ସମ୍ପର୍କିତ ଅନିୟମିତତା ନେଇ ସିବିଆଇର ଏତଲା ଏବଂ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ନେଇ ଦିଲ୍ଲୀ ଏସିବିଙ୍କ ଅନ୍ୟ ଏକ ଏତଲା ଆଧାରରେ ଇଡି ଆପ୍ ବିଧାୟକଙ୍କ ବିରୋଧରେ ମନିଲଣ୍ଡରିଂ ମାମଲା ରୁଜୁ କରିଛି।

## ସିବିଆଇ ତଦନ୍ତ କରିଥିବା ୬,୯୦୦ ମାମଲା ଗଡୁଛି

ନୂଆଦିଲ୍ଲୀ, ୨।୯ (ପି.ଟି.)

**ସିଭିସି ରିପୋର୍ଟ**




କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ୬,୯୦୦ରୁ ଊର୍ଦ୍ଧ୍ୱ ଦୁର୍ନୀତି ମାମଲାର ତଦନ୍ତ କରିଥିବାବେଳେ ସେଗୁଡ଼ିକ ବିଭିନ୍ନ ଅଦାଲତରେ ବିଚାର ଅପେକ୍ଷାରେ ପଡ଼ିରହିଛି। ଏପରିକି ୩୬୧ଟି ମାମଲା କୋର୍ଟରେ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ଗଡୁଥିବା କେନ୍ଦ୍ରୀୟ ଭିଜିଲାନ୍ସ ଆୟୋଗ (ସିଭିସି)ଙ୍କ ବାର୍ଷିକ ରିପୋର୍ଟରୁ ଜଣାପଡ଼ିଛି। ଏହା ବ୍ୟତୀତ ସିବିଆଇ ନେଇଥିବା ୬୫୮ ଦୁର୍ନୀତି ମାମଲାର ତଦନ୍ତ ହୋଇପାରି ନାହିଁ। ସେଥିରୁ ୪୮ଟି ୫ ବର୍ଷରୁ ଅଧିକ ସମୟ ହେଲା ପଡ଼ିରହିଛି।

କୋର୍ଟରେ ବିଚାରାଧୀନ ଥିବା ମୋଟ ୬,୯୦୦ ମାମଲା ମଧ୍ୟରୁ ୧,୩୭୯ଟି ୩ ବର୍ଷରୁ କମ୍ ହୋଇଥିବାବେଳେ ୮୭୫ଟି ୩ ବର୍ଷରୁ ୫ ବର୍ଷ ମଧ୍ୟରେ ଏବଂ ୨,୧୮୮ ମାମଲା ୫ରୁ ୧୦ ବର୍ଷ ହେଲା ପଡ଼ିରହିଛି। ୨,୧୦୦ ମାମଲା ୧୦ ବର୍ଷରୁ ଅଧିକ ହୋଇଥିବାବେଳେ ୩୬୧ ମାମଲା ୨୦ ବର୍ଷରୁ ଅଧିକ ସମୟ ହେଲା ଅଦାଲତରେ ପଡ଼ିରହିଲାଣି। ଏତେବର୍ଷଧରି ମାମଲାଗୁଡ଼ିକ ବିଚାରାଧୀନ ରହିବା ଚିନ୍ତାର ବିଷୟ ବୋଲି ସିଭିସି ଏହାର ରିପୋର୍ଟରେ କହିଛନ୍ତି। ଉକ୍ତ ରିପୋର୍ଟ ଅନୁଯାୟୀ ସିବିଆଇ ଏବଂ ଅଭିଯୁକ୍ତଙ୍କର ୧୨,୭୭୩ ଅପିଲ୍/ସମୀକ୍ଷା ଆବେଦନ ବିଭିନ୍ନ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ପଡ଼ିରହିଛି। ସେଥିରୁ ୫୦୧ଟି ୨୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବାବେଳେ ୧,୧୩୮ଟି ୧୫ରୁ ୨୦ ବର୍ଷ , ୨,୫୫୮ ମାମଲା ୧୦ରୁ ୧୫ ବର୍ଷ, ୩,୮୫୦ ମାମଲା ୫ରୁ ୧୦ ବର୍ଷ , ୨,୧୭୨ ମାମଲା ୨ରୁ ୫ ବର୍ଷ ଏବଂ ୨,୫୫୪ ମାମଲା ୨ ବର୍ଷରୁ କମ୍ ସମୟ ହେଲା ବିଚାରାଧୀନ ରହିଛି।

ସେହିପରି ସିବିଆଇ ଅଫିସରମାନଙ୍କ ବିରୋଧରେ ୮୨ଟି ବିଭାଗୀୟ ଅଭିଯୋଗ ମଧ୍ୟ ୨୦୨୩ ଡିସେମ୍ବର ୩୧ ସୁଦ୍ଧା ବିଚାର ହୋଇ ନାହିଁ। ଅଫିସରଙ୍କ ବିରୋଧରେ ମାମଲା ବିଚାର ନ ହୋଇ ପଡ଼ି ରହିବା ଦେଶର ଶୀର୍ଷ ତଦନ୍ତକାରୀ ସଂସ୍ଥାର ଖ୍ୟାତି ଓ ଭାବମୂର୍ତ୍ତିର ପ୍ରତିଫଳନ କରୁଥିବା ସିଭିସି କହିଛନ୍ତି। ଉକ୍ତ ରିପୋର୍ଟ ଅନୁଯାୟୀ ଗ୍ରୁପ୍ ଏ ସିବିଆଇ ଅଫିସରଙ୍କ ବିରୋଧରେ ୫୪ ବିଭାଗୀୟ ମାମଲା ରହିଥିବାବେଳେ ଗ୍ରୁପ୍ ବି ଅଫିସରଙ୍କ ବିରୋଧରେ ୨୮ ମାମଲା ରହିଛି। ଗ୍ରୁପ୍ ଏ ଅଫିସରଙ୍କ ବିରୋଧରେ ୨୫ ମାମଲା ୪ ବର୍ଷରୁ ଅଧିକ ହୋଇଥିବାବେଳେ ୪ ମାମଲା ୩ ରୁ ୪ ବର୍ଷ, ୧୬ ମାମଲା ବର୍ଷେରୁ ୩ ବର୍ଷ ଏବଂ ୯ଟି ମାମଲା ବର୍ଷେରୁ କମ୍ ସମୟ ହେଲା ବିଚାର ନ ହୋଇ ପଡ଼ିରହିଛି। ୫୧ ମାମଲାର ତଦନ୍ତ ବିଭିନ୍ନ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ୩ ମାମଲାର ଚୂଡ଼ାନ୍ତ ନିର୍ଦ୍ଦେଶନାମା ପାଇଁ କାର୍ମିକ ଓ ତାଲିମ୍ ବିଭାଗରେ ପଡ଼ିରହିଛି।

**ଆତ୍ମଘାତୀ ବିସ୍ଫୋରଣରେ ୬ ମୃତ**
କାବୁଲ: ଆଫଗାନିସ୍ତାନ ରାଜଧାନୀ କାବୁଲସ୍ଥିତ କାଲା ବଖ୍ତିୟାର ଅଞ୍ଚଳରେ ସୋମବାର ଆତ୍ମଘାତୀ ବିସ୍ଫୋରଣ ଘଟିଛି। ଏଥିରେ ୬ ଜଣ ନିହତ ଓ ୧୩ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ମହିଳା ରହିଛନ୍ତି। ସେହିପରି ଆହତ ୧୩ ସ୍ଥାନୀୟ ବାସିନ୍ଦାଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ପଣବନ୍ଦୀଙ୍କ ମୁକ୍ତି ଦାବି
# ଇସ୍ରାଏଲରେ ବିଶାଳ ଧର୍ମଘଟ



ତେଲ୍ଆଭିଭ୍‌ରେ ଇସ୍ରାଏଲୀଙ୍କ ବିକ୍ଷୋଭବେଳେ ଡ୍ରୋନ୍ ଜରିଆରେ ଆକାଶମାର୍ଗରୁ ନିଆଯାଇଥିବା ଫଟୋ।

**ତେଲ୍ଆଭିଭ୍/ଗାଜା,୨।୯**

ଗାଜା ଶାସକ ହମାସ୍‌ର ଆକ୍ରମଣକୁ ୧୦ ମାସ ପୂରିବାକୁ ଯାଉଥିବାବେଳେ ସେମାନେ ପଣବନ୍ଦୀ କରି ରଖିଥିବା ଇସ୍ରାଏଲୀମାନଙ୍କୁ ମୁକ୍ତ କରାଯାଇପାରି ନାହିଁ। ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ପଣବନ୍ଦୀଙ୍କୁ ମୁକୁଳାଇବା ପାଇଁ ହୋଷ୍ଟେଜ୍ ଡିଲ୍‌କୁ ନେଇ ପର୍ଯ୍ୟାପ୍ତ ପଦକ୍ଷେପ ନେଉ ନ ଥିବା ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ଇତିମଧ୍ୟରେ ୬ ପଣବନ୍ଦୀଙ୍କ ମୃତଦେହ ଏକ ଟନେଲରୁ ମିଳିଛି।

ଏହାର ପ୍ରତିବାଦରେ ଟ୍ରେଡ୍ ୟୁନିୟନ ପକ୍ଷରୁ ନେତାନ୍ୟାହୁଙ୍କ ଉପରେ ଚାପ ସୃଷ୍ଟି ପାଇଁ କରାଯାଇଥିବା ଦେଶବ୍ୟାପୀ ଧର୍ମଘଟ ସୋମବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଜେରୁଜେଲମ୍ ଓ ତେଲ୍ ଆଭିଭ୍‌ରେ ୫ ଲକ୍ଷ ଇସ୍ରାଏଲୀ ରାସ୍ତାକୁ ଓହ୍ଲାଇ ବିଶାଳ ବିକ୍ଷୋଭ ଶୋଭାଯାତ୍ରା କରିଛନ୍ତି। ଏଥିଯୋଗୁ ପରିବହନ ଓ ମେଡିକାଲ ସମେତ ଅନେକ ଜରୁରୀ ସେବା ବ୍ୟାହତ ହୋଇଛି। ଧର୍ମଘଟ ବେଳେ ଦୋକାନ ବଜାରଗୁଡ଼ିକ ବନ୍ଦ ରହିଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

ପ୍ରକାଶଯେ, ୨୦୨୩ଅକ୍ଟୋବର୭ରେ ଇସ୍ରାଏଲ୍ ଉପରେ ସଶସ୍ତ୍ର ହମାସ୍ ଫାଇଟର୍ସ ଆକ୍ରମଣ କରି ବହୁ ନାଗରିକଙ୍କୁ ଅପହରଣ କରି ନେଇଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ମୁକ୍ତ ହୋଇସାରିଥିବାବେଳେ ଆଉ ୧୦୧ ଇସ୍ରାଏଲୀ ଏବେ ବି ପଣବନ୍ଦୀ ଅଛନ୍ତି। ନେତାନ୍ୟାହୁ ହମାସ୍ ସହ ଯୁଦ୍ଧବିରତି ରାଜିନାମା କରି ପଣବନ୍ଦୀମାନଙ୍କୁ ଫେରାଇ ଆଣନ୍ତୁ ବୋଲି ବିକ୍ଷୋଭକାରୀମାନେ ଦାବି କରିଛନ୍ତି।

## ପୋଲିଓ ଟିକା ନେଲେଣି ୮୭ ହଜାରରୁ ଊର୍ଦ୍ଧ୍ୱ ଶିଶୁ

ଇସ୍ରାଏଲୀ ସେନାର ଗାଜା ଷ୍ଟ୍ରିପ୍ ଆକ୍ରମଣରେ ୨୪ ଘଣ୍ଟା ମଧ୍ୟରେ ୪୮ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ଏହା ସତ୍ତ୍ୱେ ପୋଲିଓ ଟିକାକରଣ ଦ୍ୱିତୀୟ ଦିନ ଧରି ଚାଲିଛି। ପାଲେଷ୍ଟିନୀୟ ଏବଂ ଜାତିସଂଘର ଅଧିକାରୀମାନେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୮୭,୦୦୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ପୋଲିଓ ଟିକା ଦିଆଯାଇ ସାରିଲାଣି।

**ଗାଜାରେ ୪୮ ମୃତ**

ପ୍ରାୟ ୬,୪୦,୦୦୦ ଶିଶୁଙ୍କୁ ପୋଲିଓ ଟିକା ଦେବା ଅଭିଯାନ ପାଇଁ ସାମୟିକ ଅସ୍ତ୍ରବିରତି ଲାଗି ହମାସ୍ ଓ ଇସ୍ରାଏଲ ସହମତି ପ୍ରକାଶ କରିଥିବାବେଳେ ଟିକାକରଣ କେନ୍ଦ୍ରଗୁଡ଼ିକ ନିକଟରେ ଏହାର ଉଲ୍ଲଂଘନ ହୋଇନାହିଁ।

## ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳର ୭୦୦ ମୃତକଙ୍କ ଦେହାବଶେଷକୁ କବର ଦେଲା ପୋଲାଣ୍ଡ

**ୱାର୍ସା,୨।୯**

ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଜର୍ମାନୀର ନାଜି ଶାସକ ଦ୍ୱାରା ଗଣହତ୍ୟାରେ ପ୍ରାଣ ହରାଇଥିବା ୭୦୦ରୁ ଅଧିକ ମୃତକଙ୍କ ଦେହାବଶେଷକୁ ପୋଲାଣ୍ଡ ସୋମବାର ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ କବର ଦେଇଛି। ଏହି ଦେହାବଶେଷଗୁଡ଼ିକ ନିକଟରେ ତଥାକଥିତ ଭ୍ୟାଲି ଅଫ୍ ଡେଥ୍ (ମୃତ୍ୟୁ ଉପତ୍ୟକା)ରୁ ବାହାର କରାଯାଇଥିଲା। ସେମାନଙ୍କ ପାଇଁ ବାସିଲିକାରେ ଗଣସତ୍କାର କରାଯିବା ସହ ଚୋଜ୍‌ନିସ୍ ସହରରେ ଶୋକ ପାଳନ କରାଯାଇଥିଲା। ପରେ ସ୍ଥାନୀୟ ଶ୍ମଶାନରେ ସାମରିକ ମର୍ଯ୍ୟାଦାର ସହ କବର ଦିଆଯାଇଥିଲା। ଐତିହାସିକମାନଙ୍କ ମତରେ ୧୯୩୯ ସେପ୍ଟେମ୍ବର ୧ରେ ଜର୍ମାନୀର ନାଜି ଶାସକମାନେ ପୋଲାଣ୍ଡ ଦଖଲ କରିବା ପରେ ଅନେକ ସାଧାରଣ ଲୋକଙ୍କୁ ହତ୍ୟା କରିଥିଲେ। ୧୯୪୫ ଜାନୁଆରୀରେ ଜର୍ମାନମାନେ ଉକ୍ତ ଅଞ୍ଚଳ ଛାଡ଼ି ପଳାଇବା ସମୟରେ ମଧ୍ୟ କେତେଜଣଙ୍କୁ ହତ୍ୟା କରିଥିଲେ। ଏହି ଯୁଦ୍ଧରେ ପୋଲାଣ୍ଡ ୬ ନିୟୁତ ନାଗରିକଙ୍କୁ ହରାଇଥିଲା, ଯାହାର ଅଧା ଇହୁଦୀ ଥିଲେ।

## ମହାକାଶରେ ସୁନୀତା, ଗର୍ଜୁଛି ଷ୍ଟାରଲାଇନର



**ୱାଶିଂଟନ, ୨।୯**

ଆମେରିକୀୟ ମହାକାଶ ସଂସ୍ଥା ନାସାର ବୋଇଂ ଷ୍ଟାର୍‌ଲାଇନର ମହାକାଶ ଯାନରେ ବୈଷୟିକ ତ୍ରୁଟିଜନିତ ସମସ୍ୟା ଯୋଗୁ ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ବୁଚ ୱିଲ୍‌ମୋର ଗତ ଜୁନ୍‌ରୁ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର(ଆଇଏସ୍ଏସ୍)ରେ ଫସି ରହିଛନ୍ତି। ତେବେ ଆମେରିକୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଷ୍ଟାର୍‌ଲାଇନର ମଧ୍ୟରୁ ଏହି ୨ ମହାକାଶଚାରୀ ରବିବାର ଅଜବ ଶବ୍ଦ ଶୁଣିବାକୁ ପାଇଛନ୍ତି। ଏନେଇ ଉଭୟେ ହ୍ୟୁଷ୍ଟନ୍‌ସ୍ଥିତ ନାସାର ମିଶନ କଣ୍ଟ୍ରୋଲ ସେଣ୍ଟର ସହ ଯୋଗାଯୋଗ କରିଛନ୍ତି। ମିଶନ କଣ୍ଟ୍ରୋଲ ସେଣ୍ଟରକୁ ୱିଲ୍‌ମୋର କହିଛନ୍ତି, ଷ୍ଟାର୍‌ଲାଇନରରେ ଥିବା ସ୍ପିକରରୁ ଗର୍ଜନ ହେଉଥିବା ପରି ଅଜବ ଶବ୍ଦ ଶୁଣାଯାଉଛି। ସୋନାର ପିଙ୍ଗ୍ ଉପକରଣ ପରି ଷ୍ଟାରଲାଇନର ମଧ୍ୟରେ କମ୍ପନ ଅନୁଭୂତ ହେଉଥିବା ସେ କହିଛନ୍ତି। ତେବେ ଉକ୍ତ ଶବ୍ଦ କାହିଁକି ଓ କିପରି ଆସୁଛି ତାହା ବୁଝିହେଉ ନାହିଁ ବୋଲି ୱିଲ୍‌ମୋର କହିଛନ୍ତି। ଆଲୋଚନା ସମୟରେ ୱିଲ୍‌ମୋର ଉକ୍ତ ଶବ୍ଦକୁ ନିଜ ଫୋନ୍ ସ୍ପିକର ସାହାଯ୍ୟରେ ମିଶନ କଣ୍ଟ୍ରୋଲ ସେଣ୍ଟରରେ ଥିବା ଅଧିକାରୀଙ୍କୁ ଶୁଣାଇଛନ୍ତି। ଉକ୍ତ ଅଜବ ଶବ୍ଦର ରହସ୍ୟ ବାହାର କରିବାକୁ ୱିଲ୍‌ମୋର ମିଶନ କଣ୍ଟ୍ରୋଲର ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ଉକ୍ତ ଶବ୍ଦକୁ ନେଇ ମିଶନ କଣ୍ଟ୍ରୋଲ ଯାଞ୍ଚ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଏନେଇ ସୂଚନା ଦିଆଯିବ ବୋଲି ନାସା କହିଛି। ତେବେ ଆସନ୍ତା ୬ରେ ବୋଇଂର ଷ୍ଟାରଲାଇନର ମହାକାଶଯାନ ଅଟୋପାଇଲଟ ସାହାଯ୍ୟରେ ପୃଥିବୀକୁ ଫେରାଇ ଆଣିବାକୁ ନାସା ଯୋଜନା କରିଥିଲା। ଏହାରି ମଧ୍ୟରେ ଷ୍ଟାରଲାଇନର ମଧ୍ୟରୁ ଅଜବ ଶବ୍ଦ ଶୁଣାଯିବା ଘଟଣା ନାସାର ଚିନ୍ତା ବଢ଼ାଇଛି। ସୂଚନାଯୋଗ୍ୟ, ଦୀର୍ଘ ୪ ମାସ ଧରି ଆଇଏସ୍ଏସ୍‌ରେ ଫସି ରହିଥିବା ସୁନୀତା ଏବଂ ୱିଲ୍‌ମୋର ଆସନ୍ତା ବର୍ଷ ଫେବୃଆରୀରେ ସ୍ପେସ୍ ଏକ୍ସ'ର ଏକ ମହାକାଶ ଯାନରେ ପୃଥିବୀକୁ ଫେରିବେ ବୋଲିନାସା ପୂର୍ବରୁ ସୂଚନା ଦେଇଛି। ଗତ ଜୁନ୍ ମାସରେ ସୁନୀତା ଏବଂ ୱିଲ୍‌ମୋର ସପ୍ତାହେ ପାଇଁ ଆଇଏସ୍ଏସ୍ ଯାତ୍ରା କରିଥିଲେ।

## ଶିକାଗୋ ଟ୍ରେନ୍‌ରେ ଗୁଳି: ୪ ମୃତ

**ୱାଶିଂଟନ, ୨।୯**

ଆମେରିକାର ଶିକାଗୋର ଫରେଷ୍ଟ ପାର୍କ ଷ୍ଟେଶନ୍‌ର ଏକ ସବ୍ ୱେ ଟ୍ରେନ୍‌ରେ ସୋମବାର ଜଣେ ଆତତାୟୀଙ୍କ ଗୁଳିରେ ୪ ଜଣଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ହସ୍ପିଟାଲରେ ଆଉ ଜଣଙ୍କର ମୃତ୍ୟୁ ଘଟିଥିବା ନେଇ ପୋଲିସ ସୂଚନା ଦେଇଛି। ଗୁଳିକାଣ୍ଡ ଘଟାଇ ଆତତାୟୀ ଜଣଙ୍କ ଫେରାର ହୋଇଯାଇଥିବାବେଳେ ଅନ୍ୟ ଏକ ଟ୍ରେନରୁ ଗିରଫ କରାଯାଇଥିବା ନେଇ ଫରେଷ୍ଟ ପାର୍କ ପୋଲିସ କହିଛି।

## ନରଖାଦକ ଗଧିଆଙ୍କୁ ଧରିବ ଟେଡି

**ବାହରିଚ୍,୨।୯**



ଶିଶୁମାନଙ୍କୁ ମାରି ଖାଉଥିବା ଗଧିଆକୁ ଧରିବା ପାଇଁ ଉତ୍ତରପ୍ରଦେଶ ଜଙ୍ଗଲ ବିଭାଗ ଅଭିନବ ଉପାୟ ଅବଲମ୍ବନ କରିଛି। ଭାଲୁକୁ କାବୁ କରିବା ପାଇଁ ସେମାନେ ଶିଶୁଙ୍କ ପରିସ୍ରାଭିଜା ରଙ୍ଗିନ୍ ଟେଡିଗୁଡ଼ିକୁ ନଦୀକୂଳ, ଗଧିଆଙ୍କ ଆଶ୍ରୟସ୍ଥଳ ନିକଟ ଏବଂ ଗୁମ୍ଫା ନିକଟରେ ରଖାଯାଉଛି। ୟୁପିରେ ଗତ କିଛିଦିନ ମଧ୍ୟରେ ଗଧିଆ ଆକ୍ରମଣରେ ୬ ପିଲାଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ଘଟିଲାଣି। ରବିବାର ରାତିରେ ଗଧିଆ ଗୋଟିଏ ଅଢ଼େଇ ବର୍ଷର ଶିଶୁକୁ ମାରିଥିବାବେଳେ ଜଣେ ୭୦ ବର୍ଷୀୟା ମହିଳାଙ୍କୁ ଆହତ କରିଛି। ସେମାନେ ମୁଖ୍ୟତଃ ଛୋଟ ପିଲାଙ୍କୁ ଟାର୍ଗେଟ କରୁଛନ୍ତି।। ସେମାନେ ରାତିରେ ଆକ୍ରମଣ କରୁଥିବାବେଳେ ସକାଳେ ଗୁମ୍ଫାକୁ ଫେରିଯାଉଛନ୍ତି। ଏହା ବ୍ୟତୀତ ସେମାନେ କ୍ରମାଗତ ଭାବେ ସ୍ଥାନ ବଦଳାଉଥିବା ଦେଖାଯାଉଛି। ସେମାନଙ୍କୁ ଭୁଲାଇ ଜନବସତିଠାରୁ ଅନ୍ୟତ୍ର ନେଇଯିବାକୁ ଉଦ୍ୟମ ହେଉଥିବା ଡିଏଫ୍ଓ କହିଛନ୍ତି।

## ଜାତି ଜନଗଣନା: ହସ୍ତକ୍ଷେପ କରିବେନି ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨।୯(ପି.ଟି.)**

ପଛୁଆ ବର୍ଗ ତଥା ଅନ୍ୟାନ୍ୟ ସଂଖ୍ୟାଲଘୁ ବର୍ଗଙ୍କ କଲ୍ୟାଣ ପାଇଁ ଦେଶବ୍ୟାପୀ ସାମାଜିକ-ଅର୍ଥନୈତିକ ଜାତି ଜନଗଣନା ନିମନ୍ତେ ନିର୍ଦ୍ଦେଶ ଦେବାକୁ ହୋଇଥିବା ଏକ ଆବେଦନକୁ ସୁପ୍ରିମକୋର୍ଟ ଶୁଣାଣି ପାଇଁ ଗ୍ରହଣ କରିବାକୁ ମନା କରିଦେଇଛନ୍ତି। ଆବେଦନକାରୀ ପି. ପ୍ରସାଦ ନାଇଡୁଙ୍କୁ ପିଟିଶନ ଫେରାଇ ନେବା ନିମନ୍ତେ ଜଷ୍ଟିସ୍ ହୃଷୀକେଶ ରାୟ ଏବଂ ଏସ୍.ଭି.ଏନ୍. ଭଟ୍ଟିଙ୍କ ଖଣ୍ଡପୀଠ ମନା କରିଦେଇଛନ୍ତି। ଜାତି ଜନଗଣନା ପ୍ରଶାସନିକ ବିଷୟ। ଏଥିରେ କ'ଣ କରାଯାଇପାରିବ ବୋଲି ଖଣ୍ଡପୀଠ କହିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରବିଶଙ୍କର ଜନ୍ଦ୍ୟାଲା ଯୁକ୍ତି ଦର୍ଶାଇଥିଲେ, ବିଭିନ୍ନ ଦେଶରେ ଜାତି ଜନଗଣନା ହେଉଥିବାବେଳେ ଭାରତରେ ହେଉନାହିଁ। ଏଭଳି ଜନଗଣନା ସମୟାନ୍ତରରେ ହେବା ଆବଶ୍ୟକ ବୋଲି ୧୯୯୨ର ମଣ୍ଡଳ କମିଶନ ରାୟରେ ଇନ୍ଦ୍ର ସାହ୍ନି କହିଥିଲେ। ତେବେ କୋର୍ଟ ଏଥିରେ ହସ୍ତକ୍ଷେପ କରିପାରିବ ନାହିଁ ବୋଲି କହି ଏହାକୁ ଖାରଜ କରିଦେଇଛନ୍ତି।

## ତେଲଙ୍ଗାନା, ଆନ୍ଧ୍ରରେ ବର୍ଷାବିପ୍ୟାତ: ମୃତ୍ୟୁସଂଖ୍ୟା ୩୧



ହାଇଦ୍ରାବାଦରେ ପ୍ରବଳ ବର୍ଷା ଜାରି ରହିଥିବାବେଳେ ଉଦ୍ଧାରରେ ନିୟୋଜିତ ରେସ୍କ୍ୟୁ ଟିମ୍।

**ହାଇଦ୍ରାବାଦ/ବିଜୟୱାଡ଼ା,୨।୯**

ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶରେ ଲଗାଣ ବର୍ଷା ଯୋଗୁ ୩୧ ଜୀବନ ଗଲାଣି। ତେଲଙ୍ଗାନାରେ ୧୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଆନ୍ଧ୍ରରେ ୩ ଛୋଟ ପିଲାଙ୍କ ସମେତ ୧୫ ପ୍ରାଣ ହରାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସ୍ଥିତି ସମ୍ପର୍କରେ ୨ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ସହାୟତାର ପ୍ରତିଶ୍ରୁତି ଦେଇଛନ୍ତି। ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ୨୬ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ନିୟୋଜିତ କରାଯାଇଛି। ଆନ୍ଧ୍ରରେ ଉଦ୍ଧାର କାର୍ଯ୍ୟ ନିମନ୍ତେ ୪୦ଟି ପାୱାର ବୋଟ୍ ଏବଂ ୬ଟି ହେଲିକପ୍ଟର ପଠାଯାଉଥିବା ଶାହା କହିଛନ୍ତି। ବର୍ଷା ବିପ୍ୟାତ ଯୋଗୁ ୧୪୦ରୁ ଊର୍ଦ୍ଧ୍ୱ ଟ୍ରେନ୍ ବାତିଲ ହୋଇଛି। ଏହା ବ୍ୟତୀତ ରେଲଲାଇନରେ ପାଣି ଜମିରହିଥିବାରୁ ଅନ୍ୟ କେତେକ ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଛି। ବିଜୟୱାଡ଼ା-କାଜିପେଟ୍-ୱାରଙ୍ଗଲ ରୁଟ୍ ବର୍ଷା ଯୋଗୁ ଧୋଇଯାଇଛି। ତେଲଙ୍ଗାନାରେ ୧୧୫ରୁ ଊର୍ଦ୍ଧ୍ୱ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭାନ୍ତ ରେଡ୍ଡୀ ବର୍ଷା କ୍ଷତିଗ୍ରସ୍ତ ଜିଲାଗୁଡ଼ିକ ପାଇଁ ସୋମବାର ୫ କୋଟି ଟଙ୍କା ସହାୟତା ଘୋଷଣା କରିଥିବାବେଳେ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ଗଙ୍ଗାରେ ଅଫିସର ନିଖୋଜ ; ଉଦ୍ଧାର ପାଇଁ ୧୦ ହଜାର ଦାବିକଲେ ବୁଡ଼ାଳି

**ଲକ୍ଷ୍ନୌ,୨।୯**

ଉତ୍ତରପ୍ରଦେଶ ସ୍ୱାସ୍ଥ୍ୟ ବିଭାଗ ଉପନିର୍ଦ୍ଦେଶକ ଆଦିତ୍ୟ ବର୍ଦ୍ଧନ ସିଂ ୨ ଦିନ ତଳେ କାନପୁର ନଗର ଜିଲାର ନାନାମାଉ ଘାଟରେ ଗଙ୍ଗାନଦୀର ପ୍ରଖର ସୁଅରେ ଭାସିଯାଇଥିଲେ। ଅଫିସର ଜଣକ ତାଙ୍କ ସାଙ୍ଗମାନଙ୍କ ଦ୍ୱାରା ଫଟୋ କ୍ଲିକ୍ କରାଇବା ବେଳେ ଅଧିକ ଗଭୀରକୁ ଚାଲିଯିବାରୁ ଖସିଯାଇଥିଲେ। ସେ ବିପଦ ରେଖା ଟପିଯାଇଥିଲେ ବୋଲି ପୋଲିସ କହିଛି। ପହଁରା ଜାଣିଥିଲେ ମଧ୍ୟ ପ୍ରଖର ସୁଅରେ ଫସିଯାଇ ଆଉ ବାହାରିପାରି ନ ଥିଲେ। ତାଙ୍କୁ ଉଦ୍ଧାର କରିବା ପାଇଁ ସ୍ଥାନୀୟ ବୁଡ଼ାଳିମାନେ ୧୦ ହଜାର ଟଙ୍କା ଦାବି କରିଥିଲେ ବୋଲି ଅଫିସରଙ୍କ ସାଙ୍ଗମାନେ ଅଭିଯୋଗ କରିଛନ୍ତି। ଟଙ୍କା ଆଗ ନ ଦେଲେ ଉଦ୍ଧାର କରିବାକୁ ଯିବୁନାହିଁ ବୋଲି ସେମାନେ ରୋକ୍‌ଠୋକ ଶୁଣାଇ ଦେଇଥିଲେ। ସେମାନଙ୍କ ପାଖରେ ଟଙ୍କା ନ ଥିବାରୁ ଅନ୍‌ଲାଇନରେ ଟଙ୍କା ପୈଠ କରିବାକୁ ବୁଡ଼ାଳି ଦାବି କରିଥିଲେ ଏବଂ ଟଙ୍କା ପାଇବା ପରେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଅଭିଯୋଗ ସତ୍ୟ ହୋଇଥିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଲହୌର ଏସିପି କହିଛନ୍ତି।

## ଜର୍ମାନୀର ୨ ପ୍ରଦେଶରେ ଫାର୍-ରାଇଟ୍ ଗ୍ରୁପ୍‌ର ବିଜୟ

**ବର୍ଲିନ,୨।୯**

ଜର୍ମାନୀର ୨ ରାଜ୍ୟରେ ସଦ୍ୟସମାପ୍ତ ନିର୍ବାଚନରେ ଫାର୍-ରାଇଟ୍ ବା ଏଏଫ୍‌ଡି ଦଳ ବିଜୟୀ ହୋଇଥିବାରୁ ଚାନ୍ସେଲର ଓଲଫ୍ ସ୍କୋଲ୍‌ଜଙ୍କ ମେଣ୍ଟ ସରକାର ଉପରେ ନୂଆ ଚାପ ପଡ଼ିଛି। ଅନ୍ୟପକ୍ଷରେ ଫାର୍ ରାଇଟ୍ ପାର୍ଟିକୁ ସାଙ୍ଗରେ ନ ନେଇ ଦୁଇ ପୂର୍ବାଞ୍ଚଳ ରାଜ୍ୟରେ ଶାସନ କରିବାରେ ମୁଖ୍ୟ ବିରୋଧୀ ଦଳ ରାଜନୈତିକ ସମସ୍ୟାର ସମ୍ମୁଖୀନ ହୋଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜର୍ମାନୀର ଥୁରିଙ୍ଗିଆ ପ୍ରଦେଶରେ ପ୍ରଥମ ଥର ଫାର୍ ରାଇଟ୍ ପାର୍ଟି ବିଜୟୀ ହୋଇଛି। ସାକ୍ସୋନି ପ୍ରଦେଶରେ ମଧ୍ୟ ଏହି ଦଳ ସଫଳତା ହାସଲ କରିଛି। ନିର୍ବାଚନ ଜରିଆରେ ରାଜ୍ୟବାସୀ ସ୍କୋଲ୍‌ଜଙ୍କ ୩ ଦଳିଆ ଶାସକ ମେଣ୍ଟକୁ ଦଣ୍ଡିତ କରିଥିବା କୁହାଯାଉଛି।

**ଫୁରସତ୍**

## ୧୧୦ ମାଇଲ ପହଁରି ରେକର୍ଡ

**ଲସ୍ ଏଞ୍ଜେଲ୍ସ**



ବିଶ୍ୱର କିଛି ରେକର୍ଡ ଦୀର୍ଘ ବର୍ଷ ଧରି ଅକ୍ଷୁର୍ଣ୍ଣ ହୋଇରହିଛି। ପ୍ରସିଦ୍ଧ ଆମେରିକୀୟ ସନ୍ତରଣକାରୀ ଡାଏନା ନ୍ୟାଡ୍‌ଙ୍କ ନାମରେ ମଧ୍ୟ ଏହିପରି ଏକ ରେକର୍ଡ ରହିଛି। ୨୦୧୩ ସେପ୍ଟେମ୍ବର ୨ରେ ୬୪ ବର୍ଷ ବୟସରେ ସେ ଆମେରିକାର ଫ୍ଲୋରିଡାରୁ କ୍ୟୁବା ପର୍ଯ୍ୟନ୍ତ ରହିଥିବା ବିଶାଳ ସମୁଦ୍ରରେ ବିନା କୌଣସି ଶାର୍କ କେଜ୍‌ର ସାହାଯ୍ୟରେ ପହଁରି ୧୧୦ ମାଇଲ ଅତିକ୍ରମ କରିଥିଲେ। ଉକ୍ତ ରେକର୍ଡ ସ୍ଥାପନ ହେବାର ୧୧ ବର୍ଷ ବିତିଯାଇଥିଲେ ମଧ୍ୟ ଡାଏନାଙ୍କ ଏହି ବିରଳ ରେକର୍ଡ ଅଭେଦ୍ୟ ହୋଇରହିଛି। ପ୍ରତିବର୍ଷ ସେପ୍ଟେମ୍ବର ୨ରେ ଡାଏନାଙ୍କ ଏହି ରେକର୍ଡକୁ ବିଶ୍ୱବାସୀ ମନେ ପକାଇଥାନ୍ତି।

ବିଭିନ୍ନ ପ୍ରତିକୂଳ ପରିସ୍ଥିତିର ସାମ୍ନା କରି ସମୁଦ୍ରରେ ଶାର୍କ ଏବଂ ବିଭିନ୍ନ ଅଜ୍ଞାତ ବିପଦ ମଧ୍ୟରେ କେବଳ ନିଜର ସାହସ ଏବଂ ମାନସିକ ଶକ୍ତି ଦ୍ୱାରା ଡାଏନା ଏହି ଅସାଧାରଣ କାର୍ଯ୍ୟକୁ ସମ୍ଭବ କରି ପାରିଥିଲେ। ୫ଟି ପ୍ରୟାସ ପରେ ଶେଷରେ ତାଙ୍କୁ ଏହି ସଫଳତା ମିଳିଥିଲା।

ସାଧାରଣତଃ କ୍ୟୁବାଠାରୁ ଫ୍ଲୋରିଡା ପର୍ଯ୍ୟନ୍ତ ଥିବା ୧୧୦ ମାଇଲର ସାମୁଦ୍ରିକ ମାର୍ଗ ସର୍ବଦା ସନ୍ତରଣକାରୀମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ରହିଥାଏ। ଏହି ମାର୍ଗକୁ ଫ୍ଲୋରିଡା ଷ୍ଟ୍ରାଇଟ୍ସ ବୋଲି ମଧ୍ୟ କୁହାଯାଏ। କିଛି ଲୋକ ଏହି ମାର୍ଗରେ ପହଁରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ଅଧିକାଂଶ ଶାର୍କ କେଜ୍‌ର ବ୍ୟବହାର କରିଛନ୍ତି। ଡାଏନା ୬୦ ବର୍ଷ ବୟସରେ ଏହି ବିରଳ ରେକର୍ଡ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାପରେ ସେ ୪ ବର୍ଷ ମଧ୍ୟରେ ବିନା ଶାର୍କ କେଜ୍‌ର ବ୍ୟବହାର କରି ଫ୍ଲୋରିଡା ଷ୍ଟ୍ରାଇଟ୍ସକୁ ପାର କରିବାକୁ ୫ ଥର ପ୍ରୟାସ କରିଥିଲେ। ୫ମ ତଥା ଶେଷ ପ୍ରୟାସରେ ତାଙ୍କୁ ସଫଳତା ମିଳିଥିଲା।

ସାଧାରଣତଃ ଫ୍ଲୋରିଡା ଷ୍ଟ୍ରାଇଟ୍ସରେ ଜଳର ତାପମାତ୍ରା ଅଧିକ ରହୁଥିବାବେଳେ ଏଠାରେ ଶାର୍କ ଏବଂ ବକ୍ସ ଜେଲିଫିଶ୍ ଭଳି ବିପଜ୍ଜନକ ଓ ବିଷାକ୍ତ ସାମୁଦ୍ରିକ ଜୀବ ମଧ୍ୟ ଥାନ୍ତି। ତେବେ ରେକର୍ଡ କରିବା ନେଇ ନିଜର ଜିଜ୍ଞାସା, ଦୃଢ଼ ଇଚ୍ଛାଶକ୍ତି ଏବଂ ସନ୍ତରଣ କୌଶଳ ଯୋଗୁ ଡାଏନା ମାତ୍ର ୫୩ ଘଣ୍ଟା ମଧ୍ୟରେ ପହଁରି ୧୧୦ ମାଇଲ ଦୂରତା ଅତିକ୍ରମ କରିଥିଲେ। ସେ ୨୦୧୩ ସେପ୍ଟେମ୍ବର ୨ରେ କ୍ୟୁବାର କି-ୱେଷ୍ଟରେ ପହଞ୍ଚି ଏହି ବିରଳ ରେକର୍ଡ ସୃଷ୍ଟି କରିଥିଲେ। ତେବେ ଏତେ ଘଣ୍ଟା ଧରି ପହଁରିବାର ଅନୁଭୂତିକୁ ଡାଏନା କଷ୍ଟସାଧ୍ୟ ଦର୍ଶାଇଛନ୍ତି। ଉକ୍ତ ୨ ଦିନ ଧରି ସେ ନର୍କ ମଧ୍ୟରେ ଥିବା ପରି ଅନୁଭବ କରୁଥିଲେ ବୋଲି ଡାଏନା କହିଛନ୍ତି।

## ଆହତ ସତ୍ତ୍ୱେ ଶୁଟିଂ ଜାରି ରଖିଛନ୍ତି 'ସିକନ୍ଦର'

**ମୁମ୍ବାଇ**



କୌଣସି ପ୍ରକାରର ବାଧାବିଘ୍ନ ଆସିଲେ ମଧ୍ୟ ବଲିଉଡ୍ ଅଭିନେତା ସଲ୍‌ମାନ ଖାନ୍ ସର୍ବଦା ନିଜର କାର୍ଯ୍ୟ ପ୍ରତିଶ୍ରୁତିକୁ ପାଳନ କରି ଆସିଛନ୍ତି। ଏହାକୁ ସେ ପୁଣି ପ୍ରମାଣିତ କରି ଦେଖାଇଛନ୍ତି। ପିଞ୍ଜରା ହାଡ଼ରେ ଆଘାତ ଥିବା ସତ୍ତ୍ୱେ ମଧ୍ୟ ସଲ୍‌ମାନ ପୁଣିଥରେ ନିଜର ଆଗାମୀ ଫିଲ୍ମ 'ସିକନ୍ଦର'ର ଶୁଟିଂ ଆରମ୍ଭ କରିଛନ୍ତି। ଶୁଟିଂ ସେଟ୍‌ରୁ ସେ ଫିଲ୍ମ ନିର୍ମାତା ସାଜିଦ୍ ନାଡିଆଡ୍‌ୱାଲାଙ୍କ ସହ ଏକ ଫଟୋ ଶେୟାର କରିଛନ୍ତି, ଯାହାକୁ ସଲ୍‌ମାନଙ୍କ ପ୍ରଶଂସକ ବେଶ୍ ପସନ୍ଦ କରିଛନ୍ତି। ଏବେ 'ସିକନ୍ଦର'ର ଶୁଟିଂ ମୁମ୍ବାଇର ଧାରାବି ଏବଂ ମାଟୁଙ୍ଗା ଅଞ୍ଚଳରେ ଚାଲିଛି। ଆଗାମୀ ୪୫ ଦିନ ପର୍ଯ୍ୟନ୍ତ ଏହି ଶୁଟିଂ ଜାରି ରହିବ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏହାପରେ ଫିଲ୍ମର ପରବର୍ତ୍ତୀ ପର୍ଯ୍ୟାୟ ଶୁଟିଂ ପାଇଁ 'ସିକନ୍ଦର'ର ଟିମ୍ ହାଇଦ୍ରାବାଦ ଗସ୍ତ କରିବେ। ଏ.ଆର. ମୁରୁଗାଦାସ୍‌ଙ୍କ ନିର୍ଦ୍ଦେଶିତ ଏହି ଆକ୍ସନ-ଏଣ୍ଟରଟେନ୍‌ମେଣ୍ଟ ଫିଲ୍ମରେ ପ୍ରଥମ ଥର ପାଇଁ ସଲ୍‌ମାନ ଏବଂ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ କେମେଷ୍ଟ୍ରି ଦେଖିବାକୁ ମିଳିବ। ନିକଟରେ ରଶ୍ମିକା ନିଜ ଏକ୍ସ' ଆକାଉଣ୍ଟରେ ଲେଖିଥିଲେ, 'ସିକନ୍ଦର'ର ଅଂଶବିଶେଷ ହୋଇ ସେ ନିଜକୁ ଗର୍ବିତ ଅନୁଭବ କରୁଛନ୍ତି।

## ମା' ସହ ଛୁଆ ହାତୀର ଫୁଟ୍‌ବଲ ଖେଳ

**ବ୍ୟାଙ୍କକ୍**



ଗୋଟିଏ ଛୁଆ ହାତୀ ନିଜ ମା' ସହ ଫୁଟ୍‌ବଲ ଖେଳିବାକୁ ଚେଷ୍ଟା କରୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ଗୋଟିଏ ଛୁଆ ହାତୀ ଏକ ଫୁଟ୍‌ବଲକୁ ନିଜ ମା' ଆଡ଼କୁ ବାରମ୍ବାର କିକ୍ କରି ଖେଳିବା ପାଇଁ ପ୍ରୟାସ କରୁଥିବାର ଦେଖିବାକୁ ମିଳିଛି। ତେବେ ମା' ହାତୀଟି ନିଜ ଛୁଆ ସହ ଫୁଟ୍‌ବଲ ଖେଳିବା ପାଇଁ ଇଚ୍ଛୁକ ନ ଥିବା ପରି ମନେହେଉଛି। ଫୁଟ୍‌ବଲ ଖେଳିବା ପାଇଁ ମା' ହାତୀର ଆଗ୍ରହର ଅଭାବ ସତ୍ତ୍ୱେ ଛୁଆ ହାତୀଟି ସହଜରେ ହାର ମାନୁ ନାହିଁ ଏବଂ ବାରମ୍ବାର ବଲ୍‌କୁ କିକ୍ ମାରି ମା' ହାତୀ ନିକଟକୁ ପଠାଉଛି। ଫଳରେ ମା' ହାତୀଟି ବାଧ୍ୟ ହୋଇ ଉକ୍ତ ବଲ୍‌କୁ ଛୁଆ ହାତୀ ନିକଟକୁ ପାସ୍ କରୁଛି।

ଉକ୍ତ ଭିଡିଓକୁ ଥାଇଲାଣ୍ଡରେ ଥିବା ଏଲିଫ୍ୟାଣ୍ଟ ନେଚର୍ ପାର୍କର ପ୍ରତିଷ୍ଠାତା ଲେକ୍ ଚେଲର୍ଟଙ୍କ ଦ୍ୱାରା ଇନ୍‌ଷ୍ଟାଗ୍ରାମରେ ଶେୟାର କରାଯାଇଛି, ଯାହାକୁ ଅନେକ ୟୁଜର୍ସ ପସନ୍ଦ କରିଛନ୍ତି। ଭିଡିଓର କ୍ୟାପ୍‌ଶନରେ ଲେକ୍ ଲେଖିଛନ୍ତି, ଏଲିଫ୍ୟାଣ୍ଟ ନେଚର ପାର୍କରେ ଏହି ଛୁଆ ହାତୀଟି ନିଜ ମା' ସହ ଫୁଟ୍‌ବଲ ଖେଳିବା ପାଇଁ ତା'ର ଚେଷ୍ଟା ଜାରିରଖିଛି। ହାତୀମାନଙ୍କୁ ଏପରି ସକାରାତ୍ମକ ପରିବେଶରେ ଉପଭୋଗ କରୁଥିବାର ଦେଖି ଅନେକ ୟୁଜର୍ସ ଖୁସି ବ୍ୟକ୍ତ କରିଛନ୍ତି।

**୪ରୁ ହୋମ୍ ଶପିଂ ସ୍ପ୍ରି ବୋନାଞ୍ଜା**

ନୂଆଦିଲ୍ଲୀ: ଦେଶର ପ୍ରମୁଖ ଇ-କମର୍ସ ପ୍ଲାଟଫର୍ମ ଆମାଜନ.ଇନ୍‌ର ବହୁ ପ୍ରତୀକ୍ଷିତ ଅଫର(ସ୍କିମ) 'ହୋମ୍ ଶପିଂ ସ୍ପ୍ରି ବୋନାଞ୍ଜା'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ୨୦୨୪ ସେପ୍ଟେମ୍ବର ୪ରୁ ଆନୁଷ୍ଠାନିକ ଭାବେ ଆରମ୍ଭ ହେଉଛି, ଏହା ଜରିଆରେ ଗ୍ରାହକ ନିଜ ଘରକୁ ଏକ ଫେଷ୍ଟିଭାଲ ମେକ୍ ଓଭର ସହ ହୋମ୍, କିଚେନ୍ ଏବଂ ଆଉଟଡୋର ଭଳି ବିଭିନ୍ନ ପ୍ରଡକ୍ଟ ଉପରେ ଆକର୍ଷଣୀୟ ରିହାତି ମଧ ସାମିଲ ରହିଛି। ୨୦୨୪ସେପ୍ଟେମ୍ବର ୪ରୁ ୮ ମଧରେ ଡାଶ, ବୋରୋସିଲ, ଫିଲିପ୍ସ, କୁବୋ, ସ୍କଟ୍-ବ୍ରିଟ୍, ଷ୍ଟାଉସ୍ ଭଳି ଟପ୍ ବ୍ରାଣ୍ଡର ଆକର୍ଷଣୀୟ ଅଫର ଉପଲବ୍ଧ ରହିଛି।



# ଫ୍ଲେକ୍ସ-ଇନ୍ଧନ ଉପରେ ଜିଏସ୍‌ଟି ୧୨%କୁ ହ୍ରାସ କରିବାକୁ ଯୋଜନା

## ଜିଏସ୍‌ଟି କାଉନ୍‌ସିଲ୍ ବୈଠକରେ ପ୍ରସ୍ତାବ

**ଭୁବନେଶ୍ୱର,୨।୯ (ଅନୁରାଧା ମହାରଣା)**



ନୀତୀନ ଗଡକରୀ

ରାଜ୍ୟ ଅର୍ଥମନ୍ତ୍ରୀମାନେ 'ଫ୍ଲେକ୍ସ-ଇନ୍ଧନ' ଯାନ ଉପରେ ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) ୧୨ ପ୍ରତିଶତକୁ ହ୍ରାସ କରିବାକୁ ଚିନ୍ତା କରିବା ଉଚିତ ବୋଲି କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତୀନ ଗଡକରୀ ସୋମବାର କହିଛନ୍ତି । 'ଫ୍ଲେକ୍ସ ଇନ୍ଧନ' ଯାନଗୁଡ଼ିକର ଅର୍ଥ ହେଉଛି ଏକରୁ ଅଧିକ ଇନ୍ଧନରେ ଚାଲୁଥିବା ଯାନ। ସାଧାରଣତଃ ପେଟ୍ରୋଲ ବ୍ୟତୀତ ଏହି ଯାନଗୁଡିକ ଇଥାନଲ କିମ୍ବା ମିଥାନଲ ମିଶ୍ରିତ ପେଟ୍ରୋଲରେ ମଧ୍ୟ ଚାଲିଥାଏ। ଆଇଏଫଜିଇର ଇଣ୍ଡିଆ ବାୟୋ-ଏନର୍ଜି ଏବଂ ଟେକ ଏକ୍ସପୋକୁ ସମ୍ବୋଧିତ କରି ଗଡ଼କରୀ କହିଛନ୍ତି, ଅଶୋଧିତ ତୈଳ ଆମଦାନୀକୁ ହ୍ରାସ କରିବା ଏବଂ ଜୈବ ଇନ୍ଧନ ବ୍ୟବହାରକୁ ଉତ୍ସାହିତ କରିବାର ଆବଶ୍ୟକତା ରହିଛି। ଯଦି ଜିଏସ୍‌ଟି ହ୍ରାସ କରାଯାଏ ତେବେ ଫ୍ଲେକ୍ସ-ଇନ୍ଧନ ଇଞ୍ଜିନ ଥିବା ଯାନଗୁଡ଼ିକ ଶସ୍ତା ହୋଇଯିବ ଏବଂ ଏହାର ବିକ୍ରି ମଧ୍ୟ ବଢ଼ିବ ବୋଲି ସେ କହିଛନ୍ତି। 'ଫ୍ଲେକ୍ସ-ଇନ୍ଧନ' ଯାନ ଉପରେ ଟିକସ ହ୍ରାସ କରିବାକୁ ବିଚାର କରିବାକୁ ସେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଅନୁରୋଧ କରିଥିବାବେଳେ ମହାରାଷ୍ଟ୍ର ଅର୍ଥମନ୍ତ୍ରୀ ଅଜିତ ପାୱାରଙ୍କ ସହ ପୃଥକ ବୈଠକରେ ଗଡକରୀ ତାଙ୍କୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ସହ ଆଲୋଚନା କରିବାକୁ ପରାମର୍ଶ ଦେଇଛନ୍ତି।

ସୂଚନା ଥାଉକି, ବର୍ତ୍ତମାନ ହାଇବ୍ରିଡ ସମେତ ପେଟ୍ରୋଲ ଇଞ୍ଜିନ ଥିବା ଯାନ ଉପରେ ୨୮ ପ୍ରତିଶତ ଜିଏସ୍‌ଟି ଏବଂ ବୈଦ୍ୟୁତିକ ଯାନ ଉପରେ ପାଞ୍ଚ ପ୍ରତିଶତ ଜିଏସ୍‌ଟି ଆଦାୟ କରାଯାଉଛି। ଗଡକରୀ ଏହା ମଧ କହିଛନ୍ତି ଯେ, ଦେଶ ପ୍ରତିବର୍ଷ ୨୨ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ଜୀବାଶ୍ମ ଇନ୍ଧନ (କୋଇଲା, ଅଶୋଧିତ ତୈଳ) ଆମଦାନୀ କରିଥାଏ ଏବଂ ଏହା କେବଳ ବାୟୁ ପ୍ରଦୂଷଣ ସହ ଜଡିତ ସମସ୍ୟା ନୁହେଁ ବରଂ ଏକ ଆର୍ଥିକ ସମସ୍ୟା ମଧ ଅଟେ। ମନ୍ତ୍ରୀଙ୍କ ସୂଚନାନୁଯାୟୀ, ଜୀବାଶ୍ମ ଇନ୍ଧନ ଆମଦାନୀ ହ୍ରାସ କରି ଜୈବ ଇନ୍ଧନକୁ ଉତ୍ସାହିତ କରିବା ଦ୍ୱାରା କୃଷି କ୍ଷେତ୍ର ଅଧିକ ଲାଭବାନ ହେବ। ବାୟୋ ଇନ୍ଧନ କ୍ଷେତ୍ରରେ ଅନେକ ସମ୍ଭାବନା ଥିବାବେଳେ ଏହା ସାଧାରଣ ଲୋକଙ୍କ ପାଇଁ ମଧ ଲାଭଦାୟକ ହେବ। ଭାରତୀୟ ଅର୍ଥନୀତି ପାଇଁ ଅଟୋମୋବାଇଲ ଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ହୋଇଥିବାବେଳେ ଏହି ଶିଳ୍ପ ଏପର୍ଯ୍ୟନ୍ତ ୪.୫ କୋଟି ନିଯୁକ୍ତି ସୃଷ୍ଟି କରିଛି। ଏହା ହେଉଛି ଶିଳ୍ପ ଯାହା ରାଜ୍ୟ ତଥା କେନ୍ଦ୍ର ସରକାରଙ୍କୁ ସର୍ବାଧିକ ଜିଏସଟି ଦେଉଛି ବୋଲି ଗଡକରୀ ଦର୍ଶାଇଛନ୍ତି। ହିରୋ ଏବଂ ବଜାଜ ପରି ଦୁଇ ଚକିଆ ଉତ୍ପାଦନକାରୀ ଭାରତରେ ନିର୍ମିତ ବାଇକର ୫୦ ପ୍ରତିଶତ ରପ୍ତାନି କରୁଛନ୍ତି। ସେ କହିଛନ୍ତି, ଯଦି ଆମର ବାୟୋ-ଇନ୍ଧନ କ୍ଷେତ୍ରରେ ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ ଦ୍ୱାରା ରପ୍ତାନି ୧୦ ରୁ ୨୦ ପ୍ରତିଶତ ବୃଦ୍ଧି ପାଇବ। ପ୍ରଦୂଷଣ ବର୍ତ୍ତମାନ ସମଗ୍ର ବିଶ୍ୱରେ ଚିନ୍ତାର ବିଷୟ ହୋଇଥିବାବେଳେ ଏହା ପ୍ରଦୂଷଣ ରୋକିବାରେ ପରୋକ୍ଷ ଭାବେ ସହାୟକ ହେବ ବୋଲି ଆଶା କରାଯାଉଛି।

# ଶେୟାର ବଜାର କାରବାରରେ ଉତ୍ସାହ

**ନୂଆଦିଲ୍ଲୀ,୨।୯ (ଅଭୟ ଦାଶ)**

କ୍ରମାଗତ ୧୦ମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନସେକ୍ସ ୧୯୪ (୧୯୪.୦୭) ପଏଣ୍ଟ ବଢ଼ି ୮୨,୫୬୦ (୮୨,୫୫୯.୮୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସଇ)ର ନିଫ୍ଟି-୫୦ ରେ ମଧ ୪୩ (୪୨.୮୦) ପଏଣ୍ଟ ବୃଦ୍ଧି ଘଟି ୨୫,୨୭୯ (୨୫,୨୭୮.୭୦) ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ ବୃଦ୍ଧି ଘଟିଛି।

# ପି. ସି. ଚନ୍ଦ୍ରାର ୨ ଦିନିଆ ଅଳଙ୍କାର ପ୍ରଦର୍ଶନୀ

**ଭୁବନେଶ୍ୱର,୨।୯ (ଅଭୟ ଦାଶ)**



## ଇଟର୍ନା କଲେକ୍ସନ ଉନ୍ମୋଚିତ

ପି ସି ଚନ୍ଦ୍ରା ଜୁଏଲର୍ସର ୨ଦିନିଆ ଅଳଙ୍କାର ପ୍ରଦର୍ଶନୀ ସୋମବାର ଭୁବନେଶ୍ୱରର ଖାରବେଳନଗରସ୍ଥିତ ଶୋ'ରୁମ୍ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ରାଣ୍ଡର ବହୁ ପ୍ରତୀକ୍ଷିତ ତଥା ଅତି ସୂକ୍ଷ୍ମ କାରୁକାର୍ଯ୍ୟରେ ନିର୍ମିତ ଇଟର୍ନା କଲେକ୍ସନର ଅନାବରଣ (ଉନ୍ମୋଚନ) ମଧ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ପ୍ରତିବର୍ଷ ଭଳି ଚଳିତବର୍ଷର ପାର୍ବଣରତୁ ପୂର୍ବରୁ ପି ସି ଚନ୍ଦ୍ରା ଜୁଏଲର୍ସ ପକ୍ଷରୁ ଏକ ୨ଦିନିଆ ଅଳଙ୍କାର ପ୍ରଦଶର୍ନୀର ଆୟୋଜନ କରାଯାଇଛି। ଏହି ପ୍ରଦର୍ଶନୀ ୨୦୨୪ ସେପ୍ଟେମ୍ବର ୨ ଓ ୩ ତାରିଖ ସକାଳ ୧୦ରୁ ସନ୍ଧ୍ୟା ୯ ଘଟିକା ପର୍ଯ୍ୟନ୍ତ ଭୁବନେଶ୍ୱରର ଖାରବେଳନଗରସ୍ଥିତ ଶୋ'ରୁମ୍ ପରିସରରେ ଉପଲବ୍ଧ ରହିଛି। ସେହିଭଳି ଏହି ଅବସରରେ ବ୍ରାଣ୍ଡର ବିଭିନ୍ନ ଅଳଙ୍କାର ଓ ନୂତନ କଲେକ୍ସନ ଉନ୍ମୋଚନ ସାଙ୍ଗକୁ ପି ସି ଚନ୍ଦ୍ରାର ୧୦,୦୦୦ରୁ ଅଧିକ ହୀର ଓ ସୁନାର ଡିଜାଇନ ଉଭୟ ବିକ୍ରୟ ଓ ପ୍ରଦର୍ଶନୀ ପାଇଁ ଉନ୍ମୁକ୍ତ ରହିଛି। ଏପରିକି ଏହି ପରିପ୍ରେକ୍ଷୀରେ କ୍ରୟ କରୁଥିବା ଗ୍ରାହକ ଓ ଅଗ୍ରିମ ବୁକିଂ କରୁଥିବା ଉପଭୋକ୍ତାଙ୍କୁ ଆକର୍ଷଣୀୟ ଅଫର ଓ ରିହାତି ସାଙ୍ଗକୁ ଉପହାର ମଧ ଯୋଗାଇ ଦିଆଯାଉଛି। ସେହିପରି ପୁରୁଣା ସୁନା ଉପରେ ଶତପ୍ରତିଶତ ବଦଳ ଦର ଓ ମୂଲ୍ୟ ପ୍ରଦାନ କରାଯାଉଛି। ଏପରିକି ୦%ର ଇଏମ୍‌ଆଇ ସୁବିଧା ଓ ଗହଣା ବୀମା ଭଳି ସୁବିଧା ମଧ ଏହି ଅବସରରେ ପ୍ରଦାନ କରାଯାଉଛି।

ଏ ସମ୍ପର୍କରେ ପି ସି ଚନ୍ଦ୍ରା ଜୁଏଲର୍ସର ଭୁବନେଶ୍ୱରସ୍ଥିତ ଖାରବେଳନଗର ଆଉଟ୍‌ଲେଟର ମୁଖ୍ୟ ନାରୁଗୋପାଳ ସିଂହ କହିଥିଲେ, ଆମେ ଆମର ବହୁ ପ୍ରତୀକ୍ଷିତ ପାର୍ବଣ ପୂର୍ବ ପ୍ରଦର୍ଶନୀର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ଅବସରରେ ବ୍ରାଣ୍ଡର ଇଟର୍ନା କଲେକ୍ସନ୍ ଉନ୍ମୋଚନ କରି ଆନନ୍ଦିତ ଥିଲାବେଳେ ଗ୍ରାହକଙ୍କ ଚାହିଦା ଓ ବଜାର ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହି ୨ ଦିନିଆ ପ୍ରଦର୍ଶନୀର ଅୟମାରମ୍ଭ କରାଯାଇଛି। ଏହା ଜରିଆରେ ଆମେ ଆମର ବହୁମୂଲ୍ୟ ଗ୍ରାହକଙ୍କ ନିକଟତର ହେବା ସହିତ ସେମାନଙ୍କ ଆବଶ୍ୟକତାକୁ ମଧ ଉପହାର ଓ ରିହାତି ଜରିଆରେ ପୂରଣ କରିପାରିବୁ ବୋଲି ଆଶା ରଖିଛୁ।

# ପେଟ୍ରୋଲ ଏବଂ ଡିଜେଲରେ ଇଥାନଲ ମିଶ୍ରଣ

## ସରକାର ୯୯ ହଜାର କୋଟି ସଞ୍ଚୟ କରିଛନ୍ତି

**ଭୁବନେଶ୍ୱର,୨।୯ (ଅନୁରାଧା ମହାରଣା)**

କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ୍ ସିଂ ପୁରୀ କହିଛନ୍ତି ଯେ, ପେଟ୍ରୋଲ ଏବଂ ଡିଜେଲରେ ଇଥାନଲ ମିଶ୍ରଣ କରି କେନ୍ଦ୍ର ସରକାର ୯୯ ହଜାର କୋଟିରୁ ଅଧିକ ଟଙ୍କା ସଞ୍ଚୟ କରିଛନ୍ତି। ଭାରତ ସରକାରଙ୍କ ଇଥାନଲ ମିଶ୍ରଣ କାର୍ଯ୍ୟକ୍ରମ ସହାୟତାରେ ୧୭.୩ ନିୟୁତ ମେଟ୍ରିକ ଟନ ଅଶୋଧିତ ତେଲ କମ ବ୍ୟବହୃତ ହୋଇଛି। ଏହା ବ୍ୟତୀତ କାର୍ବନ ଡାଇଅକ୍ସାଇଡ ନିର୍ଗମନ ମଧ ୫୧.୯ ନିୟୁତ ଟନ ହ୍ରାସ ପାଇଛି। ଇଥାନଲ ମିଶ୍ରଣ କାର୍ଯ୍ୟକ୍ରମକୁ ସଫଳ ବୋଲି ବର୍ଣ୍ଣନା କରି ପୁରୀ ଏହାର ଉତ୍ପାଦନ ବୃଦ୍ଧି ତଥା ଯଥାସମ୍ଭବ ବ୍ୟବହାର କରିବାକୁ ଅନୁମତି ମଧ ଦେଇଛନ୍ତି। କେନ୍ଦ୍ର ମନ୍ତ୍ରୀ ସୋମବାର କହିଛନ୍ତି ଯେ ୨୦୧୪ ପରଠାରୁ ଇଥାନଲ ମିଶ୍ରଣ କାର୍ଯ୍ୟକ୍ରମ ସହାୟତାରେ ଆମେ ୯୯,୦୧୪ କୋଟି ଟଙ୍କା ବୈଦେଶିକ ମୁଦ୍ରା ସଞ୍ଚୟ କରିଛୁ। ଏଥିସହ ସେ କହିଛନ୍ତି ଯେ ସରକାର ୧୫ ପ୍ରତିଶତ ଇଥାନଲ ମିଶ୍ରଣ ଲକ୍ଷ୍ୟ ହାସଲ କରିଛନ୍ତି। ବର୍ତ୍ତମାନ ଏହାକୁ ଇଥାନଲ ଯୋଗାଣ ବର୍ଷ ୨୦୨୫-୨୬ ସୁଦ୍ଧା ୨୦ ପ୍ରତିଶତକୁ ନେବାକୁ ପଡିବ। ଜୈବ ଶକ୍ତି ସମ୍ପର୍କିତ ଆନ୍ତର୍ଜାତୀୟ ସମ୍ମିଳନୀରେ ଯୋଗ ଦେଇ ହରଦୀପ ସିଂ ପୁରୀ କହିଛନ୍ତି ଯେ, ଅଟୋମୋବାଇଲ ଇନ୍ଧନରେ ଇଥାନଲର ବ୍ୟବହାର ୨୦୧୪ରୁ ୧୭.୩ ନିୟୁତ ମେଟ୍ରିକ ଟନ ଅଶୋଧିତ ତୈଳର ବିକଳ୍ପ ହୋଇପାରିଛି। ସେ କହିଛନ୍ତି ଯେ ୨୦୧୪ ମସିହାରୁ ତୈଳ ମାର୍କେଟିଂ କମ୍ପାନୀଗୁଡିକ ଡିଷ୍ଟିଲରକୁ ୧.୪୫ ଟ୍ରିଲିୟନ ଟଙ୍କା ପ୍ରଦାନ କରିଥିବାବେଳେ କୃଷକମାନଙ୍କୁ ପ୍ରାୟ ୮୭,୫୫୮ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଦେଶରେ ୧୫,୬୦୦ ରୁ ଅଧିକ ପେଟ୍ରୋଲ ପମ୍ପରେ ଇ୨୦ ପେଟ୍ରୋଲ (୨୦ ପ୍ରତିଶତ ଇଥାନଲ ମିଶ୍ରିତ ପେଟ୍ରୋଲ) ଉପଲବ୍ଧ ରହିଛି। ମାର୍ଚ୍ଚରେ ମଧ କେନ୍ଦ୍ର ସରକାର ଇ୧୦୦ ଇନ୍ଧନ ଲଞ୍ଚ କରିଥିଲେ। ଏଥିରେ ୫ ପ୍ରତିଶତ ପେଟ୍ରୋଲ ଏବଂ ୧.୫ ପ୍ରତିଶତ ଦ୍ରବଣକାରୀ ଏବଂ ୯୩-୯୩.୫ ପ୍ରତିଶତ ଇଥାନଲ ରହିଛି। ଏହାର ଉଚ୍ଚ ଅକ୍ଟେନ ରେଟିଂ ସହିତ ଉଚ୍ଚ କ୍ଷମତା ସମ୍ପନ୍ନ ଇଞ୍ଜିନ ପାଇଁ ଏହା ଉପଯୋଗୀ ଅଟେ। ସେହିପରି ସରକାର ଫୁଡ କର୍ପୋରେଶନ ଅଫ ଇଣ୍ଡିଆରୁ ଇଥାନଲ ଡିଷ୍ଟିଲରିରେ ଚାଉଳ ଯୋଗାଣ ଆରମ୍ଭ କରିଛନ୍ତି। ଏହା ସହିତ ୨୦୨୪ ଅଗଷ୍ଟରୁ ଅକ୍ଟୋବର ପର୍ଯ୍ୟନ୍ତ ଇ-ନିଲାମ ମାଧ୍ୟମରେ ସେମାନଙ୍କୁ ୨୩ ଲକ୍ଷ ଟନ ଚାଉଳ କିଣିବାକୁ ଅନୁମତି ଦିଆଯାଇଛି। ଏହା ସହିତ, ଇଥାନଲ ଉତ୍ପାଦନ ବୃଦ୍ଧି ପାଇଁ ୨୦୨୪ ନଭେମ୍ବରରୁ ଆଖୁ ରସ ଏବଂ ସିରପ ଯୋଗାଣ ଆରମ୍ଭ ହେବ।

# ଟାଟା ମୋଟର୍ସର ଅଲ୍ ନ୍ୟୁ 'କର୍ଭ'ର ଅନାବରଣ




ଟାଟା ମୋଟର୍ସର ନୂତନ ମଡେଲ 'ଅଲ୍ ନ୍ୟୁ କର୍ଭ'ର ଅନାବରଣ ସୋମବାର ମୁମ୍ବାଇଠାରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଅନାବରଣ ଉତ୍ସବରେ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

**ମୁମ୍ବାଇ,୨।୯ (ଅଭୟ ଦାଶ)**

ଟାଟା ମୋଟର୍ସର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍ ନ୍ୟୁ 'କର୍ଭ'ର ଅନାବରଣ ସୋମବାର ମୁମ୍ବାଇଠାରେ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ କର୍ଭ କୁପେ ଏସ୍‌ୟୁଭିରେ ସମସ୍ତ ପ୍ରକାରର ଆଧୁନିକ ସୁରକ୍ଷା ବ୍ୟବସ୍ଥା ସାଙ୍ଗକୁ ଅତ୍ୟାଧୁନିକ ଫିଚର ସାମିଲ ରହିଛି। ଏପରିକି ଏହି ମଡେଲ ୨ଟି ଭାରିଆଣ୍ଟ ଉଭୟ ପେଟ୍ରୋଲ ଏବଂ ଏବଂ ଡିଜେଲ ସହ ଇଣ୍ଟରନାଲ କମ୍ବ୍ୟୁଶନ ଇଞ୍ଜିନ (ଆଇସିଇ) ଅପଶନରେ ଉପଲବ୍ଧ ହେଉଛି। ସେହିଭଳି ଏହି ମଡେଲର ଡିଜାଇନ ଓ ଆକର୍ଷଣୀୟ କଲର ସବୁ ବର୍ଗର ଗ୍ରାହକଙ୍କୁ ଆକୃଷ୍ଟ କରୁଥିଲାବେଳେ ବଜାର ଚାହିଦା ମୁତାବକ ଦର ଗ୍ରାହକଙ୍କ ଆବଶ୍ୟକତା ମଧ ପୂରଣ କରିବ ବୋଲି କମ୍ପାନୀ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି। ସେହିପରି ଏହି ନୂଆ ଏସ୍‌ୟୁଭିର ବଡି ବେଶ୍ ଆକର୍ଷଣୀୟ ହୋଇଥିଲାବେଳେ କ୍ଷମତା ଓ ଉଚ୍ଚତା ଦୃଷ୍ଟିରୁ ଏହା ଶିଳ୍ପରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ବ୍ରାଣ୍ଡ୍ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଏ ସମ୍ପର୍କରେ ଟାଟା ମୋଟର୍ସ (ଯାତ୍ରୀବାହୀ ବର୍ଗ)ର ଏମ୍‌ଡି ଶୈଳେଶ ଚନ୍ଦ୍ରା କହିଥିଲେ, ଆମେ ଆମର ନୂତନ ମଡେଲ କର୍ଭ ର ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ମଡେଲ ସବୁ ବର୍ଗର ଗ୍ରାହକ ଓ ଶିଳ୍ପର ଏକ ନୂଆ ପରିଭାଷା ସୃଷ୍ଟି କରିବ। ଏହାର ପ୍ରାରମ୍ଭିକ ବଜାର ମୂଲ୍ୟ (ଏକ୍ସ ଶୋ'ରୁମ୍ ନୂଆଦିଲ୍ଲୀ) ୯.୯୯ ଲକ୍ଷ ଟଙ୍କା ରହିଛି।

# ଏୟାର ଇଣ୍ଡିଆ ବିମାନ ଯାତ୍ରାରେ ମିଳିବ ୱାଇଫାଇ ସେବା

**ଭୁବନେଶ୍ୱର,୨।୯ (ଅନୁରାଧା ମହାରଣା)**

ଦିଲ୍ଲୀ-ଲଣ୍ଡନ ହେଥ୍ରୋ ରୁଟରେ ଏ୩୫୦ ବିମାନଠାରୁ ଆରମ୍ଭ କରି ଏୟାର ଇଣ୍ଡିଆ ଖୁବ ଶୀଘ୍ର ବିମାନରେ ୱାଇ-ଫାଇ ସୁବିଧା ଆରମ୍ଭ କରିବ। ଟାଟା ଗ୍ରୁପ ମାଲିକାନାର ଏହି ବିମାନ, ଏକ ଉଚ୍ଚକୋଟୀର ରୂପାନ୍ତର ଯାତ୍ରା ଉପରେ, ରବିବାର ଦିନ ଏ୩୫୦-୯୦୦ ବିମାନ ସହିତ ଦିଲ୍ଲୀ ଏବଂ ଲଣ୍ଡନ ହେଥ୍ରୋ ମଧ୍ୟରେ ସେବା ଆରମ୍ଭ କରିଛି। ସୋମବାର ଜାରି କରାଯାଇଥିବା ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ ଏହି ମାର୍ଗରେ ବିମାନ ଦିନକୁ ଦୁଇଥର ଚଳାଚଳ କରିବ। ଏହାର ଏ୩୫୦ ବିମାନରେ ବ୍ୟବସାୟରେ ଫୁଲ ଫ୍ଲାଟ ବେଡ ସହିତ ୨୮ ଟି ଘରୋଇ ସୁଟ, ପ୍ରିମିୟମ ଇକୋନୋମିରେ ୨୪ ଟି ସିଟ ଏବଂ ଅର୍ଥନୀତିରେ ୨୬୪ ଟି ସିଟ ଅଛି। ଏୟାରଲାଇନ୍ସ ଅନୁଯାୟୀ, ଏହା ଖୁବ ଶୀଘ୍ର ଦିଲ୍ଲୀ-ଲଣ୍ଡନ ହେଥ୍ରୋ ମାର୍ଗରେ ଏ୩୫୦ରୁ ଅନ-ବୋର୍ଡ ୱାଇ-ଫାଇ ପ୍ରବର୍ତ୍ତନ କରିବ। ଚଳିତ ବର୍ଷ ଆରମ୍ଭରେ, କ୍ଷତିଗ୍ରସ୍ତ ବିମାନ କମ୍ପାନୀ ଏ୩୫୦ ବିମାନ ଯୋଗାଇବା ଆରମ୍ଭ କରିଥିଲା। ଏ୩୫୦-୯୦୦ ବର୍ତ୍ତମାନ ୧୭ଟି ସାପ୍ତାହିକ ବିମାନ ମଧ୍ୟରୁ ୧୪ଟିରେ ନିୟୋଜିତ ବୋଇଙ୍ଗ ୭୭୭-୩୦୦ଇଆର୍ ଏବଂ ବୋଇଙ୍ଗ ୭୮୭-୮ ଡ୍ରିମଲିନର୍ ବଦଳାଇବ। ଫଳରେ ପ୍ରତି ସପ୍ତାହରେ ଦିଲ୍ଲୀ-ଲଣ୍ଡନ ହିଥ୍ରୋ ମାର୍ଗରେ ଅତିରିକ୍ତ ୩୩୬ଟି ସିଟ ଉପଲବ୍ଧ ହେବ।

# ବଜାରରେ ରୟାଲ ଏନ୍‌ଫିଲ୍‌ଡର ଅଲ୍ ନ୍ୟୁ କ୍ଲାସିକ ୩୫୦




ଭୁବନେଶ୍ୱରର ଗୁଗନାନି ଅଟୋମୋବାଇଲ୍ସଠାରେ ଏହି ମଡେଲର ଅନାବରଣ ହୋଇଯାଇଛି। ଏହି ଅବସରରେ ଡିଲର ସ୍ୱତ୍ୱାଧିକାରୀ ରାଜେଶ ଗୁଗନାନିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଦେଶର ପ୍ରମୁଖ ପ୍ରିମିୟମ ବାଇକ ତଥା ବୁଲେଟ ରାଜା ଭାବେ ପରିଚିତ ରୟାଲ ଏନ୍‌ଫିଲ୍‌ଡର ଅଲ୍ ନ୍ୟୁ କ୍ଲାସିକ ୩୫୦ର ସର୍ବଭାରତୀୟ ଅନାବରଣ (ଲଞ୍ଚିଂ) ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର୍ସଗୁଡ଼ିକ ପକ୍ଷରୁ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ କମ୍ପାନୀର ବରିଷ୍ଠ ଅଧିକାରୀ ଓ ଡିଲର୍ସଙ୍କ ଉପସ୍ଥିତିରେ ଏହାର ଅନାବରଣ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ କ୍ଲାସିକ ୩୫୦ ରୟାଲ ଏନ୍‌ଫିଲଡରେ ୩୪୯ ସିସି ଏୟାର କୁଲଡ ଇଞ୍ଜିନ ସମେତ ଅତ୍ୟାଧୁନିକ ଫିଚର ଓ ସୁରକ୍ଷା ବ୍ୟବସ୍ଥା ସାମିଲ ରହିଛି। ଏପରିକି ୨୦.୨ ବିଏଚ୍‌ପି @ ୬୧୦୦ ଆରପିଏମ୍ ଆଣ୍ଡ ପିକ୍ ଟର୍କ ସହିତ ୨୭ ଏନଏମ @ ୪୦୦୦ ଆରପିଏମ ସମେତ ବହୁ ଆଧୁନିକ ବୈଶିଷ୍ଟ୍ୟ ସାମିଲ ଅଛି। ଅପରପକ୍ଷରେ ଏହି ମଡେଲ ବେଶ ଆକର୍ଷଣୀୟ ଡିଜାଇନ ଓ ୭ଟି କଲରରେ ଉପଲବ୍ଧ ଏହି ମଡେଲର ବଜାର ଦର (ଏକ୍ସ-ଶୋ'ରୁମ୍ ମୂଲ୍ୟ) ୧.୯୯ ଲକ୍ଷରୁ ଆରମ୍ଭ ହେଉଛି।



ଜୟ ବାବା ଅଟୋ ଲୁଇସ୍ ରୋଡ୍ ଭୁବନେଶ୍ୱରଠାରେ ଏହି ମଡେଲର ଅନାବରଣ ହୋଇଯାଇଛି। ଏହି ଅବସରରେ ଡିଲର ସ୍ୱତ୍ୱାଧିକାରୀ ମାଧବ ଲୋଦାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।




ଭଦ୍ରକର ଜ୍ୟୋତ୍ସ୍ନା ଅଟୋ ପରିସରରେ ଏହି ମଡେଲର ଅନାବରଣ ହୋଇଯାଇଛି। ଏହି ଅବସରରେ ଡିଲର ସ୍ୱତ୍ୱାଧିକାରୀ ଉତ୍କଳ କେଶରୀ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।




ବୀରେନ୍ଦ୍ର ମୋଟର ଯାଜପୁର ରୋଡଠାରେ ଏହି ମଡେଲର ଅନାବରଣ ହୋଇଯାଇଛି। ଏହି ଅବସରରେ ଡିଲର ସ୍ୱତ୍ୱାଧିକାରୀ ପ୍ରତାପଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



ଭବାନୀପାଟଣାର ଶ୍ୟାମକ୍ରିଷ୍ଣା ମାର୍ଟଠାରେ ଏହି ମଡେଲର ଅନାବରଣ ହୋଇଯାଇଛି। ଏହି ଅବସରରେ ଡିଲର ସ୍ୱତ୍ୱାଧିକାରୀ ଗୋବିନ୍ଦଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।






ପ୍ୟାରିସ ପାରାଲିମ୍ପିକ୍ସରେ ସୋମବାର ସ୍ୱର୍ଣ୍ଣ ପଦକ ବିଜୟୀ ଭାରତର ସୁମିତ ଆଣ୍ଟିଲ ଓ ନିତେଶ କୁମାର।



ଷ୍ଟେଡ୍ ଡି ଫ୍ରାନ୍ସ ଷ୍ଟାଡିୟମରେ ଅନୁଷ୍ଠିତ ମହିଳା ଲଙ୍ଗଜମ୍ପ-ଟି୬୪ ଫାଇନାଲ ଅବସରରେ ଆମେରିକାର ବ୍ରିଜ୍ ହାକ୍।

# ଯୋଗେଶ, ତୁଳସୀମତି, ୟାଥିରାଜଙ୍କୁ ରୌପ୍ୟ ପଦକ

ପ୍ୟାରିସ, ୨।୯

ପ୍ୟାରିସ ପାରାଲିମ୍ପିକ୍ସରେ ସୋମବାର ଭାରତର ନିତେଶ କୁମାର ଓ ସୁମିତ ଆଣ୍ଟିଲଙ୍କ ସ୍ୱର୍ଣ୍ଣ ବ୍ୟତୀତ ଯୋଗେଶ କାଥୁନିୟା, ତୁଳସୀମତି ମୁରୁଗେସାନ, ସୁହାସ ୟାଥିରାଜ ରୌପ୍ୟ ଏବଂ ମନୀଷା ରାମଦାସ ଓ ଆର୍ଚେରୀ ଟିମ୍ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପୁରୁଷ ଡିସ୍କସ୍ ଥ୍ରୋ ଏଫ୍-୫୬ ବର୍ଗରେ ଯୋଗେଶ ସିଜନ ଶ୍ରେଷ୍ଠ ୪୨.୨୨ ମିଟର ଥ୍ରୋ କରିଥିଲେ ମଧ୍ୟ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ୨୭ ବର୍ଷୀୟ ଏହି ଡିସକସ୍ ତାରକା ପ୍ରଥମ ଉଦ୍ୟମରେ ହିଁ ଏହି ଥ୍ରୋ କରିଥିଲେ। ସେ ୩ ବର୍ଷ ତଳେ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ରୌପ୍ୟ ପଦକ ହାସଲ କରିଥିଲେ। ବ୍ରାଜିଲର କ୍ଲାଉଡିନେ ବାଟିଷ୍ଟା ଡୋସ ସାଣ୍ଟୋସ ୪୬.୮୬ ମିଟର ଥ୍ରୋ କରି ଗେମ୍ସ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ଏଥିସହ ସେ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବାରେ ହ୍ୟାଟ୍ରିକ କରିଛନ୍ତି। ଗ୍ରୀସ୍‌ର କୋନଷ୍ଟାଣ୍ଟିଅସ ଜୋନିସ ୪୧.୩୨ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ପାଇଛନ୍ତି। ଦୁଇଟି ପାରାଲିମ୍ପିକ୍ସ ରୌପ୍ୟ ପଦକ ବ୍ୟତୀତ ଯୋଗେଶ ୩ଟି ବିଶ୍ୱ ଚାମ୍ପିୟନଶିପ୍ ପଦକ ମଧ୍ୟ ହାସଲ କରିଛନ୍ତି। ଏହା ମଧ୍ୟରେ ୨ ରୌପ୍ୟ ଓ ୧ ବ୍ରୋଞ୍ଜ ସାମିଲ। ଟୋକିଓ ପାରାଲିମ୍ପିକ୍ସରେ ସେ ୪୪.୩୮ ମିଟର ଥ୍ରୋ କରିଥିଲେ ମଧ୍ୟ ଏଠାରେ ସେହି ପ୍ରଦର୍ଶନ ଦୋହରାଇ ପାରି ନ ଥିଲେ। ଅନ୍ୟ ପକ୍ଷରେ ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ୪୫ ବର୍ଷୀୟ ବ୍ରାଜିଲର ଡୋସ ସାଣ୍ଟୋସ ସୋମବାର ୨ ଥର ପାରାଲିମ୍ପିକ୍ସ ରେକର୍ଡ ଭାଙ୍ଗିଥିଲେ। ସେ ନିଜ ଦ୍ୱିତୀୟ ଉଦ୍ୟମରେ ୪୬.୪୫ ଓ ୫ମ ଉଦ୍ୟମରେ ୪୫.୫୯ ମିଟର ଥ୍ରୋ କରି ଏହି ରେକର୍ଡ କରିଥିଲେ।

## ମନୀଷାଙ୍କୁ ଓ ଆର୍ଚେରୀରୁ ବ୍ରୋଞ୍ଜ



ତୁଳସୀମତି ମୁରୁଗେସାନ

ମହିଳା ସିଙ୍ଗଲ୍ସ ଏସୟୁ୫ ବର୍ଗର ବ୍ୟାଡ୍‌ମିଣ୍ଟନ ଫାଇନାଲରେ ମୁରୁଗେସାନ ଚାଇନାର ୟାଙ୍ଗ କୁଇ ଜିଆଙ୍କଠାରୁ ୧୭-୨୧, ୧୦-୨୧ରେ ହାରି ରୌପ୍ୟ ପଦକ ପାଇଛନ୍ତି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ରାମଦାସ ଡେନ୍‌ମାର୍କର କାଥରିନ ରୋସେନଗ୍ରେନଙ୍କୁ ୨୧-୧୨, ୨୧-୮ରେ ପରାସ୍ତ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ପୁରୁଷ ବ୍ୟାଡ୍‌ମିଣ୍ଟନ ଏସଏଲ୍‌୪ ଫାଇନାଲରେ ଭାରତର ସୁହାସ ୟାଥିରାଜ ଫ୍ରାନ୍ସର ଲୁକାସ ମଜୁରଙ୍କଠାରୁ ୯-୨୧, ୧୩-୨୧ରେ ପରାଜିତ ହୋଇ ରୌପ୍ୟରେ ସନ୍ତୁଷ୍ଟ ହୋଇଥିଲେ। ଟୋକିଓ ପାରାଲିମ୍ପିକ୍ସରେ ମଧ୍ୟ ସେ ରୌପ୍ୟ ପଦକ ପାଇଥିଲେ। ମିକ୍ସଡ ଟିମ୍ କମ୍ପାଉଣ୍ଡ ଇଭେଣ୍ଟରେ ଭାରତର ରାକେଶ କୁମାର ଓ ଶୀତଲ ଦେବୀ ବ୍ରୋଞ୍ଜ ପଦକ ପାଇଛନ୍ତି। ଫାଇନାଲରେ ଏହି ଯୋଡ଼ି ଇଟାଲୀ ପ୍ରତିଦ୍ୱନ୍ଦ୍ୱୀ ମାଟେଓ ବୋନାସିନା ଓ ଏଲିଓନାରା ସାର୍ତିଙ୍କୁ ମାତ୍ର ୧ ପଏଣ୍ଟ(୧୫୬-୧୫୫)ରେ ହରାଇ ବ୍ରୋଞ୍ଜ ହାସଲ କରିଛନ୍ତି। ପ୍ରଥମ ରାଉଣ୍ଡରେ ଭାରତ-ଇଟାଲୀ ସ୍କୋର ୩୮-୪୦ ରହିଥିଲା। ଦ୍ୱିତୀୟ ରାଉଣ୍ଡରେ ୪୦-୩୮, ତୃତୀୟ ରାଉଣ୍ଡରେ ୩୮-୩୯ ଓ ୪ର୍ଥ ତଥା ଅନ୍ତିମ ରାଉଣ୍ଡରେ ସ୍କୋର ୪୦-୩୮ ରହିବାରୁ ମାରତ ୧ ପଏଣ୍ଟରେ ଜିତିବାରେ ସକ୍ଷମ ହୋଇଥିଲା।



ଶୀତଲ ଦେବୀ ଓ ରାକେଶ କୁମାରଙ୍କୁ ନେଇ ଗଠିତ ଆର୍ଚେରୀ ଟିମ୍।



ମନୀଷା ରାମଦାସ

## ଯୋଗେଶଙ୍କ ସଫଳତା ପଛରେ ମା'ଙ୍କ ହାତ

ପ୍ୟାରିସ୍ ପାରାଲିମ୍ପିକ୍ସରେ ଏଫ୍-୫୬ ଡିସ୍କସ ଥ୍ରୋରେ ଭାରତ ପାଇଁ କ୍ରମାଗତ ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି ଯୋଗେଶ କାଥୁନିୟା। ଟୋକିଓ ପାରାଲିମ୍ପିକ୍ସରେ ମଧ୍ୟ ଯୋଗେଶ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଚତୁର୍ଥ ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥଲେଟ ଭାବରେ ଯୋଗେଶ ଦୁଇଟି ଅଲିମ୍ପିକ୍ସ ପଦକ ଜିତିବାର ରେକର୍ଡ କରିଛନ୍ତି। ପୂର୍ବରୁ ଦେବେନ୍ଦ୍ର ଝାଝରିଆ, ନିଶାଦ କୁମାର ଓ ପ୍ରୀତି ପାଲ୍ ଦୁଇଟି ଲେଖାଏ ପଦକ ବିଜୟୀ ହୋଇଛନ୍ତି। ଷ୍ଟାଡ ଡି ଫ୍ରାନ୍ସରେ ପୋଡିୟମ ହାସଲ କରିଥିବା ଯୋଗେଶଙ୍କ ମାତ୍ର ୯ ବର୍ଷ ବୟସରେ ଗଲିଆନ୍ ବାର ସିଣ୍ଡ୍ରୋମରେ ପୀଡିତ ହୋଇଥିଲେ। ଏହି ରୋଗରେ ଶରୀରର ସ୍ନାୟୁ ଦୁର୍ବଳ ହୋଇଯାଏ। ଫଳରେ ଯୋଗେଶ ଚାଲିବାର କ୍ଷମତା ହରାଇଥିଲେ। ତେବେ ଯୋଗେଶଙ୍କ ମା' ମୀନା ଦେବୀ ଓ ଭାରତୀୟ ସେନାର ଅଫିସର ଥିବା ପିତା ଜ୍ଞାନଚାନ୍ଦ କିନ୍ତୁ ହାର ମାନି ନ ଥିଲେ। ଗୃହିଣୀ ହୋଇଥିଲେ ମଧ୍ୟ ପୁଅକୁ ସୁସ୍ଥ କରିବା ପାଇଁ ମୀନା ଫିଜିଓ ଥେରାପି ଶିଖିଥିଲେ। ୩ ବର୍ଷ ଧରି ମା'ଙ୍କ ନିରନ୍ତର ପ୍ରୟାସରେ ପୁଣି ଥରେ ନିଜ ପାଦରେ ଛିଡା ହୋଇଥିଲେ।

୨୦୧୬ରେ କିରୋଡି ମାଲ କଲେଜର ଛାତ୍ରସଂଘ ସାଧାରଣ ସମ୍ପାଦକ ସଚିନ୍ ଯାଦବଙ୍କ ସଂସ୍ପର୍ଶରେ ଆସିବା ପରେ ପାରା ଆଥ୍‌ଲେଟିକ୍ସ ସମ୍ପର୍କରେ ଧାରଣା ଆସିଲା। ଡିସ୍କସ ଥ୍ରୋ ଅଭ୍ୟାସ କରିବା ସହ ପ୍ରଥମେ ଏଫ୍୩୬ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୨୦୧୮ରେ ବର୍ଲିନ ୟୁରୋପିଆନ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରି ୪୫.୧୮ ମିଟରର ଥ୍ରୋ କରିଥିଲେ।



ଯୋଗେଶ କାଥୁନିୟା

# ଆଇଏଏସ୍‌ଙ୍କ ଡବଲ ସିଲ୍‌ଭର

ପ୍ୟାରିସ୍, ୨।୯



ସୁହାସ ୟାଥିରାଜ

ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତ ପାଇଁ କ୍ରମାଗତ ଦ୍ୱିତୀୟ ରୌପ୍ୟ ପଦକ ଜିତିବାରେ ସଫଳ ହୋଇଛନ୍ତି ପ୍ରଶାସନିକ ଅଧିକାରୀ ସୁହାସ ୟାଥିରାଜ। ୨୦୦୭ ବ୍ୟାଚ୍‌ର ଉତ୍ତର ପ୍ରଦେଶ କ୍ୟାଡର ଆଇଏଏସ୍ ରହିଥିବା ସୁହାସ ଗୌତମ ବୁଦ୍ଧ ନଗର ଓ ପ୍ରୟାଗରାଜର ଜିଲା ମାଜିଷ୍ଟ୍ରେଟ୍ ଭାବରେ କାର୍ଯ୍ୟ କରିଛନ୍ତି। ପ୍ରଶାସନିକ ସେବାରେ ଥିବା ସୁହାସ ଏକାଡେମୀ ସମୟରୁ ହିଁ ବ୍ୟାଡମିଣ୍ଟନ ଖେଳିବା ଆରମ୍ଭ କରିଥିଲେ। ଏସ୍ ଏଲ୍-୪ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଏହି ଖେଳାଳି ଜଣଙ୍କ ଭାରତ ପାଇଁ ପାରାଲିମ୍ପିକ୍ସରେ ଦୁଇଟି ରୌପ୍ୟ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ଟୋକିଓରେ ସମାନ ଇଭେଣ୍ଟରେ ଏକ ରୌପ୍ୟ ପଦକ ହାସଲ କରିଥିଲେ। ୨୦୧୨ରେ ସୁହାସ ପାରା ବ୍ୟାଡମିଣ୍ଟନ ଖେଳିବା ଆରମ୍ଭ କରିଥିଲେ।

କର୍ଣ୍ଣାଟକର ହସନ ଜିଲାରେ ଜନ୍ମ ଗ୍ରହଣ କରିଥିବା ବେଳେ ଏନ୍‌ଆଇଟି, ସୁରଥକଲରୁ କମ୍ପ୍ୟୁଟର ସାଇନ୍ସରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ ସୁହାସ। ଏସ୍‌ଏପି ଲାବ୍ସ ଇଣ୍ଡିଆ ପାଇଁ ବେଙ୍ଗାଲୁରୁ, ବ୍ୟାଙ୍କକ ଓ ଜର୍ମାନୀରେ କାମ କରିଥିଲେ। ତେବେ ୨୦୦୫ରେ ପିତାଙ୍କ ଦେହାନ୍ତ ପରେ ସୁହାସଙ୍କ ଜୀବନରେ ଆସିଥିଲା ବଡ ପରିବର୍ତ୍ତନ। ପିତାଙ୍କ ସ୍ୱପ୍ନ ପୂରଣ କରିବାକୁ ପ୍ରଶାସନିକ ସେବାରେ ଯୋଗ ଦେବାକୁ ନିଷ୍ପତ୍ତି ନେଇଥିଲେ। ମାତ୍ର ୨ ବର୍ଷ ଭିତରେ ଆଇଏଏସ ଅଧିକାରୀ ଭାବରେ କାର୍ଯ୍ୟ କରିଥିଲେ। ଉତ୍ତର ପ୍ରଦେଶର ଏକାଧିକ ଜିଲାରେ କାର୍ଯ୍ୟ କରିଥିବା ସୁହାସଙ୍କୁ ଲକ୍ଷ୍ମଣ ଆୱାର୍ଡ, ଅର୍ଜୁନ ପୁରସ୍କାର, ଯଶ ଭାରତୀ ସମ୍ମାନ ମିଳି ସାରିଛି। ୨୦୧୯ରେ ମିସ୍. ୟୁପି ରହିଥିବା ପିସିଏସ୍ ଅଧିକାରୀ ରିତୁଙ୍କୁ ବିବାହ କରିଛନ୍ତି ସୁହାସ। ଉଭୟଙ୍କ ଦୁଇଟି ସନ୍ତାନ ଥିବା ବେଳେ ରିତୁ ଗାଜିଆବାଦର ସହକାରୀ ଡିଏମ୍ ରହିଛନ୍ତି।



## କାଙ୍ଗ ୟାଟ୍ସେ ଆରୋହଣ କଲେ ସନ୍ତୋଷ

ଭୁବନେଶ୍ୱର, ୨।୯ (ସରୋଜ ଜେନା)

ଓଡ଼ିଶା ମାଉଣ୍ଟେନିୟରିଙ୍ଗ ଆସୋସିଏଶନ ସଦସ୍ୟ ତଥା ଭୁବନେଶ୍ୱର ବାସିନ୍ଦା ସନ୍ତୋଷ କାଙ୍ଗ ୟାଟ୍ସେ ପର୍ବତମାଳା ସଫଳତାର ସହ ଆରୋହଣ କରିଛନ୍ତି। ଅଗଷ୍ଟ ୨୩ ତାରିଖରେ କାଙ୍ଗ ୟାଟ୍ସେ-୧(୬୪୦୦ ମିଟର) ଓ ଅଗଷ୍ଟ ୨୭ ତାରିଖରେ କାଙ୍ଗ ୟାଟ୍ସେ-୨(୬୨୫୦ ମି.) ଆରୋହଣ କରିଥିଲେ। ଆଇଟି ପ୍ରଫେଶନାଲ ଭାବରେ ବେଙ୍ଗାଲୁରୁରେ କାମ କରୁଥିବା ସନ୍ତୋଷଙ୍କ ସଫଳତା ପାଇଁ ଓଡ଼ିଶା ମାଉଣ୍ଟେନିୟରିଙ୍ଗ ଆସୋସିଏଶନ ନିର୍ଦ୍ଦେଶକ କମାଣ୍ଡର ଡି.କେ. ମିଶ୍ର, ଡ. ସାର୍ଥକ ପଟ୍ଟନାୟକ ଓ ଗାୟତ୍ରୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

ODISHA NURSES & MIDWIVES REGISTRATION COUNCIL
DIRECTORATE OF MEDICAL EDUCATION & TRAINING, ODISHA
Bhubaneswar, Odisha - 751001
e-mail: onmrc.odisha1@gmail.com
NOTICE FOR OPENING OF NEW INSTITUTIONS FOR THE ACADEMIC SESSION: 2025-26
(Notice No. 5751 Dt.31.08.2024)
No. E-267: In continuation of Notice No. 5254 Dt.25.07.2024 applications are invited for opening of New Nursing Training Institutions for different Nursing Courses for the session 2025-26 in the State of Odisha is reopened from 05.09.2024 to 10.09.2024.
The Govt. Notification, Guidelines, Inspection fees are available in the DMET website. The link for submission of online application is available in the website: "dmetodisha.gov.in" from 05.09.2024 to 10.09.2024.
The last date for submission is 10.09.2024.
No applications will be entertained after last date.
No manual application will be entertained.
Sd./- Director-cum-Chairman, ONMRC
OIPR-10252/11/0001/2425

ZILLA SWASTHYA SAMITI, DHENKANAL
OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL
e-mail-nhmdkl@gmail.com
No. 2693 Date : 31.08.2024
INVITING OBJECTIONS (IF ANY) OF THE DATA BASE
No.E-271 : In pursuance to the Advt. No-2987 dtd-07.09.2023, the Candidates applied for the post of **PPM Co-ordinator, Data Assistant-cum-Accountant-UH, Office Assistant** under NHM for Dhenkanal District are hereby requested to look over the database for the above posts in the District website www.dhenkanal.odisha.gov.in. In case of any objection regarding the database, may be communicated to the Chief District Medical & PH Officer, Dhenkanal in written on or before dt. 18.09.2024, 5.30 P.M. by "Speed Post / Registry Post only" with the superscription on the envelop **"Objection on the Database for the Post of ...............". No further add-on documents shall be accepted**. Any Objection will not be entertained after the due date. The Undersigned is not responsible for any postal delay.
OIPR-10059/11/0003/2425 Sd./- CDM&PHO-cum-DMD, Dhenkanal

OFFICE OF THE SUNDARGARH MUNICIPALITY, SUNDARGARH
EXPRESSION OF INTEREST (EoI)
Notice No.3384, Dt.30.08.2024
**No.C-532:**Executive Officer, Sundargarh Municipality, Sundargarh invites bid double cover sealed Expression of Interest (EoI) in offline mode from intrested/intending eligible agency/firm/contractor for "Installation of modular toilets at different place of Sundargarh Municipality." DTCN alongwith terms & conditions can be obtained in the office of the Sundargarh Municipality, Sundargarh during office hours on payment of Rs.10,000.00 (Rupees Ten Thousand) only (not refundable) from dt.03.09.2024 to dt. 09.2024. The Expression of Interest also available in the Sundargarh district portal i.e. sundargarh.odisha.gov.in. EoI without payment of paper cost and EMD in original shall not be accepted in any case and will be rejected summarily. The agency/firm/contractor must be accompanied with (i) cost of tender paper, (ii) EMD in original, photo copy of valid (iii) GSTIN (iv) Complete Organisation details, Authenticated proof of the Organisation (v) No Relation certificate (Appendix-A) (vi) Litigation certificate (Appendix-B). The sealed EoI and other documents will be received offline on or before dt.12.09.2024 upto 4.30 PM and will be opened on the same day at 4.30 PM in presence of the bidder or their authorized representatives. The authority reserves the right to accept or cancel any or all EoI without assigning any reason thereof.
Sd./- Executive Officer, Sundargarh Municipality
OIPR-13130/11/0019/2425

ଜିଲ୍ଲା ପରିଷଦ, ସୁନ୍ଦରଗଡ
ZILLA PARISAD, SUNDARGARH
ORMAS, SUNDARGARH
(Sundargarh-770001, Email : ori-dsundargarh@nic.in, Tel. No. : 06622-273873)
(Under Panchayati Raj & Drinking Water Department, Odisha, Bhubaneswar)
Tender Call Notice No. 484/ZP (ORMAS) Dated - 31.08.2024
No.CAD-1023 : ORMAS, Sundargarh invites prospective bidders from interested and experienced Firms/Agencies Tentage & Allied works for National level Pallishree Mela in Sundargarh. The details of the tender are available on notice board of Zilla Parisad, Sundargarh and Sundargarh district website sundargarh.odisha.gov.in.
Last Date of Submission : 13.09.2024 (12.00 Noon)
Opening of the bids : 13.09.2024 (04.00 P.M. onwards) at Zilla Parisad, Sundargarh
Sd./- Chief Development Officer-cum-Executive officer, Zilla Parisad, Sundargarh
OIPR-19260/11/0002/2425

OFFICE OF THE ASST DIRECTOR OF SERICULTURE, SUNDARGARH
At-Mahesdihi, Sundargarh, 770001
Email – adssundergarh@yahoo.com
Tender Call Notice for ERI & TASAR rearing/ grainage equipment
Tender Reference No. _____909_________ Date_____02.09.2024
No.L-55: Bids in sealed cover are invited under two-bid system from reputed suppliers/ Manufacturers/ SSI Units/ Semi.Govt units for supply of **REARING AND GRAINAGE EQUIPMENT FOR ERI & TASAR SECTOR** in Sundargarh Zone. The tender schedule of the bidding process are as follows :

| Sl. | Tender Schedule | Deadline |
|---|---|---|
| 1 | Date of Issue | 02.09.2024 |
| 2 | Tender submission last Date and Time | 23.09.2024 by 5.00 P.M. |
| 3 | Opening of Technical Bid | 24.09.2024 at 11.00 A.M. |
| 4 | Opening of Financial Bid | 24.09.2024 at 3.00 P.M. |

The bid documents containing eligibility criteria, detail of items, terms & conditions of the tender can be downloaded from the website www.sundargarh.odisha.gov.in.
Sd./- K.Pradhan
Asst. Director of Sericulture
Sundargarh
OIPR-01452/11/0001/2425

WORKS DEPARTMENT No.B-214
OFFICE OF THE SUPERINTENDING ENGINEER, ROURKELA (R&B) DIVISION, UDITNAGAR, ROURKELA
E-Mail Id - eepwdrkl@gmail.com
Government of Orissa "e" Procurement Notice
Bid Identification No. : 26/2024-25 Dated : 31.08.2024

| | | | |
|---|---|---|---|
| 1 | Number of works | : | 02 (Two) number of Work |
| 2 | Estimated cost | : | Rs.11.26 lakhs to Rs.15.45 lakhs |
| 3 | Period of completion | : | 1(One) calendar month |
| 4 | Date & Time of availability of bid document in the portal | : | Dt.05.09.2024 at 11.00 A.M. |
| 5 | Last date / time for receipt of bids in the portal | : | Dt.20.09.2024 up to 05.00 P.M. |
| 6 | Date of opening of bid | : | Dt.21.09.2024 at 11.00 A.M. |
| 7 | Name and Address of the Officer Inviting Bid | : | Superintending Engineer, (R&B) Division, Rourkela, Uditnagar |

Further details can be seen from the e-procurement portal http//tendersorissa.gov.in"
Sd./-
Additional Chief Engineer (Civil),
Rourkela (R&B) Division
OIPR-34068/11/0008/2425

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, PURI
Grand Road, Medical Square, Puri, PIN No. - 752002
Phone No.: 06752-222124 (O) & 232294 (C.S) E-Mail: cdspuri@gmail.com
TENDER CALL NOTICE
No. 4096 Sub Store, Puri Dated: 31.08.24
TENDER FOR SUPPLY OF CHEMICALS & REAGENTS FOR FULLY AUTOMATED ANALYZER & COAGULATION ANALYZER OF DHH, PURI
No. E-270: Sealed tenders are invited from the intending manufacturers/ authorized distributors and GEM rate contract holders for supply of Chemicals & Reagents for Fully Automated Analyzer & Coagulation Analyzer.
For detail regarding this tender call notice please visit the website **www.puri.nic.in** or contact office of the undersigned during the office hour in all working days.
Last Date & Time of Receipt of Tender : 21.09.2024 upto 5 P.M.
Date & Time of Opening of Tender : 24.09.2024 upto 11 A.M.
Venue : Office Chamber of CDM & PHO, Puri
The authority reserves full rights to accept or reject any or all tenders without assigning any reason thereof.
Sd./- Cheif District Medical & Public Health Officer, Puri
OIPR-10021/11/0004/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାଲବାହୀ ଟ୍ରେନ୍‌ର ୨ ବଗି ଲାଇନ୍‌ଚ୍ୟୁତ



ପାରାଦୀପ,୨।୯ (ଶରତ ରାଉତ)

ପାରାଦୀପ ରଙ୍ଗିଆଗଡ଼ ରେଲ୍‌ୱେ ଷ୍ଟେଶନ ପାଖ ବାଉରିଆପାଳନନ୍ଦାଠାରେ ସୋମବାର ମଧ୍ୟାହ୍ନରେ ଏକ ମାଲବାହୀ ଟ୍ରେନ୍‌ର ୨ଟି ବଗି ଲାଇନ୍‌ଚ୍ୟୁତ ହୋଇଛି। ଗୋଟିଏ ରେଲ୍‌ୱେ ଟ୍ରାକ୍‌ରୁ ଖସିପଡ଼ିଥିବା ବେଳେ ଅନ୍ୟ ବଗିଟି ଭାଙ୍ଗିଯାଇଛି। ଏହି ଘଟଣା ପରେ ପୋର୍ଟ ରେଲ୍‌ୱେ ଅଧିକାରୀ ଓ ଖୋର୍ଦ୍ଧା ଡିଭିଜନ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରୁଛନ୍ତି। ଗୋଟିଏ ବଗିକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟଟିକୁ ସଜାଡିବା ପାଇଁ କାମ ଚାଲିଛି। ବଗି ଲାଇନ୍‌ଚ୍ୟୁତ ହେବା ଯୋଗୁ ପାରାଦୀପ ବନ୍ଦର ଭିତରୁ ବାହାରକୁ ଯିବାକୁ ଥିବା ପ୍ରାୟ ୩ଟି ଟ୍ରେନ୍ ଅଟକି ଯାଇଥିଲା। ଏହାଦ୍ୱାରା ପଣ୍ୟ ପରିବହନ ବାଧାପ୍ରାପ୍ତ ହୋଇଛି। ପ୍ରାୟ ୩ ଘଣ୍ଟା ପରେ ଟ୍ରେନ ଚଳାଚଳ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି।


STAR MANAGEMENT COLLEGE



Courses Offered
B.Sc
(Comp. Sc) Hons
BBA / BCA
MA PMIR
FREE Course Fees & Hostels for SC / ST Students
Contact for more Details :-
0674-2595970, 9337835703, 9937337659
Address: Forestpark, Bhubaneswar-751009


# ଆଖିବୁଜିଲେ ୨ ଛୁଆହାତୀ



ଭୁବନେଶ୍ୱର/ବାରଙ୍ଗ,୨।୯
(ବନ୍ଦନା ସେଠୀ/ଲିଙ୍ଗରାଜ ରାଉତ)

## ତାଳ ପାଇଁ ଜୀବନ ଗଲା

ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ଗୋଡିବାରିଠାରେ ଚିକିତ୍ସିତ ହେଉଥିବା ଛୁଆହାତୀର ରବିବାର ରାତିରେ ମୃତ୍ୟୁ ଘଟିଛି। ତଣ୍ଟିରେ ତାଳ ଲାଗିଯିବାରୁ ଛୁଆହାତୀର ମୃତ୍ୟୁ ହୋଇଥିବା ନେଇ ସୋମବାର କରାଯାଇଥିବା ବ୍ୟବଚ୍ଛେଦ ରିପୋର୍ଟରେ ଦର୍ଶାଯାଇଥିବା ଡିଏଫ୍‌ଓ ଶରତଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ୨ ବର୍ଷର ଏହି ମାଈ ଛୁଆ ହାତୀଟି ବଲାଙ୍ଗୀର ବନଖଣ୍ଡ ଦେଓଗାଁ ବନାଞ୍ଚଳ ଅଧୀନ ଦେଓଗାଁ ଜଙ୍ଗଲ ଅଞ୍ଚଳରେ ବୁଲୁଥିବାବେଳେ ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବିଭାଗ କର୍ମଚାରୀ ଦେଓଗାଁ ସେକ୍ସନର ସାଲେପାଲି ପଞ୍ଚାୟତ ନିକଟ ଜଙ୍ଗଲରେ ଛୁଆହାତୀକୁ ଠାବ କରି ନିଶ୍ଚେତକ ଦେଇ ଚିକିତ୍ସା ପାଇଁ ଗୋଡ଼ିବାରିକୁ ଆଣିଥିଲେ। ଗୋଡ଼ିବାରିରେ ଛୁଆହାତୀଟି ପହଞ୍ଚିବା ପରେ ନନ୍ଦନକାନନର ଡାକ୍ତରଙ୍କ ସହ ଓୟୁଏଟିର ୪ ଜଣ ପ୍ରଫେସର ତା'ର ଚିକିତ୍ସା ଆରମ୍ଭ କରିଥିଲେ। ଛୁଆହାତୀର ଗଳା ସଂକ୍ରମିତ ହୋଇଥିବା ପ୍ରାଥମିକ ପର୍ଯ୍ୟାୟରେ ଡାକ୍ତରମାନେ ଜାଣିବା ସହ ସାଲାଇନ ଓ ଆଣ୍ଟିବାୟୋଟିକ୍ ଦେଇଥିଲେ। ଏଥିରେ ତା'ର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ଏଣ୍ଡୋସ୍କୋପି ଓ ଏକ୍ସରେ କରାଯାଇ ତଣ୍ଟିରେ କିଛି ଲାଗି ରହିବାରୁ ଖାଦ୍ୟ ଓ ପାଣି ପିଇବାରେ ଅସୁବିଧା ହେଉଛି ବୋଲି ଜଣାପଡ଼ିଥିଲା। ଏହାକୁ ଖସାଇବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମସ୍ତ ଚେଷ୍ଟା ବିଫଳ ହୋଇଥିଲା। ଫଳରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତିରେ ଛୁଆହାତୀର ମୃତ୍ୟୁ ହୋଇଛି। ଏନେଇ ଡିଏଫ୍‌ଓ ବେହେରା କହିଛନ୍ତି, ସେଠାରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ନ ଥିବାରୁ ଅସୁସ୍ଥ ଅବସ୍ଥାରେ ଛୁଆହାତୀଟିକୁ ଚନ୍ଦକାକୁ ଅଣାଯାଇଥିଲା। ଅପରେଶନ କରିବାର ସୁବିଧା ମଧ୍ୟ ଉପଲବ୍ଧ ନ ଥିବା ସତ୍ତ୍ୱେ ତଣ୍ଟିରେ ଲାଗି ରହିଥିବା ତାଳକୁ ଖସାଇବାକୁ ଡାକ୍ତରମାନେ ଚେଷ୍ଟା କରିଥିଲେ। ଖାଦ୍ୟ ଓ ପାଣି ଗ୍ରହଣ କରିପାରୁ ନ ଥିବାରୁ କେବଳ ସାଲାଇନ, ଆଣ୍ଟିବାୟୋଟିକ୍‌ରେ ବଞ୍ଚାଇ ରଖିବା କଷ୍ଟସାଧ୍ୟ ବୋଲି ବେହେରା କହିଛନ୍ତି।

## ସଂକ୍ରମଣ ନେଲା ଜୀବନ

ବାରିପଦା,୨।୯
(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ମୃତ ଛୁଆ ହାତୀ

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଅଞ୍ଚଳରୁ ବନ ବିଭାଗ ଏକ ଛୁଆହାତୀର ମୃତଦେହ ଜବତ କରିଛି। ମୃତ ଛୁଆହାତୀର ବୟସ ୧ ବର୍ଷ ହେବ ବୋଲି ବନ ବିଭାଗ ଅନୁମାନ କରିଛି। ହାତୀର ମଳଦ୍ୱାରରେ କ୍ଷତ ହୋଇ ସଂକ୍ରମଣଜନିତ କାରଣରୁ ମୃତ୍ୟୁ ଘଟିଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି। ଦକ୍ଷିଣ ଡିଭିଜନ ଜେନାବିଲ ରେଞ୍ଜ ଅଞ୍ଚଳରେ ବନ ବିଭାଗ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ଛୁଆହାତୀ ମରିପଡ଼ିଥିବା ଦେଖିଥିଲେ। ଖବରପାଇ ଡାକ୍ତରୀଦଳ ପହଞ୍ଚି ବ୍ୟବଚ୍ଛେଦ କରିଛନ୍ତି।

# ଦନ୍ତା ଆକ୍ରମଣରେ ଦମ୍ପତି ମୃତ

## ଘର ଭାଙ୍ଗିଲା, ଚାଉଳ ଖାଇଲା

ଖପ୍ରାଖୋଲ, ୨।୯(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରେଞ୍ଜ ଭାନପୁର ପଞ୍ଚାୟତ ଚାବ୍ରିପାଲି ଗାଁରେ ରବିବାର ବିଳମ୍ବିତ ରାତିରେ ଦନ୍ତାହାତୀ ଆକ୍ରମଣରେ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ମୃତ ଦମ୍ପତି ହେଲେ ନୀଳାମ୍ବର ବରିହା (୫୬) ଓ ସ୍ତ୍ରୀ ଯଶୋବନ୍ତୀ (୫୪)। ସୂଚନା ଅନୁସାରେ ଚାବ୍ରିପାଲି ଗାଁ ନିକଟ ଚାଷଜମି ମଝିରେ ନୀଳାମ୍ବରଙ୍କ ପରିବାର ଘରକରି ରହି ଆସୁଥିଲେ। ରାତି ପ୍ରାୟ ୨ଟାରେ ଏକ ଦନ୍ତାହାତୀ ନୀଳାମ୍ବରଙ୍କ ଘରକୁ ଭାଙ୍ଗି ପଶିବା ପରେ ପରିବାରର ସମସ୍ତେ ପାଟିତୁଣ୍ଡ କରିଥିଲେ। ନୀଳାମ୍ବର ଓ ତାଙ୍କ ସ୍ତ୍ରୀଙ୍କୁ ହାତୀ ଆକ୍ରମଣ କରି କଚାଡ଼ି ମାରିଦେଇଥିଲା। ପୁଅ, ବୋହୂ, ନାତୁଣୀ, ନାତି ଦୌଡ଼ି ପଳାଇବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଗ୍ରାମବାସୀ ଘଉଡ଼ାଇବାରୁ ହାତୀ ଜଙ୍ଗଲ ପଟକୁ ଚାଲିଯାଇଥିବା ଜଣାଯାଇଛି। ବନ ବିଭାଗ, ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ଖପ୍ରାଖୋଲ ଡାକ୍ତରଖାନା ଆଣିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୦୨୪) ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରକାଶ କରିଛନ୍ତି। ସୋମବାର ମଧ୍ୟାହ୍ନରେ ବଲାଙ୍ଗୀର ଡିଏଫ୍‌ଓ ସୁଦର୍ଶନ ବେହେରା ଚାବ୍ରିପାଲି ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ହାତୀର ଗତିପଥ ନିରୀକ୍ଷଣ ଚାଲିଛି। ମୃତକ ପରିବାରକୁ କ୍ଷତିପୂରଣ ବାବଦ ଟଙ୍କା ତୁରନ୍ତ ମିଳିବ ବୋଲି ହରିଶଙ୍କର ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ ପ୍ରକାଶ କରିଛନ୍ତି।

# ଛାତରୁ ପ୍ଲାଷ୍ଟର ଖସି ମା' ପୁଅ ଗୁରୁତର

ବାସୁଦେବପୁର,୨।୯
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବରଣ୍ଡୁଆ ପଞ୍ଚାୟତର ରତାଙ୍ଗ ଗ୍ରାମରେ ସୋମବାର ରାତିରେ ଛାତରୁ ପ୍ଲାଷ୍ଟର ଖସି ପଡ଼ିବାରୁ ମା' ପୁଅ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଗ୍ରାମର ବଉଳ ମଳିକ ଓ ତାଙ୍କ ପୁଅ କାହ୍ନା ମଳିକ(୮)। ପରିବାର ଲୋକଙ୍କ କହିବା ଅନୁଯାୟୀ, ମା' ପୁଅ ଘର ଭିତରେ ଶୋଇଥିବା ବେଳେ ଛାତର କିଛି ଅଂଶ ସେମାନଙ୍କ ଉପରେ ଖସି ପଡ଼ିଥିଲା। ବଉଳଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ କାହ୍ନାଙ୍କ ହାତ ଓ ମୁହଁରେ କ୍ଷତ ହୋଇଛି। ସେମାନଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା କରାଯାଇଛି। ଛାତ ବହୁ ପୁରୁଣା ହୋଇଥିବାରୁ ପ୍ଲାଷ୍ଟର ଖସି ପଡ଼ିଥିବା ପରିବାର ଲୋକେ କହିଛନ୍ତି।

# ବିଦ୍ୟୁତ୍ ଆଘାତରେ ଯୋଗାଣ ଅଧିକାରୀଙ୍କ ମୃତ୍ୟୁ

ମାଲକାନଗିରି/କାଳିମେଳା, ୨।୯
(ଦୁର୍ଯ୍ୟୋଧନ ପାତ୍ର/ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲା ପଡିଆ ବ୍ଲକ ଯୋଗାଣ ଅଧିକାରୀ କୁମୁଦମୟ ଗମାଙ୍ଗୋ(୩୩)ଙ୍କର ସୋମବାର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସେ କାଳିମେଳା କ୍ଲଷ୍ଟର ବିଲଡିଂ ସରକାରୀ ବାସ ଭବନରେ ରହୁଥିଲେ।

ପଡିଆ ବ୍ଲକକୁ ଏମ୍‌ପିଙ୍କ ଗସ୍ତ ଥିବାରୁ ପ୍ରସ୍ତୁତ ହେବାପାଇଁ ପ୍ୟାଣ୍ଟ ଶାର୍ଟ ଆଇରନ କରୁଥିବା ବେଳେ କୌଣସି କାରଣରୁ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ଏପରି ମୃତ୍ୟୁ ହୋଇଥିବା ପାଖ ପଡୋଶୀ ଜାଣି ନ ଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ବିଭାଗୀୟ କର୍ମଚାରୀ ତାଙ୍କ ନିକଟକୁ ଯାଇଥିଲେ। ତାଙ୍କର ଏପରି ଅବସ୍ଥା ଦେଖି ଥାନାକୁ ଜଣାଇ ଥିଲେ। ଥାନା ଅଧିକାରୀ ଏବଂ ଏସ୍‌ଆଇ ଦ୍ରୋଣାଚାର୍ଯ୍ୟ ସୁନାନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଘର ଆଗ କବାଟ ବନ୍ଦ ଥିବା ବେଳେ ପଛ କବାଟ ଖୋଲାଥିଲା। ପୋଲିସ ଘର ଭିତରେ ତଦନ୍ତ ବେଳେ ବିଦ୍ୟୁତ୍ ଚାର୍ଜ ହୋଇ ରହିଥିଲା। ପୋଲିସ ବିଦ୍ୟୁତ୍ ବନ୍ଦକରି ଯାଇଥିବା ଜଣାପଡିଛି। ଆଇରନ ବକ୍ସଟି ତାଙ୍କ ପେଟ ଉପରେ ପଡି ରହିଥିବା ଦେଖିବାକୁ ମିଳିଥିଲା। ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି, କାଳିମେଳା ବିଡିଓ ପ୍ରଦୀପ କୁମାର କର ଏବଂ ବିଭିନ୍ନ ବିଭାଗୀୟ କର୍ମଚାରୀଙ୍କ ଉପସ୍ଥିତିରେ ତାଙ୍କୁ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି। ପରିବାର ଲୋକେ ଆସିଲେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଅଧିକାରୀ ତାଣ୍ଡି କହିଛନ୍ତି।

ସୂଚନାଯୋଗ୍ୟ, କୁମୁଦମୟ ୨୦୨୨ ଜୁଲାଇ ୩୦ରେ କାଳିମେଳା ବ୍ଲକରେ ଯୋଗ ଦେଇଥିଲେ। ୨୦୨୪ ଜୁନ ୧୯ରେ ତାଙ୍କର ପଡିଆ ବ୍ଲକକୁ ବଦଳି ହୋଇଥିଲା। ତାଙ୍କ ନିଜ ଘର ରାୟଗଡା ଜିଲା ପଦ୍ମପୁର ବ୍ଲକ ଲକ୍ଷ୍ମଣଗୁଡା ଗ୍ରାମରେ।

# ମୋବାଇଲ ଗେମ୍‌କୁ ନେଇ ୨ ଛାତ୍ର ହାତାହାତି

କାମାକ୍ଷାନଗର, ୨।୯ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ମହାବିଦ୍ୟାଳୟରେ ସୋମବାର ମୋବାଇଲ ଗେମକୁ ନେଇ ୨ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ଜଣେ ଯୁକ୍ତ ୨ ଛାତ୍ର ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଖବରପାଇ କାମାକ୍ଷାନଗର ପୋଲିସ ମହାବିଦ୍ୟାଳୟରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଛି।

ସୂଚନା ଅନୁଯାୟୀ, ମହାବିଦ୍ୟାଳୟ ପରିସରରେ ଜଣେ ଯୁକ୍ତ ୨ ଛାତ୍ର ମୋବାଇଲରେ ଗେମ୍ ଖେଳୁଥିବା ବେଳେ ବଡ଼ ପାଟିରେ ଚିତ୍କାର କରୁଥିଲେ। ପାଖରେ ବସିଥିବା ଜଣେ ଅସୁସ୍ଥ ଛାତ୍ର ଗେମ୍ ଖେଳୁଥିବା ଛାତ୍ରଙ୍କୁ ଚିତ୍କାର କରିବାକୁ ମନା କରିଥିଲେ। ହେଲେ ଗେମ୍ ଖେଳୁଥିବା ଛାତ୍ର ଜଣକ ସେଥିପ୍ରତି ଧ୍ୟାନ ନ ଦେବାରୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରଥମେ ଯୁକ୍ତିତର୍କ ଓ ପରେ ହାତହାତି ହୋଇଥିଲା। ଜଣେ ଏକ କାଠ ଫାଳିଆରେ ଅନ୍ୟ ଜଣଙ୍କୁ ପିଟିଦେବାରୁ ମୁଣ୍ଡ ଫାଟି ଯାଇଥିଲା। ଘଟଣା ସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷ ମଞ୍ଜୁଳି ଚରଣ ନାୟକ କହିଛନ୍ତି, ଗଣ୍ଡଗୋଳ ଖବରପାଇ ତୁରନ୍ତ ଘଟଣାସ୍ଥଳକୁ ଯାଇ ଆହତ ଛାତ୍ରଙ୍କୁ ଚିକିତ୍ସା ପାଇଁ ପଠାଇବା ସହ ପୋଲିସକୁ ଡାକି ଦୁଇ ଗୋଷ୍ଠୀଙ୍କୁ ବୁଝାଶୁଝା କରାଯାଇଛି। ସ୍ଥିତି ନିୟନ୍ତ୍ରଣରେ ଅଛି। କାମାକ୍ଷାନଗର ଥାନା ଅଧିକାରୀ ଧୀରେନ କୁମାର ବେହେରା କହିଛନ୍ତି, ଅଧ୍ୟକ୍ଷଙ୍କ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରାଯାଇଛି। ପରିସ୍ଥିତି ପ୍ରତି ନଜର ରଖାଯାଇଛି।


Classified Everyday
0674-2580101, 2549949



REAL ESTATE
SALE

Duplex sale at Bhubaneswar @ 60,00,000/- and apartment 4200/-sqft. 9777433701. D-75990

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895. D-1220

ଭୁବନେଶ୍ୱର Town BDA RERA 3BHK flats limited available all facilities book @ 10lac. 9078263828. D-1217

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9778832554, 9437226965. D-1221



Newly open health benefits SPA by expert therapist. Contact- 6371861658. D-76150

Newly open health benefits SPA special offer @ 799 Bapujinagar. 8018429809. D-76149

Newly open health benefits SPA by expert therapist. Contact- 9090400507. D-76148

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75775

Kerala body Massage therapy Unisex any person Bhubaneswar. kajal- 9337672475. D-1214

AFFIDAVIT

Affidavit before Executive Magistrate, Dhenkanal, I have changed my surname from Suresh Chandra Naik to Suresh Singh. Henceforth, I shall be known as Suresh Singh, S/o- Duryodhan Naik, Village- Panamurga, P.O.- Ghatipiri, P.S.- Sadar, Dist.- Dhenkanal for all purposes. D-75452

ମୁଁ ଦିପକ କୁମାର ଧଡ଼ା ଘୋଷଣା କରୁଅଛି ଯେ ମୋର ପୁଅ Executive Magistrate, Jagatsinghpur ଦ୍ୱାରା ପ୍ରଦତ୍ତ ସତ୍ୟପାଠ ଦ୍ୱାରା ମୋର ପୁଅର ନାମ ଆଜ ଦିନଠାରୁ ସମସ୍ତ ସରକାରୀ ଦସ୍ତାବିଜ, ସ୍କୁଲ ଓ କଲେଜର କାଗଜପତ୍ରରେ ଶୁଭଙ୍କର ଧଡ଼ା, ପି- ଦିପକ କୁମାର ଧଡ଼ା ପରିବର୍ତ୍ତେ ଶୁଭମ୍ ଧଡ଼ା, ପି- ଦିପକ କୁମାର ଧଡ଼ା ନାମରେ ପରିଚିତ ହେବେ। ଧ-୧୨୨୫

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before Notary Public, Bhubaneswar, dated 22.07.24, I, Smruti Ranjan Mohanty, Address- 302, Bomikhal, Rasulgarh, BBSR-10 declare that I have changed my name from Sruti Ranjan Mohanty to Smruti Ranjan Mohanty. Henceforth, I shall be known as Smruti Ranjan Mohanty for all purposes.
Smruti Ranjan Mohanty D-1215

I, Parija Saswati, D/o- Priyabrata Parija, resident of Plot No.- B/1500, Sector-6, CDA, P.S.-Markat Nagar, P.O.- Abhinaba Bidanasi, Dist.-Cuttack, PIN-753014, Odisha, declare by this affidavit. No.-3855, dated. 29.08.2024 that from now onwards I shall be known as P Saswati for all future purposes. D-1224

By virtue of an affidavit sworn before the Executive Magistrate, Bhubaneswar, dated 17 August 2024, I, Dunna Kumari, Address At- Mulipadu, P.O.- Sondipudi, P.S.- Mandasa Mandalam, Dist.- Srikakulam, Andhra Pradesh, PIN-532242 and present at Plot No.- A/47, Kharvel Nagar, Bhubaneswar-751001 declare that I have changed my name from C.H. Kumari to Dunna Kumari. Henceforth, I shall be known as Dunna Kumari for all purposes. D-1218

ମୁଁ ରଞ୍ଜିତ୍ କୁମାର ଖଟୁଆ (୪୯), ପି- ଡା. ସୁଧାକର ଖଟୁଆ, ସା/ପୋ- ପ୍ରାଚୀନଗର, ସାମରାଇପୁର, ଥାନା- ଭଦ୍ରକ (ଗ୍ରାମାଞ୍ଚଳ), ଜିଲ୍ଲା- ଭଦ୍ରକ। ମୋର ପୁତ୍ର ସତ୍ୟ ଜ୍ୟୋତିରାଦିତ୍ୟ ଖଟୁଆ ନାମରେ ତା୦୩।୦୪।୨୦୧୪ରିଖରେ ଜାରି ହୋଇଥିବା ଏକ ପାସ୍‌ପୋର୍ଟ (No.- L8214035)ରେ ଶ୍ରୀ ଲେଖାଅଛି। ପାସ୍‌ପୋର୍ଟ ପାଇଁ ଆବେଦନ ସମୟରେ ଅସାବଧାନତାବଶତଃ ଆବେଦନ ଫର୍ମରେ ଶ୍ରୀ ଉଲ୍ଲେଖ ରହିଥିଲା। କିନ୍ତୁ ସମସ୍ତ ଶିକ୍ଷାଗତ ପ୍ରମାଣପତ୍ରରେ ତା'ର ନାମ ସତ୍ୟ ଜ୍ୟୋତିରାଦିତ୍ୟ ଖଟୁଆ ଉଲ୍ଲେଖ ରହିଛି। ତା୦୧।୦୮।୨୦୨୪ ଆଫିଡେବିଟ୍ ନଂ.-୧୭୩୪ ମାଧ୍ୟମରେ ପାସ୍‌ପୋର୍ଟରେ ମୋ ପୁଅର ନାମ ପୂର୍ବରୁ ଶ୍ରୀ ହଟାଇ ସଂଶୋଧନ କରିବାକୁ ଅନୁରୋଧ କରୁଅଛି। ଧ-୧୨୧୯

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ



୰କ୍ଷେତ୍ରବାସୀ ରାଉତରାୟ
ଜନାର୍ଦ୍ଦନପୁର, ସାଲେପୁର, କଟକ
ଆବିର୍ଭାବ: ୦୬।୦୭।୧୯୨୮
ତିରୋଧାନ: ୨୩।୦୮।୨୦୨୪
ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
ଶୋକସନ୍ତପ୍ତ: ହତଭାଗ୍ୟ ପୁତ୍ର: ଲକ୍ଷ୍ମୀଧର, ବିପିନ ଓ ପଦ୍ମନାଭ, ଝିଅ-ଜ୍ୱାଇଁ: ମଞ୍ଜୁଲତା ଓ ବଙ୍ଗାଳି, ସଂଯୁକ୍ତା, ରଞ୍ଜିତା ଓ ଶକ୍ତି, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୧୬

ଏକାଦଶାହ ତିଥିରେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରମୋଦ କୁମାର ସାହୁ
(ଆଡ୍‌ଭୋକେଟ୍ କ୍ଲର୍କ)
କୁଞ୍ଜେଇବେଣ୍ଟ ସାହି, ପୁରୀ
ଆବିର୍ଭାବ-୦୫।୦୨।୧୯୬୫
ତିରୋଧାନ- ୨୪।୦୮।୨୦୨୪
ଏକାଦଶାହ ପୁଣ୍ୟତିଥିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ: ବିନୋଦିନୀ ସାହୁ, କନ୍ୟା: ପ୍ରିୟଦର୍ଶିନୀ, ଶୁଭଦର୍ଶିନୀ, ଜାମାତା: ଦିଲ୍ଲୀପ, ନାତି: ପ୍ରଂଶୁ, ପୁତୁରା, ପୁତୁରାବୋହୂ, ଝିଆରୀ, ଝିଆରୀଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୬୬୬୯

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ପ୍ରମିଳା ସୁବୁଦ୍ଧି
ସ୍ୱାମୀ: ମଧୁସୂଦନ ସୁବୁଦ୍ଧି
ଆବିର୍ଭାବ: ୨୨।୦୬।୧୯୫୯
ତିରୋଧାନ: ୨୪।୦୮।୨୦୨୪
ପୂର୍ବତନ ସରପଞ୍ଚ, ୨୦୦୨-୨୦୦୭
ବାଘମାରୀ, ବେଗୁନିଆ, ଖୋର୍ଦ୍ଧା
ହତଭାଗ୍ୟ ବନ୍ଧୁ ପରିବାରବର୍ଗ: ପୁଅ- କୃଷ୍ଣପ୍ରସାଦ, ଜ୍ୱାଇଁ- ସରୋଜ କୁମାର, ଯଜ୍ଞଦେବ, ସୁରେଶ କୁମାର, ପୁତ୍ରବଧୂ: ଧୃତିଦ୍ୱିପା, କନ୍ୟା: କମଳା, ବିମଳା, ବୈଜୟନ୍ତୀମାଳା, ନାତି, ନାତୁଣୀ: ଡୁଗୁଲା, ଅଦ୍ଧୁ, ଆଶୁ ଓ ଟିଙ୍କୁ
ଧ-୧୨୨୩

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ଫ୍ୟାଶନ

# ମନ୍‌ସୁନ୍‌ରେ ପିନ୍ଧନ୍ତୁ ଚିକନ୍‌କରି ସୁଟ୍



-ଚିକନ୍‌କରି କୁର୍ତ୍ତିକୁ ଆପଣ କେତେ ପ୍ରକାର ପିନ୍ଧିପାରିବେ। ଝିଅମାନେ ଏହାକୁ ଜିନ୍ସ ସହ ପେୟାରକରି ପିନ୍ଧିଥାନ୍ତି। ଆଉ କେତେକେ ଚିକନ୍‌କରି କୁର୍ତ୍ତିକୁ ପ୍ଲାଜୋ ସହ ପିନ୍ଧିବାକୁ ପସନ୍ଦ କରିଥାନ୍ତି। ଯଦି ଆପଣ ଚିକନ୍‌କରି ସୁଟ୍ ପିନ୍ଧୁଥାନ୍ତି ତେବେ ସିଫନ୍ ଫାବ୍ରିକ୍ ସୁଟ୍ ଚୟନ କରନ୍ତୁ।

-ଚିକନ୍‌କରି ସୁଟ୍ ସହ ପାଦରେ ହିଲ୍ସ ବହୁତ ମାନିଥାଏ। ଏହା ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେବ। ଯଦି ଆପଣଙ୍କୁ ହିଲ୍ସ ପିନ୍ଧିବା ପସନ୍ଦ ନୁହେଁ, ତେବେ କୋଲ୍ହାପୁରୀ ଚପଲ ପିନ୍ଧିପାରିବେ। ଏହିପରି ଆପଣଙ୍କୁ ପର୍‌ଫେକ୍ଟ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ।

ଏବେ ବର୍ଷାଦିନ ଚାଲିଛି। ଏମିତିରେ ଆପଣଙ୍କୁ ଆରାମଦାୟକ କପଡ଼ା ପିନ୍ଧିବା ଆବଶ୍ୟକ, ଯେପରି ଆପଣଙ୍କୁ କୌଣସି ସମସ୍ୟାର ସାମ୍ନା କରିବାକୁ ନ ପଡ଼ିପାରେ। ଏହିଦିନରେ ନିଜକୁ କମ୍ଫଟେବଲ ରଖିବାକୁ ଆପଣଙ୍କୁ ନିଜର ଫ୍ୟାଶନ ଟିକେ ବଦଳାଇବାକୁ ପଡ଼ିପାରେ। ଯଦି ଆପଣଙ୍କୁ ଚିକନ୍‌କରି କୁର୍ତ୍ତି ପସନ୍ଦ, ତେବେ ଏହା ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେବା ସହ କମ୍ଫଟେବୁଲ ଲାଗିଥାଏ।

-ଚିକନ୍‌କରି ସୁଟ୍ ପିନ୍ଧିବା ସହ ଯଦି ଆପଣ କାନରେ ଝୁମୁକା ପିନ୍ଧୁଛନ୍ତି ତେବେ ଏହା ଆପଣଙ୍କୁ ପର୍‌ଫେକ୍ଟ ଲୁକ୍ ଦେବ। ଚିକନ୍‌କରି କୁର୍ତ୍ତି ସହ ହେଭି ଓ୍ୱେଟ୍ ଇୟର ରିଂ ବହୁତ ଭଲ ଲାଗିଥାଏ। ଏହା ବ୍ୟତୀତ ଯଦି ଆପଣ ଚାହାନ୍ତି ସିଲ୍‌ଭର କଲରର ଝୁମୁକା ଟ୍ରାଏ କରିପାରିବେ। ଏହା କୌଣସି ବି ଆଉଟ୍‌ଫିଟ୍ ସହ ଭଲ ମାନିଥାଏ।

# ବର୍ଷାଦିନେ ଘରର ଯତ୍ନ

ବିଶେଷଭାବେ ବର୍ଷାଦିନେ ଘରର ଯତ୍ନ ସ୍ୱତନ୍ତ୍ର ଭାବରେ ନେବାକୁ ପଡ଼ିଥାଏ। ତେବେ ଏହି ଋତୁରେ ଯଦି ଆପଣ ନିଜ ଘରକୁ ସଜାଉଛନ୍ତି ତେବେ କେତୋଟି ବିଷୟ ପ୍ରତି ନଜରଦେବା ଦରକାର। ଜାଣନ୍ତୁ ଏ ସମ୍ପର୍କରେ....



**ଛାତର ନାଳ**

ବର୍ଷାଦିନରେ ଚିନ୍ତାର କାରଣ ଛାତର ନାଳ ହୋଇଥାଏ। ଏହାକୁ ଯଦି ଭଲଭାବେ ସଫା ନ କରାଯାଏ ତେବେ ଡେଙ୍ଗୁ ଭଳି ସମସ୍ୟା ଦେଖାଯିବାର ଆଶଙ୍କା ରହିଛି। ଏହିଦିନ ଆସିବା ପୂର୍ବରୁ ନିଜ ଛାତର ନାଳରେ ଯଦି ଅପରିଷ୍କାର ଜମା ହୋଇଛି ତାକୁ ସଫା କରି ଦିଅନ୍ତୁ। ଫଳରେ ଛାତରେ ପାଣି ଜମି ରହିବ ନାହିଁ।

**କାନ୍ଥ-ଝରକା**

ବର୍ଷାଦିନ ଆସିବା ପୂର୍ବରୁ ଘରର ଝରକା ଉପରେ ଟିକେ ନଜର ଦିଅନ୍ତୁ। କାହିଁକି ନା ବର୍ଷାଦିନରେ ହେଉଥିବା ବର୍ଷା କାରଣରୁ କାନ୍ଥରେ ଫାଟ ଦେଖାଯାଇଥାଏ। ଏହା ବ୍ୟତୀତ ଝରକାରେ ମଜଭୁତ ନେଟ୍ ଲଗାଇ ଦିଅନ୍ତୁ। ଫଳରେ କୌଣସି ପୋକଜୋକ ଘର ମଧ୍ୟକୁ ପ୍ରବେଶ କରିପାରିବେ ନାହିଁ।

**ଓ୍ୱାୟାରିଂ**

ବର୍ଷାଦିନ ପୂର୍ବରୁ ଘରର ଓ୍ୱାୟାରିଂ ଭଲଭାବେ କରାଇ ନିଅନ୍ତୁ। କାରଣ ଏହିଦିନେ ଅଧିକ ବର୍ଷା ହୋଇଥାଏ, ଯେଉଁ କାରଣରୁ ଇଲେକ୍ଟ୍ରିକ୍ ବୋର୍ଡରେ କରେଣ୍ଟ ଲାଗିବାର ସମ୍ଭାବନା ଥାଏ। ଆପଣଙ୍କର ଯଦି କୌଣସି ସ୍ଥାନରେ ତାର ଖୋଲା ଅଛି ତେବେ ତାକୁ କଭର କରିଦିଅନ୍ତୁ।

**ଫର୍ନିଚର**

ଏହିଦିନରେ ଫର୍ନିଚର ପ୍ରତି ମଧ୍ୟ ଧ୍ୟାନଦେବା ନିହାତି ଜରୁରୀ। କାଠ ଜିନିଷରେ ଯେମିତି ଫଙ୍ଗସ୍ ଦେଖିବାକୁ ମିଳିଥାଏ, ଯେଉଁ କାରଣରୁ ଏହା ଜଲ୍‌ଦି ଭାଙ୍ଗିଯିବାର ମଧ୍ୟ ଆଶଙ୍କା ରହିଛି। ଏଥିପାଇଁ ଛାତ ଉପରେ କିମ୍ବା ବାଲ୍‌କୋନିରେ କୌଣସି ଫର୍ନିଚର ରଖନ୍ତୁ ନାହିଁ।

**ଆଲମାରି**

ବର୍ଷାଦିନରେ ଘରକୁ ବ୍ୟବସ୍ଥିତ ଉପାୟରେ ରଖନ୍ତୁ। ଯେଉଁ ଜିନିଷ ଯେଉଁ ସ୍ଥାନରେ ରହିବା କଥା ତାକୁ ସେ ସ୍ଥାନରେ ରଖନ୍ତୁ। ଆଲମାରିରେ ଥିବା କପଡ଼ା ଏବଂ ବହିରେ ଓଦାଳିଆ ଲାଗିଥାଏ। ସେଥିପାଇଁ ମଝିରେ ମଝିରେ ଏହାକୁ ନଜର ରଖନ୍ତୁ।

# ଲକ୍ଷ୍ୟ ହାସଲ ଅନ୍ତରାଳେ...

ନିଜ ଲକ୍ଷ୍ୟ ପଥରେ ଅଗ୍ରସରହେବା ଏବଂ ତାହାକୁ ହାସଲକରିବା ଛୋଟିଆ କଥା ନୁହେଁ। ତେଣୁ କେତୋଟି ବିଷୟ ପ୍ରତି ସ୍ୱତନ୍ତ୍ର ଭାବରେ ଧ୍ୟାନଦେବାକୁ ପଡ଼ିଥାଏ। ସେଭଳି ପ୍ରମୁଖ ୫ଟି କଥା ସମ୍ପର୍କରେ ନିମ୍ନରେ ସୂଚନା ଦିଆଯାଉଛି....



ଶିଶୁଟିଏ ଭୂମିଷ୍ଠ ହେବା ପରେ ମା’ ବାପା ତା’ର ଲାଳନପାଳନ ଦାୟିତ୍ୱ ନେଇଥାଆନ୍ତି। ଧୀରେ ଧୀରେ ସେ ବୟସର ପାହାଚ ଅତିକ୍ରମ କରିଚାଲେ। ପାଠପଢ଼ା କ୍ୟାରିୟର ଶେଷ ହେବା ପରେ ସେ ନିଜ ଭବିଷ୍ୟତକୁ ନେଇ ଅନେକ ସ୍ୱପ୍ନ ଦେଖେ। ହେଲେ ସବୁ କାମରେ ଯେ ଜଣେ ସଫଳ ହେବ ତାହା ଉପରେ କେହି ଦୃଢ଼ ନିଶ୍ଚିତ ହୋଇପାରିବେ ନାହିଁ। ଏହି ସମୟରେ ନିମ୍ନୋକ୍ତ ମୁଖ୍ୟ ୫ଟି କଥାକୁ ଗୁରୁତ୍ୱଦେବା ଦରକାର। ଜାଣନ୍ତୁ ସେ ସମ୍ପର୍କରେ...

**ବିଶ୍ୱସନୀୟତା :** କୌଣସି କ୍ଷେତ୍ରରେ ସଫଳତା ଅର୍ଜନ କରିବାକୁ ହେଲେ ପ୍ରଥମେ ନିଜ ଉପରେ ଦୃଢ଼ ବିଶ୍ୱାସ ରହିବା ଦରକାର। ଯେତେବେଳେ ବିଶ୍ୱାସରେ ତାରତମ୍ୟ ପରିଲକ୍ଷିତ ହୁଏ ସେତେବେଳେ ଲକ୍ଷ୍ୟପଥରେ ବାଧାବିଘ୍ନର ସାମ୍ନା କରିବାକୁ ପଡ଼ିଥାଏ। ମନରେ ଯଦି କିଛି ପ୍ରଶ୍ନ ଉଙ୍କିମାରୁଛି ତେବେ ତାହାର ତୁରନ୍ତ ସମାଧାନ କରନ୍ତୁ। ନ ହେଲେ ସମୟକ୍ରମେ ଏହି ପ୍ରଶ୍ନଗୁଡ଼ିକ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ତେଣୁ ନିଜ ଉପରେ ବିଶ୍ୱାସ ବଳୟ ଯେତେ ଦୃଢ଼ହେବ ସେହି ଅନୁସାରେ ଲକ୍ଷ୍ୟପଥରେ ଅଗ୍ରସରହେବା ଲାଗି ମନରେ ଉତ୍ସାହ ଦ୍ୱିଗୁଣିତ ହେବ। ତେଣୁ ପ୍ରଥମେ ଏହାକୁ ଦୃଷ୍ଟିଦେବା ନିହାତି ଦରକାର।

**କାର୍ଯ୍ୟକରିବା ଶୈଳୀ :** ଲକ୍ଷ୍ୟ ହାସଲ କରିଦେବି ବୋଲି କହିଲେ ହେବ ନାହିଁ, ସେଥିପାଇଁ କେତେକ କାମକୁ ଠିକ୍ ଭାବରେ ତୁଲାଇବାକୁ ପଡ଼ିଥାଏ। ତେଣୁ ଏଥିପାଇଁ କ’ଣ କରିବାକୁ ପଡ଼ିବ, ତାହାର ଏକ ତାଲିକା ପ୍ରସ୍ତୁତ କରନ୍ତୁ। ଯଦି ସେ ବିଷୟରେ ନିଜର ଜ୍ଞାନ ନାହିଁ, ତେବେ ଅଭିଜ୍ଞ ବ୍ୟକ୍ତିବିଶେଷଙ୍କ ପରାମର୍ଶ ନିଅନ୍ତୁ। ଆଉ ଏକ କଥା ହେଲା କାର୍ଯ୍ୟ କରିବା ଶୈଳୀ। କାର୍ଯ୍ୟ କରିବା ସମୟରେ ନିଜର ମନକୁ ଶାନ୍ତ ରଖନ୍ତୁ। ଏହି ସମୟରେ ଟେନ୍‌ସନର ବଶବର୍ତ୍ତୀ ହୁଅନ୍ତୁ ନାହିଁ। ଏଥିପାଇଁ ଏକ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରନ୍ତୁ। କାରଣ ଯୋଜନା ଅନୁସାରେ ଆଗେଇଲେ ଆପଣ କରିବାକୁ ଥିବା କାମଗୁଡ଼ିକୁ ସହଜରେ ତୁଲାଇପାରିବେ।

**ସକାରାତ୍ମକ ଚିନ୍ତାଧାରା :** ନିଜ ଲକ୍ଷ୍ୟ ବିଷୟରେ ପ୍ରଥମେ ଭଲଭାବରେ ଚିନ୍ତାକରନ୍ତୁ। ଏହାକୁ ଆପଣ ହାସଲ କରିପାରିବେ କି ନାହିଁ ତାହା ତ ଅଲଗା କଥା, ହେଲେ ସେଥିପାଇଁ କ’ଣ କରିବାକୁ ପଡ଼ିବ ଏଥି ନେଇ ପ୍ରସ୍ତୁତ ହୁଅନ୍ତୁ। ପ୍ରଥମେ ନିଜ ଲକ୍ଷ୍ୟ ବିଷୟରେ ଭଲ ଭାବରେ ଅବଗତହେବା ନିହାତି ଦରକାର। ବେଳେବେଳେ କେତେକେ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହେଉଥିବା ବେଳେ ତାହା ସହଜ ନୁହେଁ ଭାବି ଲକ୍ଷ୍ୟକୁ ପରିବର୍ତ୍ତନ କରିଥାଆନ୍ତି। ଏହାଦ୍ୱାରା ମନରେ ଲକ୍ଷ୍ୟକୁ ନେଇ ବିଭିନ୍ନ ପ୍ରଶ୍ନ ଆସିଥାଏ। ସେହି ସମୟରେ ଧୈର୍ଯ୍ୟର ସହ ଆଗେଇବା ଦରକାର। ଲକ୍ଷ୍ୟ ହାସଲ ପାଇଁ ସବୁବେଳେ ଚିନ୍ତାଧାରାକୁ ସକାରାତ୍ମକ ରଖନ୍ତୁ। ତେଣୁ ଯେତେ ସମ୍ଭବ ମନରୁ ସେଭଳି ଭାବନା ଦୂରେଇ ଦେବା ଦରକାର। ଦୃଢ଼ ଆତ୍ମବିଶ୍ୱାସ ଏବଂ ସକାରାତ୍ମକ ଚିନ୍ତାଧାରା ଜଣକୁ ଆଗକୁ ଆଗେଇନେବାରେ ଯଥେଷ୍ଟ ସହାୟକ ହୋଇଥାଏ।







**ସହଯୋଗ :** ନିଜ ଉପରେ ଏହି ସମୟରେ ଯଥେଷ୍ଟ ଭରସା ରହିବା ଦରକାର। ସେହି ସମୟରେ ବିଭିନ୍ନ ପ୍ରକାର ଚିନ୍ତା ମନକୁ ଆନ୍ଦୋଳିତ କରେ। ଏଭଳି ସମୟ ଉପନୀତ ହେଲେ ଜଣେ ଦୋଛକିରେ ପଡ଼ିଯିବା ସ୍ୱାଭାବିକ କଥା। ତେଣୁ ଯଦି ଏହି ସମୟରେ କାହାର ସହଯୋଗର ଆବଶ୍ୟକତା ରହିଛି ବୋଲି ଭାବୁଛନ୍ତି ତେବେ ତାଙ୍କ ସହ ପରାମର୍ଶ କରନ୍ତୁ। ଏହି ସମୟରେ କେତେକେ ବିଭିନ୍ନ ପ୍ରକାର ଉପଦେଶ ଦେଇଥାଆନ୍ତି। ତେଣୁ ସେଗୁଡ଼ିକ ଶୁଣିବା ପରେ ଜଣେ ଦ୍ୱନ୍ଦ୍ୱରେ ପଡ଼ିଯାଆନ୍ତି। ଉକ୍ତ ରାସ୍ତାରେ ଚାଲିବା ସମୟରେ କିଏ କ’ଣ କହୁଛି ଏବଂ ତାହା ଆପଣଙ୍କୁ ଲକ୍ଷ୍ୟ ହାସଲ କରିବାରେ କେତେ ସହାୟକ ହେବ ତାହା ଭଲ ଭାବରେ ଚିନ୍ତା କରନ୍ତୁ। କିଛି ନ ବୁଝି ସେଗୁଡିକୁ ଗ୍ରହଣ କରିନେବା ଆଦୌ ଠିକ୍ ନୁହେଁ। ଯଦି କାହାର ସହଯୋଗ ଠିକ୍ ଲାଗିଲା ତେବେ ତାହାକୁ ଗ୍ରହଣକରିବେ କି ନାହିଁ ସେ ବିଷୟରେ ଭଲ ଭାବରେ ଚିନ୍ତାକରନ୍ତୁ।

**ସୁଚିନ୍ତିତ ଯୋଜନା :** ନିଜ ଲକ୍ଷ୍ୟ ହାସଲ ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରନ୍ତୁ। ଏ ନେଇ ଯୋଜନା ତିଆରି କରିବା ବେଳେ ନିଜ ଲକ୍ଷ୍ୟ ବିଷୟରେ ଭଲଭାବରେ ଧ୍ୟାନଦେବା ଦରକାର। ତରବର ହୋଇ ଏଥିଲାଗି ଯୋଜନା ପ୍ରସ୍ତୁତ କରିବା ଠିକ୍ ନୁହେଁ। ଥଣ୍ଡା ମନରେ ନିଜ ଲକ୍ଷ୍ୟ ହାସଲ ପାଇଁ ଏକ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରନ୍ତୁ। ଏହାଫଳରେ ଆପଣ ସହଜରେ ସେହି ରାସ୍ତାରେ ଯାତ୍ରାକରିବା ସହ ନିଜ ଅଭିଳାଷ ପୂରଣ କରିପାରିବେ।



## ଏମାନେ କ’ଣ କରନ୍ତି...

### ସୁଚିନ୍ତିତ ଯୋଜନାକୁ ଗୁରୁତ୍ୱ ଦିଏ



ଜୀବନରେ କୌଣସି ଲକ୍ଷ୍ୟ ହାସଲ କରିବାକୁ ହେଲେ ଯୋଜନାବଦ୍ଧ ଭାବରେ ଆଗେଇବା ନିହାତି ଦରକାର। ମୁଁ ପାଠ ପଢ଼ିବା ସମୟରେ ସୁଚିନ୍ତିତ ଯୋଜନା ସହ ପଢୁଥିଲି। କାରଣ କେବଳ ପଢ଼ିବି ବୋଲି ଭାବିଲେ ତ ହେବନି, ସେ ନେଇ ଠିକ୍ ଭାବରେ ପ୍ରସ୍ତୁତ ହେବାକୁ ପଡ଼ିବ। ତେଣୁ ନିଜର ଲକ୍ଷ୍ୟକୁ ସଫଳ ରୂପାୟନ ପାଇଁ ଯୋଜନା ପ୍ରସ୍ତୁତ କରିବା ଦରକାର। ଯେକୌଣସି କଥା ହେଉ ନା କାହିଁକି ମୁଁ ସେ ବିଷୟରେ ଭଲଭାବରେ ଚିନ୍ତାକରିବା ପରେ ଆଗେଇଥାଏ। ସେଥିପାଇଁ କ’ଣ କରିବାକୁ ପଡ଼ିବ ସେ ବିଷୟରେ ଗଭୀର ଭାବରେ ଚିନ୍ତା କରେ। ସମସ୍ତେ ଯଦି ଏଥିପ୍ରତି ଦୃଷ୍ଟିଦେବେ ତା’ହେଲେ ସେମାନେ ସହଜରେ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହୋଇପାରିବେ।

*-ସଙ୍ଗୀତା ବେହେରା,* ବ୍ରହ୍ମପୁର

### ବିଫଳତାକୁ ଭଲ ଭାବରେ ତର୍ଜମା କରେ



ଆମେ ଯେ ସବୁ କ୍ଷେତ୍ରରେ ସଫଳ ହେବା ତାହାର କିଛି ଗ୍ୟାରେଣ୍ଟି ନାହିଁ। ତେଣୁ ଯଦି ବିଫଳ ହେଲେ ସେହି ସମୟରେ ଭାଙ୍ଗିପଡ଼ିବା ଠିକ୍ ନୁହେଁ। ମୁଁ କେତେକ କ୍ଷେତ୍ରରେ ବିଫଳ ହେବା ପରେ ତାହାର କାରଣଗୁଡ଼ିକୁ ପ୍ରଥମେ ଖୋଜିଥାଏ। କ’ଣ ପାଇଁ ମୁଁ ସଫଳ ହେଲିନାହିଁ-ଏହାକୁ ଭଲ ଭାବରେ ତର୍ଜମାକଲେ ପରବର୍ତ୍ତୀ ସମୟରେ ତୁମେ ସୁଚିନ୍ତିତ ଯୋଜନା ସହ ଆଗେଇପାରିବ। ଯଦି ବିଫଳତାର କାରଣ ନ ଜାଣିପାରିଲେ, ତେବେ ଆଗକୁ ପୁଣି ବିଫଳ ହେବା ସମ୍ଭାବନା ରହିଛି। ତେଣୁ ଅସଫଳ ହେଲେ ଭାଙ୍ଗି ନ ପଡ଼ି ତାହାର କାରଣ ଖୋଜି ସେଗୁଡ଼ିକୁ ସମାଧାନକଲେ ଜଣେ ନିଜର ଲକ୍ଷ୍ୟ ହାସଲ କରିପାରିବ ବୋଲି ମୁଁ କହିବି।

*-ନମିତା ରାଉତ,* କୁରୁମଟାଙ୍ଗର, ମହୁଲପଡା, ଢେଙ୍କାନାଳ

## ଖାଦ୍ୟରୁଚି // ପଲାଉ

**ଆବଶ୍ୟକ ସାମଗ୍ରୀ**

୨କପ୍ ଚାଉଳ, ୨ ଚାମଚ ତେଲ, ୨ଟି ପିଆଜ ଛୋଟ ଆକାରରେ କଟାହୋଇଥିବା, ୨ଟି ଟମାଟୋ , ଗ୍ରିନ୍ ମଟର ୧୦୦ଗ୍ରାମ୍, ୪-୫ଟି କଞ୍ଚାଲଙ୍କା କଟା, ଅଧାଚାମଚ ଜିରା, ୧ଚାମଚ ଅଦା ରସୁଣ ଛୋଟ ଆକାରରେ କଟାହୋଇଥିବା , ଅଧାମଚାମଚ କଶ୍ମୀରୀ ଚିଲି ପାଉଡର,ଅଧାଚାମଚ ଧନିଆ ପାଉଡର, ୧/୨ ଚାମଚ ଗୋଲମରିଚ ପାଉଡର, ଅଳ୍ପ ପରିମାଣର ଅଧା ଖଣ୍ଡ ଲମ୍ବା ଆକାରରେ , ଅଦା ଏବଂ ଅଳ୍ପ ପରିମାଣରେ କଟା ପୁଦିନାପତ୍ର।

**ପ୍ରସ୍ତୁତି ପ୍ରଣାଳୀ**

ଏକ ବଡ଼ ପ୍ୟାନ୍ ନିଅନ୍ତୁ। ସେଥିରେ ବଡ଼ ୨ ଚାମଚ ତେଲ ଗରମକରି ସେଥିରେ ପିଆଜ,ଟମାଟୋ, କଞ୍ଚାଲଙ୍କା, ଗ୍ରିନ୍ ମଟର, ଅଦାରସୁଣ ପେଷ୍ଟ, ଧନିଆ ପାଉଡର,ଜିରା,ଲୁଣ,ଗୋଲମରିଚ ପାଉଡର ପକାଇ ଭଲଭାବେ ଭାଜନ୍ତୁ। ଏବେ ସେଥିରେ ଚାଉଳ ଓ ପର୍ଯ୍ୟାପ୍ତ ପାଣି ଦେଇ ଚାଉଳ ଫୁଟିବା ପର୍ଯ୍ୟନ୍ତ ରାନ୍ଧନ୍ତୁ। ଏହା ହୋଇଗଲା ପରେ ପୁଣି କଟା ଅଦା ଏବଂ ପୁଦିନାପତ୍ର ପଲାଉ ଉପରେ ପକାଇ ସଜାନ୍ତୁ।



ସୌନ୍ଦର୍ଯ୍ୟ

# ମନ୍‌ସୁନ୍ ଫେସିଆଲ

ବର୍ଷାଦିନରେ ବିଶେଷଭାବରେ ତ୍ୱଚାର ଯତ୍ନ ନିଅନ୍ତୁ। ଫେସିଆଲ କରୁଥିଲେ ତ୍ୱଚା ଅନୁଯାୟୀ ଫେସିଆଲ ବ୍ୟବହାର କରନ୍ତୁ। ଯଦି ଆପଣ କର୍ମଜୀବୀ ତେବେ କାର୍ଯ୍ୟବ୍ୟସ୍ତତା ଯୋଗୁ ଆପଣ ପ୍ରତିଦିନ ନିଜ ତ୍ୱଚାର ହୁଏତ ଯତ୍ନ ନେଇପାରୁ ନ ଥିବେ। ତେଣୁ ସପ୍ତାହରେ ଥରେ ଫେସିଆଲ କରନ୍ତୁ। ଏଥିଲାଗି ଏକ ରୁଟିନ୍ ପ୍ରସ୍ତୁତ କରନ୍ତୁ। ତେବେ ନିମ୍ନରେ କେତୋଟି ମନ୍‌ସୁନ୍ ଫେସିଆଲ ବିଷୟରେ ସୂଚନା ଦିଆଯାଉଛି...



**ଭିଟାମିନ୍ ସି ଫେସିଆଲ:** ଏହି ଫେସିଆଲ୍ ତ୍ୱଚାକୁ ଉଜ୍ଜ୍ୱଳମୟ କରିବା ସହ ଚମକ ପ୍ରଦାନ କରିଥାଏ। ଏହା ତ୍ୱଚାକୁ ହାଇଡ୍ରେଟ୍ କରିବା ସହ ଆଣ୍ଟି ଅକ୍ସିଡାଣ୍ଟର କାମ କରିଥାଏ। ଫଳରେ ଏହା ତ୍ୱଚାକୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ।

**ହାଇଡ୍ରେଟିଂ ଫେସିଆଲ୍:** ଏହି ଫେସିଆଲ୍ ତ୍ୱଚାକୁ ଭିତରୁ ହାଇଡ୍ରେଟ୍ କରିବାରେ ସାହାଯ୍ୟ କରିଥାଏ। ଏହା ତ୍ୱଚାକୁ ମୁଲାୟମ ଏବଂ ଚିକ୍କଣ କରିଥାଏ।

**ଆଣ୍ଟି ଏଜିଂ ଫେସିଆଲ୍:** ଏହି ଫେସିଆଲ୍ ତ୍ୱଚାର ଝୁଲିଯିବା ଏବଂ ଚର୍ମ କୁଞ୍ଚନକୁ କମାଇଥାଏ। ଏହା ତ୍ୱଚାକୁ ସୁନ୍ଦର ଏବଂ ୟଙ୍ଗ୍ ଦେଖାଯିବାରେ ସାହାଯ୍ୟ କରିଥାଏ।



ଏହିପରି ଫେସିଆଲ୍‌କୁ ଅଧିକାଂଶ ମହିଳା ପସନ୍ଦ କରିଥାନ୍ତି।

**ସେନ୍‌ସିଟିଭ୍ ସ୍କିନ୍ ଫେସିଆଲ**

ଏହି ଫେସିଆଲ ସେନ୍‌ସିଟିଭ୍ ସ୍କିନ୍ ଲାଗି ବହୁ ଜରୁରୀ। ଏହା ତ୍ୱଚାକୁ ଫ୍ରେସ୍ ଏବଂ କୁଲ୍ ଲୁକ୍ ପ୍ରଦାନ କରିବାରେ ସାହାଯ୍ୟ କରିଥାଏ। ଯେତେବେଳେ ଆପଣ ଭିତରୁ ଫ୍ରେଶ ଅନୁଭବ କରିବେ ମୁହଁ ମଧ୍ୟ ଆପଣଙ୍କର ନାଚୁରାଲ ଉପାୟରେ ଗ୍ଲୋ କରିବ।

**ଡିପ୍ କ୍ଲିଜିଂ ଫେସିଆଲ**

ଏହି ଫେସିଆଲ ତ୍ୱଚାକୁ ଭିତରୁ ସଫା କରିବାରେ ସାହାଯ୍ୟ କରିଥାଏ। ଏହା ତ୍ୱଚାକୁ ସଫା ଏବଂ ସୁସ୍ଥ କରିବାରେ ସାହାଯ୍ୟ କରିଥାଏ। ମୁହଁକୁ ଭିତରୁ ସଫାକରିବାକୁ ହେଲେ ଆପଣଙ୍କୁ କ୍ଲିଜିଂ ଫେସିଆଲର ଆବଶ୍ୟକତା ପଡ଼ିଥାଏ। ଏହା ତ୍ୱଚାକୁ ଗ୍ଲୋଇଂ ଦେଖାଯିବାରେ ସାହାଯ୍ୟ କରିଥାଏ।

# କ୍ୱାର୍ଟରରେ ଜେଭ୍‌ରେଭ୍, ଟିଆଫୋ

ନ୍ୟୁୟର୍କ,୨।୯(ପି.ଟି.)

ବର୍ଷର ଅନ୍ତିମ ଟେନିସ୍ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନର ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଆଲେକ୍‌ଜାଣ୍ଡାର ଜେଭରେଭ୍ ଓ ଫ୍ରାନ୍ସିସ ଟିଆଫୋ। ସେହିପରି ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି କ୍ୱିନେନ୍ ଝାଙ୍ଗ, ଆରିନା ସାବାଲେଙ୍କା ଓ ଏମ୍ମା ନାଭାରୋ।

## ୟୁଏସ୍ ଓପନ


ରିଟର୍ନ ଶଟ୍ ଖେଳିବା ଅବସରରେ ଏମ୍ମା ନାଭାରୋ।

ପୁରୁଷ ସିଙ୍ଗଲ୍ସରେ ଟାଇଟଲ ଫେଭରିଟ୍ ନୋଭାକ୍ ଜୋକୋଭିଚ୍‌ଙ୍କୁ ପରାସ୍ତ କରି ପ୍ରି କ୍ୱାର୍ଟରରେ ପ୍ରବେଶ କରିଥିବା ୨୮ ନମ୍ବର ସିଡ୍ ଆଲେକ୍ସ ପପିରିନ୍‌ଙ୍କୁ ପରାସ୍ତ କରିଛନ୍ତି ଆମେରିକାର ଫ୍ରାନ୍ସିସ ଟିଆଫୋ। ୨୦ ନମ୍ବର ସ୍ଥାନରେ ଥିବା ଟିଆଫୋ ଏହି ମ୍ୟାଚ୍‌କୁ ୬-୪, ୭-୬(୭/୩), ୨-୬ ଓ ୬-୩ରେ ଜିତି ନେଇଥିଲେ। ଏହି ମ୍ୟାଚ୍‌ର ଦ୍ୱିତୀୟ ସେଟଟି ଟାଇବ୍ରେକରକୁ ଯାଇଥିବା ବେଳେ ଏହା ତାଙ୍କ ପାଇଁ କଷ୍ଟସାଧ୍ୟ ଥିବା କହିଛନ୍ତି ଟିଆଫୋ। ୫-୩ରେ ପଛୁଆ ରହିଥିବା ବେଳେ ସେ କ୍ରମାଗତ ଦୁଇଟି ବ୍ରେକ୍ ପଏଣ୍ଟ ସହ ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ପରେ ଟାଇବ୍ରେକରରେ ଦ୍ୱିତୀୟ ସେଟ୍‌କୁ ଜିତି ନେଇଥିଲେ। ତୃତୀୟ ସେଟରେ ପପିରିନ୍ ବିଜୟୀ ହୋଇଥିଲେ ମଧ୍ୟ ଚତୁର୍ଥ ସେଟରେ ମ୍ୟାଚ୍ ଶେଷ କରିଥିଲେ ଟିଆଫୋ। ପରବର୍ତ୍ତୀ ରାଉଣ୍ଡରେ ବିଶ୍ୱ ମାନ୍ୟତାର ୯ ନମ୍ବର ସ୍ଥାନରେ ଥିବା ଗ୍ରେଗୋର ଦିମିତ୍ରୋଭଙ୍କୁ ଭେଟିବେ ଟିଆଫୋ। ଅନ୍ୟ ଏକ ପ୍ରି କ୍ୱାର୍ଟର ମ୍ୟାଚ୍‌ରେ ବିଶ୍ୱ ମାନ୍ୟତାର ଚତୁର୍ଥ ସ୍ଥାନରେ ଥିବା ଜର୍ମାନୀର ଆଲେକ୍‌ଜାଣ୍ଡାର ଜେଭ୍‌ରେଭ ୧-୬, ୬-୧, ୬-୨ ଓ ୬-୩ ସେଟରେ ଅଣସିଡେଡ୍ ଆମେରିକାର ବ୍ରାଣ୍ଡନ ନାକାଶିମାଙ୍କୁ ପରାସ୍ତ କରିଥିଲେ। ଜେଭ୍‌ରେଭ କ୍ୱାର୍ଟର ଫାଇନାଲରେ ଅନ୍ୟତମ ଆମେରିକୀୟ ଟେଲର ଫ୍ରିଟ୍‌ଜଙ୍କୁ ଭେଟିବେ।

ମହିଳା ସିଙ୍ଗଲ୍ସରେ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ଚାଇନାର କ୍ୱିନୱେନ ଝାଙ୍ଗ ୭-୬(୭/୨), ୪-୬ ଓ ୬-୨ ସେଟରେ ଡୋନା ଭେକିକ୍‌ଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେଟ୍‌କୁ ଟାଇବ୍ରେକରରେ ଜିତିବା ପରେ ଦ୍ୱିତୀୟ ସେଟରେ ପରାଜିତ ହୋଇଥିଲେ ଝାଙ୍ଗ। ତେବେ ନିର୍ଣ୍ଣାୟକ ସେଟକୁ ୬-୨ରେ ଜିତିବା ସହ ଆରିନା ସାବାଲେଙ୍କାଙ୍କ ସହ କ୍ୱାର୍ଟର ମ୍ୟାଚ୍ ସ୍ଥିର କରିଥିଲେ। ଅନ୍ୟ ଏକ ପ୍ରି କ୍ୱାର୍ଟର ମ୍ୟାଚ୍‌ରେ ଏଲେନ୍ ମର୍ଟେନ୍ସଙ୍କୁ ପରାଜିତ କରିଥିଲେ ଆରିନା ସାବାଲେଙ୍କା। ବିଶ୍ୱ ମାନ୍ୟତାର ୨ ନମ୍ବର ସ୍ଥାନରେ ଥିବା ସାବାଲେଙ୍କା ୬-୨, ୬-୪ରେ ଏହି ମ୍ୟାଚ୍ ଜିତି ନେଇଥିଲେ। ସେହିପରି ଆମେରିକୀୟ ବିଲେନିୟର ଖେଳାଳି ଏମ୍ମା ନାଭାରୋ ଡିଫେଣ୍ଡିଂ ଚାମ୍ପିୟନ କୋକୋ ଗଫଙ୍କୁ ବିଦା କରିଛନ୍ତି। ନାଭାରୋ ୬-୩, ୪-୬ ଓ ୬-୩ ସେଟରେ ବିଜୟୀ ହୋଇଥିଲେ। କ୍ୱାର୍ଟରରେ ସ୍ପେନର ପଉଲା ବଡୋସାଙ୍କୁ ଭେଟିବେ ଏମ୍ମା ନାଭାରୋ।

# ବିଜୟରୁ ୧୪୩ ରନ୍ ଦୂରରେ ବାଂଲାଦେଶ

**ରାୱଲପିଣ୍ଡି,୨।୯:** ପାକିସ୍ତାନ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ବିଜୟରୁ ମାତ୍ର ୧୪୩ ରନ୍ ଦୂରରେ ରହିଛି ବାଂଲାଦେଶ। ଚତୁର୍ଥ ଦିନର ଷ୍ଟମ୍ପ ଅପସାରଣ ବେଳକୁ ବାଂଲାଦେଶ ବିନା କ୍ଷତିରେ ୪୨ ରନ୍ ସଂଗ୍ରହ କରିଛି। ପାକିସ୍ତାନର ଦ୍ୱିତୀୟ ଇନିଂସ ମାତ୍ର ୧୭୨ ରନ୍‌ରେ ସୀମିତ ରହିବା ପରେ ବାଂଲାଦେଶ ଆଗରେ ୧୮୫ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା।

ତୃତୀୟ ଦିନର ଅସମାପ୍ତ ସ୍କୋର ୯/୨ରୁ ଖେଳ ଆରମ୍ଭ କରି ପାକିସ୍ତାନ ୧୭୨ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଆଘା ସଲମାନ ସର୍ବାଧିକ ୪୭ ରନ୍ କରି ଦଳର ସମ୍ମାନ ରକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ରିଜୱାନ ୪୩ ଓ ଅଧିନାୟକ ଶାନ୍ ମାସୁଦ ୨୮ ରନ୍ କରିଥିଲେ। ବାଂଲାଦେଶ ପକ୍ଷରୁ ହସନ ମେହେମୁଦ ୫ ଓ ନାହିଦ ରାଣା ୪ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ : ୨୭୪ ବାଂଲାଦେଶ ପ୍ରଥମ ଇନିଂସ: ୨୬୨। ପାକିସ୍ତାନ ଦ୍ୱିତୀୟ ଇନିଂସ: ୧୭୨/୧୦ (ଆଘା ସଲମାନ-୪୭, ମହମ୍ମଦ ରିଜୱାନ-୪୩, ଶାନ୍ ମାସୁଦ-୨୮, ହସନ ମେହେମୁଦ-୫/୪୩, ନାହିଦ ରାଣା-୪/୪୪, ତାସ୍କିନ ଅହମଦ-୧/୪୦)।

# ଶ୍ରାବଣୀଙ୍କୁ ରୌପ୍ୟ, ସୁସ୍ମିତା ବ୍ରୋଞ୍ଜ

- ଜାତୀୟ ଓପନ ଆଥ୍‌ଲେଟିକ୍ସରେ ଓଡ଼ିଶାକୁ ୬ ପଦକ
- ଆନ୍‌ସି ସୋଜାନ, ନୀତୀନ ଶ୍ରେଷ୍ଠ ଆଥଲେଟ୍

ଭୁବନେଶ୍ୱର, ୨।୯ (ତପନ ସ୍ୱାଇଁ)


ପଦକ ସହ ଶ୍ରାବଣୀ ନନ୍ଦ ଓ ସୁସ୍ମିତା ଟିଗା।

ବେଙ୍ଗାଲୁରୁର ଶ୍ରୀ କାନ୍ତିରେଭା ଷ୍ଟାଡିୟମରେ ସୋମବାର ୬୩ତମ ଜାତୀୟ ଓପନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଶେଷ ହୋଇଛି। ଏଥିରେ ଓଡ଼ିଶାକୁ ମୋଟ ୬ଟି ପଦକ ମିଳିଛି। ଏହା ମଧ୍ୟରେ ୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ସାମିଲ। ଅନ୍ତିମ ଦିବସରେ ଅନୁଷ୍ଠିତ ଇଭେଣ୍ଟଗୁଡ଼ିକ ମଧ୍ୟରୁ ମହିଳା ୨୦୦ ମିଟରରେ ଶ୍ରାବଣୀ ନନ୍ଦ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ୨୩.୮୩ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ରେଲୱେ ସ୍ପୋର୍ଟସ୍‌ର ନିଥ୍ୟା ଗାନ୍ଧେ ୨୩.୫୧ ଓ ହରିୟାଣାର ନାନ୍‌ସି ୨୩.୮୪ ସେକେଣ୍ଡ ସହିତ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ଓଡ଼ିଶାର ସୁସ୍ମିତା ଟିଗା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ୧୦:୪୩.୫୨ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ରେଲୱେ ସ୍ପୋର୍ଟସ୍‌ର ରେବି ପାଲ ୧୦:୨୧.୨୮ ଓ କୋମଲ ଜଗଦଲେ ୧୦:୨୬.୩୪ ସେକେଣ୍ଡ ସମୟ ସହିତ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଅର୍ଜନ କରିଛନ୍ତି। ମହିଳା ହାମର ଥ୍ରୋରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଦିବ୍ୟ ସାଣ୍ଡିଲ୍ୟ ୫୮.୬୧ ମିଟର କ୍ଲିୟର କରି ୪ର୍ଥ ସ୍ଥାନରେ ରହିଛନ୍ତି। ସେହିପରି ପୁରୁଷ ୪x୪୦୦ ମିଟର ରିଲେ ରେସ୍‌ରେ ଓଡ଼ିଶା ଟିମ୍ ୪ର୍ଥ ସ୍ଥାନରେ ରହି ଅଳ୍ପକେ ବ୍ରୋଞ୍ଜ ପଦକ ମିସ୍ କରିଛି। ଅନିମେଶ କୁଜୁର, ଦେବାଶିଷ ପଟ୍ଟନାୟକ, ଅସ୍ତିକ ପ୍ରଧାନ ଓ ଶାଶ୍ୱତ କୁମାର ଏହି ଟିମ୍‌ର ସଦସ୍ୟ ଥିଲେ। ପୂର୍ବରୁ ପୁରୁଷ ୪X୧୦୦ ମିଟର ରିଲେରେ ଓଡ଼ିଶା ସ୍ୱର୍ଣ୍ଣ, ପୁରୁଷ ୧୦୦ ମିଟରରେ ଲାଲୁ ପ୍ରସାଦ ଭୋଇ ୧୦.୪୬ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ, ମହିଳା ୪X୧୦୦ ମିଟର ରିଲେରେ ଓଡ଼ିଶା ବ୍ରୋଞ୍ଜ ଏବଂ ମହିଳା ୧୦୦ ମିଟର ହର୍ଡଲ୍ସରେ ପ୍ରଜ୍ଞା ପ୍ରଶାନ୍ତି ସାହୁ ୧୩.୪୫ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ଜିତିଥିଲେ। ସର୍ଭିସେସର ଅଭିଜ୍ଞ ଲଙ୍ଗଜମ୍ପର ଆନ୍‌ସି ସୋଜାନ ଓ ତାମିଲନାଡୁ ସ୍ପ୍ରିଣ୍ଟର ନୀତୀନ ଯଥାକ୍ରମେ ପ୍ରତିଯୋଗିତାର ଶ୍ରେଷ୍ଠ ମହିଳା ଓ ପୁରୁଷ ଆଥଲେଟ ବିବେଚିତ ହୋଇଛନ୍ତି। ସର୍ଭିସେସ (୧୩୭ ପଏଣ୍ଟ) ପୁରୁଷ ଓ ରେଲୱେ (୨୦୧) ମହିଳା ବିଭାଗ ଟିମ୍ ଟାଇଟଲ ହାସଲ କରିଛି। ୩୧୮ ପଏଣ୍ଟ ସହିତ ରେଲୱେ ଟିମ୍ ଓଭରଅଲ୍ ଚାମ୍ପିୟନ ହୋଇଛି।

# ଇଣ୍ଡିଆନ ୟୁନିଭର୍ସିଟିଜ ଆର୍ଚେରୀ ଟିମ୍‌ର ସଫଳତା



ଅତିଥିଙ୍କ ଗହଣରେ ଇଣ୍ଡିଆନ ୟୁନିଭର୍ସିଟିଜ ଆର୍ଚେରୀ ଟିମ୍‌ର ପ୍ରତିଯୋଗୀ।

ଭୁବନେଶ୍ୱର, ୨।୯ (ତପନ ସ୍ୱାଇଁ)

ଚାଇନିଜ୍ ତାଇପେରେ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଅନୁଷ୍ଠିତ ଏସିଆନ ୟୁନିଭର୍ସିଟି ଆର୍ଚେରୀ ଚାମ୍ପିୟନଶିପ୍‌ରେ ଇଣ୍ଡିଆନ ୟୁନିଭର୍ସିଟି ଟିମ୍ ୬ ପଦକ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଏସିଆର ଶୀର୍ଷସ୍ଥାନୀୟ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ମୁକାବିଲା କରି ଇଣ୍ଡିଆନ ୟୁନିଭର୍ସିଟି ତୀରନ୍ଦାଜମାନେ ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପୁରୁଷ କମ୍ପାଉଣ୍ଡରେ ତେଜବୀରସିଂ ଜାହାଗିରଦାର ଏବଂ ମହିଳା କମ୍ପାଉଣ୍ଡରେ ଦୀପଶିଖା ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ମହିଳା ରିକର୍ଭରେ କ୍ରାତିକା ବିଚପୁରିୟା ରୌପ୍ୟ ଏବଂ ପୁରୁଷ ରିକର୍ଭରେ ଗୋଲ୍ଡି ମିଶ୍ର, ମହିଳା କମ୍ପାଉଣ୍ଡରେ ମୁସକାନ କିରାର ଓ ମହିଳା ରିକର୍ଭରେ ତମନ୍ନା ଦେଶୱାଲ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ) ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟକୁ ଚୟନ ଟ୍ରାଏଲ ଓ କୋଚିଂ କ୍ୟାମ୍ପ ପାଇଁ ମନୋନୀତ କରାଯାଇଥିଲା। କିସ୍‌ର ମୁଖ୍ୟ ଆର୍ଚେରୀ କୋଚ୍ ଏଆଇୟୁ ଟିମ୍‌ର ମଧ୍ୟ ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇଥିଲେ। ଏଆଇୟୁ ଟିମ୍‌ର ପ୍ରଦର୍ଶନରେ ଖୁସି ବ୍ୟକ୍ତ କରିବା ସହ ଏହାର ଯୁଗ୍ମ ସମ୍ପାଦକ ବଲଜିତ ସିଂ ଶେଖୋଁ ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପୂରା ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

# ପେନ୍‌ଚାକ ସିଲାଟ: ଝାରସୁଗୁଡ଼ା ଚାମ୍ପିୟନ


କୃତୀ ପ୍ରତିଯୋଗୀମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୨।୯ (ତପନ ସ୍ୱାଇଁ)

ରାଉରକେଲାଠାରେ ସପ୍ତମ ରାଜ୍ୟ ଜୁନିୟର ଓ ସବ୍‌ଜୁନିୟର ପେନ୍‌ଚାକ ସିଲାଟ ପ୍ରତିଯୋଗିତା ଅଗଷ୍ଟ ୩୧ରୁ ୧ସେପ୍ଟେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୧୭ ଜିଲାରୁ ୩୫୦ ଖେଳାଳି ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଝାରସୁଗୁଡ଼ା ଓଭରଅଲ୍ ଚାମ୍ପିୟନ ହୋଇଥିଲା। ସୁନ୍ଦରଗଡ, ଖୋର୍ଦ୍ଧା, ସମ୍ବଲପୁର ଓ ଯାଜପୁର ଦଳ ପରବର୍ତ୍ତୀ ୪ ସ୍ଥାନରେ ରହିଥିଲେ। ଅତିଥିଭାବେ ସାରଦା ପ୍ରସାଦ ନାୟକ ଓ ବିଜୟିନୀ ଶେଖର ଦେଓ ଯୋଗଦେଇଥିଲେ। ପେନଚାକ୍ ସିଲାଟ ଆସୋସିଏଶନ୍ ଓଡ଼ିଶାର ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ସାଧାରଣ ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା ପ୍ରମୁଖ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଗ୍ରାଣ୍ଡ ମିନି ସିଟି ରାଜ୍ୟସ୍ତରୀୟ ଆନ୍ତଃସ୍କୁଲ ଚେସ୍ ୧୪ରୁ

ଭୁବନେଶ୍ୱର, ୨।୯ (ତପନ ସ୍ୱାଇଁ)

ରାଜ୍ୟର ଅଗ୍ରଣୀ ଚେସ୍ ପ୍ରଶିକ୍ଷଣ କେନ୍ଦ୍ର ଏସ୍‌ଆର୍‌ଚେସ୍ ସେଣ୍ଟରର ୨୦ ବର୍ଷ ପ୍ରତିଷ୍ଠା ଦିବସ ଉପଲକ୍ଷେ ଆସନ୍ତା ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ଫୁଲନଖରାସ୍ଥିତ ଗ୍ରାଣ୍ଡ ବଜାର ପରିସରରେ ପ୍ରଥମ ଗ୍ରାଣ୍ଡ ମିନି ସିଟି ରାଜ୍ୟ ସ୍ତରୀୟ ଆନ୍ତଃ ସ୍କୁଲ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସ୍କୁଲସ୍ତରରୁ ଲୁକ୍କାୟିତ ଚେସ୍ ପ୍ରତିଭା ଚିହ୍ନଟ ଓ ଖେଳାଳିଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରଥମଥର ପାଇଁ ରାଜ୍ୟରେ ସ୍କୁଲ ସ୍ତରରେ ରେର୍କଡ ୫୦,୦୦୦ ଟଙ୍କାର ଅର୍ଥ ପୁରସ୍କାର ସହ ୮୦ଟି ଆକର୍ଷଣୀୟ ଟ୍ରଫି ଓ ୬୦ଟି ପଦକ ପ୍ରଦାନ କରାଯିବ ବୋଲି ଗ୍ରାଣ୍ଡ ମିନିସିଟ୍‌ର ମହାନିର୍ଦ୍ଦେଶକ ଆଶିଷ ଗର୍ଗ ପ୍ରକାଶ କରିଛନ୍ତି। ଚାମ୍ପିୟନ ଖେଳାଳିଙ୍କୁ ୧୫,୦୦୦ ଟଙ୍କା ସହ ସ୍ୱତନ୍ତ୍ର ଟ୍ରଫି, ପଦକ ଓ ବିଜୟ ମୁକୁଟ ପ୍ରଦାନ କରାଯିବ। ସେହିପରି ରନରଅପ୍‌ଙ୍କୁ ପୁରସ୍କାର ଆକାରରେ ୧୦,୦୦୦ ଟଙ୍କା, ସ୍ୱତନ୍ତ୍ର ଟ୍ରଫି ଓ ପଦକ, ୩ୟ ପୁରସ୍କାର ୭୦୦୦ ଟଙ୍କା, ଟ୍ରଫି ଓ ପ୍ରଦକ ଦିଆଯିବ। ଶ୍ରେଷ୍ଠ ୧୦ ଖେଳାଳିଙ୍କୁ ମୋଟ ୫୦,୦୦୦ ଟଙ୍କାର ଅର୍ଥରାଶି ସହ ଟ୍ରଫି ଓ ପଦକ ପ୍ରଦାନ କରାଯିବ।

୮ 'ରାଉଣ୍ଡଭିତ୍ତିକ ଏହି ପ୍ରତିଯୋଗିତାରେ ସ୍କୁଲ୍‌ରେ ପଢୁଥିବା (୧୦ମ ଶ୍ରେଣୀ ପର୍ଯ୍ୟନ୍ତ କିମ୍ବା ୧-୧-୨୦୦୯ ପରେ ଜନ୍ମ ଗ୍ରହଣ କରିଥିବା) ରାଜ୍ୟର ଯେ କୌଣସି ଚେସ୍ ଖେଳାଳି ପ୍ରବେଶିକା ଦେୟ ୫୦୦ ଟଙ୍କା ଦେଇ ସିଧାସଳଖ ଅଂଶ ଗ୍ରହଣ କରିପାରିବେ ବୋଲି ଏସ୍‌ଆର୍‌ଚେସ୍ ସେଣ୍ଟରର ସଭାପତି ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏହି ଅବସରରେ ବରିଷ୍ଠ କ୍ରୀଡ଼ା ଖବରଦାତା ଦେବାଶିଷ ସୁନ୍ଦରାୟ ଓ ନିରଞ୍ଜନ ରେଡ୍ଡୀ, ପ୍ରତିଭାବାନ ଅନ୍ତର୍ଜାତୀୟ ମାଷ୍ଟର ସମ୍ବିତ ପଣ୍ଡା ଓ କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶଙ୍କୁ ସ୍ୱତନ୍ତ୍ର ଭାବରେ ଏସ୍‌ଆର୍‌ଚେସ୍ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ ବୋଲି ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ଆଇଆଇଟିରୁ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ

ପ୍ୟାରିସ୍,୨।୯


ନୀତେଶ କୁମାର

ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତ ପାଇଁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି ନୀତେଶ କୁମାର। ଏସ୍‌ଏଲ୍ ୩ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ନୀତେଶଙ୍କ କାହାଣୀ କିନ୍ତୁ ବେଶ୍ ପ୍ରେରଣାଦାୟୀ। ରାଜସ୍ଥାନରେ ଜନ୍ମିତ ନୀତେଶ ମାତ୍ର ୧୫ ବର୍ଷ ବୟସରେ ବାମ ଗୋଡ଼ ହରାଇଥିଲେ। ପିଲାବେଳରୁ ଫୁଟବଲ ଖେଳ ସହିତ ଜଡିତ ଥିଲେ। ୨୦୦୯ରେ ବିଶାଖାପାଟଣାରେ ଏକ ଦୁର୍ଘଟଣାରେ ନୀତେଶଙ୍କ ବାମ ଗୋଡ଼ କଟି ଯାଇଥିଲା। ଦୀର୍ଘ ଦିନ ଧରି ହସ୍ପିଟାଲରେ ରହିବାକୁ ମଧ୍ୟ ପଡ଼ିଥିଲା। ତେବେ ଲଢୁଆ ମନୋବୃତ୍ତି କାରଣରୁ ସେ ପଛକୁ ହଟି ନ ଥିଲେ। କ୍ରୀଡ଼ା ଛାଡିଥିବା ବେଳେ ପୁନର୍ବାର ପାଠ ପଢ଼ିବା ପାଇଁ ଆଗ୍ରହୀ ହୋଇଥିଲେ। ହସ୍ପିଟାଲ ବେଡ୍‌ରେ ପଡ଼ିଥିବା ସମୟରେ ଆଇଆଇଟି ପାଇଁ ନିଜକୁ ପ୍ରସ୍ତୁତ କରିଥିଲେ। ଦୀର୍ଘ ୪ ବର୍ଷର ପରିଶ୍ରମ ପରେ ୨୦୧୩ରେ ନୀତେଶଙ୍କୁ ଆଇଆଇଟିରେ ଆଡ୍‌ମିଶନ ମିଳିଥିଲା। ହିମାଚଳ ପ୍ରଦେଶସ୍ଥିତ ଆଇଆଇଟି ମଣ୍ଡିରେ ପଢ଼ିବାକୁ ନୀତେଶଙ୍କୁ ସୁଯୋଗ ମିଳିବା ପରେ ସେଠାରେ ସେ ବ୍ୟାଡ୍‌ମିଣ୍ଟନ ପ୍ରତି ଉତ୍ସାହ ଦେଖାଇବା ଆରମ୍ଭ କରିଥିଲେ। ପାଠ ପଢ଼ା ପାଇଁ ମିଳିଥିବା ଦ୍ୱିତୀୟ ସୁଯୋଗ କାରଣରୁ ସେ ପାରା ବ୍ୟାଡ୍‌ମିଣ୍ଟନରେ ଭାରତ ପାଇଁ ଏକ ସ୍ୱର୍ଣ୍ଣ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଆଇଆଇଟି ପାଶ୍ କରିବା ପରେ ପାରା ବ୍ୟାଡ୍‌ମିଣ୍ଟନରେ ହରିୟାଣାର ପ୍ରତିନିଧିତ୍ୱ କରିଥିଲେ ନୀତେଶ। ଏହାର ବର୍ଷକ ମଧ୍ୟରେ ନୀତେଶ ନିଜର ପ୍ରଥମ ଅନ୍ତର୍ଜାତୀୟ ଟାଇଟଲ ଜିତିବାରେ ସକ୍ଷମ ହୋଇଥିଲେ। ଆଇରିଶ ଇଣ୍ଟରନ୍ୟାଶନାଲ ସହିତ ନୀତେଶ ଏହି ସଫଳତା ହାସଲ କରିଥିଲେ।

ମାତ୍ର ୬ ବର୍ଷର କ୍ୟାରିୟରରେ ଅନ୍ତର୍ଜାତୀୟ ସ୍ତରରେ ଏକାଧିକ ଟାଇଟଲ ନିଜ ନାମରେ କରିଛନ୍ତି ନୀତେଶ। ବିଶ୍ୱ ଚାମ୍ପିୟନଶିପ୍‌ରେ ଦୁଇଟି ରୌପ୍ୟ ସହିତ ଗୋଟିଏ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ ନୀତେଶ। ସେହିଭଳି ପାରା ଏସିଆନ୍ ଗେମ୍ସରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସହିତ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରି ସାରିଛନ୍ତି ଏହି ପ୍ରତିଭାବାନ ଖେଳାଳି। ପୂର୍ବରୁ ନୀତେଶ ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଖେଳୁଥିବା ବେଳେ ବର୍ତ୍ତମାନ କେବଳ ସିଙ୍ଗଲ୍ସ ଉପରେ ନିଜର ଫୋକସ ରଖିଛନ୍ତି। ୨୦୧୯ରେ ତରୁଣ ଧିଲୋନଙ୍କୁ ସାଥୀ କରି ପୁରୁଷ ଏସ୍‌ଏଲ୍-୩, ଏସ୍‌ଏଲ୍-୪ ବର୍ଗର ଡବଲ୍ସ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ। ୨୦୨୨ରେ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରମୋଦ ଭଗତଙ୍କ ନିକଟରୁ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ୨୦୨୪ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରିଟେନର ଡାନିଏଲ ବେଥେଲଙ୍କୁ ହରାଇ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ। ସେହିପରି ହାଙ୍ଗଝୋ ପାରା ଏସିଆନ୍ ଗେମ୍ସରେ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ସମାନ ଇଭେଣ୍ଟର ମିକ୍ସଡ ଡବଲ୍ସରେ ଏକ ବ୍ରୋଞ୍ଜ ଜିତିଥିବା ବେଳେ ୨୦୧୮ ଜାକର୍ତ୍ତା ପାରା ଏସିଆନ ଗେମ୍ସର ପୁରୁଷ ଡବଲ୍ସ ଇଭେଣ୍ଟରେ ଅନ୍ୟ ବ୍ରୋଞ୍ଜଟି ଜିତିଥିଲେ। ବର୍ତ୍ତମାନ ନୀତେଶ ହରିୟାଣା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଅଧୀନରେ କୋଚ୍ ଭାବରେ କାର୍ଯ୍ୟ କରୁଛନ୍ତି।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ